ମୋ ଜୀବନ-କିଛି ସ୍ମୃତି, କିଛି ଅନୁଭୂତି

ପ୍ରଥମ ଖଣ୍ଡ



- ନରୋତ୍ତମ ବେହେରା -

Digitized by srujanika@gmail.com

ମୋ ଜୀବନ- କିଛି ସ୍ମୃତି, କିଛି ଅନୁଭୂତି

ପ୍ରଥମ ଖଣ୍ଡ



ନରୋତ୍ତମ ବେହେରା

Digitized by srujanika@gmail.com

ମୋ ଜୀବନ- କିଛି ସ୍ମୃତି, କିଛି ଅନୁଭୂତି
ପ୍ରଥମ ଖଣ୍ଡ

ଲେଖକ :
ନରୋତ୍ତମ ବେହେରା

ପ୍ରକାଶକ :
ଶୈଳ ବେହେରା
ଦଣ୍ଡିପୁର, ଡାକ : ବାଲଣା,
ଜି : କେନ୍ଦ୍ରାପଡା, ଓଡିଶା

ପ୍ରଥମ ସଂସ୍କରଣ :
୧୦ ଅଗଷ୍ଟ, ୨୦୦୮

ମୁଦ୍ରଣ :
ଜଗନ୍ନାଥ ପ୍ରିଣ୍ଟର୍ସ
ଭୁବନେଶ୍ୱର

ମୂଲ୍ୟ : ୮୦/-ଟଙ୍କା
(ଅଶୀ ଟଙ୍କା ମାତ୍ର)

Digitized by srujanika@gmail.com

ପ୍ରକାଶିକାଙ୍କ ଭୂମିକା

ବାପା ନରୋତ୍ତମ ବେହେରାଙ୍କ ସୁଦୀର୍ଘ କର୍ମଜୀବନ ଆମ ଭାଇଭଉଣୀଙ୍କ ପାଇଁ ନିଶ୍ଚିତ ରୂପେ ପ୍ରଭାବଶାଳୀ, ଏଥିର ସନ୍ଦେହ ନାହିଁ । କିନ୍ତୁ ଆମେ ମନେ କଲୁ, ଜଣେ ଭଲ ବାପା ହେବା ସହିତ ସେ ହେଉଛନ୍ତି ଆମ ଅଞ୍ଚଳର ଜଣେ ସୁପରିଚିତ ସ୍ୱାଧୀନତା ସଂଗ୍ରାମୀ ଓ ସମାଜ-ସଂସ୍କାରକ, ଯାହାଙ୍କ ଜୀବନ-କାହାଣୀ ଏବେକାର ଜନସମାଜ ଏବଂ ବିଶେଷ କରି ଯୁବ-ପୀଢ଼ି ପାଇଁ ପ୍ରେରଣାଦାୟକ ହୋଇପାରେ । ତେଣୁ ବାପାଙ୍କ ସ୍ୱହସ୍ତ ଲିଖିତ ଆତ୍ମଜୀବନୀର ଏକ ସଂକଳନ ପ୍ରକାଶ କରିବା ପାଇଁ ଆମର ଏହି ପ୍ରୟାସ । ୧୯୮୭-୮୮ ମସିହାରେ ସେ ପ୍ରଥମେ ତାଙ୍କର ଆତ୍ମ-ଜୀବନୀର ଏକ ଅସମ୍ପାଦିତ ପାଣ୍ଡୁଲିପି ପ୍ରସ୍ତୁତ କରିଥିଲେ । ଆମର ଅବହେଳା ଯୋଗୁଁ ତାହା ଆମେ ସେହି ସମୟରେ ପ୍ରକାଶ କରିପାରି ନଥିଲୁ । ଏହାର ଡି.ଟି.ପି. ସଂସ୍କରଣ ତାଙ୍କୁ ଆମେ ୨୦୦୩-୦୪ରେ ଧରାଇବା ପରେ ସେ ନିଜେ ସ୍ଥଳବିଶେଷରେ ଏଥିରେ ସଂଶୋଧନ ଆଣିବା ସହିତ ପ୍ରାରମ୍ଭିକ ପାଣ୍ଡୁଲିପିରେ ଭୁଲ୍ କ୍ରମେ ଛାଡ଼ି ଯାଇଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟାବଳୀ ତଥା ସେବେଠାରୁ ଅତିବାହିତ ହୋଇଯାଇଥିବା ଘଟଣାପ୍ରବାହରୁ କେତେକ ବଛାବଛା ପ୍ରକରଣକୁ ସେଥିରେ ସ୍ଥାନିତ କଲେ । ଆମେ ଲକ୍ଷ୍ୟ କଲୁ, ଯଦି ସେ ଲେଖିଥିବା ସମସ୍ତ ପାଣ୍ଡୁଲିପିକୁ ଏକତ୍ର କରି ଏକକାଳୀନ ଏକ ପୁସ୍ତକ ଆକାରରେ ପ୍ରକାଶ କରୁ, ତେବେ ତାହାର କଳେବର ଅତିକାୟ ହୋଇପଡ଼ିବ । ତେଣୁ ପାଠକମାନଙ୍କର ସୁବିଧା ଦୃଷ୍ଟିରୁ ତାଙ୍କର ସମଗ୍ର ପାଣ୍ଡୁଲିପିକୁ ଦୁଇଟି ଖଣ୍ଡରେ ପ୍ରକାଶ କରିବା ଉଚିତ୍ ହେବ ବୋଲି ଆମେ ମନେକଲୁ ।

ବର୍ତ୍ତମାନର ପୁସ୍ତକଟି ପ୍ରସ୍ତାବିତ ସମଗ୍ର ପୁସ୍ତକର ପ୍ରଥମ ଖଣ୍ଡ । ଏହି ଖଣ୍ଡରେ ସେ ଆଦ୍ୟ କୈଶୋରରୁ ଆରମ୍ଭ କରି ଯୁବାବସ୍ଥା ଭିତରେ ନିଜ ଘରେ, ଗାଁରେ, ଅଞ୍ଚଳରେ ଏବଂ ସମାଜର ବୃହତ୍ତର କ୍ଷେତ୍ରରେ ଯେଉଁ ଭୂମିକା ଅବଲମ୍ବନ କରିଛନ୍ତି, ତାହାରି ଆଲେଖ୍ୟ ମୂଳତଃ ସ୍ଥାନିତ ହୋଇଛି, ଯଦିଓ ଏଥିରେ ଠାଏ ଠାଏ ତାଙ୍କର ପରିଣତ ଜୀବନର କେତେକ ଅନୁଭୂତି ଓ ଘଟଣା ସମ୍ବନ୍ଧରେ ସଂକ୍ଷିପ୍ତ ଆଭାସ ମିଳିପାରିବ । ଏହା ହେଉଛି ବାପାଙ୍କର ସ୍ୱତନ୍ତ୍ର ଲିଖନଶୈଳୀ, ଯାହାକୁ ଆମେ ଅବିକୃତ କରି ରଖିବାକୁ ଯଥାସାଧ୍ୟ ଚେଷ୍ଟା କରିଛୁ । ଆମର ପରିକଳ୍ପନା ଅନୁଯାୟୀ, ଦ୍ୱିତୀୟ ଖଣ୍ଡରେ ସ୍ଥାନିତ ହେବ ତାଙ୍କର ପରିଣତ ଜୀବନର ସ୍ମୃତି ଓ ଅନୁଭୂତି, ତଥା ସ୍ଥାନାଭାବ ଦୃଷ୍ଟିରୁ ପ୍ରଥମ ଖଣ୍ଡରୁ ବାଦ୍ ପଡ଼ିଥିବା କେତେକ ତାତ୍ପର୍ଯ୍ୟପୂର୍ଣ୍ଣ ଅଙ୍କେନିଭା ଘଟଣା ତଥା ପ୍ରଥମଖଣ୍ଡରେ ସ୍ଥାନିତ ହୋଇଥିବା ତଥ୍ୟାବଳୀର ଆବଶ୍ୟକ ସ୍ଥଳେ ସଂଶୋଧନ ବା ପୁନର୍ଲିଖନ । ଶେଷୋକ୍ତ ବିଷୟଟିକୁ କିଞ୍ଚିତ ବ୍ୟାଖ୍ୟା କରିବା ଜରୁରୀ ମନେ ହୁଏ । ସୁଦୂର ଅତୀତର ଘଟଣାପ୍ରବାହକୁ ସ୍ମୃତିଚାରଣ କରି ତାକୁ ଲିପିବଦ୍ଧ ରୂପ ଦେବାକୁ ଗଲାବେଳେ କେବଳ ସଂଶ୍ଳିଷ୍ଟ ଥିବା ସ୍ଥାନକାଳପାତ୍ର ନୁହେଁ, ତନ୍ମଧ୍ୟର ମୂଲ୍ୟାୟନରେ ମଧ୍ୟ ତ୍ରୁଟିବିଚ୍ୟୁତି ରହିପାରେ, ଯାହାକି ବିତର୍କ ସାପେକ୍ଷ ଏବଂ ସଂଶୋଧନ ସାପେକ୍ଷ । ସୁତରାଂ ଏହି ପ୍ରଥମ ଖଣ୍ଡର ପାଠକ-ପାଠିକାଗଣଙ୍କୁ ଆମର ବିନୀତ ଅନୁରୋଧ, ସେମାନେ ଏହି ପ୍ରଥମ ଖଣ୍ଡରେ ସ୍ଥାନିତ ହୋଇଥିବା ବିଷୟବସ୍ତୁରେ କୌଣସି ପ୍ରକାର ତ୍ରୁଟିବିଚ୍ୟୁତି ବା ଅଭାବ ଲକ୍ଷ୍ୟ କଲେ, ତାହା ଆମର ଦୃଷ୍ଟି ଗୋଚର କରାଇବେ, ଯାହା ଫଳରେ ଆମେ ବାପାଙ୍କ ସହିତ ପରାମର୍ଶ କରି ଦ୍ୱିତୀୟ ଖଣ୍ଡରେ ଆବଶ୍ୟକୀୟ ମାର୍ଜନା କରିବାରେ ସକ୍ଷମ ହେବୁ ।

ଏଠାରେ ଉଲ୍ଲେଖନୀୟ ଯେ, ସାନଭାଇ ଟିଙ୍କୁ ଏହି ପୁସ୍ତକର ସଂକଳନ ଦାୟିତ୍ୱ ବହନ କରିଛି; ସାନ ଦୁଇ ଭଉଣୀ ଗୁଲା (ଗିରିବାଳା) ଓ ଟିକି (ସୁକନ୍ୟା) ନିଜ ପାଖରେ ସାଇତିଥିବା ବାପା, ବୋଉ ଓ ପିଲାମାନଙ୍କ ଫଟୋ ଯୋଗାଇ ଦେବା ସହ ଏହି ପୁସ୍ତକର ସମୟୋପଯୋଗୀ ପ୍ରକାଶନ ପାଇଁ ନିଜର ଆନ୍ତରିକ ସହଯୋଗ ପ୍ରଦାନ କରିଛନ୍ତି । ପରିଶେଷରେ, ଆମେ ଯାହା ଜାଣିଛୁ, ବାପା ଏମିତି ଜଣେ ବ୍ୟକ୍ତି ଥିଲେ, ଯେ କି ଘଟଣା ପ୍ରକ୍ରିୟାରେ, ତାଙ୍କର ବିବେକ ଓ ନ୍ୟାୟବୋଧର ତାଗିଦ୍‌ରେ ଅନେକ ବ୍ୟକ୍ତିଙ୍କୁ, ଏପରିକି ତାଙ୍କର ଗୁରୁ ଓ ଗୁରୁଜନ ସ୍ଥାନୀୟ ବ୍ୟକ୍ତି, ଜ୍ଞାତିକୁଟୁମ୍ବ ତଥା ମା ଓ ସ୍ତ୍ରୀଙ୍କୁ ବିରୋଧ ଓ ପ୍ରତିରୋଧ କରିଛନ୍ତି, କିନ୍ତୁ ସେ କାହାକୁ ନିଜର ବ୍ୟକ୍ତିଗତ ଶତ୍ରୁ ବୋଲି ମନେ କରନ୍ତି ନାହିଁ କି କେହି ବ୍ୟକ୍ତି ମଧ୍ୟ ତାଙ୍କୁ ଜଣେ ସ୍ଥାୟୀ ଶତ୍ରୁ ବୋଲି ଭାବିନାହାନ୍ତି । ପୁଣି ଆମେ ଯାହା ଜାଣିଛୁ, ବାପା ଏବେ ବି ଏଇ ପରିଣତ ବୟସରେ ଜିଜ୍ଞାସୁ ଓ ସଂସ୍କାରକର ମନ ନେଇ ତଥା ସମାଜ ପ୍ରତି ଉତ୍ତରଦାୟିତ୍ୱର ଭାବନା ସହକାରେ ତାଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ପାଳନ କରିଚାଲିଛନ୍ତି । ତେଣୁ ଆମେ ଆଶା କରୁ, ଯେ କୌଣସି ଉତ୍ସୁକ ପାଠକପାଠିକା ଏହି ପୁସ୍ତକ ଉପରେ ଯାହା କିଛି ପ୍ରତିକ୍ରିୟା ଅନୁଭବ କରିବେ, ସେ ବିଷୟରେ ବାପାଙ୍କୁ ସିଧାସଳଖ ଜଣାଇବେ ଓ ତାଙ୍କ ସହିତ ଆଲୋଚନା କରି ପାରିବେ ।

ଦଣ୍ଡିପୁର
୧୦, ଅଗଷ୍ଟ, ୨୦୦୮

ଶୈଳ ବେହେରା
ପ୍ରକାଶିକା

Digitized by srujanika@gmail.com

ନରୋତ୍ତମ (ଆଗ ଧାଡ଼ିର ପ୍ରଥମ) ସାଥୀ ସ୍ୱାଧୀନତା-ସଂଗ୍ରାମୀମାନଙ୍କ ଗହଣରେ (୧୯୪୨)

ନରୋତ୍ତମଙ୍କ ସାନ ଦାଦା ବ୍ରଜବନ୍ଧୁ ବେହେରା



ସହଧର୍ମିଣୀ ବିମଳାଙ୍କ ସହ ନରୋତ୍ତମ

Digitized by srujanika@gmail.com

ନରୋତ୍ତମଙ୍କ ତିନି ଝିଅ (ବାମରୁ – ଟିନି, ଶୈଳ ଓ ଗୁଲା)

ନରୋତ୍ତମଙ୍କ ପୁଅ ଚିତ୍ତରଂଜନ

ନରୋତ୍ତମଙ୍କ ବୋହୂ ଡଲି

Digitized by srujanika@gmail.com

ନରୋତ୍ତମ ଓ ସ୍ତ୍ରୀ ବିମଳା ସମସ୍ତ ନାତିନାତୁଣିମାନଙ୍କ ସହ

ନରୋତ୍ତମଙ୍କ
ନାତି (ପୁଅର ପୁଅ)
ଟିକୁ (ସବୁଜ)

ନରୋତ୍ତମ ଓ ନାତୁଣି ମାଉଁ (ଗୁଲାର ଝିଅ)

ନାତୁଣି ମାମା (ଚିତ୍ତର ଝିଅ) ସହ
ନରୋତ୍ତମ (୨୩ ଜାନୁଆରି ୦୮)

ନରୋତ୍ତମ କେତେକ ନାତିନାତୁଣିଙ୍କ ସହ (ବିଭୁ, ମାଉଁ, ଆନା, ସାହେବ ଓ ରାଜା)

Digitized by srujanika@gmail.com

ଆମ ଗାଁ ଦଶିପୁର

ଶୁଣିବାକୁ ମିଳେ, ଆମର ପୂର୍ବପୁରୁଷମାନେ ମହାକାଳପଡ଼ାର ବିଜୟନଗର-ଘାଟର ଦକ୍ଷିଣପାଖ କେଶରପଲ୍ଲି ଡିଆରେ ବସତି କରି ରହୁଥିଲେ । କୌଣସି ଅସୁବିଧାବଶତଃ ପରିବାରର ମାଲିକ ବତାସି ବେହେରା ଓ ତାଙ୍କ ସ୍ତ୍ରୀ ରାଧାମଣି ଦେବୀ ସେଠୁ ଉଠିଆସି ତାଙ୍କ ନାମରେ ବର୍ତ୍ତମାନ ଜଣାଶୁଣା ଥିବା ବତାସିଆପାରି ବା ରାଧାନଗରପାରିରେ ଘର କରି ରହିଲେ । ଏହି ନୂଆ ବସତି କଡରେ ଗୋବରୀ ନଦୀ ସମୁଦ୍ରକୁ ବହିଯାଉଛି । ଏହି ଗୋବରୀ ନଦୀ ସୁଦୂର ଅତୀତରେ ଲୁଣାନଦୀର ଶାଖା ଥିଲା । କିନ୍ତୁ ଇଂରେଜ ଅମଳରେ ମାର୍ଶଘାଈ ଠାରୁ ଜମ୍ବୁ ଯାଏଁ କେନାଲ ଖୋଳାହେଲାରୁ ପଳାଶପୁରଠାରେ ଲୁଣା ସହିତ ଗୋବରୀର ସମ୍ପର୍କ ଛିନ୍ନ ହେଲା । ଦଶିପୁରର ଉତ୍ତରପଟରେ ଥିବା ନଦୀକୂଳ ଖୁବ୍ ଉଚ୍ଚା ଯାଗା ; ଏବଂ ତା'ର ସୁନ୍ଦର ପରିବେଶ ଓ ଆବହାଉଆ ଏବେ ମଧ ମନମୁଗ୍ଧକର । ସେହି ଜାଗାରୁ ନଦୀର ଗୋଟିଏ ଶାଖା ପଳାଶପୁର ପର୍ଯ୍ୟନ୍ତ ଯାଇ ଜମ୍ବୁ କେନାଲ ପାଖରେ ବନ୍ଦ ହୋଇଯାଇଛି । ଆଉ ଗୋଟିଏ ଶାଖା ବତାସିଆପାରି ଠାରୁ ବାହାରି ମାର୍ଶାଘାଈଠାରେ ଜମ୍ବୁ କେନାଲ ପାର୍ଶ୍ୱରେ ବନ୍ଦ ହୋଇଯାଇଛି । ଦୁଇ ଶାଖା ନଦୀ ବତାସିଆପାରିରେ ଏକାଠି ହୋଇ ଗୋବରୀରେ ପଡ଼ି ସମୁଦ୍ରକୁ ବହିଯାଉଛି । ସେହି ଜାଗାରେ ନଦୀର ତିନିଧାର ସୃଷ୍ଟି ହୋଇଥିବାରୁ ପରିବେଶ ବେଶ୍ ସୌନ୍ଦର୍ଯ୍ୟମୟ ହୋଇପଡିଛି ।

ବତାସିଆପାରିରେ ପ୍ରଥମ ବସତି

ସେହି ଜାଗାରେ ବତାସି ବେହେରା ଦୁଇଜଣ ସାଙ୍ଗ ଧରି ଆସି ଘର କରି ରହିଲେ । ବିଭିନ୍ନ ଗ୍ରାମକୁ ଯିବାପାଇଁ ନଦୀପାର ହେବା ସକାଶେ ବତାସି ବେହେରା ସେତେବେଳେ ଘାଟର ବ୍ୟବସ୍ଥା କରିଥିଲେ । ଉକ୍ତ ବସତିର ପାଖାପାଖି ସମସ୍ତ ଜମି ଓ ଅନାବାଦୀ ଇତ୍ୟାଦି ଥିଲା ଇଚ୍ଛାପୁର ବଳଦେବଜୀଉଙ୍କ ସମ୍ପତ୍ତି । ବହୁକାଳ ପୂର୍ବେ କେହି ଜଣେ ମୋଗଲ ଜମିଦାର ସେହିସବୁ ଜମିକୁ ବଳଦେବଜୀଉଙ୍କୁ ଦାନସୂତ୍ରରେ ଦେଇଥିଲା । ସେତେବେଳେ ଲୋକସଂଖ୍ୟା ବହୁତ କମ୍ ଥିବାରୁ ସେହି ଜମିସବୁ ପଡ଼ିଆ ପଡୁଥିଲା । ସେହି ଜାଗାକୁ ସବୁ ଦୃଷ୍ଟିରୁ ସୁବିଧାଜନକ ମନେକରି ବତାସି ବେହେରା ନିଜ ସାଙ୍ଗରେ ଆଣିଥିବା ଦୁଇଜଣ ବ୍ୟକ୍ତିଙ୍କୁ ନେଇ ବଳଦେବଜୀଉଙ୍କ ପରିଚାଳନା କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣି ସେ ସମସ୍ତ ପଡ଼ିଆଜମିକୁ ଚାଷ କରିବା ଆରମ୍ଭ କଲେ । ଚାଷରୁ ହେଉଥିବା ଅମଳର ଏକ ଭାଗ ଫସଲ ବଳଦେବଜୀଉଙ୍କୁ ଦେଇ ଦିଅନ୍ତି । ବହୁବର୍ଷ ଧରି ଜମି ପଡ଼ିଆ ଥିବାରୁ ତା'ର ବେଶ୍ ଉର୍ବରତା ଥିଲା, ଯାହା ଫଳରେ ଭଲ ଫସଲ ଅମଳ ହେଲା । ବତାସି ବେହେରାଙ୍କ ଆର୍ଥିକ ଅବସ୍ଥା ଅଳ୍ପ ସମୟ ମଧରେ ବେଶ୍ ଉନ୍ନତି ଲାଭ କଲା । ସେମାନେ କାଠବାଉଁଶରେ ଭଲ ଘରଦ୍ୱାର ତିଆରି କରିଥିଲେ । ସେତେବେଳେ ରାଜା ଜମିଦାରମାନଙ୍କ ଛଡ଼ା କେହି କୋଠାବାଡ଼ି କରୁନଥିଲେ । କୌଣସି ପ୍ରଜା ରାଜାଙ୍କ ଭୟରେ କୋଠା ତିଆରି କରିବା ପାଇଁ ସାହାସ କରୁନଥିଲେ । ବତାସି ବେହେରାଙ୍କର ସ୍ୱଚ୍ଛଳ ଅବସ୍ଥାର ଖବର ଚାରିଆଡ଼େ

Digitized by srujanika@gmail.com

ବ୍ୟାପିଗଲା । ସେ ସେହି ଅଞ୍ଚଳର ଜଣେ ନାମଜାଦା ଲୋକ ହୋଇଉଠିଲେ । କିନ୍ତୁ ନବାକୁଳର ନିଛାଟିଆ ଜାଗାରେ ବାରମ୍ବାର ଚୋରି ହେବାକୁ ଲାଗିଲା । ଦଶିପୁର ଗ୍ରାମ ନିକଟ ହେଲେ ମଧ ମଝିରେ ନଦୀ ପ୍ରତିବନ୍ଧକ ହୋଇଥିବାରୁ ବତାସିଆପାରିରେ ଚୋରି-ଡକାୟତି ହେଉଥିବା ସମୟରେ ଦଶିପୁର ଗ୍ରାମର ଲୋକେ ତାଙ୍କୁ ସାହାଯ୍ୟ କରିପାରନ୍ତି ନାହିଁ । ରାଜଗଡ଼ ବତାସିଆପାରିଠାରୁ ବିଲରାସ୍ତାରେ ଦୁଇ ମାଇଲ୍ ଦୂରରେ ଅବସ୍ଥିତ । ସେହି ସୁଯୋଗ ନେଇ ରାଜଗଡ଼ ଆଡ଼ୁ ଲୋକେ ଆସି ବତାସିଆପାରିରେ ଚୋରି ଡକାୟତି କରନ୍ତି । ବତାସି ବେହେରା ଏହି ଚୋରିଡକାୟତରୁ ରକ୍ଷା ପାଇବା ପାଇଁ ଦଶୀପୁର ଗ୍ରାମରେ ଦୋବରା ଘର କରିବା ପାଇଁ ଚିନ୍ତା କଲେ । ସାଙ୍ଗେସାଙ୍ଗେ ସେ ଦଶୀପୁର ଗ୍ରାମରେ ଡିହ ଓ ଜମି କିଛି କିଣି ଦୋବରା ଘର କରି ରହିଲେ ; କେବଳ ବତାସିଆପାରିରେ ଥିବା ଘର ଓ ଚାଷ ଜଗିବା ପାଇଁ ଗାଈଗୋରୁ ସହିତ କିଛି ଲୋକ ରଖେଇଲେ । ସେବେଠାରୁ ଆଜି ପର୍ଯ୍ୟନ୍ତ ଦଶିପୁରରେ ତାଙ୍କ ବଂଶର ଚାରି ପୁରୁଷ ଘରକରି ରହିଛନ୍ତି । ନଅଙ୍କ ଦୁର୍ଭିକ୍ଷ ସମୟରେ ସେତେବେଳେ ଛୋଟ ଜାତି ବୋଲାଉଥିବା ହାଡ଼ି, କଣ୍ଡରା, ପାଣ ଓ ଡମ ଇତ୍ୟାଦି ଲୋକେ ଖାଇବାକୁ ନପାଇ ପ୍ରାଣ ବିକଳରେ, ନିଛାଟିଆ ଜାଗାରେ ହୋଇଥିବା ବତାସି ବେହେରାଙ୍କ ଘରୁ ରାତିରେ ସମସ୍ତ ଧାନଚାଉଳ ଇତ୍ୟାଦି ବୋହି ନେଇ ପଳାଇଗଲେ । ସେହିଦିନଠାରୁ ତାଙ୍କ ପୁତ୍ର ମନ୍ଦର ବଳିଆର ସିଂହ ଓ ମନ୍ଦରଙ୍କ ପୁତ୍ର ସନେଇ ଜଇସିଂହ ଦଶିପୁର ଗ୍ରାମକୁ ପୂରାପୂରି ଉଠିଆସି ଏଠାରେ ଆସ୍ତେଆସ୍ତେ ଜମିବାଡ଼ି କିଣି ଗ୍ରାମର ଗୋଟିଏ ନାମଜାଦା ପରିବାର ହିସାବରେ କାଳାତିପାତ କଲେ ।

ଦଶିପୁରରେ ବେହେରା ବଂଶ

ଏଠାରେ ଦଶିପୁରରେ ମୂଳରୁ ମୋ ସମୟ ପର୍ଯ୍ୟନ୍ତ ବେହେରା ବଂଶର ଏକ ପୁରୁଷାନୁକ୍ରମିକ ବୃତ୍ତାନ୍ତ ସୂଚାଇବା ମୁଁ ଉଚିତ୍ ମଣୁଛି । ପ୍ରଥମେ ଥିଲେ ବତାସି ବେହେରା ଓ ତାଙ୍କ ସ୍ତ୍ରୀ ରାଧାମଣି ଦେବୀ । ସେମାନଙ୍କର ପୁତ୍ର ହେଲେ ମନ୍ଦର ବଳିଆର୍ ସିଂ । ମନ୍ଦରଙ୍କ ଠାରୁ ଜାତ ହେଲେ ସନେଇ ଜୟସିଂ । ସନେଇଙ୍କର ଥିଲେ ଆଗପଛ ହୋଇ ଦୁଇଟି ସ୍ତ୍ରୀ । ପ୍ରଥମ ସ୍ତ୍ରୀଙ୍କ ଠାରୁ ଜନ୍ମିଥିଲେ ରାମହରି ବେହେରା ଓ ଦ୍ୱିତୀୟ ସ୍ତ୍ରୀଙ୍କ ଠାରୁ ଜନ୍ମିଲେ ଦୁଇ ପୁତ୍ର ଅଜାମ୍ବର ବେହେରା ଓ ଚଇଁ ବେହେରା । ସନେଇଙ୍କ ସମ୍ପତ୍ତି ଦୁଇ ସ୍ତ୍ରୀ ଅନୁଯାୟୀ ଦୁଇବାଣ୍ଟ ହୋଇଥିଲା । ପ୍ରଥମ ସ୍ତ୍ରୀର ପୁଅ ରାମହରି ଗୋଟିଏ ବାଣ୍ଟ ପାଇଲେ ଏବଂ ଦ୍ୱିତୀୟ ସ୍ତ୍ରୀଙ୍କ ଦୁଇପୁଅ ଅଜାମ୍ବର ଓ ଚଇଁ ମିଶିକରି ବାକୀଅଧକ ବାଣ୍ଟ ପାଇଲେ । ଭାଗବଣ୍ଟା ହେଲେ ମଧ୍ୟ ସେହି ଦୁଇବାଣ୍ଟର ଭାଇମାନେ ଗୋଟିଏ ଜାଗାରେ ପାଖାପାଖି ହୋଇ ରହିଲେ । ଏହିପରି ସନେଇଙ୍କ ସମୟରୁ ବେହେରା ବଂଶ ବିଭକ୍ତ ହୋଇଗଲା । ରାମହରି ବେହେରା ଆଗପଛ କରି ଦୁଇଟି ବିବାହ କରିଥିଲେ । ପ୍ରଥମ ସ୍ତ୍ରୀଙ୍କ ଠାରୁ ଜନ୍ମିଥିଲେ ତିନି ପୁତ୍ର, ଯଥା ପଦ୍ମନାଭ ବେହେରା, ଶ୍ୟାମ ସୁନ୍ଦର ବେହେରା ଓ ଉପେନ୍ଦ୍ର ବେହେରା । ତାଙ୍କର ଦ୍ୱିତୀୟ ସ୍ତ୍ରୀଙ୍କ ତରଫରୁ ଜନ୍ମିଥିଲେ ଗୋପୀନାଥ ବେହେରା ଓ ବ୍ରଜବନ୍ଧୁ ବେହେରା । ମୁଁ ନରୋତ୍ତମ

Digitized by srujanika@gmail.com

ବେହେରା ଥିଲି ପଦ୍ମନାଭ ବେହେରାଙ୍କ ଏକମାତ୍ର ଜୀବିତ ପୁତ୍ର । ଅଜାମର ବେହେରା ଓ ଚଇଁ ବେହେରାଙ୍କ ଭିତରେ ଅଜାମର ବଡ଼ ଭାଇ ଥିଲେ । ଅଜାମରଙ୍କର ପାଞ୍ଚ ପୁଅ ଥିଲେ, କିନ୍ତୁ ଚଇଁ ବେହେରା ନିସନ୍ତାନ ଥିବାରୁ ଅଜାମରଙ୍କର ତୃତୀୟ ପୁତ୍ର ଦୁର୍ଯ୍ୟୋଧନ ବେହେରାଙ୍କୁ ପୁଅ କରି ନେଇଥିଲେ । ଅଜାମରଙ୍କର ଆଉ ଚାରି ପୁଅ ହେଲେ ଶଙ୍କର, ଗୁରୁବାରୀ, ଗିରିଧାରୀ ଓ ପଣ୍ଡୁ ।

ଅଜା ରାମହରି ବେହେରା

ସନେଇଙ୍କ ପୁତ୍ର ରାମହରି ବେହେରା ଗ୍ରାମର ପ୍ରତିଷ୍ଠିତ ବ୍ୟକ୍ତି ବୋଲି ଜଣାଶୁଣା ଥିଲେ । ତାଙ୍କର ପ୍ରଥମ ସ୍ତ୍ରୀଙ୍କଠାରୁ ତିନି ପୁତ୍ର ଓ ଗୋଟିଏ ଝିଅ ଥିଲା । ପ୍ରଥମ ପୁତ୍ର ମୋ ବାପା ପଦ୍ମନାଭ ବେହେରା, ଦ୍ଵିତୀୟ ପୁତ୍ର ଶ୍ୟାମସୁନ୍ଦର ଓ ତୃତୀୟ ପୁତ୍ର ଉପେନ୍ଦ୍ର ବେହେରା । ଦ୍ଵିତୀୟ ସ୍ତ୍ରୀଙ୍କ ଠାରୁ ଜାତ ପ୍ରଥମ ପୁତ୍ର ବିବାହ ପରେ ମରିଯାଇଥିଲେ । ଦ୍ଵିତୀୟ ପୁତ୍ର ରହିଲେ ବ୍ରଜବନ୍ଧୁ ବେହେରା ।

ରାମହରି ତାଙ୍କର ପ୍ରଥମ ପୁତ୍ର ପଦ୍ମନାଭ ବେହେରାଙ୍କୁ ଭଲ ଭାବରେ ଅଙ୍କ ଓ ପାଠଶାଠ ପଢ଼ାଇବା ପାଇଁ ଜଣେ ପ୍ରଖ୍ୟାତ ମାଟିବଂଶ ଅବଧାନଙ୍କୁ ଡାକି ଆଣି ଘରେ ରଖିଥିଲେ । ସେହି ଅବଧାନ ଗଣିତ ଓ ଜ୍ୟୋତିଷ ଶାସ୍ତ୍ରରେ ପାରଦର୍ଶୀ ଥିଲେ । ତାଙ୍କ ପାଖକୁ ବହୁ ଆଡୁ ଲୋକେ ଆସୁଥିଲେ ଜାତକ ଇତ୍ୟାଦି ଦେଖାଇବା ପାଇଁ । ସେ ଭଲ ଶିକ୍ଷକ ଥିବାରୁ ତାଙ୍କୁ ନେଇଯିବାକୁ ସେମାନଙ୍କ ମଧ୍ୟରୁ କେହିକେହି ବ୍ୟକ୍ତି କୌଶଳ ମଧ କରୁଥିଲେ । କିନ୍ତୁ ଅଜା ତାଙ୍କୁ ବହୁତ ଭଲଭାବରେ ରଖିଥିବାରୁ ସେ ଦଶିପୁର ଛାଡି ଯାଇପାରୁ ନଥିଲେ । ଅଜାଙ୍କର ଚିନ୍ତା ଥିଲା, ପୁତ୍ରମାନଙ୍କୁ ଭଲ ଭାବରେ ଶିକ୍ଷାଦେବା, ଯାହା ଫଳରେ ଭବିଷ୍ୟତରେ ଏମାନେ ପ୍ରତିଷ୍ଠାବାନ୍ ହେବେ ଓ ବେପାରବଣିଜ କରି ଦି' ପଇସା ରୋଜଗାର କରି ଘରଦ୍ଵାର କରି ଭଲରେ ରହିବେ । ସେହି ଅନୁସାରେ ମୋ ବାପା ଶିକ୍ଷାପାଇ ବେପାର ବଣିଜ କରିବାରେ ଧୁରନ୍ଧର ହୋଇଉଠିଲେ । କିନ୍ତୁ ଅନ୍ୟ ପୁତ୍ରମାନଙ୍କୁ ଶିକ୍ଷା ଦେବା ବେଳକୁ ସେ ଶିକ୍ଷକଜଣକ ପଳାଇ ଯାଇଥିଲେ । ଅଜା ଅନ୍ୟ ଶିକ୍ଷକଙ୍କ ଦ୍ଵାରା ପିଲାମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କଲେ ।

ବାପା ପଦ୍ମନାଭ ବେହେରା ଓ ଦାଦାମାନେ

ବାପା ବୟୋପ୍ରାପ୍ତ ହେବା ପରେ ତାଙ୍କ ପାଇଁ ବିବାହ ପ୍ରସ୍ତାବ ସବୁଆଡୁ ଆସିବାକୁ ଲାଗିଲା । ସେ ଦେଖିବାକୁ ଖୁବ୍ ସୁନ୍ଦର ଥିଲେ । ସେ ସମୟରେ ଖୁବ୍ କମ୍ ବୟସରେ ପୁଅ ଓ ଝିଅଙ୍କର ବିବାହ ପ୍ରଥା ପ୍ରଚଳନ ଥିଲା । କିନ୍ତୁ ବାପାଙ୍କର ବାଲ୍ୟବିବାହ ହୋଇନଥିଲା । ମହାକାଳପଡ଼ାର ବିଜୟନଗର ପାଖାପାଖି ମାଳିଅଞ୍ଚ ଗ୍ରାମର ଏକ ପ୍ରାପ୍ତ ବୟସ୍କା କନ୍ୟା (ଅବଳୀ)ଙ୍କ ସହିତ ବାପାଙ୍କର ବିବାହ ହୋଇଥିଲା । ଯାହା ଶୁଣିଛି, ସେତେବେଳେ ମାଳିଅଞ୍ଚ

Digitized by srujanika@gmail.com

ଗ୍ରାମର ସବୁଠାରୁ ନାମଜାଦା ପରିବାରର କନ୍ୟା ସହିତ ବାପାଙ୍କର ଏହି ବିବାହ ବହୁ ଆଡ଼ମ୍ବରରେ ସମ୍ପନ୍ନ ହୋଇଥିଲା । ଆଜିକାଲିକା ଭଳି ଯୌତୁକ ନାଁରେ କଦର୍ଯ୍ୟ ଟଙ୍କାପଇସା କାରବାର ସେତେବେଳର ବାହାଘରରେ ହେଉନଥିଲା । ଏହି ବିବାହରେ କନ୍ୟାପକ୍ଷ ଖୁସିରେ ଝିଅ ସାଙ୍ଗରେ ବେଶ୍ ପରିମାଣର ଘରକରଣା ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷମାନ ଯୌତୁକ ଦେଇଥିଲେ । ବାପା ବିବାହ କଲାପରେ ଘରକୁ କିପରି ସମୃଦ୍ଧିଶାଳୀ କରିବେ, ସେହି ଲକ୍ଷ୍ୟ ନେଇ ବେପାରବଣିଜ ଆରମ୍ଭ କଲେ । ସେତେବେଳେ ଅନ୍ୟ ଭାଇମାନେ ଛୋଟ ଥିବାରୁ ବାପାଙ୍କ ଉପରେ ସମସ୍ତ ଦାୟିତ୍ୱ ପଡିଥିଲା । ସେ ବେପାରବଣିଜ କରି ବେଶ୍ ସମ୍ପତ୍ତିବାଡ଼ି ଅର୍ଜନ କଲେ । ଭାଇମାନେ କ୍ରମେକ୍ରମେ ବଡ଼ ହେବାକୁ ଲାଗିଲେ । କେବଳ ସବା ସାନ ଭାଇକୁ ଛାଡ଼ିଦେଲେ ଆଉ ତିନିଭାଇ କାର୍ଯ୍ୟକ୍ଷମ ହୋଇଉଠିଲେ ।

ଅଜାଙ୍କର ଦ୍ୱିତୀୟ ପୁତ୍ର ଶ୍ୟାମ ସୁନ୍ଦର ବେହେରା ଓ ତାଙ୍କର ଦ୍ୱିତୀୟ ସ୍ତ୍ରୀଙ୍କର ପ୍ରଥମ ପୁତ୍ର ଗୋପୀନାଥ ବେହେରା ଚାଷବାସରେ ଧୂରନ୍ଧର ହୋଇ ସେଥିରେ ଆଗେଇ ଚାଲିଲେ । ଅଜା ତାଙ୍କର ତୃତୀୟ ପୁତ୍ର ଉପେନ୍ଦ୍ର ବେହେରାଙ୍କୁ ଅଙ୍ଗୁଳାଇ ଗ୍ରାମର ଗୋଟିଏ ଭଲ ଘରେ ବାହାଘର କରାଇଦେଲେ । ପୁତ୍ର ଉପେନ୍ଦ୍ର ବେହେରା ଭଲ ଭାବରେ ଶିକ୍ଷାଦୀକ୍ଷା ପାଇନଥିବାରୁ ଓ ସେ ଫାଙ୍କି ମାରି ବୁଲାବୁଲି କରିବାରୁ ଅନ୍ୟ ଭାଇମାନଙ୍କର ତାଙ୍କ ପ୍ରତି ଭଲ ମନୋଭାବ ରହିଲା ନାହିଁ । ଅଜା ଆଗରୁ ଶ୍ୟାମସୁନ୍ଦରଙ୍କୁ ବାହାଘର କରାଇ ଦେଇଥିଲେ ଖୁବ୍ ବଂଶଜ ଓ ନାମଜାଦା ଘରେ, ଆମର ପାଖ ଗ୍ରାମ ବାଘତିଆରେ । ବାହାଘର ପରେ ସେ ମନ ଦେଇ କାମଦାମ ଓ ବେପାର ବଣିଜ କରିବ ବୋଲି ଚିନ୍ତା କରି ଅଜା ତାଙ୍କୁ ଶୀଘ୍ର ବାହାଘର କରାଇଥିଲେ । କିନ୍ତୁ ଉଦ୍ଦେଶ୍ୟ ତାଙ୍କର ସଫଳ ହେଲାନାହିଁ । ସେ ରୋଜଗାର କଲେ ସତ, କିନ୍ତୁ ଘରକୁ ପଇସାଟିଏ ନଦେଇ ନିଜେ ସଞ୍ଚୟ କଲେ । ସେ କାରଣରୁ ମଧ୍ୟ ଭାଇମାନଙ୍କ ଭିତରେ ମନାନ୍ତର ସୃଷ୍ଟି ହେଲା । ପୁଅ ଗୋପୀନାଥ ବେହେରା, ଯେ କି ଚାଷବାସରେ ଧୂରନ୍ଧର ଥିଲେ, ସେ ନିଜେ ବିବାହର ଦୁଇବର୍ଷ ପରେ ମରିଗଲେ । ଶୁଣିବାକୁ ମିଳିଥିଲା, ସାପ କାମୁଡ଼ାରେ ସେ ମରିଥିଲେ । ସେତେବେଳେ ସାପ କାମୁଡ଼ାରୁ ରକ୍ଷା ପାଇବାପାଇଁ ଏକମାତ୍ର ଗୁଣିଗାରେଡ଼ି ହିଁ ଭରସା ଥିଲା । ବହୁ ଗୁଣିଆ ଆସି ମନ୍ତ୍ରପାଠ କରିଥିଲେ ହେଁ, ତାଙ୍କ ଜୀବନ ରକ୍ଷା ହୋଇପାରିଲା ନାହିଁ । ସେତେବେଳେ ସାପକାମୁଡ଼ାର ଚିକିତ୍ସା ପାଇଁ କୌଣସି ଔଷଧର ବ୍ୟବସ୍ଥା ନଥିଲା । ଗୁଣିଆ ଉପରେ ନିର୍ଭରକରି କେତେକ ବଞ୍ଚି ଯାଉଥିଲେ, ଆଉ କେତେକ ମରିଯାଉଥିଲେ । ସବା ତଳ ପୁଅ ବ୍ରଜବନ୍ଧୁ ବେହେରା ଖୁବ୍ ପିଲା ଥିଲେ । ପରିବାର ଭିତରେ ଆସ୍ତେ ଆସ୍ତେ ଭାଇମାନଙ୍କ ଭିତରେ କନ୍ଦଳ ସୃଷ୍ଟି ହେବାକୁ ଲାଗିଲା, ମୁଖ୍ୟତଃ ସାନ ମଝିଆ ଭାଇ ଉପେନ୍ଦ୍ର ବେହେରାଙ୍କ ଯୋଗୁଁ । ଅଜା ରାମହରି ବେହେରା ମରିଯିବା ପରେ ଭାଇମାନଙ୍କ ଭିତରେ ଆଉ ସଙ୍ଗତି ରହିଲା ନାହିଁ । ପରବାର ଭିତରେ ଏହିସବୁ କନ୍ଦଳ ଦେଖି ବଡ଼ ମଝିଆ ଭାଇ ଶ୍ୟାମ ସୁନ୍ଦର ବେହେରାଙ୍କ ମନ ଭିତରେ ସଂସାର ପ୍ରତି ବୈରାଗ୍ୟ ସୃଷ୍ଟି ହେଲା । ପ୍ରଥମେ ତାଙ୍କର କୌଣସି ପୁତ୍ର ସନ୍ତାନ

Digitized by srujanika@gmail.com

ନ ଥିଲା । କିନ୍ତୁ ଖୁଡ଼ି ଯେତେବେଳେ ଗର୍ଭବତୀ ଅବସ୍ଥାରେ ଥିଲେ, ସେ ବାବଜୀ ହୋଇ ଘରୁ ବାହାରିଗଲେ । ଶୁଣିବାକୁ ମିଳେ, ସେ ଯେତେବେଳ ଘରୁ ବାବାଜୀ ହୋଇ ବାହାରିଗଲେ, ମୁଁ ସେତେବେଳକୁ ଜନ୍ମ ହୋଇସାରିଥାଏ । ପୁତ୍ର ନିବେଶି ପତ୍ନୀ ପାଶେ, ଏଥିବା ଚଳିବ ସନ୍ନ୍ୟାସେ । ଏହି ନୀତିରେ ସେ ମୋତେ ପୁତ୍ର କରି ସନ୍ନ୍ୟାସୀ ହୋଇ ଗୃହ ତ୍ୟାଗ କରିଥିଲେ । ତାଙ୍କର ଗୃହତ୍ୟାଗ ପରେ ତାଙ୍କର ପୁତ୍ର ଶ୍ରୀବତ୍ସ ବେହେରା (ବଛ) ଜନ୍ମ ହୋଇଥିଲେ ।

ଶ୍ୟାମସୁନ୍ଦର ଦାସ

ଶ୍ୟାମସୁନ୍ଦର ବେହେରା ସେବେଠାରୁ ବାବାଜୀ ଶ୍ୟାମସୁନ୍ଦର ଦାସ ଭାବେ ଖ୍ୟାତ ହେଲେ । ସେ ତାଙ୍କ ଗୁରୁଙ୍କର ପ୍ରଧାନ ଶିଷ୍ୟଭାବେ ପରିଚିତ ହେଲେ । ତାଙ୍କ ଗୁରୁଙ୍କର ଚାରି ଜାଗାରେ ମଠ ଥିଲା, ଯଥା ଅନ୍ଧୁଳି, ଓରତ, ବାରିମୂଳ ଓ ସନ୍ତପୁରା । ସନ୍ତପୁରା ଥିଲା ସ୍ୱାଧୀନତା ସଂଗ୍ରାମୀ ଓ ପରେ କେନ୍ଦ୍ରାପଡା ବିଧାୟକ ହୋଇଥିବା ପୁରୁଷୋତ୍ତମ ନାୟକଙ୍କ ଗାଁ ଓ ମୁଁ ତାଙ୍କର ସହକର୍ମୀ ଭାବେ କାର୍ଯ୍ୟ କରିଛି । ଗୁରୁ ମରିଯିବା ପରେ ଉପରୋକ୍ତ ମଠଗୁଡିକରୁ ଆୟ ହେଉଥିବା ସମ୍ପତ୍ତିକୁ ଗୁରୁଙ୍କର ଉତ୍ତରାଧିକାରୀ ଭାବେ ଶ୍ୟାମସୁନ୍ଦର ଦାସ ବୁଝିଲେ । ମଠବାଡିର ସମସ୍ତ ଖର୍ଚ୍ଚବାର୍ଚ୍ଚ ବୁଝିଲା ପରେ ଯାହା କିଛି ଅର୍ଥ ବଳୁଥିଲା, ତାକୁ ଶ୍ୟାମସୁନ୍ଦର ମହାଜନି କାରବାରରେ ଲଗାଉଥିଲେ ଓ ସେଥିରୁ ମିଳୁଥିବା ଲାଭାଂଶକୁ ସଞ୍ଚୟ କରି ରଖୁଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ଭବିଷ୍ୟତରେ ଯଥେଷ୍ଟ ପଇସା ହୋଇଗଲେ ସେ ତଦ୍ୱାରା ବଲଦେବଜୀଉ ରଥଦାଣ୍ଡକୁ ପକ୍କା କରିବେ । ତାଙ୍କୁ ନିଜ ଜନ୍ମସ୍ଥାନ ଦଶିପୁରରେ ଲୋକେ ଡରୁଥିଲେ । କିନ୍ତୁ ସେ ବାବଜୀ ହୋଇଯିବା ପରେ ପ୍ରଥମେ ଦଶିପୁରରେ ବଟ ମହାପ୍ରଭୁ ସ୍ଥାପନ କରି ସେଠାରେ ରହିଲେ । ସେ ଜାଗା ୧୯୩୦ ମସିହା ସେଟଲ୍‌ମେଣ୍ଟରେ ତାଙ୍କ ନାଁରେ ରେଜିଷ୍ଟ୍ରି ହୋଇଗଲା । ଧରଣୀଧର ସାମଲ ତାଙ୍କ ମହାଜନି କାରବାରର ନବସନ୍ଧା ରୂପେ କାର୍ଯ୍ୟ କରୁଥିଲେ । ପୈତୃକ ସମ୍ପତ୍ତିରୁ ତାଙ୍କ ଭାଗରେ ପଡିଥିବା ୧୦ଏକର ଜମିରୁ ଯାହା କିଛି ଫସଲ ହେଉଥିଲା, ତାକୁ ଗ୍ରାମ ଲୋକଙ୍କୁ ତିରୋଟି ସମୟରେ ଗୌଣୀରେ ପାଆକିଆ ହାରରେ ମହାଜନି ଦେଉଥିଲେ । ଅନ୍ୟ ମଠଗୁଡିକରୁ ମିଳୁଥିବା ଟଙ୍କାକୁ ଶତକଡା ଷାଠିଏ ହାରରେ ସୁଧ ଲଗାଉଥିଲେ । ମୋ ବାପା ୧୯୩୫ କାର୍ତ୍ତିକ ପୂର୍ଣ୍ଣମୀରେ ଇହଧାମ ତ୍ୟାଗ କଲେ । ବାପାଙ୍କ ଉଦ୍ୟମ ଫଳରେ ଆମ ଗ୍ରାମର ଲୋୟର୍ ପ୍ରାଇମେରୀ ସ୍କୁଲ୍ ସରକାରୀ ଗ୍ରାଣ୍ଟ ପାଇଥିଲା । ୧୯୩୪ରେ ଆମ ଗ୍ରାମରେ ଏକ ବାତ୍ୟା ଯୋଗୁଁ ଗ୍ରାମର ମଝିସ୍ଥଳ ତିନିମୁହାଣିରେ ଅବସ୍ଥିତ ସ୍କୁଲ୍ ଘରଟି ଭାଙ୍ଗି ଯାଇଥିଲା । ତେଣୁ ଶ୍ୟାମସୁନ୍ଦର ଦାସଙ୍କର ଯେଉଁଠି ମଠ ଥିଲା, ସେଥିରେ ଥିବା ଗୋଟିଏ ଘରକୁ ଅସ୍ଥାୟୀ ସ୍କୁଲ୍ ଗୃହ ରୂପେ ବ୍ୟବହାର କରାଗଲା ଏବଂ ଶ୍ୟାମସୁନ୍ଦରଙ୍କୁ ସ୍କୁଲ୍‌ର ସେକ୍ରେଟାରୀ କରାଗଲା । ସେହି ମଠରେ ଅଷ୍ଟପ୍ରହରୀ, ରାହାସ ଓ ଦୋଳ ଇତ୍ୟାଦି ଉତ୍ସବ ପାଳନ କରାଯାଉଥିଲା । ଗ୍ରାମର ପ୍ରତି ସଂକ୍ରାନ୍ତିରେ ମୁଖିଆମାନଙ୍କର ଏକ ବୈଠକ ବସୁଥିଲା, ଯେଉଁଥିରେ ଗ୍ରାମର ଭଲମନ୍ଦ ବୁଝା ହେଉଥିଲା ତଥା ସେହିଦିନ ଏକ ସମୂହ ଭୋଜି ଅନୁଷ୍ଠିତ ହେଉଥିଲା । ସଂକ୍ରାନ୍ତି

Digitized by srujanika@gmail.com

ଆୟୋଜକମାନେ ନିଜ ଭିତରେ ପାଳି କରି ଏହି ଭୋଜୀଭାତ ଆୟୋଜନ କରୁଥିଲେ । କିଛିଦିନ ଗଲା ପରେ ଶ୍ୟାମସୁନ୍ଦରଙ୍କର ମହାଜନି କାରବାର ବଢ଼ିଗଲା ଓ ତାଙ୍କର ଜଣେ ଶିଷ୍ୟ ଦଣ୍ଡଖୀଶ୍ୟାମ ଦାସ ତାଙ୍କ ତରଫରୁ ଆମ ଗାଁକୁ ଲୋକମାନଙ୍କ ଠାରୁ ମହାଜନି ଆଦାୟ ଓ ପୁଣି ନୂଆ କରଜ ଲଗାଣ ଇତ୍ୟାଦି ପାଇଁ ଆସିଲେ । ଶ୍ୟାମସୁନ୍ଦର ଦାସ ମଠପାଖରେ ଥିବା ବୈଷ୍ଣବ ଘରର ଜଣେ ସ୍ତ୍ରୀକୁ ଧରମ ଝିଅ କରି ତାଙ୍କ ଘରେ ରହଣି ଓ ଖିଆପିଆ କରୁଥିଲେ ଓ ଏପରିକି ତାଙ୍କର ମହାଜନି କାଗଜପତ୍ର ରଖିଥିଲେ । ମଠରେ ସେ କେବଳ ରାତ୍ରୀବିଶ୍ରାମ କରୁଥିଲେ । ଶ୍ୟାମସୁନ୍ଦରଙ୍କର ଉତ୍ତରୋତ୍ତର ଉନ୍ନତି ହେବାକୁ ଲାଗିଲା, କିନ୍ତୁ କିଛିବର୍ଷ ପରେ ସେ ମଧ୍ୟ ଇହଧାମ ତ୍ୟାଗ କଲେ । ତାଙ୍କର ଶିଷ୍ୟମାନେ ସୁଦକ୍ଷ ନଥିବାରୁ ସେ ସୃଷ୍ଟି କରିଥିବା ସମ୍ପତ୍ତି ଆସ୍ତେ ଆସ୍ତେ ବୁଡ଼ିଗଲା । ସେ ମଲାବେଳକୁ ମୁଁ ସ୍ୱାଧୀନତା ଆନ୍ଦୋଳନ ସଂସ୍ପର୍ଶରେ ଆସି ସାରିଥାଏ । ମୁଁ ଓ ସାନଦାଦା (ବ୍ରଜବନ୍ଧୁ ବେହେରା) ଚିନ୍ତା କଲୁ, ଶ୍ୟାମସୁନ୍ଦର ଚାଲିଯିବା ଯିବା ପରେ ତାଙ୍କ ପୁଅ ଶ୍ରୀବତ୍ସ ଓ ସ୍ତ୍ରୀ କେମିତି ଚଳିବେ । ଶ୍ୟାମସୁନ୍ଦର ନିଜ ଘରର ଫସଲକୁ ତ ମଠ ପାଇଁ ମହାଜନି ଲଗାଉଥିଲେ ଓ ନିଜ ପୁଅ ଓ ସ୍ତ୍ରୀ ପାଇଁ କିଛି ରଖିଯାଇ ନାହାନ୍ତି । ଏହା ଭିତରେ ସେହି ଧରମ ଝିଅ ଶ୍ୟାମସୁନ୍ଦର ତା' ପାଖରେ ରଖିଥିବା କାଗଜପତ୍ରକୁ ନିଜ ବାପଘର ରାଜଗଡ଼ରେ ରଖି ଦେଇଆସିଥିଲା । ମୁଁ ସନ୍ଧାନ ନେଇ ସେହି ପରିବାର ସହିତ ବନ୍ଧୁତ୍ୱ କରି କିଛି ଅର୍ଥ ବିନିମୟରେ ସେମାନଙ୍କ ଠାରୁ କିଛି କାଗଜପତ୍ର ଆମର ହସ୍ତଗତ ହେଲା । ସେହି କାଗଜପତ୍ର ଭିତ୍ତିରେ ଗ୍ରାମର ଲୋକଙ୍କୁ ଡକାଇ ସେମାନଙ୍କ ଠାରୁ କିଛି ଅର୍ଥ ଆଦାୟ ହେଲା । ସେଥିରୁ ଏକାଂଶ ସ୍କୁଲ୍‌କୁ ଦିଆଗଲା ଏବଂ ବାକୀ ଅର୍ଥ ବଛକୁ ଦିଆଗଲା । କିନ୍ତୁ ଲୋକେ ଯେତେ ପରିମାଣର ଅର୍ଥ ଶ୍ୟାମସୁନ୍ଦରଙ୍କ ଠାରୁ ନେଇଥିଲେ, ତାହା ତୁଳନାରେ ଆଦାୟ ହୋଇଥିବା ଅର୍ଥ କିଛି ନୁହେଁ । ମଠ ତଥା ମଠରେ ଥିବା ସ୍କୁଲ୍ ଜମିକୁ ଶ୍ୟାମସୁନ୍ଦର ନିଜେ ସ୍କୁଲ୍ ନାମରେ ରେଜିଷ୍ଟ୍ରି କରିଦେଇ ଯାଇଥିଲେ । ପୁଅ ଶ୍ରୀବତ୍ସ (ବଛ)ର ନିର୍ବୁଦ୍ଧିଆପଣ ଯୋଗୁଁ ସେ ନିଜେ ସବୁକିଛି ହରାଇ ବସିଲା ।

ବାପାଙ୍କ ଉପରେ ମୁଖ୍ୟ ଦାୟିତ୍ୱ

ପାଞ୍ଚ ଭାଇମାନଙ୍କ ମଧ୍ୟରୁ କର୍ମକ୍ଷମ ଦୁଇଜଣଙ୍କ ମଧ୍ୟରୁ ଜଣେ ଗୃହତ୍ୟାଗୀ ଓ ଆଉ ଜଣେ ସର୍ପଦଂଶନରେ ପରଲୋକ ଗମନ ଯୋଗୁଁ ପରିବାର ମଧ୍ୟରେ ନୈରାଶ୍ୟ ଘୋଟି ଆସିଲା । ଏହି ଦୁଇ ଭାଇ ଚାଷବାସ ଇତ୍ୟାଦି ସହିତ ଗ୍ରାମରେ ଦଙ୍ଗାହେଙ୍ଗାମା ହେଲେ ସବୁକିଛିକୁ ସମ୍ଭାଳୁ ଥିଲେ । ଏ ଦୁଇଜଣ ଚାଲିଯିବା ପରେ ପରିବାର ଉପରେ ଚଡ଼କ ପଡ଼ିଲା । ବାକି ତିନିଭାଇ ରହିଲେ । ବଡ଼ ଭାଇ ଅର୍ଥାତ୍ ବାପା ସବୁବେଳେ ବେପାରବଣିଜ ସାଙ୍ଗକୁ ଗ୍ରାମର ପ୍ରଧାନ ମାମଲତକାର ତଥା ଜାତିଭାଇର ଶ୍ରେଷ୍ଠ ବା ମାଲିକ ଭାଇ ହିସାବରେ ବିଭିନ୍ନ ବାହାରିଆ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ତେଣୁ ସେ ନିଜେ ଚାଷବାସ ଦେଖିପାରୁ ନଥିଲେ । ବାକି ଯେଉଁ ଦୁଇଭାଇ ରହିଲେ, ତାଙ୍କ ମଧ୍ୟରୁ ସାନ ମଝିଆ ଭାଇ ଉପେନ୍ଦ୍ର ବେହେରା ଘରର କୌଣସି ମଲମନ୍ଦ, ବେପାରବଣିଜ କି ଚାଷବାସ ଇତ୍ୟାଦି କଥା ବୁଝନ୍ତି ନାହିଁ ବରଂ

Digitized by srujanika@gmail.com

ଧମକଚମକ କରି ଘରୁ ଧାନଚାଉଳ ଇତ୍ୟାଦି ଚୋରାଇ ନେଇ ନିଜର ପୁଞ୍ଜି ବଢାନ୍ତି । ତାଙ୍କର ଏପ୍ରକାର କାର୍ଯ୍ୟକଳାପ ନେଇ ତାଙ୍କ ବଡ଼ଭାଇଙ୍କର ଅର୍ଥାତ୍ ମୋ ବାପାଙ୍କର ସନ୍ତୋଷ ନଥାଏ । ସବା ସାନଭାଇ ବ୍ରଜବନ୍ଧୁ ବେହେରା ଖୁବ୍ ପିଲା ଅବସ୍ଥାରେ ଥିବାରୁ ତାଙ୍କଠାରୁ ପରିବାରର କିଛି ଉନ୍ନତି ଆଶା କରାଯାଉ ନଥିଲା । ମୋର ଜନ୍ମ ବେଳକୁ ତାଙ୍କୁ ମାତ୍ର ୭/୮ ବର୍ଷ ବୋଧହୁଏ ହୋଇଥିବ । ବାପାଙ୍କର ପିତୃଅର୍ଜିତ ସମ୍ପତ୍ତି ଖୁବ୍ କମ୍ ଥିଲା । ବାପା ବେପାରବଣିକ କରୁଥିବାରୁ ଓ ମାମଲତକାର ହୋଇଥିବାରୁ ନିଜ ଗ୍ରାମରେ ଓ ଆଖପାଖ ଗ୍ରାମମାନଙ୍କରେ ତାଙ୍କର ପ୍ରତିଷ୍ଠା ବେଶ୍ ବଢ଼ିଯାଇଥିଲା । ଏହି ଅବସ୍ଥା ଭିତରେ ସେ ବହୁତ ଜମିବାଡ଼ି ନିଜ ନାମରେ କରି ପକାଇଥିଲେ । ପିତୃଅର୍ଜିତ ଓ ସ୍ୱଅର୍ଜିତ ଜମିକୁ ମିଶେଇ ପ୍ରାୟ ୪୦ ଏକର ଜମି ସେ ନିଜ ଆୟତ୍ତକୁ ଆଣି ପାରିଥିଲେ । ଏଥିରେ ପିତୃଅର୍ଜିତ ଜମିଠାରୁ ନିଜେ କିଣିଥିବା ଜମି ଅଧିକ ଥିଲା ।

ବାପା ଜଣେ ନାମଜାଦା ଲୋକ ଥିବାରୁ ଏ ଅଞ୍ଚଳର ଭଦ୍ର ଲୋକମାନଙ୍କୁ ବର୍ଷରେ ଥରେ ତାଙ୍କ ଅଜାଙ୍କ ଶ୍ରାଦ୍ଧ ଉପଲକ୍ଷେ କାର୍ତ୍ତିକ ଦଶମୀ ଦିନ ଆମ ଘରକୁ ନିମନ୍ତ୍ରଣ କରାଯାଉଥିଲା । ଏହାଛଡ଼ା ଗ୍ରାମର ସବୁଲୋକଙ୍କୁ ମଧ ସେ ନିମନ୍ତ୍ରଣ କରୁଥିଲେ । ଏଥିସକାଶେ ଖାଇବାପିଇବା ବାବଦରେ ସେ ବହୁତ ଖର୍ଚ୍ଚବାର୍ଚ୍ଚ କରୁଥିଲେ । ଭଜନକୀର୍ତ୍ତନ ମଧ ହେଉଥିଲା । ସେ ଦିନଟି ଆମ ଗ୍ରାମର ଗୋଟିଏ ବିଶିଷ୍ଟ ଦିନ ବୋଲି ସାଧାରଣ ଲୋକେ ଧରି ନେଉଥିଲେ । କାର୍ତ୍ତିକ ଦଶମୀ କେବେ ଆସିବ, ସେ ବିଷୟରେ ଗାଁ ଲୋକେ ଆଗତୁରା କଥାବାର୍ତ୍ତା ହେଉଥିଲେ । ପ୍ରତିବର୍ଷ ଏହି ଦିନଟିରେ ବାପାଙ୍କର ଅଜାଙ୍କ ଶ୍ରାଦ୍ଧ ଉପଲକ୍ଷେ ଭଲ ରକମର ଖାଇବା ପିଇବା ହେଉଥିଲା । ଏଥିରେ ପ୍ରାୟ ହଜାରେ ପର୍ଯ୍ୟନ୍ତ ଲୋକ ଯୋଗ ଦେଉଥିଲେ ।

ମୋର ଜନ୍ମ ଓ ବାଲ୍ୟାବସ୍ଥା

ଭାଇମାନଙ୍କ ଭିତରେ ମନୋମାଳିନ୍ୟ ଯୋଗୁଁ ପରିବାର ଭିତରେ ଅସନ୍ତୋଷ ଦିନକୁ ଦିନ ଅସମ୍ଭାଳ ହୋଇଉଠୁଥାଏ । ଏପ୍ରକାର ପରିସ୍ଥିତି ଲାଗି ରହିଥିବା ବେଳେ ୧୯୨୦ ମସିହା ପଣ୍ଡୁଦୋଳ ଦିନ ମୁଁ ଏ ପୃଥିବୀକୁ ଆସିଲି । ମୋ ଜନ୍ମ ପୂର୍ବରୁ ବାପାଙ୍କର ଦୁଇଟି ସନ୍ତାନ ଜନ୍ମ ହୋଇ ମୃତ୍ୟୁମୁଖରେ ପଡ଼ିଥିଲେ । ତେଣୁ ମୁଁ ତାଙ୍କର ଏକମାତ୍ର ପୁତ୍ର ସନ୍ତାନ ହୋଇଥିବାରୁ ମୋର ଲାଳନପାଳନ ଯତ୍ନର ସହିତ କରାଯାଉଥିଲା । ମୋର ଗୋଟିଏ ସାନ ଭଉଣୀ ମଧ୍ୟ ଜନ୍ମ ନେଇଥିଲା, ୨/୩ ବର୍ଷ ବ୍ୟବଧାନରେ । ମୋତେ ୫/୬ ବର୍ଷ ହେଲାବେଳକୁ ମୋର ବିଦ୍ୟାରମ୍ଭ କରାଯାଇଥିଲା । ସେତେବେଳକୁ ବାପାଙ୍କ ଠାରୁ ତାଙ୍କର ତିନି ଭାଇ ପୃଥକ୍ ହୋଇଯାଇଥିଲେ । ଏହା ଫଳରେ ବାପାଙ୍କର କିଛି ଅସୁବିଧା ହୋଇନଥିଲା । ସେ ଥିଲେ ଏକାଧାରରେ ଗ୍ରାମ ମାମଲତ୍‌କାର, ଜାତିଭାଇଙ୍କର ମାଲିକଭାଇ, ତଥା ଗ୍ରାମ ପ୍ରାଇମେରୀ ସ୍କୁଲର ସେକ୍ରେଟାରୀ ଏବଂ ଏହାଛଡା ସେ ବ୍ୟବସାୟ ଓ ଅଳ୍ପକିଛି ମହାଜନୀ କାରବାର ମଧ୍ୟ କରୁଥିଲେ ।

Digitized by srujanika@gmail.com

ଲୋୟର ପ୍ରାଇମେରୀ ସ୍କୁଲ ପ୍ରତିଷ୍ଠା

କିଛି ଦିନ ଘରୋଇ ଅବଧାନଙ୍କ ଜରିଆରେ ମୋର ପାଠପଢ଼ା ଆରମ୍ଭ ହେଲା । ଏହିପରି ପାଠପଢ଼ା ଚାଲିଥିଲା ବେଳେ ଆମଗ୍ରାମର ଧରଣୀଧର ଶାମଲ ଏକ ଘରୋଇ ଚାଟଶାଳି ଆରମ୍ଭ କଲେ । ଆମ ଗ୍ରାମର ବହୁତ ପିଲା ସେ ଚାଟଶାଳିରେ ପଢୁଥିବା ସମୟରେ ବାପା ଧରଣୀ ମାଷ୍ଟଙ୍କୁ କହିଲେ ସରକାରୀ ସ୍କୁଲ କଲେ ଭଲ ହୁଅନ୍ତା ଏବଂ ତୁମେ ସବୁଦିନ ପାଇଁ ସେହି ସ୍କୁଲରେ ଶିକ୍ଷକ ହୋଇ ପଢ଼ାଇବ । ସରକାରୀ ସ୍କୁଲ କରିବାପାଇଁ ବାପା ଚେଷ୍ଟା କରିବାରୁ କେତୋଟି ମାସ ଭିତରେ ଆମ ଗ୍ରାମରେ ସରକାରୀ ଲୋୟର ପ୍ରାଇମେରୀ ସ୍କୁଲ୍ ପ୍ରତିଷ୍ଠା ହୋଇଗଲା । ଧରଣୀଧର ଶାମଲ କୌଣସି ସରକାରୀ ସ୍କୁଲରେ ପଢ଼ି ପାସ୍ କରିନଥିଲେ । ଅନ୍ୟ ପଟରେ ସେତେବେଳେ ବିଧିବଦ୍ଧ ଯୋଗ୍ୟତା ଥିବା ଶିକ୍ଷକ ମିଳିବା କଷ୍ଟକର ଥିଲା । ତେଣୁ ଧରଣୀଧର ଶାମଲଙ୍କୁ ଲୋୟର ପ୍ରାଇମେରୀର ଶିକ୍ଷକ ଭାବେ ନିଯୁକ୍ତି ପତ୍ର ମିଳିଲା । ବାପା ସେ ସ୍କୁଲର ସେକ୍ରେଟାରୀ ରହିଲେ । ସ୍କୁଲ ହୋଇଯିବା ପରେ ଘରୋଇ ଚାଟଶାଳି ମାନଙ୍କରୁ ସବୁ ପିଲା ଆସି ସ୍କୁଲ୍‌ରେ ପଢ଼ିବାକୁ ଲାଗିଲେ । ସ୍କୁଲ୍ ଭଲ ଚାଲିଲା ।

ସେତେବେଳର ସରସ୍ୱତୀ ପୂଜା ଓ ଗୁରୁଦକ୍ଷିଣା

ମୁଁ ପଢ଼ିବା ସମୟରେ ଆମ ଗାଁ ସ୍କୁଲରେ ଆମ ଗ୍ରାମର ଧରଣୀଧର ସାମଲ ଚାଟଶାଳୀ ଅବଧାନ ହିସାବରେ ପାଠ ପଢାଉଥିଲେ । ଦରମା ତାଙ୍କର ସାମାନ୍ୟ ଥିଲା । କିନ୍ତୁ ଯେଉଁ ପିଲାମାନେ ଚାଟଶାଳୀରେ ପଢୁଥିଲେ ପ୍ରତ୍ୟେକଙ୍କ ବିଲରୁ ସେ ୪ ବିଡ଼ା ଧାନହଳ ଆଣୁଥିଲେ । ଶ୍ରୀପଞ୍ଚମୀ ପୂଜା ଦିନ ପ୍ରତି ପିଲା ନିଜ ଘରୁ ସରସ୍ୱତୀଙ୍କ ପାଇଁ କିଏ ଆଠଣା, କିଏ ଚାରିଅଣା କରି ପଇସା ଆଣି ଅବଧାନଙ୍କୁ ଦେଉଥିଲେ । ସେତେବେଳେ ପଇସାର ଏତେ ଅଭାବ ଥିଲା ଯେ, ସମସ୍ତେ ପଇସା ଦେଇପାରୁ ନଥିଲେ, କିନ୍ତୁ ଧାନଚାଉଳ ଇତ୍ୟାଦି ଦେଉଥିଲେ । ପୁଣି ଆମେ ସବୁ ପିଲାଏ ସରସ୍ୱତୀଙ୍କୁ ନେଇ ନିଜ ବନ୍ଧୁବାନ୍ଧବଙ୍କ ଘରକୁ ସାଙ୍ଗହୋଇ ଯାଉଥିଲୁ । ଯେଉଁ ଦିଗରେ ଯେଉଁ ପିଲାମାନଙ୍କର ବନ୍ଧୁଘର ପଡୁଥିଲା, ସେମାନେ ସେହି ଦିଗରେ ଯାଉଥିଲେ । ଗୋଟିଏ ନଡ଼ିଆ ସୋଲ ଉପରେ ସରସ୍ୱତୀ ତିଆରି କରାଯାଉଥିବାରୁ ମୂର୍ତ୍ତିଟି ବେଶି ଓଜନିଆ ହେଉ ନଥିଲା, ତେଣୁ ତାକୁ ଚାରିଆଡକୁ ନେବାଆଣିବାରେ କିଛି ଅସୁବିଧା ହେଉନଥିଲା । ପ୍ରତି ଗ୍ରାମର ଚାଟଶାଳୀ ପିଲାଏ ନିଜଘରୁ ଆରମ୍ଭ କରି ବନ୍ଧୁବାନ୍ଧବଙ୍କ ଗାଁ ପର୍ଯ୍ୟନ୍ତ ପ୍ରାୟ ଏକମାସ ଧରି ସରସ୍ୱତୀ-ଚାନ୍ଦା ଆଦାୟ କାମରେ ଲାଗି ରହୁଥିଲେ । ଏହି ପ୍ରଥାକୁ ସେତେବେଳେ ଗୁରୁଦକ୍ଷିଣା ବୋଲି କୁହାଯାଉଥିଲା ।

ବସନ୍ତରେ ଦୁଇଭାଇଙ୍କ ମୃତ୍ୟୁ

ପାଠପଢ଼ା ଭିତରେ ମୋର ଦୁଇଟି ଭାଇ ଜନ୍ମଗ୍ରହଣ କରିଥିଲେ । ମୁଁ ସେମାନଙ୍କର ବଡ଼ଭାଇ ହୋଇ ଶାସନ କରୁଥିଲି । ମୋ ତଳେ ଯେଉଁ ଭାଇଟି ଜନ୍ମ ହୋଇଥିଲା, ସେ ମଧ୍ୟ ବାପାଙ୍କ ପରି ଭାରି ସୁନ୍ଦରିଆ ହୋଇଥିଲା । ତେଣୁ ତାକୁ ସମସ୍ତେ ଭଲ ପାଉଥିଲେ । । ତା'ତଳେ

Digitized by srujanika@gmail.com

ଆଉ ଗୋଟିଏ ଭାଇ ଜନ୍ମ ହେଲା, ସେ ଦେଖିବାକୁ ମୋରି ଭଳି କଳା କିନ୍ତୁ ମଜଭୁତ ଥିଲା । ଏହିପରି ଭାବରେ ଆମେ ତିନି ଭାଇ ସୁଖରେ ଥିଲୁ । ଗ୍ରାମସ୍କୁଲରେ ମୋର ପାଠପଢ଼ା ଭିତରେ ଆମ ଗ୍ରାମରେ ବର୍ଷେ ବସନ୍ତ ରୋଗ ଆରମ୍ଭ ହେଲା । ସେତେବେଳେ ଲୋକେ ବସନ୍ତ ରୋଗକୁ ମା' ଠାକୁରାଣୀ ବୋଲି ପୂଜା କରୁଥିଲେ । ବସନ୍ତ ଯେ ଗୋଟିଏ ରୋଗ, ଏଭଳି କେହି ଭାବୁନଥିଲେ । ସେ ରୋଗ ଗ୍ରାମରେ ପଶିଲା ମାତ୍ରେ ପ୍ରାୟ ପ୍ରତ୍ୟେକଙ୍କ ଘରେ କାହାକୁ ନା କାହାକୁ ବସନ୍ତ ଲାଗୁଥିଲା । ଅଧିକାଂଶ ରୋଗୀ ବସନ୍ତରେ ମରିଯାଉଥିଲେ ; ଖୁବ୍ କ୍ୱଚିତ୍ ବସନ୍ତରୋଗୀ ଭଲ ହେଉଥିଲେ । ବସନ୍ତ ଗୋଟିଏ ସଂକ୍ରାମକ ରୋଗ ବୋଲି କେହି ଜାଣୁନଥିଲେ, ଏବଂ ଅନ୍ଧବିଶ୍ୱାସ ଯୋଗୁଁ କେବଳ ଠାକୁରାଣୀକୁ ପୂଜାକରି ନିଜର କର୍ତ୍ତବ୍ୟ ଶେଷ କରୁଥିଲେ । ମୋତେ ଆଗରୁ ପିଲା ବେଳେ ଖୁବ୍ ଜୋର୍‌ରେ ବସନ୍ତ ହୋଇଥିଲା । କୌଣସିମତେ ମୁଁ ସେଥିରୁ ମରୁମରୁ ରକ୍ଷା ପାଇଯାଇଥିଲି । କିନ୍ତୁ ଏଥରକ ବସନ୍ତ ଆରମ୍ଭ ହୋଇଗଲା ମାତ୍ରେ ଗାଁର ପ୍ରାୟ ଅଧିକାଂଶ ଘରେ ଲୋକେ ବସନ୍ତରେ ପଡ଼ିଲେ ଓ ଆମଘରେ ମୋର ସାନ ଦୁଇଭାଇ ମଧ୍ୟ ବସନ୍ତରେ ଆକ୍ରାନ୍ତ ହେଲେ । ସେ ବର୍ଷ ବହୁ ଲୋକ ଓ ପିଲା ବସନ୍ତ ଯୋଗୁଁ ମୃତ୍ୟୁମୁଖରେ ପଡ଼ିଥିଲେ । ମୋର ଦୁଇ ସାନଭାଇଙ୍କର ସେହି ବସନ୍ତରେ ଆଗପଛ ହୋଇ ମୃତ୍ୟୁ ହୋଇଗଲା । ସେତେବେଳେ ସେ ଭାଇ ଦୁଇଟିଙ୍କର କ୍ରମାନ୍ୱୟରେ ବୟସ ୫ ବର୍ଷ ଓ ୩ ବର୍ଷ ହୋଇଥିଲା । ଏ ଭାଇ ଦୁଇଟି ମରିଯିବା ଫଳରେ ବାପାମା ଖୁବ୍ ଜୋର୍‌ରେ ଭାଙ୍ଗି ପଡ଼ିଲେ । ସେତେବେଳେ ଏ ରୋଗର ପ୍ରତିକାର ବ୍ୟବସ୍ଥା କିଛି ନଥିଲା । ଆଗରୁ କହିଛି, କେବଳ ଏ ଅଞ୍ଚଳରେ ସରକାରୀ ଡାକ୍ତରଖାନା ମାର୍ଶାଘାଇରେ ଥିଲା, କିନ୍ତୁ ସେ ଡାକ୍ତରଖାନାକୁ କେହି ଯାଉନଥିଲେ । ଔଷଧପତ୍ର ମଧ୍ୟ ସେପରି ନଥାଏ । ବସନ୍ତ ଓ ହଇଜା ଏ ଦୁଇଟି ସଂକ୍ରାମକ ରୋଗ ବୋଲି କେହି ଚିନ୍ତା କରୁନଥିଲେ ଏବଂ ଏହାକୁ ଠାକୁରାଣୀ ସୃଷ୍ଟି କରିଛନ୍ତି ବୋଲି ଭାବି ତାଙ୍କୁ ସନ୍ତୋଷ କରିବା ପାଇଁ ପଣା ଓ ମାନସିକ ଇତ୍ୟାଦି କରୁଥିଲେ । ଏପ୍ରକାର ଅନ୍ଧବିଶ୍ୱାସ ସେତେବେଳେ ଏତେ ବଦ୍ଧମୂଳ ଭାବରେ କାମ କରୁଥାଏ ଯେ, ରୋଗୀ ବହୁ ସଂଖ୍ୟାରେ ମୃତ୍ୟୁମୁଖରେ ପଡନ୍ତି । ଏଇ ଥିଲା ଇଂରେଜ ଅମଳର ସ୍ୱାସ୍ଥ୍ୟବ୍ୟବସ୍ଥା । ଏପ୍ରକାର ଅବସ୍ଥା ସ୍ୱାଧୀନତା-ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଆମ ସମାଜରେ ଲାଗି ରହିଥିଲା । ଏବେ ଆସ୍ତେଆସ୍ତେ ତାହା ସୁଧୁରିବାରେ ଲାଗିଛି ।

ଏହି ବସନ୍ତ ରୋଗରେ ମୋର ଭାଇ ଦୁଇଟି ମରିଯିବାରୁ ବାପାମାଆଙ୍କର ଆମେ ଭାଇଭଉଣୀ କେବଳ ଦୁଇଟି ରହିଲୁ । ମୋ ତଳେ ଗୋଟିଏ ଭଉଣୀ ଜନ୍ମ ହୋଇଥିଲା, ସାବିତ୍ରୀ । ସେହି ସମୟରୁ ବାପା ଓ ମା ଆମ୍ଭମାନଙ୍କୁ ଅଧିକ ସ୍ନେହ ସହିତ ଦେଖିବା ସଂଗେସଂଗେ ମୁଁ କିପରି ଇଂରାଜୀ ପାଠ ପଢ଼ିବି ଓ ଉଚ୍ଚଶିକ୍ଷିତ ହେବି, ବାପା ସେହି ଚେଷ୍ଟାରେ ଲାଗିଲେ । ସେତେବେଳେ ଏ ସମାଜ ଭିତରେ ଝିଅମାନଙ୍କର ପାଠପଢ଼ା ଖୁବ୍ କ୍ୱଚିତ୍ ଦେଖାଯାଉଥିଲା । ବାପା ଝିଅର ପାଠପଢ଼ା ବିଷୟରେ ନଜର ନ ଦେଇ ମୋ ପାଠପଢ଼ା କିପରି ଭଲ ଭାବରେ

Digitized by srujanika@gmail.com

ହେବ, ସେ ଦିଗରେ ଯତ୍ନ କଲେ । ଲୋକେ ଭାବୁଥିଲେ, ଝିଅମାନଙ୍କୁ ଯେତେ ପାଠ ପଢ଼ାଇଲେ ବି ସେମାନେ କେବଳ ଚୁଲିମୁଣ୍ଡକୁ ଯୋଗ୍ୟ । ତେଣୁ ଝିଅଙ୍କୁ ପାଠ ପଢ଼ାଇ ଲାଭ କ'ଣ ? ରୋଷେଇବାସ ଓ ଘରକରଣା ଇତ୍ୟାଦି ଶିଖାଇବା ଯଥେଷ୍ଟ ହେବ ବୋଲି ଭାବି ବାପା ମୋର ସାନ ଭଉଣୀର ପାଠପଢ଼ା ପ୍ରତି ନଜର ନଦେଇ ତାକୁ ବୋଉକୁ ରୋଷେଇବାସରେ ସାହାଯ୍ୟ କରିବା ପାଇଁ ଘରର କାମଧନ୍ଦା ଶିଖାଇଲେ । ତା'ର ଆଉ ପାଠପଢ଼ା ନୋହିଲା ।

ଶୈଶବର କିଛି ସ୍ମୃତି

ମୋର ଜନ୍ମ ମସିହା ୧୯୨୦ କି ୧୯୨୧, ତାହା ଜାତକରୁ ଜାଣିପାରିଲି ନାହିଁ । ସେତେବେଳେ ତାଳପତ୍ରରେ ଲେଖନୀ ସାହାଯ୍ୟରେ ଜନ୍ମ ଜାତକ ତିଆରି ହେଉଥିଲା । ଗାଁ ଗହଳିରେ ଜନ୍ମଜାତକ କରିବା ପାଇଁ ସ୍ୱତନ୍ତ୍ର ଭାବେ ନାହାକ ଥିଲେ । ଖବର ଦେଲେ ସେମାନେ ଘରକୁ ଆସି ଟିପଣା ମାନ ତିଆରି କରିଦେଉଥିଲେ ଅଥବା ଜନ୍ମ ତାରିଖ ଓ ସମୟ ତାଙ୍କୁ ବତାଇଲେ ସେ ଜାତକ ତିଆରି କରି ଆଣି ଦେଉଥିଲେ । ସେତେବେଳେ ଆଜିକାଲି ଭଳି ମସିହା କି ତାରିଖ ପଡ଼ି ଜାତକ କରାଯାଉନଥିଲା । ସାଲ-ଶକାବ୍ଦ ଅନୁଯାୟୀ ଜାତକ ତିଆରି ହେଉଥିଲା । ମୁଁ ଠିକ୍ ଭାବରେ ଜାତକ ପଢି ଜାଣି ନଥିବାରୁ ମୋର ସଠିକ୍ ଜନ୍ମ ତାରିଖ ସମ୍ବନ୍ଧରେ ସନ୍ଦେହ ରହିଯାଇଛି । ୧୯୨୦ କିମ୍ବା ୨୧ ମସିହାରେ ଜନ୍ମ । ମୁଁ ସୁବିଧା ଦୃଷ୍ଟିରୁ ୧୯୨୦ ମସିହାକୁ ଜନ୍ମବର୍ଷ ବୋଲି ଧରି ନେଇଛି । ମୋତେ ଯେତେବେଳେ ୫/୭ ବର୍ଷ ହୋଇଥିଲା ସେତେବେଳେ ମୁଁ ବୋଉ ଓ ବାପାଙ୍କ ପାଖରେ ଶୋଉଥିଲି । ବାପା ରାତି ୪ଟାରେ ଉଠି ହରେ ମୁରାରେ, ମଧୁ କୈଟଭ ଭାବେ ଗୋବିନ୍ଦ ମୁରାରେ, ଓ ନିଶା ପାଇଲାଣି ଉଠରେ ପୁଏ ଇତ୍ୟାଦି ଭଜନ ବୋଲୁଥିଲେ । ବାପା ଭଜନ ବୋଲିବା ବେଳେ ମୋ ନିଦଭାଙ୍ଗି ଯାଉଥିଲା । ମୁଁ ଘାଲେଇ ପଡି ବିଛଣାରେ ପଡି ରହୁଥିଲି । ଏକଥା ମୋର ସ୍ପଷ୍ଟ ମନେଅଛି ଏବଂ ଏହି ଅନୁଭୂତି ମଧ୍ୟ ମୋତେ ମୋର ପରବର୍ତ୍ତୀ ଜୀବନରେ ଖୋରାକ୍ ଯୋଗାଇଛି । ମୋ ଉପରେ ତାଙ୍କର ଏ ଭଜନ ବୋଲିବାର ପ୍ରଭାବ ଦୃଷ୍ଟିରୁ ବାପା ମୋର ପ୍ରଥମ ଗୁରୁ ବୋଲି ମନେ ହେଉଛି । ସେହି ପ୍ରଭାବ ମୋ ଉପରେ ପଡ଼ିନଥିଲେ ମୁଁ ଆଜି ଭଲବାଟକୁ ଆସି ପାରିନଥାନ୍ତି । ମୋର ଅନୁମାନ ମୋତେ ଯେତେବେଳେ ୭ / ୮ ବର୍ଷ ହୋଇଥିଲା ମୋତେ ବହୁ ଜୋର୍‌ରେ ବସନ୍ତ ଲାଗିଥିଲା । ମୋର ବଞ୍ଚିବା ଆଶା ବାପା ମା ଛାଡ଼ି ବସିଥିଲେ । ସେତେବେଳେ ବସନ୍ତ କି ହଇଜାର ପ୍ରତିକାର ପାଇଁ କିଛି ଔଷଧ ବାହାରି ନଥିଲା । ତେଣୁ ବସନ୍ତରେ ବହୁଲୋକ ମରିଯାଉଥିଲେ ଓ କ୍ୱଚିତ୍ ଲୋକ ବଞ୍ଚୁଥିଲେ । ସେହି ବସନ୍ତ ଦାଗ ମୋ ଦେହରେ ଏବେବି ରହିଛି । ବହୁ ଲୋକ ଏବେ ବି ମୋତେ ପଚାରି ଥାନ୍ତି, ଛଉ ହୋଇଛି କି ? ମୋର ଆଉ ଦୁଇଟା ଭାଇ ମୋ ପରେ ଜନ୍ମ ନେଇଥିଲେ, ସେମାନଙ୍କୁ ୪/୫ ବର୍ଷ ଲେଖା ହୋଇଥିଲା, ଯେତେବେଳେ କି ସେମାନେ ବସନ୍ତର ଶିକାର ହୋଇ ମୃତ୍ୟୁମୁଖରୁ ବଞ୍ଚିନଥିଲେ । କେବଳ ମୋର ମନେ ଅଛି, ଜନ୍ମର କିଛି ବର୍ଷ ପରେ ପିଲାମାନଙ୍କୁ ବସନ୍ତ ଟିକା ଦିଆଯାଉଥିଲା ।

Digitized by srujanika@gmail.com

କେତେକ ଟିକା ନେଲାପରେ ବି ବସନ୍ତରେ ମରୁଥିଲେ । ବାପାଙ୍କର ସେ ଦୁଇପୁଅଙ୍କ ମଧ୍ୟରୁ ବଡ଼ଟି ଗୌରବର୍ଣ୍ଣ ଓ ଦେଖିବାକୁ ଖୁବ୍ ସୁନ୍ଦର ଥିଲା । ମୁଁ ମଧ୍ୟ ତାକୁ ଖୁବ୍ ଭଲ ପାଉଥିଲି ତା ତଳ ଭାଇଟି ଖୁବ୍ ବଳିଷ୍ଠ ଚେହେରା ନେଇ ଜନ୍ମ ଗ୍ରହଣ କରିଥିଲା । ବୋଉର ବର୍ଣ୍ଣ କଳା ଥିବାରୁ ସେ ପିଲାଟି ସେହି ବର୍ଣ୍ଣ ନେଇ ଜନ୍ମ ନେଇଥିଲା ; ମୋରି ଭଳିଆ କଳା ବର୍ଣ୍ଣ କିନ୍ତୁ ଅସୁନ୍ଦର ନଥିଲା ।

ଯେତେବେଳେ ବାପା ବୋଉଙ୍କର ତିନିପୁଅ ମଧ୍ୟରୁ ଶେଷ ଦୁଇପୁଅ ମରିଗଲେ, ଶେଷକୁ ମୋ ଉପରେ ସମ୍ପୂର୍ଣ୍ଣ ଭରସାକରି ମୋର ଖୁବ୍ ଯତ୍ନ ନେଲେ । ବାପା ବୋଉ ମଧ୍ୟ ମୋତେ ୪/୫ ବର୍ଷ ବୟସରେ ଭଲ ଦିନ ଦେଖି କର୍ଣ୍ଣବିଦ୍ଧ କରାଇଲେ । ମୋର କର୍ଣ୍ଣବିଦ୍ଧ ଜଣେ ସର୍ବଗୁଣସମ୍ପନ୍ନ ପଣ୍ଡିତଙ୍କ ଉପସ୍ଥିତିରେ କରାଯାଇଥିଲା । ସେହି ପଣ୍ଡିତ ଦେଶବିଦେଶ ଓ ପୁରାଣଶାସ୍ତ୍ର ଇତ୍ୟାଦି ସମସ୍ତ ବିଷୟ ତଥା ସଂସ୍କୃତ ଇତ୍ୟାଦି ଭାଷାରେ ବିଶାରଦ ଥିଲେ ମଧ୍ୟ ସେ କୌଣସି ଯାଗାରେ ସ୍ଥିର ହୋଇ ରହି ପାରୁନଥିଲେ ଏବଂ ସାରା ଓଡ଼ିଶା ପରିଭ୍ରମଣ କରୁଥିଲେ । ଯେଉଁଠି ସେ ପହଞ୍ଚୁଥିଲେ ଲୋକେ ତାଙ୍କର ଆଦର ଅଭ୍ୟର୍ଥନା କରୁଥିଲେ । ମୋ ବାପାଙ୍କ ସଙ୍ଗରେ ତାଙ୍କର ବେଶ୍ ସଦ୍‌ଭାବନା ଥିଲା । ଆମଘରେ ସେ ମାସ ମାସ ଧରି ରହି ଯାଉଥିଲେ ଓ ସେହି ସମୟରେ ମୋତେ ପଢ଼ାଉଥିଲେ । ସେତେବେଳେ ପ୍ରଚଳିତ ସାମାଜିକ ପ୍ରଥା ଅନୁଯାୟୀ ଥିଲାବାଲା ଘରର ପୁଅପିଲା ମାନେ ମଧ୍ୟ କାନ ଫୋଡ଼ାଇ ଅଳଙ୍କାର ଇତ୍ୟାଦି ଲଗାଉଥିଲେ । ଏ ବିଷୟରେ ବାପା ମୋଟେ ଅବହେଳା କରୁନଥିଲେ । ଏପର୍ଯ୍ୟନ୍ତ ମୋର କାନଫୋଡ଼ା ଚିହ୍ନ ଅଛି । ସେତେବେଳେ ମୋତେ ପଣ୍ଡିତ ଘରୋଇ ଭାବରେ ପାଠ ପଢ଼ାଉଥିଲେ । ମଝିରେ ମଝିରେ ମନ ହେଲେ ସେ ବାପାଙ୍କୁ କହି ମାସ ମାସ ଧରି ବାହାରକୁ ଚାଲିଯାଉଥିଲେ, ଓ ପୁଣି ଆମ ଘରକୁ ଆସୁଥିଲେ । ଯେତେବେଳେ ମୋତେ ପ୍ରାୟ ୭/୮ ବର୍ଷ ହୋଇଥିବ, ଓଡ଼ିଶାରେ ଓ ଓଡ଼ିଶା ବାହାରେ ଗୋପାଳ ଦାଶ ଯାତ୍ରାପାର୍ଟି ନାମଜାଦା ଥିଲା । ଥରେ କେନ୍ଦ୍ରାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡରେ ଗୋପାଳଦାଶ ପାର୍ଟିର ଯାତ୍ରା ଚାଲୁଥାଏ । ହଜାର ହଜାର ସଂଖ୍ୟାରେ ଲୋକ ଗୋପାଳ ଦାଶ ଯାତ୍ରା ଦେଖିବାକୁ ଆସିଥାନ୍ତି । ମୁଁ ପିଲାଦିନେ ଥରେ ଗୋପାଳ ଦାଶ ଯାତ୍ରା ଦେଖିବାକୁ ଯାଇଥିଲି । ସେଠାରେ ଆଉଜଣେ ବିଜ୍ଞ ବ୍ୟକ୍ତିଙ୍କୁ ଜାଣିବାକୁ ପାଇଥିଲି, ରତ୍ନାକର ପଣ୍ଡିତ ।

ସେତେବେଳର ଦୃଶ୍ୟପଟ

ମୋର ବାପା ଦଶଖଣ୍ଡ ଗ୍ରାମ ମଧ୍ୟରେ ଜଣେ ଜଣାଶୁଣା ଲୋକ ଥିଲେ । ସେ ଚାଷବାସ ଓ ବେପାରବଣିଜ କରି ଗାଁର ସାଧାରଣ ଲୋକଙ୍କଠାରୁ ଅପେକ୍ଷାକୃତ ସ୍ୱଚ୍ଛଳ ଅବସ୍ଥାରେ ଥିଲେ । ଗ୍ରାମର ପ୍ରଧାନ ବା ମୁଖିଆ ହିସାବରେ ତାଙ୍କୁ ଭଲମନ୍ଦରେ ସମସ୍ତେ ଡାକୁଥିଲେ । ସେତେବେଳେ ଆମ ଦେଶରେ ଇଂରେଜମାନଙ୍କ ରାଜତ୍ୱ ଚାଲୁଥିଲା । ପ୍ରାୟ ୫୦ ଖଣ୍ଡ ଗ୍ରାମ ମଧ୍ୟରୁ ଗୋଟିଏ ଦୁଇଟି ଗ୍ରାମରେ ସରକାରୀ ନିମ୍ନ-ପ୍ରାଥମିକ ସ୍କୁଲ ଥାଏ ; ଆମ ଦଣ୍ଡିପୁର

Digitized by srujanika@gmail.com

ଗ୍ରାମରେ ଏକ ସରକାରୀ ନିମ୍ନ ପ୍ରାଥମିକ ସ୍କୁଲ ଥିଲା । ମୋ ବାପା ପଦ୍ମନାଭ ବେହେରା ଏହାର ସମ୍ପାଦକ ହୋଇଥିଲେ । ଆମ ଗ୍ରାମର ଆଖପାଖରେ କୌଣସିଠାରେ ସରକାରୀ ଉଚ୍ଚ-ପ୍ରାଥମିକ ସ୍କୁଲ ନଥିଲା; କେବଳ ମାର୍ଶାଘାଇ ଓ ଚଢ଼େଇଗୁଆଁରେ ଉଚ୍ଚ-ପ୍ରାଥମିକ ସ୍କୁଲ ଥିଲା । ସେତେବେଳେ ଆମ ଗ୍ରାମ କୁଜଙ୍ଗ ଜମିଦାରୀ ଅଧୀନରେ ଥିଲା । ଉକ୍ତ ଜମିଦାରଙ୍କ ଘର ବଙ୍ଗଳାର ବର୍ଦ୍ଧମାନରେ ଥିବାରୁ ଏବଂ ସେ ବାହାରୁ ଆସି କୁଜଙ୍ଗରେ ଜମିଦାର ହୋଇଥିବାରୁ ଲୋକଙ୍କ ମନକୁ ଭୁଲାଇ ରଖିବା ପାଇଁ କୁଜଙ୍ଗରେ ତାଙ୍କ ବାପାଙ୍କ ନାମାନୁସାରେ କୁଜଙ୍ଗ ବନବିହାରୀ ହାଇସ୍କୁଲ ବସାଇଥିଲେ । କୁଜଙ୍ଗ ଜମିଦାରୀ ଇଲାକା ଭିତରେ ଏବଂ ଆଖପାଖ ଅଞ୍ଚଳରେ ଏହି ଗୋଟିଏ ମାତ୍ର ହାଇସ୍କୁଲ ଥିଲା । ଏହାଛଡ଼ା କେନ୍ଦ୍ରାପଡ଼ା ସବ୍‌ଡିଭିଜନ୍‌ରେ କେବଳ କେନ୍ଦ୍ରାପଡ଼ା ସହରରେ ଗୋଟିଏ ମାତ୍ର ସରକାରୀ ହାଇସ୍କୁଲ ଥିଲା । ଆମେ କୁଜଙ୍ଗ ଓ ରୋମିତ ଜମିଦାରୀ-ଭୁକ୍ତ ପ୍ରଜା ହୋଇଥିବାରୁ ଆମ ଅଞ୍ଚଳରୁ ଯେଉଁ କାଁ ଭାଁ ପିଲା ପଢ଼ିବାକୁ ବାହାରୁଥିଲେ, ସେମାନେ ସମସ୍ତେ ଯାଉଥିଲେ କୁଜଙ୍ଗ ବନବିହାରୀ ହାଇସ୍କୁଲକୁ । ସେତେବେଳେ ଶିକ୍ଷାର ଚାହିଦା ଏତେ ତଳେ ଥିଲା ଯେ, ଲୋକେ ପିଲାଙ୍କୁ ପଢ଼ାଇବା ପାଇଁ ଇଚ୍ଛା କରୁନଥିଲେ । ଦ୍ୱିତୀୟତଃ ପିଲାଙ୍କୁ ପଢ଼ାଇବାପାଇଁ ଲୋକଙ୍କ ପାଖରେ ଆବଶ୍ୟକ ଟଙ୍କାପଇସା ମଧ୍ୟ ନଥିଲା । ବେଶୀଲୋକେ ସେତେବେଳେ କୌଣସିମତେ ମୂଲମଜୁରି ଲାଗି ଗୁଜୁରାଣ ମେଣ୍ଟାଉଥିଲେ । ପୁଣି ମଜୁରୀ ସବୁଦିନେ ମିଳୁନଥିବାରୁ ବହୁ ଲୋକ ଏପରିକି ଭୋକଉପାସରେ ମଧ୍ୟ ରହୁଥିଲେ । ଶତକଡ଼ା ୯୫ ଭାଗ ଲୋକ ଗାଁ ମହାଜନଙ୍କ ଠାରୁ ଚଢ଼ାଦରରେ ସୁଧ ଦେଇ ଧାନ ଓ ଟଙ୍କା କରଜ ନେଉଥିଲେ । ଚାଷୀ ଲୋକେ ଚାଷ ଓ ମଜୁରୀରୁ ଯାହାକିଛି ପାଉଥିଲେ, ମହାଜନ ସେସବୁକୁ ଫସଲ ଅମଳ ବେଳେ ନେଇ ଯାଉଥିଲେ । ମହାଜନୀ ଋଣ ଶୁଝିବା ପାଇଁ ବହୁ ଲୋକେ ନିଜ ଜମିବାଡ଼ିକୁ ମଧ୍ୟ ଅଦରରେ ବିକ୍ରି କରିବାକୁ ବାଧ୍ୟ ହେଉଥିଲେ ଓ ସବାଶେଷକୁ ସର୍ବସ୍ୱାନ୍ତ ହୋଇପଡୁଥିଲେ । ଏହି ଉପାୟରେ ଏ ଅଞ୍ଚଳରେ ପ୍ରତ୍ୟେକ ଗ୍ରାମର ଦୁଇ ତିନିଜଣ ଲୋକଙ୍କ ସହିତ ବାହାର ମହାଜନଙ୍କ ହାତକୁ ସବୁଜମି ଚାଲି ଯାଉଥିଲା । ଲୋକମାନେ କଷ୍ଟେମଷ୍ଟେ ଜୀବନ ନିର୍ବାହ କରୁଥିଲେ । ସେତେବେଳେ ଲୋକମାନେ ଏପରି ନିର୍ଯାତିତ ଅବସ୍ଥାରେ ଥିଲେ ଯେ, ଗାଁ ମୁଖିଆଙ୍କ ପାଖରେ ଠିକ୍ ନ୍ୟାଯ୍ୟ କଥା ପଦେ କହିବାକୁ ସାହାସ କରୁନଥିଲେ । ଯେଉଁ ଅଳ୍ପ କେଇଜଣ ଗ୍ରାମର ମୁଖ୍ୟବ୍ୟକ୍ତି ରୂପେ ଗଣତି ହେଉଥିଲେ, ସେମାନେ ଲୋକଙ୍କୁ ଶୋଷଣ କରିବା ସହିତ ନିଜର ପ୍ରତିପତ୍ତି ଜାହିର୍ କରୁଥିଲେ । ସେମାନେ କାଉର ଚାରିଟା ଗୋଡ଼ କହିଲେ ବି ସାଧାରଣ ଲୋକେ ସେହି କଥାକୁ ପ୍ରଭୁଙ୍କ ଆଜ୍ଞା ବୋଲି ମାନିନେଉଥିଲେ । ଏହି ଗାଁ ମୁଖିଆମାନେ ଥିଲେ ସେତେବେଳର ଇଂରେଜ ଶାସନର ପୃଷ୍ଠପୋଷକ ।

ହଇଜା ଠାକୁରାଣୀ

ସେ ସମୟରେ ସାମାଜିକ ଅବସ୍ଥା ଏପରି ସବୁ କୁସଂସ୍କାରରେ ଆଚ୍ଛନ୍ନ ଥିଲା ଯେ, ଜଣେ ହେଲେ କେହି ତହିଁର ଅବଜ୍ଞା କି ପ୍ରତିବାଦ କରୁନଥିଲା । ଉଦାହରଣ ସ୍ୱରୂପ, ମୋର ମନେ ଅଛି, ମୋତେ ଯେତେବେଳେ ୮/୧୦ ବର୍ଷ ହୋଇଥିଲା, ସେତେବେଳେ ଆମ

Digitized by srujanika@gmail.com

ଗ୍ରାମରେ ହଇଜା ଲାଗିଲା । ହଇଜାରେ ଗ୍ରାମର ବହୁତ ଲୋକ ଆକ୍ରାନ୍ତ ହୋଇପଡ଼ନ୍ତି ଓ ବହୁତ ରୋଗୀ ମଧ୍ୟ ମରିଯାଆନ୍ତି । କାଁ ଭାଁ ରୋଗୀ ବଞ୍ଚି ଯା'ନ୍ତି । ଗାଁରେ ତାଟି କବାଟ ପଡ଼ିଯାଏ । ଲୋକମାନେ ଭୟରେ ଆତଙ୍କିତ ଅବସ୍ଥାରେ ଥାନ୍ତି । ସନ୍ଧ୍ୟା ହେଲେ କବାଟ ଦେଇ ଘରେ ରୁହନ୍ତି । ଲୋକମାନେ ଭାବନ୍ତି, ଗ୍ରାମ ଦେବତୀ ରାଗିଯାଇ ଏସବୁ କରୁଛି, ତେଣୁ ତାଙ୍କୁ ଶାନ୍ତି କରିବା ପାଇଁ ଠାକୁରାଣୀଙ୍କ ପାଖରେ ମାର୍ଜନା କରନ୍ତି । ଆଉ ମଧ ଗ୍ରାମରେ ଜଣେ ଦୁଇଜଣ ଲୋକଙ୍କୁ କାଳିସି ଲାଗେ, ସେମାନେ ମୁଣ୍ଡରେ ସିନ୍ଦୁର ମାରି, ବେତ ଖଣ୍ଡେଖଣ୍ଡେ ଧରି ଗାଁ ଦାଣ୍ଡରେ ଚାଲନ୍ତି ଓ ସଂକୀର୍ତ୍ତନ ଦଳ ତାଙ୍କ ପଛରେ କୀର୍ତ୍ତନ କରି ଚାଲନ୍ତି । କାଳିଶି ଲାଗିଥିବା ଲୋକଙ୍କୁ ଝୁଣା ଦିଆଯାଏ । ସେ ଝୁଣା ଧୂଆଁ ପିଇଯାଏ । ଗ୍ରାମର ଶେଷ ମୁଣ୍ଡରେ ହଇଜା କରାଉଥିବା ଠାକୁରାଣୀକୁ ପଣା ଦେଇ ସନ୍ତୋଷ କରାଇ ଅନ୍ୟ ଗ୍ରାମକୁ ତଡ଼ିଦେଇ ଆସିଲା ପରେ କାଳିସି ଅଚେତ ହୋଇପଡ଼େ, ଦାନ୍ତ ଯାବ ପଡ଼ିଯାଏ, ତାକୁ ଶେଷରେ ପାଣି ଛିଞ୍ଚି ସାଷ୍ଟାମ କରାଯାଏ । ମୁଁ ମଧ ସେମାନଙ୍କ ଦଳରେ କେତେଥର ଯାଇଛି । ଯେଉଁମାନେ ଟିକେ ସାହାସୀ ଲୋକ, ସେହିମାନେ ହିଁ ଏହି ଦଳରେ ଯୋଗ ଦେଇଥାଆନ୍ତି । ଗ୍ରାମର ଅନ୍ୟମାନେ କବାଟ କିଳି ଘରେ ରହିଥାନ୍ତି । ହଇଜା ଲାଗିଲେ ଗ୍ରାମର କେତେକେତେ ଲୋକ ମରିଯାଆନ୍ତି ; ଏପରିକି ଗୋଟିଏ ପରିବାରରୁ ୩/୪ ଜଣ ମରିଯିବାର ଦେଖାଯାଇଛି । କିଛିଦିନ ହଇଜା ଲାଗିବା ପରେ କ୍ରମେକ୍ରମେ କମିଯାଏ । କିନ୍ତୁ ଖୁବ୍ କମ୍ ରୋଗୀ ବଞ୍ଚିଯିବାର ଦେଖାଯାଇଥାଏ । ଏହା କେବଳ ଆମ ଗୋଟିଏ ଗ୍ରାମର କଥା ନୁହେଁ । ଶହଶହ ଗ୍ରାମରେ ଏହିପରି ହଇଜାର ପ୍ରକୋପ ଦେଖିବାକୁ ମିଳୁଥିଲା । ଥରେ ଗ୍ରାମରେ ହଇଜା ଠାକୁରାଣୀ ପଶିଲା ମାତ୍ରକେ କିଛି ନା କିଛି ଲୋକ ନିଶ୍ଚୟ ମରିବେ । ଗ୍ରାମର ଶତକଡ଼ା ଶହେ ଲୋକ ହଇଜାକୁ ଠାକୁରାଣି ବୋଲି ବିଶ୍ୱାସ କରୁଥାନ୍ତି । ଯଦି କେହି କହେ ଅସ୍ୱାସ୍ଥ୍ୟ କାରଣରୁ ହଇଜା ହେଉଛି, ସେ ଠାକୁରାଣୀଙ୍କୁ ଅବମାନନା କରୁଛି ବୋଲି କହି ତାକୁ ସମସ୍ତେ ଦବେଇ ଦିଅନ୍ତି ; ଆଉ ମଧ କୁହନ୍ତି, ତୁ ଏପରି କହିବା ଦ୍ୱାରା ମା' ଠାକୁରାଣୀ ଆହୁରି ରାଗିଯାଇ ଅଧିକ କ୍ଷତି କରିବେ । ଏହିଭଳି କହି ଲୋକେ ତା ମନରେ ଭୟ ସୃଷ୍ଟି କରାନ୍ତି । ସେ ବିଚରା ହଇଜା ବିଷୟରେ ଦୃଢନିଶ୍ଚୟ ନଥିବାରୁ ବାଧ୍ୟହୋଇ ଠାକୁରାଣୀଙ୍କ ପାଖରେ ପଣା ଇତ୍ୟାଦି ଯାଚି ମାର୍ଜନା କରିଥାଏ । ଠାକୁରାଣୀଙ୍କୁ ଶାନ୍ତ କରିବାପାଇଁ ସମସ୍ତ ପ୍ରକାର ଚେଷ୍ଟା ହେଉଥାଏ । କିନ୍ତୁ ଏସବୁ ସତ୍ତ୍ୱେ ହଇଜା ଠାକୁରାଣୀ ଛାଡ଼ି ଯା'ନ୍ତିନି । ସେତେବେଳେ ଏ ଅଞ୍ଚଳରେ କେବଳ ମାର୍ଶାଘାଇରେ ଗୋଟିଏ ମାତ୍ର ଡାକ୍ତରଖାନା ଥିଲା, ଯେଉଁଠି ପୁଣି ନାଲି ପାଣି ଛଡ଼ା ଅନ୍ୟ କୌଣସି ଔଷଧପତ୍ର ମିଳୁନଥିଲା । ତେଣୁ ରୋଗଧରିଲେ ଲୋକମାନେ ଗ୍ରାମର ଟୁଣୁକାଟୁଣିକି ଜାଣିଥିବା ଲୋକଙ୍କଠାରୁ ଚେରମୂଳିକା ଇତ୍ୟାଦି ଔଷଧ ଖାଇଥାନ୍ତି । ସ୍ୱଚ୍ଛଳ ଲୋକେ କେବଳ ସାଂଘାତିକ ରୋଗରେ ପଡି କଟକ ଯାଇଥାନ୍ତି, ତାହା ପୁଣି କ୍ୱଚିତ୍ । ସେ ସମୟର ଗ୍ରାମ-ଅବସ୍ଥା ବର୍ଣ୍ଣନା କଲେ ଏ ଯୁଗର ପିଲାଙ୍କୁ ଆଶ୍ଚର୍ଯ୍ୟ ଲାଗିବା ସଂଗେସଂଗେ ସେମାନେ ତାକୁ ନର୍କର ଅବସ୍ଥା ସଂଗେ ତୁଳନା କରିବେ । ଆମ ଗ୍ରାମ ଭଳି ସବୁ ଗ୍ରାମର ଅବସ୍ଥା ଉଣାଅଧିକେ ଏହିଭଳି ଥିଲା ।

Digitized by srujanika@gmail.com

ସେତେବେଳେ ଗାଁର ଅବସ୍ଥା

ଆମ ଗ୍ରାମ ତିନି ପାଖ ଗୋବରୀ ନଦୀର ଘେରରେ ଅବସ୍ଥିତ । ଗୋଟିଏ ଉପଦ୍ୱୀପ ପରି । କେବଳ ଗୋଟିଏ ପାଖ ସ୍ଥଳଭାଗ, ଯାହାକି ମାର୍ଶାଘାଇ ଓ କେନ୍ଦ୍ରାପଡ଼ାକୁ ଯିବା ଆସିବାର ପଥ । ସେତେବେଳେ ତ ସାଇକେଲ୍ ନଥିଲା । କେବଳ ଗାଁ ବିଲ ଭିତରେ ହିଡ଼ରାସ୍ତା ଦେଇ ଯେ କୌଣସି ଜାଗାକୁ ଚାଲିକରି ଯିବାକୁ ହୁଏ । ଖରାଦିନେ ଟିକେ ସୁବିଧା । ବର୍ଷାଦିନ ହେଲେ ଘରୁ ବାହାରିଲା ମାତ୍ରକେ ଦାଣ୍ଡ ଦୁଆରବନ୍ଧ ଠାରୁ ଆଣ୍ଠୁଏ କାଦୁଅ ଆରମ୍ଭ ହୋଇଯାଏ । ରାତି ଓ ଦିନରେ ମଧ୍ୟ ଲୋକେ ଦାଣ୍ଡ ପିଣ୍ଡାରେ ପରିସ୍ରା କରିଥାନ୍ତି । ବର୍ଷାଦିନେ ଗାଁ ଭିତରେ ଯିବାକୁ ହେଲେ ପିଣ୍ଡାକୁ ପିଣ୍ଡା ଡେଇଁକରି ଯିବାକୁ ପଡ଼େ । ଲୋକମାନେ ଏହି ଢଙ୍ଗରେ ଏପରି ଅଭ୍ୟସ୍ତ ହୋଇଯାଇଥାନ୍ତି ଯେ, ଏହାର ବିକଳ୍ପ ବିଷୟରେ କେବେ କେହି ଚିନ୍ତା କରନ୍ତି ନାହିଁ । ଏ ପ୍ରକାର କଦର୍ଯ୍ୟ ଅବସ୍ଥାକୁ ସୁଧାରିବା ବିଷୟରେ ନ ଭାବି ନିଜେ କେମିତି ଭଲରେ ରହିବେ ସେଇ ଚିନ୍ତାରେ ସବୁବେଳେ ରହିଥାନ୍ତି । ପାଣିର ଅବସ୍ଥା ତଦ୍ରୂପ । ଗ୍ରାମରେ ୩/ ୪ଟି ଗଡ଼ିଆ ଥିଲେ ବି ସଦାବେଳେ ସେଗୁଡିକ ଦଳପୂର୍ଣ୍ଣ । ସେଗୁଡିକରେ ମଧ୍ୟ ଗାଧୋଇବା ଓ ବାସନ ମାଜିବା ଇତ୍ୟାଦି କାମ କରାହୁଏ । ପିଇବା ପାଇଁ ନଦୀ ପାଣି ବ୍ୟବହାର କରାଯାଏ, ଏବଂ ଏହି କାରଣରୁ ହଇଜା ବା ଅନ୍ୟାନ୍ୟ ରୋଗ ବ୍ୟାପେ । ଏପ୍ରକାର ପରିସ୍ଥିତିର ଯେ ବିକଳ୍ପ ଥାଇପାରେ, ତାହା ଲୋକଙ୍କ ଚିନ୍ତା ବାହାରେ ଥିଲା । ପ୍ରତି ଗ୍ରାମରେ ଜାତିଆଣ ବ୍ୟବସ୍ଥା ଏତେ ଦୃଢ ଥିଲା ଯେ, ମଳିକ ଇତ୍ୟାଦି ଅସ୍ପୃଶ୍ୟ ଜାତିକୁ କେହି ଭୁଲ୍ ବଶତଃ ଛୁଇଁଦେଲେ, ତାକୁ ସଂଗେସଂଗେ ଜାତିର ବ୍ୟବସ୍ଥାପକମାନେ ଗାଧୋଇ ଦେବା, ଏପରିକି ଗୋବରପାଣି ପିଆଇବା ପର୍ଯ୍ୟନ୍ତ ପ୍ରାୟଶ୍ଚିତ କରାଇଥାନ୍ତି । ସେ ଯଦି ଛୁଇଁବାଠାରୁ ଅଧିକ କିଛି ଗୁରୁତର ଦୋଷ କରିଛି ବୋଲି ଜଣାଯିବ, ସେ ସ୍ଥଳରେ ସେ ବଳଦେବଜୀଉଙ୍କ ପାଖରେ ଭୋଗରାଗ ଇତ୍ୟାଦି କଲା ପରେ ଜାତିଭାଇଙ୍କୁ ଖୁଆଇବାର ବ୍ୟବସ୍ଥା କରାଇବ ; ତେବେ ଯାଇ ଛୁଆଁପାପରୁ ତାକୁ ମୁକ୍ତି ମିଳିବ । ସବୁ ଉଚ୍ଚଜାତିର ଲୋକେ ଏହିପରିକା ବ୍ୟବସ୍ଥା ଚଳେଇ ରଖିଥିଲେ । ଯଦି କୌଣସି ଲୋକ ଏତେସବୁ ପ୍ରାୟଶ୍ଚିତ କରିବା ପାଇଁ ସମର୍ଥ ହେଉନଥିଲା, ତେବେ ତାକୁ ନିଜ ଜାତିରୁ ଏକଘରକିଆ କରି ହଇରାଣ ହରକତ କରାଯାଉଥିଲା । ଶେଷକୁ ସେ ଜାତିଭାଇଙ୍କ ସାଙ୍ଗରେ ମିଶିବା ସକାଶେ ବାଧ୍ୟହୋଇ ଜମିବାଡ଼ି ବିକ୍ରିକରି ଆବଶ୍ୟକ ବିଧିବ୍ୟବସ୍ଥା କରୁଥିଲା । ପ୍ରତି ଉଚ୍ଚଜାତିଙ୍କ ମଧ୍ୟରେ ଦୁଇଜଣଙ୍କୁ ମୁଖ୍ୟ ବା ମାଳିକ ଭାଇ ବୋଲି କୁହାଯାଉଥିଲା । ସେମାନେ ଅନ୍ୟ ଭାଇମାନଙ୍କ ଠାରୁ ଅଧିକ ସମ୍ମାନ ପାଆନ୍ତି । ଜାତିଭାଇ ମଧ୍ୟରେ କାହାର ବାହାଘର ହେଲେ କିମ୍ବା କେହି ମରିଗଲେ, ସମସ୍ତ ଜାତିଭାଇମାନଙ୍କୁ ସଭାକୁ ଡକାଯାଏ । ମାଳିକ ଭାଇ ଓ ଅନ୍ୟାନ୍ୟ ଭାଇମାନେ ତାଙ୍କର ଚଳିଆସୁଥିବା ବିଧି ଅନୁସାରେ ଖାଦ୍ୟପେୟର ବରାଦ୍ କରିଥାନ୍ତି । ଏପରି ପ୍ରଥା ଥିଲା ଯେ, କଣଙ୍କର ପୁଅ ବାହାଘର ହେଲେ, ସେ ଜାତିଭାଇଙ୍କୁ ଅତି କମ୍‌ରେ ୩ ବକ୍ତ ଖାଇବାକୁ ଦେବାକୁ ବାଧ୍ୟ । ଏପରି ଦେଖାଯାଇଛି ଯେ, ବହୁ ଲୋକ ଏଥିପାଇଁ ଜମିବାଡ଼ି ବିକ୍ରିକରି ସର୍ବସ୍ୱାନ୍ତ ହୋଇଛନ୍ତି । ସେତେବେଳେ ଅବଶ୍ୟ ଯୌତୁକ ପାଇଁ ଦାବୀ

Digitized by srujanika@gmail.com

ଇତ୍ୟାଦି ନଥିଲା । ବରଂ ବାହାଘରର ପୂର୍ବରୁ ପୁଅବାଲା ବୋହୂଘରକୁ ତା'ର ନିମିତ୍ତ ପାଇଁ ପରିବା ଭାର ଇତ୍ୟାଦି ପଠାଉଥିଲା । କିନ୍ତୁ ଗୋଟିଏ ପରିବାରର କେହି ବ୍ୟକ୍ତି ମଲେ, ସେହି ପରିବାର ବ୍ରାହ୍ମଣ ଭୋଜନ ଦେବାକୁ ବାଧ । ବ୍ରାହ୍ମଣମାନେ ଜଳଖିଆ ଖାଇବା ବେଳେ ଡବଲ୍ ପତ୍ର ପକାଇଥାନ୍ତି । ସେ ନିଜେ ଗୋଟିଏ ପତ୍ରରେ ଖାଆନ୍ତି, ଆଉ ଗୋଟିଏ ପତ୍ରରେ ଖାଇବା ଜିନିଷ ତାଙ୍କ ଘରକୁ ବାନ୍ଧି ନିଅନ୍ତି । ପୁଣି ସେମାନେ ଦକ୍ଷିଣା ମଧ୍ୟ ନିଅନ୍ତି, ସ୍ଥଳ ବିଶେଷରେ ଚାରିଅଣାଠାରୁ ଏକ ଟଙ୍କା ପର୍ଯ୍ୟନ୍ତ । ଏବେ ମଧ ସେ ବ୍ୟବସ୍ଥା ରକ୍ଷଣଶୀଳ ଧନୀ ପରିବାରମାନଙ୍କରେ ଦେଖାଯାଉଛି ।

ଛତରଖିଆ ଜାତିର ସୃଷ୍ଟି

ସେତେବେଳେ ଜାତିଆଣ ବ୍ୟବସ୍ଥା ଦୃଢ ଥିବାର ଆଉ ଏକ ଉଦାହରଣ ହେଲା- ଛତରଖିଆ ଜାତି । ମୁଁ ଶୁଣିଛି, ୧୮୬୬ ମସିହାରେ ଆମ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । ସେତେବେଳେ ଖାଇବାପିଇବା ବିନା ବହୁ ଲୋକ ମରିଗଲେ । ସେହି ସୁଯୋଗର ସୁବିଧା ନେଇ ଇଂରେଜ ସରକାର ଓଡ଼ିଶାର କେତେକ ଅଞ୍ଚଳରେ କେନାଲ ଖୋଳେଇବାର ବ୍ୟବସ୍ଥା କଲେ । ଆମ ଅଞ୍ଚଳରେ ସେହି ସମୟରେ ଜମ୍ବୁ କେନାଲ ଖୋଳା ହେଲା । ଲୋକଙ୍କୁ ଅନ୍ନଛତ୍ରରେ ଖାଇବାକୁ ଦେଇ ସେମାନଙ୍କୁ ବଞ୍ଚାଇବା ସଂଗେସଂଗେ କେନାଲ ଖୋଳା କାମ ଚାଲିଲା । କେବଳ ଅନ୍ନଛତ୍ରରେ ଖାଇବାକୁ ଦେଇ କେନାଲ ଖୋଳାକାମ କରା ଯାଉଥିଲା । କେନାଲ ଖୋଳା ହେଉଥିବା ଅଞ୍ଚଳରେ କିଛି ଗ୍ରାମର କେତେକ ଲୋକ ଜୀବନରକ୍ଷା ପାଇଁ ଅନ୍ନଛତ୍ରରେ ପହଞ୍ଚି କେନାଲ ଖୋଳା କାମ କରୁଥିଲେ । କିନ୍ତୁ ପ୍ରତ୍ୟେକ ଜାତିରେ ଜାତିଭାଇଙ୍କର ଏପରି କଡ଼ା ବିଧାନ ଥିଲା ଯେ, ଯେଉଁମାନେ ଅନ୍ନଛତ୍ରରେ ଖାଇବେ, ସେମାନେ ଜାତିଭାଇରୁ ବାହାରିଯିବେ । ଯେଉଁମାନେ ଜୀବନରକ୍ଷା ପାଇଁ କେନାଲ ଖୋଳାରେ ଯୋଗଦେଇଥିଲେ, ସେମାନେ ସବୁଦିନ ପାଇଁ ଛତରଖିଆ ବୋଲି ଏକ ଇତର ଜାତିରେ ପରିଣତ ହୋଇଗଲେ । ସେମାନଙ୍କୁ ମଧ ଅସ୍ପୃଶ୍ୟ ଜାତି ରୂପେ ଗଣାଗଲା । ଏହା ଫଳରେ ପ୍ରତ୍ୟେକ ଉଚ୍ଚଜାତି ଭିତରୁ କିଛି ଲୋକଙ୍କୁ ନେଇ ଛତରଖିଆ ବୋଲି ଏକ ସ୍ୱତନ୍ତ୍ର ଜାତି ସୃଷ୍ଟି ହେଲା । ସେମାନଙ୍କୁ ସେମାନଙ୍କ ମୂଳଜାତି ମଧରୁ ସବୁଦିନ ପାଇଁ ବାଦ୍ କରି ଦିଆଗଲା । ତେଣୁ ସେହି ଛତରଖିଆ ଜାତିର ଲୋକେ ନିଜଭିତରେ ବାହାଘର ଇତ୍ୟାଦି ସଂପର୍କ ବାନ୍ଧୁଥିଲେ । ଦେଶ ସ୍ୱାଧୀନ ହେବା ପରେ କିପରି ଏହି ଘୃଣ୍ୟ ପ୍ରଥା ବିରୁଦ୍ଧରେ ଆମ ଅଞ୍ଚଳରେ ଲଢ଼େଇକରି ଏହାକୁ ଉଠାଇ ଦିଆଗଲା, ତାହାର ବିସ୍ତୃତ ବିବରଣୀ ପରେ ଦିଆଯିବ ।

ଗାଁ ମୁଖିଆଙ୍କ ଦଲାଲି

ସାଧାରଣ ଲୋକେ ଏତେ ଅଜ୍ଞ ଥିଲେ ଯେ, ଗ୍ରାମର ମୁଖ୍ୟମାନଙ୍କ କଥାରେ ସବୁବେଳେ ପରିଚାଳିତ ହେଉଥିଲେ । ଏପରିକି ଘର ପାଇଁ ହାଟରୁ ଲୁଗାପଟା କିଣିବାକୁ ପଡିଲେ ସେମାନେ ଗ୍ରାମର ଏହି ମୁଖ୍ୟମାନଙ୍କୁ ଡାକିନେଇ ପାଟରାମାନଙ୍କଠାରୁ ମୁଖ୍ୟମାନଙ୍କ ଜରିଆରେ

Digitized by srujanika@gmail.com

ଲୁଗା କିଣୁଥିଲେ । ପାଟରାମାନଙ୍କ ସହିତ ଗ୍ରାମମୁଖ୍ୟ ମାନଙ୍କର ସଲାସୂତୁରା ଆଗରୁ ଥାଏ । ଲୁଗାର ଦରଦାମ୍ ସମ୍ବନ୍ଧରେ ପାଟରା ଓ ମୁଖ୍ୟମାନଙ୍କ ଭିତରେ ଠାର ଯୋଗେ କଥାବାର୍ତ୍ତା ହୁଏ, ଯାହା ଫଳରେ କି ଲୁଗା କିଣିଲାବାଲା କିଛି ବୁଝିପାରେ ନାହିଁ । ଲୁଗା କିଣା ସରିଲେ କିଣିବାବାଲା ହାଟକୁ ଅନ୍ୟ ସଉଦା କରିବାକୁ ଚାଲିଗଲେ, ଦଲାଲି କରୁଥିବା ମୁଖ୍ୟ ଲୋକ ପାଟରାଠାରୁ ତା'ର ପଣି ହିସାବରେ କିଛି ପଇସା ଆଦାୟ କରି ନେଉଥିଲା । ବେଳେବେଳେ ସେହି ପଣିପଇସା ବଦଳରେ ସେ ମାଗଣାରେ ଲୁଗା ଆଣୁଥିଲା । ସପ୍ତାହରେ ୨ଥର ହାଟ ବସେ । ପ୍ରତ୍ୟେକ ପାଳିରେ ମୁଖ୍ୟମାନେ ଲୋକଙ୍କ ସହିତ ହାଟକୁ ଯାଆନ୍ତି ଓ ପ୍ରତ୍ୟେକ ହାଟପାଳିରେ ଏମିତି ଦଲାଲି କରି କିଛି ପଇସା ରୋଜଗାର କରିଥାନ୍ତି । ଏତିକି ନୁହେଁ, ପ୍ରତ୍ୟେକ ବାହାରିଆ କାର୍ଯ୍ୟରେ ଏହି ମୁଖ୍ୟମାନେ ସାଧାରଣ ଲୋକଙ୍କଠାରୁ ଅପ୍ରତ୍ୟକ୍ଷ ଭାବରେ ଏହିପରି ରୋଜଗାର କରିଥାନ୍ତି, କିନ୍ତୁ ଲୋକମାନେ ଆଦୌ ତାହା ଜାଣିପାରନ୍ତି ନାହିଁ ବରଂ ମୁଖ୍ୟମାନେ ଆମର ଉପକାର କରୁଛନ୍ତି ବୋଲି ଲୋକେ ନିଜକୁ କୃତାର୍ଥ ମନେ କରନ୍ତି ।

ଜମିଦାରୀ ପାଇଁ ଖଜଣା ଆଦାୟ

ସେତେବେଳେ ଜମିଦାରର ଲୋକ ଖଜଣା ଆଦାୟ କରିବାକୁ ଗ୍ରାମକୁ ଆସନ୍ତି । ଗୋଟିଏ ଗ୍ରାମରେ ଖଜଣା ଆଦାୟ ପାଇଁ ୮ ଦିନରୁ ୧୫ ଦିନ ପର୍ଯ୍ୟନ୍ତ ସେମାନେ ରୁହନ୍ତି, ସବୁ ଖଜଣା ଆଦାୟ ସରିବା ପର୍ଯ୍ୟନ୍ତ । ଗ୍ରାମର ସାଧାରଣ ବୈଠକଖାନା କିମ୍ବା ସ୍କୁଲମାନଙ୍କରେ ଯଦି ରହିବାର ସୁବିଧା ନଥାଏ, ତେବେ କୌଣସି ବ୍ୟକ୍ତିର ବାହାରିଆ ଘରେ କଚେରି କରନ୍ତି । ସେମାନେ ଗ୍ରାମର ମୁଖ୍ୟମାନଙ୍କୁ ଧରି ଏସବୁ ବ୍ୟବସ୍ଥା କରି ନେଇଥାନ୍ତି । ପୁଣି ମୁଖ୍ୟମାନଙ୍କ ଉପସ୍ଥିତିରେ ସାଧାରଣ ପ୍ରଜାଙ୍କଠାରୁ ଖଜଣା ଆଦାୟ କରିବାରେ ତହସଲଦାର୍‌ଙ୍କର କିଛି ଅସୁବିଧା ହୁଏ ନାହିଁ । ଖଜଣା-ଅସୁଲ୍‌କାରୀ କର୍ମଚାରୀମାନଙ୍କୁ ଗ୍ରାମଲୋକମାନେ ନିଜଭିତରେ ପାଳି କରି ସିଧାସଳଖ ଖାଇବା ଜିନିଷପତ୍ର ଦେଇଆସନ୍ତି । ପ୍ରତ୍ୟେକ ଚାଷୀଙ୍କଠାରୁ ସେମାନେ ଖଜଣା ଆଦାୟ କଲାବେଳେ ପ୍ରତି ୧ ଟଙ୍କାରେ ୨ ଅଣାରୁ ଚାରିଅଣା ପର୍ଯ୍ୟନ୍ତ ଅତିରିକ୍ତ ପାଉଣା ଆଦାୟ କରନ୍ତି । ମୁଖ୍ୟମାନଙ୍କର ଏଥିରେ ମଧ ଭାଗଥାଏ, ଯାହାକି ସାଧାରଣ ଲୋକ ଜାଣିପାରନ୍ତି ନାହିଁ । ଜାଣିଲେ ମଧ କିଛି କହିପାରନ୍ତି ନାହିଁ । ଏହିପରି ଭାବରେ ପ୍ରତି ଗ୍ରାମରୁ ଖଜଣାଆଦାୟ ବେଶ୍ ସୁରୁଖୁରୁରେ ସମ୍ପାଦିତ ହୋଇଥାଏ । ଯେଉଁମାନଙ୍କର ଖଜଣା ଦେବାକୁ ପଇସାପତ୍ର ନଥାଏ, ସେମାନେ ନିଜେ ଖାଇବାକୁ ରଖିଥିବା ଧାନଗଣ୍ଡାକ ମଧ ଅଦରଦରରେ ବିକ୍ରି କରନ୍ତି । ଆଉ ଯାହାଙ୍କର ଏତକ ମଧ ନଥାଏ, ସେ ଶେଷକୁ କଂସାବାସନ ବନ୍ଧକ ପକାଇ ଖଜଣା ଦିଅନ୍ତି । ଗୋଟିଏ ଗ୍ରାମରୁ ଖଜଣା ଆଦାୟ ସରିଲେ ଶେଷ ଦିନ ତହସିଲ୍‌ଦାର ଏହି ମୁଖ୍ୟମାନଙ୍କୁ ଡାକି ଭଲ ଗୋଟିଏ ଭୋଜି କରି ଖାଇବାକୁ ଦିଅନ୍ତି । ଏହିସବୁ ଦୃଷ୍ଟିରୁ ଗ୍ରାମମୁଖ୍ୟମାନେ ଜମିଦାରଙ୍କର ବିଶିଷ୍ଟ ପ୍ରଜା ବୋଲି ଜମିଦାରଙ୍କ ପାଖରେ ସେମାନଙ୍କର ସୁଖ୍ୟାତି ଥାଏ । ଜମିଦାରଙ୍କର ଜମିଦାରୀରେ ଯେପରି କୌଣସି ଗଣ୍ଡଗୋଳ ନ ହେବ, ସେଥିପାଇଁ ଜମିଦାର ରୋମିତ ଓ

Digitized by srujanika@gmail.com

କୁଜଙ୍ଗ ଅଞ୍ଚଳରେ କେତେକ ମୁଖ୍ୟ ଲୋକଙ୍କୁ ବଳିଆରସିଂହ, ଉତ୍ତରକବାଟ ଓ ବଳବନ୍ତରାୟ ଭଳି ଅନେକ ଉପାଧିରେ ଭୂଷିତ କରିଥିଲେ । ସେହିମାନେ ଦ୍ୱିତୀୟ ଜମିଦାର ବୋଲି ଲୋକଙ୍କ ପାଖରେ ପ୍ରତିଷ୍ଠା ପାଉଥିଲେ । ଜମିଦାରୀ ଅଞ୍ଚଳରେ ଥିବା ଅନାବାଦୀ ପତିତ ଜମିକୁ ମୁଖ୍ୟମାନେ ନିଜର ସୁବିଧା ଦୃଷ୍ଟିରୁ ଜମିଦାରଠାରୁ ପଟା କରି ନେଇଯାଉଥିଲେ । ବାପା ଏମାନଙ୍କ ମଧ୍ୟରେ ଜଣେ ଥିଲେ ମଧ୍ୟ ସେ ଏକାକୀ ଏପରି କାର୍ଯ୍ୟ କରୁନଥିଲେ; କିନ୍ତୁ ସେ ଅନ୍ୟ କେତେକ ଲୋକଙ୍କୁ ସାମିଲ୍ କରି ଜମିଦାରଙ୍କଠାରୁ କିଛି ଅନାବାଦୀ ଜମି ପଟା କରି ନେଇଥିଲେ । ଅନ୍ୟାନ୍ୟ କାର୍ଯ୍ୟରେ ବାପା ବ୍ୟକ୍ତିଗତ ଭାବରେ ଲୋକମାନଙ୍କଠାରୁ ଫାଇଦା ଉଠାଉଥିଲେ । ସେତେବେଳେ ମାମଲତକାରମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥକୁ କେନ୍ଦ୍ର କରି ଗାଁରେ ଦୁଇତିନି ଫାଙ୍କ ସୃଷ୍ଟି ହୋଇଯାଉଥିଲା । ଗାଁ ଲୋକେ ମଧ୍ୟ ନିଜନିଜ ସୁବିଧା ଦୃଷ୍ଟିରୁ କିଏ କେଉଁ ମାମଲତକାରଙ୍କ ପକ୍ଷନେଇ ଦୁଇତିନି ଫାଙ୍କରେ ବିଭକ୍ତ ହୋଇ ରହୁଥିଲେ । କୁଜଙ୍ଗ ଜମିଦାର ପ୍ରଜାମାନଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଖଜଣା ଅସୁଲ କରୁଥିଲେ ମଧ୍ୟ କେବଳ ବନବିହାରୀ ହାଇସ୍କୁଲ ବ୍ୟତୀତ ନିଜ ଜମିଦାରୀ ଇଲାକାରେ ଆଉକିଛି ଆଖିଦୃଶିଆ କାମ କରିନଥିଲେ । ଏକଥା ମଧ୍ୟ ପ୍ରଜାମାନେ ଜାଣି ନଥିଲେ ଯେ, ସେମାନଙ୍କଠାରୁ ଆଦାୟ ହେଉଥିବା ଖଜଣାର କିଛି ଅଂଶକୁ ପ୍ରଜାମାନଙ୍କ ମଙ୍ଗଳ ପାଇଁ ତଥା ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟ କରିବା ଦିଗରେ ବ୍ୟୟ କରିବା ହେଉଛି ଜମିଦାରଙ୍କ କର୍ତ୍ତବ୍ୟ । ରାଜନୀତି ବିଷୟରେ ଲୋକମାନେ ପୁରା ଅଜ୍ଞ ଥିଲେ । କୌଣସି କାରଣରୁ ଗାଁକୁ ପୁଲିସ୍ ଆସିଲେ ଲୋକମାନେ ଛାନିଆରେ ଘରେ ପଶୁଥିଲେ । କେହି ଲୋକ ଖଜଣା ନ ଦେଇଥିଲେ ଜମିଦାରଙ୍କ ପିଅନ ଆସି ପ୍ରଜାମାନଙ୍କୁ ଧରିନେଇ କଛାକୁକଛା ବାନ୍ଧି ଖରାରେ ଠିଆ କରାଇ ନିର୍ଯ୍ୟାତନା ଦେଉଥିଲେ, ବେଳେବେଳେ ମାଡ଼ ମଧ୍ୟ ଦେଉଥିଲେ । ଗ୍ରାମର ମାମଲତ୍କାରମାନଙ୍କ ସହାୟତାରେ ଲୋକଙ୍କ ଉପରେ ଏସବୁ ନିର୍ଯ୍ୟାତନା କରାଯାଉଥିଲା ।

ମାମଲତ୍କାରମାନଙ୍କ ଦୌରାତ୍ମ୍ୟ

ମାମଲତ୍କାର ମାନଙ୍କୁ ଗ୍ରାମର କେହି ଲୋକ ନ ମାନିଲେ, ସେମାନଙ୍କ ଇଙ୍ଗିତରେ ସେହି ଲୋକକୁ ନିକଟସ୍ଥ କଚେରିକୁ ଡାକିନେଇ ତାକୁ ନମାନିବାର ପରାଭବ ଦେଉଥିଲେ । ଏହି ପରାଭବ ଭୟରେ ମାମଲତକାରଙ୍କ ବିରୁଦ୍ଧରେ କେହି ସ୍ୱର ଉତ୍ତୋଳନ କରି ପାରୁନଥିଲେ, ଏବଂ ଡରିହରି ଚୁପ୍ ହୋଇ ରହିଯାଉଥିଲେ । ଛୋଟ ଜାତି, ବଡ଼ ଜାତି, ଧନୀ, ଗରିବ ଇତ୍ୟାଦି ଏସବୁ ଭଗବାନ କରିଛନ୍ତି ବୋଲି ଗ୍ରାମର ମୁଖ୍ୟମାନେ ସାଧାରଣ ଲୋକଙ୍କୁ କହୁଥିଲେ । ଲୋକେ ମଧ୍ୟ ଏହିକଥାକୁ ନିର୍ବିଚାରରେ ଗ୍ରହଣ କରୁଥିଲେ; ଠିକ୍ ସେହି କାରଣରୁ ହିଁ ଛୁଆଁଛୁତି ଉଠିଯିବା କଥା କେହି କେବେ ମୁଣ୍ଡରେ ପୂରାଉନଥିଲେ । ଗ୍ରାମର ଏହି ମାମଲତକାରମାନଙ୍କର ପ୍ରଧାନ ଆୟୁଧ ଥିଲା ଧୋବା ଓ ଭଣ୍ଡାରି । ଯଦି ମାମଲତକାର୍‌ମାନଙ୍କ କଥାକୁ କେହି ନମାନେ, ତାକୁ ନିର୍ବିଚାରରେ ସଙ୍ଗେସଙ୍ଗେ ଧୋବା, ବାରିକ ଓ ନିଆଁପାଣି ଇତ୍ୟାଦି ବନ୍ଦ କରି ଦିଆଯାଉଥିଲା । ଆଗରୁ ଏପରି କଡ଼ା ବ୍ୟବସ୍ଥା

Digitized by srujanika@gmail.com

ଥିଲା ଯେ, ଘରେ ସ୍ତ୍ରୀ ଲୋକମାନଙ୍କର ମାସିକ ଋତୁସ୍ରାବ ହେଲେ, ସେମାନଙ୍କ ଲୁଗାକୁ କେବଳ ଧୋବଣି ସଫା କରିବ, କିନ୍ତୁ ନିଜେ ସଫା କରିପାରିବେ ନାହିଁ। ଏହି ଭୟରେ ଲୋକମାନେ ଧୋବାବାସନ୍ଦକୁ ଡରିଯାଇ ଶରଣ ପଶୁଥିଲେ। ସେତେବେଳେ ଲୋକଙ୍କ ମଧ୍ୟରେ ସଂଗଠିତ ହୋଇ ମାମଲତ୍‌କାରମାନଙ୍କ ବିରୁଦ୍ଧରେ ଠିଆହେବାର ସାହାସ ଓ ବୁଦ୍ଧି ନଥିଲା। ଲୋକଙ୍କ ଭିତରେ ବହୁ ପରିମାଣରେ ଏହି ଜଡ଼ତା ସ୍ୱାଧୀନତା ମିଳିବା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲା। ସ୍ୱାଧୀନତା ପରେ କ୍ରମେକ୍ରମେ ଏ ଜଡ଼ତା ଭାଙ୍ଗିବାକୁ ଲାଗିଲା। ସ୍ୱାଧୀନତା ପାଇବାର ବହୁ ଦଶନ୍ଧି ବିତିଲା ପରେ ମଧ୍ୟ ସେହି ଅବସ୍ଥାର ଛାପ ଏବେ ବି କିଛି ପରିମାଣରେ ଏଠିସେଠି ରହି ଯାଇଛି।

ରକ୍ଷଣଶୀଳ ସମାଜପତିଙ୍କ ଦୁର୍ଗପତନ

ସ୍ୱାଧୀନତା ପରେ ଲୋକଙ୍କ ମନରୁ ଜଡ଼ତା ଭାଙ୍ଗିବାକୁ ଧୀରେଧୀରେ ଆରମ୍ଭ ହେଲା। ଯେଉଁ କର୍ମୀମାନେ ସ୍ୱାଧୀନତା ଆନ୍ଦୋଳନରେ ଲାଗିଥିଲେ ସେମାନଙ୍କ ଉଦ୍ୟମରେ ଗ୍ରାମର ନୂଆ ଯୁବକମାନଙ୍କୁ ନେଇ ସଂଗଠନମାନ ଗଢ଼ି ଉଠିଲା। ଏହି ସଂଗଠନ ଜରିଆରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶ ଅନୁସାରେ ଗ୍ରାମରେ ସୁତାକଟା କେନ୍ଦ୍ର, ହରିଜନମାନଙ୍କୁ ସମାନ ଅଧିକାର, ଛୁଆଁଛୁଁତି ଉଠାଇବା, ହରିଜନଙ୍କ ମନ୍ଦିର ପ୍ରବେଶ ଓ ଦେବାଦେବୀଙ୍କ ପାଖରେ ବଳି ନିଷେଧ ଇତ୍ୟାଦି କାର୍ଯ୍ୟକ୍ରମ ଗ୍ରହଣ କରଗଲା। ଏସବୁକୁ କେନ୍ଦ୍ର କରି ବହୁ ଗାଁରେ ସଂଘର୍ଷ ଓ ମାଡ଼ଗୋଳ ଲାଗି କୋର୍ଟକଚେରୀ ପର୍ଯ୍ୟନ୍ତ କଥାସବୁ ଯାଉଥିଲା। ଗ୍ରାମର ରକ୍ଷଣଶୀଳ ସମାଜର ଆଗୁଆମାନେ ପୁରାପୁରି ସଂସ୍କାର-ଉଦ୍ୟମକୁ ବିରୋଧ କରୁଥିଲେ। ସେମାନେ ପୁରୁଣା ପ୍ରଥାଗୁଡ଼ିକୁ ବଜାୟ ରଖିପା ପାଇଁ ବହୁ ଚେଷ୍ଟା କରୁଥିଲେ ହେଁ, ସଂସ୍କାର-କର୍ମୀମାନଙ୍କ ତ୍ୟାଗ, ନିଷ୍ଠାପରତା ଓ କାର୍ଯ୍ୟବିଧି ବଳରେ ପ୍ରତ୍ୟେକ ସଂସ୍କାର-କାର୍ଯ୍ୟ ସବାଶେଷକୁ ସଫଳତା ଅର୍ଜନ କରୁଥିଲା। ଯେତେବେଳେ ମାମଲତ୍‌କାରମାନେ ଜାଣିଲେ ଯେ, ତାଙ୍କ ପିଲାମାନେ ସଂସ୍କାରଧର୍ମୀ ସଂଗଠନ ସହ ଜଡ଼ିତ ରହି ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି, ସେତେବେଳେ ସେମାନଙ୍କର ଦାମ୍ଭିକତା ଆସ୍ତେଆସ୍ତେ ଭାଙ୍ଗିବାକୁ ଲାଗିଲା। ଏପରିକି ସେମାନଙ୍କ ହାତରେ ଥିବା ଅମୋଘ ଅସ୍ତ୍ର - ଧୋବା ଓ ବାରିକ ବନ୍ଦ- ସେମାନଙ୍କ ହାତରୁ ଖସିଗଲା। ଏହିପରି ରକ୍ଷଣଶୀଳ ସମାଜପତିଙ୍କ ଦୁର୍ଗ କ୍ରମେକ୍ରମେ ଭାଙ୍ଗିବାରେ ଲାଗିଲା। ଆସ୍ତେଆସ୍ତେ ଗ୍ରାମମାନଙ୍କରେ ସଂଗଠନ ଜରିଆରେ ଖବରକାଗଜ ମଗାଗଲା। ଗୋଟିଏ ଜାଗାରେ ବସି ଦେଶ ବିଷୟରେ ଆଲୋଚନା ହେବାଦ୍ୱାରା ସ୍ୱାଧୀନ ଯୁଗର ପିଲାମାନଙ୍କର ରାଜନୀତି ବିଷୟରେ କିଛିକିଛି ଧାରଣା ଜନ୍ମିଲା।

ସ୍ୱାଧୀନତା ପୂର୍ବରୁ ସାଧାରଣ ଲୋକଙ୍କର ରାଜନୀତି ବିଷୟରେ କିଛି ଧ୍ୟାନଧାରଣା ନଥିଲା। ସେମାନେ କେବଳ ଏତିକି ଜାଣିଥିଲେ ଯେ, ଆମ୍ଭେମାନେ ଖଜଣା-ଟିକସ ଦେଉଥିବାରୁ ଏବଂ ବେଠି-ବେଗାରି ଖଟୁଥିବାରୁ ଜମିଦାରଙ୍କ ପ୍ରଜା ହିସାବରେ ରହିଛୁ। କିନ୍ତୁ ବର୍ତ୍ତମାନ ସାମାଜିକ କ୍ଷେତ୍ରରେ ଲୋକମାନେ ଏତେ ଉଶୃଙ୍ଖଳିତ ହୋଇ ପଡ଼ିଛନ୍ତି ଯେ, ସ୍ୱାଧୀନତାର ପୂର୍ବ ଅବସ୍ଥାକୁ ଯଦି ଶ୍ମଶାନର ଶାନ୍ତି କହିବା, ତେବେ ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥା ହେଲା-

Digitized by srujanika@gmail.com

ଗୋଟିଏ ପକ୍ଷୀ ପିଞ୍ଜରାରୁ ମୁକ୍ତ ହେଲାପରେ ଯେପରି ଦିଗହରା ହୋଇ ଉଡ଼ିଯାଏ- ଠିକ୍ ସେହିଭଳି । ତା'ର କାରଣ, ସ୍ୱାଧୀନତା ବିଷୟରେ ଜନସାଧାରଣ ଆଗରୁ କିଛି ଜାଣିନଥିଲେ ବା ସ୍ୱାଧୀନତା ସମ୍ପର୍କୀୟ ଆଲୋଚନାରେ ଭାଗନେଇ ନଥିଲେ । ଗ୍ରାମର ମୁଖ୍ୟ ଲୋକମାନେ ଇଂରେଜ ସରକାରକୁ ସମର୍ଥନ କରୁଥିଲେ ଓ କଂଗ୍ରେସ ଲୋକଙ୍କୁ ଘୃଣାପୂର୍ଣ୍ଣ ଚକ୍ଷୁରେ ଦେଖୁଥିଲେ । ଜନସାଧାରଣ ଅଜ୍ଞ ଭାବରେ କାଳାତିପାତ କରୁଥିଲେ । କିନ୍ତୁ ବିଡ଼ମ୍ବନା ଏହିକି ଯେ, ଦେଶ ଆଜି ରାମ ରାଜ୍ୟ ବଦଳରେ ରାବଣ ରାଜ୍ୟରେ ପରିଣତ ହୋଇଗଲା । ଏବେ ମଧ ଲୋକେ ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଦିଗରୁ ଯଥେଷ୍ଟ ସଚେତନ ହୋଇନାହାନ୍ତି ।

ଶିକ୍ଷା- ସେବେଳ ଓ ଏବେଳ

ଆଗେ ଇଂରେଜମାନେ ତାଙ୍କର ଶାସନ ଚଳାଇବା ପାଇଁ ଯେତିକି ପ୍ରଶାସନିକ କର୍ମଚାରୀ ଦରକାର କରୁଥିଲେ, ସେହି ଅନୁପାତରେ ଗୋଲାମଗିରି ଶିକ୍ଷା ପାଇଁ କେତେଟା ମାତ୍ର କାଁ ଭାଁ ସ୍କୁଲ କଲେଜ ସହରମାନଙ୍କରେ ଖୋଲିଥିଲେ । ଫଳରେ ଜନସାଧାରଣ ଖୁବ୍ କ୍ୱଚିତ୍ ଶିକ୍ଷା ପାଉଥିଲେ । ତେଣୁ ଗାଁ ଗହଳରେ ଲୋକମାନେ ରାଜନୀତିର ଧାର ଧାରୁନଥିଲେ । ପରାଧୀନତା ଅମଳରେ ଗାଁମାନଙ୍କରେ ଚାଟଶାଳିମାନଙ୍କରେ ଯେଉଁ ଶିକ୍ଷା ଦିଆଯାଉଥିଲା, ତାହା କେବଳ ବହି ପଢ଼ିବା ଓ ସାଧାରଣ ହିସାବପତ୍ର କରି ପରିବାର ଚଳାଇବାରେ ସୀମିତ ହୋଇଥିଲା । ପ୍ରତ୍ୟେକ ଗ୍ରାମରେ ବହୁତ କମ୍, ମାତ୍ର ଶତକଡ଼ା ୫ପିଲା ପଢୁଥିଲେ । ସେ ପୁଣି ଗ୍ରାମର ସେହି ମୁଖ୍ୟମାନଙ୍କର ପିଲା ଅଟନ୍ତି । ବର୍ତ୍ତମାନ ପ୍ରତ୍ୟେକ ଗ୍ରାମରେ ନିମ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ୍, ପ୍ରତି ପଞ୍ଚାୟତରେ ୩/୪ ମାଇନର ସ୍କୁଲ, ପ୍ରତି ବ୍ଲକ୍‌ରେ ୨/୩ କରି ହାଇସ୍କୁଲ ଓ ଗୋଟିଏ ଲେଖାଏଁ କଲେଜ ଚାଲୁଛି । କିନ୍ତୁ ଶିକ୍ଷାର ମାନ ଏତେ ତଳକୁ ଖସିଯାଇଛି ଯେ, ନିମ୍ନ ପ୍ରାଥମିକଠାରୁ କଲେଜ ପର୍ଯ୍ୟନ୍ତ ଅଧିକାଂଶ ଶିକ୍ଷକ ପ୍ରକୃତ ଅର୍ଥରେ ପାଠ ପଢେଇବାକୁ ଯାଆନ୍ତି ନାହିଁ । ଡିଉଟି ବଜାଇବା ତାଙ୍କର କାମ । ଶିକ୍ଷକତାର ଚାକିରୀ ସହିତ ନିଜର ଚାଷ ଓ ବେପାରବଣିଜକୁ ବଜାୟ ରଖି, ପୁଣି ସୁବିଧା ଦେଖି ଅନ୍ୟସବୁ ଉପାୟରେ ଯଥାସମ୍ଭବ ଅଧିକ ପଇସା କମେଇବା ସେମାନଙ୍କର ନିଶା ହୋଇ ପଡିଛି । ଏପରିକି ପରୀକ୍ଷାକେନ୍ଦ୍ରରେ କପି ଯୋଗାଇ ସେ ବାବଦରେ ହଜାରହଜାର ଟଙ୍କା ରୋଜଗାର କରିବା ମଧ୍ୟ ସେମାନଙ୍କ ଭିତରୁ କେତେଜଣଙ୍କର ବେଉଷା ହୋଇଯାଇଛି । ଏଥିରେ ପିଲାମାନଙ୍କୁ ଯେଉଁ ଶିକ୍ଷା ମିଳୁଥିବ, ତାହା ସହଜେ ଅନୁମେୟ । ଏହି ସୁଯୋଗ ନେଇ ପିଲାମାନେ ମଧ୍ୟ ଫାଙ୍କିମାରି ପାଠ ନପଢ଼ି, ଘରୁ ଅଭିଭାବକଙ୍କ ଠାରୁ ୫୦୦ ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ନେଇ କପି କରିବା ବାବଦରେ ଶିକ୍ଷକମାନଙ୍କୁ ଘୁସ୍ ଦିଅନ୍ତି । ପାଠ ନପଢ଼ି ପ୍ରଥମ ବା ଦ୍ୱିତୀୟ ଶ୍ରେଣୀରେ ସେମାନେ ମାଟ୍ରିକ୍ ପାଶ୍ କରୁଛନ୍ତି । ଯେଉଁ ଶିକ୍ଷକମାନେ ପରୀକ୍ଷା କେନ୍ଦ୍ରରେ ଗାର୍ଡ ପଡିଥାନ୍ତି, ସେମାନଙ୍କୁ ଯଦି ପଇସା ନଦିଆ ଯାଇଥାଏ, ତେବେ ସେମାନେ ବେଳେବେଳେ କପି ଧରନ୍ତି, କିନ୍ତୁ ପୁଣି ଏହି ପ୍ରକାର ପରିସ୍ଥିତିରେ ପିଲାମାନେ ସେହି ଶିକ୍ଷକମାନଙ୍କୁ ଉତ୍ତମ-ମଧମ ଦେବା ସହ ଏପରିକି ଛୁରାଭୁଷିବା ପାଇଁ ମଧ୍ୟ ପଛାନ୍ତି ନାହିଁ । ଏ ଶିକ୍ଷାରେ ନୀତି-ନୈତିକତା କି ଆଦର୍ଶ ବୋଲି କିଛି ନାହିଁ । ସେଥିଯୋଗୁଁ ଏ ସମାଜରେ ଚୋରି, ଡକାୟତି, ଟାଉଟରି, ନାରୀଧର୍ଷଣ, ନରହତ୍ୟା ଇତ୍ୟାଦି ଅପରାଧ

Digitized by srujanika@gmail.com

ବଢ଼ି ଚାଲିଛି । ଯଦି ଏ ଶିକ୍ଷା ଏବେଠାରୁ ନ ବଦଳେ ଏହାର ଭବିଷ୍ୟତ ପରିଣାମ ଭୟଙ୍କର ହୋଇଉଠିବ । ଯେଉଁମାନେ ଏ ଶିକ୍ଷାକୁ ଚାଲୁ ରଖୁଛନ୍ତି, ସେହିମାନଙ୍କ ବେକରେ ହିଁ ଏହା ଛୁରାକାଘାତ କରିବ । ମୁଁ ଏତିକି ଆଶ୍ୱସ୍ତ ହେଉଛି ଯେ, ମୋର ପିଲାମାନଙ୍କୁ ମୁଁ ଠିକ୍ ବାଟରେ ଉଚିତ୍ ଶିକ୍ଷା ଦେଇଛି ଏବଂ ଏଥିପାଇଁ ନିଜକୁ କୃତ୍ୟକୃତ୍ୟ ମନେକରୁଛି । କିନ୍ତୁ ନିଜକୁ ଏ ସମାଜ ଭିତରେ ନିରାପଦ ମନେ କରୁନାହିଁ । ସବୁବେଳେ ବିପଦର ଆଶଙ୍କା ଜାତ ହେଉଛି । ମୋର ତ ଗୋଟିଏ ସ୍ୱଭାବ, ବାହାରେ ଥିବା ବେଳେ କିମ୍ବା ଗ୍ରାମ ଭିତରେ ଅନ୍ୟାୟ ଦେଖିଲେ ସଂଗେସଂଗେ ପ୍ରତିବାଦ କରେ । ଏ ସମାଜ ଭିତରେ ଏତେ ପାଖଣ୍ଡ ଲୋକ ଭର୍ତ୍ତି ହୋଇଛନ୍ତି ଯେ, ଅନ୍ୟାୟର ପ୍ରତିବାଦ କଲାକ୍ଷଣି ଚାରିପାଖରୁ ସେମାନେ ଆକ୍ରମଣ କରିବାକୁ ଧାଇଁ ଆସନ୍ତି । ତେଣୁ ଏ ପରିଣତ ବୟସରେ ନିଜକୁ ନୀରବ ରଖିବାକୁ ବାଧ୍ୟ ହୁଏ ।

ଯୌତୁକ ପ୍ରଥା- ସେବେଳ ଓ ଏବେଳ

ସ୍ୱାଧୀନତା ପୂର୍ବରୁ ଜାତିଆଣ ପ୍ରଥା ଏତେ ଉତ୍କଟ ଥିଲା ଯେ, ଗୋଟିଏ ଗରୀବ ଲୋକର ଯେତେବେଳେ ପୁଅ ବାହାଘର ହେଉଥିଲା, ସେ ସେତେବେଳେ ସର୍ବସ୍ୱାନ୍ତ ହୋଇ ଯାଉଥିଲା । ତା'ର କାରଣ, ପ୍ରଥା ଓ ପରମ୍ପରା ଅନୁଯାୟୀ, ପୁଅ ବାହାଘର ବେଳେ, କି ଧନୀ କି ଦରିଦ୍ର ପ୍ରତି ଘରବାଲା ନିଜ ଜାତିଭାଇମାନଙ୍କୁ ଧରାବନ୍ଧା ୩ ବକତ ଭଲକରି ଖୁଆଇବାକୁ ପଡୁଥିଲା । ତତ୍ ସଂଗେସଂଗେ ନିଜ ଜାତି ଭାଇ ଭିତରେ ଥିବା ପ୍ରତି ଘରପିଛା ୧ଯୋଡ଼ା ଲେଖାଁ ଲୁଗା ଓ ଏକ ସେର ଲେଖାଁ ଘି ପିଠା ଦେବାକୁ ହୁଏ । ଏପରିକି, କାଳେ ପିଠାର ଓଜନ କମିଯିବ ବା ସେଥିରେ ତେଲର ପରିମାଣ କମ୍ ହୋଇଯିବ, ସେକଥାକୁ ଜଗାରଖା ପାଇଁ ଜାତିଭାଇମାନଙ୍କ ମଧ୍ୟରୁ ୩/୪ ଜଣ ଭାଇଙ୍କୁ ବରାଦ କରାଯାଇଥାଏ । ସେମାନେ ହିଁ ପିଠା ଛାଣନ୍ତି । ଏସବୁ କାରଣରୁ ଯେଉଁ ପରିମାଣର ଚାଉଳ, ଅଟା, ତେଲ ଓ ଗୁଡ଼ ଇତ୍ୟାଦି ଖର୍ଚ୍ଚ ହେଉଥିବ, ତାହା ସହଜେ ଅନୁମେୟ । ସେହି ଭାଇମାନେ ମଧ୍ୟ ରୋଷେଇ ବେଳେ ସବୁକିଛିର ବରାଦ କରିଥାନ୍ତି । କୌଣସି ଜିନିଷରୁ ଯେପରି କିଛି କମ୍ ନହୁଏ, ତାହା ସେମାନେ ତଦାରଖ କରିଥାନ୍ତି । ଆଉ ଗୋଟିଏ କଥା, ସେତେବେଳେ ବାହାଘର ସମୟରେ ଜାତିଭାଇମାନଙ୍କର ପୁଅ ତରଫରୁ ଝିଅ ଘରକୁ ସ୍ୱୀକାର ଗଲେ, ତହିଁ ସହିତ ମାଛ ଓ ପରିବାପତ୍ର ଇତ୍ୟାଦି ୨/୩ ଭାର ଦେବାକୁ ହୁଏ । ଜାଗା ବିଶେଷରେ ଟଙ୍କାପଇସା ମଧ୍ୟ ଦେବାକୁ ହୁଏ । କନ୍ୟାପିତାର ଘର ନିଜ ଖୁସି ଅନୁଯାୟୀ ଯଉତୁକ ଦେଇଥାଏ । ଏଥିପାଇଁ ବରଘର ତରଫରୁ ବାଧ୍ୟବାଧକତା ନଥାଏ । ସେତେବେଳେ ବାହାଘର ପରେ ବୋହୂମାନେ ଯଉତୁକକୁ କେନ୍ଦ୍ରକରି ମରିବା ବା ଆତ୍ମହତ୍ୟା କରିବା ଘଟଣା ଦେଖାଯାଉ ନଥିଲା । ବରଂ ପୁଅଘର ତରଫରୁ ବିଭିନ୍ନ ବାବଦରେ ଖର୍ଚ୍ଚ କରିବାର ବିଧିବ୍ୟବସ୍ଥା କଡ଼ାକଡ଼ି ଭାବେ ଥାଏ । ବିଚରା ଜଣେ ଗରିବ ଲୋକ ନିଜ ପୁଅର ବାହାଘର ପାଇଁ ଧାରକରଜ ସହିତ ଏପରିକି ଶେଷକୁ ସମ୍ପତ୍ତିବାଡ଼ି ବିକ୍ରି କରି ସର୍ବସ୍ୱାନ୍ତ ହୋଇଯାଉଥିଲା । ସ୍ୱାଧୀନତା ପରେ ଏହି ଜାତିଭାଇ ପ୍ରଥା ଅନେକ ଅଂଶରେ କୋହଳ ହୋଇଯାଇଥିଲେ ମଧ୍ୟ ବର୍ତ୍ତମାନର ଅବସ୍ଥା ପୂର୍ବପ୍ରଥାର ଠିକ୍ ଓଲଟା ହୋଇଯାଇଛି, ପରିସ୍ଥିତି

Digitized by srujanika@gmail.com

ଅତି ଜଘନ୍ୟ ସ୍ତରକୁ ଗତି କରୁଛି । ବର୍ତ୍ତମାନ ଝିଅ ବାହାଘର ବେଳେ ଯଉତୁକ ଦେବାର ପ୍ରଥା ଏତେ ଉତ୍କଟ ହୋଇପଡିଛି ଯେ, ଗୋଟିଏ ନିମ୍ନ-ମଧ୍ୟବିତ୍ତ ଗରିବ ଲୋକର ୨/୩ଟି ଝିଅ ଥିଲେ, ସେ ସର୍ବସ୍ୱାନ୍ତ ହୋଇପଡୁଛି । ଡିମାଣ୍ଡ-ଡାଉରି ଆକାଶଛୁଆଁ, ଏବଂ ତାକୁ ନଦେଲେ ବାହାଘର ହୋଇପାରୁ ନାହିଁ । ପୁଣି ଝିଅର ବାହାଘର ବୟସ ଅତିକ୍ରାନ୍ତ ହୋଇଯିବା ପରେ ସେ ଯେକୌଣସି ପୁଅ ସହିତ ପରିବାରର ଅଜାଣତରେ ପଳାଇଯାଉଛି । ଗୋଟିଏ ଭଦ୍ରଘରର ଝିଅ-ବାହାଘର କ୍ଷେତ୍ରରେ ଦେଖାଯାଉଛି ଯେ, ଝିଅର ବାପା ସମ୍ପତ୍ତିବାଡ଼ି ବିକି କରି ନଗଦ ଟଙ୍କା ସହିତ ସୁନାରୁପାର ଅଳଙ୍କାର, ମୋଟରସାଇକେଲ୍ ଓ ଘରର ଆସବାବପତ୍ର ଇତ୍ୟାଦି ଯଉତୁକ ଦେବାକୁ ବାଧ୍ୟ ହେଉଛି । ଯେଉଁ ପୁଅମାନେ ସ୍କୁଲକଲେଜରୁ ପାଶ୍ କରିଛନ୍ତି, ସେମାନଙ୍କ ବାପାମାନେ ଚଢାଦରରେ ଯୌତୁକ-ନିଲାମ ଡାକିବା ଦ୍ୱାରା ଝିଅପରିବାରମାନେ ସର୍ବସ୍ୱାନ୍ତ ହୋଇଯାଉଛନ୍ତି । ଅତି ଗରିବ ହୋଇଥିଲେ ମଧ୍ୟ ଝିଅବାପାକୁ ଏସବୁ ବାବଦରେ ବେଶ୍‌କିଛି ଅର୍ଥ ବ୍ୟୟ କରିବାକୁ ପଡୁଛି । ଝିଅଘର ବଡ଼ଲୋକ ହୋଇଥିଲେ ଲକ୍ଷଲକ୍ଷ ଟଙ୍କାର କାରବାର ଚାଲୁଛି । ବଜାରର ପଣ୍ୟଦ୍ରବ୍ୟ ଓ ଗୋରୁହାଟର ଗାଈବଳଦର ଯେପରି କିଣାବିକା ଚାଲେ, ଠିକ୍ ସେପରି ଜୋଇଁକୁ ନେଇ ମୂଲଚାଲ ଚାଲିଛି । ଏହାଠାରୁ ଆଉ ଜଘନ୍ୟ ବ୍ୟାପାର କ'ଣ ହୋଇପାରେ ? ପୂର୍ବ ଚୁକ୍ତି ଅନୁଯାୟୀ ଯୌତୁକ-ଦାବୀ ପୂର୍ଣ୍ଣମାତ୍ରାରେ ପୂରଣ ନ ହୋଇପାରିଲେ, ବର ଏପରିକି ବେଦୀରୁ ଫେରିଯିବାର ଦେଖାଯାଉଛି । କୌଣସି କୌଣସି ଯାଗାରେ ସ୍ଥିରୀକୃତ ଯୌତୁକର ଅଧେ ଦେଇ ବାହାଘର ପରେ ବାକୀ ଅଧକ ପୂରଣ କରିବାକୁ କନ୍ୟାପିତାଙ୍କ ପ୍ରତିଶ୍ରୁତିରେ ବାହାଘର ହୋଇଯାଉଛି । କିନ୍ତୁ କନ୍ୟାପିତା ସେହି ପ୍ରତିଶ୍ରୁତିକୁ ପୂରଣ ନକିଲେ କିମ୍ବା ସେଥିନେଇ ଟାଳଟୁଳ କଲେ, ଶାଶୁଘରେ ଝିଅର ଯନ୍ତ୍ରଣା କହିଲେ ନସରେ । ବହୁ କ୍ଷେତ୍ରରେ କନ୍ୟାକୁ ଶାଶୁଘର ଲୋକେ ମାରି ଦେଉଛନ୍ତି ଅଥବା କେଉଁଠି କେଉଁଠି ଶାଶୁଘର ଯନ୍ତ୍ରଣା ସହିନପାରି କନ୍ୟା ଆତ୍ମହତ୍ୟା କରୁଛି ; ଏସବୁ ଅଘଟଣ ପ୍ରତିଦିନ ଖବରକାଗଜରୁ ପଢିବାକୁ ମିଳେ । ମୋ ମତରେ ଏପ୍ରକାର ଜଘନ୍ୟ ଓ କଳଙ୍କିତ ଯୌତୁକ ପ୍ରଥା ପାଇଁ କେତେକାଂଶରେ କନ୍ୟା ଓ ବର ପକ୍ଷର ଅଭିଭାବକମାନେ ମଧ୍ୟ ଦାୟୀ ।

ଏହି ଯୌତୁକ ପ୍ରଥାକୁ ରୋକିବା ପାଇଁ ସରକାର ଭଳିଭଳି ଆଇନ୍ ଗଢୁଛନ୍ତି, ହେଲେ ଏହା ବାସ୍ତବରେ ବଢ଼ିବଢ଼ି ଚାଲିଛି । ପୁଣି ଯେଉଁ ଲୋକମାନେ ଏଭଳିଆ ଆଇନ୍‌ମାନ ଗଢୁଛନ୍ତି, ସେହି ଲୋକମାନଙ୍କ ଘରେ ଯଉତୁକ ପ୍ରଥା ଜୋର୍‌ରେ ଚାଲିଛି । ଏସବୁର କୁପ୍ରଭାବ ସାଧାରଣ ଗରିବ ଲୋକଙ୍କ ଉପରେ ପଡୁଛି । ମୁଁ ତ ଏହି ପ୍ରଥାର ଘୋର ବିରୋଧୀ । ତେଣୁ ମୋର ପିଲାମାନଙ୍କୁ ଏପରି ଭାବରେ ଗଢ଼ିଛି ଯେ, ତା'ର ସୁଫଳ ବଡ଼ ଝିଅଠାରୁ ପାଇ ପାରିଛି । ପୁଅ ମଧ୍ୟ ଯଦି ବିବାହ କରେ (*ଆତ୍ମଜୀବନୀର ଏହି ଅଂଶ ୧୯୮୭ରେ ଲେଖା ହୋଇଥିଲା*), ସେ ମଧ୍ୟ ବିନା ଯୌତୁକରେ ତା'ର ରୁଚି ଅନୁଯାୟୀ ଯେ କୌଣସି ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ବିବାହ କରିବ, ଏହାହିଁ ମୋର ଆଶା ଅଛି । ଆଉ ଦୁଇ ଝିଅ କଲେଜମାନଙ୍କରେ

Digitized by srujanika@gmail.com

ତଳଓପର ଶ୍ରେଣୀରେ ଛାତ୍ରୀ ଅବସ୍ଥାରେ ଅଛନ୍ତି । ସେମାନଙ୍କ ବିବାହ ସମୟ ଆସିଲେ ସେମାନେ କ'ଣ କରିବେ ଜଣାପଡ଼ିନାହିଁ । ମୋର ଆଶା, ଏହି ଜଘନ୍ୟ ଯୌତୁକ ପ୍ରଥାଠାରୁ ସେମାନେ ବି ଦୂରେଇ ରହିବେ । ବର୍ତ୍ତମାନ ସମାଜରୁ ଏ କଳଙ୍କପୂର୍ଣ୍ଣ ପ୍ରଥା ଲୋପ କରିବାକୁ ହେଲେ ପୁଅ ଓ ଝିଅ ଉଭୟ ତରଫରୁ ଜୋର୍‌ଦାର ସଂସ୍କାର-ଆନ୍ଦୋଳନ ଦରକାର । ଯୌତୁକକୁ ବିରୋଧ କରିବାକୁ ଯାଇ ସେମାନେ ହୁଏତ୍ ମୋଟେ ବିବାହ କରି ନପାରନ୍ତି । ଏହିପରି ଭାବେ ଯଦି ଭାରତ ବ୍ୟାପୀ ଆନ୍ଦୋଳନ ଚାଲନ୍ତା, ତେବେ ଦିନେ ଅବଶ୍ୟ ଏହାର ସୁଫଳ ମିଳନ୍ତା । ସ୍ୱାଧୀନତା ପୂର୍ବରୁ ବରପିତାଙ୍କୁ ସର୍ବସ୍ୱାନ୍ତ ହେବାକୁ ପଡୁଥିଲା, ସ୍ୱାଧୀନତା ପରେ କନ୍ୟାପିତାଙ୍କୁ ସର୍ବସ୍ୱାନ୍ତ ହେବାକୁ ପଡୁଛି ।

ସାଂସ୍କୃତିକ ବାତାବରଣ- ସେବେଳ ଓ ଏବେଳ

ସ୍ୱାଧନତା ପୂର୍ବରୁ ଗ୍ରାମର ସାଂସ୍କୃତିକ ବାତାବରଣ ବର୍ତ୍ତମାନଠାରୁ ଖୁବ୍ ଭଲ ଥିଲା । ପ୍ରତ୍ୟେକ ଗ୍ରାମରେ ପୂଜା- ପାର୍ବଣ, ମେଳା-ମହୋତ୍ସବ ଓ ଯାନିଯାତ୍ରା ଇତ୍ୟାଦି ହେଉଥିଲା । ସେତେବେଳେ ଲୋକମାନେ ସମୂହ କାର୍ଯ୍ୟକୁ ଆନ୍ତରିକତା ସହକାରେ କରୁଥିଲେ । ପରସ୍ପର ପ୍ରତି ସ୍ନେହ-ଭାବନା ରହୁଥିଲା । ଏବେ ସ୍ୱାଧୀନତା ପରେ ଲକ୍ଷ୍ୟ କରାଯାଉଛି ଯେ, ବହୁ କ୍ଷେତ୍ରରେ ବିନା ପୁଲିସ୍‌ରେ ପୂଜା-ପାର୍ବଣ କାର୍ଯ୍ୟ ସମ୍ପନ୍ନ ହୋଇ ପାରୁନାହିଁ । ତା'ର କାରଣ, କିଛି ଲୋକ ମଦ, ଗଞ୍ଜେଇ ଓ ଭାଙ୍ଗ ଇତ୍ୟାଦି ନିଶାଦ୍ରବ୍ୟ ସେବନ କରି ଅସାମାଜିକ କାର୍ଯ୍ୟ କରିବସନ୍ତି, ଏପରିକି ଚୋରି, ଡକାୟତି, ଜୋର୍‌ଜୁଲୁମ୍ ଇତ୍ୟାଦି କରିବାକୁ ପଛାନ୍ତି ନାହିଁ । ପୁଣି କେତେକ ସ୍ଥଳରେ ଏସବୁ ବିଶୃଙ୍ଖଳା ପଛରେ ପୁଲିସ୍‌ର ହାତ ଥାଏ । ଏସବୁ ଜଘନ୍ୟ ବ୍ୟାପାରକୁ ଲକ୍ଷ୍ୟକରି କୌଣସି ଭଦ୍ରଲୋକ ମେଳା ମହୋତ୍ସବକୁ ଯିବାର ଦେଖାଯାଏ ନାହିଁ । ଯେଉଁ କେତେଜଣ ଯାଆନ୍ତି, ସେମାନେ କେବଳ ବନ୍ଧୁମାନଙ୍କ ସହିତ ଦେଖାସାକ୍ଷାତରେ ନିଜକୁ ନିୟୋଜିତ କରିଥାନ୍ତି ।

ଧରଣୀ ମାଷ୍ଟ୍ରେ

ମୁଁ ୧୯୩୨ ମସିହାରେ ଆମ ଗ୍ରାମ ପ୍ରାଇମେରୀ ସ୍କୁଲରୁ ଉତ୍ତୀର୍ଣ୍ଣ ହେଲି । ପ୍ରାଇମେରୀ ସ୍କୁଲର ଶିକ୍ଷକ ଧରଣୀଧର ସାମଲଙ୍କ କଥା ନ କହି ରହିପାରୁ ନାହିଁ । ସେ ଆମଗ୍ରାମରେ ପ୍ରଥମରୁ ଚାଟଶାଳୀ କରି ପିଲାମାନଙ୍କୁ ପାଠ ପଢ଼ାଉଥିଲେ । ଉକ୍ତ ଶିକ୍ଷକ ନିଜ ଗ୍ରାମରେ ଶିକ୍ଷକତା କରୁଥିବାରୁ ତାଙ୍କର ଗ୍ରାମବାସୀଙ୍କ ଉପରେ ପ୍ରଭାବ ଥିଲା । ସେ ଏକାଧାରରେ ଗ୍ରାମରେ ଶିକ୍ଷକ, ଗ୍ରାମ୍ୟ ମହାଜନମାନଙ୍କର ଗୁମାସ୍ତା ତଥା ଗ୍ରାମର ମାମଲତକାର । ସେ ଏପରିକି ପରିବାରର ସ୍ତ୍ରୀପୁରୁଷଙ୍କ ଭିତରେ ଲାଗୁଥିବା ନିଛକ ଘରୋଇ କଳିକଜିଆ ନିଷ୍ପତ୍ତି କରୁଥିଲେ । ଗ୍ରାମରେ ତାଙ୍କର ବେଶ୍ ପ୍ରତିପତ୍ତି ଥିଲା । ବାପା ମଧ ଗ୍ରାମର ପ୍ରଧାନ ବା ମୁଖ୍ୟ ହିସାବରେ ପରିଗଣିତ ହେଉଥିଲେ । ମୋର ମନେ ଅଛି ଆମ ଗ୍ରାମର ତିନିମୁହାଁଣିରେ ଏକ ଘରୋଇ ଚାଟଶାଳୀ ଥିଲା, ଯେଉଁଥିରେ ଧରଣୀଧର ସାମଲ ଆଗରୁ ବହୁ ଦିନଧରି

Digitized by srujanika@gmail.com

ଅବଧାନରୂପେ ପାଠ ପଢ଼ାଉଥିଲେ । ସେହି ଚାଟଶାଳୀ ଚାଲୁଥିବା ଅବସ୍ଥାରେ ଆମ ଗାଁର ଲୋୟର୍ ପ୍ରାଇମେରୀ ସ୍କୁଲ ମଞ୍ଜୁରି ଲାଭ କଲା । ମୋର ମନେ ଅଛି, ସେହି ଚାଟଶାଳୀ ଥାଇ ଆମ ପ୍ରାଇମେରୀ ସ୍କୁଲ ମଞ୍ଜୁରିପ୍ରାପ୍ତ ହେଲା । ସେହି ସ୍କୁଲରେ ଆମେ ପାଠ ପଢୁଥିଲୁ । ବାପାଙ୍କ ଚେଷ୍ଟାରେ ଗ୍ରାମ୍ୟ ଚାଟଶାଳୀକୁ ସରକାରୀ ପ୍ରାଇମେରୀ ସ୍କୁଲରେ ପରିଣତ କରାଗଲା । ସେତେବେଳେ ଶିକ୍ଷକ ନିଯୁକ୍ତି ପାଇଁ ମି.ଇ. ପାସ୍‌କୁ ନ୍ୟୁନତମ ଯୋଗ୍ୟତା ବୋଲି ଧରାଯାଉଥିଲା । କିନ୍ତୁ ଯେଉଁଠି ମି.ଇ. ଯୋଗ୍ୟତା ଥିବା ଶିକ୍ଷକ ମିଳୁନଥିଲେ, ସେହି ଗାଁର ଚାଟଶାଳୀରେ ପଢାଉଥିବା ଶିକ୍ଷକ ହିଁ ପ୍ରାଇମେରି ସ୍କୁଲ୍‌ର ଶିକ୍ଷକ ରୂପେ ନିଯୁକ୍ତି ପାଉଥିଲେ ; କେବଳ ଅଙ୍କ ଓ ସାହିତ୍ୟ ପଢ଼ାଇବା ଭଳି ଜ୍ଞାନ ତାଙ୍କର ଥିଲେ ହେଲା । ସେହି ଦୃଷ୍ଟିରୁ ଆମ ଗ୍ରାମର ଧରଣୀଧର ସାମଲ ଚାଟଶାଳୀ ଶିକ୍ଷକ ପଦରୁ ସରକାରୀ ପ୍ରାଇମେରୀ ସ୍କୁଲର ଶିକ୍ଷକ ରୂପେ ନିଯୁକ୍ତି ପାଇଲେ । ବାପା ଉକ୍ତ ସ୍କୁଲର ସେକ୍ରେଟାରୀ ଥିଲେ । ଆଖପାଖର ୨୦/୨୫ ଖଣ୍ଡ ଗ୍ରାମ ମଧ୍ୟରୁ କେବଳ ଆମ ଗ୍ରାମର ସ୍କୁଲ୍‌ଟି ହିଁ ସରକାରୀ ପ୍ରାଇମେରୀ ସ୍କୁଲରେ ପରିଣତ ହେଲା । ମୁଁ ସେହି ସ୍କୁଲରୁ ତୃତୀୟ ଶ୍ରେଣୀ ପାସ୍ କଲି ।

ଦଣ୍ଡିପୁରରେ ମୋର ସହପାଠୀ

ଆମ ସଙ୍ଗରେ ଧରଣୀଧରଙ୍କ ଭଣଜା ନାରଣପୁରର ଭୋଳାନାଥ ସ୍ୱାଇଁ ମାମୁଁଘରେ ରହି ପାଠ ପଢୁଥିଲେ । ଆମ ସଙ୍ଗରେ ଧରଣୀଧରଙ୍କ ପୁତ୍ର ବଂଶୀଧର ଚୌଧୁରୀ ମଧ୍ୟ ପଢୁଥିଲେ । ଧରଣୀଧରଙ୍କ ବଡ଼ଭାଇର ପୁତ୍ର ବେଣୁଧର ସାମଲ ଓ ଦଇତାରି ଜେନାଙ୍କ ପୁତ୍ର ବ୍ରହ୍ମାନନ୍ଦ ଜେନା ଓ ଆଉ କେତେକ ପିଲା ମଧ୍ୟ ଆମ ସଙ୍ଗରେ ପଢୁଥିଲେ । ଏମାନଙ୍କ ଭିତରେ ଭୋଳାନାଥ ଭଲ ପାଠ ପଢୁଥିବାରୁ ଆମ ଉପରେ ବଡ଼ ଚାଟ ଥିଲେ ଏବଂ ତାଙ୍କୁ ସ୍କୁଲର ଦ୍ୱିତୀୟ ଶିକ୍ଷକର ସୁବିଧା ମଧ୍ୟ ଦିଆଯାଇଥିଲା । ଧରଣୀ ମାଷ୍ଟ୍ରେ କୌଣସି ମହାଜନି କାରବାର କିମ୍ବା ଗାଁ ନିଶାପ କାମ ଇତ୍ୟାଦିରେ ଗଲେ ଭୋଳାନାଥ ବଡ଼ଚାଟ ଭାବେ ସ୍କୁଲର ଶୃଙ୍ଖଳା ରଖିବା ସଙ୍ଗେ ସଙ୍ଗେ ଆମମାନଙ୍କୁ ମଧ ପଢ଼ାଉଥିଲେ । ମୁଁ ଓ ବ୍ରହ୍ମାନନ୍ଦ ଜେନା, ଆମେ ଦୁଇଜଣ ଭଲ ପାଠ ପଢୁନଥିବାରୁ ଆମ ଦୁହିଁଙ୍କୁ ହରି ବଳରାମ ବୋଲି ନାମ ଦିଆଯାଇଥିଲା ଏବଂ ଆମେ ମଧ ଖୁବ୍ ମାଡ଼ ଖାଉଥିଲୁ ।

ଚଡାଇଗୁଆଁରେ ନାମଲେଖା

ଆମ ଗ୍ରାମର ଆଖପାଖ ୫୦ଖଣ୍ଡ ଗ୍ରାମ ମଧ୍ୟରୁ କେବଳ ୨ଟି ଗ୍ରାମରେ ଅପର-ପ୍ରାଇମେରୀ ସ୍କୁଲଥିଲା ; ଗୋଟିଏ ମାର୍ଶାଘାଇ ଓ ଅନ୍ୟଟି ଚଡାଇଗୁଆଁରେ । ଆମର ଚଡ଼ାଇଗୁଆଁରେ ଜମି ଥିବାରୁ ବାପା ମୋତେ ଚଡାଇଗୁଆଁରେ ପଢ଼ାଇବା ପାଇଁ ସ୍ଥିର କଲେ । ସେତେବେଳେ ପିଲାଙ୍କର ବେଶୀ ବୟସରେ ପାଠପଢ଼ା ଆରମ୍ଭ ହେଉଥିଲା, ପ୍ରାୟ ୮/୯ ବର୍ଷରେ । ସେହି ଦୃଷ୍ଟିରୁ ମୋର ୧୨ ବର୍ଷ ବୟସରେ ୧୯୩୨ ମସିହା ଜାନୁୟାରୀ ମାସରେ ଚଡ଼ାଇଗୁଆଁ ଅପର-ପ୍ରାଇମେରୀ ସ୍କୁଲରେ ନାମ ଲେଖାହେଲା ଚତୁର୍ଥ ଶ୍ରେଣୀରେ । ମୋର ଅଙ୍କ ଓ ସାହିତ୍ୟ ଭଲ ହେଉନଥିଲା ; କେବଳ ହସ୍ତାକ୍ଷର ଓ ସାଧାରଣ-ଜ୍ଞାନ ଭଲ ହେଉଥିଲା । ସେତେବେଳେ ଶିକ୍ଷାବର୍ଷର ଆରମ୍ଭ ଓ ନାମ ଲେଖାଲେଖି ଇତ୍ୟାଦି ପ୍ରାରମ୍ଭିକ କାର୍ଯ୍ୟ

Digitized by srujanika@gmail.com

ଜାନୁୟାରୀ ମାସରେ ହେଉଥିଲା । ଚଢ଼ାଇଗୁଆଁ ଅପର-ପ୍ରାଇମେରୀ ସ୍କୁଲର ହେଡ୍ ପଣ୍ଡିତ ଥିଲେ ବାଲିଆ ଗ୍ରାମର ମୁରଲୀଧର ଦାସ । ସେ ଜଣେ ଭଲ ଶିକ୍ଷକ ଥିଲେ । ସେହି ଦୃଷ୍ଟିରୁ ପିଲାଏ ବହୁ ଦୂରଦୂରାନ୍ତରୁ ଆସି ହଷ୍ଟେଲରେ ରହି ପଢୁଥିଲେ । ସେତେବେଳେ ଯେଉଁଠି ଗୋଟିଏ ସ୍କୁଲ ଥିଲା, ସେଠି ହଷ୍ଟେଲ ମଧ ଥିଲା । ପାଠପଢ଼ାର ଚାହିଦା ଏତେ କମ୍ ଥିଲା ଯେ, ପଚାଶ-ଶହେ ଗ୍ରାମ ଭିତରୁ କେବଳ ମୁଷ୍ଟିମେୟ ନାମଜାଦା ଲୋକଙ୍କର ପିଲା ପଢ଼ିବାକୁ ଆସୁଥିଲେ । ସେ ବର୍ଷ ଆମେ ମାତ୍ର ଦଶ ଜଣ ପିଲା ବିଭିନ୍ନ ଗ୍ରାମରୁ ଆସି ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଲୁ । ଆମ ଗ୍ରାମରୁ ମୁଁ ଓ ଧରଣୀ ସାମଲଙ୍କ ବଡ଼ପୁଅ ବଂଶୀଧର ଚୌଧୁରୀ, ଏହି ଦୁଇଜଣ ହଷ୍ଟେଲରେ ରହି ପଢ଼ିବାର କଥା ହେଲା । ଶୁଭ ଅନୁକୂଳରେ ବିଦ୍ୟାରମ୍ଭ କରାଗଲା । ହଷ୍ଟେଲରେ ରହିବାପାଇଁ ମାସିକ ୩ ଗୌଣୀ ଚାଉଳ ସହିତ ପରିବାପତ୍ର ବାବଦକୁ ୩ ଟଙ୍କା ଲେଖାଏଁ ଦେବାକୁ ପଡୁଥିଲା । ସେତେବେଳେ ଅପର-ପ୍ରାଇମେରୀ ସ୍କୁଲରେ ଯେଉଁ ପାଠ ପଢାଯାଉଥିଲା, ସେଥିରେ ନୀତିଶିକ୍ଷା ଓ ଚରିତ୍ରବତ୍ତା ସଙ୍ଗେସଙ୍ଗେ ଅଙ୍କ, ସାହିତ୍ୟ, ଭୂଗୋଳ ଓ ଇତିହାସ ଇତ୍ୟାଦି ମଧ୍ୟ ପଢା ଯାଉଥିଲା । ଶିକ୍ଷକମାନେ ମନଯୋଗ ସହ ପଢାଉଥିଲେ । ପିଲାମାନେ ଠିକ୍ ଭାବରେ ମନଯୋଗ ଦେଇ ନ ପଢ଼ିଲେ ସେମାନଙ୍କୁ କଠୋର ଦଣ୍ଡ ମଧ୍ୟ ଦିଆଯାଉଥିଲା । ଏପରିକି ଗାଈଗୋରୁକୁ ବାଡ଼େଇଲା ଭଳି ବେତରେ ପିଲାଙ୍କୁ ନିସ୍ତୁକ ମାଡ଼ ଦିଆଯାଉଥିଲା, ଯାହାଫଳରେ କି ବେଳେବେଳେ ପିଠି ଫାଟି ଯାଉଥିଲା । କେତେକ ପିଲା ମାଡ଼ ଭୟରେ ଲୁଚି ପଳାଇ ଯାଉଥିଲେ । ଯେଉଁ ଅଭିଭାବକମାନଙ୍କର ଶିକ୍ଷା ପ୍ରତି ଗରଜ ଥିଲା, ସେମାନେ ପିଲାଙ୍କୁ ଆଣି ପୁଣି ସ୍କୁଲରେ ଛାଡ଼ି ଯାଉଥିଲେ । ଯେଉଁ କେତେକ ମୁଷ୍ଟିମେୟ ପିଲା ପଢ଼ା ଶେଷ କରୁଥିଲେ, ସେମାନେ ନାମଜାଦା ହୋଇ ଉଚ୍ଚ ମଧ-ଇଂରାଜୀ ସ୍କୁଲରେ ଭର୍ତ୍ତି ହେଉଥିଲେ । ସେମାନେ ଇଂରେଜମାନଙ୍କର ଭଲ ଚାକିରିଆ ହେବା ପାଇଁ ପରୀକ୍ଷାରେ ଭଲଭାବେ ଉତ୍ତୀର୍ଣ୍ଣ ହେବାକୁ ଚେଷ୍ଟା କରୁଥିଲେ । ଶେଷରେ ତାଙ୍କୁ ଚାକିରି ମଧ ମିଳିଯାଉଥିଲା । କିନ୍ତୁ ସେହି ଛାତ୍ରମାନେ କେବେ ବଦମାସ୍, ଟାଉଟର, ଦ୍ୱାଚୋର ବା ମଦୁଆ ହେବାର ଦେଖାଯାଉ ନଥିଲା । ସେମାନେ ଭଦ୍ର ଛାତ୍ର ହୋଇ ବାହାରୁଥିଲେ । ଗ୍ରାମରେ ସେମାନଙ୍କୁ ଖୁବ୍ ସମ୍ମାନ ମିଳୁଥିଲା । ଜାତୀୟତା ବା ସାଂସ୍କୃତିକ ଚେତନା ବିଷୟରେ ସେପରି କିଛି ଶିକ୍ଷା ଦିଆଯାଉନଥିଲା । ମୁଁ ତ ଆଗରୁ କହିଛି, ପାଠ ପଢ଼ାରେ ମୁଁ ଭାରି ଦୁର୍ବଳ ଥିଲି । ପାଠ ମୋର ଭଲ ହେଉନଥିଲା । ତେଣୁ କ୍ଲାସରେ ବହୁତ ମାଡ଼ ଖାଉଥିଲି । ଏହିପରି ଅନେକ ଥର ମାଡ଼ ଖାଇବା ପରେ ଦିନେ ଘରକୁ ଲୁଚି ପଳାଇ ଆସିଲି । ବାପା ଏକଥା ଶୁଣି ଭାରି ଦୁଃଖ କଲେ । ସଙ୍ଗେସଙ୍ଗେ ମୋତେ ନେଇ ସ୍କୁଲରେ ଛାଡ଼ିଲେ । ପୁଣି କିଛିଦିନ ସ୍କୁଲରେ ପଢ଼ିଲା ପରେ ବାରମ୍ବାର ପଳାଇ ଆସିବାକୁ ଲାଗିଲି । ଆମ ଜାତିଭାଇର ଜଣେ ଦାଦା ଆମ ଘରେ ରହି କାମଦାମ କରୁଥାନ୍ତି । ସଙ୍ଗେସଙ୍ଗେ ମତେ ନେଇ ପୁଣି ସ୍କୁଲରେ ଛାଡ଼ି ଆସିବାକୁ ବାପା ତାଙ୍କୁ କହିଲେ । ବାପା ମଧ ସଙ୍ଗରେ ଗଲେ । ମୁଁ ବାରମ୍ବାର ମନା କରିବା ସତ୍ତ୍ୱେ ସେହି ଦାଦା ମୋତେ ଜବରଦସ୍ତ ଧରି କାଖେଇ ବା କେତେବେଳେ କାନ୍ଧରେ ବସେଇ ନେଇକରି ଗଲେ । ସେତେବେଳେ ପିଲାମାନେ ପ୍ୟାଣ୍ଟ ପିନ୍ଧିବାର ପ୍ରଥା ପ୍ରଚଳିତ ହୋଇ ନଥାଏ । ମୁଁ ନୁଆ

Digitized by srujanika@gmail.com

ଲୁଗା ଓ କୁର୍ତ୍ତା ପିନ୍ଧିଥାଏ । ତାକୁ ବାଟରେ ଚିରିଦେଲି । ମୋତେ ସେମାନେ ଜବରଦସ୍ତ ନେଇ ସ୍କୁଲରେ ଛାଡ଼ି ଆସିଲେ । ପୁଣି ମୁଁ ମାଡ଼ଭୟରେ ଲୁଚି ପଳାଇ ଆସିଲି । ସେତେବେଳକୁ ଶିକ୍ଷାବର୍ଷର ଅଧାରୁ ଅଧିକ ଗତ ହୋଇଯାଇଥାଏ । ଏଥିପାଇଁ ବାପା ଚିନ୍ତିତ ହେଲେ, କିନ୍ତୁ ମୋତେ ସ୍କୁଲ୍‌କୁ ପୁଣି ଯିବା ପାଇଁ ବାଧ୍ୟ କଲେ ନାହିଁ । ଏହିପରି ଅକାରଣରେ ମୋର ଗୋଟିଏ ବର୍ଷର ପାଠପଢ଼ା ନଷ୍ଟ ହୋଇଗଲା ।

ମାର୍ଶାଘାଇରେ ପୁଣି ନାମ ଲେଖା

ତା'ପର ବର୍ଷ ମୋର ପାଠ ପଢ଼ିବା ଉପରେ ବାପା ପୁଣି ଜୋର ଦେଲେ । ଏଥରକ ମୁଁ କିନ୍ତୁ ଖୁସିହୋଇ ୧୯୩୪ ମସିହା ଜାନୁୟାରୀରେ ମାର୍ଶାଘାଇ ଅପର-ପ୍ରାଇମେରୀ ସ୍କୁଲରେ ୪ର୍ଥ ଶ୍ରେଣୀରେ ନାମ ଲେଖାଇଲି । ସେଠି ହଷ୍ଟେଲ ଘର ନଥିବାରୁ ଅନ୍ୟତ୍ର ରହିବାକୁ ପଡ଼ିଲା । ମାର୍ଶାଘାଇ ଡାକ୍ତରଖାନାର କମ୍ପାଉଣ୍ଡର ନଥିବାରୁ ତାଙ୍କ ବସା ଖାଲି ପଡ଼ିଥିଲା । ସେଇଠି ଆମେ ୮/୧୦ ଜଣ ଛାତ୍ର ମେସ୍ କରି ରହିଲୁ । ସେଠି ଯେତେ ସହାଧାୟୀ ଛାତ୍ର ଥିଲେ, ସମସ୍ତେ ପ୍ରାୟ ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ି ପରବର୍ତ୍ତୀ ସମୟରେ ବ୍ୟବସାୟ ଓ ଚାକିରିବାକିରି କରି ଭଲ ଅବସ୍ଥାରେ ରହିଲେ । ମୋର ମାର୍ଶାଘାଇରେ ପାଠପଢ଼ାରେ ଭଲଭାବେ ମନ ଲାଗିଲା । ମୁଁ ସେଠାରେ ପାଠପଢ଼ାରେ ମଧ୍ୟମ ଧରଣର ଛାତ୍ର ଥିଲି । ମାର୍ଶାଘାଇ ଅପର୍ ପ୍ରାଇମେରୀ ସ୍କୁଲରେ ଉଦ୍ଧବ ଚରଣ ନାୟକ ହେଡ଼ପଣ୍ଡିତ ଥିଲେ, ତାଙ୍କ ଘର କେନ୍ଦ୍ରାପଡ଼ା ପୋଲ ପାଖରେ । ସେ ଭଲ ପାଠ ପଢ଼ାଉଥିଲେ, ମାଡ଼ ଖୁବ୍ କମ୍ ଥିଲା । ପାଠ ପଢ଼ାରେ ଭଲ ମନ ଲାଗିଲା । ସେହି ଶିକ୍ଷାବର୍ଷର ୧୯୩୪ ମଇରେ ଉଦ୍ଧବ ମାଷ୍ଟ୍ରେ ବଦଳି ହୋଇଗଲେ । ତାଙ୍କ ତଳ ଶିକ୍ଷକ ବେଣୁଧର ରଥ ହେଡ଼ପଣ୍ଡିତ ହେଲେ । ତାଙ୍କ ଘର ମାର୍ଶାଘାଇର ଜୁଣ ଗାଁରେ । ସେ ଜଣେ ଉତ୍ତମ ଶିକ୍ଷକ ଥିଲେ, ଓ ବାପାଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ଥିଲା । ତାଙ୍କ ବଡ଼ଭାଇ ବଂଶୀଧର ରଥ କେନ୍ଦ୍ରାପଡା ସବ୍‌ରେଜିଷ୍ଟ୍ରି ଅଫିସ୍‌ରେ ମୋହରିର ଥିଲେ । ଆମ ଅଞ୍ଚଳର ଲୋକେ ସେଠାକୁ ଯାଇ ଜମି ବିକ୍ରୀଖର୍ଦ୍ଦି କରୁଥିଲେ । ଆମ ଗ୍ରାମ ଓ ଆଖପାଖ ଗ୍ରାମର ଲୋକମାନଙ୍କ ସହିତ ବାପାଙ୍କର ସମ୍ପର୍କ ଥିବାରୁ ତାଙ୍କ ମଧ୍ୟସ୍ଥତାରେ ଜମି ବିକ୍ରିଖର୍ଦ୍ଦି କରାଯାଉଥିଲା । ସେ ବୋଧହୁଏ ଏହି କାମରୁ କିଛି ପଣ ପାଉଥିଲେ । ବାପାଙ୍କ ସହ ରଥ ପରିବାରର ଭଲ ସଂପର୍କ ଥିବାରୁ ହେଡ୍ ପଣ୍ଡିତ ବେଣୁଧର ରଥ ମୋତେ ମନଯୋଗ ସହକାରେ ପଢ଼ାଉଥିଲେ ।

ମାର୍ଶାଘାଇରେ ହଷ୍ଟେଲରେ ରହି ପଢୁଥିବା ସମୟରେ ଆମର ସହପାଠୀ ଥିଲେ ଖମଗାଁ ଚନ୍ଦା ଗାଁର ଧନେଶ୍ୱର ସ୍ୱାଇଁ, ଗରଜଙ୍ଗାର ଭୋଳାନାଥ ଦାସ, ମାର୍ଶାଘାଇ ତହସିଲ୍ ଅମିନଙ୍କ ପୁତ୍ର ନଟବର ସାମନ୍ତରା, ମାର୍ଶାଘାଇ ତହସିଲ୍ ସୁପରଭାଇଜର୍ କୃତିବାସ ସାମନ୍ତରାଙ୍କ ପୁଅ ନିତ୍ୟାନନ୍ଦ ସାମନ୍ତରା, ମାର୍ଶାଘାଇ ଡାକ୍ତରଙ୍କ ପୁତ୍ର ରତ୍ନାକର ବଳ ପ୍ରମୁଖ । ଏହିପରି ସାଙ୍ଗମାନଙ୍କ ମେଳରେ ମାର୍ଶାଘାଇରେ ପାଠପଢ଼ା ଚାଲୁଥିବା ସମୟରେ ୧୯୩୫ ମସିହା କାର୍ତ୍ତିକ ପୂର୍ଣ୍ଣିମା ଦିନ ବାପା ଇହଧାମ ତ୍ୟାଗ କରିଥିଲେ । ସେ ଟିବି ରୋଗରେ ପୀଡିତ ହୋଇ ବହୁତ ଯନ୍ତ୍ରଣା ଭୋଗି ଭୋଗି ମଲେ । ଅଜା ରାମହରି ବେହେରା ମଧ୍ୟ କାର୍ତ୍ତିକ ଦଶମୀ ଦିନ ମରିଥିଲେ । ମୋର ବୋଉ ମଧ କାର୍ତ୍ତିକ ଏକାଦଶୀ ଦିନ ଇହଧାମ ତ୍ୟାଗ

Digitized by srujanika@gmail.com

କରିଥିଲେ । ରାମହରି ବେହେରା ପଛରେ କୁଆଁରପାଳ ଠାରେ ବିଭା ହୋଇଥିଲେ । ବୋଧହୁଏ ସେ ଆଛ ମଧ କାର୍ତ୍ତିକ ମାସରେ ସ୍ୱର୍ଗବାସ କରିଥିଲେ । ବାପା ଥିଲେ ବୋଧହୁଏ ମୁଁ ପାଠପଢ଼ାରେ ଶୀର୍ଷସ୍ଥାନକୁ ଯାଇ ପାରିଥାନ୍ତି । ବାପାଙ୍କ ଅନ୍ତେ ବୋଉ ମୋର ପାଠପଢ଼ା ପାଇଁ ଆଗ୍ରହ ଦେଖାଇ ନଥିଲା, ବରଂ ଅନ୍ତରାୟ ହୋଇପଡିଲା, ଯେଉଁଥିପାଇଁ କି ମୁଁ ଇଚ୍ଛା ଅନୁଯାୟୀ ପାଠପଢ଼ାରେ ଆଗେଇ ଯିବାର ସୁଯୋଗରୁ ବଞ୍ଚିତ ହେଲି । ଏ ବାବଦରେ ମୋ ମନରେ ବଡ଼ ଅବଶୋଷ ରହିଗଲା ।

ଗାନ୍ଧିଜୀଙ୍କ କେନ୍ଦ୍ରାପଡା ଗସ୍ତ

ମାର୍ଶାଘାଇରେ ମୁଁ ଅପର୍ ପ୍ରାଇମେରି ପଢ଼ିବା ସମୟରେ ୧୯୩୪ ମସିହାରେ ମହାତ୍ମା ଗାନ୍ଧି ଓଡ଼ିଶା ପରିଭ୍ରମଣରେ ଆସି କେନ୍ଦ୍ରାପଡ଼ା ଆସିଥିଲେ । ସେ କେନ୍ଦ୍ରପଡ଼ାର ଗରାପୁର ଡାକବଙ୍ଗଳାରେ ରହିଥିଲେ । ଆମ୍ଭେମାନେ ଗାନ୍ଧିଜୀଙ୍କୁ ଦେଖିବାକୁ ବାହାରିବାରୁ ପ୍ରଧାନ ପଣ୍ଡିତ ଆମକୁ ମନା କରି କହିଲେ, ତୁମେ ସବୁ ଯାଇ ପାରିବ ନାହିଁ, କାରଣ ଛୋଟ ପିଲା ହୋଇଥିବାରୁ କେନ୍ଦ୍ରାପଡ଼ାକୁ ଚାଲିଚାଲି ଯାଇଆସି ପାରିବ ନାହିଁ । ସେତେବେଳେ ଗାଡ଼ିମଟରର କିଛି ସୁବିଧା ନଥିଲା । କେବଳ ଯାହା କେନ୍ଦ୍ରାପଡ଼ାରୁ ମାର୍ଶାଘାଇ ପର୍ଯ୍ୟନ୍ତ ଗୋଟିଏ କଚା ରାସ୍ତା ଥିଲା । ପୁଣି ତା'ର ଦୁଇପାଖ କିଆଗଛରେ ପରିପୂର୍ଣ୍ଣ ଥିବାରୁ ଟିକେ ଅନ୍ଧାର ହୋଇଗଲେ ଯିବାଆସିବା କରିବାକୁ ଡର ଲାଗୁଥିଲା । ଦିନ ଛଡ଼ା ରାତିରେ ଯିବାଆସିବାର ପ୍ରଶ୍ନ ଉଠୁନଥିଲା । କେବଳ କିଛି ଧନୀଲୋକ ବା ସରକାରୀ ଚାକିରିଆ ବେଳେବେଳେ ବଳଦଗାଡ଼ିରେ ଯିବାଆସିବା କରୁଥିଲେ । ପ୍ରଧାନଶିକ୍ଷକଙ୍କ ବାରଣ ସତ୍ତ୍ୱେ ଆମେ କେତେଜଣ ପିଲା କେନ୍ଦ୍ରପଡ଼ା ଚାଲି ଚାଲି ଗଲୁ ଗାନ୍ଧିଙ୍କୁ ଦେଖା କରିବାକୁ । ତାଙ୍କୁ ଦେଖିବା ପାଇଁ ସେଠାରେ ଲକ୍ଷାଧିକ ଲୋକଙ୍କର ଭିଡ । ସିଧାସଳଖ ତାଙ୍କୁ ଦେଖିବାର ସୁଯୋଗ ନଥିବାରୁ ବହୁତ ଲୋକ ଗଛମାନଙ୍କରେ ଚଢ଼ି ଦେଖିବାକୁ ଚେଷ୍ଟା କରୁଥିଲେ । ଆମେ ମଧ୍ୟ ସେହି ଆଶାରେ ଗଛ ଚଢ଼ିଥିଲୁ, କିନ୍ତୁ ତାଙ୍କୁ ଭଲଭାବରେ ଦେଖିପାରିଲୁ ନାହିଁ ।

ବାପାଙ୍କ ଇହଧାମ ତ୍ୟାଗ

ମୋର ପଞ୍ଚମଶ୍ରେଣୀ ବର୍ଷର ଅଧାବେଳକୁ ବାପାଙ୍କର ରାଜଯକ୍ଷ୍ମା ଆରମ୍ଭ ହୋଇଗଲା । ବାପା ସନ୍ଧ୍ୟା ଓ ସକାଳେ ଝାଡ଼ାଫେରି ଗଲାବେଳେ ଧୂଆଁପତ୍ରକୁ ପିକାକରି ଟାଣନ୍ତି । ଏଇଟା ତାଙ୍କର ବହୁଦିନର ଅଭ୍ୟାସ ଥିଲା । ମୋର ଅନୁମାନ, ପ୍ରତିଦିନ ଧୂଆଁପିଇବା ଯୋଗୁଁ ତାଙ୍କୁ ରାଜଯକ୍ଷ୍ମା ଧରିଲା । ସେତେବେଳେ ସେ ଭଲ ହେବାପାଇଁ ବହୁ ଚେଷ୍ଟା କରିଛନ୍ତି । କିନ୍ତୁ ଯକ୍ଷ୍ମାର ପ୍ରତିକାରକ ଔଷଧ କିଛି ବାହାରି ନଥିଲା । ତେଣୁ ସେ ଯକ୍ଷ୍ମା ରୋଗ ଭୋଗିଭୋଗି ୧୯୩୫ ମସିହା କାର୍ତ୍ତିକ ପୂର୍ଣ୍ଣିମା ଦିନ ୫୨ ବର୍ଷ ବୟସରେ ଇହଧାମ ତ୍ୟାଗ କଲେ । ମୁଁ ସେତେବେଳେ ମାର୍ଶାଘାଇ ଅପର-ପ୍ରାଇମେରୀ ସ୍କୁଲରେ ପଞ୍ଚମ ଶ୍ରେଣୀ ପଢୁଥାଏ । ପରୀକ୍ଷା ଦେବାକୁ ଦୁଇ ତିନିମାସ ଥାଏ । ତାଙ୍କର ଶୁଦ୍ଧିକ୍ରିୟା ସରିଲା ପରେ ମୁଁ ସ୍କୁଲକୁ ଯାଇ ମନଯୋଗ ଦେଇ ପଢ଼ାପଢ଼ି କଲି । ପରୀକ୍ଷାରେ ଭଲ କଲେ ମାଇନର ପଢ଼ିବି ବୋଲି ଲକ୍ଷ୍ୟରଖି ପଢ଼ାରେ ମନ ଦେଲି । ପରୀକ୍ଷାରେ ମଧମ ଧରଣର ପାଶ୍ କଲି । ଏଇପରି ମାର୍ଶାଘାଇରୁ ପାଠପଢ଼ା ସରିଲା ।

Digitized by srujanika@gmail.com

ମୋ ପାଠପଢ଼ାକୁ ନେଇ ଦ୍ୱନ୍ଦ୍ୱ

ମୁଁ ଆଗାମୀ ବର୍ଷ କୁଜଙ୍ଗ ବନବିହାରୀ ହାଇସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବି ବୋଲି କଥା ହେଲା । ବାପାଙ୍କର କେତେକ ଶୁଭେଚ୍ଛୁ ଓ ସାଙ୍ଗସାଥୀ ମୋତେ ପଢ଼ାଇବା ପାଇଁ ପରାମର୍ଶ ଦେଲେ । ସେତେବେଳେ ଆମ ପରିବାରରେ ଆମେ ମାତ୍ର ତିନିଜଣ ଲୋକ ଥିଲୁ, ବୋଉ, ମୁଁ ଓ ମୋର ସାନଭଉଣୀ ସାବିତ୍ରୀ । ବାପାଙ୍କର ସମ୍ପତ୍ତିବାଡ଼ି ଯାହା ଥିଲା, ତାହା ଗୋଟିଏ ସାଧାରଣ ଚାଷୀ ପରିବାର ପାଇଁ ଯଥେଷ୍ଟ ଥିଲା । ଚାକର ଓ ମୂଲିଆ ଇତ୍ୟାଦି ରଖି ସେ ଚାଷ କରୁଥିଲେ । ତତ୍‌ସଙ୍ଗେ ଧାନ ଓ ଟଙ୍କାପଇସା ଇତ୍ୟାଦି କରଜ ମଧ୍ୟ ଦେଉଥିଲେ । ଏଇମିତି ସେ ଭଲଭାବରେ ଚଳିଯାଇ ପାରୁଥିଲେ । ବାପା ମରିଯିବା ପରେ, ଘରର ଦାୟିତ୍ୱ ବୋଉ ଉପରେ ପଡ଼ିଲା । ବାପା ଥିଲାବେଳେ ସେ ଯାହାସବୁ କରୁଥିଲେ, ବୋଉ ଉପରେ ତା'ର ଛାପ ପଡ଼ିଥିଲା । ତେଣୁ ବୋଉ ଅକ୍ଳେଶରେ ଚାଷବାସ ଇତ୍ୟାଦି କାମକୁ ପରଲୋକଙ୍କୁ ଲଗେଇ ଚଳାଇ ନେଲା । ମୋର ପାଠପଢ଼ିବା କଥା ଯେତେବେଳେ ଉଠିଲା, ବୋଉ ବାରମ୍ବାର ମନା କଲା- "ମୋ ପୁଅର ଆଉ ପାଠପଢ଼ା ଦରକାର ନାହିଁ; ଯେତିକି ପଢ଼ିଛି, ସେତିକି ତା ପକ୍ଷେ ଯଥେଷ୍ଟ । ସେଥିରେ ସେ ଘରର ସବୁ ଦାୟିତ୍ୱ ତୁଲାଇ ନେଇପାରିବ, ଆଉ ବେଶି ପାଠପଢ଼ି କ'ଣ ଆମର ଦରକାର ହେ ! ମୁଁ ତ ଏକୁଟିଆ ଲୋକ, ପୁଅକୁ ପାଠ ପଢ଼ାଇବା ପାଇଁ ଦୂରକୁ ଛାଡ଼ି ପାରିବି ନାହିଁ, ମୋ ଆଖି ଫୁଟିଯିବ" । ଗ୍ରାମର କେତେକ ମୁଖ୍ୟ ଲୋକ ମଧ୍ୟ ଈର୍ଷାପ୍ରଣୋଦିତ ହୋଇ ବୋଉକୁ କାନେକାନେ ଶିଖାଇବାରେ ଲାଗିଲେ- "ପାଠପଢ଼ି କ'ଣ ଆଉ ହେବ ? ଏତେ ସମ୍ପତ୍ତିବାଡ଼ି ଅଛି, ଯାକୁ କିଏ ବୁଝିବ ? ସମ୍ପତ୍ତିବାଡ଼ିକୁ ସବୁ ପରଲୋକେ ଖାଇଯିବେ" । ଏହିପରି ସେମାନେ ବୋଉକୁ ପରାମର୍ଶ ଦେଇ ଚାଲିଲେ । ସେମାନଙ୍କର ଉଦ୍ଦେଶ୍ୟ, ଆମେ ତ ପଢ଼ିପାରିଲୁ ନାହିଁ କି ଆମ ପିଲାଙ୍କୁ ପଢ଼ାଇଲୁ ନାହିଁ ; ଇଏ ଯଦି ପାଠ ପଢ଼େ, ତେବେ ଗୋଟାଏ ବଡ଼ ହାକିମ ହେବ । ସେମାନେ ତାହା ସହନ୍ତେ କିପରି ? ଏହି ମନୋଭାବ ନେଇ ସେମାନେ ବୋଉକୁ କାନେକାନେ ଶିଖାଇଲେ ମୋତେ ପାଠ ନପଢ଼ାଇବା ପାଇଁ । କେବଳ ଏକମାତ୍ର ମୋର ସାନଦାଦା (ବ୍ରଜବନ୍ଧୁ ବେହେରା), ଯେ କି ସେତେବେଳେ ଆମଠାରୁ ପୃଥକ୍ ହୋଇଯାଇଥିଲେ, ତାଙ୍କର ଉତ୍ସାହ ଓ ପ୍ରେରଣା ମୋତେ ପଢ଼ିବା ପାଇଁ ଖୋରାକ୍ ଯୋଗାଉଥାଏ । ମୁଁ ମଧ୍ୟ ନିଜେ ପାଠପଢ଼ିବା ପାଇଁ ଜିଦ୍ କରୁଥାଏ ।

କୁଜଙ୍ଗ ବନବିହାରୀ ସ୍କୁଲରେ ନାମଲେଖା

ସମସ୍ତଙ୍କ କୁଟଚକ୍ରାନ୍ତ ସତ୍ତ୍ୱେ ମୋର ଜିଦ୍ ଯୋଗୁଁ କୁଜଙ୍ଗ ବନବିହାରୀ ହାଇସ୍କୁଲରେ ଷଷ୍ଠଶ୍ରେଣୀରେ ମୋର ନାମ ଲେଖାଇବାର ସ୍ଥିର ହେଲା । ମୁଁ ତ ଆଗରୁ କହିଛି, ସାରା କେନ୍ଦ୍ରାପଡ଼ା ସବ୍‌ଡିଭିଜନ୍‌ରେ ଗୋଟିଏ ମାତ୍ର ସରକାରୀ ହାଇସ୍କୁଲ କେନ୍ଦ୍ରାପଡ଼ା ସହରରେ ଥିଲା । ବର୍ତ୍ତମାନ ରାଜା ଷଣ୍ଡରାଜାଙ୍କ ଠାରୁ କୌଶଳ କରି କୁଜଙ୍ଗ ଜମିଦାରୀ ନେଇଥିବାରୁ ଲୋକଦେଖାଣିଆ ଭାବରେ କୁଜଙ୍ଗଠାରେ ନିଜ ବାପାଙ୍କ ନାମରେ ଗୋଟିଏ ହାଇସ୍କୁଲ କରିଥିଲେ । ତାଙ୍କ ଅଧୀନରେ ସେ ହାଇସ୍କୁଲ ଭଲଭାବରେ ଚାଲିଥିଲା । ତାହା ଆମ

Digitized by srujanika@gmail.com

ଅଞ୍ଚଳରେ କଟକ ପର୍ଯ୍ୟନ୍ତ ଗୋଟିଏ ମାତ୍ର ହାଇସ୍କୁଲ ଥିଲା । ସେହି ଜମିଦାରୀ ଅଧୀନରେ ଆମେ ପ୍ରଜା ହୋଇଥିବାରୁ କିଛି ସୁବିଧାସୁଯୋଗ ମିଳିବା ଆଶାରେ କୁଜଙ୍ଗ ହାଇସ୍କୁଲରେ ୧୯୩୬ ମସିହା ଜାନୁୟାରୀ ମାସରେ ମୋର ଓ ଆମ ଗ୍ରାମ ଧରଣୀ ସାମଲଙ୍କ ପୁତ୍ର ବଂଶୀଧର ଚୌଧୁରୀଙ୍କର ଏକ ସାଙ୍ଗରେ ନାମ ଲେଖା ହେଲା । ସେଠି ସବୁଆଡୁ ପିଲା ଆସୁଥିବାରୁ ସ୍କୁଲରେ ନାମଲେଖା ପାଇଁ ପିଲାଙ୍କୁ ପରୀକ୍ଷା କରି ନିଆଯାଉଥାଏ । ଆମେ ଦୁଇଜଣ ପରୀକ୍ଷାରେ ପାଶ୍ କଲୁ ଏବଂ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଲୁ । ସେଠି ଚାରିଗୋଟି ହଷ୍ଟେଲ ଥିଲା, ଏ, ବି, ସି. ଓ ଡି ନାଁରେ । ଆମେ 'ବି' ହଷ୍ଟେଲରେ ରହିଲୁ । ପଢ଼ାପଢ଼ି ଚାଲିବା ଭିତରେ ମୁଁ ସ୍କାଉଟ୍‌ରେ ଯୋଗ ଦେଲି । ପୁଣି ପ୍ରତିଦିନ କ୍ଲାସ୍ ଶେଷରେ ୪ଟା ପରେ ମୁଁ ନିୟମିତ ଭାବରେ ଫୁଟ୍‌ବଲ୍ ଖେଳୁଥାଏ । କେଉଁଠି ନିଆଁ ଲାଗିଲେ ଆମେ ସ୍କାଉଟ୍ ପିଲା ଯାଇ ନିଆଁ ଲିଭାଇବାର ବ୍ୟବସ୍ଥା କରିବା ସଂଗେସଂଗେ ବିପଦାପନ୍ନ ଲୋକଙ୍କ ପାଇଁ ଚାଉଳ, ଲୁଗାପଟା ଓ ପଇସାପତ୍ର ଚାନ୍ଦା ମାଗି ସାହାଯ୍ୟ କରୁଥିଲୁ । ୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଘୋଷଣା କରାଗଲା ଏବଂ ତାହା ବଡ ଆଡ଼ମ୍ବର ସହକାରେ କୁଜଙ୍ଗ ସ୍କୁଲରେ ପାଳନ କରାଯାଇଥିଲା ।

କୁଜଙ୍ଗରୁ ବିଦାୟ

ଏହିପରି ମୋର ପାଠପଢ଼ା ସୁରୁଖୁରୁରେ ତିନି-ଚାରି ମାସ ଚାଲିଲା ପରେ ମୋର ସାଙ୍ଗ ବଂଶୀଧରଙ୍କ ବାପା ହଠାତ୍ ଦିନେ କୁଜଙ୍ଗରେ ପହଞ୍ଚି ଗୋଟିଏ ଦୁଃସମ୍ବାଦ ଦେଲେ- "ତୋ ବୋଉ ଓ ଦାଦାଙ୍କର ଝଗଡ଼ା ଲାଗି ବୋଉକୁ ଦାବା ମାରିଛି ଏବଂ ଏ ଝଗଡ଼ା ତୋରି ପାଠପଢାକୁ କେନ୍ଦ୍ରକରି । ତୋତେ ଶୀଘ୍ର ଘରକୁ ଯିବାକୁ ହେବ" । ମୁଁ ଏକଥା ତାଙ୍କଠାରୁ ଶୁଣି ସଂଗେସଂଗେ ଘରକୁ ବାହାରିଲି । ସେଦିନ ଶନିବାର ଥିବାରୁ ଦିନ ଦୁଇଟାରେ କୁଜଙ୍ଗରୁ ବାହାରି ଅଧାବାଟରେ ଗଡାନନ୍ଦଠାରେ ସନ୍ଧ୍ୟା ହୋଇଯିବାରୁ ସେଇ ଗଡାନନ୍ଦ ସ୍କୁଲରେ ରହିଲି ।

ଘରକୁ ଆସିବା ପାଇଁ ରାସ୍ତା ଯେ କେତେ କଦର୍ଯ୍ୟ ଥିଲା, ତା'ର ସୂଚନା ଦେବା ଦରକାର । ଆମ ଗ୍ରାମ ଦଶିପୁରଠାରୁ କୁଜଙ୍ଗ ପର୍ଯ୍ୟନ୍ତ ମାତ୍ର ୭/୮ ମାଇଲ୍ ଦୂର, କିନ୍ତୁ ତା' ଭିତରେ ୫ଟା ନଦୀ ଓ ଦୁଇଟି କେନାଲ୍ । ଏପରି ମୋଟ ୭ଟା ଘାଟ ପାରହୋଇ କୁଜଙ୍ଗରେ ପହଞ୍ଚିବାକୁ ହୁଏ । ତେଣୁ ଏତିକି ବାଟକୁ ଅତିକ୍ରମ କରିବା ପାଇଁ ଦିନତମାମ ଲାଗିଯାଏ । ସେତେବେଳେ ରାସ୍ତା ଆଦୌ ନଥାଏ । ବିଲ ବାଟରେ ଯିବା ଆସିବା କରିବାକୁ ହୁଏ । ଏତ ଖରାଦିନର କଥା । ବର୍ଷାଦିନେ ଆହୁରି କଦର୍ଯ୍ୟ ଭାବରେ ଯିବାକୁ ହୁଏ । ଘରପାଖରୁ ଗାମୁଛା ପିନ୍ଧି ଲୁଗାପଟା ଇତ୍ୟାଦି ବ୍ୟାଗ୍‌ରେ ପୁରାଇ କିମ୍ବା କାଖରେ ଜାକି ସଙ୍ଗରେ ଛତା ଧରି ଯିବାକୁ ହେଉଥାଏ । ଆମ ଜମିଦାରୀର ଅଫିସ୍ କୁଜଙ୍ଗରେ ଥିବାରୁ ଆମ ଅଞ୍ଚଳର ପ୍ରଜାମାନେ ନିତି ଯିବାଆସିବା କରିକରି ସେମାନଙ୍କର ଏମିତି ଅଭ୍ୟାସ ହୋଇଯାଇଥାଏ ଯେ, ସେମାନେ ସେଥିରେ ବେଶୀ କଷ୍ଟ ଅନୁଭବ କରିନଥାନ୍ତି । ରାସ୍ତାର ଏହି ପ୍ରକାର ଅସୁବିଧା କାରଣରୁ ସେଦିନ ମୁଁ ଗଡାନନ୍ଦ ସ୍କୁଲ୍‌ରେ ଅଟକିଲି ଓ ମନଦୁଃଖରେ ରାତି ବିତାଇଲି । ପରଦିନ ଘରେ ଆସି ପହଞ୍ଚି ଶୁଣିଲି, ଦାଦା ଓ ବୋଉର କିଛି କଳିକଜିଆ

Digitized by srujanika@gmail.com

ନାହିଁ କି ବୋଉକୁ ଦାଦା ମାରି ନାହାନ୍ତି । ଯାହା ଜାଣିଲି, ଯିଏ ଖବର ଦେଲେ ତାଙ୍କର ଇଚ୍ଛା ନୁହେଁ ମୁଁ ପଢେ ; ତାଙ୍କ ପୁଅ ଏକା ପଢ଼ିବ । ଆମ ଗାଁରୁ ଅନ୍ୟ କେହି ପଢ଼ିବା ସେ ଦେଖିପାରିବେ ନାହିଁ । ତାଙ୍କର ଏହି ଦୃଷ୍ଟିକୋଣ ମୁଁ ବୁଝିପାରିଲି । ସେତେବେଳେ ଆମ ଗ୍ରାମରୁ ପ୍ରଥମେ ଆମେ ଦୁଇଜଣ ବାହାରକୁ ପଢ଼ିବାକୁ ଯାଇଥିବାରୁ ସମସ୍ତଙ୍କ ଦୃଷ୍ଟିଭଙ୍ଗୀ ଆମ ପ୍ରତି ଭିନ୍ନ ପ୍ରକାର ହେଉଥାଏ । କିନ୍ତୁ ବୋଉକୁ ଆମ ଗ୍ରାମର କେତେକ ଲୋକ କାନେକାନେ ଶିଖାଇବାକୁ ଲାଗିଲେ ଯେ, ସେ ଯଦି ପଢିବାକୁ ଯାଏ, ସମ୍ପତ୍ତିବାଡି ସବୁ ବିନଷ୍ଟ ହୋଇଯିବ ; ବାପା ଯାହା ସମ୍ପତ୍ତି ଅର୍ଜିଛନ୍ତି, ସବୁ ଚାଲିଯିବ ଓ ତୁମର ଭବିଷ୍ୟତ ଖରାପ ହେବ । ଏହିପରି ସେମାନେ ବୋଉକୁ କୁଶିକ୍ଷା ଦେବା ଦ୍ୱାରା ବୋଉ ଜିଦ୍ ଧରିଲା ଯେ, ତୁ ପଢ଼ିବାକୁ ଗଲେ ମୁଁ ତୋତେ ଝୁରିଝୁରି ମରିଯିବି । ଶେଷରେ ବାଧ ହୋଇ ମୋର ପଢ଼ା ଏତିକିରେ ସାଙ୍ଗ ହେଲା । ବୋଉ ଏଥିରେ ଖୁସି ହୋଇ ଚାଷବାସର ଦାୟିତ୍ୱ ବୁଝିବା ପାଇଁ ମୋତେ କହିଲା । ମୁଁ ସେହିଦିନଠାରୁ ଚାଷ କାମରେ ମନ ଦେଲି । ଘରକୁ ଆସି ପୁରାଦମରେ ନିଷ୍ଠା ସହକାରେ ଘାସକାଟିବା ଠାରୁ ଚାଷକାର୍ଯ୍ୟ ପର୍ଯ୍ୟନ୍ତ ଘରର ଯାବତୀୟ କାମରେ ହାତ ଦେଲି, କେବଳ ମଝିରେ ମଝିରେ କଂଗ୍ରେସ ସଭାମାନଙ୍କରେ ଯୋଗ ଦେଉଥିଲି ।

ପାଠପଢା ବନ୍ଦ ପରେ

ଘରେ ରହି ଅନ୍ୟାନ୍ୟ ବହି ସବୁ ପଢ଼ାପଢ଼ି କଲି । ସେତେବେଳେ ଦେଶର ସ୍ୱାଧୀନତା ପାଇଁ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥାଏ । ଇଂରେଜ ସରକାରଙ୍କ ପାଖରେ ସ୍ୱାୟତ୍ତଶାସନ ପାଇବା ପାଇଁ ଦାବି ହୋଇଥାଏ । ଜିଲ୍ଲା ବୋର୍ଡ ଓ ଲୋକାଲ ବୋର୍ଡର ପରିଚାଳନା କରିବାର ଅଧିକାର ସ୍ଥାନୀୟ ପ୍ରତିନିଧି ଦିଆଯାଇଥାଏ । କଂଗ୍ରେସ କର୍ମୀମାନେ ଜନସାଧାରଣଙ୍କ ପ୍ରତିନିଧି ହିସାବରେ ଜିଲ୍ଲା ବୋର୍ଡର ଚେୟାରମ୍ୟାନ୍, ଭାଇସ୍ ଚେୟାରମ୍ୟାନ୍ ଓ ମେମ୍ବର ଭାବେ ରହି ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତାଘାଟ ଇତ୍ୟାଦି ବ୍ୟାପାର ବୁଝୁଥାନ୍ତି । ମୁଁ ବେଳେ ବେଳେ କଂଗ୍ରେସ ମିଟିଙ୍ଗ୍‌କୁ ଯାଉଥାଏ, କିନ୍ତୁ ସ୍ୱାଧୀନତା ଆନ୍ଦୋଳନ ବିଷୟରେ ବରାବର ଖବର ନେଉଥାଏ । ସେତେବେଳେ କଂଗ୍ରେସ କର୍ମୀ ହେବା ବଡ଼ କଷ୍ଟକର । କାହିଁକିନା ଗ୍ରାମର ମୁଖ୍ୟ ଲୋକମାନେ ଇଂରେଜ କର୍ମଚାରୀଙ୍କ ଦଲାଲି କରିବାକୁ ଯାଇ କଂଗ୍ରେସ ବିରୁଦ୍ଧରେ କାମ କରୁଥିଲେ । କେହି ଯଦି କଂଗ୍ରେସ ସଭାକୁ ଯିବାକୁ ବା କଂଗ୍ରେସ କର୍ମୀ ହେବାକୁ ଚାହିଁଲା, ତାକୁ ଓ ତା'ର ବାପମାଆଙ୍କୁ ଏହି ଦଲାଲ୍‌ମାନଙ୍କ ଜରିଆରେ ହଇରାଣ ହରକତ୍ କରାଯାଉଥିଲା । ମୁଁ ଜାଣିଥିଲି, ଆମ ଗାଁର ଜନକର ପ୍ରଧାନଙ୍କ ବଡପୁଅ ଗଜେନ୍ଦ୍ର ପ୍ରଧାନ କିଛି ପାଠଶାଠ ପଢିଥିଲା । ସେ ତାଙ୍କ ଘରଲୋକଙ୍କ ଅଜାଣତରେ କଂଗ୍ରେସ୍ କର୍ମୀଙ୍କ ସଙ୍ଗରେ ବୁଲିଲା ଏବଂ ଆଉ ଘରକୁ ନଆସି କଟକ ସ୍ୱରାଜ୍ୟ ଆଶ୍ରମରେ ରହିଲା । ଏକଥା ଶୁଣି ତା ବାପାମାଆ ସଙ୍ଗେସଙ୍ଗେ ଯାଇ ତାକୁ କଟକରୁ ନେଇ ଆସିଲେ । ସେହିଦିନ ଠାରୁ ଆମଗ୍ରାମରେ ଆଉ ଜଣେ କଂଗ୍ରେସ କର୍ମୀ ବାହାରିବା ମୁସ୍କିଲ୍ ଥିଲା । ଏକଥା ମୁଁ ଜାଣି ସୁଦ୍ଧା ଓର ଉଣ୍ଡି କଂଗ୍ରେସ୍ ସଭାସମିତିକୁ ଯିବାଆସିବା କରୁଥିଲି । ବୋଉ ତ ଏସବୁ ବିଷୟରେ ଜାଣି ପାରୁନଥିଲା । ବାପା ଥିଲେ ହୁଏତ୍ ବାଧା ଦେଇଥାନ୍ତେ । ଏହାହିଁ ମୋର ଏକ ସୁବିଧା ଥିଲା ।

Digitized by srujanika@gmail.com

୧୯୩୭ ମସିହାରେ ପ୍ରଥମ ଭୋଟ୍ ପ୍ରଚାର

୧୯୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ୧୯୩୫ ଭାରତ ଶାସନ ଅନୁଯାୟୀ ୧୯୩୭ରେ ବିଭିନ୍ନ ରାଜ୍ୟରେ ସୀମିତ ସ୍ୱାୟତ୍ତ ଶାସନ ଭିତ୍ତିରେ ପ୍ରାଦେଶିକ ସରକାର ଗଢାଯିବା ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ସେତେବେଳେ ସାବାଳକ ଭୋଟ୍ ପ୍ରଥା ନଥିଲା । ଗ୍ରାମରେ ଯେଉଁମାନେ ବାରଣା ଟିକସ ଦେଉଥିଲେ ସେମାନେ ହିଁ କେବଳ ଭୋଟ୍ ଦେଉଥିଲେ । ଏହି ହିସାବରେ ଆମ ଗାଁରୁ ମାତ୍ର ୪/୫ ଜଣ ଭୋଟ୍ ଦେବାକୁ ଯାଉଥିଲେ । ସେତେବେଳେ ଆମ ଗାଁର ଥାନା ଥିଲା ପାଟକୁରା ଓ ତାହାହିଁ ଭୋଟ୍ କେନ୍ଦ୍ର ଥିଲା । ଯଦିଓ ଆମଘର ଟିକସଦାତା ଥିବାରୁ ଭୋଟ୍ ଦେବା ପାଇଁ ଆମେ ଯୋଗ୍ୟ ଥିଲୁ, କିନ୍ତୁ ମୁଁ ସେତେବେଳେ ନାବାଳକ ଥିବାରୁ ଭୋଟ୍ ଦେଇ ପାରିନଥିଲି । କିନ୍ତୁ କଂଗ୍ରେସ୍ ସପକ୍ଷରେ ନିର୍ବାଚନ ପ୍ରଚାର କରିବା ପାଇଁ ମୁଁ ପାଟକୁରା ଯାଇଥିଲି । ସେତେବେଳେ ମୋର ମନେଅଛି, କଂଗ୍ରେସ୍‌ର ପ୍ରାର୍ଥୀ ଥିଲେ ପାଟକୁରାର ଲୋକନାଥ ମିଶ୍ର ଓ ତାଙ୍କ ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରୁଥାନ୍ତି ଟିକାୟତ, ରାଜା-ଜମିଦାରମାନଙ୍କ ପ୍ରତିନିଧି । କଂଗ୍ରେସ୍ ନେତାମାନେ ସେତେବେଳେ ଲୋକଙ୍କୁ ବୁଝାଉଥାନ୍ତି, କଂଗ୍ରେସ୍ ନେତୃତ୍ୱରେ ଦେଶକୁ ସ୍ୱାଧୀନତା ମିଳିଲେ ରାମରାଜ୍ୟ ଆସିଯିବ । ସେହି ନିର୍ବାଚନରେ କଂଗ୍ରେସ୍ ଅଧିକ ଭୋଟ୍ ପାଇ ଓଡିଶାରେ ପ୍ରାଦେଶିକ ସରକାର ଗଢିଲା, ବିଶ୍ୱନାଥ ଦାସ ଏହାର ପ୍ରଧାନମନ୍ତ୍ରୀ ହେଲେ ଓ ଆଉ କେତେକ କଂଗ୍ରେସ୍ ନେତା ମନ୍ତ୍ରୀମଣ୍ଡଳରେ ରହିଲେ । ସେତେବେଳେ ମୁଁ କଂଗ୍ରେସ୍ ଲୋକଙ୍କ ସହ ମିଶିବା ଦ୍ୱାରା ତଥା ବିଭିନ୍ନ ସଭାସମିତିରେ ଯୋଗଦେବା ଦ୍ୱାରା ବହୁତ କଥା ଜାଣି ପାରୁଥାଏ, ବିଶେଷ କରି ଧନୀଗରିବ, ବଡସାନ, ସବର୍ଣ୍ଣ-ହରିଜନ ଇତ୍ୟାଦି ଭେଦଭାବ ସମାଜରେ କେମିତି ସୃଷ୍ଟି ହେଲା ।

ହୃଦାନନ୍ଦ ମଲିକର ଚିହ୍ନଟକାରୀ

ଏହି ସମୟରେ ଆମ ଗ୍ରାମରେ ଏକ ଘଟଣା ଘଟିଲା, ଯାହା ଫଳରେ ମୁଁ ପ୍ରଥମେ ଏ ଅଞ୍ଚଳର ମାମଲତକାର୍‌ମାନଙ୍କ ଦୃଷ୍ଟିକୁ ଆସିଲି । ହୃଦାନନ୍ଦ ମଳିକ ଆମ ଗ୍ରାମର ଚୌକିଦାର ଥାଏ । ଗିରଙ୍ଗ ନିବାସୀ ବାସୁଦେବ ଅଧିକାରୀ ଆମ ଗ୍ରାମରେ ମହାଜନି କାରବାର କରୁଥିଲେ, କିନ୍ତୁ ପ୍ରଥମେ ଆମ ଗ୍ରାମର ମାମଲତକାର ନଥିଲେ । ଆମ ବାପା ମରିଯିବା ପରେ ସେ ଆମଗ୍ରାମରେ ନ୍ୟାୟନିଶାପ କରିବା ଆରମ୍ଭ କଲେ । ଘରେ ସ୍ତ୍ରୀ-ପୁରୁଷ ଭିତରେ କଜିଆ ଲାଗିଲେ ତାଙ୍କୁ ମଧ୍ୟ ଡକରା ପଡ଼େ । ବାସୁଦେବ ଅଧିକାରୀ କୌଣସି ମତେ ହୃଦାନନ୍ଦ ମଳିକଙ୍କ ଜମି ହାତେଇ ନେବାକୁ ଚକ୍ରାନ୍ତ କଲେ । ସେ ବିଚରା ଗରୀବ ଲୋକ, ବାସୁଦେବଙ୍କ ହାବୁଡରୁ ନିଜ ଜମିକୁ ରକ୍ଷା କରିବା ପାଇଁ କେନ୍ଦ୍ରାପଡାର ଜଣେ ମୁସଲମାନ୍ ଡାକ୍ତରକୁ ତା' ଜମିକୁ ନାମକୁ ମାତ୍ର ବିକ୍ରୀ କରିଦେବାକୁ ଚାହିଁଲା । ଆଗରୁ ହୃଦାନନ୍ଦ ସେ ଡାକ୍ତରକୁ ଜାଣିଥିଲା ଓ ସେମାନଙ୍କ ଭିତରେ ଭଲ ସଂପର୍କ ଥିଲା । ବାସୁଦେବ ଅଧିକାରୀ ଏହା ଜାଣିପାରି ସଂପୃକ୍ତ କ୍ରୟ-ଖର୍ଦ୍ଦି ଅଫିସର୍‌ଙ୍କୁ କହିଲେ, 'ମୁଁ ହୃଦାନନ୍ଦ ମଳିକର ଜମି ଚିହ୍ନଟ

Digitized by srujanika@gmail.com

କରିବି'। ତାଙ୍କର ଉଦ୍ଦେଶ୍ୟ ଥିଲା, ସେହି ଜମି ହୃଦାନନ୍ଦର ନୁହେଁ ବୋଲି ପ୍ରମାଣ କରିବା। କିନ୍ତୁ ହୃଦାନନ୍ଦ କହିଲା, ମୋ ଜମି ଚିହ୍ନଟ କରିବା ପାଇଁ ଅଲଗା ଲୋକ ଅଛି। ମୁଁ ଆଗରୁ ତାକୁ କହିଥିଲି ଏ ବ୍ୟାପାରରେ ଯାହା କିଛି ଆବଶ୍ୟକ ପଡିବ, ମୁଁ ସାହାଯ୍ୟ କରିବି। ମୋତେ ହୃଦାନନ୍ଦ ମଳିକ ସେହି ଅଫିସରଙ୍କ ପାଖକୁ ନେଇଗଲା। ଅଫିସର୍ କହିଲେ, ଏ ପିଲା ଯଦି ସାବାଳକ ହୋଇଥାଏ ତେବେ ଚିହ୍ନଟ କରିପାରିବ। ଡାକ୍ତରଙ୍କୁ ପଚରାଗଲା, ମୁଁ ସାବାଳକ କି ନୁହେଁ। ଡାକ୍ତର ଦେଖିଲେ, ମୋର କଳଦାନ୍ତ ଉଠିଛି, ତେଣୁ ମୁଁ ସାବାଳକ ଓ ସେହିହେତୁ ଚିହ୍ନଟକାରୀ ହୋଇପାରିବି। ମୁଁ ହୃଦାନନ୍ଦ ଜମିର ଚିହ୍ନଟକାରୀ ହେଲି ଓ ହୃଦାନନ୍ଦ ଚାହିଁବା ମତେ ସେ ଜମିର କବଲା ତା ନାଁରେ ରେଜିଷ୍ଟ୍ରି ହୋଇଗଲା। ବାସୁଦେବ ଅଧିକାରୀ ସେହି ଜମିକୁ ହାତେଇ ନେବା ପାଇଁ ଯେଉଁ ଚକ୍ରାନ୍ତ କରିଥିଲେ ତାହା ପଣ୍ଡ ହେଲା। ମୋର ଏହି ଭୂମିକା ଯୋଗୁଁ ମୁଁ ସେହି ଅଞ୍ଚଳର ବିଶିଷ୍ଟ ମାମଲତ୍‌କାରମାନଙ୍କ ନଜରକୁ ଆସିଥିଲି। ଆଉମଧ୍ୟ ସେବେଠାରୁ ସାଧାରଣ ଲୋକେ କୌଣସି ହଇରାଣ ହରକତ୍ର ସମ୍ମୁଖୀନ ହେଲେ ମୋତେ ଖୋଜିଥାନ୍ତି।

ସ୍କୁଲ୍ ଘର ସ୍ଥାନାନ୍ତର

୧୯୩୭ ମସିହାରେ ଅଧଘଣ୍ଟା ଧରି ବତାସ ହେଲା, ଯାହା ଫଳରେ ସ୍କୁଲପାଖରେ ବହୁ ଦିନରୁ ଥିବା ଗୋଟିଏ ବିରାଟ ବରଗଛ ଉପୁଡ଼ି ପଡ଼ି ସ୍କୁଲଘରଟି ସମୂଳେ ଧ୍ୱଂସ ହୋଇଗଲା। ସ୍କୁଲଘର ଭାଙ୍ଗି ଯିବାପରେ ଅନ୍ୟ କେଉଁଠି ସ୍କୁଲ ଘର ହେବା ବିଷୟ କୌଣସି ପ୍ରକାରେ ସ୍ଥିର ହୋଇପାରିଲା ନାହିଁ। ଗ୍ରାମବାସୀଙ୍କର ଧାରଣା ଥିଲା, ସ୍କୁଲଟି ଧରଣୀଧର ସାମଲଙ୍କର, ତେଣୁ ଅନ୍ୟ କେଉଁ ଜାଗାକୁ ସ୍କୁଲ୍ ଉଠାଇନେବା ପ୍ରସ୍ତାବକୁ ଗ୍ରାମର ଲୋକମାନେ ମନ ଦେଲେ ନାହିଁ। ଅନ୍ୟ ପଟରେ ସ୍କୁଲ ଘରଟି ନିର୍ମିତ ନହେଲେ ଗ୍ରାଣ୍ଟ କଟିଯିବ ଓ ଧରଣୀଧର ସାମଲଙ୍କର ଶିକ୍ଷକତା ମଧ୍ୟ ରହିବ ନାହିଁ। ଧରଣୀଧର ସାମଲଙ୍କର ସ୍କୁଲ୍ ସହିତ ବିଭିନ୍ନ ସ୍ୱାର୍ଥ ଜଡ଼ିତ ଥିବାରୁ ସେ ଚିନ୍ତାକଲେ, ଯେମିତି ହେଲେ କେଉଁଠି ନା କେଉଁଠି ସ୍କୁଲ ଘର କରିବାକୁ ହେବ। ସେ ଆମ ଗ୍ରାମରେ ଶ୍ୟାମସୁନ୍ଦର ଦାସ (ଆମର ଦାଦା, ଏବଂ ଶ୍ରୀବତ୍ସ ବେହେରାଙ୍କ ବାପା)ଙ୍କ ମହାଜନୀ କାରବାରର ନବସନ୍ଧା ଥିଲେ। ଶ୍ୟାମସୁନ୍ଦରଙ୍କର କିଛି ଡିସିମିଲ୍ ଜମିରେ ଗୋଟିଏ ମଠଘର ଥିଲା। ସେ ଜାଗାଟି ଶ୍ୟାମସୁନ୍ଦର ଦାସଙ୍କର ନିଜ ସମ୍ପତ୍ତି ବୋଲି ରେକର୍ଡ଼ଭୁକ୍ତ ଥିଲା। ସେହି ଜାଗାରେ ସ୍କୁଲଘର କରିବାପାଇଁ ନବସନ୍ଧା ଧରଣୀଧର ସାମଲ ଶ୍ୟାମସୁନ୍ଦରଙ୍କୁ ପ୍ରସ୍ତାବ ଦେଇ କହିଲେ, ତୁମ ଜାଗାରେ ବର୍ତ୍ତମାନ ସ୍କୁଲଘର ତିଆରି କରିଦିଅ, ସେଠି ପିଲା ପାଠ ପଢ଼ନ୍ତୁ। ତୁମେ ସ୍କୁଲ୍ର ସମ୍ପାଦକ ହୋଇ ରହିବ। ତୁମ ମଠଜାଗା ତୁମର ହୋଇ ରହିବ ଓ କିଛି ଅସୁବିଧା ହେବ ନାହିଁ। ପରେ ଗ୍ରାମବାସୀ କେଉଁ ଜାଗାରେ ସ୍କୁଲଘର କରିବେ, ତାହା ଦେଖାଯିବ। ବର୍ତ୍ତମାନ ଗ୍ରାଣ୍ଟ ନକଟିବା ପାଇଁ ସ୍କୁଲଘରଟି କରାଯାଉ। ସେହି ଅନୁସାରେ ବାବାଜୀ ଶ୍ୟାମସୁନ୍ଦର ଦାସ ତାଙ୍କ ମଠଜାଗାରେ ସ୍କୁଲ୍‌ଘର କରାଇ ଦେଲେ। ସେ ମଧ୍ୟ ସ୍କୁଲର ସମ୍ପାଦକ ହେଲେ। ସ୍କୁଲଘରଟି ହୋଇଯିବାରୁ ସ୍କୁଲ ଗ୍ରାଣ୍ଟ ରହିଗଲା ଓ ଧରଣୀଧର ସାମଲ ସ୍ଥାୟୀ ଶିକ୍ଷକ ହୋଇ ରହିଗଲେ।

Digitized by srujanika@gmail.com

ଧରଣୀଧରଙ୍କ ଆଧିପତ୍ୟ ବୃଦ୍ଧି

ସେ ସ୍କୁଲରେ ସ୍ଥାୟୀ ଶିକ୍ଷକ ହୋଇଯିବା ଦ୍ୱାରା ଗ୍ରାମରେ ତାଙ୍କର ଆଧିପତ୍ୟ ବଢ଼ିଗଲା । ସ୍କୁଲରେ ମଧ୍ୟ ସେ ପାଠପଢ଼ା ମନମୁଖୀ ଢଙ୍ଗରେ ଚଳାଇଲେ । ଗ୍ରାମଲୋକେ ଏସବୁ ଜାଣି ମଧ୍ୟ କିଛି କହିବାକୁ ସାହାସ କଲେନାହିଁ । ୧୯୩୫ ମସିହାରେ ବାପାଙ୍କ ମୃତ୍ୟୁ ହୋଇଯାଇଥିବାରୁ ଧରଣୀଧର ନିରଙ୍କୁଶ ହୋଇପଡିଲେ ଏବଂ ପାଠପଢାକୁ ଅବହେଳା କରି ଚାଲିଲେ । କିନ୍ତୁ ଭିତରେ ଭିତରେ ଏହାକୁ ନେଇ ଲୋକଙ୍କର ଅସନ୍ତୋଷ ବଢିଚାଲିଲା । ପାଠପଢାରେ ସେ ଅବହେଳା କରିବାର ମୁଖ୍ୟ କାରଣ ଥିଲା, ଧରଣୀଧର ଦୁଇଜଣ ମହାଜନ (ବାସୁଦେବ ଅଧିକାରୀ ଓ ଶ୍ୟାମସୁନ୍ଦର ଦାସ)ଙ୍କ ନବସନ୍ଧା ହୋଇ ସବୁବେଳେ ଦେଢ଼ିଧାନ ଓ ଟଙ୍କାପଇସା ଦେଣନେଣରେ ବ୍ୟସ୍ତ ରହିଥିଲେ । ଏହାଛଡା ଗ୍ରାମରେ ନିଶାପ-ଦରବାର ଇତ୍ୟାଦି ସେ ବୁଝୁଥିଲେ । ଏସବୁ ବ୍ୟସ୍ତତା ଭିତରେ ଯାହା ସ୍ୱଳ୍ପ ସମୟ ମିଳୁଥିଲା, ମାତ୍ର ସେତିକିରେ ସେ ସ୍କୁଲରେ ଉପସ୍ଥିତ ହୋଇ ଯାହାକିଛି ପାଠ ପଢ଼ାଉଥିଲେ । ବାବାଜୀ ଶ୍ୟାମ ସୁନ୍ଦର ଦାସ ଯେ କି ସ୍କୁଲ୍‌ର ନୂତନ ସମ୍ପାଦକ ହେଲେ, ସେ ମଧ୍ୟ ଧରଣୀଧରଙ୍କୁ ତାଗିଦ୍ କରି ପାରୁନଥିଲେ, କାରଣ ଧରଣୀଧର ତାଙ୍କ ମହାଜନୀ କାରବାରରେ ଥିଲେ ନବସନ୍ଧା । ଏହାଛଡ଼ା ଶ୍ୟାମସୁନ୍ଦର ସୁଦୁର ବାରିମୂଳରେ ଥିବା ତାଙ୍କ ଗୁରୁଙ୍କ ମଠରେ ବେଶୀ ସମୟ ରହନ୍ତି ଏବଂ ଗାଁରେ ପିଲାଏ ପାଠ ପଢ଼ିଲେ କି ନାହିଁ, ସେ ବିଷୟରେ କେବେ ଭୁଲ୍‌ରେ ଶିକ୍ଷକ ମହାଶୟଙ୍କୁ କହନ୍ତି ନାହିଁ । ଏହି କାରଣରୁ ମଧ୍ୟ ଲୋକମାନେ ଅତିଷ୍ଠ ହୋଇ ପଡ଼ିଥାନ୍ତି । ଲୋକେ ଧରଣୀଧରଙ୍କୁ ଡରିକରି ରହିବା ପଛରେ ମୁଖ୍ୟ କାରଣ ଥିଲା, ଧରଣୀଧର ନବସନ୍ଧା ଥିବାରୁ ତାଙ୍କ ଜରିଆରେ ଧାନଚାଉଳ ଓ ଟଙ୍କାପଇସା କାରବାର ହେଉଥିଲା । ତାଙ୍କ ସୁପାରିଶ୍‌ରେ ଲୋକମାନଙ୍କୁ ଧାନ ଓ ଟଙ୍କା କରଜ ଲଗାଣ ହେଉଥିଲା । ସେଥିରୁ ସେ ଖୁବ୍ ବି ପଇସା ଭଲଭାବରେ ରୋଜଗାର କରୁଥିଲେ । ଯେଉଁମାନଙ୍କୁ ସେ ସୁପାରିଶ୍ କରୁଥିଲେ, ସେମାନେ ତାଙ୍କୁ ପଛବାଟରେ ଦି' ପଇସା ଦେଉଥିଲେ । ଧରଣୀଧର ସାମଲ ଏହିସବୁ ଧନ୍ଦାରେ ଲିପ୍ତ ଥିବାରୁ ସ୍କୁଲରେ ପଢ଼ାଇବା କାର୍ଯ୍ୟକୁ ଅବହେଳା କରୁଥିଲେ । ବାପା ବଞ୍ଚିଥିବା ବେଳେ ମଧ୍ୟ ବହୁ ଚେଷ୍ଟା କରିଥିଲେ ଧରଣୀଧରଙ୍କୁ ବଦଳି କରିବା ପାଇଁ, କିନ୍ତୁ ସେ ବଦଳି ନହୋଇ କୌଣସି ମତେ ରହିଯାଇଥିଲେ । ବାପାଙ୍କ ମୃତ୍ୟୁ ପରେ ସେ ଗ୍ରାମର ଏକଛତ୍ରାଧିପତି ହୋଇଯାଇଥିଲେ । ପାଠପଢ଼ା କାର୍ଯ୍ୟରେ ଧରଣୀଧରଙ୍କ ଅବହେଳା ବିଷୟରେ ଗ୍ରାମର ଲୋକମାନେ ଜାଣିଲେ ମଧ୍ୟ ତାଙ୍କର ମହାଜନୀ କାରବାର ଓ ନ୍ୟାୟନିଶାପରେ ପ୍ରତିପତ୍ତିକୁ ଡ଼ରି ଚୁପ୍ ହୋଇ ରହିଯାଉଥିଲେ ।

ବଡ଼ ଦାଦା ଉପେନ୍ଦ୍ର ବେହେରାଙ୍କ ସହ ବିବାଦ

ବାପାଙ୍କର ମୃତ୍ୟୁପରେ ଅଜାଙ୍କ ଶ୍ରାଦ୍ଧ ଇତ୍ୟାଦି କାର୍ଯ୍ୟ ତାଙ୍କ ତଳ ଭାଇଙ୍କ ଉପରେ ପଡ଼ିଲା । ତାଙ୍କ ତଳ ଭାଇ, ଉପେନ୍ଦ୍ର ବେହେରା ମୋ ବଡ଼ ଦାଦା । ଆଗରୁ ତ କହିଛି ବାପା-ଦାଦା ଇତ୍ୟାଦି ଏକାଠି ଥିଲାବେଳେ ଏହି ଦାଦା ଘରେ କିଛି କରନ୍ତି ନାହିଁ, ବରଂ ବେଳେବେଳେ

Digitized by srujanika@gmail.com

ଘରୁ ଚୋରିକରନ୍ତି । ଏଇମିତି ସଞ୍ଚୟ କରିଥିବା ପଇସାରେ ସେ ଖୁଡ଼ିଙ୍କ ନାମରେ କିଛି ଜମି କିଣି ଦେଇଥିଲେ; କିନ୍ତୁ ଜମିବାଣ୍ଟ ବେଳେ ସେହି ଜମିକୁ ବାପା ତାଙ୍କ ନିଜ ବାଣ୍ଟରେ ଲଗାଇ ଦେଇଥିଲେ । ଦାଦାଙ୍କର ଉଦ୍ଦେଶ୍ୟ ଥିଲା, ସେ ଜମି ବାଣ୍ଟ ନହୋଇ ଖୁଡ଼ି ତାକୁ ନେଇଥାନ୍ତେ । କିନ୍ତୁ ଭଦ୍ରଲୋକଙ୍କ ବିଚାର ଅନୁଯାୟୀ ଜମିବାଣ୍ଟ ହୋଇଥିବାରୁ, ଦାଦାଙ୍କର ବାପାଙ୍କ ଉପରେ ଭାରି ରାଗ ଥିଲା । କିନ୍ତୁ ବାପାଙ୍କର କିଛି କ୍ଷତି କରିପାରିବା ଭଳି ଶକ୍ତି ତାଙ୍କର ନଥିଲା । ବାପା ମରିଯିବା ପରେ ଅଜାଙ୍କ ଶ୍ରାଦ୍ଧ ଇତ୍ୟାଦି କାର୍ଯ୍ୟ ତାଙ୍କ ଉପରେ ପଡ଼ିଲା । ମୁଁ ସେତେବେଳେ ପିଲାଲୋକ ଥିଲି, ତଥାପି ସେ ମୋ ଉପରେ ଦାବୀ କଲେ ଯେ, ଶ୍ରାଦ୍ଧ ଇତ୍ୟାଦି କାର୍ଯ୍ୟପାଇଁ ତୋ ବାପାଙ୍କୁ ଅଧିକା ଜମି ଦିଆଯାଇଛି, ସେ ଜମିକୁ ଫେରାଇଦେ । ମୁଁ ଏଥିରେ ଏକମତ ନହେବାରୁ ଦିନେ ସେ ଏକଥାର ନିଶାପ ପାଇଁ ଭଦ୍ରଲୋକମାନଙ୍କୁ ଡାକିଲେ । କିନ୍ତୁ ଭଦ୍ରଲୋକମାନଙ୍କୁ ମୁଁ ସଫା କହିଦେଲି, "ତାଙ୍କ ବାପାଙ୍କ ଶ୍ରାଦ୍ଧ ସେ କରିବେ; ମୁଁ ମୋ ବାପାଙ୍କ ଶ୍ରାଦ୍ଧ କରିବି; ଏବଂ ଏଇଟା ହିଁ ନ୍ୟାୟ । ମୋ ବାପାଙ୍କୁ ଏହି ଶ୍ରାଦ୍ଧ ବାବଦରେ ଅଧିକା ସମ୍ପତ୍ତି ଦିଆଯାଇଛି ବୋଲି କୌଣସି କାଗଜପତ୍ରରେ ଉଲ୍ଲେଖ ନାହିଁ" । ଏହକଥା ମୁଁ ଭଦ୍ରଲୋକମାନଙ୍କୁ କହିଲାପରେ, ସେମାନେ ମୋତେ ବୁଝାଇଲା ମନେକରି ଶ୍ରାଦ୍ଧ ଇତ୍ୟାଦି ବାବଦକୁ କେତେ ଗୌଣୀ ଚାଉଳ ଓ କିଛି ଟଙ୍କା ଦେବାକୁ କହିଲେ । ମୁଁ କିନ୍ତୁ ସେ ପ୍ରସ୍ତାବରେ ଏକମତ ନହୋଇ ସେମାନଙ୍କ କଥାକୁ ଯୁକ୍ତିରେ ଉଡ଼ାଇ ଦେଲି । ବୋଉ ଭାରି ଡରୁଆ ଲୋକ । ସେ ଭଦ୍ରଲୋକଙ୍କ କଥାକୁ ମାନି ଶ୍ରାଦ୍ଧରେ ସାହାଯ୍ୟ ଦେବାକୁ ପ୍ରତିଶ୍ରୁତି ଦେଲା । ମୋର ରାଗ ଓ ବିରୋଧ ସତ୍ତ୍ୱେ ବୋଉ ଭାବିଲା, ମାମଲତକାରମାନେ ଅନ୍ୟ ପଟ ନେଇ କଥା କହୁଛନ୍ତି, ଏବଂ ସେମାନଙ୍କ କଥା ନମାନିଲେ ମୋ ପୁଅର କାଳେ କେତେବେଳେ ଅନିଷ୍ଟ ହେବ । ଏହିକଥା ଭାବି ବୋଉ ରାଜି ହେଲା ଏବଂ ଶ୍ରାଦ୍ଧକାର୍ଯ୍ୟରେ ସାହାଯ୍ୟ ଦେଲା । କିନ୍ତୁ ପୁଣି ମୁଁ ଏହାକୁ ବିରୋଧ କଲି । ସେତେବେଳକୁ ମୋର ସାହସ ଓ ବୁଦ୍ଧି ବଢ଼ି ଆସୁଥାଏ । ଦିନେ ବଡ଼ଦାଦା ମୋତେ ହଠାତ୍ ଦାଣ୍ଡଦୁଆର ମୁହଁରୁ ଟାଣି ନେଇ ତାଙ୍କ ଘରକୁ ନେଇ ମାଡ଼ ମାରିବାକୁ ଚେଷ୍ଟା କରିଥିଲେ । ଯେ ପାଞ୍ଚେ ପରମନ୍ଦ, ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ । ତାଙ୍କର ଦୁର୍ଯ୍ୟୋଗବଶତଃ ସେ ମୋତେ ଟାଣି ନେବା ସମୟରେ ତାଙ୍କ ଗୋଡ଼ ଖସିଗଲା ଓ ସେ ପଡ଼ିଗଲେ । ତାଙ୍କ ଉପରେ ମୁଁ ପଡି ରହିଲି । ବୋଉ ଯାଇ ମୋତେ ଉଠାଇବାରୁ ଦାଦା ଉଠିଲେ । ସମସ୍ତେ ତାଙ୍କୁ ଛି-ଛାକର କଲେ । ସେ ମଧ ଲଜ୍ଜିତ ହେଲେ । ସେହିଦିନଠାରୁ ସେ ଶ୍ରାଦ୍ଧବାବଦକୁ ମୋ ଉପରେ ତାଙ୍କର ଦାବୀ ଛାଡ଼ିଦେଲେ । ସେତେବେଳକୁ ତାଙ୍କୁ ସାମନା କରିବାପାଇଁ ମୋର ମଧ୍ୟ ସାହସ ଆସିଯାଇଥାଏ ।

ମୃଗଛାଲ ଉପାଖ୍ୟାନ

ଜମ୍ବୁ କେନାଲ୍ ହେବା ପରେ ଆମ ଗାଁ ବର୍ତ୍ତମାନ ଭଳି ପ୍ରଥମେ ନିଧୋୟା ଥିଲା । ଧୋଇଆରେ ବନ୍ୟା ଆସିଲେ ଆମେ ସବୁ ଦେଖିବାକୁ ଯାଉ । କିନ୍ତୁ ୧୯୩୩ ମସିହା ବନ୍ୟା ପ୍ରକୋପରେ ମହାକାଳପଡା ଠାରୁ ଜମ୍ବୁ ମଧ୍ୟରେ ଛ' ଟି ଘାଇ ସୃଷ୍ଟି ହେବା ଫଳରେ ଆମ ଗାଁକୁ ପ୍ରତିବର୍ଷ ବଢିପାଣି ଆସିବାକୁ ଲାଗିଲା । ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହୋଇଯିବ

Digitized by srujanika@gmail.com

ବୋଲି ଇଂରେଜ ସରକାର ଘାଇ ଗୁଡ଼ିକର ମରାମତି କରୁନଥାନ୍ତି । ଏହାର ପରିଣାମ ସ୍ୱରୂପ, ଲଗାତାର ୧୦/୧୨ ବର୍ଷ ଧରି ଅନ୍ୟ ନିଧୋୟା ଗାଁ ଭଳି ଆମ ଗାଁରେ ବନ୍ୟା ସୁଅ ଛୁଟିଥିବାର ଦେଖାଯାଇଛି । ବନ୍ୟା ବେଳେ ଆମ ଗ୍ରାମର ଲୋକେ ଘରେ ବସିଥାନ୍ତି । କିନ୍ତୁ ବନ୍ୟା ଛାଡ଼ିଗଲେ ଡଙ୍ଗାରେ କେତେକ ଲୋକ ସାଙ୍ଗ ହୋଇ ଜଙ୍ଗଲକୁ ଯାଇ ବାର୍‌ହା ଓ ମୃଗ ଇତ୍ୟାଦି ଶିକାର କରି ଆଣନ୍ତି । ବର୍ଷକର କଥା । ଆମ ଗାଁର କେତେକ ଲୋକ ବନ୍ୟା ସମୟରେ ଶିକାର ଉଦ୍ଦେଶ୍ୟରେ ଡଙ୍ଗା ଓ ବାଣୁଆ ନେଇ ଜଙ୍ଗଲକୁ ଯାଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଦଇତାରୀ ପଧାନ, ଧୋବେଇ ନାୟକ, ଭଜନି ଜେନା ଓ ଡଙ୍ଗା ମାଲିକ ପାଣୁ ମାଝି ତଥା ଜାଲକଣା ଗାଁର ଜଣେ ବାଣୁଆ । ସେମାନେ ଗୋଟିଏ ମୃଗ ମାରି ଜଙ୍ଗଲରୁ ଆଣି ଆସିଲେ । ଗ୍ରାମରେ ତାକୁ କଟେଇଲେ ଓ ଯେଉଁମାନେ ପଇସା ଦେଇ ମାଂସ ନେବାକୁ ଚାହିଁଲେ ସେମାନଙ୍କୁ ଦେଲେ । ଗ୍ରାମର ପ୍ରାୟ ଅଧେ ଘର ମାଂସ ଆଣି ଖାଇଲେ । ଗ୍ରାମର ମୁଖିଆ ସବୁ ଭାବିଲେ, ଆମକୁ ନ ଡାକି ମାଂସ ନଦେଇ ସେମାନେ ମୃଗ ଆଣି ସବୁତକ ନିଜେ ଖାଇଗଲେ, ଭାରି ସାହାସ ତ ! ଦେଖିବା, ସେମାନେ କିପରି ଆମକୁ ମାଂସ ନଦେଇ ନିଜେ ଖାଇବେ, ସେମାନଙ୍କ ଦିମାକ୍ ଛଡ଼ାଇ ଦେବା । ଜାଲକଣାର ବାଣୁଆ ତା' ଘରକୁ ଡଙ୍ଗାରେ କିଛି ମାଂସ ଓ ମୃଗ ଛାଲ ନେଇ ଫେରୁଥିବା ବେଳେ ମାମଲତ୍‌କାରମାନେ ଅନ୍ୟ ଏକ ଡଙ୍ଗା ନେଇ ତା'ଠାରୁ ମାଂସ ଓ ମୃଗଛାଲ ଛଡ଼ାଇ ରଖିଲେ ଓ ସଂଧ୍ୟାବେଳେ ଦରବାର ଆରମ୍ଭ କରିଦେଲେ । ସେମାନେ ଏକଜୁଟ୍ ହୋଇ ମୃଗ ଆଣିଥିବା ଲୋକମାନଙ୍କୁ ଡକାଇଲେ । ଦରବାର ଆରମ୍ଭ କରିଦେଇ ସେମାନେ କହିଲେ, ତୁମେମାନେ ବିନା ଲାଇସେନ୍‌ସରେ ଜଙ୍ଗଲରେ ଶିକାର ପାଇଁ ନିଷିଦ୍ଧ ହୋଇଥିବା ମୃଗକୁ ମାରିଆଣିଛ, ଏକଥା ଆମେ ଆମ ଜମିଦାରଙ୍କୁ ଜଣାଇବୁ । ଏଥିରେ ମୃଗ ଆଣିଥିବା ଲୋକେ ଭୀତତ୍ରସ୍ତ ହୋଇଗଲେ । ସବୁ ମାମଲତକାର, ଏପରିକି ମୋ ଦାଦା (ବ୍ରଜବନ୍ଧୁ ବେହେରା) ଯେ କି ଏହି ମାମଲତକାର ଗୋଷ୍ଠୀରେ ଅନ୍ତର୍ଭୁକ୍ତ ଥିଲେ, ଉପରୋକ୍ତ ମତେ ଲୋକଙ୍କୁ ଧମକଚମକ କଲେ । ସେମାନଙ୍କ ପକ୍ଷରେ ସାହାଭରସା ହେବା ପାଇଁ କେହି ଜଣେ ନଥିବାରୁ ସେମାନେ ଭୁଲ୍ ମାଗିବାକୁ ବାଧ ହେଲେ । କିନ୍ତୁ ମାମଲତ୍‌କାରମାନେ କେବଳ ଭୁଲ ମଗାଇ ଛାଡ଼ିଦେବା ବାଟରେ ନଥିଲେ । ସେମାନଙ୍କ ମୁହଁରୁ ଆହାର ଛଡ଼ାଇ ନିଆଯାଇଥିବାରୁ ସେମାନେ ଏତେ ରାଗି ଯାଇଥିଲେ ଯେ, ଯେମିତି ହେଲେ ଲୋକଙ୍କୁ ଆଚ୍ଛାକରି ପାନେ ଦେବେ, ଯାହାଫଳରେ ଭବିଷ୍ୟତରେ ଯେପରି କେହି ଏପରି କାମ ନ କରନ୍ତି । ଏହା ପାଞ୍ଚ କରି ଗ୍ରାମର ସବୁ ମାମଲତକାରମାନେ ବର୍ଦ୍ଧମାନ ଜମିଦାରଙ୍କ ସର୍କଲ ଅଫିସ୍ ମାର୍ଶାଘାଇରେ ଗୋଟିଏ ଦରଖାସ୍ତ କରିଦେଇ ଆସିଲେ ଯେ, ଜଙ୍ଗଲରୁ ଯେଉଁ ବ୍ୟକ୍ତିମାନେ ମୃଗ ମାରି ଆଣିଛନ୍ତି, ସେମାନଙ୍କୁ ଆଇନ୍ ଅନୁଯାୟୀ ଦଣ୍ଡିତ କରାଯାଉ । ମୁଁ ଏ କଥା ଶୁଣିପାରି ସେମାନଙ୍କୁ (ଅଭିଯୁକ୍ତ ପକ୍ଷଙ୍କୁ) ଭରସା ଦେଲି, ତୁମେ କିଛି ଭୟ କର ନାହିଁ, ତୁମର କିଛି ହେବ ନାହିଁ, ତୁମର ଦୋଷ କିଛି ନଥାଇ ମଧ୍ୟ ଭୁଲ୍ ମାଗିଛ । ସେମାନେ ସେତିକିରେ ସନ୍ତୁଷ୍ଟ ନହୋଇ ସର୍କଲ ଅଫିସ୍‌ରଙ୍କ ପାଖରେ ତୁମ ବିରୁଦ୍ଧରେ ଦରଖାସ୍ତ କରିଛନ୍ତି, ତେଣୁ

Digitized by srujanika@gmail.com

ତୁମ ପାଇଁ ମୁଁ ଛିଡ଼ା ହେବି । ଏହି ଲୋକମାନେ ଗାଁର ମାମଲତ୍‌କାରଙ୍କୁ ଡରିହରି ରହିଥିଲେ । କେବେ କୌଣସି ଅଫିସରଙ୍କୁ ଆସୁଥିବାର ଦେଖିଲେ ଘରେ ଯାଇ ଲୁଚନ୍ତି । ତାଙ୍କର ଡର ଛଡ଼ାଇବା ପାଇଁ ମୁଁ ସେମାନଙ୍କୁ କହିଲି, ତୁମ ସପକ୍ଷରେ ସର୍କଲ ଅଫିସରଙ୍କ ପାଖରେ ମୁଁ ଲଢ଼ିବି । ସେମାନେ ମୋର ଭରସା ପାଇ ରହିଲେ । ଏହା ମଧ୍ୟରେ ସର୍କଲ ଅଫିସ୍‌ରୁ ନୋଟିସ୍ ଆସିଲା । ନିର୍ଦ୍ଦିଷ୍ଟ ଦିନ ଅଫିସ୍‌ରେ ହାଜର ହେବାପାଇଁ ପିଅନ ଆସି ତାଗିଦା କରିଦେଇ ଗଲା । ମାମଲତକାରମାନେ ଆଶଙ୍କା କଲେ, ସେମାନଙ୍କୁ ବୋଧହୁଏ କେହି ଦମ୍ଭ ଦେଇଛି ଓ ଭିତିରିଆ ସାହାଯ୍ୟ କରୁଛି । ସେମାନେ ଓର ଉଣ୍ଡୁ ଉଣ୍ଡୁ ମୁଁ ଏହି ଲୋକମାନଙ୍କୁ ସାହାଯ୍ୟ କରିଛି ବୋଲି ଜାଣିବାକୁ ପାଇଲେ । ସେମାନେ ଏ କଥା ଜାଣି ମୋତେ ପରିହାସ କରିବାକୁ ଲାଗିଲେ । ମୁଁ ସେତେବେଳକୁ ୧୪ ବର୍ଷର ହୋଇଥାଏ । ମୁଁ ଅବା ଅଫିସରଙ୍କ ଆଗକୁ ଯାଇ କ'ଣ କହିବି, ଏହା ଭାବି ସେମାନେ ମୋ ବିଷୟରେ ଗୁରୁତ୍ୱ ଦେଲେ ନାହିଁ । ଆମ ସାନ ଦାଦା ମାମଲତକାରଙ୍କ ସାଙ୍ଗରେ ଥିଲେ । ଅଭିଯୁକ୍ତ ପକ୍ଷକୁ ସାହାଯ୍ୟ କରିବାକୁ ସେ ମୋତେ ମନା କଲେ । ଏହା ଭିତରେ ସର୍କଲ ଅଫିସ୍‌ରେ ହାଜର ହେବାର ନିର୍ଦ୍ଦିଷ୍ଟ ଦିନ ଆସିଗଲା । ଆସାମୀମାନେ ମୋତେ କହିଲେ, ତୁମେ ନିଶ୍ଚୟ ଯିବ, ଆମେ ଶୁଣୁଛୁ ତୁମକୁ ଅଫିସ୍‌କୁ ଯିବା ପାଇଁ ମନା କରାଯାଉଛି । କିନ୍ତୁ ତୁମେ ଯଦି ନ ଯିବ, ଆମେ କ'ଣ କରିବୁ ? ଆମକୁ କିଛି ବୁଦ୍ଧିବାଟ ଦିଶୁନାହିଁ । ମୁଁ ସେମାନଙ୍କୁ ଜବାବ୍ ଦେଲି, ତୁମେ ଆସାମୀମାନେ ଆଗରୁ ଯାଇ ମାର୍ଶାଘାଇରେ ଥିବ । ମୁଁ ଯେମିତି ମାର୍ଶାଘାଇ ନଯାଏ, ସେଥିପାଇଁ ଦାଦା ଇତ୍ୟାଦି ଜଗିଛନ୍ତି । ସେତେବେଳେ ତାଙ୍କୁ ଏଡ଼ି ଦେବାର ସାହାସ ମୋର ହୋଇନଥାଏ । ତେଣୁ ମୁଁ ଲୋକମାନଙ୍କୁ କହିଲି, ତୁମେମାନେ ବାରମ୍ବାର ମୋତେ ଦେଖା ନକରି ସିଧା ମାର୍ଶାଘାଇ ଚାଲିଯିବ । ସେଠାରେ ମୋତେ ଅପେକ୍ଷା କରିଥିବ । ମୁଁ ଯଥା ସମୟରେ ନିଶ୍ଚୟ ପହଞ୍ଚିବି ଓ ସେଠାରୁ ସାଙ୍ଗହୋଇ ଆମେ ସମସ୍ତେ ଅଫିସ୍‌କୁ ଯିବା । ଏ ଭରସା ପାଇ ସେମାନେ ନିର୍ଦ୍ଦିଷ୍ଟ ସମୟର ବହୁ ଆଗରୁ ମାର୍ଶାଘାଇ ଚାଲିଗଲେ । ମୁଁ ପକ୍ଷଭୁକ୍ତ ଲୋକଙ୍କ ସହ ମାର୍ଶାଘାଇ ନଯିବା ଦ୍ୱାରା ଦାଦା ଇତ୍ୟାଦିଙ୍କର ଧାରଣା ହେଲା, ମୁଁ ମାର୍ଶାଘାଇ ଯିବି ନାହିଁ । ତେଣୁ ତାଙ୍କର ମୋତେ ଜଗିବା ହୁଗୁଳା ହୋଇଗଲା ଓ ମୋ ପାଖରୁ ସେମାନେ ଦୂରେଇ ଗଲେ । ମୁଁ ସେହି ସୁଯୋଗ ଅପେକ୍ଷାରେ ଥିଲି । ସେ ସୁଯୋଗ ମୋତେ ମିଳିଗଲା । ମୁଁ ଘରେ କାହାରିକୁ କିଛି ନଜଣାଇ ସମସ୍ତଙ୍କ ଅନ୍ତରାଳରେ ମାର୍ଶାଘାଇ ଚାଲିଗଲି । ମୁଁ ଏତେ କମ୍ ବୟସରେ କେବେ ଗ୍ରାମର ମାମଲତକାରଙ୍କ ସାମ୍ନା କରିନଥିଲି । ତେଣୁ ମୁଁ ଭାରି ସଙ୍କୋଚ ବୋଧ କରୁଥିଲି । ହୃଦୟରେ ଦମ୍ଭ ବାନ୍ଧି ସାମ୍ନା କରିବି ବୋଲି ସାହାସର ସହିତ ମାର୍ଶାଘାଇରେ ଯାଇ ପହଞ୍ଚିଲି । ଆସାମୀମାନେ ଆଗରୁ ଯାଇ ମୋତେ ଅପେକ୍ଷା କରିଥିଲେ । ମନରେ ଭାରି ସନ୍ଦେହ ଥିବା ସତ୍ତ୍ୱେ ସେମାନେ ଏପାଖ ସେପାଖ ହେଉଥିଲେ, ମୁଁ କେତେବେଳେ ପହଞ୍ଚିବି, ଚାତକପକ୍ଷୀ ପରି ଚାହିଁ ରହିଥିଲେ । ମୁଁ ଯଥା ସମୟରେ ମାର୍ଶାଘାଇରେ ପହଞ୍ଚି ଦେଖିଲି, ସେମାନେ ଭାରି ଭୟଭୀତ ଥିଲେ । ମୋତେ ଦେଖି ତାଙ୍କର ଦମ୍ଭ ଓ ସାହସ ଫେରି ଆସିଲା । ଆମେ ସାଙ୍ଗ ହୋଇ ସର୍କଲ ଅଫିସ୍‌କୁ ଯିବା ସମୟରେ ଗ୍ରାମର ଭଦ୍ର

Digitized by srujanika@gmail.com

ଲୋକମାନଙ୍କ ସହ ବାଟରେ ଭେଟ ହେଲା । ସେମାନେ ମୋତେ ଦେଖି ଭାରି ଆଶ୍ଚର୍ଯ୍ୟ ହୋଇଗଲେ । ମୁଁ ମଧ୍ୟ ସେମାନଙ୍କର କିପରି ସାମ୍ନା କରିବି, ଏକଥା ଭାବି ମୋ ଦେହ ଗୋଟାପଣ ଥରିବାକୁ ଲାଗିଲା । କାହିଁକି ନା, ମୁଁ ପ୍ରଥମ କରି ସେମାନଙ୍କ ବିରୁଦ୍ଧରେ ଠିଆ ହେବାକୁ ଯାଉଛି । ମନରେ ସାହାସ ଓ ଦମ୍ଭ ଧରି ଆସାମୀମାନଙ୍କ ସହିତ ମୁଁ ମିଶି ଆମେ ସମସ୍ତେ ସର୍କଲ ଅଫିସ୍‌ରେ ପହଞ୍ଚିଲୁ । ଆମେ ଯାଇ ଦେଖିଲୁ, ଗ୍ରାମର ଭଦ୍ର ଲୋକମାନଙ୍କୁ ଗୋଟିଏ ବେଞ୍ଚ ଦିଆହୋଇଥାଏ ଓ ସେମାନେ ଯାଇ ଅଫିସ୍‌ରେ ବସିଥାନ୍ତି । ସର୍କଲ ଅଫିସର୍ ତାଙ୍କ ନିର୍ଦ୍ଦିଷ୍ଟ ଜାଗାରେ ବସିଥାନ୍ତି । ଆମେ ଯାଇ ଅଫିସରଙ୍କ ତଳ ଚଟାଣରେ ବସିଲୁ । କେସ୍‌ର ବିଚାର ଆରମ୍ଭ ହେଲା । ମୁଁ ସର୍କଲ ଅଫିସରଙ୍କୁ ଆଗରୁ ଜାଣିଥିଲି କୁଜଙ୍ଗ ହାଇସ୍କୁଲରେ ପଢ଼ିବା ବେଳେ । ସେ ସେତେବେଳେ କୁଜଙ୍ଗରେ ସର୍କଲ ଅଫିସ୍‌ରେ ଥିଲେ । ସେ ବଙ୍ଗାଳି ଲୋକ । ସବୁଦିନେ ୪ଟା ବେଳେ କୁଜଙ୍ଗ ହାଇସ୍କୁଲ ଖେଳ ପଡ଼ିଆକୁ ସେ ବାସ୍କେଟ୍ ବଲ୍ ଖେଳିବାକୁ ଆସନ୍ତି । ଆମେ ଫୁଟ୍‌ବଲ୍ ଖେଳୁ । ସେଇଠି ମୁଁ ତାଙ୍କୁ ଚିହ୍ନିଥାଏ । ସେ ବୋଧହୁଏ ଦେଖିଥିବେ, କିନ୍ତୁ ମୋତେ ମନ ରଖିନଥିଲେ । ଅଫିସର୍ ମହୋଦୟ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ବିଚାର ଚଳେଇଲେ । ବିଚାରରେ ସ୍ଥିର ହେଲା, ଏମାନେ ଯଦି ପ୍ରକୃତରେ ମୃଗ ମାରିଥାନ୍ତି, ଏବଂ ଏହାର ସଠିକ୍ ପ୍ରମାଣ ଦିଆଯାଏ, ତାହେଲେ ଏମାନେ ଦଣ୍ଡନୀୟ ହେବେ । ସେଥିପାଇଁ ଆସାମୀମାନେ ଏକରାରନାମାରେ ଦସ୍ତଖତ କରିଦେଇ ଯିବେ । ମୁଁ ଏଇଠି ଉଠି ଅଫିସରଙ୍କ ପାଖରେ ଯୁକ୍ତି କଲି ଯେ, ଆସାମୀମାନେ କହୁଛନ୍ତି ଆମେ ମୃଗ ଆଣି ନାହୁଁ, କେବଳ ଜଙ୍ଗଲରୁ ବାର୍‌ହା ମାରି ଆଣିଛୁ । ତେଣୁ ଆସାମୀମାନେ ଏକତରଫା ଏକରାର୍‌ନାମାରେ କାହିଁକି ଦସ୍ତଖତ କରିବେ ? ଯଦି ମୃଗ ଆଣିବା ପ୍ରମାଣ ନହୁଏ, ତେବେ ଅଭିଯୋଗକାରୀମାନେ ମଧ୍ୟ ମାନହାନି ପାଇଁ ଦାୟୀ ରହିବେ । ଏହିପରି ଏକ ଏକରାର୍‌ନାମା ଲେଖାହୋଇ ଉଭୟ ପକ୍ଷ ଦସ୍ତଖତ କରନ୍ତୁ । ଗୋଟିଏ ନିର୍ଦ୍ଦିଷ୍ଟ ତାରିଖ ଠିକ୍ ହେଉ । ସେହି ତାରିଖରେ ଉଭୟ ପକ୍ଷ ପହଞ୍ଚି ପ୍ରମାଣ ଦାଖଲ କରିବେ । ମୋର ଏହି ବଳିଷ୍ଠ ଯୁକ୍ତିରେ ସର୍କଲ ଅଫିସର୍ ହଡ଼ବଡ଼େଇ ଗଲେ । ଆସାମୀମାନେ ଦସ୍ତଖତ ଦେଲେ ନାହିଁ । କେସ୍ ଅନ୍ୟ ତାରିଖକୁ ରହିଲା, ମୃଗମାରି ଆଣିବାର ପ୍ରମାଣ ଦେବା ଅଭିଯୋଗକାରୀଙ୍କ ଉପରେ ନ୍ୟସ୍ତ କରାଗଲା । ସେଦିନ ଗ୍ରାମର ମାମଲତକାରମାନେ ନିରାଶ ହୋଇ ଅମ୍ଳାନ ବଦନରେ ଘରକୁ ଫେରିଲେ । ମୋର ବଳିଷ୍ଠ ଯୁକ୍ତି ଯୋଗୁଁ ଆସାମୀମାନଙ୍କୁ ଏକତରଫା ଦସ୍ତଖତ ଦେବାକୁ ପଡ଼ିଲା ନାହିଁ । କେବଳ ମୁହେଁ ମୁହେଁ ସାକ୍ଷ୍ୟପ୍ରମାଣ ଦେବା ପାଇଁ ଅନ୍ୟ ତାରିଖ ସ୍ଥିର ହୋଇଥିବାରୁ ସେମାନେ ଓ ମୁଁ ଖୁବ୍ ଖୁସି ମନରେ ସାଙ୍ଗ ହୋଇ ଘରକୁ ଫେରିଲୁ । ମାମଲତକାରମାନେ ଗ୍ରାମକୁ ଫେରି ଅନ୍ୟପକ୍ଷଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ମୋ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଲେ । ମୁଁ ତ ଆଗରୁ କହିଛି, ବାପା ମରିଯିବା ପରେ ଆମ ଗ୍ରାମର ସ୍କୁଲ ଶିକ୍ଷକ ଧରଣୀଧର ସାମଲଙ୍କର ଅଖଣ୍ଡ ପ୍ରତିପତ୍ତି ଲୋକଙ୍କ ଉପରେ ଥାଏ । ଲୋକେ ମଧ୍ୟ ତାଙ୍କୁ ଡରିହରି ଥାଆନ୍ତି । ସେ ଗ୍ରାମର ସ୍କୁଲ ଶିକ୍ଷକ । ଗିରିଙ୍ଗର ମାମଲତକାର ବାସୁଦେବ ଅଧିକାରୀଙ୍କ ସହ

Digitized by srujanika@gmail.com

ତାଙ୍କର ଭଲ ସମ୍ପର୍କ । ପୁଣି ଆମ ଦାଦା, ଯିଏ ବାବାଜୀ ହୋଇଯାଇଥିଲେ ଓ ସେ ଆମ ଗ୍ରାମରେ ମହାଜନୀ କାରବାରରେ ଧାନ ଓ ଟଙ୍କା ପଇସା କରଜ ଦେଉଥାନ୍ତି, ଧରଣୀଧର ସାମଲ ତାଙ୍କର ନବସନ୍ଧା ଥାଇ ଟଙ୍କାପଇସା ଆଦାୟ କରନ୍ତି । ସେହି ବାବଦରେ ସେ ଲୋକଙ୍କଠାରୁ ବେଶ୍ ଦି'ପଇସା ରୋଜଗାର କରନ୍ତି । ତୃତୀୟରେ ଗ୍ରାମର ମୁଖ୍ୟ ମାମଲତକାର ହିସାବରେ ସେ ମାମଲତ କରନ୍ତି । ଗ୍ରାମର ଅଧିକାଂଶ ଲୋକ ତାଙ୍କ ପ୍ରତି ଭୟଭୀତ ହୋଇ ରହିଥାନ୍ତି'। ସେ ଯେତେ ଅନ୍ୟାୟ କଲେ ମଧ ତା'ର ବିରୋଧ କରିପାରନ୍ତି ନାହିଁ । କିନ୍ତୁ ତାଙ୍କ ବିରୁଦ୍ଧରେ ମୋର ପ୍ରଥମ ଅଭିଯାନ ତାଙ୍କୁ ମ୍ରିୟମାଣ କରି ପକାଇଥାଏ ।

ମୁଁ ଆଗରୁ କହିଛି, ଯେତେବେଳେ ମୃଗମାରି ଆଣି ଲୋକେ ମାମଲତକାରମାନଙ୍କୁ ନଦେଲେ, ଜାଲକଣାରୁ ଜଣେ ଆସାମୀ ତା ଭାଗରେ ପଡ଼ିଥିବା ମୃଗ ମାଂସ, ଛାଲ ଓ ମୁଣ୍ଡ ତା' ଡଙ୍ଗାରେ ଏକାକୀ ନେଇ ଯାଉଥିବାବେଳେ ମାମଲତକାରମାନେ କିଛି ଲୋକଙ୍କୁ ମତାଇ ଗୋଟିଏ ଡଙ୍ଗା ନେଇ ସେସବୁକୁ ତା ପାଖରୁ ଜବତ୍ କରିଥିଲେ । ଛାଲ ଓ ମୁଣ୍ଡ ଧରଣୀଧର ସାମଲଙ୍କୁ ଦିଆଯାଇଥିଲା । ସେ ସ୍କୁଲ ଶିକ୍ଷକ ଥିଲେ ଓ ଛାଲକୁ ଶୁଖାଇବା ପାଇଁ ସ୍କୁଲ କାନ୍ଥରେ ଟଙ୍ଗାଇ ଦେଲେ । ସେ ଭାବିଥିଲେ, ଛାଲ ଓ ମୁଣ୍ଡ ତ ହସ୍ତଗତ ହୋଇଛି, ଏହାଦ୍ୱାରା ଆମେ ମୃଗ ମାରିବା ପ୍ରମାଣ ଦେଇ ଆସାମୀମାନଙ୍କୁ ଦଣ୍ଡିତ କରାଇ ପାରିବା ।

ମୁଁ ଆସି ଆସାମୀମାନଙ୍କ ଭିତରେ ଧୋବେଇ ନାୟକଙ୍କୁ ଡାକି ପରାମର୍ଶ ଦେଲି, ଆମେ ଯଦି ମୃଗ ମାରିବାକୁ ବେପ୍ରମାଣ କରିଦେବା, ତେବେ ଏ କେଶ୍‌ରେ ନିଶ୍ଚୟ ଜୟଯୁକ୍ତ ହୋଇପାରିବା । ଅଭିଯୋଗକାରୀମାନେ ମୃଗଛାଲ ଦେଖାଇ ପ୍ରମାଣ କରିବେ ବୋଲି ସାହାସ ବାନ୍ଧି ରହିଛନ୍ତି । ସେ ମୃଗଛାଲକୁ ଆମେ ଯଦି ସ୍ଥାନାନ୍ତର କରିଦେଇପାରିବା, ତେବେ ଅକ୍ଳେଶରେ ଆମେ ଜୟଯୁକ୍ତ ହେବା । ଛାଲ କେଉଁଠି ଅଛି, ସନ୍ଧାନ ନେବାକୁ ପଡ଼ିବ । ସନ୍ଧାନ ନେବାରେ ଜାଣିବାକୁ ମିଳିଲା, ସ୍କୁଲ ଘରେ ଶୁଖା ହୋଇଛି । ତେଣୁ ଆସାମୀମାନଙ୍କ ମଧ୍ୟରୁ ଧୋବେଇ ନାୟକ ଓ ମୁଁ ଗୁପ୍ତ ପରାମର୍ଶ କରି ଅନ୍ୟ ଆସାମୀମାନଙ୍କୁ ନଜଣାଇ ଛାଲ ସ୍ଥାନାନ୍ତର କରିବା ନିଷ୍ପତ୍ତି ନେଲୁ । ସବୁ ଆସାମୀମାନେ ଜାଣିଲେ କାଳେ କଥାଟା ପ୍ରଘଟ ହୋଇଯିବ ଓ ମାମଲତକାରମାନେ ଛାଲ ନେଇ ସାବଧାନ ହୋଇଯିବେ । ଯେଉଁଦିନ ନିଶ୍ଚୟ ଜାଣିଲୁ ଯେ, ସ୍କୁଲ ଘରେ ଛାଲ ଶୁଖା ହୋଇଛି, ସେହିଦିନ ଧୋବେଇ ନାୟକ ଓ ମୁଁ କିଟିକିଟି ଅନ୍ଧାରରେ ରାତ୍ର ୧୨ଟାରେ ବାହାରିଲୁ । ଭାଦ୍ରବ ମାସ, ବର୍ଷା ସମୟ । ସଙ୍ଗରେ ଖଣ୍ଡେ ଲେଖା ଠେଙ୍ଗା ଓ ଦିଆସିଲି ଗୋଟିଏ ନେଇ ଛାଲ ସ୍ଥାନାନ୍ତର ଅଭିଯାନ ଆରମ୍ଭ କଲୁ । ସେତେବେଳେ ଟର୍ଚ୍ଚ ଲାଇଟ୍ ନଥାଏ । କ୍ୱଚିତ୍ କୌଣସି ବଡ଼ ଲୋକଙ୍କ ପାଖରେ କିମ୍ବା ସହରରେ ଦେଖିବାକୁ ମିଳେ । ଆମେ ଦୁଇଜଣ ଆଶା ଓ ଆଶଙ୍କା ଭିତରେ ଗ୍ରାମର ବାରିପଟ ଦେଇ ଘନ ଅନ୍ଧକାରରେ ନଳିତା ଓ ଧାନବଣ ଦେଇ ସ୍କୁଲ ଘର ପାଖରେ ପହଞ୍ଚିଲୁ । ମୁଁ ଆଗରୁ ଜାଣିଥାଏ, ସ୍କୁଲ ଘରର ଦୁଇ ପାଖରେ ଦୁଇଟି ଦରଜା ଥାଏ । ଗୋଟିଏ ଦରଜାକୁ ଭିତର ପଟୁ ଜଞ୍ଜିର ଦିଆହୁଏ ଏବଂ ବାହ୍ୟ ପଟ ଦରଜାରେ କୋଳପ

Digitized by srujanika@gmail.com

ଦିଆଯାଇଥାଏ । ଭିତରପଟ ଦରଜାର ଦୁଆରବନ୍ଧ ଉପରକୁ ପ୍ରାୟ ହାତେ ଜାଗା ମୁକୁଳା ଥାଏ । ସେଇବାଟେ ଘର ଭିତରକୁ ପଶିବା ପାଇଁ ସୁବିଧାଜନକ ବୋଲି ମୁଁ ଜାଣିଥାଏ । ଆମେ ଠିକ୍ ସମୟରେ ଘନ ଅନ୍ଧକାର ଭିତରେ ସ୍କୁଲ ପାଖରେ ପହଞ୍ଚି ମୁଁ ତାକୁ କହିଲି, ତୁମେ ଏହି ଦାଣ୍ଡ ଦରଜା ପାଖରେ ଡିଉଟି ଦିଅ, କାଳେ କିଏ ଦେଖି ପକାଇବ । ମୁଁ ଘର ଭିତରକୁ ପଶି କବାଟ ଖୋଲି ତୁମକୁ ସ୍କୁଲ ଘର ଭିତରେ ପୁରାଇ ଦେବି । କିଏ ଉଠିଲେ ମଧ ଆମକୁ ଦେଖି ପାରିବେ ନାହିଁ । ସେ କହିଲା, ତୁମେ କିପରି ତା ଭିତରକୁ ଯିବ ? କବାଟରେ କୋଲପ ପଡ଼ିଛି । ମୁଁ ତାକୁ କହିଲି ପଛପଟ ଦରଜାର ଓପରପଟ ଫାଙ୍କ ଅଛି । ସେଥିରେ ଗୋଟିଏ ମଣିଷ ଅକ୍ଳେଶରେ ଗଳିଯାଇ ପାରିବ । ମୁଁ ଭିତରକୁ ଯାଇ ଭିତରପଟ ଜଞ୍ଜିରକୁ ଖୋଲି ଦେଲେ ତୁମେ ଭିତରକୁ ପଶିଯିବ । ସଂଗେ ସଂଗେ ଭିତରପଟ ଜଞ୍ଜିର ଦେଇ ଆମର ମୂଳ ଲକ୍ଷ୍ୟ ମୃଗଛାଲକୁ ହସ୍ତଗତ କରିବା । ସେହି ଅନୁସାରେ ମୁଁ ଚାଳଖୁଣ୍ଟା ମାରି ଘର ଭିତରକୁ ପଶିଲି, ସଂଗେସଂଗେ ଦରଜା ଖୋଲି ଦେଲି ଓ ଧୋବେଇ ନାୟକ ଘର ଭିତରକୁ ପଶିଲା । ପୁଣି ସଂଗେସଂଗେ ଭିତରପଟୁ କବାଟ ଦେଇଦେଲୁ । ଭାଦ୍ରବମାସ ବର୍ଷାଦିନର ଘନ ଅନ୍ଧକାରକୁ ଭେଦ କରିବା ପାଇଁ ସାଙ୍ଗରେ ନେଇଥିବା ଦିଆସିଲି ଖୁବ୍ ସାହାଯ୍ୟ କଲା । ଦିଆସିଲି ମାରି ଦେଖିଲୁ ସ୍କୁଲ ଘରର ପୂର୍ବପଟ କାନ୍ଥ ଉପରକୁ ମୃଗଛାଲ ଟଙ୍ଗା ହୋଇ ଶୁଖୁଛି । ଆମେ ଛାଲକୁ ଦେଖି ଖୁବ୍ ଖୁସି ହେଲୁ, କିନ୍ତୁ ଏତେ ଉଚ୍ଚ ସ୍ଥାନରୁ କିପରି ତାହା ଆଣିବୁ, ହଠାତ୍ ବୁଦ୍ଧି ଦିଶିଲା ନାହିଁ । ଚୌକି ଉପରେ ଠିଆହେଲେ ମଧ ହାତ ପାଇବ ନାହିଁ । କି ଉପାୟରେ ତାକୁ ଆଣିବୁ, ତାହା ଚିନ୍ତା କରୁକରୁ ମୁଁ ସଂଗେ ସଂଗେ ଚୌକି ଉପରେ ଠିଆହୋଇ କୁଦା ମାରି ଘରର ଦଲମକୁ ଗୋଟିଏ ହାତରେ ଧରିଲି ଓ ଆଉ ଗୋଟିଏ ହାତରେ ଛାଲ ବନ୍ଧା ହୋଇଥିବା ଦଉଡ଼ିକୁ ବହୁ କଷ୍ଟରେ ଫିଟାଇଲି । ସେତିକିବେଳେ ଗୋଟିଏ ଗୋଡ଼ କାନ୍ଥରେ ଆଶ୍ରାଦେଇ ଚାଳକୁ ଧରିବା ପାଇଁ କୁଦା ମାରିବା ସମୟରେ ମୋର ଗୋଟିଏ ଗୋଡ଼ର ପାଦ ଆଙ୍ଗୁଳି ଘୋଷାରି ହୋଇ କାନ୍ଥରେ ତା'ର ଛାପ ରହିଯାଇଥିଲା । ସେତେବେଳକୁ ଅନ୍ଧାର ଯୋଗୁଁ ଦିଆସିଲିରୁ ଅଧେ ପ୍ରାୟ କାଠି ମାରି ସାରିଥାଉ । ଛାଲ ଆଣିସାରିବା ପରେ କେହି ଯେମିତି ନ ଜାଣପାରିବେ, ସେଥି ପାଇଁ ଜଳେଇଥିବା ଦିଆସିଲି କାଠିସବୁକୁ ଗୋଟେଇଲୁ । ଛାଲ ସହ ଧୋବେଇ ନାୟକକୁ ପ୍ରଥମେ ସ୍କୁଲଘରୁ ବିଦା କରିଦେଲି । ତା'ପରେ କବାଟକୁ ଭିତରପଟୁ ଜଞ୍ଜିର ଦେଇ ଯେପରି ଭାବରେ ଖୁଣ୍ଟାମାରି ଭିତରେ ପଶିଥିଲି, ସେହିପରି ଭାବେ ଭିତରୁ ବାହାରକୁ ଆସିଲି । ତାପରେ ଆମର ଚିନ୍ତା ହେଲା, ଛାଲକୁ କ'ଣ କରିବା । ସେ ଗୋଟାଏ ପ୍ରସ୍ତାବ ଦେଲା, ତାକୁ ଆମ ସାନ ଦାଦାଙ୍କ ପାଖରେ ରଖିବା । ତା'ର ଦୂରଦର୍ଶିତାର ଅଭାବରୁ ସେ ଏକଥା କହିଲା । ମୁଁ ତାକୁ ମନା କରିବା ସହିତ ବୁଝାଇଲି, ସାନଦାଦା ମଧ୍ୟ ମାମଲତକାରମାନଙ୍କ ଦଳରେ ଅଛନ୍ତି, ଯେ କୌଣସି ମୁହୂର୍ତ୍ତରେ ସେ ଆମକୁ ଧରାଇ ଦେବେ । ତେଣୁ ତାକୁ ନଷ୍ଟ କରିଦେବା ଉଚିତ୍ । ପୁଣି ସେ ପ୍ରସ୍ତାବ ଦେଲା ନଳିତା ବଣ ଭିତରେ ପକାଇବା ପାଇଁ । କିନ୍ତୁ ତା'ର କୌଣସି ପ୍ରସ୍ତାବ ମୋ ମନକୁ ପାଇଲା ନାହିଁ । ତାକୁ କାହା ପାଖରେ ରଖିବା କିମ୍ବା ଫୋପାଡ଼ି

Digitized by srujanika@gmail.com

ଦେଲେ ଧରାପଡ଼ିଯିବାର ଯଥେଷ୍ଟ ସମ୍ଭାବନା ଅଛି । ଗୋଟିଏ ବିପଦରୁ ମୁକୁଳିବାକୁ ଯାଇ ଆଉ ଗୋଟିଏ ବିପଦକୁ ଡାକି ଆଣିବା । ମୁଁ ପାଞ୍ଚୁଥାଏ, ଛାଲକୁ କିପରି ପୁରା ନଷ୍ଟ କରିଦେଇ ହେବ, ଯାହାଫଳରେ କେହି ତା'ର ଟେର୍ ପାଇବେ ନାହିଁ । ସନ୍ଦେହ କରିପାରନ୍ତି, କିନ୍ତୁ ସନ୍ଦେହ କଲେ ଆମର କିଛି କରିପାରିବେ ନାହିଁ ।

ମୋ ମୁଣ୍ଡକୁ ହଠାତ ଗୋଟିଏ ଉପାୟ ଦୁକିଲା । ତାହା ହେଲା ଆମ ଗ୍ରାମର ପୂର୍ବପଟରେ ବହି ଯାଉଥିବା ଗୋବରୀ ନଦୀର ଗୋଟିଏ ଜାଗାରେ ନଦୀ ଖୁବ୍ ଗଭୀର ଓ ତାକୁ ଗଣ୍ଡ ବୋଲି ଲୋକେ କହନ୍ତି । ସେଠି କାତ ପାଏ ନାହିଁ । ସେହି ଗଣ୍ଡରେ ପକାଇ ଦେଲେ ଛାଲ ନଷ୍ଟ ହୋଇଯିବ, କେହି ଟେର୍ ପାଇବେ ନାହିଁ । ସେହି ଅନୁସାରେ ଆମେ ଚିନ୍ତାକରି ଛାଲକୁ ଧରି ଘନ ଅନ୍ଧକାର ମଧରେ ମୁହଁକୁ ମୁହଁ ଦେଖାଯାଉ ନଥିବା ଅବସ୍ଥାରେ ଡର ଲାଗୁଥିଲେ ମଧ ମନର ପ୍ରବଳ ଆବେଗରେ ଡରକୁ ପଛରେ ପକାଇ ଗ୍ରାମର ପଛପଟରେ ପୂର୍ବମୁଖା ହୋଇ ପାଣିକାଦୁଅ ଭିତରେ ଭୁସି ହୋଇ ଆମେ ଦୁଇଜଣ ଛାଲକୁ ଧରି ମଟି ଦଣ୍ଡାରେ ପହଞ୍ଚିଲୁ ଓ ଛାଲକୁ ରଖି ଟିକେ ବିଶ୍ରାମ ନେଇ ସଂଗେ ସଂଗେ ଚିନ୍ତାକଲୁ କିପରି ଭାବରେ ଗଣ୍ଡରେ ପକାଇଲେ ସେ ଡୁବିଯିବ, ଭାସିବ ନାହିଁ ଓ କିଛିଦିନ ପରେ ପାଣିରେ ନଷ୍ଟ ହୋଇଯିବ । ମନକୁ ଆସିଲା, ମାଟିରେ ବାନ୍ଧି ପକାଇଲେ ଛାଲ ବୁଡ଼ିଯିବ କିନ୍ତୁ ମାଟି ଧୋଇ ହୋଇଗଲେ ଛାଲ ପୁଣି ଭାସି ଉଠିବ । ପୁଣି ଛାଲ କେଉଟଙ୍କ ମାଛ ଜାଲରେ ପଡ଼ିଯାଇପାରେ । ତେଣୁ ଧରାପଡ଼ିବାର ସମ୍ଭାବନା ଯଥେଷ୍ଟ । ଏପରି ଜିନିଷ ଦରକାର, ଯିଏ ଧୋଇହେବନି, ଅଥଚ ଛାଲକୁ ପାଣି ଭିତରେ ବୁଡ଼ାଇ ରଖିବ । କେବଳ ପଥର କିମ୍ବା ଇଟା ହେଲେ ଚଳିବ । ଏହି ଭାବନା ମନକୁ ଆସିଲେ ହେଁ, ପଥର ଇଟା ଅଧରାତିର ଘନ ଅନ୍ଧକାର ଭିତରେ କେଉଁଠୁ ପାଇବା ? ମୋର ମନେ ପଡ଼ିଲା, ବଡ଼ ବାଦାଙ୍କର କୋଠାଘର ପାଇଁ ଇଟା ପୋଡ଼ା ହୋଇଥିଲା । ସେଉଠୁ ଆମେ ଦୁଇଜଣ ଛାଲକୁ ସଙ୍ଗରେ ଧରି ସାବଧାନତା ସହ ଦାଦାଙ୍କ ଡିହ ପାଖରେ ପହଞ୍ଚି ପ୍ରାୟ ଇଟା ବଶ କିଲୋ ଓ ତାକୁ ବାନ୍ଧିବା ପାଇଁ ଦଉଡ଼ା ଦୁଇଟା ସଂଗ୍ରହ କରି ପୁଣି ସେହି ଠାକୁରଆଡ଼ ଦଣ୍ଡାକୁ ଆସିଲୁ । ସଙ୍ଗରେ ଆଣିଥିବା ଛାଲ ଭିତରେ ଇଟା ପୂରାଇ ତାକୁ ଭଲ ଭାବରେ ମୁର୍ଦ୍ଧାର ଭଳି ବାନ୍ଧି ପୂର୍ବ ପରିଚିତ ଗୋବରୀ ନଈର ଗଣ୍ଡ ମଧକୁ ଝୁଲାଇ ଝୁଲାଇ ପକାଇ ଦେଲୁ । ଆମେ ସାଙ୍ଗହୋଇ ଦୁଇଜଣ ଘରକୁ ଫେରିଲୁ । ରାତି ଆଉ ଅଳ୍ପ ସମୟ ଥାଏ । ନିଶ୍ଚିନ୍ତରେ ଶୋଇ ପଡ଼ିଲୁ ।

ଆମ ଦୁଇଜଣ ବ୍ୟତୀତ ତୃତୀୟ ଲୋକ ଏସବୁ ଘଟଣା ଜାଣି ପାରିଲେ ନାହିଁ । ରାତି ପାହିବାର କିଛି ସମୟ ଡେରିରେ ଉଠିଲୁ । ପିଲାମାନେ ସ୍କୁଲକୁ ଗଲେଣି । ମାଷ୍ଟ୍ରେ ସ୍କୁଲ ଘର ଖୋଲି ଦେଖିଲେ ଛାଲ ନାହିଁ । ଗାଁରେ ହୁଲସ୍ଥୁଲ ପଡିଯାଇଛି । ଏକଥା ଶୁଣି ଗ୍ରାମର ଲୋକମାନେ ଦେଖିବାକୁ ଗଲେ । କାନ୍ଥରେ ପାଦ ଆଙ୍ଗୁଠିର ଘସରା ଚିହ୍ନ ଥିବାରୁ କିଏ କେତେ ପ୍ରକାର ମନ୍ତବ୍ୟ ଦେଲେ । ମାଷ୍ଟ୍ରେ ଇତ୍ୟାଦି ଭଦ୍ରଲୋକମାନେ ଗାଁକୁ ଉଠାପକା କଲେ । କିଏ ଏକାମ କରିଛି ? ସନ୍ଦେହ କଲେ ଏ ମୃଗ ମାରି ଆଣିଥିବା ଲୋକମାନେ

Digitized by srujanika@gmail.com

କରିଛନ୍ତି । କିନ୍ତୁ ତାଙ୍କ ସପକ୍ଷରେ ମୁଁ ଥିବାରୁ ତାଙ୍କ ପ୍ରତି କିଛି ପରିପାରିଲେ ନାହିଁ । କାମୁଡ଼ି ଝାମୁଡ଼ି ହୋଇ ଜୋକ ମୁହଁରେ ଲୁଣ ପଡ଼ିଲା ଭଳି ସେମାନେ ରହିଲେ । ସେହିଦିନଠାରୁ ସେମାନେ ଜାଣିଲେ, ମନମୁଖିଭାବେ ଯାହା କଲେ ବି ସେମାନଙ୍କ ବିରୁଦ୍ଧରେ ଠିଆ ହେବାକୁ ଓ ଗରିବ ଲୋକଙ୍କୁ ବଳ ଓ ଭରସା ଦେବା ପାଇଁ ମୁଁ ଅଛି । ସେମାନଙ୍କ ମନ ଭିତରେ ସେବେଠାରୁ ଏହି ଆଶଙ୍କା ବସାବାନ୍ଧି ରହିଲା । ମୋର ମଧ ଏମାନଙ୍କ ଅନ୍ୟାୟ କାର୍ଯ୍ୟକଳାପ ବିରୁଦ୍ଧରେ ଲଢ଼ିବା ପାଇଁ ସାହାସ ଆସିଗଲା । ଆଶ୍ଚର୍ଯ୍ୟଜନକ ଭାବରେ କିପରି ଛାଲ ଉଭେଇ ଗଲା, ସେ ନେଇ ପ୍ରାୟ ମାସକ ଧରି ଗ୍ରାମରେ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଲା । ଏଥିରେ ଗରିବ ଲୋକମାନେ ଆନନ୍ଦ ଅନୁଭବ କରିବା ସଂଗେ ସଂଗେ ଆମ ପାଇଁ ଲଢ଼ିବା ସକାଶେ ଜଣେ ଲୋକ ଗ୍ରାମରେ ଅଛି ବୋଲି ସନ୍ତୋଷ ଅନୁଭବ କଲେ ।

ଏହାର କିଛିଦିନ ପରେ ମୃଗ ମାରିବାର ପ୍ରମାଣ ଦେବାର ନିର୍ଦ୍ଦିଷ୍ଟ ତାରିଖ ଆସିଗଲା । ମାମଲତକାରମାନେ ମେଳିବାନ୍ଧି ସର୍କଲ ଅଫିସ୍‌କୁ ଗଲେ । ଆସାମୀମାନେ ମୋତେ ଯିବାପାଇଁ ଡାକିଲେ । ମୁଁ ତାଙ୍କୁ କହିଲି, ମୋର ଆଉ ଯିବର ଆବଶ୍ୟକତା ନାହିଁ । କାରଣ, ପ୍ରଥମ ଦିନ ତୁମେ ଏକରାରନାମାରେ ଦସ୍ତଖତ କରି ଦେଇଥିଲେ ତୁମକୁ ଅଡୁଆରେ ପକାଇ ଜୋରିମାନା କରାଯାଇଥାନ୍ତା । ସେତକରୁ ତ ମୁକ୍ତ ହୋଇଯାଇଛ । ସେମାନେ ପ୍ରମାଣ ଦେଲେ ଦୋଷୀ ହେବ ବୋଲି ମୌଖିକ କଥା ରହିଛି । ଏବେ ତ ଛାଲ ଚୋରି ହୋଇଯିବାରୁ ସେମାନେ ଆଉ ପ୍ରମାଣ ଦେଇପାରିବେ ନାହିଁ । ତୁମେ ମୃଗ ମାରିନା ବୋଲି କହିଦେଇ ପାରିବ । ଆଉ ବାଘ୍ରା ମାରି ଆଣିଛ ବୋଲି କହିବ । ଆଉ କିଛି ଦସ୍ତଖତ ଦେବ ନାହିଁ । ଏହିପରି ଆସାମୀମାନଙ୍କୁ ପରାମର୍ଶ ଦେଇ ମାର୍ଶାଘାଇ ପଠାଇଦେଲି । ପ୍ରକୃତରେ ଅଫିସ୍‌ରେ ପ୍ରମାଣ ଅଭାବରୁ ସେମାନଙ୍କ ବିରୁଦ୍ଧରେ କିଛି କରାଯାଇ ପାରିଲା ନାହିଁ । ଆସାମୀମାନେ ସେଥିରୁ ମୁକ୍ତ ହୋଇ ଖୁସି ମନରେ ଘରକୁ ଫେରିଲେ । ଏସବୁ ହେବା ଫଳରେ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ଗାଁରେ ଛାଁକୁ ଛାଁ ଗୋଟିଏ ଦଳ ମୁଣ୍ଡ ଟେକିଲା ।

କଂଗ୍ରେସ ଆଡ଼େ ମନ

ସେହିଦିନ ଗ୍ରାମର ଭଲମନ୍ଦ ବିଷୟରେ ଲଢ଼ିବା ପାଇଁ ଆମକୁ ବଳ ମିଳିଲା । ମୁଁ ସେତେବେଳେ କଂଗ୍ରେସର ସଭ୍ୟ ହୋଇନଥିଲେ ମଧ ମୋ ମନକୁ ମନ କଂଗ୍ରେସ କାମ କରିବା ପାଇଁ ତଥା ମହାତ୍ମା ଗାନ୍ଧି ଓ ଗୋପବନ୍ଧୁ ଇତ୍ୟାଦିଙ୍କ କଥା ଶୁଣିବା ପାଇଁ ବରାବର କଂଗ୍ରେସ ସଭାମାନଙ୍କୁ ଯାଉଥିଲି । ମୁଁ କିପରି କଂଗ୍ରେସ ଜରିଆରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢ଼ିବି, ଏହି ଭାବନା ସବୁବେଳେ ମନକୁ ଆସୁଥାଏ । ମଝିରେ ମଝିରେ କେଉଁଠି କଂଗ୍ରେସ ସଭା ହେଲେ, କାହାରିକୁ ନ ଜଣାଇ, ଏପରିକି ଘରେ ବୋଉ ମୋ ମୁରବୀ ଥିଲେ ବି, ତାକୁ ନ ଜଣାଇ ଚାଲି ଯାଉଥିଲି । ବାକୀ ସମୟରେ ଚାଷବାସ ଧନ୍ଦାରେ ବି ଲାଗିଥାଏ । ଏପରି ମନପ୍ରାଣ ଦେଇ ଚାଷକାମ କରୁଥାଏ ଯେ, ଚାଷକୁ ଅବଲମ୍ବନ କରି ଧୀରେଧୀରେ ଚାଷକାମରେ ମୋର ଅଭିଜ୍ଞତା ବଢ଼ୁଥାଏ । ଏହା ଫଳରେ ମୋର ଭଲମନ୍ଦ ବିଚାର କରିବାର ଶକ୍ତି ମଧ୍ୟ ଧୀରେ ଧୀରେ ବୃଦ୍ଧି ପାଉଥାଏ ଏବଂ ସାହାସ ଓ ମନର ବଳ ମଧ ବଢ଼ୁଥାଏ ।

Digitized by srujanika@gmail.com

ମଥାକାଟି ଜମି ଆନ୍ଦୋଳନ

ଏହି ସମୟରେ ଆଉ ଗୋଟିଏ ଅନ୍ୟାୟ ଘଟିଥିଲା, ଯାହାର ମୁଖ୍ୟ ଖଳନାୟକ ଥାଆନ୍ତି ଆମ ସାନଦାଦା ତଥା ବାପାଙ୍କ ମୃତ୍ୟୁପରେ ଆମପଡାରୁ ଗ୍ରାମର ମାମଲତକାର ହୋଇଥିବା ବ୍ରଜବନ୍ଧୁ ବେହେରା । ଆମପଡ଼ାର ଆମଘରକୁ ମିଶାଇ ୨ ୨ଟି ଚାଷୀ ପରିବାରଙ୍କ ଜମି, ଯାହାକି ନଦୀପାଖ ମଥାକାଠି ଜମି ଥିଲା, ତାକୁ ବାପାଙ୍କ ମୃତ୍ୟୁ ପରେ ସାନଦାଦା ଏହି ୨ ୨ ଘର ଚାଷୀଙ୍କ ଅଜାଣତରେ ଆମ ଗ୍ରାମର ବେନୁ ସୁତାର ଓ ମନୁ ସୁତାରଙ୍କ ନାମରେ ଜମାବନ୍ଦୀ କରାଇ ଦେଇଥିଲେ ଏବଂ ସୁତାର ପରିବାର ସେହି ଜମିର ଖଜଣା ଦେଇ ପାଉତି ହାସଲ କରୁଥିଲେ । କିନ୍ତୁ ୨ ୨ଘର ଲୋକେ ଏହା ଜାଣିନପାରି ସେହି ଜମିକୁ ପୂର୍ବ ଭଳି ଚାଷ କରି ଚାଲୁଥାଆନ୍ତି । ବର୍ଷେ ସୁତାର ପରିବାରର ଲୋକେ ସେହି ନବୀବଡ଼ା ଜମିକୁ ଆମ ଦାଦା ଓ ଗ୍ରାମ ମାମଲତକାରମାନଙ୍କ ସାହାଯ୍ୟରେ ନିଜ ଦଖଲକୁ ନେଇଗଲେ । ଏଠାରେ ଉଲ୍ଲେଖନୀୟ ଯେ, ସାନଦାଦା କେବଳ ଆମପଡାର ନୁହେଁ ଅନ୍ୟ ପଡାର ମଥାକାଟି ଜମିକୁ ମଧ୍ୟ ଏହିଭଳି ଗୋପନରେ ଏକାସାଙ୍ଗରେ ସୁତାର ପରିବାର ନାମରେ ଜମାବନ୍ଦି କରି ଦେଇଥିଲେ । କିନ୍ତୁ ଅନ୍ୟପଡାର ମଥାକାଟି ଅନାବଦୀ ଜମିରେ ସେ ପଡାର ମାମଲତକାର ଧରଣୀଧର ସାମଲ ଓ ଉତ୍ସବ ସାମଲଙ୍କର ଭାଗଅଂଶ ଥିବାରୁ, ତାକୁ ପରେ ଦଖଲକୁ ନେବେ ବୋଲି ଦାଦା ଓ ସୁତାର ସ୍ଥିର କଲେ ଏବଂ ଅନ୍ୟ ପକ୍ଷରେ ସେହି ମାମଲତକାରମାନଙ୍କ ସହ ଏକ ଚୁକ୍ତି କଲେ ଆମପଡାର ମଥାକାଟି ଜମିକୁ ଦଖଲ ନେଲା ବେଳେ ସେମାନେ ଯେପରି ସାହାଯ୍ୟ କରିବେ ।

ଉକ୍ତ ୨ ୨ ଘର ଚାଷୀଙ୍କ ମଧରୁ ଆମ ଘର ବ୍ୟତୀତ ଅନ୍ୟ ସମସ୍ତେ ଗରିବ ଲୋକ ଥିଲେ । ସେତେବେଳେ ଏମାନଙ୍କ ଭିତରେ ଏକତା ମଧ ନଥିଲା । ଆଉ ମଧ ଏମାନଙ୍କର ନେତୃତ୍ୱ ଯିଏ ନେଇ ପାରିଥାନ୍ତେ, ସେ ମୋ ଦାଦା ବ୍ରଜବନ୍ଧୁ ବେହେରା, ଯେ କି ନିଜେ ସଂପୃକ୍ତ ରହି ଜମିକୁ ଅନ୍ୟ ଲୋକଙ୍କ ନାଁରେ ଜମାବନ୍ଦି କରାଇ ଦେଇଥିଲେ । ଆଗକୁ ଘଟଣା କ'ଣ ହେଲା, ତାହା ବର୍ଣ୍ଣନା କରିବା ପୂର୍ବରୁ ଏହି ଜମି ବିଷୟରେ ମୁଁ କିଛି ପୂର୍ବ ସୂଚନା ଦେବାକୁ ଉଚିତ୍ ମନେ କରୁଛି, ଯେଉଁଥିରୁ ଜଣାପଡ଼ିବ, ୨ ୨ଘର ଚାଷୀ ଏ ଜମିକୁ କିପରି ଭାବରେ ପାଇଥିଲେ ? ମୋର ଜନ୍ମ ପୂର୍ବର ଘଟଣା । ଆମପଡାରେ ବୋଧହୁଏ ୧ ୫ ଏକର ପର୍ଯ୍ୟନ୍ତ ଘାସପାଳନ୍ଦା ଜମି ଆମ ଜମିଦାର କୁଜଙ୍ଗ ବର୍ଦ୍ଧମାନ ରାଜାଙ୍କର ଥିଲା । ଏହି ଘାସ ପାଳନ୍ଦାକୁ ଜମିଦାର ବର୍ଷରେ ଥରେ ନିଲାମ ଦେଉଥିଲେ । ଯାହାଙ୍କର ମଇଁଷି ଇତ୍ୟାଦି ଥିଲା, ସେହିମାନେ ଏହି ନିଲାମ ଧରୁଥିଲେ । ଆମର ରିଜିମାଲି ଘରେ ମଇଁଷି ଥିଲା । ତେଣୁ ବାପା (ପଦ୍ମନାଭ ବେହେରା) କେତେ ବର୍ଷ ଧରି ନିଲାମ ନେଉଥିଲେ । ଏହି ନିଲାମ ବ୍ୟବସ୍ଥା ଥିବାବେଳେ ଜମିଦାର ଚାହିଁଲେ ଏକର ପିଛା ୧୦୦/୨୦୦ ସଲାମି ଟଙ୍କା ନେଇ ଏହି ଘାସ ପାଳନ୍ଦା ଜମିକୁ ଜମାବନ୍ଦି କରି ପ୍ରଜାମାନଙ୍କୁ ପଟା ଦେଇଦେବେ । ଜମିଦାରଙ୍କର ଏହି ଘୋଷଣା ହେବାପରେ ସେହି ଜମିକୁ ନେବାପାଇଁ ଆମ ଗ୍ରାମରେ ଦୁଇଦଳ ସୃଷ୍ଟି ହୋଇଗଲା । ସେ ପଡ଼ାରେ ଉତ୍ସବ ସାମଲ ଓ ଧରଣୀ ସାମଲ ଇତ୍ୟାଦି ମାମଲତକାରମାନେ କେତେଲୋକଙ୍କୁ ନେଇ ଗୋଟିଏ ଦଳ ଗଢ଼ିଲେ ଓ ଯେତେ ଟଙ୍କା

Digitized by srujanika@gmail.com

ପଡୁ ପଛକେ, ଉଭୟ ପଡାର ମଥାକାଟି ଜମିର ଜମାବନ୍ଦି ନେବା ପାଇଁ ଜମିଦାରଙ୍କ କୁଜଙ୍ଗ ହେଡ୍‌ଅଫିସ୍‌କୁ ଧାଁ ଧପଡ଼ କଲେ । ଜମିର ଅବସ୍ଥିତି ଆମ ପଡ଼ାର ପାଖ ହୋଇଥିବାରୁ ବାପାଙ୍କ ନେତୃତ୍ୱରେ ୨୨ ଘର ଲୋକଙ୍କୁ ନେଇ ଗଠିତ ହେଲା ଆଉ ଗୋଟିଏ ଦଳ, ଯେ କି ଉକ୍ତ ଜମିର ଜମାବନ୍ଦି ନେବା ପାଇଁ ଚେଷ୍ଟା ଚଳାଇ ରଖିଲେ । ଏପ୍ରକାର ପ୍ରତିଯୋଗିତା ଫଳରେ ଜମିଦାର ଆଶାନୁରୂପକ ପଇସା ପାଇବା ପାଇଁ ସୁବିଧା ହେଲା ।

ସେତେବେଳେ ଯଦିଓ ବାପା ଥିଲେ ଜମିଦାରଙ୍କର ଜଣେ ଟାଣୁଆ ପ୍ରଜା ଓ ଏ ଅଞ୍ଚଳର ଜଣେ ନାମଜାଦା ଲୋକ, ତଥାପି ଦୁଇଦଳଙ୍କ ଭିତରୁ କେହି କମ୍ ନଥିଲେ ; ଉଦ୍ଧବ ସାମଲ ଓ ଧରଣୀ ସାମଲଙ୍କ ଦଳଟି ବେଶ୍ ବଡ ଥିଲା । ଦୁଇଦଳଙ୍କ ଭିତରେ ଏତେଦୂର ଛକାପଞ୍ଝା ଚାଲିଲା ଯେ, ଯେ କୌଣସି ମୁହୂର୍ତ୍ତରେ ଗଣ୍ଡଗୋଳ ଲାଗି ମାଡ-ଫୌଜଦାରୀ ଘଟି ପାରିଥାନ୍ତା । ଦଶିପୁର ଗ୍ରାମର ଏହି ପାଳନ୍ଦାକୁ କେନ୍ଦ୍ର କରି ଦୁଇଦଳଙ୍କ ମଧରେ ମାଲିମକଦ୍ଦମା ମଧ୍ୟ ଲାଗି ରହିଲା । ଜମିଦାର ଦେଖିଲେ, ଏହାର ସମାଧାନ ନକଲେ ଗୋଟିଏ ପାଳନ୍ଦାକୁ କେନ୍ଦ୍ରକରି ଗ୍ରାମଟି ଉଚ୍ଛନ୍ନ ହୋଇଯିବ । ଏ କଥାର ସମାଧାନ ପାଇଁ ଜମିଦାରଙ୍କ ତରଫରୁ ଏକ କୌଶଳ ଖୋଜାଗଲା, ଯାହା ଫଳରେ ଜମିଦାରଙ୍କର ପ୍ରାପ୍ୟ ଊଣା ହେବନି ଅଥଚ ସୁନାମ ହେବ । ସେ ପ୍ରସ୍ତାବ ଦେଲେ, ଯେଉଁମାନଙ୍କ ଘରବାଡ଼ି କମ୍ ଥିବ, ସେହିମାନଙ୍କୁ ଏ ଜାଗା ଜମାବନ୍ଦି ଦିଆଯିବ । ଭବିଷ୍ୟତରେ ସେମାନେ ସେଠି ଘରବାଡ଼ି କରି ରହିପାରିବେ । ସେହି ଅନୁଯାୟୀ ଜମିଦାର ସୁପର୍‌ଭାଇଜର୍‌ଙ୍କୁ ଇନ୍‌କ୍ୱାରୀ କରି ଆଠଦିନ ଭିତରେ ରିପୋର୍ଟ ଦାଖଲ କରିବାକୁ ଅର୍ଡର ଦେଲେ । ଆଠଦିନ ଭିତରେ ଇନ୍‌କ୍ୱାରୀ ରିପୋର୍ଟ ମିଳଲା ଯେ, ବାପା ଯେଉଁ ୨୨-ଘରିଆ ଦଳଙ୍କର ନେତୃତ୍ୱ ନେଇ ଲଢୁଥିଲେ, ସେହି ଦଳର ପରିବାରମାନଙ୍କର ଘରବାଡ଼ି କମ୍ ଥିଲା । ସେହି ରିପୋର୍ଟ ଅନୁଯାୟୀ ୨୨-ଘର ଦଳ ପାଳନ୍ଦା ଜମିକୁ ଜମାବନ୍ଦି ପାଇଲେ ଓ ପଟାପାଉତି ହାସଲ କଲେ । ଏହିପରି ବାପାଙ୍କର ୨୨ଘର ଦଳଟି ବହୁ ଦ୍ୱନ୍ଦ୍ୱ-ସଂଘର୍ଷ ଭିତରେ ଆମପଡାର ମଥାକାଟି ଜମିର ଜମାବନ୍ଦି ହାସଲ କରିବାରେ ସଫଳ ହୋଇଥିଲେ ।

ତୀବ୍ର ଲଢ଼େଇ ଭିତରେ ୨୨ଘରକୁ ଯେଉଁ ପାଳନ୍ଦା ଜମି ମିଳିଥିଲା, ତା'ର ମଥାକାଟିକୁ ଏତେ ସହଜରେ ସେମାନଙ୍କ ଅଜାଣତରେ ଜଣେ ଲୋକକୁ ଜମାବନ୍ଦି କରିଦେବା ଫଳରେ ସେହି ୨୨ ଘର ଆଶଙ୍କା କଲେ, ସେହି ମଥାକାଟି ତାଙ୍କ ହାତରୁ ଚାଲିଗଲେ ଭବିଷ୍ୟତରେ ନଦୀରୁ ପାଣି ବୋହି ସେମାନେ ନିଜ ନଦୀକୂଳ ଜମିରେ ଫସଲଚାଷ କରିବା ସମ୍ଭବ ହେବନାହିଁ । ସମସ୍ତଙ୍କ ଅଜାଣତରେ ଜଣେ ଲୋକକୁ (ସୁତାର ପରିବାର) ୨୨-ଘରର ଲୋକଙ୍କ ଜମିକୁ ଜମାବନ୍ଦି କରାଯିବା ଅତ୍ୟନ୍ତ ଅନ୍ୟାୟ ହୋଇଛି ବୋଲି ଭାବି ମୁଁ ଦାଦାଙ୍କ ବିରୁଦ୍ଧରେ ଠିଆ ହେବାପାଇଁ ପ୍ରସ୍ତୁତ ହୋଇଗଲି । ଆମ ପରିବାର ମଧ୍ୟ ସେହି ୨୨-ଘର ଭିତରେ ସାମିଲ୍ ଥିଲା ଓ ଆମ ଭାଗରେ ପଡୁଥିବା ଜମିର ମଥାକାଟି ଚାଲି ଯାଉଥିଲା । ସୁତାର ଘର ନାଁରେ ଜମାବନ୍ଦି ହୋଇସାରିଥିବା ଘଟଣା ଶୁଣି ୨୨-ଘର ଲୋକ ମୋ ନେତୃତ୍ୱରେ ଏହାର ବିରୋଧ କରାଯିବ ବୋଲି ସ୍ଥିର କଲେ । ପ୍ରଥମ କାର୍ଯ୍ୟ, କିପରି ଜମି

Digitized by srujanika@gmail.com

ଉପରୁ ସେ ଲୋକର ଦଖଲ ଉଚ୍ଛେଦ କରାଯିବ । ସେ ତ ପ୍ରଥମ କରି ସେଠାରେ ଧାନ ରୋଇ ଥିଲା । ୨୨-ଘର ଲୋକ ଚାହୁଁଥିଲେ, ଆମେ ସଙ୍ଗେସଙ୍ଗେ ଯାଇ ସେ ଜମିକୁ ସୁତାର ଦଖଲରୁ ଛଡାଇନେବା । କିନ୍ତୁ ମୁଁ ପରାମର୍ଶ ଦେଲି, ଏବେ ଆମେ ଦଖଲ ନନେଇ ଧାନପାଚିବା ପରେ ତାହା କଲେ ସହଜରେ ଜିତିପାରିବା । ଅନ୍ୟପକ୍ଷରେ ସାନଦାଦା ଓ ସୁତାର ସେପଡାର ମାମଲତକାର ଧରଣୀଧର ସାମଲ ଓ ଉଦ୍ଧବ ସାମଲଙ୍କୁ ବୁଝାଇବାକୁ ଚେଷ୍ଟା କଲେ ଯେ, ଆମେ ତୁମ ପଟର ମଥାକାଟିକୁ ତୁମନାମରେ ପରେ ହସ୍ତାନ୍ତର କରିଦେବୁ, ବର୍ତ୍ତମାନ ଏପଟର ମଥାକାଟିର ଫସଲକୁ ଦଖଲକୁ ଆଣିବାରେ ଆମକୁ ସାହାଯ୍ୟ କର । ଧାନପାଚିବା ସମୟ ଉପସ୍ଥିତ ହେବାରୁ ଆମେ ୨୨-ଘର ଲୋକ ସଂଘବଦ୍ଧ ହୋଇ ଧାନକାଟିବା ଆରମ୍ଭ କରିଦେଲୁ । କେବଳ ମାମଲତକାର ଧରଣୀଧର ସାମଲ କିଛି ଲୋକଙ୍କୁ ନେଇ ସୁତାର ପରିବାର ସପକ୍ଷରେ କ୍ଷେତ୍ର ଉପରେ ଉପସ୍ଥିତ ଥିଲେ । ସେମାନେ ଆମକୁ ଡରାଇବାକୁ ଓ ଧମକ ଦେବାକୁ ଭୁଲିଲେ ନାହିଁ । ମୋ ନେତୃତ୍ୱରେ ଧାନକଟା ଚାଲିଲା । କିନ୍ତୁ ଆମର ୨୨-ଘର ଲୋକଙ୍କୁ ନେଇ ଏକ ସୁଦୃଢ଼ ସଂଗଠନ କାର୍ଯ୍ୟ କରୁଥିବାରୁ ସେମାନେ କିଛି କରି ପାରିଲେ ନାହିଁ । ଆମେ ଧାନକାଟି ଆଣିବାରେ ସଫଳ ହୋଇଗଲୁ । ସାନଦାଦା ମୋତେ ସାହାସ କରି କିଛି କହିଲେ ନାହିଁ । ପୁଣି ସେମାନେ ଜାଣିଲେ ଯେ, ମୋକଦ୍ଦମା କଲେ ସେମାନେ ଜୟୀ ହୋଇପାରିବେ ନାହିଁ ; କାରଣ, ସେ ଏକୁଟିଆ ପଇସା ଖର୍ଚ୍ଚ କଲେ ଆମେ ୨୨-ଘର ପଇସା ଖର୍ଚ୍ଚ କରିବୁ । ଦ୍ୱିତୀୟତଃ ଜମି ଆମ ଦଖଲରେ ରହି ଆମ୍ଭେମାନେ ଚାଷ କଲେ ସେଥିରୁ ଯେଉଁ ଫସଲ ଆମଦାନୀ ହେବ, ସେଥିରୁ ହିଁ ମକଦ୍ଦମା ଖର୍ଚ୍ଚ ଉଠିଯିବ । ତୃତୀୟତଃ 'କୁଳ ଯାହାର ପାଳ ତାହାର' ଆଇନ୍ ଆମ ପକ୍ଷେ ଅନୁକୂଳ ଥିଲା । ଆମେ ୨୨-ଘର କୁଳ ଜମିର ମଥାକାଟି ପାଇବା ହିଁ ହକ୍ କଥା । କେବଳ ଲୁଚେଇଚୋରେଇ ଓ କିଳାପୋତେଇ ବଳରେ ଆମମାନଙ୍କ ଜମିକୁ ଜଣଙ୍କ ନାମରେ ଜମାବନ୍ଦି କରେଇ ନିଆଯାଇଛି । ମୋର କିନ୍ତୁ ସେତେବେଳେ ବୟସ କମ୍ ଥିବାରୁ ବିଚାରବୁଦ୍ଧିର ପରିପକ୍ୱତା ଆସି ନଥିଲା ।

ଅବଳି ଗଡ଼ିଆ ଆନ୍ଦୋଳନ

୨୨ଘର ପାଇଁ ମଥାକାଟି ଜମି ଆନ୍ଦୋଳନରେ ଆମେ ଜିତାପଟ ପାଇଲା ପରେ ଦାଦା ଓ ଗ୍ରାମର ମାମଲତକାରମାନେ ଆଉ ଏକ କୌଶଳର ବାଟ ଧରିଲେ, ଯାହାଦ୍ୱାରା ଆମ ସଂଗଠନ ଭୁଷୁଡି ପଡିବ । ସେମାନେ ପାଞ୍ଚିଲେ, ଏକମାତ୍ର ମୋତେ ଆମ ଦଳରୁ ହଟାଇ ନେଇ ପାରିଲେ ଆଉ ସମସ୍ତଙ୍କଠାରୁ ଅକ୍ଲେଶରେ ଜମିର ଦଖଲ ନେଇଯାଇ ପାରିବେ । ସେତେବେଳେ ମୋର ବୟସ ଦୃଷ୍ଟିରୁ ବିଚାରବୁଦ୍ଧିରେ ପରିପକ୍ୱତା ମଧ୍ୟ ଆସିନଥିଲା । ତେଣୁ ମୋତେ ୨୨-ଘର ସଂଗଠନରୁ ହଟାଇବାରେ ସେମାନେ ସଫଳତା ଅର୍ଜନ କଲେ । ଘଟଣାଟି ଏହି ପ୍ରକାର । ଆମ ଘରର ପଛପାଖରେ ବହୁ କାଳରୁ ଅବଳି ଗଡ଼ିଆ ବୋଲି ଗୋଟିଏ ପୋଖରୀ ଥିଲା । ସେଥିରେ ଆମ ପଡ଼ାର ଅଧିକାଂଶ ଲୋକ ଗାଧୁଆପାଧୁଆ କରୁଥିଲେ । ହଠାତ୍ ଖରାଦିନେ କାହା ଘରେ ନିଆଁ ଲାଗିଲେ ସେହି ଗଡ଼ିଆରୁ ପାଣିଆଣି ନିଭାଉଥିଲେ । ମୁଁ ନିଜେ ଦେଖିଛି, ଆମର ପାଖଘର ଜନକର ପ୍ରଧାନଙ୍କର ଦୁଇଥର ନିଆଁ ଲାଗି ଯାଇଥିଲା ଏବଂ ସେହି ଗଡ଼ିଆରୁ ପାଣି ଆଣି ଗ୍ରାମବାସୀ ନିଆଁ ଲିଭାଇଥିଲେ ।

Digitized by srujanika@gmail.com

ସେହି ଗଡ଼ିଆ ଜମି ଅନାବାଦୀ ଥିଲା, କିନ୍ତୁ ଆମ ପଡ଼ାର ଲୋକମାନଙ୍କ ଅଜାଣତରେ ତାକୁ ଜମିଦାରଙ୍କ ଠାରୁ ଜନକର ପ୍ରଧାନଙ୍କ ନାଁରେ ଦାବା ଓ କେତେକ ମାମଲତକାର ଜମାବନ୍ଦି ସହିତ ପଟାପାଉତି ହାସଲ କରାଇ ଦେଲେ । ସେମାନଙ୍କର ଉଦ୍ଦେଶ୍ୟ ଥିଲା, ଏହି ସର୍ବସାଧାରଣ ଜମିକୁ ଜନକର ପ୍ରଧାନଙ୍କ ନାଁରେ ଜମାବନ୍ଦି କରାଇଦେଲେ ଜନକର ପ୍ରଧାନ, ଯେ କି ମଥାକାଟି ଆନ୍ଦୋଳନରେ ୨୨-ଘର ଭିତରେ ଥିଲେ, ତାଙ୍କ ବିରୁଦ୍ଧରେ ମୁଁ ଯିବି ଏବଂ ଆମର ୨୨-ଘର ଏକତା ଭାଙ୍ଗିଯିବ ଏବଂ ମୋ ନେତୃତ୍ୱରେ ଚାଲୁଥିବା ମଥାକାଟି ଆନ୍ଦୋଳନ ନିଶ୍ଚୟ ଭୁଷୁଡ଼ି ପଡ଼ିବ ତଥା ସେ ମଥାକାଟି ଜମି ପୁଣି ସୂତାର ଘରକୁ ମିଳିଯିବ । ସତକୁ ସତ ସେମାନଙ୍କ ଚକ୍ରାନ୍ତ କାର୍ଯ୍ୟକାରୀ ହେଲା । ଗଡ଼ିଆ ଆନ୍ଦୋଳନ ମୋରି ନେତୃତ୍ୱରେ ସଫଳ ହେଲା, ଅବଲି ଗଡ଼ିଆକୁ ଜନକର ପ୍ରଧାନ ପୁଣି ଗ୍ରାମବାସୀଙ୍କ ନାମରେ ବା ସ୍କୁଲ ନାମରେ ରେଜେଷ୍ଟ୍ରି କରିଦେଲେ । କିନ୍ତୁ ଆମର ୨୨-ଘର ଏକତା ଭାଙ୍ଗି ଯିବାରୁ ସୂତାର ଘର ପୁଣି ୨୨-ଘରର ମଥାକାଟି ଜମିକୁ ନିଜ ଦଖଲକୁ ନେଇଗଲା । ଦାଦା ସେତେବେଳେ କେତେକ ପରିବାରଙ୍କ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏଭଳି ଆହୁରି କେତେକ କାର୍ଯ୍ୟ କରିଛନ୍ତି, ଯେଉଁଗୁଡ଼ିକୁ ମୁଁ ପୂରାପୂରି ବିରୋଧ କରିଛି । ଏହି କାରଣରୁ ସାଧାରଣ ଲୋକେ ମଧ୍ୟ ଦାଦାଙ୍କୁ ନାପସନ୍ଦ ଦୃଷ୍ଟିରେ ଦେଖିବାକୁ ଲାଗିଲେ । କିନ୍ତୁ ସେହିଦିନ ଠାରୁ ସେ ଆଉ ବ୍ୟକ୍ତିଗତ ସ୍ୱାର୍ଥ କାରଣରୁ ସମୂହ ସ୍ୱାର୍ଥ ବ୍ୟାପାରରେ ମୋତେ ବାଧାଦେଇ ନାହାନ୍ତି ; ବରଂ ସମୂହ ସ୍ୱାର୍ଥ ଥିବା କାର୍ଯ୍ୟରେ ସେ ଆମ୍ଭମାନଙ୍କୁ ସାହାଯ୍ୟ କରିଛନ୍ତି ।

ବାଘଡିଆ ଅନାବାଦୀ ଜମି ସବୁ ଗ୍ରାମବାସୀଙ୍କର କେମିତି ହେଲା ?

ସେହିବର୍ଷ ଆଉ ଗୋଟିଏ ଘଟଣା ଘଟିଲା । ଆମ ଗ୍ରାମର ପଶ୍ଚିମରେ ଅବସ୍ଥିତ ବାଘଡିଆ ଗ୍ରାମର ସୀମାକୁ ଲାଗି ଆମ ଗ୍ରାମର ପ୍ରାୟ ୧୫ ଏକର ଅନାବାଦୀ ଜମି ଲାଗିକରି ଥିଲା । ସେହି ଅନାବାଦୀ ଜମିରେ ଗୋରୁ ଚରୁଥିଲେ । ଆମ ଗ୍ରାମର ମୁଖିଆ ମୁଖିଆ ଲୋକ, ଯେଉଁମାନଙ୍କ ଭିତରେ ୩ ଜଣ ମାମଲତକାର ଥିଲେ, ସେମାନେ ୮/୧୦ ଘର ମିଶି ତାକୁ ଜମାବନ୍ଦି କରିନେବା ପାଇଁ ଗ୍ରାମବାସୀଙ୍କ ଅଜାଣତରେ ଜମିଦାରଙ୍କ ପାଖରେ ଦରଖାସ୍ତ କରିଥିଲେ । ସେମାନେ ସାନଦାଦାଙ୍କୁ କହିଲେ, ତୁମେ ଦାଦିପୁତୁରା ଦୁଇଜଣ ଆମ ସାଙ୍ଗକୁ ଆସ, ତାକୁ ଜମାବନ୍ଦି କରି ନେଇଯିବା । ଆମେ ଏକଥା ଶୁଣି ଗ୍ରାମର ସମସ୍ତ ଗରିବ ଲୋକଙ୍କୁ ଡକାଇଲୁ, ପ୍ରାୟ ଶହେ ଘରୁ ଲୋକମାନେ ଆସି ଉପସ୍ଥିତ ହେଲେ । ଆମ ସଭାରେ ସ୍ଥିର ହେଲା, ଆମେ ଗ୍ରାମବାସୀ ସମସ୍ତେ ମିଶିକରି ଏ ଜମି ବାଣ୍ଟି ନେବା । ଉକ୍ତ ଦଶଘରଙ୍କ ବିରୁଦ୍ଧରେ ଲଢ଼ିବାପାଇଁ ସ୍ଥିର କରାଗଲା । ସେମାନେ ଯେଉଁ ଦଶଘର ଜମାବନ୍ଦି ନେବାପାଇଁ ଦରଖାସ୍ତ କରିଥିଲେ, ସେମାନଙ୍କର ଭଲ ଜମିବାଡ଼ି ଥିଲା । ଆମେ ଯେଉଁ ଶହେ ଘର ଲୋକ ଏକାଠି ହେଲୁ, ତା ଭିତରୁ ମାତ୍ର ଦଶପନ୍ଦର ଜଣଙ୍କର ଜମିବାଡ଼ି ଥିଲା, ଅନ୍ୟମାନେ ଥିଲେ ଭୂମିହୀନ ଓ ମୂଲ ମଜୁରିଆ । ଆମ ସଭାରେ ସ୍ଥିର କରାଗଲା ଯେ, ଶହେ ଘରଙ୍କ ଭିତରୁ ଦଶଜଣ ଟାଣୁଆ କର୍ମୀ ଆଗକୁ ବାହାରି ଏ କାର୍ଯ୍ୟ ବୁଝାବୁଝି କରିବେ । ଯେତେବେଳେ ଯାହା ପଇସାପତ୍ର ଦରକାର ପଡ଼ିଲା, ତାହା ଚାନ୍ଦା ଆକାରରେ ଆଦାୟ କରାଗଲା । ଆମ୍ଭେମାନେ ଜମିଦାରଙ୍କ ପାଖରେ ଶହେ ଘରଙ୍କ ଅଧିକାର ପାଇଁ ଦରଖାସ୍ତ

Digitized by srujanika@gmail.com

ପେଶ୍ କଲୁ, ଏବଂ ଆଉ ମଧ୍ୟ ଜଣାଇଦେଲୁ ଯେ, ଆମ୍ଭମାନେ ଭୂମିହୀନ ଓ ଗରିବ ପ୍ରଜା ଅଟୁ । ସେମାନେ ଯେଉଁ ଦଶ ଘର ଦରଖାସ୍ତ କରିଛନ୍ତି, ତାଙ୍କର ବେଶ୍ ଜମିବାଡ଼ି ଅଛି । ସେମାନଙ୍କୁ ଜମାବନ୍ଦି ଦିଆନଯାଇ ଆମ୍ଭମାନଙ୍କୁ ମିଳୁ । ଉକ୍ତ ଦଶଜଣଙ୍କ ଭିତରେ ଦାଦା ଅନ୍ତର୍ଭୁକ୍ତ ଥିଲେ ମଧ୍ୟ ସେ ଆମ ୧୦୦ ଘର ଦାବୀକୁ ସମର୍ଥନ କରୁଥିଲେ । ମୁଁ ଅଗ୍ରଭାଗରେ ରହି ନେତୃତ୍ୱ ଦେଉଥିଲି । ସେତେବେଳେ ଜମିଦାରଙ୍କ ଅଫିସ୍ କୁଜଙ୍ଗରେ ଥିବାରୁ ଆମକୁ ବାରମ୍ବାର କୁଜଙ୍ଗ ଯିବାକୁ ପଡୁଥିଲା । ଆମର ସଂଗଠନ ସୁଦୃଢ଼ ଭାବେ କାର୍ଯ୍ୟ କରୁଥିବାରୁ ଦଶଘର ଲୋକ ଆତଙ୍କ ଗଣିଲେ । ଛାଏଁ ଛାଏଁ ଗ୍ରାମରେ ଦୁଇ ଫାଙ୍କ ହୋଇଗଲା । ଯେତେବେଳେ ଆମେ ଶହେ ଘର ଲୋକ ତାଙ୍କ ବିରୁଦ୍ଧରେ ଠିଆ ହେଲୁ ସେମାନେ ନିଜକୁ ନିଜେ ଲଜ୍ଜିତ ହେବାର ଦେଖାଗଲା । ଆମ୍ଭେମାନେ ଧାଁ ଧଉଡ଼ କରିବା ଫଳରେ ଜମିଦାରଙ୍କ ପାଖରୁ ଜମାବନ୍ଦି ପାଇବାର ପ୍ରତିଶ୍ରୁତି ମିଳିଗଲା । ସେମାନେ ଶେଷରେ ନିରାଶ ହୋଇ ଆମ ସଙ୍ଗରେ ମିଶି ସମସ୍ତଙ୍କ ପାଇଁ ଜମିଦାରଙ୍କ ପାଖରୁ ଜମାବନ୍ଦି ପାଇବାର ଦାବୀକୁ ସମର୍ଥନ କଲେ । ସମସ୍ତେ ମିଶି ଜମାବନ୍ଦି ଆଣିଲୁ । ସେହି ଜମିକୁ ଭାଗଭାଗ କରି ଗ୍ରାମର ପ୍ରତ୍ୟେକଙ୍କୁ ସମାନ ପରିମାଣରେ ବାଣ୍ଟି ଦିଆଗଲା । ଗ୍ରାମର ଶାନ୍ତି ଶୃଙ୍ଖଳା ଫେରି ଆସିଲା । ମୁଁ ସେତେବେଳେ ଗୋଟିଏ ପ୍ରସ୍ତାବ ଦେଇଥିଲି, ଯେଉଁମାନଙ୍କର ଜମିବାଡ଼ି ଅଛି ସେମାନେ ଜମି ନନେଇ ସବୁ ଜମିକୁ କେବଳ ଗରିବ ଲୋକଙ୍କ ନାଁରେ ଜମାବନ୍ଦି କରି ଦିଆଯାଉ । କିନ୍ତୁ ସେହି ପ୍ରସ୍ତାବରେ ଜମିଥିବା ଲୋକ ରାଜି ହୋଇନଥିଲେ ; ଫଳରେ ସେହି ଜମିକୁ ଗ୍ରାମର ଉଭୟ ଥିବାବାଲା ଓ ନଥିବାବାଲା ବାଣ୍ଟି ନେଇଥିଲେ ।

ଯୁଦ୍ଧକାଳୀନ ପ୍ରଚାର କାର୍ଯ୍ୟ

ଗୋଟିଏ ପଟରେ ଗ୍ରାମ କଥା ବୁଝିବା ସଂଗେ ସଂଗେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଛୋଟ ଛୋଟ କାମ ଲୁଚିଛପି କରୁଥାଏ, ଯଥା କଂଗ୍ରେସର ପ୍ରଚାର ପତ୍ର ବାଣ୍ଟିବା, କଂଗ୍ରେସ ମିଟିଂ ପାଇଁ ଗ୍ରାମକୁ ଗ୍ରାମ ବୁଲିବା ଇତ୍ୟାଦି । ୧୯୩୯ ମସିହାରେ ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହେଲା । ଗୋଟିଏ ପଟରେ ଜର୍ମାନୀ, ଜାପାନ ଓ ଇଟାଲି ଅକ୍ଷଶକ୍ତି ରୂପେ ରହିଲେ । ଆଉ ଗୋଟିଏ ପଟରେ ଇଂଲଣ୍ଡ, ଫ୍ରାନ୍ସ ଓ ଆମେରିକା ପ୍ରଭୃତି ମିତ୍ରଶକ୍ତି ନାମରେ ରହିଲେ । ସେତେବେଳେ ଜର୍ମାନୀ ଇଂଲଣ୍ଡକୁ ବୋମାମାଡ଼ରେ ଛାରଖାର କରିଦେଇଥାଏ । ଜର୍ମାନୀ ହୁ ହୁ ହୋଇ ସମସ୍ତ ଇଉରୋପୀୟ ଦେଶକୁ ଜୟକରି ରୁଷିଆକୁ ଆକ୍ରମଣ କରିବାକୁ ସଜବାଜ ହେଉଥାଏ । ଇଂଲଣ୍ଡ ଚାହିଁଲା, ଏତିକିବେଳେ ଜର୍ମାନୀ ବିରୁଦ୍ଧରେ ଲଢ଼ିବା ପାଇଁ ସେ ଭାରତକୁ ସାମିଲ୍ କରିଦେବ । ସେତେବେଳେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଭାରତର ସ୍ୱାଧୀନତା ପାଇଁ ଆନ୍ଦୋଳନ ଜୋର୍‌ସୋର୍‌ରେ ଚାଲୁଥିଲା । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଭାରତବାସୀ ଇଂଲଣ୍ଡର ଏହି ପ୍ରସ୍ତାବକୁ ବିରୋଧ କଲେ । ଜର୍ମାନୀ ଭାରତ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିନଥିବା ବେଳେ ଭାରତ କାହିଁକି ଏ ଯୁଦ୍ଧରେ ଭାଗନେବ ? ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଭାରତବାସୀ ଇଂରେଜ ବିରୁଦ୍ଧରେ ମାତି ଉଠିଲେ । ପ୍ରାଦେଶିକ କଂଗ୍ରେସ ସରକାରଙ୍କୁ କ୍ଷମତାରୁ ଓହରି ଆସିବାକୁ ଗାନ୍ଧିଜୀ ଡାକ ଦେଲେ । ସଂଗେ ସଂଗେ ଭାରତବର୍ଷର ପ୍ରାଦେଶିକ କଂଗ୍ରେସ ସରକାରମାନ ୧୯୩୯ରେ ଇସ୍ତଫା ଦେଇଦେଲେ । ଇଂରେଜ-ବିରୋଧୀ ଆନ୍ଦୋଳନରେ ସାମିଲ୍ ଥିବା ବଡ଼ ବଡ଼ ନେତାମାନଙ୍କୁ ଜେଲ୍‌ରେ ଭର୍ତ୍ତି କରିଦିଆଗଲା । ଏହି ସମୟରେ ମୁଁ ମଧ୍ୟ ଇଂରେଜ-ବିରୋଧୀ ଆନ୍ଦୋଳନରେ ଭାଗନେଇ ଗ୍ରାମେ ଗ୍ରାମେ ବୁଲି କଂଗ୍ରେସର ପ୍ରଚାରପତ୍ର ବାଣ୍ଟିଲି ଓ ଯୁଦ୍ଧବିରୋଧୀ ସଭାମାନଙ୍କରେ ଯୋଗ ଦେଲି ।

Digitized by srujanika@gmail.com

ବୋଉର ଆଶଙ୍କା

ଏସବୁ କାମରେ ମୁଁ ଲିପ୍ତ ଥିବା ସମୟରେ ବୋଉକୁ କିଛି ଗ୍ରାମଲୋକ ଶିଖାଇ ଦେଲେ ଯେ, ପୁଅ ତୋର କଂଗ୍ରେସରେ ମିଶି ଇଂରେଜ ସରକାର ବିରୁଦ୍ଧରେ କାମ କରୁଛି । ଯେଉଁ ସରକାର ଏକା ତୁଠରେ ଛେଳି ଓ ବାଘକୁ ପାଣି ପିଆଉଛି, ସେ ସରକାର ବିରୁଦ୍ଧରେ ତୋ ପୁଅ କାମ କଲେ ତାକୁ ଜେଲ୍ ଦେଇଦେବେ କିମ୍ବା ଗୁଳିକରି ମାରିଦେବେ । ଏହିପରି ବୋଉକୁ ଲଗାତାର ଶିଖାଇବା ଦ୍ୱାରା ବୋଉ ମୋଟେ ଇଚ୍ଛା କଲାନି, ମୁଁ ସ୍ୱାଧୀନତା ଆନ୍ଦୋଳନର କାର୍ଯ୍ୟ କରେ । ଅନ୍ୟପଟରେ ସେ ଚାହୁଁଥିଲା, ମୁଁ ଘରେ ରହି ଚାଷବାସ କଲେ ଆମର କିଛି ଅସୁବିଧା ହେବ ନାହିଁ । ମୁଁ ଘରକୁ ଆସିଲେ ସେ ମୋ ଉପରେ ଭାରି ବ୍ୟସ୍ତ ହୋଇ କେଉଁଠିକି ଛାଡ଼ିବାକୁ ରାଜି ନଥାଏ । ତାକୁ ଲୋକମାନେ ପ୍ରସ୍ତାବ ଦେଲେ, ଶୀଘ୍ର ପୁଅକୁ ବାହାଘର କରାଇଦେଲେ ସେ ଛାଁକୁ ଛାଆଁ ଘରେ ପଡ଼ି ରହିବ । ଏହିପରି ସେମାନେ ବୋଉକୁ ପରାମର୍ଶ ଦେଉଥାନ୍ତି । ମୁଁ ଥରେ କିଛିଦିନ ଲଗାତାର ଘରେ ରହି ମନଯୋଗ ସହକାରେ ଚାଷ କଲି । ଏହାଦେଖି ତା' ମନରେ ବଦ୍ଧମୂଳ ଧାରଣା ଆସି ଯାଇଥାଏ ଯେ ମୁଁ ଆଉ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବିନି । କିନ୍ତୁ ଠିକ୍ ସମୟରେ ମୁଁ ଘରୁ ବାହାରିଯାଇ କଂଗ୍ରେସ ଲୋକଙ୍କ ସାଙ୍ଗରେ କାମକଲି ।

ପ୍ରଥମ ବିବାହ

ମୁଁ କଂଗ୍ରେସ କାମରେ ବାରମ୍ବାର ଯିବାଆସିବା ଦେଖି ବୋଉ ଶୀଘ୍ର ମୋର କେମିତି ବାହାଘର ହେବ, ସେହି ଯୋଗାଡ଼ରେ ସାନ ଦାଦାଙ୍କ ସହିତ ପରାମର୍ଶ କଲେ । ୧୯୪୦ ମସିହା ମାର୍ଚ୍ଚ ମାସରେ ମୋର ମାର୍ଶାଘାଈରେ ବାହାଘର ସ୍ଥିର ହୋଇଗଲା । ସେତେବେଳେ ମୋତେ ୧୯ ବର୍ଷ ପୂରି ଯାଇଥିଲା । ମୋର ବାହାଘର ଖୁବ୍ ଆଡ଼ମ୍ବରପୂର୍ଣ୍ଣ ଭାବରେ ହୋଇଥିଲା । ସେତେବେଳେ ବାହାଘରରେ ବାଧ୍ୟବାଧକତାରେ ଯୌତୁକ ଦେବାନେବା ନଥିଲା । ତଥାପି ସେମାନେ ଖୁସିରେ ଭଲ ଯୌତୁକମାନ ଦେଇଥିଲେ । ମାର୍ଶାଘାଈର ଜଣାଶୁଣା ବ୍ୟକ୍ତି ହାଡ଼ିବନ୍ଧୁ ରାଉତଙ୍କ ବଡ଼ କନ୍ୟା ସହ ମୋର ସେହି ବିବାହ ହୋଇଥିଲା ।

ପାରିବାରିକ ଅଶାନ୍ତି

ଆମ ସମାଜରେ ସେତେବେଳର ସାମାଜିକ ପ୍ରଥା ଓ ଚଳଣି ବିଷୟରେ ଆଗରୁ ଲେଖିଛି । ବୋଉ ଯେଉଁ ଭାବନା ନେଇ ଶୀଘ୍ର ମୋର ବାହାଘର କରାଇଦେଲା, ତା'ର ବିପରୀତ ଫଳ ସବୁ ଫଳିଲା । ମୁଁ ଆଗ ଅପେକ୍ଷା ଅଧିକ ବେଗରେ ସାଧାରଣ କାମ ତଥା କଂଗ୍ରେସ କାମ କରିବାକୁ ଲାଗିଲି । ଏଣେ ଘରେ ଅଶାନ୍ତିର ସୂଅ ଛୁଟିଲା । ସେତେବେଳେ ଶାଶୁମାନଙ୍କର ବୋହୂ ପ୍ରତି ଏପରି ବ୍ୟବହାର ଥିଲା ଯେ, ଯେତେ ଭଲ ବୋହୂ ହେଲେ ମଧ ଶାଶୁମାନେ ବୋହୂମାନଙ୍କୁ ଦେଖିପାରନ୍ତି ନାହିଁ । ବୋହୂମାନେ ନଖାଇ ନ ପିଇ ସବୁବେଳେ ତାଙ୍କ ସେବାରେ ଲାଗିଥିଲେ ମଧ ଶାଶୁର ଅଶାନ୍ତି ତୁଟେ ନାହିଁ । ଦିନରେ ପୁଅ-ବୋହୂଙ୍କର ଦେଖାସାକ୍ଷାତ ହେବା ମୁସ୍କିଲ । ଯଦି ସେମାନେ ଦେଖା ସାକ୍ଷାତ କିମ୍ବା କଥାବାର୍ତ୍ତା ହୁଅନ୍ତି ଓ ଶାଶୁ ଏକଥା ଦେଖନ୍ତି ବା କାହାଠାରୁ ଶୁଣିଥାନ୍ତି, ତେବେ ବୋହୂକୁ ସେଦିନ ନିସ୍ତାର ନାହିଁ । ଏବେ ସିନା ଯୌତୁକ ନେଇ ବୋହୂ ଓ ଝିଅମାନେ ନିର୍ଯ୍ୟାତନା

Digitized by srujanika@gmail.com

ସହ ମରୁଛନ୍ତି, ସେତବେଳେ ଶାଶୁ-ନଣନ୍ଦଙ୍କ ଗଞ୍ଜଣାରେ ବୋହୂମାନେ ଆତ୍ମହତ୍ୟା କରୁଥିଲେ । ଏକଥା ମୋ କ୍ଷେତ୍ରରେ ଦେଖାଗଲା । ମୋ ବୋଉ ଅଯଥାରେ ବୋହୂକୁ ଏପରି ନିର୍ଯ୍ୟାତନା କରୁଥିଲା ଯେ, ଶେଷକୁ ମାଆ ପୁଅଙ୍କ ଭିତରେ ମନାନ୍ତର ସୃଷ୍ଟି ହେଲା ଓ କେହି କାହାରି ସହିତ କଥାବାର୍ତ୍ତା କଲେ ନାହିଁ । ଏସବୁ ଘଟଣା ଯୋଗୁଁ ମଁ ଅଶାନ୍ତି ଭିତରେ ଗଡିକଲି । ମୁଁ ଏସବୁ କଥାକୁ ସହି ନପାରି ବେଶି ସମୟ କଂଗ୍ରେସ କାମରେ ପଳାଇ ଯାଉଥିଲି । ମୋର ଏପରି ମନୋଭାବ ଦେଖି ମୋ ସ୍ତ୍ରୀଙ୍କ ମନୋଭାବ ମଧ୍ୟ ଅଧିକରୁ ଅଧିକ ଖରାପ ସ୍ଥିତିକୁ ଗଡିକଲା । ଘର ସଂସାର କରିବା ଏକ ଅଭିଶାପ ମନେକରି ମୋର ସଂସାର ପ୍ରତି ମାୟାମମତା ହ୍ରାସ ପାଇଲା । ଏହିପରି ଘରେ ଅଶାନ୍ତି ଲାଗି ରହିଥିବା ବେଳେ ଦିନେ ବୋଉ ମାମୁଁଘରକୁ ଚାଲିଗଲା । ବୋଉକୁ ମାମୁଁଘର ଲୋକେ ଆଗରୁ ସମୟେ ସମୟେ କିମ୍ବା ବିଶେଷ କରି ବିବାହ ବ୍ରତ ଉତ୍ସବରେ ନେଉଥିଲେ । ପ୍ରତିଥର ବୋଉ କିଛିଦିନ ମାମୁଁଘରେ କଟାଇ ଘରକୁ ଫେରୁଥିଲା । କିନ୍ତୁ ଏ ଥରକ ଯିବାଟା ଅନ୍ୟ ପ୍ରକାର ଥିବାରୁ ତା ହେଲା ନାହିଁ । ବୋଉକୁ ଆଣିବାକୁ ମୁଁ ବାରମ୍ବାର ଯାଉଥିଲି । ଏଣେ ଲୋକଙ୍କ ଅପବାଦ ମୋତେ ଅତିଷ୍ଠ କରିପକାଉଥିଲା । ବୋହୂ ଓ ପୁଅ ମାଆକୁ ଭଲ ପାଉନଥିବାରୁ ମାମୁଁଘରେ ମାଆ ପଡିରହିଛି ବୋଲି ଏକ ଅପବାଦ ଲାଗିରହିଲା । ଏହି ଅପବାଦ ମୋତେ ଓ ମୋ ସ୍ତ୍ରୀକୁ ବାଧୁଥିଲା । କିନ୍ତୁ ମୁଁ ତ ଭାରି ଟାଣୁଆ ଓ ଜିଦ୍‌ଖୋର ଥିଲି ।

ଯୁଦ୍ଧୋତ୍ତର ପରିସ୍ଥିତି

ଭାରତ ବର୍ଷ ଯୁଦ୍ଧରେ ଯୋଗ ନଦେବାକୁ ସଭାସମିତିର ଲୋକମାନଙ୍କୁ କୁହାଯିବାରୁ ଇଂରେଜ ସରକାର କଂଗ୍ରେସର ବଡ଼ ବଡ଼ ଲିଡରମାନଙ୍କୁ ଜେଲ୍ ଭିତରେ ଭର୍ତ୍ତି କରିଦେଲେ । ଖୁବ୍ କମ୍ କଂଗ୍ରେସ ଲୋକ ବାହାରେ ରହି ଲୁଚାଛପାରେ କାମ କରୁଥିଲେ । ଏହି ସମୟରେ ମୁଁ ଘରୁ ବାହାରିଯାଇ କଂଗ୍ରେସ ଲୋକଙ୍କୁ ଖୋଜି ଖୋଜି ପଚାରୁଥିଲି, ବର୍ତ୍ତମାନ କଂଗ୍ରେସର ପ୍ରୋଗ୍ରାମ୍ କ'ଣ ? ଯେଉଁ କଂଗ୍ରେସୀ ଲୋକ କୌଣସି ବାହାରେ ରହିଥିଲେ ସେମାନେ ମଧ୍ୟ କିଛି କହିପାରୁ ନଥିଲେ । ଜାପାନ ଯେତେବେଳେ ଅକ୍ଷଶକ୍ତି ସାଙ୍ଗରେ ଯୋଗଦେଇ ବର୍ମା ଇତ୍ୟାଦି ଦଖଲ କଲା, ସେତେବେଳେ ଇଂରେଜ ସରକାର ଭାବିଲେ ବର୍ତ୍ତମାନ ଭାରତବର୍ଷର ରାଜନୈତିକ ପରିସ୍ଥିତିରେ କଂଗ୍ରେସ ଲିଡରମାନଙ୍କର ସାହାଯ୍ୟ ଦରକାର । ଜାପାନ ଭାରତବର୍ଷ ଆକ୍ରମଣ କରିପାରେ । ତେଣୁ ଭାରତବର୍ଷର ଲୋକମାନଙ୍କୁ ଏ ଆକ୍ରମଣରୁ ରକ୍ଷା କରିବା ପାଇଁ ଭାରତବର୍ଷର ସାହାଯ୍ୟ ଦରକାର । ସେହି ଅନୁସାରେ କଂଗ୍ରେସ ଲୋକମାନଙ୍କୁ ଜେଲ୍‌ରୁ ତୁରନ୍ତ ଖଲାସ କରିଦେଇ ଇଂରେଜ ସରକାର କଂଗ୍ରେସ ସାଙ୍ଗରେ କଥାବାର୍ତ୍ତା ଚଳାଇଲେ । ଏହି ସୁଯୋଗ ନେଇ ମହାତ୍ମା ଗାନ୍ଧିଙ୍କ ସମେତ କଂଗ୍ରେସର ନେତାମାନେ ଭାରତ ପାଇଁ ସ୍ୱାଧୀନତା କଥା ଉଠାଇବାରୁ ଇଂରେଜ ସରକାରଙ୍କ ସହିତ କଥାବାର୍ତ୍ତାରେ ଏକ ଅଚଳାବସ୍ଥା ସୃଷ୍ଟି ହେଲା । ୧୯୪୨ ମସିହା ଆରମ୍ଭ ହୋଇଥାଏ । ଏଣେ ସୁବାଷ ଚନ୍ଦ୍ର ବୋଷ ଗାନ୍ଧିଙ୍କଠାରୁ ଅଲଗା ହୋଇଯାଇ ଫରୱାର୍ଡ ବ୍ଲକ୍ ସୃଷ୍ଟି କରିଥିଲେ । ସଶସ୍ତ୍ର ବିପ୍ଳବ ସାହାଯ୍ୟରେ ଭାରତକୁ ସ୍ୱାଧୀନତା ଆଣିବାକୁ ଇଂରେଜ ସରକାର ବିରୁଦ୍ଧରେ ସେ ତାଙ୍କ ଯୋଗାଡ଼ରେ ଲାଗିଥାନ୍ତି । ଏହି ସୁରାକ୍ ପାଇବା କ୍ଷଣି ଇଂରେଜ ସରକାର ତାଙ୍କୁ ଗୃହବନ୍ଦୀ କରି କଡ଼ା ପୁଲିସ୍ ପହରାରେ ରଖିଥାନ୍ତି ।

Digitized by srujanika@gmail.com

ପ୍ରଥମ ସ୍ତ୍ରୀର ଆତ୍ମହତ୍ୟା

ମୁଁ ଦେଖୁଥିଲି ସ୍ତ୍ରୀର ବିଶେଷ କିଛି ଦୋଷ ନଥିଲା, କାହିଁକିନା ଏତେ ଛୋଟ ପରିବାର ଭିତରେ ସମସ୍ତ କାର୍ଯ୍ୟ କରିବା ସଂଗେସଂଗେ ସେ ବୋଉର ରୀତିମତ ସେବା ଇତ୍ୟାଦି କାର୍ଯ୍ୟ କରୁଥିଲା । ମାମୁଁ ଘରୁ ଆସିଲା ପରେ ମଧ ବୋଉର ମନୋଭାବରେ ପରିବର୍ତ୍ତନ । ଦେଖାଗଲା ନାହିଁ । ପୂର୍ବପରି ବୋହୂପ୍ରତି ଅସୂୟାଭାବ ପ୍ରକାଶ ପାଇଲା । ସେହି ଦୃଷ୍ଟିରୁ ମୁଁ ବୋଉ ପ୍ରତି ମନେ ମନେ ଭାରି ଅଶାନ୍ତି ଥିଲି । ଏପରିକି ତା ସହିତ କଥାବାର୍ତ୍ତା କରିବା ବନ୍ଦ କରିଦେଇଥିଲି । ଅଧିକାଂଶ ଶାଶୁମାନେ ସେତେବେଳେ ଏହିସବୁ ନିର୍ଯ୍ୟାତନା କରିବାକୁ ପଛାଉ ନଥିଲେ । ଏଥିଯୋଗୁଁ ପରିବାର ଭିତରେ ଅସନ୍ତୋଷ ଲାଗି ରହୁଥିଲା ଓ ଏଥିରେ ଅତିଷ୍ଠ ହୋଇ ଅନେକ ବୋହୂ ଆତ୍ମହତ୍ୟା କରୁଥିଲେ । ଦିନେ ରାତିରେ ଦେଖିବାକୁ ମିଳିଲା, ମୁଁ ପରିଶ୍ରା କରିବାକୁ ଉଠି ଆସିବା ସମୟରେ ଘରର କବାଟ ପାଖରେ ବୋଉ ଛପିକରି ସ୍ତ୍ରୀ ଓ ମୋ ଭିତରେ ଚାଲିଥିବା କଥାବାର୍ତ୍ତା ଶୁଣୁଥିଲା । ମୁଁ ଦେଖି ପକାଇବାରୁ ସେ ତା'ର ଶୋଇବା ଘରକୁ ପଳାଇଗଲା । ତା'ର କିଛିଦିନ ପରେ ମୋର ସ୍ତ୍ରୀ ଏସବୁ ଅଶାନ୍ତିରୁ ନିଜେ ମୁକ୍ତି ପାଇବା ପାଇଁ ଆତ୍ମହତ୍ୟାର ପନ୍ଥା ବାଛିନେଲା । ସେ ଦିନେ ଆତ୍ମହତ୍ୟା ଉଦ୍ଦେଶ୍ୟରେ କନିଅର ମଞ୍ଜି ବିଷ ଖାଇଲା, କିନ୍ତୁ କାଳେ ଏଥିରେ ସେ ନ ମରିବ ସେଥିପାଇଁ ପୁଣି ଅଳଗୁଣିରେ ଦଉଡ଼ି ଲଗାଇ ଦେଇଥିଲା । ଏହାଦେଖି ଆମେ ଯେତେ ଚେଷ୍ଟା କଲେ ସୁଦ୍ଧା ସ୍ତ୍ରୀ ଆଉ ବଞ୍ଚିଲା ନାହିଁ । ବୋଉର ମନସାଧ ମେଣ୍ଟିଲା । ମୁଁ ହା ହତାଶ ଭିତରେ ସ୍ତ୍ରୀର ସଂସ୍କାର କାର୍ଯ୍ୟ ସମ୍ପନ୍ନ କରାଇଲି । ମୁଁ ଆଉ ବିବାହ କରିବି ନାହିଁ ବୋଲି ମନେ ମନେ ସ୍ଥିର କଲି । ଏହି ମନସ୍ତାପ ଅବସ୍ଥାରେ ଚାଷବାସ ଓ କଂଗ୍ରେସ କାର୍ଯ୍ୟରେ ମନ ଦେଲି ।

ଦ୍ୱିତୀୟ ବିବାହ

ମୋର ଉଦାସ ଭାବ ଦେଖି ବୋଉ ସବୁବେଳେ ମନଦୁଃଖରେ ଥାଏ । ମୁଁ ଆଉ ବିବାହ କରିବି ନାହିଁ ବୋଲି ବୋଉକୁ କହିସାରିଥାଏ । ମୋର ଏହି ମନୋଭାବ ଦେଖି ବୋଉ ଭାଙ୍ଗିପଡ଼ିଲା । ଦାଦା ଇତ୍ୟାଦି ଶୁଭାକାଂକ୍ଷୀମାନଙ୍କୁ ସେ ପୁନରାୟ ମୋର ବାହାଘର ପାଇଁ ସବୁବେଳେ ନେହୁରା କରୁଥାଏ । ଶେଷରେ ସେମାନେ ସ୍ଥିର କଲେ ଯେ, ମୋତେ ଆଉଥରେ ବିବାହ କରାଇବେ । ମୁଁ ତ ଆଗରୁ ମନାକରିଦେଇଥିବାରୁ ମତେ ବାରମ୍ବାର ଗୁରୁଜନମାନେ ବୁଝାଇବାକୁ ଲାଗିଲେ । ମୁଁ ଦେଖିଲି ବୋଉର ଆଗ ଅପେକ୍ଷା ମନୋଭାବରେ ପରିବର୍ତ୍ତନ ହୋଇଛି । ଯଦି ବୋଉ ତା'ର ପୂର୍ବ ମନୋଭାବ ବଦଳାଇବ, ତେବେ ମୁଁ ବିବାହ କରିବି ବୋଲି ପ୍ରତିଶ୍ରୁତି ଦେଲି । ସେ ମଧ ଏଥିରେ ରାଜି ହେଲା । ସଂଗେ ସଂଗେ ବୋହୂଘର ସ୍ଥିର ହୋଇଗଲା । ସେତେବେଳ ଦ୍ୱିତୀୟ ମହାସମରରେ ଘମାଘୋଟ ଲଢ଼େଇ ଚାଲୁଥିଲା । ଜାପାନ ଭାରତବର୍ଷକୁ ଆକ୍ରମଣ କରିବାକୁ ମସୁଧା କରୁଥିଲା । ଏହିସବୁ ଦୃଷ୍ଟିରୁ ଭାରତବର୍ଷରେ ସେତେବେଳେ ସବୁ ସହରମାନଙ୍କରେ ବ୍ଲାକ୍‌ଆଉଟ୍ କରାଯାଇଥାଏ । ଏହି ପରିସ୍ଥିତିରେ ବଛରାଇର ଗଣନାଥ ପ୍ରଧାନଙ୍କର ମଝିଆଁ ଝିଅ ସାଧବ ଦେବୀଙ୍କ ସହିତ ମୋର ନିରାଡ଼ମ୍ବର ଭାବରେ ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ମୋର ଏହି ଦ୍ୱିତୀୟ ବିବାହ ସହିତ ମୋର ଏକମାତ୍ର ସାନଭଉଣୀ ସାବିତ୍ରୀର କଳାଗଡ଼ ନିବାସୀ କୁଳମଣି ଚୌଧୁରୀଙ୍କ ସହ ମଧ୍ୟ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଗଲା ।

Digitized by srujanika@gmail.com

ଭାରତ ଛାଡ଼ ଆନ୍ଦୋଳନ

ସେତେବେଳେ ୧୯୪୨ ମାର୍ଚ୍ଚ ମାସ ହୋଇଥାଏ । ଜାପାନ ସେତେବେଳକୁ ଇଂରେଜ ସରକାରଙ୍କ ଅଧୀନରେ ଥିବା ବ୍ରହ୍ମଦେଶ ଇତ୍ୟାଦି ଦଖଲ କରିସାରିଥାଏ । ସେତିକିବେଳେ ସୁବାଷ ବୋଷ ବନ୍ଦୀ ଅବସ୍ଥାରୁ ଖସିଯାଇ ଜର୍ମାନୀରେ ପହଞ୍ଚି ହିଟ୍‌ଲରଙ୍କ ସହିତ ସାକ୍ଷାତ କରି ଭାରତବର୍ଷକୁ ସଶସ୍ତ୍ର ବିପ୍ଳବ ମାଧ୍ୟମରେ ପରାଧୀନତାରୁ ମୁକ୍ତ କରିବାକୁ ସାହାଯ୍ୟ ଭିକ୍ଷା କଲେ । କିନ୍ତୁ ହିଟଲର୍ ପ୍ରତ୍ୟକ୍ଷ ସାହାଯ୍ୟ କରିବାକୁ ମନା କରିଦେବାରୁ ସୁଭାଷ ନିରାଶ ହୋଇ ଜାପାନ ଗଲେ । ଜାପାନ ସେତେବେଳକୁ ଇଂଲଣ୍ଡଠାରୁ ଭାରତବର୍ଷର ପ୍ରାୟ ଏକଲକ୍ଷ ଭାରତୀୟଙ୍କୁ ଯୁଦ୍ଧବନ୍ଦୀ କରି ରଖିଥାଏ । ଜାପାନରେ ସୁବାଷ ପହଞ୍ଚି ସେଠାକାର ସରକାରଙ୍କ ସହିତ କଥାବାର୍ତ୍ତା କଲାପରେ ସ୍ଥିର ହେଲା ଯେ, ଜାପାନ ଭାରତବର୍ଷର ମୁକ୍ତି ଆନ୍ଦୋଳନର ପୁରୋଧା ସୁବାଷ ବୋଷଙ୍କୁ ଯୁଦ୍ଧବନ୍ଦୀ ଥିବା ଭାରତୀୟ ସୈନ୍ୟଙ୍କ ସମେତ ଖାଦ୍ୟ ଓ ଅସ୍ତ୍ରଶସ୍ତ୍ର ଇତ୍ୟାଦି ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇଦେବ । ଏଣେ ଇଂରେଜ ସରକାରଙ୍କ ସହିତ କଂଗ୍ରେସର କଥାବାର୍ତ୍ତାରେ ଅଚଳାବସ୍ଥା ଆସିଯାଇଥାଏ । ଏହି ଅବସ୍ଥାରେ ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ କମିଟି ବମ୍ବେଠାରେ ସ୍ଥିର କଲେ ଯେ, ଇଂରେଜ ଆଉ ଭାରତବର୍ଷକୁ ସମ୍ଭାଳି ପାରିବ ନାହିଁ, ତେଣୁ ସେମାନେ ଭାରତବର୍ଷକୁ ଶୀଘ୍ର ଛାଡ଼ି ଚାଲିଯାଆନ୍ତୁ । ପୁଣି କୁହାଗଲା ଯେ, ଲୋକମାନେ ନିଜକୁ ନିଜେ ନେତା ମନେକରି ଇଂରେଜ ସରକାରଙ୍କ ସହିତ ଅସହଯୋଗ ଆନ୍ଦୋଳନ ଚଳାଇବେ । ଏହି ଡାକରା ଯୋଗୁଁ ଅଗଷ୍ଟ ୯ ତାରିଖରେ ବମ୍ବେଠାରୁ ମହାତ୍ମା ଗାନ୍ଧିଙ୍କ ସହିତ ବଡ଼ ବଡ଼ ନେତାମାନଙ୍କୁ ଗିରଫ କରି ଅଜଣା ଜାଗାକୁ ନିଆଗଲା । ତା' ପରେ ପରେ ଏହି ଖବର ଚାରିଆଡ଼େ ବ୍ୟାପିଗଲା । ଭାରତବର୍ଷର ସ୍ୱାଧୀନତା ପାଇଁ ହିଂସାର ଆଶ୍ରୟ ନିଆଗଲା । ମୁଁ ଏ ଖବର ପାଇବା ମାତ୍ରକେ ଆଉ ଘରେ ସ୍ଥିର ହୋଇ ବସିପାରିଲି ନାହିଁ । ଏ ଅଞ୍ଚଳରେ କାଁ ଭାଁ କେତେକ କଂଗ୍ରେସ ଲୋକ ଲୁଚିଛପି କାର୍ଯ୍ୟ କରୁଥିଲେ । ସେମାନେ ଖଦଡ଼ ପିନ୍ଧୁଥିଲେ । ମୁଁ କିନ୍ତୁ ସେ ପର୍ଯ୍ୟନ୍ତ ଖଦଡ଼ ପିନ୍ଧିନଥିଲି କିମ୍ବା କଂଗ୍ରେସ ଲୋକ ବୋଲି ବିଧିବଦ୍ଧ ଭାବରେ ପରିଚିତ ନଥିଲି । ଯେଉଁମାନେ ଖଦଡ଼ ପିନ୍ଧୁଥିଲେ ସେମାନଙ୍କୁ ଜେଲ୍ ଭିତରକୁ ନିଆଯାଉଥିଲା । ମୁଁ ସେତେବେଳକୁ ନିରାଶ ହୋଇପଡ଼ୁଥାଏ । କେଉଁଠୁ କଂଗ୍ରେସ ଲୋକଙ୍କୁ ପାଇବି, ଓ ତାଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ କରିବି, ଏହା ଭାବି ଭାବି ନିରାଶ ହୋଇପଡ଼ୁଥାଏ ।

କୁଜଙ୍ଗ ପିକେଟିଂ

ମୁଁ ଦିନେ ଘରୁ ବାହାରିଯାଇଥାଏ, ବାଟରେ ଶୁଣିଲି ଜଣେ କଂଗ୍ରେସ ଲୋକ ଯାଉଛନ୍ତି । ତାଙ୍କ ପିଛା ଅନୁସରଣ କରି ତାଙ୍କୁ ଚଡ଼ାଇଗୁଆଁଠାରେ ଭେଟିଲି । ଗୁରୁଶିଷ୍ୟ ଭଳି ଏକାସାଙ୍ଗେ ଆମେ କୁଜଙ୍ଗ ପର୍ଯ୍ୟନ୍ତ ଗଲୁ । ସେଠି ଗୁପ୍ତ ଭାବରେ ଯେଉଁମାନେ କଂଗ୍ରେସ ସହିତ ସହଯୋଗ କରୁଥିଲେ, ସେମାନଙ୍କ ସହିତ କଥାବାର୍ତ୍ତା ହେଲୁ । ଭାରତ ବର୍ଷରେ ଇଂରେଜ ସରକାରଙ୍କୁ ଅଚଳ କରିଦେବାକୁ ହେବ । ପୋଷ୍ଟ ଅଫିସ୍, ଥାନା, ଜମିଦାରଙ୍କ ଅଫିସ୍ ଓ ଡାକ ତାର

Digitized by srujanika@gmail.com

ସବୁ ପୋଡ଼ି ଛାରଖାର କରିବାକୁ ହେବ । ଏହି ପରାମର୍ଶ ଅନୁସାରେ କୁଜଙ୍ଗ ଡାକଘର ଓ ଜମିଦାରଙ୍କ ଅଫିସ୍ ପୋଡ଼ିବାକୁ ସ୍ଥିର ହେଲା । ମୁଁ କୁଜଙ୍ଗ ହାଇସ୍କୁଲର ପୁରୁଣା ଛାତ୍ର ଥିବାରୁ ମୋ ସାହାଯ୍ୟରେ ଛାତ୍ରମାନଙ୍କୁ ମତାଇବାକୁ ହେବ ଏବଂ ସ୍କୁଲକୁ ଅଚଳ କରିବାକୁ ହେବ । ସେହି ଅନୁସାରେ କେତେକ ଛାତ୍ରଙ୍କୁ ସଂଗରେ ନେଇ ଆମେ କୁଜଙ୍ଗ ହାଇସ୍କୁଲକୁ ଗଲୁ । ସେଠି ରାତିମତ କ୍ଲାସ୍ ଚାଲୁଥାଏ । ସେତେବେଳକୁ ଭାରତବର୍ଷ ହୁଲ୍‌ସ୍ଥୁଲ ହେଉଥାଏ । ଆମେ ସ୍କୁଲ ପାଖରେ ପହଞ୍ଚି ପିକେଟିଂ ଆରମ୍ଭ କରିଦେଲୁ । ଅପ୍ ଅପ୍ ନ୍ୟାସ୍‌ନାଲ୍ ଫ୍ଲାଗ୍, ଡାଉନ୍ ଡାଉନ୍ ୟୁନିୟନ ଜାକ୍, ଷ୍ଟୁଡେଣ୍ଟସ୍ କମ୍ ଆଉଟ୍ - ଏହିପରି ପିକେଟିଂ ଆରମ୍ଭ ହୋଇଯିବା ମାତ୍ରେ ସ୍କୁଲରୁ ସମସ୍ତେ ଆସି ଆମ ସଂଗରେ ଯୋଗଦେଲେ । ସ୍କୁଲର କ୍ଲାସ୍ ସବୁ ଖାଲି ହୋଇଗଲା । ଆମ୍ଭେମାନେ ପିକେଟିଂ ଜାରି ରଖି ବର୍ତ୍ତମାନ ଜମିଦାରଙ୍କ ହେଡ୍ ଅଫିସ୍‌କୁ ଆସିଲୁ । ସେଠି ଅଫିସ୍ ପୋଡ଼ାପୋଡ଼ି କରିବା ପୂର୍ବରୁ ପୋଲିସ୍ ଫଉଜ ଆସି ପହଞ୍ଚିଗଲେ । ଆମେ ସେତେବେଳେ ପୋଲିସ୍‌ମାନଙ୍କୁ ଦେଖି ସ୍ଲୋଗାନ୍ ଦେଲୁ - ପୋଲିସ୍ ଭାଇ ଆମର ଭାଇ, ବନ୍ଧୁକ ମୁନ ଦିଅ ଓଲଟାଇ । ପୋଲିସ୍‌ମାନେ ଆମ କେତେଜଣଙ୍କୁ ଥାନାକୁ ନେଇଗଲେ । ସେଠି କିଛି ସମୟ ରଖି ଆମକୁ ବୁଝେଇ ବାଝେଇ ପଠାଇଦେଲେ । ସେଠି ହାଇ୍‌ସ୍କୁଲରେ ପଢୁଥିବା ମୋର କେତେକ ପୁରୁଣା ବନ୍ଧୁ ଆମ ସଂଗରେ ଯୋଗଦେଇଥିଲେ । ଆମ୍ଭେମାନେ ଫେରିଆସି ଦେଖିଲୁ, ପୋଲିସ୍ ଫଉଜ ସବୁଆଡ଼େ ଜଗିଛନ୍ତି । ସେଠି କିଛି ଆଉ କରିହେବ ନାହିଁ । "ମୁଁ କୁଜଙ୍ଗରେ ଜଣେ କଂଗ୍ରେସ ଲୋକ ସହିତ ମିଶି କିଛିଦିନ ବୁଲାବୁଲି କଲି । ସେ ମୋତେ କହିଲେ, ମୁଁ ଯେ କୌଣସି ମୁହୂର୍ତ୍ତରେ ଗିରଫ ହୋଇଯାଇପାରେ । ତୁମେ ମୋ ସାଙ୍ଗରେ ରହିଲେ ତୁମେ ମଧ ଗିରଫ ହୋଇଯିବ । ତେଣୁ ଏ ଅଞ୍ଚଳରେ କଂଗ୍ରେସର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚିପାରିବ ନାହିଁ । ତେଣୁ ତୁମେ ଘରକୁ ଯାଇ ଲୁଚିଛପି କଂଗ୍ରେସ ବାର୍ତ୍ତା ପ୍ରଚାର କରିବ ।"

ବୋଉକୁ ଠକି ବାହାରିଗଲି

ସେହି ପରାମର୍ଶ ଅନୁସାରେ ମୁଁ ଘରକୁ ଆସିଲି । ଘରେ ଶୁଣିଲି ପୋଲିସ୍ ଆସି ମୋତେ ଦୁଇଥର ଖୋଜି ଗଲାଣି ଓ ଆଉ ମଧ ଦାଦାଙ୍କୁ କହିଯାଇଛି, ତୁମ ପୁତୁରାକୁ ସାବଧାନ କରିଦିଅ, ସେ ଯେପରି ଆଉ କଂଗ୍ରେସ କାମ ନକରେ । ନହେଲେ ଆମେ ତାକୁ ଜେଲ୍ ପଠାଇଦେବୁ । ଏହିପରି ଭାବରେ ପୋଲିସ୍ ଆମଘରେ ସାବଧାନ କରିଦେଇଯାଇଛି । ମୁଁ କିଛିଦିନ ଘରେ କଟାଇ ଦିନେ ଘରୁ ବାହାରିବାକୁ ଯାଉଛି, ଏହି ସମୟରେ ଦାଦା ଓ ବୋଉ ମତେ କଂଗ୍ରେସ କାମରେ ଯିବାପାଇଁ ମନା କଲେ । ମୁଁ ମନା ନ ମାନିବାରୁ ବୋଉ ଦୁଆର ମୁହଁରେ ଗୋଡ଼ଦେଇ ଜଗି ବସିଲା । ମୁଁ ଦେଖିଲି ବୋଉକୁ ହେଣ୍ଡିଦେଇ ଓ ତା ଗୋଡ଼ ଡେଇଁ ଯିବା ମୋର ଉଚିତ ନୁହେଁ । ତେଣୁ ମୁଁ ଏକ କୌଶଳ ଅବଲମ୍ବନ କଲି । ବୋଉକୁ ମନାକଲି, ମୁଁ ଆଉ ଯିବି ନାହିଁ । ତା'ର ବିଶ୍ୱାସ ଆସିଲା ନାହିଁ । ମୁଁ ଜାମାପଟା ଇତ୍ୟାଦି ଓହ୍ଲାଇ ଦେବାରୁ ସେ ବିଶ୍ୱାସ କଲା ଓ ମତେ ଜଗିବା ଛାଡ଼ିଦେଲା । ମୁଁ ଘରୁ ନଯିବା ଢଙ୍ଗରେ ବୁଲାବୁଲି କଲି । ବୋଉର ବିଶ୍ୱାସ ଆସିଲା, ମୁଁ ଆଉ ଯିବି ନାହିଁ । ଏହି ସୁଯୋଗ ନେଇ ବୋଉ ଅଲକ୍ଷରେ ମୁଁ ଘରୁ ବାହାରିଗଲି ।

Digitized by srujanika@gmail.com

ଫୋନ୍ ଲାଇନ୍ କାଟିଲୁ

ମୁଁ କିଛିଦିନ ବୁଲିବା ପରେ ଗାଁମାନଙ୍କରେ ପ୍ରଚାର କାମ କଲି । ୪୨ ମସିହା ଆନ୍ଦୋଳନ ବେଳେ ଗାନ୍ଧିଜୀ କହିଦେଇ ଥିଲେ, ଏ ଆନ୍ଦୋଳନରେ ତୁମେ ନିଜନିଜର ନେତା ହୋଇ ଯାହା ଉଚିତ୍ ମନେ କରିବ, ତାହା କରିବ । କେତେକ ଗାଁ ଭାଁ ଯୁବକଙ୍କୁ ଠିକ୍ କଲୁ, ଦିନେ ରାତିରେ ଯାଇ ବଡ଼ ଗୁଆକାତି ନେଇ ଲାଇଟ୍ ହାଉସ୍‌ଠାରୁ ମାର୍ଶାଘାଇ ଡାକଘର ପର୍ଯ୍ୟନ୍ତ ଯାଇଥିବା ଟେଲିଫୋନ୍ ଲାଇନ୍‌କୁ ଜାଗାଏ ଜାଗାଏ କାଟି ଦେବା । ଜମ୍ମୁ ଅଞ୍ଚଳ ସେତେବେଳକୁ ଜଙ୍ଗଲରେ ପୂର୍ଣ୍ଣ ଥିଲା । ଆମେ କେଉଁ କେଉଁ ଜାଗାରେ ରାତିରେ ଲାଇନ୍ କାଟିବା ସେସବୁ ସ୍ଥାନସବୁ ଦିନରେ ଠିକ୍ କରିନେଲୁ । ସେ ଅଞ୍ଚଳ ଜଙ୍ଗଲପୂର୍ଣ୍ଣ ଥିବାରୁ ଲୋକମାନଙ୍କୁ ସେଠାରେ ଦେଖିବାକୁ ମିଳେ ନାହିଁ । ଆମେ ୩/୪ ଜଣ ଲୋକ ଗୋଜାବନ୍ଧର ଗଙ୍ଗାଧର ସାମନ୍ତରାୟ ଓ ସେହି ଅଞ୍ଚଳରୁ ଆଉ ଦୁଇଜଣ ଥିଲେ- ଏକ ଉପାୟ ସ୍ଥିର କଲୁ । ୪୨ ଆନ୍ଦୋଳନର ଆଗରୁ କଂଗ୍ରେସରେ ଥିବା କିଛି ଲୋକ ଯେଉଁମାନେ କି ଖଦଡ଼ ପିନ୍ଧୁଥିଲେ, ସେମାନଙ୍କ ଗ୍ରାମପାଖରେ ଫୋନ୍ ଲାଇନ୍ ଯାଇଥିଲା । ସେହି କଂଗ୍ରେସୀ ଲୋକମାନେ ହେଲେ ଚଢ଼େଇଗୁଆଁର ଗୁରୁଚରଣ ରାଉତରାଏ ଓ କୁସନପୁରର ଅଭିରାମ ନାୟକ । ଆହୁରି ମଧ କେତେଜଣ କଂଗ୍ରେସ ଲୋକ ଥିଲେ ସେହି ଗ୍ରାମମାନଙ୍କରେ । କିଆବାରିରେ, ଯେଉଁଠି ଜନବସତି ଦୂରରେ ଥିଲା ଓ ଦୁଇପାଖରେ ଜଙ୍ଗଲ ଥିଲା, ସେହି ନିଛାଟିଆ ଜାଗାରେ ଆମ୍ଭେମାନେ ମିଶି ଫୋନ୍ ତାରକୁ କାଟିଲୁ । ତା'ପରେ ଫଗେ ଫଗେ ଚଢ଼େଇଗୁଆଁ ଓ କୁସୁନପୁରରେ କାଟିଲୁ । ଏହି ତିନି ଯାଗାରେ କାଟି ଆମେ ଯେଝା ଗ୍ରାମକୁ ଫେରିଲୁ । ଆମକୁ ମଧ କେହି ଦେଖିବାକୁ ପାଇନଥିଲେ । ସନ୍ଦେହ ଅବା କାହିଁକି କରିଥାନ୍ତେ । ଆମେ ଦିନରେ ଯେଉଁ ଦଶବାର ଜାଗା ତାର କାଟିବା ପାଇଁ ସ୍ଥିର କରିଥିଲୁ ରାତ୍ରୀରେ ଠିକ୍ ସେହି ଜାଗାମାନଙ୍କରେ ଆମେ ଗୁଆକାତି ସାହାଯ୍ୟରେ ଟେଲିଫୋନ୍ ଲାଇନ୍‌ତାର ସବୁ କାଟି ଦେଲୁ । ଆମେ ଖଦଡ଼ ପିନ୍ଧି ନଥିବାରୁ ଆମକୁ କେହି ସାଧାରଣ ଲୋକ ବା ପୋଲିସ୍ ସନ୍ଦେହ କରିନଥିଲେ । ଯେଉଁମାନେ ଖଦଡ଼ ପିନ୍ଧୁଥିଲେ କିନ୍ତୁ କଂଗ୍ରେସ କାମ କରୁନଥିଲେ, ସେହିପରି କେତେଜଣ ଲୋକଙ୍କୁ ପୋଲିସ୍ ତା ପରଦିନ ଆରେଷ୍ଟ କରିନେଲା । ପୁଲିସ୍‌କୁ ମୋ ସମ୍ବନ୍ଧରେ ଗାଁର କେତେକ ମୁଖିଆ ଖବର ଦେଇଥିଲେ । ମୁଁ ନଥିବା ଅବସ୍ଥାରେ ପୁଲିସ୍ ଆମ ଘରକୁ ବାରମ୍ବାର ଆସି ମୋତେ ନ ପାଇ ଫେରି ଯାଉଥିଲା, କିନ୍ତୁ ଘରେ ଦାଦା ଓ ବୋଉକୁ ଦାଗିଦ୍ କରି ଯାଉଥିଲା । କିନ୍ତୁ ମୋର ଝୁଙ୍କ୍ ସେହି ଦିଗରେ ଥିବାରୁ ମୋତେ ଆଉ ଜଗିବା ବୋଉ ଓ ଦାଦାଙ୍କ ପକ୍ଷେ ସମ୍ଭବ ହେଲାନାହିଁ । ମୁଁ ଏତିକି ଜାଣିଥାଏ ଯେ, ଆମକୁ ସ୍ୱାଧୀନତା ମିଳିଲେ ଏ ଦେଶରେ ଧନୀ ଦରିଦ୍ର କେହି ରହିବେ ନାହିଁ । ରାମରାଜ୍ୟ ପ୍ରତିଷ୍ଠା ହେବ । ସମସ୍ତେ ଖୁସିରେ ରହିବେ । ସେଥିପାଇଁ ଯେ କୌଣସି ମୂଲ୍ୟ ଦେଇ ସ୍ୱାଧୀନତା ଅର୍ଜନ କରିବାକୁ ହେବ । ମୁଁ ମନପ୍ରାଣ ଦେଇ ସେହି କାମରେ ଲାଗିଥାଏ । ମଝିରେ ମଝିରେ ଆସି ଘରେ କିଛିଦିନ କଟାଇ ପୁଣି ଖବର ଆସିଲେ ଚାଲି ଯାଉଥାଏ । କୁଆଡ଼େ ଯାଉଛି କେହି ଜାଣିପାରୁ ନଥାନ୍ତି ।

Digitized by srujanika@gmail.com

ସୁବାସ ବୋଷଙ୍କୁ ଅପେକ୍ଷା

ଦିନେ ହଠାତ୍ ଶୁଣିବାକୁ ମିଳିଲା, ସୁବାଷ ବୋଷ ବନ୍ଦୀଘରୁ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ସେ ସିଙ୍ଗାପୁରରେ ଜାପାନୀମାନଙ୍କ ସାହାଯ୍ୟରେ ସିଙ୍ଗାପୁରରେ ବନ୍ଦୀଥିବା ଭାରତୀୟ ସୈନ୍ୟମାନଙ୍କୁ ନେଇ ଆଜାଦ୍ ହିନ୍ଦ୍ ଫୌଜ ଗଢିଛନ୍ତି ଓ ଆଜାଦ ହିନ୍ଦ୍ ଅସ୍ଥାୟୀ ସରକାର ଗଢିଛନ୍ତି । ନିଜେ ସେଥିରେ ପ୍ରଧାନ ସେନାପତି ହୋଇଛନ୍ତି । ତାଙ୍କରି ଫୌଜ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ଭାରତ ବର୍ଷର ଆରାକାନ ପର୍ଯ୍ୟନ୍ତ ମାଡ଼ି ଆସିଛନ୍ତି । ମୁଁ ଏକଥା ଶୁଣି ଆହୁରି ଉତ୍ସାହିତ ହୋଇପଡ଼ିଲି ଓ କିପରି ସୁବାଷ ବୋଷ୍ଙ୍କୁ ସାହାଯ୍ୟ କରିପାରିବି, ସେ ବିଷୟରେ ଚିନ୍ତା କରିବାକୁ ଲାଗିଲି । କିନ୍ତୁ ଏ ବିଷୟରେ କିଛି କୂଳକିନାରା ମିଳିଲା ନାହିଁ । ଏଣେ ତ ସବୁ କଂଗ୍ରେସ ଲୋକ ଜେଲ୍ ଭିତରେ, କାହା ସହିତ ଯୋଗାଯୋଗ କରିପାରିଲି ନାହିଁ । ଏହି ଅବସ୍ଥାରେ ସ୍ୱରାଜ ଆନ୍ଦୋଳନ ମାନ୍ଦା ପଡ଼ିଗଲା । ମୁଁ ମଧ ଆଉ କୌଣସି କଂଗ୍ରେସ କର୍ମୀଙ୍କୁ ନପାଇ ପୁଣି ଚାଷବାସ କାମରେ ଲାଗିପଡ଼ିଲି । ଘରେ ତ ଲୋକ ରଖି ଆମର ଚାଷ କରାଯାଉଥାଏ । ବୋଉ ଏସବୁର ତତ୍ତ୍ୱ ବୁଝୁଥାଏ । ମୁଁ ଘରେ କିଛିଦିନ ରହିଗଲାରୁ ଚାଷବାସ ଖବର ବୁଝିଲି, ନିଜେ ମଧ ଶାରୀରିକ ପରିଶ୍ରମ କଲି । ମୁଁ ଚାଷକାମକୁ ଭଲ ପାଉଥିବାରୁ ଚାଷକରି କିପରି ଉନ୍ନତି କରିବାକୁ ହେବ, ସେଥିରେ ଲାଗିପଡ଼ିଲି ।

ସଂସ୍କାରକ ବେଣୁଧର ଆଚାର୍ଯ୍ୟ

କଂଗ୍ରେସ ଲୋକମାନେ ଜେଲରୁ ନ ଫେରିବା ପର୍ଯ୍ୟନ୍ତ ମୋତେ ଦୁଇବର୍ଷ ଧରି ଘରେ ରହିବାକୁ ପଡ଼ିଲା । ଏହି ସମୟ ଭିତରେ ଶୁଣିବାକୁ ପାଇଲି, ଦୟାନନ୍ଦ ସରସ୍ୱତୀଙ୍କ ଶିଷ୍ୟ ସମାଜ ସଂସ୍କାରକ ଶ୍ରୀ ବେଣୁଧର ଆଚାର୍ଯ୍ୟ ଶ୍ରୀବତ୍ସ ପଣ୍ଡାଙ୍କ ମାଧମରେ କାନପୁର ଠାରେ ପହଞ୍ଚି ପ୍ରତିଦିନ କାନପୁର ଗ୍ରାମରେ ଲୋକଙ୍କୁ ସଂସ୍କାର ବିଷୟରେ ବୁଝାଉଛନ୍ତି । ମୁଁ ଦିନେ ତାଙ୍କ ସଭାରେ ଉପସ୍ଥିତ ହେଲି । ସେତେବେଳେ କାନପୁର ଗ୍ରାମର ବିଶିଷ୍ଟ ଲୋକ ଦୁର୍ଯ୍ୟୋଧନ ମହାନ୍ତି ତଥା ସେ ଗ୍ରାମର ଅନେକ ଲୋକ ପ୍ରତିଦିନ ଆଚାର୍ଯ୍ୟଙ୍କ ସଭାରେ ଯୋଗ ଦେଉଥିଲେ । ଦୃମୁକାର ଶରତ ଚନ୍ଦ୍ର ବେଉରା, ଶତ୍ରୁଘନ ବେଉରା ଓ ଦଶୀପୁରରୁ ମୁଁ ଯୋଗ ଦେଇଥିଲୁ । ଏହିପରି ସେଠାରେ ୧୫ ଦିନ ଧରି ସଭା ଚାଲିବା ପରେ ମୁଁ ବେଣୁଧର ଆଚାର୍ଯ୍ୟଙ୍କୁ ଆମ ଗ୍ରାମକୁ ନିମନ୍ତ୍ରଣ କରି ଆଣିଲି । ସେ ଆମଘରେ ରହି ପ୍ରତିଦିନ ଆମ ଗ୍ରାମରେ ଦୟାନନ୍ଦ ସରସ୍ୱତୀଙ୍କ ବିଷୟରେ ବିଚାର ବିମର୍ଷ ଚଳାଇଲେ । ଗାନ୍ଧି ଓ ଦୟାନନ୍ଦ ସରସ୍ୱତୀଙ୍କ ଚିନ୍ତାଧାରା ଅନେକ ଦୃଷ୍ଟିରୁ ମିଶିଯାଉଥିଲା । ବେଣୁଧର ଆଚାର୍ଯ୍ୟ କଟକ ଜିଲ୍ଲାର ଜଗତ୍‌ସିଂହପୁର ଅଞ୍ଚଳରେ ମଧ୍ୟ ପ୍ରଚାର କାର୍ଯ୍ୟ କରୁଥିଲେ । କୁଜଙ୍ଗର ତାଳଦଣ୍ଡା ନିବାସୀ ଲୋକନାଥ ଚୌଧୁରୀଙ୍କ ବାପା କେଳୁ ଚୌଧୁରୀ ମଧ ଦୟାନନ୍ଦ ସରସ୍ୱତୀଙ୍କ ସଂସ୍କାରମୂଳକ କାର୍ଯ୍ୟକଳାପ ପ୍ରତି ଆକୃଷ୍ଟ ହୋଇ ସେ ବିଷୟରେ ପ୍ରଚାର କାର୍ଯ୍ୟ ଚଳାଇଥିଲେ । ଆମେ ବେଣୁଧର ଆଚାର୍ଯ୍ୟଙ୍କ ଆଦର୍ଶର ମହନୀୟତା ଅନୁଭବ କରି ତାଙ୍କ ସଙ୍ଗରେ ଚାରିଆଡ଼େ ବୁଲି ସଭାସମିତି କରିଆରେ ଲୋକମାନଙ୍କୁ ସଚେତନ

Digitized by srujanika@gmail.com

କରାଇବାକୁ ଲାଗିଲୁ । ଦୟାନନ୍ଦ ସରସ୍ୱତୀଙ୍କ ଲେଖା "ସତ୍ୟାର୍ଥ ପ୍ରକାଶ" ବହିରୁ ଆଚାର୍ଯ୍ୟ ସମସ୍ତ ସଂସ୍କାରମୂଳକ କଥା ବୁଝାଉଥିଲେ । ଗାନ୍ଧିଜୀଙ୍କର ହରିଜନ ସେବା, ଅସ୍ପୃଶ୍ୟତା ନିବାରଣ, ବିଧବା ବିବାହ, ମୌଳିକ ଶିକ୍ଷା, ସ୍ୱାବଲମ୍ବନ ପାଇଁ ଅରଟରେ ସୂତାକାଟିବା ଓ ଅସବର୍ଣ୍ଣ ବିବାହ ଇତ୍ୟାଦି ସଂସ୍କାର କଥା କଂଗ୍ରେସ ଲୋକଙ୍କଠାରୁ ଶୁଣିଥିଲି । ସେ କଥାସବୁ ମୋ ମନକୁ ଖୁବ୍ ପାଉଥିଲା । ବେଣୁଧର ଆଚାର୍ଯ୍ୟଙ୍କର ସଂସ୍କାରମୂଳକ କଥା ତା ସହିତ ଯୋଡି ହୋଇଗଲା । ସେ ଖୁବ୍ ଜୋର ଦେଉଥିଲେ ଯେ, ଭଗବାନଙ୍କ ବ୍ୟତୀତ ପଥରର ଦେବାଦେବୀ ପୂଜା କରିବା ନିରର୍ଥକ । ଏକଥା ମୋ ଉପରେ ଖୁବ୍ ପ୍ରଭାବ ପକାଇଲା । ସେ ଆମଘରେ ରହି ଗ୍ରାମରେ ପ୍ରତିଦିନ ସଭାକରି ଯେଉଁ ପ୍ରଚାର ଚଳେଇଲେ, ତଦ୍ୱାରା କେତେକ ଯୁବକ ଆକୃଷ୍ଟ ହେଲେ ଏବଂ ତାଙ୍କର କଥା କିପରି କାର୍ଯ୍ୟରେ ପରିଣତ ହେବ, ଏବଂ ଆମେ କେମିତି ନିଜେ ତାହା ଆଚରଣ କରି ଦେଖାଇ ପାରିବୁ, ସେହି ଉଦ୍ଦେଶ୍ୟରେ କେତେକ ଯୁବକଙ୍କୁ ନେଇ ଆମଗ୍ରାମରେ ଗୋଟିଏ ସଂଗଠନ ଗଢ଼ିଗଲା । ସେଥିରେ ରହିଲେ ଆମ ପଡାର ଭଗବାନ ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ବୁଲେଇ ନାୟକ, ନିଶାମଣି ରାଉତ, କୁଳମଣି ରାଉତ, ଘନଶ୍ୟାମ ନାୟକ, ଗୁରୁବାରୀ ବେହେରା, ଦୁର୍ଯୋଧନ ବେହେରା, ଗୌରାଙ୍ଗ ଜେନା ଓ ବାବାଜୀ ରାଉତ ପ୍ରମୁଖ ପ୍ରାୟ ୧୫ ଜଣ ଯୁବକ । ସେତେବେଳେ ଆମେ ଜାଣି ପାରିଥିଲୁ, ସଂସ୍କାରମୂଳକ କାର୍ଯ୍ୟ କରିବାକୁ ହେଲେ ପ୍ରଚଳିତ ସମାଜ ବିରୁଦ୍ଧରେ ଯିବାକୁ ହେବ ; ଖାଲି ସେତିକି ନୁହେଁ, ରକ୍ଷଣଶୀଳ ଗୋଷ୍ଠୀ ଆମକୁ ଏକଘରକିଆ କରି ନିଆଁପାଣି ଓ ଧୋବା-ବାରିକ ବାସନ୍ଦ କରିଦେଇ ପାରନ୍ତି ।

ଜାତିଭାଇ ପରମ୍ପରା

ଆମ ଗ୍ରାମର ଦୁଇପଡ଼ାରେ ଆମ ଜାତିଭାଇ ଥିଲେ । ବାପା ବଡ଼ ଓ ତାଙ୍କ ସହଯୋଗରେ ଆନନ୍ଦ ନାଉରୀ - ଏମାନେ ଆମ ପଧାନ ଭାଇମାନଙ୍କର ଜାତି ସମ୍ବନ୍ଧୀୟ ବ୍ୟାପାରରେ ଭଲମନ୍ଦ ବିଚାର କରିବା ସଂଗେ ସଂଗେ ବିବାହ ଓ ମୃତ୍ୟୁ ସମୟରେ ବ୍ୟବସ୍ଥାମାନ ତଦାରଖ କରୁଥିଲେ । ଆମ ପଡ଼ା ଲୋକଙ୍କୁ ଠାକୁରପଡ଼ା ବୋଲି କହୁଥିଲେ । ସେପଡ଼ା ଥିଲା ଖମାରପଡ଼ା । ଆମପଡ଼ାରେ ଆମ ଜାତିଭାଇଙ୍କ ସଂଖ୍ୟା ଅଧିକ ଥିଲା । ସେ ପଡ଼ାରେ ମାତ୍ର ୧୦/୧୫ ଘର ଥିଲେ । ସେ ପଡ଼ାରେ ତାଙ୍କ ମାଲିକ ଭାଇ ଆନନ୍ଦ ନାଉରୀ ମରିଯାଇଥିବାରୁ ତାଙ୍କ ପୁତ୍ର ବିକଳ ନାଉରୀ ଜାତିଭାଇଙ୍କ ମାଲିକ ହେଲେ । ସେ ଉତ୍କଟ ଭାବରେ ରକ୍ଷଣଶୀଳ ଥିଲେ । ସେତେବେଳେ ମାଲିକଭାଇ ମାନଙ୍କ କଥାକୁ କେହି କାଟି ଦେଇ ମନକୁ ମନ କିଛି କରିପାରୁ ନଥିଲେ । ଯାହାଙ୍କର କମ୍ ଜମି ଥିଲା ସେମାନେ ଅନ୍ୟଘରେ ଚାକିରି କରି ହେଉ କିମ୍ବା କରଜ କରି ହେଉ, ଯେକୌଣସି ପ୍ରକାରରେ ମୃତ୍ୟୁ କିମ୍ବା ବାହାଘର ବେଳେ ମାଲିକ ଭାଇ କହିବା ଅନୁଯାୟୀ ବ୍ୟବସ୍ଥାମାନ କରିବାକୁ ବାଧ ହେଉଥିଲେ । ଏପରିକି ଜମି ବିକ୍ରି କରି ଏହି ବ୍ୟବସ୍ଥା ସବୁ ତୁଲାଇବାକୁ ପଡୁଥିଲା। ଏହି ବ୍ୟବସ୍ଥାରେ ଗରିବ ଜାତିଭାଇ ଅଧିକ ଗରିବ ହୋଇଯାଉଥିଲେ । ଏପରିକି ସମ୍ପତ୍ତିବାଡ଼ି ଥିଲେ ସୁଦ୍ଧା ବିକ୍ରି କରିବାକୁ ବାଧ ହେଉଥିଲେ । ଏହି ଜାତିଭାଇମାନଙ୍କ ଭିତରେ ଅଧାରୁ ଅଧିକ ଲୋକ ଗରିବ ଥିଲେ ।

Digitized by srujanika@gmail.com

ପରିବାର, ଜାତିସଭା ଓ ଗାଁରେ ସଂସ୍କାରକାର୍ଯ୍ୟ

ମୁଁ ତ ଆଗରୁ କହିଛି ମୋ ବାପା ଆମ ଗ୍ରାମର ଜଣେ ପ୍ରତିପତ୍ତିଶାଳୀ ଲୋକଥିଲେ । ସେ ମଧ ରକ୍ଷଣଶୀଳ ମନୋଭାବର ଲୋକ ଥିଲେ । ଆମ ଜାତିର ମାଲିକ ଭାଇ (ଶ୍ରେଷ୍ଠ ଭାଇ) ଥିଲେ । ତାଙ୍କ କଥା ଅନୁସାରେ ଜାତିଭାଇମାନେ ଜାତିଆଣ କାମ କରୁଥିଲେ । ସେ ଯାହା ବ୍ୟବସ୍ଥା ବତାଉଥିଲେ, ସେହି ଅନୁସାରେ ଜାତିଭାଇମାନେ ବିନା ଆପତ୍ତିରେ ପରମ୍ପରା ଅନୁଯାୟୀ ସବୁ କାର୍ଯ୍ୟ ସୁରୁଖୁରୁରେ କରୁଥିଲେ । କିନ୍ତୁ ଆମେ ଦେଖିଲୁ ସଂସ୍କାରମୂଳକ କାର୍ଯ୍ୟ କରିବାକୁ ହେଲେ ଏହି ପରମ୍ପରାର ପୂରାପୂରି ବିରୁଦ୍ଧାଚରଣ କରାହେବ । ବାପା ମରିଯିବା ପରେ ମୁଁ ଜଣେ ମାଲିକଭାଇ ଭାବରେ ପ୍ରତିଷ୍ଠିତ ହେଲି । ପରମ୍ପରା ଅନୁଯାୟୀ ମୁଁ ମଧ ଜାତିଭାଇମାନଙ୍କୁ ଚଳାଇଲି । ବେଣୁଧର ଆଚାର୍ଯ୍ୟଙ୍କ ଶିକ୍ଷାନୁଯାୟୀ ଜାଣିବାକୁ ମିଳିଲା, ସାମାଜିକ କୁସଂସ୍କାରକୁ ନ ଭାଙ୍ଗିଲେ ସମାଜର ବା ଲୋକମାନଙ୍କର ଉନ୍ନତି ହୋଇପାରିବ ନାହିଁ । ଏହାକୁ ଯିଏ ଭାଙ୍ଗିବାକୁ ଯିବ, ତାକୁ ଏ ସମାଜରେ ହଇରାଣ ହରକତ ହେବାକୁ ପଡ଼ିବ । ତେଣୁ ମୁଁ ଠିକ୍ କଲି, ସାହାସର ସହିତ ମୁଁ ଏ କାର୍ଯ୍ୟ ଆଗ କରିବି, ବାଧାବିଘ୍ନ ଯେତେ ଆସୁ ପଛକେ । ସେତେବେଳେ ଆମର ଜାତିଭାଇମାନଙ୍କର ବ୍ୟବସ୍ଥା ଥିଲା ଯେ, ଗୋଟିଏ ପୁଅର ବାହାଘର ହେଲେ, ତାକୁ ତିନି ବକତ ଜାତିଭାଇଙ୍କୁ ଖାଇବାକୁ ଦେବାକୁ ହେବ, ଘି ପିଠା ତିଆରି କରି ପ୍ରତ୍ୟେକ ଭାଇଙ୍କୁ ଓଜନ କରି ୧ ଯୋଡ଼ା କରି ୧ ସେର ପର୍ଯ୍ୟନ୍ତ ଦେବାକୁ ପଡ଼ିବ । ସେ ଧନୀ ହେଉ ବା ନିର୍ଦ୍ଧନ ହେଉ ଏତକ ନିଶ୍ଚୟ ତାଁକୁ କରିବାକୁ ହେବ । ଟଙ୍କା ପଇସା ନ ଥିଲେ ବି ସେ ସମ୍ପତ୍ତି ବିକ୍ରିକରି, ଅଥବା ସମ୍ପତ୍ତି ନଥିଲେ ୨/୩ ବର୍ଷ ପରଘରେ ଚାକିରି କରି ଟଙ୍କା ପଇସା ଆଣି ଏତକ କାର୍ଯ୍ୟ ସେ ସମ୍ପନ୍ନ କରିବାକୁ ବାଧ । ଦିନେ ଜାତିଭାଇ ସଭାରେ ଉପରୋକ୍ତ ପ୍ରଥା ବିରୁଦ୍ଧରେ ମୁଁ ମତ ପ୍ରକାଶ କରୁ କରୁ ସମସ୍ତେ ଚିହିଁକି ଉଠିଲେ ଓ ଏହାର ବିରୋଧ ମଧ କଲେ ।

ଆମେ ସଂସ୍କାରମୂଳକ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ କେତେକ ଯୁବକଙ୍କୁ ନେଇ ଗୋଟିଏ ସଂଗଠନ କରିଥାଉ । ଦରକାର ପଡ଼ିଲେ ଏହି ଯୁବକମାନେ ମୋତେ ସାହାଯ୍ୟ କରିବେ ବୋଲି କଥା ହୋଇଥିଲା । ସେମାନଙ୍କର ମୁରବୀ ଥିବାରୁ ସେମାନେ ନିଜେ ସଂସ୍କାର କାର୍ଯ୍ୟ କରିବାକୁ ଏତେଟା ସାହାସୀ ନଥିଲେ । ମୁଁ କିନ୍ତୁ ସେମାନଙ୍କ ସାହାଯ୍ୟ ପାଉଥାଏ । ମୁଁ ଆଗ ଆରମ୍ଭ କଲି । ପ୍ରଥମେ ମୁଁ ମୋ ମାଲିକା ଭାଇ ପଣିଆ ଛାଡ଼ିଲି । ତଦ୍ୱାରା ବହୁ ମିଳିବା ଜିନିଷ ଛାଡ଼ିବାକୁ ପଡ଼ିଲା । ତା'ପରେ ମୁଁ ପ୍ରସ୍ତାବ ଦେଲି, ଯାହାର ବାହାଘର ହେବ, ସେ ଇଚ୍ଛାନୁସାରେ ଜାତିଭାଇଙ୍କୁ ଖାଇବାକୁ ଦେବ । ଯଦି ସେ ଗରିବ ହୋଇଥାଏ, ତେବେ ଅନ୍ୟମାନଙ୍କୁ ଖାଇବାକୁ ନଦେଇ ଯେତିକି ନିହାତି ଆବଶ୍ୟକ ସେହି ଅନୁପାତରେ ବାହାଘର ପାଇଁ ଖର୍ଚ୍ଚ କରିବ । ଏଥିରେ କୌଣସି ବାଧବାଧ୍ୟକତା ରହିବ ନାହିଁ । ଆମ ଜାତିଭାଇଙ୍କ ଭିତରେ ବହୁ ସଂଖ୍ୟକ ଗରିବ ଥିବାରୁ ସେମାନେ ଏହି ପ୍ରସ୍ତାବକୁ ନୀରବରେ ସମର୍ଥନ କଲେ । ଥିଲାବାଲା ଜାତିଭାଇ ଅସନ୍ତୋଷ ପ୍ରକାଶ କଲେ । ଯାହାହେଉ ଏହି ପ୍ରସ୍ତାବ

Digitized by srujanika@gmail.com

କାର୍ଯ୍ୟରେ ପରିଣତ ହେଲା । ସେହିଦିନଠାରୁ ଆମଗ୍ରାମରେ ସେହି ପରମ୍ପରା ଭାଙ୍ଗିଯାଇଛି । ଏହା ଫଳରେ ଦରିଦ୍ର ଲୋକମାନଙ୍କର ଟିକେ ସୁବିଧା ହୋଇଛି ।

ସେତେବେଳେ ସମାଜରେ ଏପରି ବ୍ୟବସ୍ଥା ଥିଲା ଯେ, କୌଣସି ହାଡ଼ି, କଣ୍ଡରା, ପାଣ ଇତ୍ୟାଦି ଅସ୍ପୃଶ୍ୟ ଜାତିକୁ ଛୁଇଁଲେ ତାକୁ ଗାଧୋଇ ଗୋବର ପାଣି ପକାଇ ହୋମ ଇତ୍ୟାଦି କରି ଠାକୁରାଣୀଙ୍କ ପାଖରେ ମାର୍ଜନା କରିବାକୁ ପଡୁଥିଲା । କଂଗ୍ରେସ ଲୋକମାନେ ଅସ୍ପୃଶ୍ୟତା ନିବାରଣ କଥା କହୁଥିଲେ ବି ନିଜ ଘରେ ଏହା ପାଳନ କରିବାକୁ ସାହସ କରୁନଥିଲେ । କେବଳ ସଭାସମିତିରେ ଅସ୍ପୃଶ୍ୟତା ନିବାରଣ ସୀମିତ ଥିଲା । ଅସ୍ପୃଶ୍ୟତା ସମ୍ବନ୍ଧରେ ବେଣୁଧର ଆଚାର୍ଯ୍ୟଙ୍କଠାରୁ ଭଲଭାବେ ବୁଝିପାରି ଥିବାରୁ ମୁଁ ପ୍ରଥମ କରି ଅସ୍ପୃଶ୍ୟ ଲୋକମାନଙ୍କୁ ଛୁଆଁଛୁଇଁ କଲି । ତେଣୁ ଗ୍ରାମରେ ଯେଉଁ ବନ୍ଧୁମାନେ ସଂସ୍କାରମୂଳକ ଓ ଗାନ୍ଧି ଚିନ୍ତାଧାରାରେ ଓତପ୍ରୋତ ଭାବେ ଜଡ଼ିତ ହୋଇ ଆମ ସାଙ୍ଗରେ ଥିଲେ, ସେମାନେ ହେଲେ ଭଗବାନ ପ୍ରଧାନ, ବୁଲେଇ ନାୟକ, ନିଶାମଣି ରାଉତ, କୁଳମଣି ରାଉତ, ଘନଶ୍ୟାମ ନାୟକ, ବଟ ମଳିକ, ଆମ ଘରର କୁଟୁମ୍ବ ଗୁରୁବାରି ବେହେରା, ଦାଦା ବ୍ରଜବନ୍ଧୁ ବେହେରା ଓ ଦୁର୍ଯ୍ୟୋଧନ ବେହେରା । ଏହାଛଡ଼ା ଏ ପଡ଼ାର ଅନ୍ୟ ଯେଉଁ ଯୁବବନ୍ଧୁ ଆମ ସହିତ ଥିଲେ, ସେମାନଙ୍କ ଭିତରେ ଥିଲେ ବାବାଜୀ ରାଉତ ଓ ଗୌରାଙ୍ଗ ଜେନା । ଏହିପରି ୧୦/ ୧୫ ଜଣ ଆଗୁଆ ବାହାରି ଏ ସଂସ୍କାରମୂଳକ ସଂଗଠନରେ ଯୋଗ ଦେଲୁ । ଆମେମାନେ ଗ୍ରାମର ଏ ସଂଗଠନ ମିଳିତ ଭାବରେ ଗଢ଼ିଲୁ । ଗାନ୍ଧି କହୁଥିବା ସ୍ୱାବଲମ୍ବନଶୀଳତା ଓ ଖଦଡ଼ ପିନ୍ଧିବା ପାଇଁ ଆମେ ନିୟମିତ ସୂତାକଟା ବିର ରାଉତଙ୍କ ଘରେ ଆରମ୍ଭ କଲୁ । ଏ କାମଟା ଜୋର୍‌ରେ ଚାଲିଲା । ମଝିରେ କିଛି ଯୁବକ ନିୟମିତ ଆସୁନଥିଲେ ଏବଂ ସୂତା କାଟିବାରେ ମଧ ହେଳା କରୁଥିଲେ । ମୁଁ କିନ୍ତୁ ନିଜକୁ ଠିକ୍ କରିନେଇ ଫୁରୁସତ୍ ସମୟରେ ସୂତା କାଟିଲି । ଏହି କାମ ମୋର ୧୯୫୫ ମସିହା ପର୍ଯ୍ୟନ୍ତ ଚାଲିଥିଲା ଭୂଦାନ କାମ ମଧରେ । ଆମ ସଙ୍ଗରେ ଥିବା ଯୁବ ବନ୍ଧୁମାନେ ତାଙ୍କର ଚାଷବାଷ ଓ ଘରର କାମ ବଜାୟ ରଖି ଆମ ସଂଗଠନ କାମରେ ଯୋଗ ଦେଉଥିଲେ । ପୁଣି ଆଉ ଗୋଟିଏ କାମ କରାଗଲା । ଦୟାନନ୍ଦ ସରସ୍ୱତୀଙ୍କ ସଂସ୍କାର ସମ୍ବନ୍ଧୀୟ ବହି ସହିତ ଔଷଧୀୟ ଦ୍ରବ୍ୟଗୁଣ ଓ ଚେରମୂଳିକା ବହି କିଛି କିଣିଲୁ । ଭଗବାନ ପ୍ରଧାନଙ୍କ ପାଖରେ ସେହି ଔଷଧୀୟ ବହିଗୁଡ଼ିକ ରହିଲା ଓ ସେ ମଧ୍ୟ ଲୋକଙ୍କୁ ଔଷଧୀୟ ଚିକିତ୍ସା ପ୍ରଦାନ ଦାୟିତ୍ୱରେ ରହିଲେ ।

ମାଲିକଭାଇ ପଦବୀ ଛାଡ଼ିଲି

ମୁଁ ଆଗରୁ କହିଛି, ମୋ ବାପା ଆମ ଗ୍ରାମର ଜଣେ ପ୍ରତିପତ୍ତିଶାଳୀ ଲୋକ ଥିଲେ ଅଥଚ ରକ୍ଷଣଶୀଳ ମଧ୍ୟ ଥିଲେ । ସେ ଜାତିର ମାଲିକ ଭାଇ (ଶ୍ରେଷ୍ଠ ଭାଇ) ଥିବାରୁ ଯାହା ବ୍ୟବସ୍ଥା ବତାଉଥିଲେ, ସେହି ଅନୁସାରେ ଜାତିଭାଇମାନେ ବିନା ଆପତ୍ତିରେ କାର୍ଯ୍ୟକାରୀ କରୁଥିଲେ । ବାହାରକୁ ଦେଖିଲେ ପରମ୍ପରା ଅନୁଯାୟୀ ସବୁକିଛି କାର୍ଯ୍ୟ ସୁରୁଖୁରୁରେ ଚାଲୁଥିଲା । ବାପା ମରିଯିବା ପରେ ମୁଁ ଜଣେ ମାଲିକଭାଇ ଭାବରେ ପ୍ରତିଷ୍ଠିତ ହେଲି । ପରମ୍ପରା ଅନୁଯାୟୀ ମୁଁ ମଧ ଜାତିଭାଇମାନଙ୍କୁ ପରିଚଳାନା କରିବା କଥା ।

Digitized by srujanika@gmail.com

କିନ୍ତୁ ମୁଁ ଦେଖିଲି, ସଂସ୍କାରମୂଳକ କାର୍ଯ୍ୟ କରିବାକୁ ହେଲେ ସେହି ପୁରୁଣା ପରମ୍ପରାକୁ ଭାଙ୍ଗିବାକୁ ପଡ଼ିବ । ବେଣୁଧର ଆଚାର୍ଯ୍ୟଙ୍କ ଶିକ୍ଷାନୁଯାୟୀ ଜାଣିବାକୁ ମିଳିଲା, ସାମାଜିକ କୁସଂସ୍କାରକୁ ନ ଭାଙ୍ଗିଲେ ସମାଜର ବା ଲୋକମାନଙ୍କର ଉନ୍ନତି ହୋଇପାରିବ ନାହିଁ। ପୁଣି ଏହାକୁ ଯିଏ ଭାଙ୍ଗିବାକୁ ଯିବ, ତାକୁ ଏ ସମାଜରେ ପ୍ରଥମେ ହଇରାଣ ହରକତ ହେବାକୁ ପଡ଼ିବ । ସେହି ସମୟରେ ଆମେ ଗାଁରେ ସଂସ୍କାରମୂଳକ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ କେତେକ ଯୁବକଙ୍କୁ ନେଇ ଗୋଟିଏ ସଂଗଠନ କରିଥାଉ । କିନ୍ତୁ ସେମାନଙ୍କର ମୁରବୀ ରକ୍ଷଣଶୀଳ ଥିବାରୁ ସେମାନେ ଖୋଲାଖୋଲି ଭାବେ ସଂସ୍କାର ସପକ୍ଷରେ ଜୋର୍ ଦେଇ କରିପାରୁନଥିଲେ । କିନ୍ତୁ ଏହି ଯୁବକମାନେ ମୋତେ ପରୋକ୍ଷରେ ଓ ଆନ୍ତରିକ ଭାବେ ସାହାଯ୍ୟ କରୁଥିଲେ । ତେଣୁ ମୁଁ ଠିକ୍ କଲି, ସାହାସର ସହିତ ମୁଁ ଏ କାର୍ଯ୍ୟ ଆଗ ଆରମ୍ଭ କରିବି, ବାଧାବିଘ୍ନ ଯେତେ ଆସୁ ପଛକେ । ଦିନେ ଜାତିଭାଇ ସଭାରେ ଉପରୋକ୍ତ ପ୍ରଥା ବିରୁଦ୍ଧରେ ମୁଁ ମତ ପ୍ରକାଶ କରୁ କରୁ ସମସ୍ତେ ଚିହିଁକି ଉଠିଲେ ଓ ଏହାର ବିରୋଧ ମଧ କଲେ । ତା'ପରେ ମୁଁ ପ୍ରସ୍ତାବ ଦେଲି, ଯାହାର ବାହାଘର ହେବ, ସେ ଇଚ୍ଛାନୁସାରେ ଜାତିଭାଇଙ୍କୁ ଖାଇବାକୁ ଦେବ । ଯଦି ସେ ଗରିବ ହୋଇଥାଏ, ତେବେ ଅନ୍ୟମାନଙ୍କୁ ଖାଇବାକୁ ନଦେଇ ଯେତିକି ନିହାତି ଆବଶ୍ୟକ ସେହି ଅନୁପାତରେ ବାହାଘର ପାଇଁ ଖର୍ଚ୍ଚ କରିବ । ଏଥିରେ କୌଣସି ବାଧବାଧ୍ୟକତା ରହିବ ନାହିଁ । ଆମ ଜାତିଭାଇଙ୍କ ଭିତରେ ବହୁ ସଂଖ୍ୟକ ଗରିବ ଥିବାରୁ ସେମାନେ ଏହି ପ୍ରସ୍ତାବକୁ ନୀରବରେ ସମର୍ଥନ କଲେ । ଥିଲାବାଲା ଜାତିଭାଇ ଅସନ୍ତୋଷ ପ୍ରକାଶ କଲେ । ସେହି ସଭାରେ ମୁଁ ମୋ ମାଲିକଭାଇ ପଣିଆ ଛାଡ଼ିଲି । ତଦ୍ୱାରା ଅବଶ୍ୟ ବହୁ ମିଳିବା ଜିନିଷ ଛାଡ଼ିବାକୁ ପଡ଼ିଲା । ଯାହାହେଉ, ମୋର ଏହି ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲା । ମୁଁ ସଂଗେ ସଂଗେ ଜାତିର ମାଲିକଭାଇ ପାଣ୍ଠିରେ ଥିବା ଜାତିଭାଇଙ୍କ ଟଙ୍କା ସବୁ ଆଣିଲି ଓ ସେସବୁକୁ ଗୋଟିଏ ସର୍ତ୍ତରେ ଜାତିଭାଇଙ୍କ ଭିତରେ ସମାନ ଭାବରେ ବାଣ୍ଟି ଦିଆଗଲା । ସେ ସର୍ତ୍ତଟି ହେଲା, ସେହି ଟଙ୍କାରେ ନଡ଼ିଆ ଚାରା କିଣି ସମସ୍ତେ ନଡ଼ିଆ ଗଛ ପକାଇବେ । ଏହିପରି ଆମଗ୍ରାମରେ ପରୁଷପୁରୁଷ ଧରି ଚଳି ଆସିଥିବା ସେହି ଅମାନବିକ କୁପରମ୍ପରା ସହିଦିନଠାରୁ ଭାଙ୍ଗିଗଲା । ନୂତନ ବ୍ୟବସ୍ଥାରେ ଦରିଦ୍ର ଲୋକମାନଙ୍କୁ ପୂର୍ବଭଳି ଜାତିଭାଇ ପରମ୍ପରା ନାଁରେ ସର୍ବସ୍ୱାନ୍ତ ହେବାକୁ ପଡୁନି ।

ଅବ୍ରାହ୍ମଣଙ୍କ ଦ୍ୱାରା ନଡିଆ ଗଛ ରୋପଣ

ବାପାଙ୍କ ଅନ୍ତେ ମୁଁ ଜାତିଭାଇଙ୍କ ଭିତରେ ମାଲିକ ଭାଇ ହେଲି । କିନ୍ତୁ ମୋ ମନଭିତରେ ସଂସ୍କାର ଭାବ ଜାଗ୍ରତ ହେବାରୁ ମୁଁ ସଂଗେ ସଂଗେ ଜାତିର ମାଲିକଭାଇ ପାଣ୍ଠିରେ ଥିବା ଜାତିଭାଇଙ୍କ ଟଙ୍କା ସବୁ ଆଣିଲି ଓ ସେସବୁକୁ ଗୋଟିଏ ସର୍ତ୍ତରେ ଜାତିଭାଇଙ୍କ ଭିତରେ ସମାନ ଭାବରେ ବାଣ୍ଟି ଦିଆଗଲା । ସେ ସର୍ତ୍ତଟି ହେଲା, ସେହି ଟଙ୍କାରେ ନଡ଼ିଆଗଛ କିଣି ସମସ୍ତେ ନଡ଼ିଆ ଗଛ ପକାଇବେ । ଆଗରୁ ଆମ ଅଞ୍ଚଳରେ ବ୍ରାହ୍ମଣଙ୍କ ଛଡ଼ା ଅନ୍ୟ କେହି ଲୋକ ନଡ଼ିଆ, ଗୁଆ ଓ ବାଉଁଶ ଗଛ ପକାଉ ନଥିଲେ । କାରଣ ପ୍ରବାଦ ଥିଲା, ଯଦି ଅନ୍ୟ କେହି ଜାତିର ଲୋକ ନଡିଆ ଗଛ ପକାନ୍ତି, ତେବେ ତାଙ୍କ ବଂଶରେ ନିଶ୍ଚୟ କେହି ନା କେହି ମରିବେ । ଏସବୁ କଥାକୁ ଖଣ୍ଡନ କରି ବେଣୁଧର ଆଚାର୍ଯ୍ୟଙ୍କ ସଂସ୍କାରଧର୍ମୀ ଆଲୋଚନାରେ ଖୁବ୍ ସୁନ୍ଦର ଯୁକ୍ତିସବୁ ରଖା ଯାଉଥିଲା । ସେ କହୁଥିଲେ ଯେ, ବ୍ରାହ୍ମଣମାନେ

Digitized by srujanika@gmail.com

ପରିଶ୍ରମ ନକରି ସମାଜରେ ସେମାନଙ୍କର ଏକଚାଟିଆ କର୍ତ୍ତୃତ୍ୱ ବଜାୟ ରଖିବା ପାଇଁ ନିୟମ ତିଆରି କରିଥିଲେ ଯେ, ସେମାନଙ୍କ ଛଡ଼ା ଏ ନଡ଼ିଆ ଗଛ କେହି ପକାଇ ପାରିବେ ନାହିଁ । ଏ କଥା ଅନ୍ଧଭାବରେ ଆମ୍ଭେମାନେ ଗ୍ରହଣ କରି ସେହି ବ୍ୟବସ୍ଥା ଅନୁଯାୟୀ ଚଳି ଆସୁଥିଲୁ । ଯେତେବେଳେ ଦୟାନନ୍ଦ ସରସ୍ୱତୀଙ୍କ "ସତ୍ୟାର୍ଥ ପ୍ରକାଶ"ରୁ ବ୍ରାହ୍ମଣମାନଙ୍କର ପ୍ରକୃତ ରୂପ ଧରାପଡ଼ିଗଲା, ମୁଁ ପ୍ରଥମେ ନଡ଼ିଆଗଛ ପକାଇବା ଆରମ୍ଭ କଲି । କିନ୍ତୁ ବୋଉ ସେ ସମୟରେ ମୋତେ ବାଧା ଦେଲା । ମୁଁ ତାକୁ ବୁଝାଇଲି ଯେ, କୌଣସି ଗଛ ପକାଇଲେ କେହି ମରିଯାଆନ୍ତି ନାହିଁ। ତୁ ଭାବୁଛୁ ମୁଁ ଗଛ ପକାଇଲେ ତୁ ମରିଯିବୁ, କିନ୍ତୁ ନିଶ୍ଚୟ ଦିନେ ହେଲେ ମରିଥାନ୍ତୁ । ଯଦି ଗଛ ପକାଇବାରେ ଏବେ ତୋର ମୃତ୍ୟୁ ହୁଏ, ତେବେ ଏ ସମାଜର କିଛି କ୍ଷତି ହେବନାହିଁ । ଗଛ ପକାଇବାରେ କେହି ମରନ୍ତିନି । ମୃତ୍ୟୁ ସମୟ ଉପସ୍ଥିତ ହେଲେ ସେ ଗଛ ପକାଉ ବା ନପକାଉ ନିଶ୍ଚୟ ତା'ର ମୃତ୍ୟୁ ହେବ । ଏଥିରେ ତୋର କିଛି ଭୟ କରିବାର ନାହିଁ । ସେ ନ ବୁଝିଥିବାରୁ ମୁଁ ନଡ଼ିଆଗଛ ପକାଇବା ଆରମ୍ଭ କରିବା ମାତ୍ରେ ବହୁତ ଲୋକ ଆସି ଯୁକ୍ତିତର୍କ କରିଥିଲେ । ଗୋଟିଏ ଉଦାହରଣ ଦେଇ ସେମାନେ କହିଲେ ଯେ, ଆମ ଗ୍ରାମର ଏକମାତ୍ର ଲୋକ ବେନୁ ସୁତାର ନଡ଼ିଆଗଛ ପକାଇଥିଲା ଓ ଏହି କାରଣରୁ ହଇଜାରେ ମରିଗଲା । ମୁଁ ଏ ଯୁକ୍ତି ଖଣ୍ଡନ କରିବା ପାଇଁ ଗୋଟିଏ ବଳିଷ୍ଠ ଯୁକ୍ତି କରି ତାଙ୍କୁ ଚୁପ୍ କରାଇଦେଲି । ତାହା ହେଉଛି ଆମ ଗ୍ରାମରେ ହଇଜା ଲାଗିଥିବା ସମୟରେ ବେନୁ ସୁତାର ସହିତ ଆଉ କେତେଜଣ ହଇଜାରେ ମରିଗଲେ । ବେନୁ ସୁତାର ସିନା ନଡ଼ିଆଗଛ ପକାଇଥିବାରୁ ମରିଗଲା, କିନ୍ତୁ ଅନ୍ୟ ଯେଉଁମାନେ ତାଙ୍କ ସଙ୍ଗରେ ମଲେ ସେମାନେ ତ ନଡ଼ିଆଗଛ ପକାଇ ନଥିଲେ, ଯଥା ମଣି ଲେଙ୍କା । ତେବେ ସେମାନେ କାହିଁକି ମଲେ ? ଏହାର ଉତ୍ତର ଦିଅ । ଏହିଭଳି ପ୍ରତ୍ୟେକ ସଂସ୍କାରମୂଳକ କାର୍ଯ୍ୟ ସପକ୍ଷରେ ଯୁକ୍ତିକରି ସେମାନଙ୍କୁ ପରାସ୍ତ କରୁଥିଲି । ମୁଁ ମଧ ସେ କାର୍ଯ୍ୟକରି ପ୍ରଥମେ ଦେଖାଇ ଦେଉଥିଲି । ଏବେ ମୋର ମନେଅଛି, ଆମ ସାଙ୍ଗରେ ଜଣେ ଲୋକ ନଡ଼ିଆଗଛ ପକାଇବ ବୋଲି ତାଡ଼ କରିଥିଲା । ତା' ପୁଅ ରୋଗରେ ଭଲ ନହୋଇ ମରିଗଲା । ସେ ନଡ଼ିଆଗଛ ଅନ୍ୟ ଲୋକକୁ ଦେଇଦେଲା । କିନ୍ତୁ ଏବେ ତା'ର ନାତି ନଡ଼ିଆଗଛ ପକାଇ ନଡ଼ିଆ ଅମଳ କରି ଉପଭୋଗ କରୁଛନ୍ତି । ସେତେବେଳର ସମାଜରେ ରକ୍ଷଣଶୀଳ ଲୋକ ପରମ୍ପରା ଅନୁସାରେ ନଡ଼ିଆ ଗଛ ନ ପକାଇ ଅନ୍ଧ ଭାବରେ ଚାଲିଥିଲେ । ମୁଁ ନିଜେ ପକାଇଥିବା ନଡିଆଗଛ ୫/୬ ବର୍ଷ ପରେ ଫଳିବା ଆରମ୍ଭ କଲା । ବୋଉ ମୋତେ କହିଲା, ନଡ଼ିଆ କାନ୍ଧିକୁ କାଟି ପକା । ବୋଉ ମନରୁ ସନ୍ଦେହ ପୂରା ଦୂର ହୋଇ ନଥିଲା । ମୁଁ ତାକୁ କହିଲି, ଦେଖ୍, ନଡ଼ିଆ ଫଳକୁ ଯଦି କାଟି ଦେବା, ତେବେ କିଛି ଲାଭ ହେବନି । ନଡ଼ିଆ ଗଛ ପକାଇଲା ପରେ ସେମାନେ କହବା ଅନୁଯାୟୀ ତୁ ତ କାହିଁ ମଲୁ ନାହିଁ । ବରଂ ଏବେ ଭଲଅଛୁ । ବୋଉ ନଡ଼ିଆଗଛ ପକାଇବାର ୨୫ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିଲା । ସେ ଶେଷକୁ ପଭଡ଼ପାଣି ଖାଇ ଅଧିକ ଦଶ ବର୍ଷ ବଞ୍ଚିଗଲା । ମୁଁ ସେହିକଥା ଦିନେ ବୋଉକୁ କହିଲି । ମୁଁ ଯଦି ନଡ଼ିଆ ଗଛ ପକାଇ ନଥାନ୍ତି ତୋତେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପ୍ରତିଦିନ ଦଶବର୍ଷ ଧରି

Digitized by srujanika@gmail.com

ପଇଡ଼ ଯୋଗାଇ ପାରି ନଥାନ୍ତି, ତୁ ଏମିତି ମଧ ମରିଯାଇଥାନ୍ତୁ । ନଡ଼ିଆଗଛ ପକାଇବା ତୋତେ ଅଧିକ ଦଶବର୍ଷ ବଞ୍ଚାଇଦେଲା । ବୋଉ ଏଥିରେ ଏକମତ ହୋଇ କହିଲା, ତୋ କଥା ଠିକ୍ ବୋଲି ଏବେ ମୁଁ ବୁଝିପାରିଲି । ଆମ ଗ୍ରାମରେ ପ୍ରାୟ ସମସ୍ତେ ମୋ ପରେ ପରେ ନଡ଼ିଆଗଛ ପକାଇଲେ । କିନ୍ତୁ ପ୍ରଥମେ ମୁଁ ସାହାସ କରି ନଡ଼ିଆ ଗଛ ପକାଇଥିବାରୁ ସାଧାରଣ ଲୋକଙ୍କ ଭିତରେ ଥିବା ଅହେତୁକ ଭୟ ସହଜରେ ଦୂର ହୋଇ ପାରିଥିଲା । ଆମ ଗ୍ରାମରେ ପ୍ରାୟ ୧୫୦ ଘରରୁ ଉର୍ଦ୍ଧ୍ୱ ହେବ ଲୋକ ଅଛନ୍ତି । ବର୍ତ୍ତମାନ ପ୍ରତି ଲୋକଙ୍କ ବାରିରେ ଅନ୍ୟୂନ ୩/୪/୫ ଲେଖାଁ ନଡ଼ିଆ ଗଛ ଅଛି । ଆମ ଗ୍ରାମର କେତେକ ଲୋକ ନଡ଼ିଆ ବାଗ୍ନା ମଧ କରିଛନ୍ତି । ଏହିପରି ନଡ଼ିଆ ଗଛ ପକାଇବା ଆମ ଗ୍ରାମର ଅର୍ଥନୀତିକୁ ସୁଦୃଢ କରିପାରିଛି । ଆମ ଗ୍ରାମର ଲୋକଙ୍କ ଆର୍ଥିକ ସ୍ୱଚ୍ଛଳତା ଏବେ ଏପରି ହୋଇଛି ଯେ, ଭୋକ ଉପାସରେ ରହିବା ଲୋକ ନାହାନ୍ତି । ବିଭିନ୍ନ ଫସଲ ମଧ କରୁଛନ୍ତି । ଚାଷୀଙ୍କ ଭିତରେ ମୁଁ ଜଣେ ଅଭିଜ୍ଞ ଚାଷୀ ଥିଲି, ଆଦର୍ଶ ସ୍ଥାନୀୟ ମଧ ଥିଲି । ସ୍ୱାଧୀନତା ପୂର୍ବରୁ ସାର ଇତ୍ୟାଦି ବିଷୟରେ କେହି ଜାଣି ନଥିଲେ । ଜୈବିକ ସାର, ଅର୍ଥାତ୍ ଖତ ଇତ୍ୟାଦି ମଧ ବ୍ୟବହାର କରୁନଥିଲେ । ମୁଁ ଏସବୁ ଆଗେ ଆରମ୍ଭ କଲି । ଏପରିକି ୧୯୫୦ ମସିହାରେ ମାଳିଅଞ୍ଚରୁ ବଡ଼ ଡଙ୍ଗାନେଇ ଜମ୍ଭୁଠାରୁ ଜୈବିକ ଗୋବରଖତ ସାର ଡଙ୍ଗାରେ ବୋଝେଇ କରି ଆଣୁଥିଲି । ସେତେବେଳେ ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ମଣୁଥିଲେ ।

ସଂଗାତ ଉତ୍ସବ ନାୟକ

ମୁଁ ଉତ୍ସବ ନାୟକଙ୍କୁ ମଧ୍ୟ ତାଙ୍କ ପାଇଁ ନଡ଼ିଆ ତାଡ଼ ଆମ ବାରିରେ ତିଆରି କରିଦେଇଥିଲି, ସେ ତାକୁ ନେଇ ତାଙ୍କ ବାରିରେ ପକାଇଲେ । ପିଲାଦିନରୁ ସେ ଓ ମୁଁ ସଙ୍ଗାତ ହୋଇଥିଲୁ । ଆମର ବନ୍ଧୁତ୍ୱ ଅତି ନିବିଡ ଥିଲା । ତାଙ୍କ ଘର ଓ ଆମ ଘର ଅଲଗା ଭଳି ଜଣା ପଡୁନଥିଲା । ସେତେବେଳେ ସେ ବେଶୀ ପାଠ ପଢି ନଥିଲେ କି ଚାକିରୀ କରି ନଥିଲେ । ବାପାମାଆଙ୍କର ଗୋଟିଏ ପୁତ୍ର ରୂପେ ସେ ଘରର ଚାଷବାସ ଦେଖୁଥିଲେ । ଦିନେ ଆମେ ଦୁହେଁ ଚିନ୍ତା କଲୁ, ଲୋକେ ଦିନରେ ଖରାରେ ହଳ କରିବା ଦ୍ୱାରା ନିଜେ ଓ ବଳଦ ହାଲିଆ ହୋଇ ପଡୁଛନ୍ତି । ସେମାନଙ୍କର ଧାରଣା ରାତିରେ ହଳ କରିବା ଠିକ୍ ନୁହେଁ । ଏହା ଭାବି ଆମେ ରାତି ଚାରିଟାରେ ବଳଦଙ୍କୁ ଖୁଆଇ ପିଆଇ ହଳକୁ ନେଇଗଲୁ ଓ ହଳ କଲୁ ମଧ୍ୟ । ସେହି ଏକା ହଳ ଆମ ବିଲରେ ଦିନେ ବୁଲିଲେ ତ ପରଦିନ ତାଙ୍କ ବିଲରେ ବୁଲୁଥିଲେ । ଏହିପରି ସକାଳ ଓଳିରେ ଦୁଇମାଣ ଜମି ହଳକରି ଆମେ ୯ଟା ବେଳେ ଘରକୁ ଫେରୁଥିଲୁ । ଆଗରୁ ସଙ୍ଗାତଙ୍କର ପୁରାମାତ୍ରାରେ କୁସଂସ୍କାର ରହିଥିଲା, ଯାହାକି ମୋ ଦ୍ୱାରା ବେଶ୍ ପରିମାଣରେ ଦୂର ହୋଇପାରିଥିଲା ।

ଏକାଦଶୀରେ ହଳବୁଲା

ସେହିଦିନଠାରୁ ବୋଉ ଏ ସମାଜରେ ସଂସ୍କାରମୂଳକ କାର୍ଯ୍ୟରେ ଆଉ ବାଧାବିଘ୍ନ ଦେଲା ନାହିଁ, ବରଂ ଶେଷକୁ ମୋତେ ସାହାଯ୍ୟ କରିଥିଲା । ଏହିପରି ଭାବରେ ମୁଁ ସଂସ୍କାରମୂଳକ

Digitized by srujanika@gmail.com

କାର୍ଯ୍ୟରେ ମନଯୋଗ ଦେଇ ପ୍ରଚାର କରିବା ସଂଗେ ସଂଗେ ସେସବୁକୁ କାର୍ଯ୍ୟରେ ପରିଣତ କରୁଥିଲି । ଏହି ସମ୍ବନ୍ଧରେ ଆଉ ଗୋଟିଏ ଦୃଷ୍ଟାନ୍ତ ଦେବି । ଆମର ଗାଁ ମାନଙ୍କରେ ପାଞ୍ଜି ଅନୁଯାୟୀ ଏକାଦଶୀ, ଚନ୍ଦ୍ରକ୍ଷୟ ଓ ସଂକ୍ରାନ୍ତିମାନଙ୍କର ହଳନିଷେଧ ଥିବାରୁ ସେଦିନ ଚାଷର ପାଗଯୋଗ ଭଲ ଥିଲେ ମଧ୍ୟ ଚାଷୀମାନେ ହଳ ବନ୍ଦ କରିବାକୁ ବାଧ୍ୟ । ଆମେ ସବୁ ଯାହା ବୁଝିଲୁ, ଏ ହଳବନ୍ଦ କଥା କେବଳ ଓଡ଼ିଶା ବ୍ୟତୀତ ଭାରତବର୍ଷର ଅନ୍ୟ ପ୍ରଦେଶରେ ନାହିଁ କି ଏହି ବନ୍ଦ ସପକ୍ଷରେ କୌଣସି ବୈଜ୍ଞାନିକ ଯୁକ୍ତି ନାହିଁ । ଏ ସମାଜର କେତେକ ରକ୍ଷଣଶୀଳ ଗୋଷ୍ଠୀ ତାଙ୍କର ନିଜ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରଥା ପ୍ରଚଳନ କରିଥିଲେ ଏବଂ ଲୋକେ ଅନ୍ଧଭାବେ ଏହି ପରମ୍ପରା ଅନୁଯାୟୀ ହଳନିଷେଧକୁ ମାନି ଚଳୁଥିଲେ । ଏହାଦ୍ୱାରା କୃଷିର ଉତ୍ପାଦନ କମି ଯାଉଥିଲା । ଏହାକୁ କିପରି ଉଠାଇବାକୁ ହେବ, ସେହିକଥା ଚିନ୍ତାକରି ମୁଁ ନିଜେ କାମରେ ଦେଖାଇବାକୁ ମନସ୍ଥ କଲି । କେବଳ ମୁହଁରେ ଅନ୍ୟ ଲୋକଙ୍କୁ କହିଲେ ସେମାନେ ତାହା ଗ୍ରହଣ କରିବେ ନାହିଁ । ନିଜେ ଆଗ କାମରେ ଦେଖାଇ ପରେ ଲୋକମାନଙ୍କୁ କହିଲେ ଲୋକମାନେ ବୁଝିବେ । ମୁଁ ଜାଣିଥିଲି ଚାଷୀମାନେ ଯଦି ବୁଝିଯିବେ ତେବେ ସେମାନେ ଉତ୍ତମ ପାଗଯୋଗକୁ କେବେ ଚାଷ ପାଇଁ ହାତଛଡ଼ା କରିବେ ନାହିଁ, କାରଣ ସେମାନଙ୍କର ମୂଳ ସ୍ୱାର୍ଥ ହେଉଛି, ଉତ୍ପାଦନ କିପରି ଅଧିକା ହେବ । ଠିକ୍ ପାଗଯୋଗ ସମୟରେ ବିହନ ନ ବୁଣିଲେ ଓ ରୁଆରୋଇ ନକଲେ ନିଶ୍ଚୟ ଉତ୍ପାଦନ କମିଯିବ । ସେହି ଦୃଷ୍ଟିରୁ ଚାଷପାଇଁ ପାଗଯୋଗ ଅନୁଯାୟୀ ଯଦି ଏକାଦଶୀ, ସଂକ୍ରାନ୍ତି ବା ଚନ୍ଦ୍ରକ୍ଷୟରେ ହଳ କରାଯାଏ, ତେବେ ଉତ୍ପାଦନ ବଢ଼ିବା ସଂଗେ ସଂଗେ କିଛି କ୍ଷତି ହେବାର ନାହିଁ । ଏକଥା ଆମେ ବୁଝିସାରିବା ପରେ ଏ କାର୍ଯ୍ୟ କିଏ ପ୍ରଥମେ କରିବ, ସେ କଥା ସ୍ଥିର କରିବାପାଇଁ ଆମ ଯୁବକମାନଙ୍କର ଯେଉଁ ସଂଗଠନ ଥିଲା, ସେଥିରେ ଆଲୋଚନା ହେଲା । କହିବାକୁ ସହଜ, କିନ୍ତୁ କାମରେ କରିବା ବଡ଼ କଷ୍ଟ । କାହିଁକିନା ଶହ ଶହ ବର୍ଷ ଧରି ଯେଉଁ କାର୍ଯ୍ୟ ବଦ୍ଧମୂଳ ଭାବରେ ଗଢ଼ି ଆସିଛି, ତାକୁ ଭାଙ୍ଗିବା କମ୍ କଷ୍ଟ ନୁହେଁ । ତେଣୁ ସମସ୍ତେ ଏ କାର୍ଯ୍ୟ କରିବାକୁ ପଛାଇଲେ ବି ମୁଁ ପ୍ରତିଶ୍ରୁତି ଦେଲି ଯେ, ଏ କାର୍ଯ୍ୟ ପ୍ରଥମେ ମୁଁ କରିବି । ଆସନ୍ତା ଏକାଦଶୀ ଦିନ ହଳ ଆମ ବିଲରେ ମୁଁ ନିଜେ କରିବି । ଆମର ସେତେବେଳକୁ ଦୁଇହଳ ବଳଦ ଥାଏ । ମୁଁ ଏକାଦଶୀ ଦିନ ହଳ ନେଇ ରାଧାନଗରରେ ଥିବା ଆମ ଜମିରେ ହଳ କରିବା ପାଇଁ ଗଲୁ । ଆମ ଗାଁରେ ସେଦିନ ହୁଲସ୍ଥୁଲ୍ ପଡିଗଲା । ଯିଏ ଯେଉଁଠି ବସିଛି, ସେଠି ଏ ବିଷୟରେ ଆଲୋଚନା ଚାଲିଲା । ମୋ ବିରୁଦ୍ଧରେ କ'ଣ କରାଯାଇପାରେ, ମାମଲତକାରମାନେ ମିଶି ପରାମର୍ଶ ଚଳାଇଲେ । ଆମର ସଂଗଠନରେ ଯେଉଁ ଯୁବକମାନେ ଥିଲେ, ସେମାନେ ମାମଲତକାରଙ୍କ ସହିତ ଯୁକ୍ତିତର୍କ କଲେ ଓ କହିଲେ, ତୁମେ ତାଙ୍କର କିଛି କରିପାରିବ ନାହିଁ । ସେ ତାଙ୍କର ନିଜ ଜମିରେ ହଳ କରୁଛନ୍ତି । ତୁମେ କିଛି ଗଣ୍ଡଗୋଳ କଲେ ସେ ତୁମକୁ କେସ୍‌ରେ ପକାଇଦେବେ । ଆଇନ୍‌ରେ କେଉଁଠି ନାହିଁ ଯେ, ଏକାଦଶୀରେ ହଳ କରିବ ନାହିଁ । ଏହିପରି ଭାବରେ ଦୀର୍ଘ ପନ୍ଦରଦିନ ଧରି ଆମ ଗ୍ରାମ ଓ ଆଖପାଖ ଗ୍ରାମରେ ମୁଁ ଜଣେ ବିଧର୍ମୀ ବୋଲି ଚହଳ ପଡ଼ିଗଲା । ଏକାଦଶୀରେ ହଳ କରିବା ଦିନ ଗୋଟି ଗୋଟି ହୋଇ ମାମଲତକାରମାନେ ସେଇ ବିଲ ବାଟେ ଅନ୍ୟ

Digitized by srujanika@gmail.com

ଗ୍ରାମକୁ ଯିବା ବାହାନାରେ ପ୍ରକୃତରେ ମୁଁ ହଳ କରୁଛି କି ନାହିଁ ଦେଖିଦେଇ ଅନ୍ୟ ଗ୍ରାମକୁ ଚାଲିଯାଆନ୍ତି । ତାଙ୍କର ସାହାସ ହେଉ ନଥାଏ ମୋତେ ପଚାରିବାକୁ । ସେ ଜାଣିଛନ୍ତି, ମୁଁ ଜାଣିଶୁଣି ହଳ କରୁଛି । ମୋତେ ସେମାନେ ଯୁକ୍ତିରେ ପାରିବେ ନାହିଁ । ତେଣୁ କିଛି ନକହି ଖାଲି ଅନେଇ ଦେଇ ଚାଲିଯାଆନ୍ତି । ଏହିପରି ଭାବରେ ମାସେ ପର୍ଯ୍ୟନ୍ତ ଆଲୋଚନା ସମାଲୋଚନା ଇତ୍ୟାଦି ଚାଲୁରହି ଏହି ପର୍ବ ଶେଷ ହେଲା । ସେବେଠାରୁ ଏକାଦଶୀ ଇତ୍ୟାଦିରେ ହଳ କରିବା ପ୍ରଥା ଆମ ଗ୍ରାମରେ ଏ ପର୍ଯ୍ୟନ୍ତ ଚାଲୁ ରହିଛି । ଏକାଦଶୀ, ସଂକ୍ରାନ୍ତି ଇତ୍ୟାଦିରେ ଯଦି ଭଲ ପାଗଯୋଗ ଥାଏ, ତେବେ ଚାଷୀ ହଳ କରିବା ଓ ବିହନବୁଣିବା ଇତ୍ୟାଦି କାର୍ଯ୍ୟ କରୁଥିବାରୁ ଉତ୍ପାଦନ ବଢୁଛି ।

ଗୋପବନ୍ଧୁ ସେବା ସଂଘର ପ୍ରତିଷ୍ଠା

ସ୍ୱାଧୀନତା ପୂର୍ବରୁ ପ୍ରତ୍ୟେକ ଅଞ୍ଚଳରେ ଲୋକେ ସ୍ୱାଧୀନ ହୋଇ ଏ ଦେଶକୁ ଚଳାଇବା ପାଇଁ ସଂଗଠିତ ହୋଇ ରହିବା ଦରକାର ବୋଲି ଅନୁଭବ କରାଯାଇଥିଲା । ସେହି ଅନୁଯାୟୀ ଆମ ଅଞ୍ଚଳରେ ଗୋଟିଏ ଆଞ୍ଚଳିକ ସଂଗଠନ ମାଧମରେ ପ୍ରତ୍ୟେକ ଗ୍ରାମରେ ଯୁବକଙ୍କୁ ନେଇ ଗୋଟିଏ ଲେଖା ଗ୍ରାମସଭା କରିବାର ଚିନ୍ତା ଜୁଟିଥିଲା । ସେହି ଚିନ୍ତା ଧାରାରେ ଆମେ ମାର୍ଶାଘାଇରେ ଗୋପବନ୍ଧୁ ସେବା ସଂଘ ନାମକ ଗୋଟିଏ ଅନୁଷ୍ଠାନ ଗଢିଲୁ । ସେହି ସମୟରେ ମୋର ଜଣେ କୁଜଙ୍ଗ ହାଇସ୍କୁଲର ସହପାଠୀ ବନ୍ଧୁ ବାମଦେବ ମହାପାତ୍ର ମାର୍ଶାଘାଇକୁ ସାନିଟାରୀ ଇନିସ୍ପେକ୍ଟର ହୋଇ ଆସିଥାନ୍ତି । ଆଉ ଜଣେ ବ୍ୟକ୍ତି ଯେ କି ପ୍ରାଣକୃଷ୍ଣ ପଡ଼ିହାରିଙ୍କ ପୁତ୍ର, ଦେବୀନାଥ ପଡ଼ିହାରୀ, ସେ କୃଷି ଓଭରସିୟର୍ ହୋଇ ମାର୍ଶାଘାଇକୁ ଆସିଥାନ୍ତି । ବୃନ୍ଦାବନ ଲେଙ୍କା କୁସୁନପୁରରେ ଶିକ୍ଷକତା କରୁଥାନ୍ତି । ଏମାନେ ସମସ୍ତେ ସ୍ୱାଧୀନତା ଆନ୍ଦୋଳନରେ ଲୁଚାଛପା ଭାବେ ଭାଗ ନେଇଥିଲେ । ଏଣେ ସରକାରୀ କାର୍ଯ୍ୟ କରିବା ସଂଗେ ସଂଗେ ସେମାନେ ଜାତୀୟ ମୁକ୍ତି ଆନ୍ଦୋଳନକୁ ମଧ ସାହାଯ୍ୟ କରୁଥାନ୍ତି । ମୁଁ ଏମାନଙ୍କ ସଂଗରେ ରହି ମାର୍ଶାଘାଇରେ ଗୋପବନ୍ଧୁ ସେବା ସଂଘ ଗଢିଲୁ । ସେତେବେଳର କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରାଣକୃଷ୍ଣ ପଢିହାରୀଙ୍କୁ ଆଣି ତାଙ୍କ ଦ୍ୱାରା ଗୋପବନ୍ଧୁ ସେବା ସଂଘ ଉଦ୍‌ଘାଟନ କଲୁ । ସେଥିରେ ପାଖାପାଖି ଗାଁର ଅନେକ ବ୍ୟକ୍ତି ମେମ୍ବର ରହିଲେ । ସେମାନଙ୍କ ମଧରୁ ବୃନ୍ଦାବନ ବାବୁ ପ୍ରେସିଡେଣ୍ଟ ଓ ମୁଁ ସେକ୍ରେଟାରୀ ମନୋନୀତ ହୋଇ ଗାନ୍ଧି ଓ ଗୋପବନ୍ଧୁଙ୍କ ଆଦର୍ଶରେ ଏ ଅଞ୍ଚଳରେ ଅନୁଷ୍ଠାନଟି କାର୍ଯ୍ୟ କରିବ ବୋଲି ସ୍ଥିର କରାଗଲା । ଆମେ ଏ ଅଞ୍ଚଳରେ ପ୍ରତ୍ୟେକ ଗ୍ରାମରେ ଗୋଟିଏ ଲେଖାଁ ଗ୍ରାମ କମିଟି ଗଢ଼ିଲୁ ଓ ପ୍ରତିଗ୍ରାମରେ ସୂତା କାଟିବା, ଖବରକାଗଜ ପଢ଼ିବା, ଗ୍ରାମ ସଫେଇ, ଗଡ଼ିଆମାନଙ୍କରୁ ଦଳସଫା କରିବା, ଗ୍ରାମ ଲୋକଙ୍କ ସାହାଯ୍ୟରେ ରାସ୍ତା ନିର୍ମାଣ ଇତ୍ୟାଦି କାର୍ଯ୍ୟମାନ କରିବା ପାଇଁ ସ୍ଥିର ହେଲା । ସେହି ଅନୁସାରେ ଗ୍ରାମମାନଙ୍କରେ ବୁଲି ପ୍ରୋଗ୍ରାମ୍ ଅନୁଯାୟୀ ସାଧାରଣ ସଭାମାନ ମଧ କଲୁ । ଆମେ ଯେଉଁ ତିନିଚାରିଜଣ ଥିଲୁ, ବାଣ୍ଟିହୋଇ ଏସବୁ କାର୍ଯ୍ୟମାନ କରିଥିଲୁ । ଉଦ୍ଦେଶ୍ୟ ଥିଲା, ଆଗାମୀ ସ୍ୱାଧୀନତା ପାଇଁ ଯେପରି ଆମେ ପ୍ରସ୍ତୁତ ହୋଇ ରହିବା,

Digitized by srujanika@gmail.com

ଯାହା ଫଳରେ ଦରକାର ହେଲେ ଏହି ସଂଗଠନ କରିଆରେ ଗ୍ରାମମାନଙ୍କୁ ପରିଚାଳନା କରିପାରିବା । ଏହିପରି ଭାବରେ ଗାଁ ଗାଁ ବୁଲି ସଭାମାନ କଲୁ । ବହୁ ଗ୍ରାମରେ ସ୍କୁଲମାନ ନଥିଲା, ସେହି ଗ୍ରାମମାନଙ୍କରେ ସ୍କୁଲ କରାଇବା ପାଇଁ ଗ୍ରାମବାସୀମାନଙ୍କୁ ପରାମର୍ଶ ଦେଉଥିଲୁ ଏବଂ ବହୁ ଗ୍ରାମରେ ପ୍ରାଥମିକ ସ୍କୁଲମାନ ପ୍ରତିଷ୍ଠା କରିଥିଲୁ ।

ସୁବାଷ ବୋଷଙ୍କୁ ଶ୍ରଦ୍ଧାଞ୍ଜଳି

୧୯୪୫ ମସିହାରେ ୨ୟ ମହାସମର ସରିଗଲା । ସୁବାଷ ବୋଷ ଭାରତର ସ୍ୱାଧୀନତା ପାଇଁ ଆଜାଦ୍ ହିନ୍ଦ୍ ଫୌଜଙ୍କ ସାହାଯ୍ୟରେ ଇଂରେଜ ସରକାର ସଙ୍ଗରେ ଯୁଦ୍ଧ ଘୋଷଣା କରି ଆସାମର ଆରାକାନ୍ ପର୍ବତ ମାଡ଼ି ଆସିଥିଲେ । ସେତିକିବେଳେ ଆମେରିକା ଜାପାନର ହିରୋସିମା ଓ ନାଗାସାକି ଉପରେ ପରମାଣୁ ବୋମା ପକାଇବା ଦ୍ୱାରା ଜାପାନ ଆତ୍ମସମର୍ପଣ କଲା । ତା'ପରେ ପରେ ସୁବାଷ ବୋଷଙ୍କୁ ଜାପାନ ଯେଉଁ ଖାଦ୍ୟ ଓ ଅସ୍ତ୍ରଶସ୍ତ୍ର ଇତ୍ୟାଦି ସାହାଯ୍ୟ ଦେଉଥିଲା, ତାହା ବନ୍ଦ ହୋଇଗଲା । ଆଜାଦ ହିନ୍ଦ୍ ଫୌଜର ସେନାଗଣ ଯୁଦ୍ଧକରି ଇଂରେଜ ସରକାରଙ୍କ ହାତରେ ବନ୍ଦୀ ହେଲେ । ମିତ୍ରଶକ୍ତି ଏଥିରେ ଜୟଲାଭ କଲେ । ଏହି ସମୟରେ ସୁବାଷ ବୋଷ ଏକ ଉଡ଼ାଜାହାଜରେ ଯାଉଥିଲା ବେଳେ ବାଟରେ ଦୁର୍ଘଟଣାରେ ମୃତ୍ୟୁ ଲାଭ କଲେ । ଆଜାଦହିନ୍ଦ ଫୌଜ ଇଂରେଜ ସରକାର ବିରୁଦ୍ଧରେ ଯୁଦ୍ଧକରି ଆସାମର ଆରାକାନ ପର୍ଯ୍ୟନ୍ତ ମାଡି ଆସିବା ସମୟରେ ମାର୍ଶାଘାଇରେ ଗୋପବଂଧୁ ସେବା ସଙ୍ଘ ତରଫରୁ ମୁଁ ସେକ୍ରେଟାରୀ ଥାଇ ଉପକୂଳବର୍ତ୍ତୀ ଅଞ୍ଚଳ ମାନଙ୍କରେ ସଭାସମିତି କରିଆରେ ଭାରତର ସ୍ୱାଧିନତା ପାଇଁ ଲୋକମାନଙ୍କୁ ବୁଝାଉଥିଲୁ । ଭାରତବର୍ଷର ସ୍ୱାଧିନତା ପାଇଁ ଏକାକୀ ସୁବାଷ ବୋଷ ଆଜାଦହିନ୍ଦ୍ ଫୌଜ ସାହାଯ୍ୟରେ ପ୍ରତ୍ୟକ୍ଷ ଯୁଦ୍ଧକରି ଇଂରେଜ ସରକାରଙ୍କୁ ଯେଉଁ ଶକ୍ତ ଧକ୍କା ଦେଲେ, ଇଂରେଜ୍ ସରକାର ସେଇଠୁ ଜାଣିଲେ ଯେ ସେମାନେ ଯଥାଶୀଘ୍ର ଭାରତକୁ ସ୍ୱାଧିନତା ନ ଦେଲେ ସେମାନେ ଭାରତରୁ ତଡ଼ାଖାଇ ପଳାୟନ କରିବାକୁ ବାଧ୍ୟ ହେବେ । ତେଣୁ ଭାରତର ସ୍ୱାଧୀନତା ବିଷୟରେ ଭାରତୀୟ ନେତାମାନଙ୍କ ସହ ଆଲୋଚନା କରିବା ପାଇଁ ପାଇଁ ଇଂଲଣ୍ଡରୁ କ୍ୟାବିନେଟ୍ ମିଶନ୍ ଭାରତକୁ ଆସିଲେ । ଏହା ସଂଗେ ସଂଗେ ଇଂରେଜ ସରକାର କଂଗ୍ରେସ ଲୋକମାନଙ୍କୁ ଜେଲରୁ ଖଲାସ କରିଦେଲେ । ଏହିପରି ଗାନ୍ଧିଙ୍କ ବାଟରେ ସୁରୁଖୁରରେ ସ୍ୱାଧିନତା ହାସଲ ହେବାର ବାଟ ପରିଷ୍କାର ହୋଇଗଲା । କିନ୍ତୁ ଯେଉଁପରି ଭାବେ ସୁବାଷ ବୋଷ ଭାରତର ସ୍ୱାଧିନତାପାଇଁ ବୀରଦର୍ପରେ ମହାନ୍ ଶକ୍ତିଶାଳୀ ଇଂରେଜ ସାମ୍ରାଜ୍ୟ ବିରୁଦ୍ଧରେ ଲଢିଲେ, ତାହା ଭାରତବର୍ଷର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ଏବଂ ସେ ମହାନ ବ୍ୟକ୍ତିଙ୍କ କାହାଣୀ ଯୁଗଯୁଗ ଧରି ଭାରତବର୍ଷର ଅମରଗାଥା ହୋଇ ରହିବ । ମୁଁ ଏଇଠି ତାଙ୍କୁ କୋଟିଏ ଜୁହାର କରି ତାଙ୍କ ବିଷୟରେ ମୋର ଲେଖନୀ ବନ୍ଦକଲି ।

ଗୋପବନ୍ଧୁ ସେବା ସଙ୍ଘ ମାଧ୍ୟମରେ ସଂସ୍କାରକାର୍ଯ୍ୟ

କେବଳ ଆଇନ୍ କରିଦେଲେ ଯେ, ଏ ସମାଜରୁ ଏ ଘୃଣ୍ୟ ପ୍ରଥା ଲୋପ ହେବ ତାହା ନୁହେଁ । କଂଗ୍ରେସ ଓ ଅନ୍ୟାନ୍ୟ ଅନୁଷ୍ଠାନ କରିଆରେ ଲୋକମାନଙ୍କୁ ଏ ବିଷୟରେ ବୁଝାଇ ସୁଝାଇ ବାଟକୁ ଆଣିବାର ଆବଶ୍ୟକତା ଥିଲା । ଆମେ ଗୋପବନ୍ଧୁ ସେବାସଂଘ କରିଆରେ

Digitized by srujanika@gmail.com

ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟକ୍ରମ ଗ୍ରହଣ କଲୁ । ଏ ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ସେବାସଂଘ ଜରିଆରେ ଗ୍ରାମ୍ୟ କମିଟିମାନ ଗଠନ କଲୁ । ଏହି କମିଟିମାନ ପ୍ରତ୍ୟେକ ଗ୍ରାମରେ ଗ୍ରାମର ଉନ୍ନୟନ କାମ ସଂଗେ ସଂଗେ ଅସ୍ପୃଶ୍ୟତା ନିବାରଣ, ସ୍କୁଲ ପ୍ରତିଷ୍ଠା, ଗ୍ରାମବାସୀଙ୍କ ଜରିଆରେ ଗ୍ରାମର ରାସ୍ତାଘାଟ ନିର୍ମାଣ ଇତ୍ୟାଦି କାମ ହାତକୁ ନେଲେ । ସେହି ଅନୁସାରେ ଆମେ ଗାଁକୁ ଗାଁ ବୁଲି ସଭା ସମିତି କରି ଆଲୋଚନା ମାଧ୍ୟମରେ ଅସ୍ପୃଶ୍ୟତା ନିବାରଣ କଥା ପ୍ରଚାର କଲୁ । ସମସ୍ତେ ମଧ୍ୟ ଆମ କଥାକୁ ଗ୍ରହଣ କଲେ । କିନ୍ତୁ ତାକୁ କାର୍ଯ୍ୟରେ ପରିଣତ କରିବା ବଡ଼ କଷ୍ଟକର ଜଣାପଡ଼ିଲା । ଲୋକେ ଶିକ୍ଷା ବିହୀନ ଅବସ୍ଥାରେ ଶହ ଶହ ବର୍ଷ ଧରି ରହିବା ଫଳରେ ବିଭିନ୍ନ କୁସଂସ୍କାର ବଦ୍ଧମୂଳ ଭାବେ ଏ ସମାଜରେ ଚାଲି ଆସିଛି । ସେସବୁକୁ ଭାଙ୍ଗିବା ଏତେ ସହଜ କଥା ନୁହେଁ । ଅବଶ୍ୟ ଲୋକମାନଙ୍କୁ ବୁଝାଇବାରେ ସେମାନେ ବୁଝିଯାନ୍ତି । କିନ୍ତୁ ହରିଜନଙ୍କୁ ଛୁଇଁବାକୁ ସେମାନେ ଡରନ୍ତି । ସବୁ କଂଗ୍ରେସ ମନ୍ତ୍ରୀମାନେ କହୁଛନ୍ତି ଓ ବକ୍ତୃତା ମଧ୍ୟ ବଡ଼ ବଡ଼ ଦେଉଛନ୍ତି କିନ୍ତୁ କାର୍ଯ୍ୟତଃ କେଉଁଠି ସେମାନଙ୍କ ଆଚରଣରେ ତାହା ଦେଖାଯାଉନାହିଁ । ମୁଁ ଚିନ୍ତା କଲି ଆମ ଭିତରୁ ସାହାସର ସହିତ କେହି ଯଦି ହରିଜନ ଘରେ ଖାଏ, ତେବେ ସମସ୍ତଙ୍କ ମନରୁ ଜଡ଼ତା ଭାଙ୍ଗିବ ଓ ଛୁଆଁଛୁଇଁ ଉଠିଯିବ । ଏହା ନହେଲେ କଥାରେ କେବେ ଏ ସମାଜରୁ ଅସ୍ପୃଶ୍ୟତାର କଳଙ୍କ ଲିଭିବ ନାହିଁ । ସେହି ଅନୁସାରେ ମୁଁ ହରିଜନ ଘରେ ଖାଇବା ପାଇଁ ସ୍ଥିର କଲି । ଆମ ଗ୍ରାମରେ ତ କେତେକ ଯୁବକଙ୍କୁ ନେଇ ସେବାସଂଘ ଜରିଆରେ ଗୋଟିଏ ସଂଗଠନ ଗଢ଼ାଯାଇଥିଲା । ସେଥିରେ ସ୍ୱାବଲମ୍ବୀ ହେବାପାଇଁ ସୂତା କାଟିବା, ଗ୍ରାମ ସଫେଇ, ଅସ୍ପୃଶ୍ୟତା ନିବାରଣ ଇତ୍ୟାଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା ।

ଅସ୍ପୃଶ୍ୟତାର ନିବାରଣ

ଏହି ଭାରତବର୍ଷରେ ନିଜକୁ ବଡ଼ ବୋଲାଉଥିବା ରକ୍ଷଣଶୀଳ ଜାତିର ଲୋକମାନେ ବହୁ କାଳରୁ ଆଉ ଦଳେ ଲୋକଙ୍କୁ ଛୋଟ ଜାତି ହିସାବରେ ଅଲଗା କରି ରଖି ଆସିଛନ୍ତି । ସେମାନେ ତାଙ୍କର ସ୍ୱାର୍ଥପାଇଁ ଏ ଅସ୍ପୃଶ୍ୟ ଜାତି ସୃଷ୍ଟି କରିଥିଲେ । ଉଚ୍ଚଜାତିର ଲୋକେ ବେପାରବଣିଜ ଓ ଚାକିରିବାକିରି ଇତ୍ୟାଦି କରି ଚଳିବେ । ତାଙ୍କ ବିଲରେ ଚାଷବାସ କରିବା ଓ ଗୋରୁ ରଖିବା ଇତ୍ୟାଦି କାମ ଏମାନଙ୍କଠାରୁ କରାଇନେବା ପାଇଁ ସେମାନେ ଦଳେ ଲୋକଙ୍କୁ ଏହିପରି ଭାବରେ ଏ ସମାଜରେ ଅଲଗା କରି ରଖିଥିଲେ । ଏମାନଙ୍କୁ ଛୁଇଁବା, ତାଙ୍କ ହାତରୁ କିମ୍ବା ତାଙ୍କ ଘରେ ଖାଇବା ବା ବିବାହ ସଂପର୍କ କରିବା ଇତ୍ୟାଦିକୁ ସେହି ପ୍ରଥା ଅନୁଯାୟୀ ନିଷିଦ୍ଧ କରାଯାଇଛି । ଏମାନଙ୍କୁ ଛୁଇଁଲେ ଗୋବର ପାଣି ଇତ୍ୟାଦି ପିଇ ଏବଂ ଦେବାଦେବୀଙ୍କ ପାଖରେ ହୋମ ଇତ୍ୟାଦି କରି ପାପ ଛଡ଼ାଇବାକୁ ପଡୁଥିଲା । ଏହିପରି ଭାବରେ ସାରା ଭାରତବର୍ଷରେ ଚାରି ଭାଗରୁ ଭାଗେ ଲୋକ ଅସ୍ପୃଶ୍ୟ ଅବସ୍ଥାରେ ରହିଥିଲେ । ଗାନ୍ଧିଜୀ ଯେତେବେଳେ ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ଦାୟିତ୍ୱ ନେଲେ, ସେତେବେଳେ ଭାରତବର୍ଷର ଏହି ଅସ୍ପୃଶ୍ୟ ଜାତି କିପରି ଭାବରେ ଆମ ସଂଗରେ ମିଶିବେ ଏହି ଚିନ୍ତା କରି ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନ ଆରମ୍ଭ କଲେ । କଂଗ୍ରେସ ଲୋକ ଏଥିରେ ମୁଖ୍ୟ ଭାଗ ନେଲେ ।

ସେତେବେଳକୁ ଇଂରେଜ ଶାସନର ଅବସାନ ହୋଇଆସୁଥାଏ । ଇଂରେଜ ସରକାର ଭାରତବର୍ଷକୁ ସ୍ୱାଧୀନତା ଦେବାପାଇଁ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ମଧ୍ୟରାତ୍ରରେ

Digitized by srujanika@gmail.com

କ୍ଷମତା ହସ୍ତାନ୍ତର କରାଯିବା ବୋଲି ଘୋଷଣା କରାଯାଇଥାଏ । ତା' ପୂର୍ବରୁ ୧୯୪୬ ମସିହାରେ ଭାରତବର୍ଷର ଅସ୍ଥାୟୀ ସରକାର କେନ୍ଦ୍ରରେ ଓ ପ୍ରଦେଶମାନଙ୍କରେ ଗଢ଼ାଯାଇଥାଏ । ଗାନ୍ଧିଜୀଙ୍କ କଥାନୁସାରେ ପ୍ରାଦେଶିକ ସରକାରମାନେ ହରିଜନମାନଙ୍କ ପାଇଁ ବିଧାନସଭାରେ ଆଇନ୍ କରିଦେଇଥାନ୍ତି ଯେ, ସର୍ବସାଧାରଣ ଯାନିଯାତରା, ହୋଟେଲ୍, ଦେବାଦେବୀ ସ୍ଥାନ, ଗ୍ରାମ ଦେବତୀ, ସ୍କୁଲ କଲେଜ ଇତ୍ୟାଦି ସ୍ଥଳମାନଙ୍କରେ କେହି ହରିଜନମାନଙ୍କୁ ବାଧା ଦେଇପାରିବେ ନାହିଁ କିମ୍ବା ଅସ୍ପୃଶ୍ୟ ବୋଲି କହିପାରିବେ ନାହିଁ ତଥା ଏହି ନିୟମ ଯେ ଲଙ୍ଘନ କରବ, ସେ ଦଣ୍ଡନୀୟ ହେବ । ଏହିପରି ଏକ ଅସ୍ପୃଶ୍ୟତା ନିବାରଣ ଆଇନ୍ ସାରା ଭାରତବର୍ଷର ପ୍ରାଦେଶିକ ସରକାରମାନେ କରିଦେଇଥାନ୍ତି ।

ସହକର୍ମୀମାନଙ୍କ ସହ ମନ୍ତ୍ରଣା

ମୁଁ ଯେତେବେଳେ ହରିଜନ ଘରେ ଖାଇବି ବୋଲି ସ୍ଥିର କଲି, ଗ୍ରାମର ଯୁବକ ସଂଗଠନକୁ ଡକାଇଲି । ସେଥିରେ ଆଲୋଚନାବେଳେ ଅବଶ୍ୟ କେତେକ ଯୁବକ ହରିଜନ ଘରେ ଖାଇବେ ବୋଲି ସ୍ୱେଚ୍ଛାକୃତ ଭାବରେ ହଁ ଭରିଲେ । କିନ୍ତୁ ଏହାଫଳରେ ଭବିଷ୍ୟତରେ କିପରି ବିପଦମାନ ସହିବାକୁ ପଡ଼ିବ, ତାହା ପ୍ରାଞ୍ଜଳ ଭାବରେ ଆଲୋଚନା କରିବାରୁ ଯେଉଁମାନେ ହଁ ଭରିଥିଲେ ସେମାନେ ପୁଣି ଓହରିଗଲେ । ତା'ର କାରଣ, ତାଙ୍କ ବାପାମାମାନେ ରକ୍ଷଣଶୀଳ ସମାଜକୁ ଜାବୁଡ଼ି ଧରିଥିବାରୁ ସେମାନଙ୍କୁ ଘରୁ ଆଗ ତଡ଼ା ଖାଇବାକୁ ହେବ । ଜାତିଭାଇମାନେ ତାଙ୍କୁ ବାସନ୍ଦ ରଖିବେ । ଗାଁରେ ସମସ୍ତେ ତାଙ୍କୁ ଏକଘରକିଆ କରିବେ ଏବଂ ଶେଷକୁ ତାଙ୍କର ଅମୋଘ ଅସ୍ତ୍ର ଧୋବା ବାରିକ ବନ୍ଦ କରିବେ । ସେତେବେଳେ ଏ ସମାଜରେ ପ୍ରଚଳିତ ଥିଲା ଯେ, ଯେଉଁମାନଙ୍କୁ ଧୋବା ବାରିକ ନ ଖଟିବେ, ସେମାନେ ଅସ୍ପୃଶ୍ୟ ଜାତି ବୋଲି ଅଲଗା ରହିବେ । ଏସବୁ ବାଧାବିଘ୍ନକୁ ସାହାବଂ ସହିତ ଯିଏ ଏଡ଼ାଇ ଦେଇପାରିବ, ତେବେ ସେ ହରିଜନ ଘରେ ପ୍ରଥମେ ଖାଇବା ଉଚିତ୍ ହେବ । ଏତେ ବିପଦପୂର୍ଣ୍ଣ କାର୍ଯ୍ୟକୁ ମୁକାବିଲା କରିବାକୁ କେହି ସାହାସ କରିପାରିଲେ ନାହିଁ । ସର୍ବଶେଷରେ ମୁଁ ପ୍ରତିଶ୍ରୁତିବଦ୍ଧ ହେଲି । ମୁଁ ଯେଉଁ କାର୍ଯ୍ୟକୁ ସତ୍ୟ ଓ ଠିକ୍ ବୋଲି ଭାବିଥାଏ, ତାକୁ ସଂଗେ ସଂଗେ କରିବାକୁ ବଦ୍ଧପରିକର ହୁଏ । ଆକାଶ ଛିଡ଼ି ପଡୁ କିମ୍ବା ପୃଥିବୀ ଫାଟିପଡୁ, ମୋର ପଛଘୁଞ୍ଚା ଦେବାର ନଥାଏ ।

ହରିଜନ ଘରେ ଭୋଜନ

ମୋର ହରିଜନ ଘରେ ଖାଇବାର ସିଦ୍ଧାନ୍ତ ହେଲା । ଆମର ସଂଘରେ ସ୍ଥିର ହେଲା ଯେ, ମୋର ହରିଜନ ଘରେ ଖାଇବାରେ କିଛି ବାଧାବିଘ୍ନ ଆସିଲେ, ସଂଘର ଯୁବକମାନେ ମୋତେ ସାହାଯ୍ୟ କରିବେ । ସେହି ଅନୁସାରେ ଆମ ଗ୍ରାମର ହୃଦାନନ୍ଦ ମଳିକ ଯେ କି ଗ୍ରାମର ଚୌକିଦାର ଥାଏ, ତାରି ଘରେ ଖାଇବା ପାଇଁ ସ୍ଥିର କରାଗଲା । ଠିକ୍ ନିର୍ଦ୍ଦିଷ୍ଟ ଦିନ ଖାଇବାର ବ୍ୟବସ୍ଥା ହୋଇଥାଏ । ଗ୍ରାମର ମୁଖ୍ୟ ଲୋକମାନେ ଓ ସାଧାରଣ ଲୋକମାନେ ଭୁଟୁର୍‌ଭାଟର୍ ଆରମ୍ଭ କରିଦେଲ । ଗାଁ ହୁଲସ୍ଥୁଲ୍ ହେବାକୁ ଲାଗିଲା । କ'ଣ କରାଯିବ ବୋଲି ଗାଁ

Digitized by srujanika@gmail.com

ମାମଲତକାରମାନଙ୍କର ଗୁପ୍ତ ଆଲୋଚନା ଚାଲିଲା । ମୁଁ ଯଦି ହରିଜନ ଘରେ ଖାଏ ମୋତେ କି କି ବିପଦରେ ସେମାନେ ପକାଇବେ, ସେହି ବିଷୟରେ ସେମାନେ ଆଲୋଚନା କରୁଥାନ୍ତି । ସଂଘର ଯୁବକମାନେ ଆସି ମୋତେ ଖବର କହିଦେଉଥାନ୍ତି । ଆମେ ସେହି ଅନୁଯାୟୀ ପ୍ରସ୍ତୁତ ହେଉଥାଉ । ହରିଜନ ଘରେ ଖାଇବାର ନିର୍ଦ୍ଦିଷ୍ଟ ଦିନ ଆସି ପହଞ୍ଚିଲା । ମୁଁ ସେ ଦିନ ପ୍ରସ୍ତୁତ ହୋଇ ମୋର ଗୋଟିଏ ବୁଆ ଭଣଜା (ପ୍ରତାପ) ଯେ କି ମୋ ପାଖରେ ଥାଏ, ତାକୁ ନେଇ ଖାଇବାକୁ ହରିଜନ ଘରକୁ ଗଲି । ସେତେବେଳେ କେତେକ ଯୁବକ ମୋତେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ମୋ ସାଙ୍ଗରେ ଥିଲେ । ହୃଦାନନ୍ଦ ମଲିକ ସେ ଦିନ ଭଲ ଭାବରେ ଖାଇବା ବ୍ୟବସ୍ଥା ମଧ୍ୟ କରିଥିଲେ । ମୁଁ ଓ ମୋର ଭଣଜା ପ୍ରତାପ ସାଙ୍ଗହୋଇ ଖାଇବା ଆରମ୍ଭ କରିଦେଲୁ । ସେ ଦିନ ଗ୍ରାମର ଅବସ୍ଥା ଏପରି ହୋଇଥାଏ ଯେ, ଯେମିତି କି ମୋ ମୁଣ୍ଡ ଉପରେ ଆକାଶ ଭାଙ୍ଗି ପଡ଼ିବ । ଆମେ ମାମୁଁ ଭଣଜା ଧୀରେ ସୁସ୍ଥେ ଖାଇବା ଶେଷ କଲୁ । ମୋତେ ଯେପରି ଲାଗୁଥାଏ, ମୁଁ ଗୋଟିଏ ନୂଆ ଯୁଗରେ ଆସି ପହଞ୍ଚିଛି । ମୁଁ ଖାଇବା ବେଳେ ଦେଖୁଥାଏ ଯେ, ବହୁତଲୋକ ଆମେ ହରିଜନ ଘରେ ଖାଇବା ଦୃଶ୍ୟକୁ ଲୁଚିଛପି ଦେଖି ଯାଉଥାନ୍ତି, କିନ୍ତୁ କିଛି କହିବାକୁ ସାହାସ କରୁନଥାନ୍ତି । ଯୁକ୍ତିରେ ତ ସେମାନେ ପାରି ନଥାନ୍ତେ । ଦ୍ୱିତୀୟରେ ଆଗରୁ କେତେକ ଅନ୍ୟାୟ କାର୍ଯ୍ୟକରି ସେମାନେ ଗ୍ରାମରେ ମୋ ଦ୍ୱାରା ଅପମାନ ଓ ପରାଭବ ପାଇଛନ୍ତି । ସେ କଥାସବୁ ସେ ଭୁଲି ନଥିବାରୁ କିଛି କହିବାକୁ ସେମାନଙ୍କର ସାହସ ନଥାଏ । ତୃତୀୟତଃ ସରକାର ହରିଜନମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନ୍ କରିଛନ୍ତି । ସେମାନେ ମୋ ଉପରେ କିଛି ଆଞ୍ଚ ଆଣିଲେ କାଳେ ମୁଁ ସେମାନଙ୍କୁ ବିପଦରେ ପକାଇଦେବି, ଏହି ଭୟରେ କେବଳ ମୁହଁରେ ସମାଲୋଚନା ଛଡ଼ା ଅନ୍ୟ କୌଣସି ପଦକ୍ଷେପ ନେବାକୁ ଖୋଲାଖୋଲି ଭାବରେ ସାହସ କରିପାରିଲେ ନାହିଁ । ମୁଁ ହରିଜନ ଘରେ ଖାଇଛି ବୋଲି ଏହି ସମ୍ବାଦ ଚାରିଆଡ଼େ ତା'ପର ଦିନ ରେଡ଼ିଓ ଠାରୁ ଅଧିକ ବେଗରେ ପ୍ରଚାରିତ ହୋଇଗଲା । ମୁଁ ସେତେବେଳକୁ କଂଗ୍ରେସର ଟାଣୁଆ ସଭ୍ୟ ବୋଲି ଜଣାଶୁଣା ହୋଇଯାଇଥିଲି । ବିଧିବଦ୍ଧ ଭାବେ ଖଦଡ଼ ଲୁଗା ପିନ୍ଧୁଥିଲି । ଏପରିକି ପ୍ରଥମେ କେତେବର୍ଷ ଧରି ସୂତାକାଟି ମୁଁ ସ୍ୱାବଲମ୍ବୀ ହୋଇଯାଇଥିଲି । ଏହାଛଡା ଚାରିଆଡ଼େ ଏକ ଜଣାଶୁଣା ବିପ୍ଳବୀ ଓ ସମାଜ-ସଂସ୍କାରକ ଭାବରେ ପ୍ରସିଦ୍ଧି ଲାଭ କରିଥିଲି ।

ଧୋବା-ବାରିକ ବାସନ୍ଦ

ଭିତରେ ଭିତରେ ସେମାନେ ଧୋବା ଓ ବାରିକ ବାସନ୍ଦ କରିବାକୁ ସ୍ଥିର କରି ଯେଉଁ ବାରିକ ଆମକୁ କ୍ଷୌରର ଇତ୍ୟାଦି କରୁଥିଲା ତାକୁ କୌଶଳ କରି କଲିକତା ପଠାଇଦେଲେ । ସେ ଗାଁରେ ରହିଲେ କାଳେ ମୁଁ ତା ନାମରେ କେସ୍ କରିବି, ଏହି ଭୟରେ ତାକୁ ପଇସାପତ୍ର ଦେଇ ଗାଁରୁ କଲିକତାକୁ ବିଦା କରିଦେଲେ । ମୋ ପାଇଁ ଧୋବାକୁ ମଧ ବନ୍ଦ କରିଦେଲେ । ତାକୁ ପଚାରିବାରୁ ସେ କହିଲା, ମୁଁ ଏତେ ଘର କରିପାରିବି ନାହିଁ । ତେଣୁ ମୁଁ ତା' ଉପରେ

Digitized by srujanika@gmail.com

କିଛି ପଦକ୍ଷେପ ନନେଇ ନିଜ ଗୋଡ଼ରେ ଠିଆ ହେବା ପାଇଁ ଅଣ୍ଟା ଭିଡ଼ିଲି । ନିଜେ ମୁଁ ଆମ ପରିବାରର ସମସ୍ତଙ୍କ ଲୁଗାପଟା ସଫା କଲି । ସ୍ତ୍ରୀମାନଙ୍କର ମାସିକ ଋତୁସ୍ରାବ ଲୁଗା ନିଜେ ହାତରେ ସଫାନକରି ଧୋବା ଦ୍ୱାରା କରା ହେଉଥାଏ । ସେ ଲୁଗା ସଫା କଲେ ପାପ ଲାଗିବ ବୋଲି ଧରା ଯାଉଥିଲା । ମୁଁ ଆମଘର ସ୍ତ୍ରୀଙ୍କର ଋତୁସ୍ରାବ ଲୁଗା ସଫା କଲି । ମୁଁ ଆଗରୁ ଜାଣିଥିଲି ଯେ, ବିପ୍ଲବାତ୍ମକ କାର୍ଯ୍ୟ କଲେ ରକ୍ଷଣଶୀଳ ଗୋଷ୍ଠୀଙ୍କର ଟାଣୁଆ ଅସ୍ତ୍ର ହେଉଛି ଧୋବା-ବାରିକ ବନ୍ଦ । ସେଥିପାଇଁ ମୁଁ ପ୍ରସ୍ତୁତ ଥାଇ ନିଜେ ଲୁଗାସଫା କାର୍ଯ୍ୟ ତୁଲାଇଲି । ଆଜି ପର୍ଯ୍ୟନ୍ତ ମଧ୍ୟ ଧୋବା-ବାରିକ ଆମର ସେବା କରୁନାହାନ୍ତି । ଏବେ ସେମାନେ ସେବା କରିବାକୁ ରାଜି ଥିଲେ ମଧ୍ୟ ଆଉ ତାଙ୍କ ସେବାକୁ ଆମେ ନେବାକୁ ଚାହୁଁନାହୁଁ । କାରଣ ନିଜ ହାତରେ ଏସବୁ କାର୍ଯ୍ୟ କରିବା ଆମର ଅଭ୍ୟାସରେ ପରିଣତ ହୋଇଯାଇଛି । ସେତେବେଳକୁ ବୋଉ ମୋ ବାଟରେ ଚାଲିବାକୁ ଆତ୍ମସମର୍ପଣ କରିସାରିଥିଲା । ସ୍ତ୍ରୀ ମଧ୍ୟ ଏଥିରେ ମୋତେ ସହଯୋଗ କରୁଥିଲେ, ଯଦିଓ ବେଳେବେଳେ ସେ ମୃଦୁ ବିରୋଧ କରୁଥିଲେ । କିନ୍ତୁ ବିରୋଧ କରୁଥିଲେ ବି ମୋତେ ବୁଝାଇବା ଭଳି ବିରୋଧ କରିପାରୁନଥିଲେ । ମୁଁ ଏପରି ଜିଦ୍‌ଖୋର ଯେ, ଯାହାକୁ ଠିକ୍ ବୋଲି ମନେ କରୁଥିଲି ତାଙ୍କୁ ସଙ୍ଗେ ସଙ୍ଗେ କାର୍ଯ୍ୟରେ ପରିଣତ କରୁଥିଲି । କୌଣସି ବାଧାବିଘ୍ନକୁ ଖାତିର୍ କରି ମୁଁ ପଛାଉ ନଥିଲି । ମୋର ଯୁବ ସହଯୋଗୀମାନେ ଯଦିଓ ନିଜେ ମୋଭଳି କରୁନଥିଲେ କିନ୍ତୁ ମୋତେ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରୁଥିଲେ । ମୁଁ ସେମାନଙ୍କ ସହିତ ମିଳିମିଶି ଚାଲୁଥିବାରୁ ମାମଲତକାରଙ୍କର ମୋତେ ଧୋବା-ବାରିକ ଇତ୍ୟାଦି ବନ୍ଦ କରିବାର ଦମ୍ଭ ଭାଙ୍ଗିଗଲା । କିଛିଦିନ ପରେ ସେମାନଙ୍କର ବିରୋଧ ପୁରା ମିଳାଇଗଲା । ଏହି ଧୋବା- ବାରିକ ବନ୍ଦ ଯୋଗୁଁ ଆମେ ଆତ୍ମନିର୍ଭରଶୀଳ ହେଲୁ । କାହାକୁ ନର୍ଭର ନକରି ନିଜେ ସଫାଲୁଗା ପିନ୍ଧିପାରିଲୁ । ଆମର ଆତ୍ମବଳ ବଢ଼ିଉଠିଲା ଏବଂ ଏହି ସମାଜର ଆହୁରି ଏହିପରି ଅନେକ ଭଲକାମ କରିବାପାଇଁ ସୁଯୋଗ ମିଳିଗଲା । ଏଇଠି ଗୋଟିଏ କଥା ଉଲ୍ଲେଖ ନକରି ରହିପାରୁ ନାହିଁ । ତାହେଲା ଆମ ସଙ୍ଗଠନରେ ଭଗବାନ ପ୍ରମୁଖ ଯେଉଁ ଯୁବକମାନେ ମୋତେ ହରିଜନଘରେ ଖାଇବାରେ ସାହାଯ୍ୟ କଲେ, ସେମାନେ ଆମ ଗ୍ରାମରେ ଯେତେରକମ ସଂସ୍କାର କାର୍ଯ୍ୟ ଚାଲିଲା, ସବୁଥିରେ ମୋତେ ସାହାଯ୍ୟ କରୁଥିଲେ ।

ଆମେ ଜିତିଲୁ

କେବଳ ମାମଲତକାରମାନେ ଭିତରେ ଭିତରେ ମୋତେ ବନ୍ଦଛନ୍ଦ କରିବାକୁ ମନ୍ତ୍ରଣା କରୁଥିଲେ, ତାହା ବି ସଫଳ ହୋଇପାରିଲା ନାହିଁ । ତାର ମୁଖ୍ୟ କାରଣ, ମୋ ପଛରେ ଯୁବକମାନଙ୍କ ସଙ୍ଗଠନର ଶକ୍ତି । ଏହି ପରିସ୍ଥିତିରେ ରକ୍ଷଣଶୀଳ ମାମଲତକାରମାନେ ଯୋକ ମୁହଁରେ ଲୁଣ ଭଳି ତୁନି ପଡିଗଲେ । ଏଠାରେ ଉଲ୍ଲେଖନୀୟ ଯେ, ମୋତେ ଯେତେବେଳେ ଧୋବା-ବାରିକ ବନ୍ଦ କରିବା କଥା ଉଠିଲା, ଆମଗ୍ରାମର ସୁଧାକର ବାରିକ ଆଗେଇ ଆସିଲେ ମୋତେ ସାହାଯ୍ୟ କରିବା ପାଇଁ । ସେ ଜଣେ ଟାଣୁଆ ଲୋକ ଥିଲେ ଓ

Digitized by srujanika@gmail.com

ଚାଷବାସ କରି ଚଳୁଥିଲେ, କିନ୍ତୁ ବାରିକ କାମ ଜାଣି ନଥିଲେ । ସେ ଦିନେ ମତେ କହିଲେ, ମୁଁ ତୁମର ବାରିକ କାମ କରିବି । ସେହିଦିନ ଠାରୁ ସେ ବାରିକ ସଜ କିଣି ଆଣିଲେ ଓ ଗାଁର କାହା କଥା ନମାନି ସମସ୍ତଙ୍କୁ ଦେଖାଇବା ପାଇଁ ଆମର ବାରିକ ହୋଇ ରହିଲେ । ସେ ଶେଷପର୍ଯ୍ୟନ୍ତ ଆମର ସଂସ୍କାର କାର୍ଯ୍ୟକ୍ରମର ସହଯୋଗୀ ଥିଲେ ଓ ସେ ଆମ ଗୋଷ୍ଠୀର ଜଣେ ଟାଣୁଆ କର୍ମୀ ଥିବାରୁ ତାଙ୍କର କେହି କିଛି କରି ପାରିଲେ ନାହିଁ ।

ପୁଣି ସେତିକି ବେଳେ ଇଂରେଜ ସରକାର ଭାରତ ବର୍ଷରୁ ବିଦାୟ ନେବାପାଇଁ ସଜାବାଜ ହେଉଥିଲେ । ଗାଁ ଗହଳିରେ ଇଂରେଜମାନଙ୍କର ଯେଉଁ ଦଲାଲ୍ ସବୁ ଥିଲେ ସେମାନେ ମଧ୍ୟ ବେଳକୁ ବେଳ ଦୁର୍ବଳ ହୋଇପଡୁଥିଲେ । ତେଣୁ ମୋ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ପ୍ରକାଶ୍ୟ ଭାବରେ କେହି ସାହସ କରିପାରିଲେ ନାହିଁ । ମୁଁ ଭାବିଥିଲି, ହରିଜନ ଘରେ ଖାଇବାର ପନ୍ଦରଦିନ ପରେ ମୋ ପ୍ରତି ଲୋକଙ୍କର ଘୃଣା ମନୋଭାବ ଦୂର ହୋଇଯିବ । କିନ୍ତୁ କାର୍ଯ୍ୟତଃ ଫଳ ଓଲଟା ଫଳିଲା । ମୋର କେତେକ ବନ୍ଧୁବାନ୍ଧବ ମୋତେ ଘୃଣାପୂର୍ଣ୍ଣ ଦୃଷ୍ଟିରେ ଦେଖିବାକୁ ଲାଗିଲେ । ତାଙ୍କ ବିବାହ ଭୋଜିକୁ ଡାକିଲେ ନାହିଁ । ମୁଁ ମଧ ଏକଥା ଜାଣି ତାଙ୍କ ଘରକୁ ଗଲି ନାହିଁ । ସେହଭଳି କେତେକ ବନ୍ଧୁଙ୍କର ବହୁଦିନ ଧରି ମୋ ପ୍ରତି ଘୃଣାଭାବ ରହିଥିଲା । ଯେତେବେଳେ ଅସ୍ପୃଶ୍ୟତା ନିବାରଣ ଚାରିଆଡ଼େ ପ୍ରବଳ ଭାବରେ ପ୍ରଚାରିତ ହେଲା, ସେମାନେ ବାଧହୋଇ ମୋ ସଂଗେ ଭଲ ବ୍ୟବହାର କଲେ । ଏବେ ବୁଝିଲେ ଯେ, ମଣିଷକୁ ମଣିଷ ନ ଛୁଇଁବା ଅନ୍ୟାୟ । ଏବେ ତ ସମାଜରେ ଅସ୍ପୃଶ୍ୟତା ଆଉ ସେଭଳି ନାହିଁ । ଆଗାମୀ ସୁଦୂର ଭବିଷ୍ୟତରେ ଲୋକମାନେ ଯେତେବେଳେ ଜାଣିବେ ଯେ, ମଣିଷକୁ ମଣିଷ ଛୁଇଁବା ଅନ୍ୟାୟ ବା ପାପ ବୋଲି ଦିନେ ଏହି ଦେଶରେ ମନେ କରାଯାଉଥିଲା, ସେମାନେ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ହୋଇଯିବେ, ଏହାଠାରୁ ବଳି ଅନ୍ୟାୟ ଆଉ କ'ଣ ଥାଇପାରେ ?

ଶେଷକୁ ଗ୍ରାମର ଭଦ୍ରଲୋକମାନେ ଆଉ କୌଣସି ଉପାୟ ନପାଇ କହି ଚାଲିଲେ ଯେ, ଯାହାର ବାପା ଜାତିଭାଇଙ୍କ ଭିତରୁ ଜଣେ ବ୍ୟକ୍ତି ଗୋଖାଙ୍କ ଶାଳୁଆ ବା ଚେର ଭିତରୁ ମାଛଧରି ଆଣିଥିବାରୁ ତାକୁ ୧୫ ଟଙ୍କା ଜୋରିମାନା କରିଥିଲେ ଓ ପ୍ରାୟଶ୍ଚିତ ମଧ କରାଇଥିଲେ, ତା ପୁଅ ଆଜି ହରିଜନ ଘରେ ଖାଇବା ଦେଖିବାକୁ ମିଳିଲା । ଏଇପରି କଥାମାନ କହି ନିଜେ ନିଜେ ସନ୍ତୋଷ ଲାଭ କରି ସେମାନେ ଚୁପ୍‌ଚାପ୍ ରହିଗଲେ ।

ମନ୍ଦିରରେ ହରିଜନ ପ୍ରବେଶ

ହରିଜନ ଘରେ ମୁଁ ଖାଇବା ପରେ ଆମର ଲକ୍ଷ୍ୟ ରହିଲା, ହରିଜନମାନଙ୍କୁ ମନ୍ଦିରରେ ପ୍ରବେଶ କରାଇବା । ସର୍ବସାଧାରଣ ଦେବାଦେବୀ ଅନୁଷ୍ଠାନମାନଙ୍କରେ ହରିଜନମାନଙ୍କୁ ପ୍ରବେଶ କରାଇବାର କାର୍ଯ୍ୟକ୍ରମ ସାରା ଭାରତ ବର୍ଷରେ କଂଗ୍ରେସ ଅନୁଷ୍ଠାନ ତରଫରୁ ନିଆଯାଇଥିଲା । ୧୯୪୬ ମସିହାରେ ତିର୍ତ୍ତୋଲର ଶାରଳାଙ୍କ ମନ୍ଦିରରେ ହରିଜନ ପ୍ରବେଶ ପାଇଁ ସେବାସଂଘ ତରଫରୁ ମୁଁ ଦଳେ ହରିଜନଙ୍କୁ ନେଇ ସେଠାରେ ପ୍ରୋସେଶନ୍ କରାଇ ମନ୍ଦିରରେ ପ୍ରବେଶ କରାଇଲୁ । ସେଦିନ ଘଟଣାସ୍ଥଳରେ ଓଡ଼ିଶାର ଲାଟ୍ କୈଳାସନାଥ

Digitized by srujanika@gmail.com

କାଟ୍‌କୁ ଓ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଓ ଅନ୍ୟାନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ । ଯେତେବେଳେ ହରିଜନମାନେ ବିଧିବଦ୍ଧଭାବେ ମନ୍ଦିରରେ ପ୍ରବେଶ କଲେ, ଠିକ୍ ସେତିକିବେଳେ ତାଙ୍କର ସେବାୟତ ଡାହୁକମାନେ ମନ୍ଦିର ଛାଡ଼ି ପଳାଇଆସି ପ୍ରଚାର କଲେ ଯେ, ସମସ୍ତଙ୍କ ଉପରେ ଦେଉଳ ଭାଙ୍ଗି ପଡ଼ିବ । ଶାରଳା ମା' ହରିଜନ ପ୍ରବେଶ କଥା ବରଦାସ୍ତ କରିପାରିବେ ନାହିଁ ଓ କୌଣସି ନା କୌଣସି ବିପଦ ଘଟାଇଦେବେ । ଏହିଭଳି ସାଧାରଣ ଯାତ୍ରୀଙ୍କ ଭିତରେ ସେମାନେ ନାନାଦି ଅପପ୍ରଚାର କରାଇଲେ । କିନ୍ତୁ ହରିଜନମାନେ ମନ୍ଦିରରେ ପ୍ରବେଶ କରି ଶାରଳାଙ୍କୁ ଦର୍ଶନ କଲେ । କାହିଁ ଦେଉଳ ଭାଙ୍ଗି ପଡ଼ିଲା ନାହିଁ କି କୌଣସି ବିପଦ ଘଟିଲା ନାହିଁ ! ଏହିପରି ସୁରୁଖୁରୁରେ ହରିଜନଙ୍କ ମନ୍ଦିର-ପ୍ରବେଶ କାର୍ଯ୍ୟକ୍ରମ ସେଠାରେ ସମାପନ ହେଲା ପରେ ଆମେ ଫେରିଥିଲୁ ।

ପୁଣି ସେହିବର୍ଷ ଶ୍ରୀ ବଳଦେବଜୀଉ ମନ୍ଦିରରେ ଦୀନବନ୍ଧୁ ସାହୁଙ୍କ ଉଦ୍ୟମରେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରାଇବାର ପ୍ରୋଗ୍ରାମ୍ ନିଆଯାଇଥାଏ । ଆମେ ଚିନ୍ତା କଲୁ, ଗାଁ ଗହଳରେ କିପରି ଗାଁ ଠାକୁରାଣୀଙ୍କ ମନ୍ଦିରରେ ହରିଜନ ପ୍ରବେଶ କରିବେ । ସେବାସଂଘ ତରଫରୁ ଠିକ୍ ହେଲା ଯେ, ଆମ ଦଶିପୁର ଗ୍ରାମରେ ଅଗ୍ନିଉତ୍ସବ ଦିନ ହରିଜନମାନେ ମନ୍ଦିର ପ୍ରବେଶ କରିବା ସଂଗେସଂଗେ ଅଗ୍ନି ଉତ୍ସବରେ ଯୋଗ ଦେବେ । ଏହିକଥା ସ୍ଥିର ହେବାରୁ ମୁଁ ଆସି ଗ୍ରାମରେ ଯେଉଁ ଯୁବସଂଗଠନ ଥିଲା ତା'ର ସମସ୍ତ ମେମ୍ବରମାନଙ୍କୁ ଏ ବିଷୟରେ ସୂଚାଇଲି । ସର୍ବସମ୍ମତିକ୍ରମେ ମୋର ପ୍ରସ୍ତାବ ଗୃହୀତ ହେଲା ।

ଅଗ୍ନିଉତ୍ସବରେ ହରିଜନଙ୍କ ଯୋଗଦାନ ପାଇଁ ମେଳି

ଆଗରୁ ଆମ ସମାଜରେ ମଳିକ ବା ଅସ୍ପୃଶ୍ୟ ଜାତିମାନଙ୍କୁ ଠାକୁର ଘରକୁ ଯିବା ତ ଦୂରର କଥା, ଠାକୁରଙ୍କ ପିଣ୍ଡା ମଧ ମଡ଼ାଇ ଦିଆଯାଉ ନଥିଲା । ଯଦି ଭୁଲ୍‌ରେ କେବେ ଜଣେ ହରିଜନର ଗୋଡ଼ ପଡ଼ିଗଲା, ତେବେ ସେ ପିଣ୍ଡାକୁ ଗୋବରପାଣି ଦ୍ୱାରା ସଫା କରାଯାଉଥିଲା । ଅଗ୍ନି ଉତ୍ସବ ଦିନ ଗ୍ରାମର ସବର୍ଣ୍ଣମାନେ ପ୍ରତ୍ୟେକ ଘରୁ ପାଳ ଆଣି ପାଳଗଦା ତିଆରି କରୁଥିଲେ । ଗ୍ରାମ ଦେବତାଙ୍କ ପାଖରେ ହରିଜନମାନଙ୍କଠାରୁ ପାଳ ନିଆ ଯାଉନଥିଲା କି ପାଳଗଦା ଛୁଇଁବାକୁ ସେମାନଙ୍କୁ ସୁଯୋଗ ଦିଆଯାଉନଥିଲା । ସେମାନେ ପାଳଗଦା ନ ଛୁଇଁ ସବର୍ଣ୍ଣଙ୍କ ଠାରୁ ହାତ ତଳ କରି ଭୋଗ ଓ ବାଇଗଣ ପୋଡ଼ା ଇତ୍ୟାଦି ନେଉଥିଲେ । ପାଳଗଦାରେ ନିଆଁ ଲଗାଇବା ପୂର୍ବରୁ ବ୍ରାହ୍ମଣ ପୂଜାପାଠ ଇତ୍ୟାଦି କରି ତା'ର ଚାରିପାଖ ବୁଲି ଆସୁଥିଲା ଓ ନିଆଁ ବରିଆଟିଏ ଧରି କେତେଥର ପାଳଗଦା ଚାରିପଟେ ବୁଲି ଆସୁଥିଲା । ତା'ପରେ ନିଆଁ ଲଗାଇଦେଲେ କେବଳ ସବର୍ଣ୍ଣମାନେ ସେଥିରେ ବାଇଗଣ ଇତ୍ୟାଦି ପରିବା ଫୋପାଡ଼ନ୍ତି ଓ ପୋଡ଼ାଜିନିଷକୁ ଅଗ୍ନି ଦେବତାଙ୍କର ବରଦାନ ବୋଲି ମନେ କରି ତାକୁ ନେଇ ଘରକୁ ଯାଆନ୍ତି । ଏସବୁ କାର୍ଯ୍ୟକ୍ରମରୁ ହରିଜନମାନେ ବଞ୍ଚିତ ଥିଲେ ଓ କେବଳ ସବର୍ଣ୍ଣଙ୍କ ଭିତରେ ଏହା ସୀମିତ ଥିଲା । ହରିଜନମାନେ ଠାକୁର କିମ୍ବା ପାଳଗଦାକୁ ଅଗ୍ନିଦେବତା ରୂପେ ଛୁଇଁ ପାରୁନଥିଲେ କିମ୍ବା ସେଥିରୁ ସାର ଆଣିପାରୁ ନଥିଲେ । ସବୁ କାର୍ଯ୍ୟ ସବର୍ଣ୍ଣମାନେ ହିଁ କରୁଥିଲେ । ଆମେ

Digitized by srujanika@gmail.com

ବୈଠକରେ ସ୍ଥିର କଲୁ ଯେ, ଆମ୍ଭେମାନେ ୭୦ ଜଣ ପର୍ଯ୍ୟନ୍ତ ଯୁବକ ଗ୍ରାମ ମୁଣ୍ଡରୁ ପ୍ରସେସନ୍‌ରେ ଠାକୁରାଣୀଙ୍କ ପାଖକୁ ସ୍ଲୋଗାନ ଦେଇ ଦେଇ ଯିବା ଏବଂ ଶୃଙ୍ଖଳାର ସହିତ ଆମକୁ ଯିବାକୁ ହେବ । ପ୍ରଥମେ ମୁଁ ଆଗରେ ରହି ସ୍ଲୋଗାନ୍ ଦେବି । ପୁଣି ସ୍ଥିର ହେଲା, ହରିଜନମାନଙ୍କ ମନ୍ଦିର ପ୍ରବେଶ ପ୍ରସ୍ତାବ ଜାଣି ସବର୍ଣ୍ଣମାନେ ଗଣ୍ଡଗୋଳ କରିବାର ଆଶଙ୍କା ପୁରାପୁରି ରହିଥିବାରୁ, ଆମକୁ ସାବଧାନ ସହକାରେ ସମସ୍ତ କାର୍ଯ୍ୟ ତୁଲାଇବାକୁ ପଡ଼ିବ । ମୁଁ ଏହାର ନେତୃତ୍ୱ ନେଇ ଯେତେବେଳେ ଯାହା କହିବି, ସେହି ଅନୁସାରେ ଅନ୍ୟମାନେ କାର୍ଯ୍ୟ କରିବେ । ସେହି ଅନୁସାରେ ଆମ ସଂଗଠନ ତରଫରୁ ପ୍ରାୟ ୭୦ଜଣ ଯୁବକ ଠିକ୍ ସନ୍ଧ୍ୟା ୬ଟାରେ ହରିଜନମାନଙ୍କୁ ପ୍ରସେସନ୍‌ରେ ନେଇ ସ୍ଲୋଗାନ୍ ଦେଇ ଗାଁଦାଣ୍ଡରେ ଆଗେଇ ଚାଲିଲୁ । ଠିକ୍ ଠାକୁରାଣୀଙ୍କ ପାଖରେ ପହଞ୍ଚିବାକୁ ପ୍ରାୟ ୨୦ ହାତ ବାକୀ ଅଛି, ଗ୍ରାମର ଶହଶହ ଲୋକ ଆମ ଉପରକୁ ଧାଇଁ ଆସିଲେ ଓ ହେଇ ମାର, ନିଆଁକୁ ଫୋପାଡ଼ି ଦିଅ ଇତ୍ୟାଦି ଚିତ୍କାର କଲେ । ସେମାନେ ଯେଉଁ ଅଣ୍ଟୁଖା ବାଡ଼ି ଖଣ୍ଡେ ଖଣ୍ଡେ ନେଇଥାନ୍ତି ବାଇଗଣ ପୋଡ଼ିବା ପାଇଁ, ସେହି ବାଡ଼ିକୁ ତଳେ ବାଡ଼େଇ ବାଡ଼େଇ କମ୍ପମାନ କରୁଥାନ୍ତି, କିନ୍ତୁ ମାରି ପାରୁନଥାନ୍ତି । ସେମାନଙ୍କ ମନରେ ବୋଧହୁଏ ଭୟଥାଏ । ଆମେ ଯେଉଁ ୭୦ ଜଣ ଯୁବକ ହରିଜନମାନଙ୍କୁ ସାଙ୍ଗରେ ନେଇ ମୋରି ନେତୃତ୍ୱରେ ଯାଇଥିଲୁ, ଠିକ୍ ଗଣ୍ଡଗୋଳ ଆରମ୍ଭରେ ମୁଁ ସେମାନଙ୍କୁ ନୀରବ ରହିବାକୁ ଆଦେଶ ଦେଲି । ସେମାନଙ୍କର ପାଟିତୁଣ୍ଡ ଓ ରଡ଼ି ବନ୍ଦ ନହେବା ପର୍ଯ୍ୟନ୍ତ ତୁମେମାନେ ସମସ୍ତେ ସେହି ଯାଗାରେ ଠିଆ ହୋଇ ରୁହ । ସେମାନେ କ'ଣ କରୁଛନ୍ତି ଦେଖିବା । ସେହି ଅନୁସାରେ ଆମର ଯୁବକମାନେ ଆଦେଶ ପାଳନ କରି ନୀରବ ରହିଲେ । ମୁଁ ଜାଣିଥାଏ, ଆମଆଡ଼ୁ କିଛି ଗଣ୍ଡଗୋଳ ହେଲେ, ସେମାନେ ସୁବିଧା ପାଇବେ ମାର୍‌ପିଟ୍ କରିବା ପାଇଁ । ଆଉ ମଧ ସେମାନଙ୍କ ସଂଖ୍ୟା ଆମଠାରୁ ଖୁବ୍ ଅଧିକ । ଆମ ପଟରେ ଶୃଙ୍ଖଳା ସହ ଆମେ ନୀରବ ରହିବା ଦ୍ୱାରା ମାର୍‌ପିଟ୍ ହୋଇପାରିଲା ନାହିଁ । ସେମାନେ କେବଳ ପାଟିତୁଣ୍ଡ ଖୁବ୍ ଜୋର୍‌ରେ କରୁଥାନ୍ତି । ଅଗ୍ନିଉତ୍ସବରୁ ସାର ନେବାପାଇଁ ଆଣିଥିବା ଆଖୁ ଗଛ ଭଳି ଅଣ୍ଟୁଖା ଟାଣୁଆ ବାଡ଼ି ସେମାନେ ଆଣିଥାନ୍ତି । ସେହିସବୁ ବାଡ଼ିକୁ ଧରି ବାଡ଼େଇବା ପାଇଁ କେବଳ ଉଦ୍ୟତ ହେଉଥାନ୍ତି । ମୁଁ ଆଗରେ ଥାଏ । କେହି ସାହସ କରି ବାଡ଼େଇ ପାରିଲେ ନାହିଁ । ସେମାନେ ଯାହା କେବଳ ପାଟିତୁଣ୍ଡ କରି ଗୋଳମାଳ କଲେ । ଅଗ୍ନି ଉତ୍ସବ ହୋଇପାରିଲା ନାହିଁ । ଗ୍ରାମର ମୁଖିଆମାନେ ସାଧାରଣ ଲୋକଙ୍କୁ ମତାଇବାରେ ଲାଗିଥାନ୍ତି ଗଣ୍ଡଗୋଳ କରାଇବା ପାଇଁ । କିନ୍ତୁ ଗଣ୍ଡଗୋଳ ହୋଇ ନପାରିବାରୁ ବାଧହୋଇ ସୋମନେ ଶାନ୍ତ ପଡ଼ିଲେ । ସେତେବେଳେ ଆମ୍ଭେମାନେ ଯାଇ ତାଙ୍କୁ ପଚାରିଲୁ, ତୁମ୍ଭେମାନେ କାହିଁକି ଆମ୍ଭମାନଙ୍କୁ ମାରିବାକୁ ଆସୁଥିଲ ? ବହୁତ ଯୁକ୍ତିତର୍କ ପରେ ମାମଲତକାରମାନେ ତାଙ୍କ ଘରକୁ ପଳାଇଗଲେ । ଆମ୍ଭେମାନେ ମଧ ଘରକୁ ଫେରିଲୁ । ସେମାନଙ୍କର ଅଗ୍ନି ଉତ୍ସବ ପାଳନ ହୋଇପାରିଲା ନାହିଁ । ଆମେ ମଧ ହରିଜନଙ୍କୁ ସାଙ୍ଗରେ ନେଇ ମନ୍ଦିର ପ୍ରବେଶ ଓ ଅଗ୍ନି ଉତ୍ସବ ପାଳନ କରିପାରିଲୁ ନାହିଁ ।

ତା'ପରଦିନ ମାର୍ଶାଘାଇ ଅଞ୍ଚଳରେ ହୁଲସ୍ଥୁଲ୍ ପଡ଼ିଗଲା । ଦଶିପୁର ଗ୍ରାମରେ ଅଗ୍ନିଉତ୍ସବକୁ କେନ୍ଦ୍ରକରି ଓ ହରିଜନମାନଙ୍କୁ ନେଇ ମୋ ନାମରେ ଆଲୋଚନା ଓ ସମାଲୋଚନା

Digitized by srujanika@gmail.com

ଚାଲିଲା । ଗୋପବନ୍ଧୁ ସେବାସଂଘରେ ବୃନ୍ଦାବନ ବାବୁ ପ୍ରେସିଡେଣ୍ଟ ଓ ମୁଁ ସେକ୍ରେଟାରୀ ଥିଲୁ । ବାମଦେବ ମହାପାତ୍ର ଯାହାଙ୍କ ଉଦ୍ୟମରେ ଗୋପବନ୍ଧୁ ସେବାସଂଘ ଗଢ଼ା ହୋଇଥିଲା, ସେ ଆମର ପରାମର୍ଶଦାତା ଥିଲେ ।

ଅସ୍ପୃଶ୍ୟତାବାଦୀଙ୍କ ବିରୁଦ୍ଧରେ କେଶ୍

ଏସବୁ କଥା ଶୁଣି ତା'ପରଦିନ ବୃନ୍ଦାବନ ବାବୁ ଓ ବାମଦେବ ମହାପାତ୍ର ଆମ ଗ୍ରାମକୁ ଆସି ମୋଠାରୁ ସମସ୍ତ କଥା ଶୁଣି ଗ୍ରାମ ଲୋକଙ୍କୁ ଡକାଇଲେ । କେତେକ ସାଧାରଣ ଲୋକଙ୍କ ବ୍ୟତୀତ ଗ୍ରାମର ମୁଖ୍ୟ ଲୋକମାନେ କେହି ଆସିଲେ ନାହିଁ । ତେଣୁ ସେ ଦୁଇଜଣ ବିରକ୍ତ ହୋଇ ମାର୍ଣ୍ଣାଘାଇ ଫେରିଗଲେ । ସେତିକିବେଳେ କଂଗ୍ରେସ ସରକାର ହରିଜନମାନଙ୍କର ମନ୍ଦିର ପ୍ରବେଶ ଆଇନ୍ କରିଥାନ୍ତି । ମୁଁ ତା ପରଦିନ ଗୋପବନ୍ଧୁ ସେବାସଂଘରେ ଏକଥା ପକାଇଲି । ସେଥିରେ ସ୍ଥିର ହେଲା, କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ପାଖକୁ ହରିଜନମାନେ ଦରଖାସ୍ତ କରିବେ ଯେ, ସର୍ବସାଧାରଣ ଦେବାଦେବୀଙ୍କ ପାଖରେ ଅଗ୍ନି ଉତ୍ସବ ପାଳନ ପାଇଁ ଆମ୍ଭମାନଙ୍କୁ ବାଧା ଦିଆଯାଉଥିଲା । ଏହି ମର୍ମରେ ଆମ ଗ୍ରାମର ବଟ ମଳିକ ଇତ୍ୟାଦି ହରିଜନମାନେ ଗୋଟିଏ ଦରଖାସ୍ତ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ପାଖକୁ ପଠାଇଲେ । ସେଥିରେ ମୁଦାଲା ହିସାବରେ ଗ୍ରାମର ଚାରିଜଣ ମୁଖିଆଙ୍କ ବିରୁଦ୍ଧରେ ଦରଖାସ୍ତ କରାଗଲା । ମୁଁ ମୁଖ୍ୟ ଅଂଶ ନେଇ ହରିଜନଙ୍କ ସପକ୍ଷରେ ଲଢ଼ିଲି । ସେତେବେଳେ ପ୍ରାଣକୃଷ୍ଣ ପଢ଼ିହାରୀ କଟକ ଜିଲ୍ଲା କଂଗ୍ରେସ ସଭାପତି ଥିଲେ । ଆମେ ତ ଆଗରୁ କଂଗ୍ରେସ ଲୋକ ଥିଲୁ । ସେ ଦରଖାସ୍ତ ପାଇବା ସଂଗେ ସଂଗେ ଏହା ଉପରେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସଂପୃକ୍ତ ଅଧିକାରୀଙ୍କୁ ଆଦେଶ ଦେଲେ । ସେତେବେଳେ ତ ସରକାରୀ କର୍ମଚାରୀମାନେ କଂଗ୍ରେସ ସରକାରଙ୍କ କଥାକୁ ପାଳନ କରିବା ପାଇଁ ତତ୍ପର ଥାଆନ୍ତି । କେନ୍ଦ୍ରାପଡ଼ା ଏସ୍.ଡି.ଓ. ସଂଗେ ସଂଗେ ଆମ ପାଟକୁରା ଥାନା ଇନ୍‌ଚାର୍ଜ ଅଫିସରଙ୍କୁ ନିର୍ଦ୍ଦେଶ ଦେଲେ ଯେ, ଶୀଘ୍ର ସାତଦିନ ଭିତରେ ଏହାର ଇନ୍‌କ୍ୱାରୀ ରିପୋର୍ଟ ଦିଅ । ପାଟକୁରା ପୁଲିସ୍ ତା'ପରେ ଆସି ମୁଦାଲାମାନଙ୍କୁ ଥାନାକୁ ଯିବାକୁ କୁହନ୍ତେ ସେମାନେ କେହି ଯିବା ପାଇଁ ରାଜି ହେଲେ ନାହିଁ । ସେମାନଙ୍କ ମଧ୍ୟରେ ଥିବା କେତେକ ଡରୁଆ ଲୋକ ଲୁଚିଲେ । ଆଉ କେତେକ ହେୟଜ୍ଞାନ କରି ତୁନି ରହିଲେ । ପୁଲିସି ଗ୍ରାମରୁ ଫେରିଯାଇ ଇନ୍‌ଚାର୍ଜ ଅଫିସର୍‌ଙ୍କୁ ଜଣାଇଲେ ଯେ, ମୁଦାଲା ଆସିଲେ ନାହିଁ । ପୁଲିସ୍‌ମାନେ ଆମ ଗ୍ରାମରୁ ସବୁ କଥା ବୁଝିଯାଇଥାନ୍ତି । ସେହି ଅନୁସାରେ ଇନ୍‌ଚାର୍ଜ ଅଫିସର୍ କୋର୍ଟକୁ ଆମ ସପକ୍ଷ ହୋଇ ଜଣାଇଲେ ଯେ, ଆସାମୀମାନେ ପ୍ରକୃତରେ ଅଗ୍ନି ଉତ୍ସବ ଦିନ ସର୍ବସାଧାରଣ ଠାକୁରାଣୀଙ୍କ ପାଖରେ ହରିଜନମାନଙ୍କୁ ବାଧା ପ୍ରଦାନ ଓ ମାରଧର କରିବାକୁ ଧମକଚମକ ଦେଇଥିଲେ । ଏହିପରି ପୁଲିସି ରିପୋର୍ଟ ମାଜିଷ୍ଟ୍ରେଟ୍‌ଙ୍କୁ ମିଳିବାରୁ ମାଜିଷ୍ଟ୍ରେଟ୍ ସଂଗେସଂଗେ ଆସାମୀମାନଙ୍କୁ ଓ୍ୱାରେଣ୍ଟ ତଲବ କଲେ । ଆସାମୀମାନେ ବାଧ୍ୟହୋଇ କୋର୍ଟରୁ ଜାମିନ୍‌ରେ ଆସିଲେ । କେସ୍ ଦୀର୍ଘଦିନ ଧରି ଚାଲିଲା । ମାମଲତ୍‌କାରମାନେ ସେତେବେଳକୁ ଭାଙ୍ଗି ପଡ଼ିଲେଣି । ଗ୍ରାମବାସୀମାନେ କେହି ତାଙ୍କୁ ସାହାଯ୍ୟ କଲେ ନାହିଁ । ସେମାନେ ବାରମ୍ବାର କୋର୍ଟକୁ ଦୌଡ଼ି ଦୌଡ଼ି ହତାଶ

Digitized by srujanika@gmail.com

ହୋଇପଡ଼ିଲେ । ଶେଷକୁ ମାଜିଷ୍ଟ୍ରେଟ୍ କହିଲେ, ଶୀଘ୍ର ଏହାର ମିଳାମିଶା କର, ନଚେତ୍ ଜେଲ୍‌ଖାନା ଖଟିବ । ଏକଥା ଶୁଣି ସେମାନଙ୍କୁ ଛାନିଆ ପଶିଲା । ମକଦ୍ଦମା ତୁଟାଇଦେବାକୁ ସେମାନେ ଆମ୍ଭମାନଙ୍କୁ କହିଲେ । ଆମ୍ଭେମାନେ ତାଙ୍କୁ କହିଲୁ, ସର୍ବସାଧାରଣ ଅନୁଷ୍ଠାନ, ଦେବାଦେବୀ, ମନ୍ଦିର ଇତ୍ୟାଦି ସ୍ଥାନମାନଙ୍କରେ କେବେ ସେମାନେ ହରିଜନଙ୍କୁ ବାଧାବିଘ୍ନ ଦେବେ ନାହିଁ , ଏହି ସର୍ତ୍ତରେ ସେମାନେ ଲେଖିକରି ଦେଲେ ମକଦ୍ଦମା ଫଇସଲା ହୋଇଯିବ । ସେମାନେ ସେହିପରି ଲେଖିଦେବାକୁ ବାଧ ହେଲେ । ମକଦ୍ଦମା ଫଇସଲା ହୋଇଗଲା । ମୋର ପ୍ରତିଷ୍ଠା ସେହିଦିନଠାରୁ ଖୁବ୍ ବଢ଼ିଗଲା । ସେମାନଙ୍କର ମଧ୍ୟ ମୋ ପ୍ରତି ଖୁବ୍ ଡର ରହିଲା । ତଥାପି ସେମାନେ ମୋତେ କେତେବେଳେ ହେଲେ ବିପଦରେ ପକାଇବାକୁ ସୁଯୋଗ ଉଣ୍ଟୁଥାନ୍ତି । ସେହିଦିନ ଠାରୁ ଆମ ଗ୍ରାମର ସର୍ବସାଧାରଣ ଦେବାଦେବୀ ମନ୍ଦିର ଇତ୍ୟାଦି ସ୍ଥାନମାନଙ୍କରେ ହରିଜନଙ୍କୁ କେବେ କେହି ବାଧାବିଘ୍ନ କରିନାହାନ୍ତି । ସେହିବର୍ଷ ଠାରୁ କିଛିବର୍ଷ ଧରି ଗ୍ରାମବାସୀମାନେ ଦୁଇଦଳ ହୋଇ ଅଗ୍ନିଉତ୍ସବ ପାଳନ କରିଥିଲେ । ପ୍ରଥମେ ଗ୍ରାମର ସବର୍ଣ୍ଣ ଲୋକ ମିଳିକରି କରିବେ ଓ ତା'ପରେ ହରିଜନମାନେ ଆସି ସେହି ସ୍ଥାନରେ ପାଳନ କରିବେ । ଏହିପରି ଦୁଇଦଳ ଆଗପଛ କରି ଗୋଟିଏ ସ୍ଥାନରେ ଅଗ୍ନି ଉତ୍ସବ ପାଳନ କରୁଥିଲେ । କିଛିବର୍ଷ ପରେ ସବର୍ଣ୍ଣମାନେ ନିଜେ ବୁଝିପାରିଲେ ଯେ, ଆଉ ହରିଜନମାନଙ୍କୁ ଅଲଗା କରି ରଖିହେବ ନାହିଁ । ତେଣୁ ତା ପରଠାରୁ ଗ୍ରାମଦେବତୀଙ୍କ ପାଖରେ ଏକାଠି ଅଗ୍ନି ଉତ୍ସବ ପାଳନ କରାଯାଉଛି ।

ବୋଉର ମନୋଭାବ ବଦଳିଲା

ଗୋପବନ୍ଧୁ ସେବାସଂଘ ତରଫରୁ ଗାଁଏ ଗାଁଏ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟକ୍ରମର ପ୍ରସାର ଯୋଗୁଁ କ୍ରମେ କ୍ରମେ ଅସ୍ପୃଶ୍ୟତା କମିବାକୁ ଲାଗିଲା । ଧୀରେ ଧୀରେ ପିଲାମାନେ କଣ୍ଡରା ଇତ୍ୟାଦି ହରିଜନଙ୍କୁ ଛୁଇଁବାକୁ ଆରମ୍ଭ କଲେ । ମୋର କଂଗ୍ରେସ କାର୍ଯ୍ୟରେ ଯେତେ ବଳ ବଢ଼ି ନଥିଲ, ବେଣୁଧର ଆଚାର୍ଯ୍ୟଙ୍କ ସଂସ୍କାରମୂଳକ କାର୍ଯ୍ୟ କରିବାକୁ ଯାଇ ଖୁବ୍ ବଳ, ସାହାସ ଓ କର୍ମଦକ୍ଷତା ବୃଦ୍ଧି ପାଇଲା । କୁସଂସ୍କାରପୂର୍ଣ୍ଣ ସମାଜକୁ ମୁଁ ଧୀରେ ଧୀରେ ଯେତେବେଳେ ବଦଳାଇବାକୁ ଚେଷ୍ଟା କଲି, ସେତେବେଳେ କେଉଁଠି ଏହି କାର୍ଯ୍ୟ ସୁରୁଖୁରୁରେ ହୋଇଯାଏ ତ ଆଉ କେଉଁଠି ବାଧାବିଘ୍ନ ଘଟିଥାଏ । ଘରେ ବୋଉ ଏସବୁ କାର୍ଯ୍ୟରେ ପ୍ରଥମେ ପ୍ରଥମେ ବାଧା ବିଘ୍ନ କରୁଥିଲା । ମୁଁ କିନ୍ତୁ ଠିକ୍ କାର୍ଯ୍ୟରେ ଜିଦ୍‌ଖୋର ରହି କାମ କରୁଥିବାରୁ ଆସ୍ତେ ଆସ୍ତେ ବୋଉର ଅଭ୍ୟାସ ହୋଇଗଲା । ଶେଷକୁ ଆଉ ସେ କିଛି ବାଧାବିଘ୍ନ କଲା ନାହିଁ, ବରଂ ମୋର ସବୁ କାମରେ ସାହାଯ୍ୟ କଲା ।

ବାଘଡ଼ିଆ ଘଟଣା

ଏଠାରେ ଗୋଟିଏ ଘଟଣା ଉଲ୍ଲେଖନୀୟ । ଆମ ଦାଦା ଶ୍ୟାମ ସୁନ୍ଦର ଦାସ ଓ ତାଙ୍କ ପୁତ୍ର ଥିଲେ ଶ୍ରୀବତ୍ସ ବେହେରା (ବଛ) । ଶ୍ୟାମସୁନ୍ଦଙ୍କର ଶଶୁରଘର ବାଘଡ଼ିଆ । ନାରଣ ସ୍ୱାଇଁ ଓ ନିଳମଣି ସ୍ୱାଇଁ ଦାଦାଙ୍କ ଶଶୁରଙ୍କର ଦୁଇ ପୁଅ । ଦୁଇଭାଇ ଦୁଇଭାଗ ହୋଇ ଅଲଗାଅଲଗା ଘରକରି ରହୁଥିଲେ । ଆମ ବାପା ବଞ୍ଚିଥିବା ବେଳେ ବାଘଡିଆର ସେହି ବନ୍ଧୁଘର ସହିତ

Digitized by srujanika@gmail.com

ଖୁବ୍ ଭଲ ସଂପର୍କ ଥିଲା । ବାପା ତାଙ୍କ ଘରର ଭଲମନ୍ଦ ବୁଝାବୁଝି କରୁଥିଲେ ଏବଂ ବିଭାଘର ଭୋଜିଭାତ ଭଳି ଉପଲକ୍ଷରେ ସେହି ବନ୍ଧୁଘର ବୋଉକୁ ମଧ୍ୟ ନେଉଥିଲେ । ମୁଁ ମଧ ସମୟେ ସମୟେ ବୋଉ ସାଙ୍ଗରେ ସେହି ମାମୁଁ ଘରକୁ ଯାଉଥିଲି । ତାଙ୍କର ବହୁତ ଜମିବାଡ଼ି ଇତ୍ୟାଦି ଥିଲା ଓ ସେମାନେ ତାଙ୍କ ଗାଁର ସ୍ୱଚ୍ଛଳ ପରିବାର ଭିତରେ ଗଣା ହେଉଥିଲେ । ନାରଣ ସ୍ୱାଇଁଙ୍କ ଚାରିପୁଅ ଭିତରେ ସାନପୁଅ ଥିଲେ ଛକଡି ସ୍ୱାଇଁ, ଯେ କି ତାଙ୍କର ବାପା ମରିଯିବା ପରେ ଘରର ଦାୟିତ୍ୱ ନେଇଥିଲେ ଓ ଘରର ଅବସ୍ଥାକୁ ଅଧିକରୁ ଅଧିକ ସ୍ୱଚ୍ଛଳ କରିବାରେ ଲାଗି ପଡିଥିଲେ । ଦିନେ ଆମର ଗୋଟିଏ ବାଡବୁଜା କାମ ପାଇଁ ଦରକାର ପଡିବାରୁ ମୁଁ ଅମରିଜଡା ଡାଳ ଆଣିବା ପାଇଁ ବାଘଡିଆର ସେହି ମାମୁଁଙ୍କ ଘରକୁ ଆଉ ଜଣଙ୍କୁ ସାଙ୍ଗରେ ନେଇ ଯାଇଥାଏ । ଅମରିଜଡା ଡାଳ କାଟୁକାଟୁ ଦିନ ୨ଟା ହୋଇଗଲା । ସେଦିନ ବୋଧହୁଏ ଗୋଟିଏ ଶ୍ରାଦ୍ଧଦିବସ ପାଇଁ ସେମାନେ ଗ୍ରାମବାସୀଙ୍କୁ ଖୁଆଇବାର ବ୍ୟବସ୍ଥା କରିଥାନ୍ତି । ତାଙ୍କ ଭିତରୁ କିଏ ଜଣେ କହିଲା, ଆମର ଆଜି ଶ୍ରାଦ୍ଧ, ତୁମେ ତେଲ ଲଗାଇ ଗାଧୋଇ ଯାଅ, ତାପରେ ଖାଇସାରି ଘରକୁ ଯିବ । କିନ୍ତୁ ମୁଁ ସେ ପର୍ଯ୍ୟନ୍ତ ଜାଣି ନଥାଏ ଯେ, ମୁଁ ହରିଜନ ଘରେ ଖାଇଥିବାରୁ ମୋ ଉପରେ ସେମାନେ ଭିତରେ ଭିତରେ ଅସନ୍ତୁଷ୍ଟ ଅଛନ୍ତି । ଯେମିତି ମୋତେ ସେ ଲୋକଟି ଅଟକାଇବା କଥା କହି ଦେଇଛି, ନୀଳମଣି ମାମୁଁ ଓ ଛକଡି ସେଠୁ ଉଠିଯାଇ ନିଜ ଭିତରେ କିଛି କୁହାକହି ହେଲେ ଏବଂ ମୋତେ ଗାଧୋଇବା ପାଇଁ ଦିଆଯାଇଥିବା ତେଲକୁ ସଙ୍ଗେସଙ୍ଗେ ଫେରାଇ ନେଲେ । ମୁଁ ସେତେବେଳେ ସଙ୍ଗେସଙ୍ଗେ ସେମାନଙ୍କ ମନୋଭାବ ଜାଣିପାରି ତାଙ୍କ ଠାରୁ ବିଦାୟ ନେଇ ଘରକୁ ଫେରିଆସିଲି । ସେମାନେ ସିଧାକଥା ନକହି ଏହିପରି ଅପ୍ରକାଶ୍ୟ ଭାବରେ ତିରସ୍କାର କରିଥିଲେ ବୋଲି ସେହିଦିନ ଠାରୁ ମୁଁ ମାମୁଁଘର ସମ୍ପର୍କ ରଖିଲି, ହେଲେ ଆଉ କେବେ ଭୁଲ୍‌ରେ ମଧ୍ୟ ତାଙ୍କ ଘରେ ଖାଇନାହିଁ । ଏହିପରି ଘର ଭିତରେ, ବନ୍ଧୁବାନ୍ଧବ ଓ ଗ୍ରାମଭିତରେ ହରିଜନ ସମସ୍ୟାର ଦୃଢ଼ ମୁକାବିଲା କରି ପାରୁଥିବାରୁ ମୁଁ ଆତ୍ମବଳରେ ବଳିୟାନ ହୋଇ ଉଠୁଥିଲି ।

ମୁଁ ଯେଉଁସବୁ କାର୍ଯ୍ୟ କରୁଥିଲି, ତାହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା । ସମାଜର ପ୍ରଚଳିତ ନିୟମ ଦୃଷ୍ଟିରୁ ମୁଁ ହୁଏତ୍ ଓଲଟା କାମସବୁ କରୁଥିଲି । କିନ୍ତୁ ଧିରେଧିରେ ଲୋକଙ୍କ ମନରୁ ମୋ ପ୍ରତି ଥିବା ଖରାପ ଭାବନା ଉଭେଇ ଯାଉଥିଲା । ମୁଁ ସେତେବେଳେ ଘରଛାଡ଼ି ବହୁସମୟ ଧରି ଗାଁକୁ ଗାଁ ବୁଲି ସଂସ୍କାରମୂଳକ କାର୍ଯ୍ୟ କରୁଥିବାରୁ ମୋ ପ୍ରତି ଲୋକଙ୍କର ଭାବନା ଅନୁକୂଳ ହୋଇ ଆସୁଥିଲା । ମୁଁ ମାତ୍ର ଗୋଟିଏ ଲୋକ ହେଲେ ବି ଗ୍ରାମର ମାମଲତକାରମାନଙ୍କ ଅନ୍ୟାୟ ବିରୁଦ୍ଧରେ ପ୍ରକାଶ୍ୟଭାବରେ କାର୍ଯ୍ୟ କରିପାରିବି, ଏ ବିଶ୍ୱାସ ଲୋକଙ୍କ ମନରେ ଦୃଢ଼ୀଭୂତ ହୋଇଚାଲିଲା । ମୁଁ ତ ସେତେବେଳକୁ ଲୋକଲୋଚନକୁ ଆସି ସାରିଥାଏ । ଆଉ ମଧ୍ୟ ମୋର କାହାକୁ ଡ଼ରଭୟ ନଥାଏ । ଯେଉଁଟାକୁ ଠିକ୍ ବୋଲି ଧରି ନିଏ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ମୋ ଭିତରେ ଜିଦ୍ ଆସିଯାଏ । ଯେତେ ବାଧାବିଘ୍ନ ଆସିଲେ ବି ମୁଁ ଆଉ ପଛକୁ ହଟେ ନାହିଁ । ମୋର ଏହି ସ୍ୱଭାବ ବିଷୟରେ ଲୋକମାନେ ମଧ୍ୟ ଆସ୍ତେ ଆସ୍ତେ ଜାଣିପାରିଲେ ।

Digitized by srujanika@gmail.com

ରାମଚଣ୍ଡୀରେ ବୋଦାବଳି ବନ୍ଦ

ଗୋପବନ୍ଧୁ ସେବାସଂଘ ଜରିଆରେ ପ୍ରଥମ ବିଶିଷ୍ଟ କାର୍ଯ୍ୟ ଥିଲା ଜମ୍ମୁ ଅଞ୍ଚଳରେ । ରାମନଗର ରାମଚଣ୍ଡି ଠାକୁରାଣୀଙ୍କ ପାଖରେ ବର୍ଷକୁ ଥରେ ପଣା ସଂକ୍ରାନ୍ତି ଦିନ ଏକ ବଡ଼ ଧରଣର ଯାତ୍ରା ହୁଏ । ଏହି ଯାତ୍ରାରେ ଶହ ଶହ ମାଇଲ୍ ଦୂରରୁ ଯାତ୍ରୀସବୁ ଆସନ୍ତି । ତାଙ୍କର ମାନସିକ ଅନୁସାରେ ପ୍ରତିବର୍ଷ ଏହିଦିନ ଶହ ଶହ ବୋଦା ବଳି ପଡ଼ନ୍ତି । ଅନେକ ଲୋକ କୁକୁଡ଼ା ଆଣି ଛାଡ଼ି ଦିଅନ୍ତି । ରାମଚଣ୍ଡୀ ଠାକୁରାଣୀ ଘନ ଜଙ୍ଗଲ ଭିତରେ ଅବସ୍ଥିତ । ତା'ର ଚତୁର୍ଦ୍ଦିଗ ଦୁଇ ମାଇଲ୍‌ରୁ ୧୦/୧୫ ମାଇଲ୍ ପର୍ଯ୍ୟନ୍ତ ଘନଜଙ୍ଗଲରେ ପରିପୂର୍ଣ୍ଣ । ଏଥିରେ ବାଘ, ଭାଲୁ, ବାରହା ଇତ୍ୟାଦି ବନ୍ୟ ହିଂସ୍ରଜନ୍ତୁ ବହୁଳ ଭାବେ ଥାନ୍ତି । ସେଠି ଅନ୍ୟ ଦିନମାନଙ୍କରେ ରାତ୍ରୀରେ କେହି ରହନ୍ତି ନାହିଁ । ତା'ର ଦକ୍ଷିଣ ଦିଗର ତିନି ମାଇଲ୍ ଦୂରରେ ବରଜ ବାହାକୁଦ ବୋଲି ଗ୍ରାମ ଥାଏ । ତା'ର ଚତୁଃପାର୍ଶ୍ୱରେ ମଧ ଜଙ୍ଗଲପୂର୍ଣ୍ଣ । ସେହି ଗ୍ରାମରେ ବ୍ରାହ୍ମଣ ସେବାୟତ ଥିଲେ ଲୋଧା, ଯେ କି ବଳି ପକାନ୍ତି ଓ ଅନ୍ୟାନ୍ୟ ଜାତିର ଲୋକ ଥାଆନ୍ତି । ବ୍ରାହ୍ମଣ ସେବାୟତମାନେ ଦିନରେ ଠାକୁରାଣୀଙ୍କ ସେବା ସାରିଦେଇ ସନ୍ଧ୍ୟା ପୂର୍ବରୁ ଗ୍ରାମକୁ ଫେରି ଯାଆନ୍ତି । ସେଠି ବନ୍ୟ ହିଂସ୍ରଜନ୍ତୁ ବହୁ ସଂଖ୍ୟାରେ ଥିବାରୁ କେହି ରାତ୍ରୀରେ ଏକାକୀ ରହିବାକୁ ନିରାପଦ ମନେ କରନ୍ତି ନାହିଁ । ଅନ୍ୟ ଦିନମାନଙ୍କରେ ବଳି ପକାଇବା ପାଇଁ ମାନସିକ କରିଥିବା ଲୋକ ଆସିଲେ, ତାଙ୍କ ଘରଦେଇ ଠାକୁରାଣୀଙ୍କ ପାଖକୁ ଆସନ୍ତି । ଦିନେ ଦିନେ ବଳି କାମ ସାରିଦେଇ ନିଜ ନିଜ ଘରକୁ ବାହୁଡ଼ି ଯାଆନ୍ତି ।

ପଣା ସଂକ୍ରାନ୍ତିରେ ରାମଚଣ୍ଡୀ ଯାତ୍ରା ଗୋଟାଏ ଦିନ ପାଇଁ ବେଶ୍ ଜାକଜମକରେ ହୋଇଥାଏ । ହଜାର ହଜାର ଲୋକ ମାତ୍ର ଗୋଟିଏ ରାତ୍ରିର ଯାତ୍ରା ଦେଖିବା ପାଇଁ ବହୁଦୂରରୁ ଚାଲି ଚାଲି ରାତ୍ରୀ ୪ଟାରୁ ଘରୁ ବାହାରି ସେଠି ସକାଳ ୧୦ଟା ପୂର୍ବରୁ ପହଞ୍ଚି ସାରିଥାନ୍ତି । ସେହି ଜଙ୍ଗଲ ମଧରେ ରୋଷେଇ କରି ଖାଇଦେଇ ଆମୋଦ ପ୍ରମୋଦ କରିଥାନ୍ତି । ଆଉ ମଧ ପାଟୁଆମାନେ ମା' ରାମଚଣ୍ଡୀ ଠାକୁରାଣିଙ୍କ ପାଇଁ ପଣାସଂକ୍ରାନ୍ତିର ମାସକ ଆଗରୁ ଗାଁ ଗାଁ ବୁଲି ନାଚ କରିବା ସଂଗେ କିଛି ଧାନ ମାଗଣା କରିଥାନ୍ତି । ଆଉ ରାଉଳମାନେ ମାଆଙ୍କ କଳସି ଧରି ଓ କାଦୁଅ ଲେପି ତା' ଭିତରେ ମାଆଙ୍କ ପାଦୁକା ରଖି ଅରଖ ଫୁଲକୁ ସରୁ ବାଉଁଶ କାଠିରେ ଗୁନ୍ଥି ଗାଁ ଗାଁ ବୁଲି ମାଗଣ କରିଥାନ୍ତି । ପୁଣି କାଠରେ ତିଆରି ଦୁଇଟା ଅଧାଗୋଡ଼ରେ ନିଜକୁ ଦଉଡ଼ିରେ ଖୁବ୍ ଜୋର୍‌ରେ ବାନ୍ଧି ସେମାନେ ଚାଲିଥାନ୍ତି । ସେ ଅଞ୍ଚଳର ପାଟୁଆ ଓ ରାହୁଳମାନେ ଏହି ଉପଲକ୍ଷେ କିଛି ରୋଜଗାର କରିଥାନ୍ତି । ପ୍ରାୟ ଗୋଟିଏ ମାସରେ ୩୦-୪୦ଟି ଗ୍ରାମ ସେମାନେ ବୁଲିଥାନ୍ତି । ପଣା ସଂକ୍ରାନ୍ତି ଦିନ ସେମାନେ ରାମଚଣ୍ଡୀଙ୍କ ପାଖରେ ପାଟୁଆ ନାଚ କରିଥାନ୍ତି । ପାଟୁଆମାନେ ମଳିକ ସମ୍ପ୍ରଦାୟ ଓ ରାହୁଳମାନେ ସବର୍ଣ୍ଣଙ୍କ ଭିତରୁ ଯାଇଥାନ୍ତି । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ସେଠି ୧୦ ଫୁଟ ଲମ୍ବ, ୨ ଫୁଟ ଚଉଡ଼ା ଓ ୧ ଫୁଟ ଗଭୀରରେ ଗୋଟିଏ ଖନ୍ଦକ ଖୋଳା ଯାଇଥାଏ । ସେହି ଖନ୍ଦକରେ କାଠକାଳି ରଡ଼ନିଆଁ କରାଯାଇଥାଏ । ରାହୁଳମାନେ ମୁଣ୍ଡରେ ରାମଚଣ୍ଡିଙ୍କ

Digitized by srujanika@gmail.com

କଳସି ମୁଣ୍ଡାଇ ଏ ପାଖ ସେ ପାଖ ପ୍ରାୟ ଦଶଥର ଚାଲିଥାନ୍ତି । ସେ ଦୃଶ୍ୟ ଦେଖିବାକୁ ଆଶ୍ଚର୍ଯ୍ୟ ଲାଗେ, କହନ୍ତି ତାଙ୍କ ଗୋଡ଼ କିଛି ହୋଇନଥାଏ । ଏସବୁ ସରିଲା ପରେ ବୋଦାବଳି ଆରମ୍ଭ ହୁଏ । ଦିନ ଚାରିଟା ଠାରୁ ରାତ୍ରି ପାହିବା ପର୍ଯ୍ୟନ୍ତ ସେଠି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥାଏ । କେତେ ପଞ୍ଚା ଯାତ୍ରାଦଳ ଓ କେତେ ପଞ୍ଚା ପୂଜାଦଳ ମାନସିକ ସୂତ୍ରରେ ପୂଜା କରିଥାନ୍ତି । ଉପସ୍ଥିତ ହଜାର ହଜାର ଯାତ୍ରୀ ସେଦିନ ଆନନ୍ଦ ଉଲ୍ଲାସରେ ଗୋଟିଏ ରାତ୍ରୀ କଟାଇଥାନ୍ତି । ଦୂର ବାଟର ଯାତ୍ରୀ ରାତି ୪ଟାରୁ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ସେତେବେଳେ ଗାଡ଼ିମଟର ନଥିବାରୁ କେବଳ ଚାଲି ଚାଲି ପ୍ରାୟ ୪୦ ମାଇଲ୍ ଦୂରରୁ ଲୋକେ ଯାତ୍ରା ଦେଖିବାକୁ ଆସିଥାନ୍ତି । ରାମଚଣ୍ଡୀ ଯାତ୍ରା ଏହିପରି ଘନ ଜଙ୍ଗଲ ମଧ୍ୟରେ ହେଉଥିବାରୁ ମନମୁଗ୍ଧକର ହେଉଥିଲା ।

ଏହି ଠାକୁରାଣୀଙ୍କ ନାମରେ ଆମର ଜମିଦାର ବର୍ଦ୍ଧମାନ ମହାରାଜା ଜମିମାନ ଖଞ୍ଜି ଦେଇଥିଲେ । ତାଙ୍କର ସେ ଠାକୁରାଣୀ ବୋଲି ଜାନିଜାତରାଗୁଡ଼ିକୁ ଜମିଦାରଙ୍କ କର୍ମଚାରୀମାନେ ପରିଚାଳନା କରନ୍ତି । ତାଙ୍କର ସେ ଦିନ ହଜାର ହଜାର ଟଙ୍କା ଆଦାୟ ହୁଏ । ଏସବୁ ଟଙ୍କା ଜମିଦାରଙ୍କ ପାଣ୍ଠିକୁ ଯାଏ । ପଣା ସଂକ୍ରାନ୍ତି ଦିନ ଯେଉଁ ଶହ ଶହ ବୋଦା ବଳି ପଡ଼େ, ପ୍ରତ୍ୟେକ ବଳିର ମୁଣ୍ଡ ଜମିଦାରଙ୍କ ପାଣ୍ଠିକୁ ଯାଏ । ସେମାନେ ତାକୁ ସଂଗେ ସଂଗେ ବିକ୍ରି କରିଦିଅନ୍ତି ।

୧୯୪୬ ମସିହାରେ ଗୋପବନ୍ଧୁ ସେବାସଂଘ ସ୍ଥିର କଲା ଯେ, ଏବର୍ଷ ରାମଚଣ୍ଡୀଙ୍କ ପାଖରେ ପଣା ସଂକ୍ରାନ୍ତିରେ ଯେଉଁ ଶହ ଶହ ବୋଦା ବଳି ପଡ଼ିବ, ତାକୁ ବନ୍ଦ କରିବାକୁ ହେବ । ତା ସଂଗେ ସଂଗେ ଗୋପବନ୍ଧୁ ସେବାସଂଘ ଜରିଆରେ କେତେକ ସ୍ୱେଚ୍ଛାସେବୀଙ୍କୁ ନେଇ ଯାତ୍ରୀଙ୍କ ଭିତରେ ଶୃଙ୍ଖଳା ରଖିବା ସଂଗେ ସଂଗେ ପିଇବା ପାଣି ଯୋଗାଇଦେବା, କୌଣସି ଗଣ୍ଡଗୋଳ ହେଲେ ତାକୁ ସମାଧାନ କରିବା ଇତ୍ୟାଦି କାର୍ଯ୍ୟକ୍ରମମାନ ନିଆଯିବ ବୋଲି ସ୍ଥିର ହେଲା । ଏହି ପ୍ରୋଗ୍ରାମ୍ ଅନୁଯାୟୀ ଆମ୍ଭେ ସେବାସଂଘର କର୍ମକର୍ତ୍ତା ବୃନ୍ଦାବନ ଲେଙ୍କା, ବାମଦେବ ମହାପାତ୍ର ଓ ମୁଁ ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ରାମଚଣ୍ଡି ଯାତ୍ରାରେ ଉପସ୍ଥିତ ହେଲୁ । ସେମାନଙ୍କ ଭିତରେ ଥିଲେ ଥିଲେ କାନପୁରର ଘନଶ୍ୟାମ ଶାମଲ ଓ ଦୁର୍ଯୋଧନ ମହାନ୍ତି, ମାର୍ଶାଘାଈର ଗନ୍ଧର୍ବ ରାଉତ ଓ ପ୍ରହ୍ଲାଦ ରାଉତ, ଦଣିପୁରର ଭଗବାନ ପ୍ରଧାନ, ନିଶାମଣି ରାଉତ, ଗୌରାଙ୍ଗ ଜେନା ଓ କୁଳମଣି ରାଉତ ପ୍ରମୁଖ । ଗୋଜାବନ୍ଧର ଗଙ୍ଗାଧର ସାମନ୍ତରାୟଙ୍କ ଗାନ୍ଧି ସେବା ସଂଘର ୨୦/୩୦ ଜଣ ସ୍ୱେଚ୍ଛାସେବୀ ମଧ୍ୟ ଉପସସ୍ଥିତ ଥାଆନ୍ତି । ଆମେ ମଧ କେତେଜଣ ଉଚ୍ଚପଦସ୍ଥ କଂଗ୍ରେସ ଲୋକଙ୍କୁ ନିମନ୍ତ୍ରଣ କରିଥିଲୁ ଆମ୍ଭମାନଙ୍କୁ ଏ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ । ସେଥିମଧ୍ୟରୁ ନିକଟରେ ଜେଲ୍‌ରୁ ଫେରିଥିବା କେନ୍ଦ୍ରାପଡ଼ାର ଶ୍ରୀଯୁକ୍ତ ଶଚ୍ଚିଦାନନ୍ଦ ମହାନ୍ତି ଓ ପଟ୍ଟାମୁଣ୍ଡାଇର କୁମାର କରୁଣାକର ନାୟକ ବୋଦାବଳି ପ୍ରଥା ବନ୍ଦ କରିବାରେ ଆମ୍ଭମାନଙ୍କୁ ସାହାଯ୍ୟ କରିବାକୁ ଆସିଥିଲେ । ଠିକ୍ ବୋଦା ବଳି ପଡ଼ିବା ପୂର୍ବରୁ ଆମ୍ଭେମାନେ କେତେକ ବଛା ବଛା କର୍ମୀ ପ୍ରଥମେ ଅର୍ଗଳି,

Digitized by srujanika@gmail.com

ଯେଉଁଠିକି ବୋଦାବଳି ପଡ଼େ, ତା'ର ଚାରିପାଖରେ କୁଣ୍ଡଳୀ ଆକାରରେ ଘେରାଉ କରି ବସିଲୁ ଓ ସୂତାକଟା ଓ ରାମଧୂନ୍ ଆରମ୍ଭ କରିଦେଲୁ । ଜମିଦାରଙ୍କ ପାଖରୁ ଖୁବ୍ ଉଦ୍ୟମ ଚାଲିଯାଏ ଯେ, ସେଠୁ ଯେପରି ହେଉ ଆମକୁ ଉଠାଇଦେଇ ବୋଦାବଳି ପକାଇବାକୁ । ଆମ ବିରୁଦ୍ଧରେ ପୁଲିସ୍ ଓ ଜମିଦାରଙ୍କ ତରଫରୁ କ'ଣ ପଦକ୍ଷେପ ନିଆଯାଉଛି, ସେକଥା ଜାଣିବାକୁ ମୋର ବିଶେଷ ଆଗ୍ରହ ଥାଏ । ବାଙ୍କିଛନ୍ଦା ଗ୍ରାମର ଜଣେ ଲୋକ ମହାକାଳପଡା ଥାନାର ପୁଲିସ୍ ଦଫାଦାର ଥିଲେ ଓ ମୋର ଚିହ୍ନାଜଣା ଥିଲେ । ତାଙ୍କଠାରୁ ଜାଣିବାକୁ ପାଇଲୁ ଯେ, ବଳୀସ୍ଥଳରେ ଆମର ସଭାକାର୍ଯ୍ୟ ସରିଗଲେ ସେମାନେ ତାଙ୍କର ବଳୀକାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ କରିବେ । ଆମ୍ଭେମାନେ ଏ କଥା ଜାଣିପାରି ସଭାକାର୍ଯ୍ୟ ଆରମ୍ଭ କରିଦେଲୁ । ଆମର ସଂଘ ତରଫରୁ ଜଣକ ପରେ ଜଣେ ବକ୍ତୃତା ଦେବାକୁ ଲାଗିଲୁ । ଲୋକମାନେ ଆଗ୍ରହରେ ଆମ ବକ୍ତୃତା ଶୁଣିବାକୁ ଲାଗିଲେ । ଆମର ମୁଖ୍ୟ ବକ୍ତବ୍ୟ ଥିଲା, ଯେ କୌଣସି ଦେବାଦେବୀ ଜୀବଜଗତର ମା' ସ୍ୱରୂପା ଅଟନ୍ତି । ସେ କେବେ ପୁଅର ରକ୍ତ ଖାଇବାକୁ ଚାହେଁ ନାହିଁ । ଆମର ଅଜ୍ଞତା ଯୋଗୁଁ ଆମେ ମା'ଙ୍କ ପାଖରେ ବୋଦାବଳି ପକାଉଛୁ । ବୋଦା ମାନସିକ କଲେ କୌଣସି ରୋଗୀ ଭଲହୁଏ ନାହିଁ । ଔଷଧପତ୍ର ଦ୍ୱାରା ରୋଗୀ ଭଲ ହୁଏ । ଯାହାର ମାଂସ ଖାଇବା କଥା ସେ ନିଜେ ହାଣି ଖାଇବା ଦରକାର । ମାଆଙ୍କ ନାମରେ ବଳିଦେଇ ମାଂସ ଖାଇବା ଦ୍ୱାରା ମାଆଙ୍କୁ ଅବମାନନା କରାଯାଉଛି । ଏ ପ୍ରଥା ଉଠାଇ ଦେବା ଦରକାର । ଏହିପରି ଭାବରେ ଅର୍ଗଳି ଚତୁଃପାର୍ଶ୍ୱକୁ ସଭାମଞ୍ଚ କରି ଅର୍ଗଳି ଉପରେ ଠିଆ ହୋଇ ସେବାସଂଘ ତରଫରୁ ଦିନ ଦୁଇଟା ଠାରୁ ରାତି ଆଠଟା ପର୍ଯ୍ୟନ୍ତ ସଭାକାର୍ଯ୍ୟ ଚାଲିଲା । ମାନସିକ ଯାତ୍ରୀମାନେ ଦେଖିଲେ ଯେ, ଆଉ ବଳି ପଡ଼ିବାର ସମ୍ଭାବନା ନାହିଁ । ସେମାନେ ଆଣିଥିବା ବୋଦାସବୁକୁ ଜଙ୍ଗଲରେ ଛାଡ଼ିଦେଇ ଚାଲିଗଲେ । ଯେଉଁମାନେ କୁକୁଡ଼ା ପ୍ରଭୃତି ଆଣିଥିଲେ ସେମାନେ ମଧ ଜଙ୍ଗଲରେ ଛାଡ଼ିଦେଇ ଚାଲିଗଲେ । କେତେକ ଯାତ୍ରୀ ଦେଖିଲେ, ଏ ସୁବିଧା ଛାଡ଼ିବାର ନୁହେଁ । ଛଡ଼ାଯାଇଥିବା ବୋଦାସବୁକୁ କଳକଉଶଳରେ ଯିଏ ଯାହା ପାଇଲା, ସେଠାରୁ ନେଇ ପଳାଇଗଲେ । ଏଥିରେ ଜମିଦାରଙ୍କର ଆଣ୍ଠୁ ଭାଙ୍ଗିଗଲା । ବୋଦାବଳି ପଡ଼ିପାରିଲା ନାହିଁ । ସଂଗେ ସଂଗେ ରକ୍ଷଣଶୀଳ ଲୋକମାନେ ସେଠାରେ ପ୍ରଚାର କଲେ, ରାମଚଣ୍ଡୀ ମା' ଏମାନଙ୍କୁ ଗୋଟି ଗୋଟି କରି ବେକ ମୋଡ଼ି ଖାଇବ । ସାରା ରାତି ସେଠି ଯାତ୍ରା ଓ ପୂଜାଦିମାନ ହୁଏ । ବହୁତ ଅସ୍ଥାୟୀ ଦୋକାନ ବଜାର ଦିନକ ପାଇଁ ଖୋଲିଥାଏ । ଦୋକାନୀମାନଙ୍କର ଭଲ ଦି' ପଇସା ସେଦିନ ରୋଜଗାର ହୋଇଥାଏ । ପଞ୍ଚାଏ ପଞ୍ଚାଏ ଲୋକ ମିଳି ବଣଭୋଜୀ ମଧ୍ୟ କରନ୍ତି । ଆମ୍ଭେମାନେ ମଧ ସେବାସଂଘ ତରଫରୁ ଭୋଜିର ବ୍ୟବସ୍ଥା କରିଥିଲୁ । ଭାତ ଓ ଡାଲମା ଖୁବ୍ ସୁସ୍ୱାଦୁକର ହୋଇଥିଲା । ସାରା ରାତି ସେବାସଂଘ ତରଫରୁ କର୍ମୀମାନେ ଉଜାଗର ହୋଇ ଜଗି ରହିବାକୁ ପଡ଼ିଲା । ରାତି ଚାରିଟାରୁ ଯାତ୍ରୀମାନେ ଘରବାହୁଡ଼ା ହେଲେ । ଆମ୍ଭେମାନେ ଶିବିର ଭାଙ୍ଗି ଘରକୁ ଫେରିଲୁ । ଶହ ଶହ ବର୍ଷ ଧରି ଚଳି ଆସୁଥିବା ବୋଦାବଳିକୁ ବନ୍ଦ କରିଦେଇଥିବାରୁ ଲୋକଙ୍କ ମନରେ ଆମପ୍ରତି ଘୃଣାଭାବ ଜାତ ହେବାର ଦେଖିଲୁ । ତା'ପରେ ଦୁଇଦିନ ଧରି ମୋ ନାମରେ ଚାରିଆଡ଼େ ପ୍ରଚାର ହୋଇଗଲା ଯେ,

Digitized by srujanika@gmail.com

ମୁଁ ଏଥିରେ ମୁଖ୍ୟ ଭାଗ ନେଇଥିବାରୁ ରାମଚଣ୍ଡି ମା' ମୋତେ ହଇଜାରେ ପକାଇ ମାରି ଦେଇଛନ୍ତି । ହଇଜା ହେବା ବିଷୟରେ କିପରି ଅନ୍ଧବିଶ୍ୱାସ ଓ କୁସଂସ୍କାର ଆମ ସମାଜରେ ଚାଲୁଥିଲା, ତା' ତ ମୁଁ ଆଗରୁ ଦର୍ଶାଇଛି । ସେହି ଅନୁଯାୟୀ ଲୋକମାନେ ପ୍ରଚାର ଚଳେଇଲେ ଯେ, ମୁଁ ହଇଜାରେ ମରିଯାଇଛି । ଏପରିକି ମୋର କେତେକ ବନ୍ଧୁବାନ୍ଧବ ଲୋକ ଏକଥା ଶୁଣି ଆମ ଘରକୁ ସତକଥା ଜାଣିବାକୁ ଆସିଲେ । ସେମାନେ ଦେଖିଲେ ଯେ, ମୁଁ ପୁରା ସୁସ୍ଥ ଓ ଭଲ ଅଛି । କୌଣସି ପ୍ରକାର ଆକସ୍ମିକ ବିପଦ ଘଟିନାହିଁ । ସେମାନେ ନିଜକୁ ଲଜ୍ଜିତ ମନେକରି ଶେଷକୁ କହିବାକୁ ବାଧ ହେଲେ ଯେ, ଆମେ ଦୁର୍ଘଟଣା କଥା ଶୁଣି ଦେଖିବାକୁ ଆସିଥିଲୁ । ଏହି କୁସଂସ୍କାର ସମାଜରେ କିପରି ରକ୍ତମାଂସ ସହିତ ଜଡ଼ିତ ହୋଇଯାଇଛି ଓ ଏହାଦ୍ୱାରା ଆମ ସମାଜର କିପରି ପ୍ରଭୂତ କ୍ଷତି ହେଉଛି, ତାହା ତାଙ୍କୁ ବୁଝାଇ କହିଲି । ସେମାନେ ମୋତେ ଦେଖି ଆନନ୍ଦରେ ଫେରିଗଲେ ।

ତା' ପରବର୍ଷ ପୁଣି ସେବାସଂଘ ତରଫରୁ ସ୍ୱେଚ୍ଛାସେବକଙ୍କୁ ଧରି ରାମଚଣ୍ଡି ଯାତରାରେ ଉପସ୍ଥିତ ହୋଇ ଆମେ ବୋଦାବଳି ବିଷୟରେ ସେଠାକାର ଲୋକମାନଙ୍କୁ ବୁଝାଇଲୁ ଏବଂ ତତ୍‌ସହିତ ଲୋକଙ୍କ ପାଇଁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ମଧ କଲୁ । ଲୋକମାନେ କିପରି ଶୃଙ୍ଖଳାରେ ଯାତ୍ରା ଦେଖିବେ, ସେଥିପାଇଁ ସ୍ୱେଚ୍ଛାସେବକମାନେ ଶୃଙ୍ଖଳାରକ୍ଷା କରୁଥିଲେ । ଲୋକଙ୍କୁ ପାଣି ଓ ଔଷଧ ଇତ୍ୟାଦି ମଧ ସାହାଯ୍ୟ କରାଯାଉଥିଲା । ତେଣୁ କୌଣସି ଗଣ୍ଡଗୋଳର ଆଶଙ୍କା ନଥିଲା । ବୋଦା ଏଥରକ ଖୁବ୍ କମ୍ ଆସିଥିଲେ । ଲୋକମାନେ ଦେଖିଲେ ଯେ, ଆଉ ବୋଦାବଳି ପଡ଼ିବ ନାହିଁ ଏବଂ ଏହା ଆଜିଠାରୁ ଉଠିଗଲା । ଯେଝା ବୋଦା ଯେଝା ନେଇ ଫେରିଗଲେ । ସେହିଦିନଠାରୁ ସବୁଦିନ ପାଇଁ ବୋଦାବଳି ବନ୍ଦ ହୋଇଯାଇଛି । ରାମଚଣ୍ଡିର ପରିବେଶ ଏବେ ଆଉ ସେପରି ମନମୁଗ୍ଧକର ନାହିଁ । ସାଧାରଣ ଗ୍ରାମଦେବତୀ ପରି ମନେ ହେଉଛି । ଆଗଭଳି ଯାତ୍ରୀ ମଧ ସମାଗମ ନାହିଁ । ଯେ ଯାଉଛନ୍ତି ସେ ଗାଡ଼ି ମଟର ସୁବିଧା ଥିବାରୁ ସଙ୍ଗେ ସଙ୍ଗେ ଘରକୁ ଫେରି ଆସୁଛନ୍ତି ।

ମାର୍ଶାଘାଇ ହାଇସ୍କୁଲ୍ ପ୍ରତିଷ୍ଠା

ସେତେବେଳେ ଏ ଅଞ୍ଚଳରେ କେଉଁଠି ହେଲେ ହାଇସ୍କୁଲ ନଥିଲା । ଆଗରୁ କହିଛି କୁଜଙ୍ଗରେ ବନବିହାରୀ ହାଇସ୍କୁଲ ଓ କେନ୍ଦ୍ରାପଡ଼ା ଟାଉନ୍‌ରେ ଗୋଟିଏ ଗୋଟିଏ ସରକାରୀ ହାଇସ୍କୁଲ ଥିଲା । ଏ ଦୁଇଟିର ବ୍ୟବଧାନ ଥିଲା ୩୦ ମାଇଲ୍ । ଗୋପବନ୍ଧୁ ସେବାସଂଘ ଜରିଆରେ ମାର୍ଶାଘାଇରେ ଗୋଟିଏ ହାଇସ୍କୁଲ୍ ପ୍ରତିଷ୍ଠାପାଇଁ ବାମଦେବ ମହାପାତ୍ର, ବୃନ୍ଦାବନ ଲେଙ୍କା ଓ ମୁଁ ୩ଜଣ ମନପ୍ରାଣ ଦେଇ ଲାଗିପଡ଼ିଲୁ । ସେତେବେଳେ ଲୋକମାନଙ୍କର ଆର୍ଥିକ ଦୁରବସ୍ଥା କହିଲେ ନସରେ । ଯେଉଁ କେତେଜଣ ଧନୀ ଲୋକ ଥିଲେ, ସେମାନେ ସ୍କୁଲ୍ ପାଇଁ ସେତେଦୂର ଆଗ୍ରହ ପ୍ରକାଶ କରୁନଥିଲେ । ଆମେ ଗାଁ ଗାଁ ବୁଲି ବହୁ କଷ୍ଟରେ ବାଉଁଶ ଛଣ ଇତ୍ୟାଦି ସଂଗ୍ରହ କରି ଗୋଟିଏ ଅସ୍ଥାୟୀ ଘର ନିର୍ମାଣ କରି ପାଠପଢ଼ା ଆରମ୍ଭ କରିଦେଲୁ । ଯେଉଁ ଶିକ୍ଷକମାନଙ୍କର ପାଠପଢ଼ା ପ୍ରତି ଆନ୍ତରିକତା ଥିଲା, ସେମାନଙ୍କୁ ଖୁବ୍ କମ୍ ପଇସାରେ ରଖି ସର୍ବସାଧାରଣଙ୍କଠାରୁ ଚାନ୍ଦାଭେଦା ଆଦାୟ କରି କଷ୍ଟେମଷ୍ଟେ ସ୍କୁଲ୍‌ଟିକୁ

Digitized by srujanika@gmail.com

ଚଳାଇରଖିଲୁ । ସେତେବେଳେ ମି:ଇ: ସ୍କୁଲର ଶିକ୍ଷକ ଥିଲେ କରଞ୍ଜ ଗ୍ରାମର ଯୁଧିଷ୍ଠିର ସ୍ୱାଇଁ, ଓ ଆଉ ଜଣେ ତୁଅଁରମୁଣ୍ଡ ଗ୍ରାମରୁ । ଆମକୁ ଏଥିରେ ସହଯୋଗ କରୁଥିଲେ ଶିଳିପୁରର ପ୍ରହଲାଦ ମଲ୍ଲିକ ଓ ରାଜଗଡ଼ର କାହ୍ନୁଚରଣ ପଢ଼ିହାରି ଇତ୍ୟାଦି । ମୋଟ ୪/୫ ଜଣ ଶିକ୍ଷକତା କରୁଥିଲେ ଏବଂ ଖୁବ୍ କମ୍ ପଇସା ନେଇ ସେମାନେ ନିଜର କର୍ତ୍ତବ୍ୟ ତୁଲାଉଥିଲେ । ମି.ଇ ସ୍କୁଲର ଶିକ୍ଷକମାନେ ବେଳେବେଳେ ମନ ଦେଇ ସହଯୋଗ କରୁନଥିଲେ, କାରଣ ସେମାନଙ୍କର ଆଶଙ୍କା, କାଳେ ସ୍କୁଲ ମଞ୍ଜୁରିପାଇ ପାରିବ ନାହିଁ । ସେତେବେଳେ ପ୍ରହଲ୍ଲାଦ ମଲ୍ଲିକ ପଟାମୁଣ୍ଡାଇରେ ମାଟ୍ରିକ୍ ପରୀକ୍ଷା ଦେଇ ଆସିଥାନ୍ତି । ସେ ମଧ୍ୟ ଆମସାଙ୍ଗରେ ଗାଁ ଗାଁ ବୁଲି ସ୍କୁଲଘର ପାଇଁ ଉପକରଣ ସଂଗ୍ରହରେ ଲାଗିଥାନ୍ତି । ଟଙ୍କାପଇସା ମଧ୍ୟ ସଂଗ୍ରହ ଚାଲିଥାଏ । ସେତେବେଳେ ଆମର ଗୋଟିଏ ସୁବିଧା ଥିଲା, ସେବାସଂଘ ଜରିଆରେ ପାଟକୁରା ଓ ମହାକାଳପଡ଼ା ଅଞ୍ଚଳରେ ଆମେ ବହୁ ସ୍ଥାନରେ ଯେଉଁ ଗ୍ରାମକମିଟିମାନ ଗଠନ କରିଥିଲୁ ଏବଂ ସେସବୁ ଗ୍ରାମର ଲୋକମାନଙ୍କ ସଂସ୍ପର୍ଶରେ ଆସିଥିଲୁ, ସେସବୁ ମହଲରୁ ମାର୍ଶାଘାଇରେ ହାଇସ୍କୁଲ୍ ପ୍ରତିଷ୍ଠା ପାଇଁ ସାହାଯ୍ୟ ସହାନୁଭୂତି ମିଳୁଥାଏ । ବହୁ ଉଦ୍ୟମ ପରେ ହାଇସ୍କୁଲ୍ ପରିମିସନ୍ ପାଇଲା । ପ୍ରଥମ ବ୍ୟାଚ୍ ପିଲା ଭଲ କୃତିତ୍ୱ ସହକାରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ତାପରେ ହାଇସ୍କୁଲ ଯେତେବେଳେ ଠିଆ ହୋଇଗଲା, ସେତେବେଳେ ଦେଖାଗଲା ଯେ, ଯେଉଁ ଲୋକମାନେ ଆଗରୁ ମୁହଁଛପା ଦେଇ ରହିଯାଉଥିଲେ, ସେମାନେ ବର୍ତ୍ତମାନ ଆଗକୁ ବାହାରି ପଡ଼ି ଆମକୁ ପଛକୁ ଠେଲି ଦେଲେ, ଯଥା ମାର୍ଶଘାଇର ଧ୍ରୁବ ସ୍ୱାଇଁ, ରସାନନ୍ଦ ରଥ ଓ କଣ୍ଣୁ ପ୍ରଧାନ ଇତ୍ୟାଦି । ଯାହାହେଉ, ଆମକୁ ଆତ୍ମସନ୍ତୋଷ ମିଳିଲା ଯେ, ହାଇସ୍କୁଲ କରିବାପାଇଁ ଯେଉଁ କଷ୍ଟ, ତ୍ୟାଗ ଓ ସାଧନା କରାଯାଇଥିଲା, ତାହା ସଫଳ ହେଲା । ଯାହା ହେଉ ପ୍ରଥମ ଅବସ୍ଥାରେ ସ୍କୁଲଟିକୁ ଭଲଢ଼ଙ୍ଗରେ ଗଢ଼ିବା ପାଇଁ ଆମ ଅଞ୍ଚଳର ଦୁଇଜଣ ପଢ଼ୁଆ ପିଲା, ପଦ୍ମ ଚରଣ ନାୟକ ଓ ପ୍ରହ୍ଲାଦ ମଲ୍ଲିକ ଏଥିରେ ବିନା ପଇସାରେ ଶିକ୍ଷକତା କରିବା ପାଇଁ ମିଳିଗଲେ । ତାପରେ ଉଭୟ ରାଜନୀତିରେ ପ୍ରବେଶ କରିଥିଲେ ।

ମାର୍ଶାଘାଇରେ ଦୁର୍ଗାପୂଜା ଆରମ୍ଭ

ହାଇସ୍କୁଲ୍ ହେବା ସଙ୍ଗେସଙ୍ଗେ ବାମଦେବ ମହାପାତ୍ରଙ୍କ ଉଦ୍ୟମରେ ଓ ଗୋପବନ୍ଧୁ ସେବାସଂଘ ଜରିଆରେ ମାର୍ଶାଘାଇରେ ଦୁର୍ଗାପୂଜା ଆରମ୍ଭ କରିବାର ଉଦ୍ୟମ ଚାଲିଲା । ମୁଁ ଜଣେ ସଂସ୍କାରବାଦୀ ହୋଇଥିବା ଦୃଷ୍ଟିରୁ ଦୁର୍ଗାପୂଜାର ପ୍ରସ୍ତାବକୁ ବିରୋଧ କରିଥିଲି । ମୋର ଆଶଙ୍କା ଥିଲା, ଦୁର୍ଗାପୂଜା ହେଲେ ବହୁ ଲୋକ ସମାଗମ ହେବ, ମଦ୍ୟପାନ, ବ୍ୟଭିଚାର ଓ ବିଭିନ୍ନ ଅପରାଧମାନ ଘଟି ଚାଲିବ । ଏହିସବୁ କେତେକ କାରଣ ନେଇ ମୁଁ ଦୁର୍ଗାପୂଜା ପ୍ରସ୍ତାବରେ ଏକମତ ନଥିଲି । କିନ୍ତୁ ତାକୁ ମହତ୍ ଉଦ୍ଦେଶ୍ୟରେ ପରିଚାଳନା କରିବା ପାଇଁ ସ୍ଥିର କରାଗଲା । ମାର୍ଶଘାଇ ବଜାରରେ ବେପାରୀ ସଂଘ ଗଢ଼ି ତାରି ଜରିଆରେ ଦୁର୍ଗାପୂଜା ହେବ ବୋଲି ଠିକ୍ ହେଲା । ପୂଜା ଖର୍ଚ୍ଚ ମେଣ୍ଟିଲା ପରେ ଯାହା ଉଦ୍‌ବୃତ୍ତ ଧନ ରହିବ, ତାହା ମାର୍ଶାଘାଇ ହାଇସ୍କୁଲ ଗଢ଼ିବାରେ ସାହାଯ୍ୟ କରିବ । ଏହି ଉଦ୍ଦେଶ୍ୟରେ ଦୁର୍ଗାପୂଜା ଅରାମ୍ଭ ହେଲା । ପୂଜା ଆରମ୍ଭ ହେବାର ଦଶବର୍ଷ ଯାଏ ପୂଜା ସମୟରେ ବୃନ୍ଦାବନ ବାବୁ

Digitized by srujanika@gmail.com

ଓ ମୁଁ ସକାଳୁ ସେ ଜାଗାକୁ ଯାଇ ଝାଡୁଧରି ସଫା କରୁଥିଲୁ । ଆଜିପର୍ଯ୍ୟନ୍ତ ମାର୍ଶାଘାଈ ଦୁର୍ଗାପୂଜା ଖୁବ୍ ଆଡ଼ମ୍ବର ସହକାରେ ଦିନକୁ ଦିନ ବଢ଼ି ଚାଲିଛି । କିନ୍ତୁ ମାଙ୍କୁ ପୂଜା କରୁଥିବା ବା ବିଶ୍ୱାସ କରୁଥିବା ଲୋକମାନେ ଅଧିକରୁ ଅଧିକ ମାନବିକ ଗୁଣ ଅର୍ଜନ କରିବା ପରିବର୍ତ୍ତେ ସେମାନଙ୍କ ଭିତରେ ବ୍ୟଭିଚାର, ଟାଉଟରି, ଦ୍ୱାଚୋରା ଓ ମଦୁଆମି ମଧ୍ୟ ଖୁବ୍ ଜୋରରେ ବଢ଼ି ଚାଲିଛି । ଠାକୁର ପାଣିକୁ ଗଲାଦିନ କୌଣସି ଭଦ୍ରଲୋକ ଯଦି ସେ ଦୃଶ୍ୟ ଦେଖେ, ତେବେ ସେ ସହଜରେ ଜାଣିପାରିବେ ଯେ, ପ୍ରୋସେସନ୍ କରି ନେଉଥିବା ଲୋକମାନଙ୍କ ଉପରେ କିପରି ମା'ଙ୍କର ଆଶୀର୍ବାଦ ଅଜାଡ଼ି ହୋଇ ପଡ଼ିଛି । ଦୁର୍ଗାପୂଜା ଆରମ୍ଭ କରେଇ ଆମେ ପରେ ଭାବିଛୁ, ଆମେ ସେତେବେଳେ ଭୁଲ୍ କାର୍ଯ୍ୟ କରିନାହୁଁ ତ ? କାରଣ, ଏହି ଦୁର୍ଗାପୂଜାର ସୁଯୋଗ ନେଇ ଅନେକ ସମାଜ-ବିରୋଧୀ କାର୍ଯ୍ୟ ସୁସଂଗଠିତ ଢଙ୍ଗରେ ଚାଲିପାରୁଛି ।

ସେବାସଂଘ ପାଇଁ ଜାଗା ବ୍ୟବସ୍ଥା

ଏ ଅଞ୍ଚଳରେ ଗାନ୍ଧୀ ଗୋପବଂଧୁଙ୍କ ଆଦର୍ଶ ଅନୁଯାୟୀ ରଚନାତ୍ମକ କାର୍ଯ୍ୟ ସ୍ଥାୟୀ ଭାବେ ବଜାୟ ରଖିବା ସକାଶେ ମାର୍ଶାଘାଇ ଠାରେ ଗୋପବନ୍ଧୁ ସେବାସଂଘର ଗୋଟିଏ ସ୍ଥାୟୀ ଘର ଆବଶ୍ୟକ ବୋଲି ଅନୁଭବ କରାଗଲା । କଷ୍ଟେମଷ୍ଟେ ଚାନ୍ଦା ଆଦାୟ କରି ମାର୍ଶାଘାଇ ହାଟରେ ଥିବା ଖଣ୍ଡେ ଜାଗା ଗୋପବଂଧୁ ସେବାସଂଘ ନାଁରେ ରେଜିଷ୍ଟ୍ରି କରାଗଲା । ସେବାସଂଘ ଟ୍ରଷ୍ଟ ବୋର୍ଡ଼ରେ ଆମେ ଛ ଜଣ ସ୍ଥାୟୀ ସଭ୍ୟ ରହିଲୁ । ସେମାନେ ହେଲେ ୧-ଲୋକନାଥ ମିଶ୍ର, ୨-ଶଚିଦାନନ୍ଦ ମହାନ୍ତି, ୩ - ହାଡ଼ିବନ୍ଧୁ ରାଉତ, ୪- ବୃନ୍ଦାବନ ଲେଙ୍କା, ୫ - ନରୋତ୍ତମ ବେହେରା, ଓ ଆଉଜଣେ, ଯାହାଙ୍କ ନାମ ମନେ ପଡୁନାହିଁ । ସେମାନଙ୍କ ନାମରେ ଜାଗା ରେଜିଷ୍ଟ୍ରି କରାଗଲା । ମୋ ଶଶୁର ହାଡ଼ିବନ୍ଧୁ ରାଉତ ଏଥିରେ ସହଯୋଗ ପ୍ରଦାନ କରୁଥାନ୍ତି । ମାର୍ଶାଘାଈରୁ ଶିଳିପୁରକୁ ଯିବା ରାସ୍ତା କଡ଼ରେ ତାଙ୍କର ଜାଗା ଖଣ୍ଡେ ଥିଲା ଓ ସେଠି ତାଙ୍କର ବଗିଚା ଇତ୍ୟାଦି ହେଉଥିଲା । ସେହି ଜାଗାକୁ ସେ ଗୋପବନ୍ଧୁ ସେବାସଂଘକୁ ଦାନସୂତ୍ରରେ ରେଜିଷ୍ଟ୍ରି କରିଦେଲେ । ସେତେବେଳେ କଥା ହୋଇଥିଲା, ଯେତେବେଳେ ଗୋପବନ୍ଧୁ ସେବାସଂଘ କାର୍ଯ୍ୟକ୍ରମର ସଂପ୍ରସାରଣ ଘଟିବ, ସେତେବେଳେ ଏ ଜାଗା କାମରେ ଆସିବ । କିନ୍ତୁ ସେ ଜମି ଏ ପର୍ଯ୍ୟନ୍ତ ପଡ଼ିଆ ପଡ଼ିଛି । ନବରକାନ ଗ୍ରାମର ଜଣେ ବଦାନ୍ୟ ବ୍ୟକ୍ତି ବଟକୃଷ୍ଣ ରାଉତ ଗୋପବନ୍ଧୁ ସେବାସଂଘର ଜଣେ ଟାଣୁଆ ପୃଷ୍ଠପୋଷକ ଥିଲେ । ସେ ମଧ ହାଡ଼ିବନ୍ଧୁ ରାଉତଙ୍କ ଜମିପାଖରେ ଥିବା ନିଜର କିଛି ଜମିକୁ ଗୋପବନ୍ଧୁ ସେବାସଂଘକୁ ଦାନ କରିଥିଲେ । ଆମେ ସେ ଜମିରେ ଗୋପବନ୍ଧୁ ସେବାସଂଘ ତରଫରୁ ଗୋଟିଏ ଗଡ଼ିଆ ଖୋଳିଥିଲୁ । ଆମମାନଙ୍କର କଳ୍ପନା ଥିଲା, ଦେଶ ସ୍ୱାଧିନ ହେବାପରେ ଦେଶର ପୁରା ପରିବର୍ତ୍ତନ ହେବ ଏବଂ ସେହି ପରିପ୍ରେକ୍ଷିରେ ରଚନାତ୍ମକ ଧନ୍ଦାମୂଳକ କାର୍ଯ୍ୟ ଜୋର୍ ସୋର୍‌ରେ ଚାଲିବ । ବଦାନ୍ୟ ବ୍ୟକ୍ତମାନେ ସେହି ଆଶା ରଖି ତାଙ୍କର ଜାଗାସବୁ ଗୋପବନ୍ଧୁ ସେବାସଂଘ ନାମରେ ଦାନ କରି ଦେଇଥିଲେ ।

Digitized by srujanika@gmail.com

ମାର୍ଶାଘାଇରେ ସ୍ୱାଧୀନତାପ୍ରାପ୍ତି ପାଳନ

ସ୍ୱରାଜ ମିଳିବା ନିକଟ ହୋଇ ଆସିଲା । ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଇଂରେଜମାନେ ଭାରତବର୍ଷରେ ତାଙ୍କର ପ୍ରାୟ ୨୦୦ ବର୍ଷର ସାମ୍ରାଜ୍ୟରେ ଡୋରି ବାନ୍ଧି କଂଗ୍ରେସ ହାତରେ କ୍ଷମତା ଅର୍ପଣ କରି ବିଦାୟ ନେବାର ସମୟ ପାଖ ହୋଇ ଆସିଲା । ଆମେମାନେ ଭାବୁଥିଲୁ, ସ୍ୱରାଜ ଆସିବାପରେ ଭାରତବର୍ଷରେ ରାମରାଜ୍ୟ ପ୍ରତିଷ୍ଠା ହେବ । ଦୁଃଖୀ ହୋଇ କେହି ରହିବେ ନାହିଁ । ସମସ୍ତଙ୍କୁ ଶିକ୍ଷା, ଚିକିତ୍ସା ଓ ପାନୀୟ ଜଳ, ଚାଷୀକୁ ଭୂମି ଓ ବେକାରୀଙ୍କୁ କାମ ମିଳିବ । ଦେଶରେ କଳକାରଖାନା ଇତ୍ୟାଦି ଗଢ଼ି ଉଠିବ ଓ ସମସ୍ତେ ଆନନ୍ଦରେ ରହିବେ । ଏହି କଥା ଗାନ୍ଧିଜୀ କହୁଛନ୍ତି ବୋଲି କଂଗ୍ରେସ ଲୋକମାନେ ସଭାସମିତିରେ ଓ ବକ୍ତୃତା ମାଧ୍ୟମରେ ଲୋକମାନଙ୍କ ଭିତରେ ପ୍ରଚାର କରୁଥିଲେ । ଜଣେ ସ୍ୱାଧୀନତା ଆନ୍ଦୋଳନର କର୍ମୀ ହିସାବରେ ମୁଁ ମଧ୍ୟ ଲୋକମାନଙ୍କୁ ଗ୍ରାମ ସଂଗଠନ ମାଧ୍ୟମରେ ଏହିଭଳି ସଚେତନ କରାଉଥିଲି । ପ୍ରତ୍ୟେକ ଗ୍ରାମରେ ବହୁତ ଆଶା, ଉତ୍ସାହ ଓ ଉଦ୍ଦୀପନା ସହିତ ଆମେ କାର୍ଯ୍ୟ କରୁଥିଲୁ । ସ୍ୱାଧୀନତା ପରେ ପ୍ରତ୍ୟେକ ଗ୍ରାମରେ ସ୍କୁଲ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ପାନୀୟ ଜଳ ଓ ରାସ୍ତାଘାଟ ଇତ୍ୟାଦି ଉନ୍ନୟନମୂଳକ କାର୍ଯ୍ୟ ଗ୍ରାମ ସଂଗଠନ ମାଧ୍ୟମରେ ହୋଇପାରିବ - ଏହି ଶିକ୍ଷା ଆମେ ଗ୍ରାମବାସୀମାନଙ୍କୁ ଦେଉଥିଲୁ । ଇଂରେଜମାନେ ଭାରତବର୍ଷକୁ ଆସିବା ପୂର୍ବରୁ ପ୍ରତ୍ୟେକ ଗ୍ରାମରେ ଗ୍ରାମସଭା ଥିଲା । ଗ୍ରାମର ଲୋକେ ଗ୍ରାମର ସମସ୍ତ ଭଲମନ୍ଦ କଥା ନିରପେକ୍ଷ ଭାବରେ ମିଳିମିଶି ବିଚାର-ବିମର୍ଷ କରୁଥିଲେ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଉଥିଲେ । ସେହିପରି ଗ୍ରାମ ସଂଗଠନ ମାଧ୍ୟମରେ ଗ୍ରାମସଭା ଗଢ଼ି ତାରି ଜରିଆରେ ଏ ସମସ୍ତ କାର୍ଯ୍ୟ କରାହେବ ବୋଲି ବହୁ ଉଦ୍ଦୀପନା ଓ ବିଶ୍ୱାସର ସହିତ ଆମେ ଗୋପବନ୍ଧୁ ସେବାସଂଘ ଜରିଆରେ ଗାଁକୁ ଗାଁ ବୁଲି ସଭାସମିତିମାନ କରି ଲୋକମାନଙ୍କୁ ବୁଝାଉଥିଲୁ । ପୁଣି ବୁଝାଉଥିଲୁ, ଲୋକମାନେ କେହି ଦୁଃଖୀ ଓ ଦରିଦ୍ର ଅବସ୍ଥାରେ ରହିବେ ନାହିଁ ଓ ଏଥିପାଇଁ ସମସ୍ତଙ୍କୁ ପରିଶ୍ରମ କରିବାକୁ ପଡ଼ିବ । ଯେଝା ଯୋଗ୍ୟତାନୁସାରେ ସମସ୍ତଙ୍କୁ କାମଦାମ ମିଳିବ । ରାମରାଜ୍ୟରେ ଯେପରି ପ୍ରଜାମାନେ ସୁଖସ୍ୱାଚ୍ଛନ୍ଦ୍ୟରେ ଥିଲେ ସେହିପରି ଆମକୁ ରାମରାଜ୍ୟ ପ୍ରତିଷ୍ଠା କରିବାକୁ ହେବ । ଏହି ଆଦର୍ଶନେଇ କାର୍ଯ୍ୟ କରୁଥିଲୁ ।

ସେହି ନିର୍ଦ୍ଦିଷ୍ଟ ଦିନ ଆସିଗଲା । ସ୍ୱାଧୀନତା ମିଳିବା ଦିନ ଅଗଷ୍ଟ ପନ୍ଦର ତାରିଖରେ ଆମେ ଗୋପବନ୍ଧୁ ସେବାସଂଘ ଜରିଆରେ ମାର୍ଶାଘାଇରେ ଖୁବ୍ ବଡ଼ ଧରଣର ସ୍ୱାଧୀନତା ଉତ୍ସବ ପାଳନ କଲୁ । ଆଗରୁ ସେବାସଂଘ ଜରିଆରେ ଅନେକ ଗାଁରେ ଆମର ସଂଗଠନ ଥିବାରୁ ବହୁ ଲୋକ ସ୍ୱାଧୀନତା ଉତ୍ସବ ପାଳନ ପାଇଁ ଦୂରଦୂରାନ୍ତରୁ ଆସି ମାର୍ଶାଘାଇରେ ଉପସ୍ଥିତ ହେଲେ । ତାପରେ ଗୋଟିଏ ବଡ଼ ଧରଣର ସଭା ହୋଇଥିଲା । ଦୁଇଶହ ବର୍ଷର ଇଂରେଜ ରାଜତ୍ୱର ଅବସାନ ପରେ କଂଗ୍ରେସ ଓ ମହାତ୍ମା ଗାନ୍ଧୀଙ୍କ ଜରିଆରେ ସ୍ୱାଧୀନତା ହାସଲ ତଥା ସ୍ୱାଧୀନତା ପରେ ଦେଶରେ ରାମରାଜ୍ୟ ପ୍ରତିଷ୍ଠା ହେବାର ଆଶା ଓ ଉତ୍ସାହ ଘେନି ଲୋକେ ଘରକୁ ଫେରିଥିଲେ ।

Digitized by srujanika@gmail.com

ଗାନ୍ଧିଙ୍କ ସହ ଛକାପଞ୍ଝା

ସ୍ୱାଧୀନତା ହାସଲର ଠିକ୍ ପୂର୍ବରୁ ମହାତ୍ମା ଗାନ୍ଧୀ କଂଗ୍ରେସ୍‌ର ମୁଖ୍ୟ ନେତାଙ୍କୁ ତଥା ଦେଶବାସୀଙ୍କୁ କହିଥିଲେ ଯେ, ଆମେ ଯେଉଁ ରାଜନୈତିକ ସ୍ୱାଧୀନତା ଚାହୁଁଥିଲେ, ତାହା ଆମକୁ ମିଳିଗଲା । ଆମେ କିନ୍ତୁ ଗରୀବ ଲୋକଙ୍କ ସ୍ୱାଧୀନତା ପାଇଁ ମଧ୍ୟ ଲଢୁଥିଲେ । ଏଣିକି ନେତାମାନେ ସେହି ଦିଗରେ ଏ ଦେଶକୁ କିପରି ଚଳାଇବେ, ଦେଶର ଜନସାଧାରଣ ସେ କଥା ବିଚାର କରିବେ । ସେ ପୁଣି କହିଥିଲେ, କଂଗ୍ରେସର କାମ ଥିଲା, ଏ ଦେଶକୁ ସ୍ୱାଧୀନ କରିବା । କଂଗ୍ରେସ ତାର ସେତିକି କାର୍ଯ୍ୟ ପୂରଣ କଲା । ଏଣିକି କଂଗ୍ରେସକୁ ଭାଙ୍ଗି ଦିଆଯାଉ ଓ କଂଗ୍ରେସ ଲୋକମାନେ ଭାରତବର୍ଷର ପ୍ରତ୍ୟେକ ଗ୍ରାମରେ ଲୋକମାନଙ୍କୁ ଗଠନମୂଳକ କାମରେ ନିୟୋଜିତ କରନ୍ତୁ । ଭାରତବର୍ଷର ଲୋକେ ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ କ୍ଷେତ୍ରରେ ଶିକ୍ଷିତ ଓ ସଚେତନ ନହେଲେ ଦେଶର ସ୍ୱାଧୀନତା ରକ୍ଷା ହୋଇପାରିବ ନାହିଁ । ସେ ଆଉମଧ କହିଥିଲେ, ଭାରତବର୍ଷର ୭ଲକ୍ଷ ଗାଁକୁ ସାତ ଲକ୍ଷ କଂଗ୍ରେସ କର୍ମୀ ଯାଇ ଗ୍ରାମବାସୀଙ୍କୁ ସଚେତନ କରାଇ ପାରିଲେ ସେହି ଗ୍ରାମବାସୀମାନେ ନିଜର ସ୍ୱାଧୀନତା ରକ୍ଷା କରି ପାରିବେ । ଗ୍ରାମର ଉନ୍ନତିମୂଳକ କାମ ସହିତ ଧନୀ-ଦରିଦ୍ରଙ୍କ ଭିତରେ ତାରତମ୍ୟ ହ୍ରାସ ହେବା ସଙ୍ଗେସଙ୍ଗେ ଗ୍ରାମବାସୀମାନେ ସ୍ୱାବଲମ୍ବୀ ରହିବା ପାଇଁ ଦ୍ୱିଧା କରିବେ ନାହିଁ । ଗ୍ରାମସଭା ଜରିଆରେ ଗ୍ରାମର ସବୁ ଭଲମନ୍ଦ ବିଚାର କରାଯିବ ଓ କୋର୍ଟକଚେରିକୁ ଦଉଡିବାକୁ ପଡ଼ିବ ନାହିଁ । କିନ୍ତୁ ଗାନ୍ଧିଜୀଙ୍କର ଏହିସବୁ କଥା କଂଗ୍ରେସ ଲୋକମାନେ ଶୁଣିଲେ ନାହିଁ । ବର୍ଷବର୍ଷ ଧରି କଂଗ୍ରେସ ଲୋକ ସ୍ୱାଧୀନତା ପାଇଁ ଲଢ଼ି ଜେଲ୍, ଜୋରିମାନା, ଲାଠି ଓ ଗୁଳି ଇତ୍ୟାଦି ସହିଥିଲେ । ପୁଣି ସେମାନେ ବର୍ତ୍ତମାନ ଗାଁ ଗହଳିକୁ ଯାଇ ଉପରୋକ୍ତ ମତେ ଗଠନମୂଳକ କାମ ଆରମ୍ଭ କରିବାର ପ୍ରସ୍ତାବ ବୋଧହୁଏ ସେମାନଙ୍କ ମନକୁ ପାଇଲା ନାହିଁ । ଯେଉଁ ସ୍ୱାଧୀନତା ପାଇଁ ବର୍ଷବର୍ଷ ଧରି ଜେଲ୍ ଇତ୍ୟାଦି ଭୋଗ କରିଥିଲେ, ତାର ସ୍ୱାଦ ଚାଖିବାପାଇଁ ସେମାନେ କ୍ଷମତାଂକୁ ମାଡ଼ି ବସିଲେ ।

ସାଂପ୍ରଦାୟିକ ଶାନ୍ତି ପାଇଁ ରାଜଗଡ଼ରେ କାମ

ସ୍ୱାଧୀନତା ପାଖେଇ ଆସୁଥାଏ, ଅଥଚ ଭାରତ-ପାକିସ୍ଥାନ ବିଭାଜନକୁ କେନ୍ଦ୍ର କରି ସାରା ଦେଶରେ ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକ ଦଙ୍ଗା ମଧ୍ୟ ବଢ଼ିବଢ଼ି ଚାଲୁଥାଏ । ଆମ ଅଞ୍ଚଳରେ କମ୍ ସଂଖ୍ୟକ ମୁସଲମାନ ଥିଲେ । ସେମାନେ ଏହି ପରିସ୍ଥିତିରେ ଖୁବ୍ ଭୟଭୀତ ହୋଇ ପଡିଥିଲେ । ଆଉମଧ୍ୟ ମୌଳବାଦୀ ହିନ୍ଦୁମାନେ ସେମାନଙ୍କୁ ମାରିଦେବା ପାଇଁ କୌଶଳ କରୁଥିଲେ । ଆମ୍ଭେମାନେ ଗୋପବନ୍ଧୁ ସେବାସଂଘର କେତେକ କର୍ମୀ ଯଥା, ବୃନ୍ଦାବନ ବାବୁ ଓ ଦୁର୍ଯ୍ୟୋଧନ ମହାନ୍ତି ପ୍ରମୁଖ ରାଜଗଡକୁ ଯାଇ ସେଠାରେ ଥିବା ୧୦-୧୫ ଘର ମୁସଲମାନ ଲୋକଙ୍କୁ ବୁଝାସୁଝା କରାଇଥିଲୁ । ଆଉ କେତେକ କଂଗ୍ରେସ କର୍ମୀ ଭିତରେ ଭିତରେ ହିନ୍ଦୁମାନଙ୍କୁ ମତାଉଥିବାର ଆମେ ଜାଣିବାକୁ ପାଇଲୁ । ଯାହାଯେଉ, ଆମ ଅଞ୍ଚଳରେ ମୁସଲମାନଙ୍କ ପ୍ରତି ବେଶିକିଛି ଅଘଟଣ କରାଯାଇ ନାହିଁ । ଆମ୍ଭମାନଙ୍କର ସାହଚର୍ଯ୍ୟ ସେମାନଙ୍କୁ ବେଶ୍ ବଳ ଦେଉଥିଲା । ସେତେବେଳେ ମୁଁ ଜଣେ ଖାଣ୍ଟି

Digitized by srujanika@gmail.com

ସଂସ୍କାରପନ୍ଥୀ ଥିବାରୁ କୌଣସି ଜାତି କି ସଂପ୍ରଦାୟ ଇତ୍ୟାଦିରେ ମୋର ବିଶ୍ୱାସ ନଥାଏ। ଆମେ ସମସ୍ତେ ଏ ଭାରତ ବର୍ଷର ସନ୍ତାନ। ମାନବିକତା ଦୃଷ୍ଟିରୁ ମୁଁ ଏହି ବିଚାରରେ ଉପନୀତ ହୋଇ ହିନ୍ଦୁ ଓ ମୁସଲମାନ ଥିବା ଗ୍ରାମମାନଙ୍କରେ ଶାନ୍ତିଶୃଙ୍ଖଳା ରକ୍ଷା କରୁଥିଲି। ଆମେ ଗାନ୍ଧୀବାଦୀ କଂଗ୍ରେସକର୍ମୀମାନେ ପାକିସ୍ଥାନ ଗଠନର ପ୍ରସ୍ତାବ ବିରୁଦ୍ଧରେ ପ୍ରତିବାଦ କରୁଥିଲୁ। ସବୁଆଡ଼େ ମଧ୍ୟ ପ୍ରତିବାଦ ଦିବସ ପାଳନ କରାଯାଉଥିଲା। କିନ୍ତୁ କଂଗ୍ରେସ ପଡ଼ପଣ୍ଡାମାନେ ଆମ ପ୍ରତିବାଦକୁ ଖାତିର୍ ନକରି ଆଗାମୀ ଦିନରେ କ୍ଷମତା ପ୍ରାପ୍ତିର ଲାଳସାରେ ହିନ୍ଦୁସ୍ଥାନ ଓ ପାକିସ୍ଥାନ ସୃଷ୍ଟି କଲେ। ରାଷ୍ଟ୍ରନାୟକମାନଙ୍କ କଥାକୁ ବାଧ୍ୟ ହୋଇ ଆମକୁ ମାନିବାକୁ ପଡ଼ିଲା। ଏବେ ଭାରତବର୍ଷରେ ଯୁଦ୍ଧଭୟ, ସାମ୍ପ୍ରଦାୟିକ ଗଣ୍ଡଗୋଳ, ଅନ୍ତର୍ଘାତୀ କାର୍ଯ୍ୟ, ବିଚ୍ଛିନ୍ନତାବାଦ, ଲୁଟ୍‌ତରାଜ ଇତ୍ୟାଦି ଘଟଣା ଲାଗି ରହିଛି। ଏସବୁର କୁପରିଣାମ ଆମକୁ ଭୋଗ କରିବାକୁ ପଡୁଛି। ଯାହା ଦେଖାଯାଉଛି, ଭାରତ ଓ ପାକିସ୍ଥାନ ବିଭାଜିତ ହୋଇ ରହିଥିବା ପର୍ଯ୍ୟନ୍ତ ଏହିପରି ଅଘଟଣ ସବୁ ଲାଗି ରହିଥିବ। କେତେକ ଅପରିଣାମଦର୍ଶୀ ନେତାଙ୍କ ଯୋଗୁଁ ଆଜି ସାରା ଭାରତୀୟ ଭୂଖଣ୍ଡର ଲୋକେ ଏପରି କଷ୍ଟ ଭୋଗୁଛନ୍ତି। ସ୍ୱାଧୀନତା ପରେ କଂଗ୍ରେସ ନେତାମାନେ ସରକାରକୁ ଯେପରି ଭାବରେ ପରିଚାଳନା କଲେ ଗାନ୍ଧିଜୀ ସେଥିରେ ଅସନ୍ତୋଷ ପ୍ରକଟ କରୁଥିଲେ। ସେ ଭାବୁଥିଲେ, ସ୍ୱାଧୀନତା ପରେ ଭାରତବର୍ଷର ରୂପ ବଦଳି ଯିବ। କିନ୍ତୁ ଫଳ ଠିକ୍ ତାର ଓଲଟା ହେଲା। ଇଂରେଜମାନେ ଯେଉଁ ପଦ୍ଧତିରେ ଶାସନ କରୁଥିଲେ, ଏମାନେ ତାକୁ ସାମାନ୍ୟ ଟିକେ ଅଦଳବଦଳ କରି ସେହିପରି ଶାସନ ଚଳେଇଲେ। ଗାନ୍ଧୀଜୀ ଭାବୁଥିଲେ, ମୁଁ ଆଉ ୨୦ ବର୍ଷ ଅଧିକା ବଞ୍ଚିବି। କିନ୍ତୁ ସେ ୭୯ ବର୍ଷରେ ୧୯୪୮ ମସିହା ଜାନୁୟାରୀ ୩୦ତାରିଖ ଦିନ ଦିଲ୍ଲୀର ପ୍ରାର୍ଥନା ସଭାରେ ନାଥୁରାମ୍ ଗଡ଼୍‌ସେ ଦ୍ୱାରା ନିଧନ ହେଲେ।

ଗାନ୍ଧି ହତ୍ୟା

କଂଗ୍ରେସ ଯେଉଁ ଢଙ୍ଗରେ ସ୍ୱାଧୀନତା ଆଣିଲା, ତଦ୍ୱାରା ସାଧାରଣ ଲୋକଙ୍କ ପାଇଁ କିଛି ଆଖିଦୃଶିଆ କାର୍ଯ୍ୟ ହେଲାନାହିଁ। ଯେଉଁ ଶ୍ରେଣୀ ଏ ଦେଶକୁ ଶୋଷଣ କଲେ, ସେହିମାନଙ୍କ ପାଇଁ ସବୁକିଛି ସୁବିଧା କରାଗଲା। ଗାନ୍ଧିଜୀ ବାରମ୍ବାର କଂଗ୍ରେସ ସରକାରକୁ ପ୍ରତି ପାଦରେ ବିରୋଧ କରୁଥାନ୍ତି। କଂଗ୍ରେସ ଯେତେବେଳେ ଗାନ୍ଧିଜୀଙ୍କ କଥାକୁ ଗ୍ରହଣ କରେନା, ସେତେବେଳେ ଗାନ୍ଧି ଆମରଣ ଅନଶନର ଧମକ ଦିଅନ୍ତି। ଏହିସବୁ କଥା ଦେଖି କଂଗ୍ରେସର ବଡ଼ପଣ୍ଡାମାନେ ମନେକଲେ, ଗାନ୍ଧିଜୀଙ୍କୁ ଏ ଦେଶରୁ ନ ହଟାଇଲେ ତାଙ୍କ ସରକାର ଚାଲିପାରିବ ନାହିଁ। ତାଙ୍କୁ ହଟାଇବାକୁ ଭିତିରି ଉଦ୍ୟମ ନିଶ୍ଚୟ ହୋଇଥିବ ବୋଲି ଅନୁମାନ କରାଯାଏ। ଏହି ସମୟରେ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଦିଲ୍ଲୀ ପ୍ରାର୍ଥନା ସଭାରେ ମହାତ୍ମା ଗାନ୍ଧିଙ୍କୁ ନାଥୁରାମ ଗଡ଼୍‌ସେ ବୋଲି ଜଣେ ଯୁବକ ହତ୍ୟା କଲା। ଆଗରୁ ମଧ୍ୟ ଦିଲ୍ଲୀର ପ୍ରାର୍ଥନା ସଭାରେ ୭ଦିନ ପୂର୍ବରୁ ମଦନଲାଲ ବୋଲି ଜଣେ ଯୁବକ ମହାତ୍ମା ଗାନ୍ଧିଙ୍କ ଉପରକୁ ବୋମା ନିକ୍ଷେପ କରିଥିଲା। ଏ କଥା କଂଗ୍ରେସ ସରକାର ଜାଣିମଧ୍ୟ ଗାନ୍ଧିଙ୍କ ନିରାପତ୍ତା ପାଇଁ ବିଶେଷ କିଛି ବ୍ୟବସ୍ଥା କରି ନଥିଲା। ପୁଣି ସର୍ଦ୍ଦାର ପଟେଲ ଘରୋଇ ବିଭାଗ ମନ୍ତ୍ରୀ ଥିଲେ, କିନ୍ତୁ ସେ ଏହି ଘଟଣା ପୂର୍ବରୁ ଉପଯୁକ୍ତ ସତର୍କ-ବ୍ୟବସ୍ଥା

Digitized by srujanika@gmail.com

ଗ୍ରହଣ କରି ନଥିଲେ । ଏହିପରି କଂଗ୍ରେସ ଲୋକେ ଜାଣିଶୁଣି ଗାନ୍ଧିଙ୍କୁ ହତ୍ୟା କରାଇ ତାଙ୍କ ଶାସନବାଟରୁ କଣ୍ଟା ଦୂର କରାଇଲେ । ଗାନ୍ଧି ହତ୍ୟାପରେ ଆମ୍ଭେମାନେ ଭାଙ୍ଗିପଡ଼ିଲୁ । ରାମରାଜ୍ୟ କରାଇବା ଲୋକ ଚାଲିଗଲେ ।

ପାନ ବଣ୍ଡଲ୍ ଲୁଟ୍ ଓ ଆମର ଅନଶନ

ଆମେ ଗାନ୍ଧୀହତ୍ୟା କଥାଶୁଣି ରାଷ୍ଟ୍ରନେତାଙ୍କୁ ସମ୍ମାନ ଦେବାପାଇଁ ତା'ପରଦିନ ଗୋପବନ୍ଧୁ ସେବାସଂଘ ତରଫରୁ ମାର୍ଶାଘାଇ ହାଟବଜାର ଇତ୍ୟାଦି ବନ୍ଦ କରାଇଲୁ । ସବୁଥର ଭଳି ବହୁ ପାନଡ଼ଙ୍ଗା ହାଟପାଳିର ପୂର୍ବ ଦିନରୁ ମାର୍ଶାଘାଇକୁ ଆସି ଯାଇଥିଲା । ପ୍ରତି ହାଟପାଳିକୁ ପ୍ରାୟ ୨୦ ହଜାର ଟଙ୍କାର ପାନ ଆସୁଥିଲା । ବନ୍ଦ ଡ଼ାକରାର ସୁଯୋଗ ନେଇ ସମାଜବିରୋଧୀ ଲୋକେ ପାନଡଙ୍ଗାକୁ ଲୁଟ୍‌ତରାଜ କରି ନେଇଗଲେ । ସେବାସଂଘ ତରଫରୁ ବାମଦେବ ବାବୁ, ବୃନ୍ଦାବନ ବାବୁ ଓ ମୁଁ ତଥା ଅନ୍ୟାନ୍ୟ କର୍ମୀମାନେ ଯାଇ ଘଟଣା ସ୍ଥଳରେ ଶାନ୍ତିଶୃଙ୍ଖଳା ଫେରାଇ ଆଣିଲୁ । କିନ୍ତୁ ବହୁ ପାନ ବଣ୍ଡିଲ୍ ଲୁଟ୍ ହୋଇଥିବାରୁ ଆମ୍ଭେମାନେ ସଙ୍ଗେସଙ୍ଗେ ହାଟରେ ମହାତ୍ମା ଗାନ୍ଧିଙ୍କ ପ୍ରୟାଣ ଦିବସକୁ ପାଳନ କରିବାକୁ ଯାଇ ସଂକଳ୍ପ କଲୁ ଯେ, ଏପରି ଲୁଟ୍‌ତରାଜକୁ କଦାପି ବରଦାସ୍ତ କରା ଯାଇପାରିବ ନାହିଁ ଏବଂ ଆଉମଧ୍ୟ ଯେଉଁମାନେ ପାନ ବଣ୍ଡଲ୍ ଲୁଟ୍ କରି ନେଇଛନ୍ତି, ସେମାନେ ସଙ୍ଗେସଙ୍ଗେ ପାନସବୁ ଫେରାଇ ଦେବା ଦରାକର, ନଚେତ୍ ଆମ୍ଭେମାନେ ଏଠାରେ ପାନ ନଫେରିବା ପର୍ଯ୍ୟନ୍ତ ଅନଶନ କରିବୁ । ଅନଶନ କରିବାର ଘୋଷଣା କରି ଆମେ ଅନଶନ ଆରମ୍ଭ କରି ଦେଲୁ । ତାର କିଛି ସମୟପରେ ଯେଉଁମାନେ ବଣ୍ଡିଲ୍ ବଣ୍ଡିଲ୍ ପାନସବୁ ନେଇ ଯାଇଥିଲେ, ସେମାନଙ୍କ ଭିତରୁ କେତେକ ଲୋକ ତାହା ଫେରାଇଲେ । ଯାହାଙ୍କ ପାନସବୁ ଚାଲି ଯାଇଥିଲା, ସେମାନଙ୍କୁ ଏସବୁ ଫେରାଇଲୁ । ସବୁ ପାନ ଫେରିପାରିଲା ନାହିଁ । ଅଧିକାଂଶ ପାନ ମିଳିଥିଲା । ଯାହାଙ୍କର ପାନ ଯାଇଥିଲା, ସେମାନଙ୍କ ଭିତରେ ଆମକୁ ଫେରିମିଳିଥିବା ପାନକୁ ବାଣ୍ଟିଦେଲୁ । ପାନ ମାଲିକମାନେ ସନ୍ତୋଷ ପ୍ରକାଶ କରିବାରୁ ଆମ୍ଭେମାନେ ସେମାନଙ୍କ ଅନୁରୋଧରେ ଅନଶନ ଭଙ୍ଗ କଲୁ ।

ଗାନ୍ଧିହତ୍ୟା ପରେପରେ କଂଗ୍ରେସର ବଡ଼ପଣ୍ଡାମାନେ ଗାନ୍ଧିଙ୍କ ନାମକୁ ଦିନରାତି ଭଜନ କରିବାରେ ଲାଗିଗଲେ, କିନ୍ତୁ ଅନ୍ୟପଟରେ ଶାସନ କ୍ଷେତ୍ରରେ କଂଗ୍ରେସୀ ନେତାମାନେ ଗାନ୍ଧି କହିଥିବା ରାମରାଜ୍ୟକୁ ଧନୀକ ଶ୍ରେଣୀଙ୍କ ପାଖରେ ପହଞ୍ଚାଇ ଦେଲେ । ଆଉ ମଧ୍ୟ ଯେଉଁମାନେ ସ୍ୱାଧିନତା ଆନ୍ଦୋଳନକୁ ବିରୋଧ କରୁଥିଲେ, ସେମାନେ ସ୍ୱାଧିନତା ମିଳିବା ସଙ୍ଗେସଙ୍ଗେ ଭେକ ବଦଳାଇ ନିଜକୁ ତ୍ୟାଗୀ କଂଗ୍ରେସ କର୍ମୀ ବୋଲାଇଲେ । ସ୍ୱାଧିନତା ପରଦିନଠାରୁ ସେମାନେ ଖଦଡ଼ ପିନ୍ଧିବା ଆରମ୍ଭ କରିଦେଲେ ।

ଗୋପବନ୍ଧୁ ସେବାସଂଘରୁ ମୋହଭଙ୍ଗ

ଆମର ନିଶ୍ଚିତ କଳ୍ପନା ଥିଲା, କଂଗ୍ରେସ ଓ ମହାତ୍ମା ଗାନ୍ଧିଙ୍କ ଜରିଆରେ ଦେଶ ସ୍ୱାଧିନ ହେଲା ପରେ ଏ ଦେଶରେ କେହି ଗରିବ ରହିବେ ନାହିଁ । ଭୂମିହୀନଙ୍କୁ ଭୂମି ଦିଆଯିବ । ସମସ୍ତ ପିଲାଙ୍କୁ ଶିକ୍ଷା ଦିଆଯିବ । ସବୁ କ୍ଷେତ୍ରରେ ସମସ୍ତଙ୍କୁ ସମାନ ସୁବିଧାସୁଯୋଗ ମିଳିବ ।

Digitized by srujanika@gmail.com

ଧନୀ-ଦରିଦ୍ରର ଭେଦଭାବ ରହିବ ନାହିଁ । ଏହି ପ୍ରତିଶ୍ରୁତିମାନ କଂଗ୍ରେସ ବଡ଼ପଣ୍ଡାମାନେ ସଭାସମିତିରେ ବୟାନ କରିଥିଲେ । ପୁଣି ସେମାନେ ପ୍ରଚାର କରିଥିଲେ ଯେ, ଗାନ୍ଧିଙ୍କ ପନ୍ଥାରେ ଅହିଂସା ଉପାୟରେ ସମାଜରେ ଗଣତନ୍ତ୍ର ଓ ସମାଜବାଦ ପ୍ରତିଷ୍ଠା ହେବ ଏବଂ ଏଥିରେ ସମସ୍ତେ ସୁଖସ୍ୱାଚ୍ଛନ୍ଦ୍ୟରେ ରହିବେ । ପ୍ରତ୍ୟେକ ଲୋକ ମଧ୍ୟ ସମାଜ ପ୍ରତି ଦାୟିତ୍ୱଶୀଳ ରହିବେ । ଏ ସମାଜପାଇଁ ସେ ତା'ର ଶକ୍ତି ଅନୁଯାୟୀ ଶ୍ରମଦାନ କରିବଏବଂ ତା'ର ଆବଶ୍ୟକତା ଅନୁଯାୟୀ ସେତିକି ସମାଜରୁ ପାଇବ । ଏହି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଠିକ୍‌ପନ୍ଥାରେ ଯିବାକୁ ହେବ । ସେହି ଯେଉଁ ସମାଜ ପ୍ରତିଷ୍ଠା ହେବ, ସେଥିରେ ସମସ୍ତେ ସୁଖରେ ରହିବେ । ଆଉ ପ୍ରତି ବ୍ୟକ୍ତି ନିଜ ଜୀବନକୁ ସରଳ ମାର୍ଗରେ ପରିଚାଳିତ କରିବା ସଙ୍ଗେ ସଙ୍ଗେ ସମାଜ ପାଇଁ ଉଚ୍ଚ ଭାବନା ବହନ କରି ଚାଲିବ । ସେହି ସମାଜ ହେବ ରାମରାଜ୍ୟ । ଗାନ୍ଧିଙ୍କ ଏହି ଉକ୍ତିକୁ ବିଶ୍ୱାସ କରି ଆମ୍ଭେମାନେ ଗୋପବନ୍ଧୁ ସେବାସଂଘ ଜରିଆରେ ବହୁ ଉନ୍ନତିମୂଳକ କାର୍ଯ୍ୟ ଏ ଅଞ୍ଚଳରେ କରୁଥିଲୁ । କିନ୍ତୁ ସ୍ୱାଧୀନତା ମିଳିବାର ସାଢ଼େ ପାଞ୍ଚମାସ ପରେ ଗାନ୍ଧୀଜୀଙ୍କୁ ହତ୍ୟା କରାଗଲା । ସ୍ୱାଧୀନତା ମିଳିବାର ବର୍ଷକ ପରେ ଦେଖାଗଲା, ସ୍ୱାଧୀନତା ପୂର୍ବର କଥାସବୁ କଂଗ୍ରେସ ବାଲାଙ୍କର ପାଣିରେ ଗାରପରି ମିଳାଇଯାଉଛି । କେବଳ ଗୋରା ସରକାର ବଦଳରେ କଳା ସରକାର ଗଢ଼ା ଯାଇଛି । ସ୍ୱାଧୀନତା ମିଳିବା ଫଳରେ ଜନସାଧାରଣଙ୍କର କିଛି ଉପକାର ହେବ ବୋଲି ଆଶା କରାଯାଉନି । ଯାହା ଦେଖାଗଲା, ଇଂରେଜ ସରକାର ଅମଳରେ ଲୋକମାନେ ଯେପରି ଭୋକଉପାସରେ ରହୁଥିଲେ, ସେହିପରି ସେମାନେ ଭୋକ ଉପାସରେ ସଢ଼ୁଛନ୍ତି । ସ୍ୱାଧୀନତା ମିଳିଲେ ଶୋଷକ ଶ୍ରେଣୀ ଏ ସମାଜରୁ ଲୋପ ହେବେ ବୋଲି କଂଗ୍ରେସ ନେତାଏ କହୁଥିଲେ କିନ୍ତୁ ଆଜି ସେହି ଧନୀକ ଶ୍ରେଣୀ ହାତରେ କଂଗ୍ରେସ ସରକାର ପରିଚାଳିତ ହେଉଛି । ଏହି ଶୋଷକ ଶ୍ରେଣୀ ଗରୀବ ଓ ଚାଷୀମାନଙ୍କୁ ଯେପରି କଟାକ୍ଷ କରି କହୁଛନ୍ତି - ଏ ସ୍ୱାଧୀନତା ପାଇବାପାଇଁ ତୁମେ ସବୁ କେତେ ଉତ୍ସାହ ସହକାରେ ନାଚୁ ନଥିଲ ଓ ଭାବୁଥିଲ ଇଂରେଜ ଗଲାପରେ କଂଗ୍ରେସ ଆସିବ, ଜମିଦାରୀ ଉଠିବ, ପୁଞ୍ଜିପତି ନାଶ ଯିବ, ରାଜତନ୍ତ୍ର ଲୋପ ପାଇବ, ଚୋରା ବେପାରୀ ଫାଶି ପାଇବ, ସମାଜଦ୍ରୋହୀ ଜେଲ୍ ଯିବ, ଆଉ କୃଷକ, ମୂଲିଆ ଓ ଖଟିଖିଆ ଶ୍ରେଣୀର ଲୋକେ ହେବେ ଏ ଦେଶର ମାଲିକ । କିନ୍ତୁ ତୁମେ ଭୁଲି ଯାଇଥିଲ ଯେ, ଆମର କେତେ ଶକ୍ତି ଅଛି, ଓ ଦେଶର ପ୍ରକୃତ ମାଲିକ କିଏ ? ଇଂରେଜ ସରକାର ଥିଲାବେଳେ ଗ୍ରାମର ମୁଖିଆ ଓ ଧନୀକ ଶ୍ରେଣୀର ଯେଉଁ ପ୍ରାଦୁର୍ଭାବ ଥିଲା, ସ୍ୱାଧୀନତା ମିଳିବାପରେ ମଧ୍ୟ ସେମାନଙ୍କର ପ୍ରଭାବ ଓ ପ୍ରତିପତ୍ତି ବଜାୟ ରହିଲା । ସମାଜର କିଛି ମୌଳିକ ପରିବର୍ତ୍ତନ ହେଲା ନାହିଁ । ବିସ୍ମୟର କଥା ସ୍ୱାଧୀନତା ମିଳିବା ପରେ ପରେ ଅତୀତର ରକ୍ଷଣଶୀଳ ଓ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତି ଓ ସେମାନଙ୍କ ପୁଷ୍ଟ ଟାଉଟର ଓ ଦଲାଲ୍‌ମାନେ ରାତାରାତି ଖଦଡ଼ ପିନ୍ଧି ଖୋଳପଣ ଗାନ୍ଧିବାଦୀ ବନିଗଲେ । ସେହିମାନଙ୍କ ପୃଷ୍ଠପୋଷକତାରେ କଂଗ୍ରେସ୍ ସରକାର ଚଳାଇଲା । କିନ୍ତୁ ଅନ୍ୟ ପଟରେ ବହୁ କଂଗ୍ରେସ କର୍ମୀ ଥିଲେ, ଯେଉଁମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ ହୋଇଛି, ଯେଉଁମାନେ ଜେଲ ଭୋଗିଛନ୍ତି ଓ

Digitized by srujanika@gmail.com

ପୋଲିସ୍‌ର ଲାଠିଗୁଳି ଖାଇଛନ୍ତି ଓ ଯେଉଁମାନେ ନେତାଙ୍କ ଡ଼ାକରାରେ ରେଳଲାଇନ୍ ତାଡିଥିଲେ, ଫୋନ୍‌ଲାଇନ୍ କାଟି ଥିଲେ ବା ପୋଷ୍ଟଅଫିସ୍ ଓ ଥାନା ଇତ୍ୟାଦି ପୋଡ଼ିଥିଲେ ଏବଂ ଯେଉଁମାନଙ୍କ ଆନ୍ଦୋଳନ ଫଳରେ ଇଂରେଜ ସରକାର ଅଚଳ ହୋଇ ପଡିଥିଲା, ସେମାନଙ୍କୁ ଅଣଦେଖା ଓ ଉପେକ୍ଷା କରି କଂଗ୍ରେସ୍‌ର ଜାତୀୟ ଓ ପ୍ରାଦେଶିକ ସ୍ତରର ବଡପଣ୍ଡା ମାନେ ସବୁକ୍ଷେତ୍ରରେ ନକଲି ଓ ଛଦ୍ମବେଶୀ କଂଗ୍ରେସୀ ମାନଙ୍କୁ ମର୍ଯ୍ୟାଦାର ଆସନରେ ବସାଇଥିବାର ଦେଖିବାକୁ ମିଳିଲା ।

ଏ ପ୍ରକାର ଆବହାଉଆ ଦେଖି ଆମ୍ଭମାନଙ୍କର ମନ ମଉଳିବାକୁ ଲାଗିଲା । ଉତ୍ସାହ କମିଲା । ମନରେ ଦ୍ୱନ୍ଦ ସୃଷ୍ଟି ହେଲା । ଗୋପବନ୍ଧୁ ସେବାସଂଘ ଜରିଆରେ ଏ ସମାଜକୁ ବଦଳାଇବୁ ବୋଲି ଭାବିଥିଲୁ । କିନ୍ତୁ ଏ କଂଗ୍ରେସ ସରକାର ଦ୍ୱାରା ଜନସାଧାରଣଙ୍କର କିଛି ପରିବର୍ତ୍ତନ ହୋଇପାରିବ ନାହିଁ ବୋଲି ଆମେ ଲକ୍ଷ୍ୟ କଲୁ । ସେହିପରି ଗୋପବନ୍ଧୁ ସେବାସଂଘ ଦ୍ୱାରା ଲୋକଙ୍କର ପରିବର୍ତ୍ତନ ହୋଇପାରିବ ନାହିଁ ବୋଲି ଆମର ଧାରଣା ଦୃଢ଼ୀଭୂତ ହେବାକୁ ଲାଗିଲା ଏବଂ ସେହି କାରଣରୁ ସେବାସଂଘ ପ୍ରତି କ୍ରମେକ୍ରମେ ମନ ତୁଟିଗଲା । ରାମରାଜ୍ୟ କୁଆଡ଼େ ଗଲା ବୋଲି ମୁଁ ଅନୁସନ୍ଧାନରେ ରହିଲି । କେବଳ ଥାଥାମାମା ହୋଇ ଗୋପବନ୍ଧୁ ସେବାସଂଘ ବଞ୍ଚି ରହିଲା ।

ଜମ୍ବୁରୁ ଗୋବରଖତ ସଂଗ୍ରହ

ଚାଷ ବିଷୟରେ ମୁଁ ଖୁବ୍ ଭଲ ଚାଷୀ ଥିଲି । ଜମିରୁ କିପରି ବେଶି ଉତ୍ପାଦନ ହେବ, ସେଥିପାଇଁ ସବୁବେଳେ ମନେମନେ ଗବେଷଣା କରୁଥାଏ । ୧୯୫୨ ମସିହାରେ ଆମ ବିଲ ପାଇଁ ଯଥେଷ୍ଟ ଖତ ମିଳିବାରେ ନିଅଣ୍ଟ ଦେଖାଯିବାରୁ ମୁଁ ଗୋଟିଏ ଉପାୟ ପାଞ୍ଚିଲି । ସେତେବେଳେ ଜମ୍ବୁରେ ଘୋର ଜଙ୍ଗଲ ଥିଲା । ଇଂରେଜମାନେ ନିଜର ସୁବିଧା ପାଇଁ ଗୋଟିଏ ବଡ କୋଠାଘର କରିଥିଲେ, ଯେଉଁଠି ସମୟେ ସମୟେ ସରକାରୀ ଲୋକ ଯାଇ ରହୁଥିଲେ । ଏହାଛଡା ସେଠାରେ କୌଣସି ଲୋକ ରହୁନଥିଲେ । କିନ୍ତୁ ବଡ଼ତୋଟା-ଛପାଲି ଗାଁର କେତେକ ଲୋକ ସେଠାରେ ଅସ୍ଥାୟୀ ଗୁହାଳ କରି ଅନେକ ସଂଖ୍ୟକ ଗାଈ ରଖୁଥିଲେ । ଉଦ୍ଦେଶ୍ୟ ଅଧିକ କ୍ଷୀର ପାଇବା । ମାଲିକମାନେ ସକାଳୁ ଗାଈ ଦୁହାଁଦୁହିଁ କରି କ୍ଷୀର ଗାଁକୁ ନେଇ ଆସୁଥିଲେ । ସେଠି ଯେଉଁ ଗାଈଗୋବର ଇତ୍ୟାଦି ପାହାଡ଼ ପରିମାଣରେ ଜମା ହେଉଥିଲା, ମୁଁ ତାହାର ସନ୍ଧାନ ନେଇ ତାକୁ କିପରି କାମରେ ଲଗାଇବି ଚିନ୍ତା କଲି । ଦଶିପୁରରୁ ଗୋଟିଏ ବଡ଼ ଡଙ୍ଗା ନେଇ ନାବିକ ଓ ମୋତେ ମିଶାଇ ଚାରିଜଣ ସେଠାକୁ ଗଲୁ । ଦୁଇଦିନ ଧରି ସେଠାରେ ରହି ଜଙ୍ଗଲରୁ ଚାଷୋପକରଣ ଓ ଘର-ଉପକରଣ ପାଇଁ କାଠ ଇତ୍ୟାଦି ସଂଗ୍ରହ କଲୁ । ତାହା ସହିତ ଗୋବରଖତକୁ ଡଙ୍ଗାରେ ବୋଝେଇ କରି ମୋ ମାମୁଁଘର ମାଳିଅଞ୍ଚ ବାଟେ ଦଶିପୁରକୁ ଫେରିଲୁ । ଆମ ଗ୍ରାମରେ ବାଙ୍କୁଆଳି ପାଖ ନଈକୂଳରେ କାଠ ଓ ଖତକୁ ଗଦେଇଲୁ ଓ ସେଠାରୁ କାଠ ଘରକୁ ଏବଂ ଖତ ବିଲକୁ ବୁହାଇଲୁ । ମୋର ମନେ ଅଛି, ବର୍ଷେ ଏଭଳି ଖତ ଦେବାରୁ ଆମ ବିଲରେ ଦଶବର୍ଷ ଧରି ଭଲ ଫସଲ ଅମଳ ହେଲା । ମୋର ସାରା ଜୀବନ ଚାଷର ଉନ୍ନତି ପାଇଁ ଚେଷ୍ଟା କରିଆସିଛି । ଆମ ଘରେ ମଧ୍ୟ କେବଳ ଚାଷ କରିବା ପାଇଁ ଦୁଇଜଣ ଲୋକ ରହୁଥିଲେ ।

Digitized by srujanika@gmail.com

ଧରଣୀ ମାଷ୍ଟେଙ୍କୁ ଶିକ୍ଷକତାରୁ ବହିଷ୍କାର

ଗ୍ରାମର ଅଧିକାଂଶ ଲୋକ, ଏପରିକି କେତେକ ମାମଲତକାର, ଯେଉଁମାନେ କି ଦିନେ ମୋର ବିରୁଦ୍ଧାଚରଣ କରି ମୋତେ ବିପଦରେ ପକାଇବା ପାଇଁ ଷଡ଼ଯନ୍ତ୍ର କରୁଥିଲେ, ସେମାନେ ଲୁଚିଛପି ଆସି ମୋତେ ଦେଖାକରି ଧରଣୀଧର ସାମଲଙ୍କୁ ସ୍କୁଲ ଶିକ୍ଷକତାରୁ ହଟାଇବା ପାଇଁ ମୋ ସହିତ ମସୁଧା ଚଳାଇଲେ । ଯେଉଁ ମାମଲତକାର୍‌ମାନେ ଏହି ବିଷୟରେ ମୋତେ ଦେଖା କରିଥିଲେ ସେମାନଙ୍କ ଭିତରେ ଥିଲେ ବାଳକୃଷ୍ଣ ଜେନା, ଧୋବେଇ ମହାନ୍ତି, ପୂର୍ଣ୍ଣାନନ୍ଦ ଦାସ, ବ୍ରଜବଂଧୁ ବେହେରା, ଦଇତାରି ଜେନା, ଦିନବଂଧୁ ଦସ ଓ ଉତ୍ସବ ସାମଲ ପ୍ରମୁଖ । ସେମାନେ ଧରଣୀଧର ସାମଲଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗମାନ ମୋ ପାଖରେ ଗୋଟି ଗୋଟି କରି ଉପସ୍ଥାପନ କରୁଥାନ୍ତି, କିନ୍ତୁ ଧରଣୀଧର ସାମଲଙ୍କୁ ସିଧାସଳଖ ମୁକାବିଲା କରିବାକୁ ସେମାନଙ୍କର ଶକ୍ତି ନ ଥାଏ । ମୁଁ ସେମାନଙ୍କ ଏହି ମନୋଭାବ ଜାଣିସାରି ସ୍କୁଲରେ ପ୍ରକୃତରେ ପାଠପଢ଼ା ହେଉଛି କି ନାହିଁ, ଅନୁସଂଧାନ ନେଲି । ଜାଣିବାକୁ ପାଇଲି ଯେ, ଶିକ୍ଷକ ଜଣକ ଅନ୍ୟ କେତୋଟି କାର୍ଯ୍ୟରେ ସବୁବେଳେ ବ୍ୟସ୍ତ ରହି, ଛୁଟି ନନେଇ, ନିୟମିତ ଭାବେ ସ୍କୁଲକୁ ଆସୁ ନାହାନ୍ତି । ଏସବୁ ତଥ୍ୟ ହସ୍ତଗତ ହେଲାପରେ ମୁଁ ତାଙ୍କ ବିରୁଦ୍ଧରେ ସ୍କୁଲବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖକୁ ସଂବୋଧନ କରି ଏକ ଦରଖାସ୍ତ ପ୍ରସ୍ତୁତ କଲି । ଦରଖାସ୍ତରେ ଗ୍ରାମର ସମସ୍ତଙ୍କ ଦସ୍ତଖତ ଦରକାର ହେଉଥିଲା । କିନ୍ତୁ ଦସ୍ତଖତ ଦେବାପାଇଁ କହିବାରୁ ଲୋକମାନେ ତଥା ମାମଲତକାରମାନେ ଡ଼ରିଲେ । ଆମ ସାନଦାଦା ମଧ୍ୟ ମାମଲତକାରମାନଙ୍କ ମଧ୍ୟରେ ଜଣେ ଥିଲେ । ସେ ଦସ୍ତଖତ ଦେବାକୁ ଡ଼ରିଲେ, କେବଳ ମୌଖିକ ସମ୍ମତି ପ୍ରଦାନ କଲେ । ଗ୍ରାମର ୧୫୦ ପରିବାର ଭିତରୁ ଆମେ ସାତଜଣ ମାତ୍ର ସେହି ଦରଖାସ୍ତରେ ଦସ୍ତଖତ କଲୁ, ସେମାନେ ମୂଳତଃ ଥିଲେ ପୂର୍ବ କଥିତ ୧୯୩୪ ମସିହାର ମୁଗଣୀକାର ମାମଲାର ଆସାମୀମାନେ । ଦସ୍ତଖତ ଦେଇଥିଲେ ବୁଲେଇ ନାୟକ, ଦଇତାରି ପ୍ରଧାନ, ସିଂଧୁ ଜେନା, ଶ୍ରୀଧର ସାମଲ, କୈବର୍ତ୍ତ ସାହିର ପ୍ରତିନିଧି, ମୁଁ ଓ ବଡ଼ଦାଦା ଉପେନ୍ଦ୍ର ବେହେରା ।

ସେତେବେଳେ ଲୋକାଲ୍ ବୋର୍ଡ଼ ଅଧିନରେ ଶିକ୍ଷା ବିଭାଗ ପରିଚାଳିତ ହେଉଥିଲା । ଲୋକାଲ୍ ବୋର୍ଡ଼ର ଯେଉଁଦିନ ମିଟିଙ୍ଗ୍ ଥିଲା, ସେହିଦିନ ଦରଖାସ୍ତ ନେଇ ମୁଁ କେନ୍ଦ୍ରପଡ଼ା ଲୋକଲ୍ ବୋର୍ଡ଼ ଅଫିସକୁ ଗଲି । ସେତେବେଳେ ୧୯୪୬ ମସିହା । ସ୍ୱାଧିନତା ସେତେବେଳେ ଭାରତବର୍ଷ ଦୁଆର ମୁହଁରେ ଦଣ୍ଡାୟମାନ । ତେଣୁ ବହୁ ଆଶାଆକାଂକ୍ଷା ନେଇ କଂଗ୍ରେସ ଲୋକମାନେ ଜନସାଧାରଣଙ୍କର କାର୍ଯ୍ୟକରିବା ପାଇଁ ତତ୍‌ପର ହୋଇ ଉଠିଥାନ୍ତି । ସେତେବେଳକୁ କଂଗ୍ରେସ ଭିତରେ ଦୁର୍ନୀତି ଇତ୍ୟାଦି ପଶି ନଥାଏ । ସେମାନେ ସେତିକି ବେଳକୁ ଜେଲରୁ ବାହରି ସିଧା ଜନସାଧାରଣଙ୍କ କାର୍ଯ୍ୟରେ ଲାଗି ପଡ଼ିଥାନ୍ତି । ଏହି ସୁଯୋଗରେ ମୁଁ ଦରଖାସ୍ତ ନେଇ ଲୋକାଲ ବୋର୍ଡ଼ ଚେୟାରମ୍ୟାନଙ୍କୁ ଦେଲି । ସେଥିରେ ୧୩/୧୪ଟି ଅଭିଯୋଗ ଲିଖିତ ଥିଲା । ଏପରିକି ଶିକ୍ଷକତା ପାଇଁ ଯୋଗ୍ୟତାର

Digitized by srujanika@gmail.com

ସାର୍ଟିଫିକେଟ୍ ନଥାଇ ସେ ସ୍କୁଲରେ ରହିଛନ୍ତି ବୋଲି ସେଥିରେ ଅଭିଯୋଗ କରା ଯାଇଥିଲା । ଏହାର ସୁବିଚାର ଶୀଘ୍ର କରାଯିବା ପାଇଁ ଏହି ମିଟିଙ୍ଗରେ ସ୍ଥିର କରାଯାଉ ବୋଲି ଅନୁରୋଧ କରାଯାଇଥିଲା । ଯେଉଁମାନେ ଲୋକାଲ ବୋର୍ଡ଼ର ସଭ୍ୟ ଥିଲେ, ସେମାନେ ସମସ୍ତେ କଂଗ୍ରେସ କାମ କରିଆରେ ମୋ ସହିତ ପରିଚିତ ଥିଲେ, ଯଥା ଧଷଣାପାରିର ଗୋପୀନାଥ ମହାନ୍ତି, କେନ୍ଦ୍ରାପଡ଼ାର ଶଚିଦାନନ୍ଦ ମହାନ୍ତି, ଓ କେନ୍ଦ୍ରାପଡାର ସରସ୍ୱତୀ ଦେଈଙ୍କ ସ୍ୱାମୀ । ଏମାନେ ସବୁ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେମାନଙ୍କୁ ସବୁକଥା କହି ଦରଖାସ୍ତ ଦେଇଆସିଲି । ସେହି କମିଟିରେ ଆମ ଦରଖାସ୍ତ ବିଚାର କରାଯାଇ ସଙ୍ଗେସଙ୍ଗେ ଦଶିପୁରର ପ୍ରାଇମେରୀ ଶିକ୍ଷକଙ୍କୁ ଶିକ୍ଷକତାରୁ ବରଖାସ୍ତ କରିବା ପାଇଁ ଚିଠି ପଠାଯିବ ବୋଲି ମଞ୍ଜୁର ହୋଇଗଲା । ୩/୪ ଦିନ ପରେ ସେହି ଅଫିସ୍‌ରୁ ଚିଠି ଆସି ପହଞ୍ଚିଲା କ୍ଷଣି ଧରଣୀ ମାଷ୍ଟ୍ରେ ଚିଠିପଢ଼ି ଜାଣିଲେ ପାରିଲେ ଯେ, ତାଙ୍କ ବିରୁଦ୍ଧରେ କରାଯାଇଥିବା ଦରଖାସ୍ତ ଭିତ୍ତିରେ ତାଙ୍କୁ ସ୍କୁଲରୁ ବରଖାସ୍ତ କରିବାର ଆଦେଶ ଆସିଛି । ସେ ରାଗିଯାଇ ଗ୍ରାମସାରା ବୁଲି ସମସ୍ତଙ୍କୁ ଧମକଚମକ ଦେଲା ଭଳି ପାଟିତୁଣ୍ଡ କରି ସାରା ଗ୍ରାମକୁ ହୁଲ୍‌ସ୍ଥୁଲ୍ କରିପକାଇଲେ । ସେ ସମସ୍ତଙ୍କୁ ଗୋଟିଗୋଟି କରି ପଚାରିବାରୁ ପ୍ରତ୍ୟେକ କହିଲେ, ଆମେ ଦରଖାସ୍ତ କରିନାହୁଁ କି ତୁମକୁ ତଡ଼ିବାକୁ ଚାହୁଁନାହୁଁ । ମୁଁ ଜାଣିଥିଲି, ଲୋକେ କେବଳ ଡ଼ରରେ ଏପରି କହୁଥାନ୍ତି । କିନ୍ତୁ ମୋତେ ଯେତେବେଳେ ସେ ପଚାରିଲେ, ମୁଁ କହିଲି, ତୁମକୁ ସ୍କୁଲରେ ରଖିବାକୁ ଗ୍ରାମବାସୀ କେହି ରାଜି ନୁହଁନ୍ତି । ସମସ୍ତଙ୍କ ଇଚ୍ଛାରେ ଦରଖାସ୍ତ କରାଯାଇଛି । ଭୟରେ କେହି ଦସ୍ତଖତ କରିନାହାଁନ୍ତି । ଆମେ ଅଳ୍ପ କେତେକ ବ୍ୟକ୍ତି ଦସ୍ତଖତ କରି ତୁମକୁ ସ୍କୁଲରୁ ଅବ୍ୟାହତି ଦିଆଇଛୁ । ଏକଥା ମୋଠାରୁ ଶୁଣି ସେ ରାଗରେ ପଞ୍ଚମ ହୋଇଗଲେ ଏବଂ କହିଲେ, ଗ୍ରାମର ସବୁଲୋକଙ୍କୁ ଆଜି ରାତିରେ ସ୍କୁଲକୁ ଡ଼କାଇବି ଓ କିଏ କିଏ ମୋ ବିରୁଦ୍ଧରେ ଯାଇଛନ୍ତି ସେଇଠି ଏହା ପ୍ରମାଣ କରାଇବି । ତାହାହିଁ ହେଲା । ସଂଧ୍ୟାବେଳକୁ ସ୍କୁଲରେ ଗ୍ରାମର ସମସ୍ତ ଲୋକ ମିଟିଂରେ ଭରପୁର ଜମା ହୋଇଥାନ୍ତି । ଭିତରେ ଭିତରେ ସମସ୍ତେ ତାଙ୍କର ସ୍କୁଲ୍‌ରୁ ବିଦା ହେବା ଘଟଣାରେ ଆନନ୍ଦ ଅନୁଭବ କରୁଥାନ୍ତି । ମୁଁ ଏହା ଜାଣିପାରୁଥିଲି । ପ୍ରଥମେ ମୋତେ ପଚରା ଗଲା, ତୁମେ ଏକାକୀ ଦସ୍ତଖତ କରିଛ ନା ଗ୍ରାମର ଲୋକଙ୍କ ଅନୁମତି ନେଇ କରିଛ ? ତୁମେ ଏହାର ଜବାବ ଦିଅ । ମୁଁ ନିସଙ୍କୋଚ ଭାବରେ ଦୃଢ଼ତାର ସହ କହିଲି, ଏ ସ୍କୁଲରେ ଯେତେଲୋକ ଭରପୁର ହୋଇଛନ୍ତି, ସମସ୍ତେ ତୁମକୁ ଏ ସ୍କୁଲରୁ ଯିବା ପାଇଁ ମତପ୍ରକାଶ କରିଛନ୍ତି । ତୁମକୁ ଏମାନଙ୍କର ଡ଼ର ଥିବାରୁ ଦରଖାସ୍ତରେ ଦସ୍ତଖତ କରି ନାହାଁନ୍ତି । ମୁଁ ସମସ୍ତଙ୍କ ଅନୁମତି ନେଇ ଦରଖାସ୍ତ କରିଛି । ଗୋଟିଗୋଟି କରି ପଚାରାଯାଉ । ମୌନଂ ସମ୍ମତି ଲକ୍ଷଣମ୍ । କେହି କିଛି ନକହିବାରୁ ସେ ଜାଣିଲେ, ସମସ୍ତଙ୍କ ଇଚ୍ଛାରେ ବରଖାସ୍ତ ହୋଇଛି । ତେଣୁ ସେ ରାଗିଯାଇ ସଭାରୁ ଉଠି ପଳାଇଗଲେ । ଲୋକମାନେ ମୋତେ ଏଥିପାଇଁ ଶୁଭେଚ୍ଛା ଜଣାଇବାକୁ ଭୁଲିଲେ ନାହିଁ । ଆଉ ମଧ୍ୟ ସେମାନେ କହିଲେ, ତୁମ ବାପା ସଂପାଦକ ଥିଲା ବେଳେ ତାଙ୍କୁ ସ୍କୁଲରୁ ତଡ଼ିବା ପାଇଁ ବହୁ ଚେଷ୍ଟା କରି ସଫଳ ହୋଇପାରି ନଥିଲେ, ତୁମେ ତାଙ୍କର

Digitized by srujanika@gmail.com

ସୁପୁତ୍ର ହୋଇ ଏ କାମ କରି ପାରିଲ । ଏଥିପାଇଁ ତୁମକୁ ଗ୍ରାମ ତରଫରୁ ଅଶେଷ ଧନ୍ୟବାଦ୍ । ମୋ ପ୍ରତି ଏହି ଶୁଭକାମନା କରି ସମସ୍ତେ ଯେଝା ଘରକୁ ଗଲେ ।

ବର୍ତ୍ତମାନ ଯୁଗରେ ଏହିପରି ଜଣେ ଦୁର୍ନୀତିଗ୍ରସ୍ତ ଶିକ୍ଷକଙ୍କୁ ତଡ଼ିବା ମହାନ୍ କଷ୍ଟକର । ତାର କାରଣ, ବର୍ତ୍ତମାନ ସମାଜରେ ଦୁର୍ନୀତି, ଦ୍ୱାଚୋରୀ ଓ ଟାଉଟରି ଇତ୍ୟାଦି ଏତେ ପରିମାଣରେ ସେହି କଂଗ୍ରେସ ଲୋକଙ୍କ ଠାରେ ପଶିଯାଇଛି ଯେ, ଆଜି ସେମାନଙ୍କ ଠାରୁ ନ୍ୟାୟ ପାଇବା ସହଜ କଥା ନୁହେଁ । ପଇସା ଲୋଭରେ ମନ୍ତ୍ରୀଙ୍କ ଠାରୁ ଆରମ୍ଭକରି ସାଧାରଣ ପିଅନ ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତଗ୍ରସ୍ତଙ୍କ ସପକ୍ଷ ନେଇ କାର୍ଯ୍ୟ କରିଥାନ୍ତି । ପଇସା ବଳରେ ନରହତ୍ୟା, ନାରୀ ନର୍ଯ୍ୟାତନା, ଚୋରୀ, ଡ଼କାୟତି ଓ ନାରୀଧର୍ଷଣ ଇତ୍ୟାଦିର ଅପରାଧୀ ମାନେ ମୁକୁଳି ଯିବାର ଦୃଷ୍ଟାନ୍ତ ରହିଛି । ତାଙ୍କପ୍ରତି ଦଣ୍ଡବିଧାନ କିଛି ହୋଇପାରୁ ନାହିଁ । ପୂର୍ବକଥା ଚିନ୍ତା କଲେ ମୁଣ୍ଡ ଝାଇଁ ଝାଇଁ ହୋଇ ଯାଉଛି । ମୁଁ ଜଣେ ପୁରୁଣା କଂଗ୍ରେସ ଲୋକ ହୋଇଥିବାରୁ ଏ ସବୁ ଘଟଣା ଦେଖି ମୋର ମନେ ହେଉଛି, ଦେଶର ସଂପୂର୍ଣ୍ଣ ପରିବର୍ତ୍ତନ ଆବଶ୍ୟକ ।

ଧରଣୀମାଷ୍ଟ୍ରଙ୍କ ଠାରୁ ଅନାବାଦୀ ଜମି ପ୍ରତ୍ୟାହାର

ଶିକ୍ଷକ ଧରଣୀଧରଙ୍କ ସଂପର୍କରେ ଆଉ ଗୋଟିଏ ଘଟଣା ଉଲ୍ଲେଖ ନକରି ରହିପାରୁ ନାହିଁ । ସେ ବାପାଙ୍କ ମୃତ୍ୟୁପରେ ବର୍ଦ୍ଧମାନ ଜମିଦାରଙ୍କ ଠାରୁ ଗ୍ରାମର କେତେକ ସର୍ବସାଧାରଣ ଅନାବାଦୀ ଜମିକୁ ଗ୍ରାମବାସୀଙ୍କ ଅଜାଣତରେ ନିଜେ ଘରବାଡ଼ି କରିବା ଉଦ୍ଦେଶ୍ୟରେ ଜମାବନ୍ଦୀ କରି ପାଉତି ହାସଲ କରିଥିଲେ । ଏକଥା ବୋଧହୁଏ ଗ୍ରାମର କେତେକ ଲୋକ ଜାଣିଥିଲେ, କିନ୍ତୁ ଭୟରେ କିଛି କହିପାରୁ ନଥିଲେ । ଯେମିତି ସ୍କୁଲରୁ ସେ ବିତାଡ଼ିତ ହେଲେ, ଗ୍ରାମରେ ଥିବା ତାଙ୍କର ଅଖଣ୍ଡ ଆଧିପତ୍ୟ କିଛି ଊଣା ହୋଇଗଲା । ଗ୍ରାମର ଲୋକେ ଓ କେତେକ ମୁଖିଆ ଏହି ସୁଯୋଗରେ ତାଙ୍କଠାରୁ ସର୍ବସାଧାରଣ ଜମିକୁ ଛଡ଼ାଇ ଆଣିବା ପାଇଁ ମୋ ସାଙ୍ଗରେ ଆଲୋଚନା କଲେ । ମୁଁ ସେମାନଙ୍କ ସହ ସହଯୋଗ କରିବି ବୋଲି ପ୍ରତିଶ୍ରୁତି ଦେଲି । କିନ୍ତୁ ଆଗକୁ ପଡ଼ି କିଏ କହିବ, ସେହି କଥା ନେଇ ଆଲୋଚନା ହେଲା । କେହି ଆଗକୁ ବାହାରିବାକୁ ରାଜି ହେଲେନାହିଁ । ଆନ୍ଦୋଳନ ତେବେ କେମିତି ହେବ ? ତେଣୁ ମୁଁ ବାଧ୍ୟ ହୋଇ ଏହାର ନେତୃତ୍ୱ ନେଲି ଓ ଆନ୍ଦୋଳନର ସୂତ୍ରପାତ ହେଲା । ଗ୍ରାମର କେତେକ ବ୍ୟକ୍ତି, ଯଥା ଦଇତାରି ପ୍ରଧାନ, ଭଗବାନ ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ବ୍ରଜବଂଧୁ ବେହେରା, ପୂର୍ଣ୍ଣାନନ୍ଦ ଦାସ, ବାଳକୃଷ୍ଣ ଜେନା, ଧୋବେଇ ମହାନ୍ତି ଓ ଦଇତାରି ଜେନା ପ୍ରମୁଖ ମୁଖିଆମାନେ ମୋ ସହିତ ଆଗକୁ ବାହାରି ଗ୍ରାମବାସୀଙ୍କୁ ଏକ ସଭାକୁ ଡ଼କାଇଲୁ । ସେହି ସଭାରେ ଗ୍ରାମର ଶତକଡ଼ା ୯୫ ଜଣ ଉପସ୍ଥିତ ହେଲେ । ଗ୍ରାମସଭାରେ ଆଲୋଚନା ହେଲା ଯେ, ଯେତେବେଳେ ଅତୀତରେ ଏହି ଗ୍ରାମର ଜଣେ ବ୍ୟକ୍ତି ଜନକର ପ୍ରଧାନ ସର୍ବସାଧାରଣ ଜମିକୁ ଜମାବନ୍ଦି କରି ନିଜର କରିନେଇଥିଲେ, ସେତେବେଳେ ଗ୍ରାମବାସୀମାନେ ଆନ୍ଦୋଳନ କରି ତାଙ୍କଠାରୁ ସେହି ଜମି ଛଡ଼ାଇ ଆଣିଥିଲେ । ତେବେ ବର୍ତ୍ତମାନ ଧରଣୀଧର ଗାଁର ଯେଉଁ ଅନାବାଦୀ ଜମିକୁ ନିଜ ଅକ୍ତିଆର୍‌କୁ ନେଇଯାଇଛନ୍ତି,

Digitized by srujanika@gmail.com

ତାହା ତାଙ୍କ ଠାରୁ କାହିଁକି ଛଡ଼ାଇ ଅଣା ନ ଯିବ ? ଗ୍ରାମର ସମୂହ ସ୍ୱାର୍ଥ ଦୃଷ୍ଟିରୁ ତାଙ୍କଠାରୁ ସେହି ଜମି ଅଣା ଯାଇ ସେଠାରେ ମି.ଇ. ସ୍କୁଲର ଘର କରାଯାଉ । ତାଙ୍କୁ ଏହି ସଭାରେ ଡ଼ାକି କୁହାଯାଉ ଯେ, ସେ ଜମିକୁ ଗ୍ରାମବାସୀଙ୍କ ନାମରେ ରେଜିଷ୍ଟ୍ରି କରି ଦିଅନ୍ତୁ । ସଙ୍ଗେ ସଙ୍ଗେ ସଭା ତରଫରୁ ଧରଣୀଧରଙ୍କୁ ଡ଼କାଇ ପଠାଗଲା । କିନ୍ତୁ ବାସ୍ତବ ଘଟଣା ହେଉଛି, ସେ ଏକଲା ଏହି ଅନାବାଦୀ ଜମିକୁ ନେଇନଥିଲେ । ତାଙ୍କ ବଡ଼ଭାଇ ଉଦ୍ଧବ ସାମଲ, ଯେ କି ଗ୍ରାମର ଜଣେ ମୁଖିଆ ଥିଲେ, ସେ ମଧ୍ୟ ତାଙ୍କ ସଙ୍ଗରେ ଥିଲେ । ଉଭୟଙ୍କୁ ଡ଼କାଇ ଆମ୍ଭେମାନେ ପଚାରିବାରୁ ସେ ଦୁହେଁ ଜମି ଛାଡ଼ିବାକୁ ମନା କଲେ । ତେଣୁ ସେଇଠି ଆମ୍ଭ ମାନଙ୍କର ସ୍ଥିର ହେଲା, ଯେ ପର୍ଯ୍ୟନ୍ତ ସେ ଜମି ଗ୍ରାମବାସୀଙ୍କୁ ହସ୍ତାନ୍ତର ନକରିଛନ୍ତି, ସେପର୍ଯ୍ୟନ୍ତ ତାଙ୍କ ସହିତ ଅସହଯୋଗ କରାଯିବ । ସେହି ଅନୁସାରେ ତାଙ୍କ ସହିତ ଗ୍ରାମବାସୀମାନେ ଅସହଯୋଗ ଆରମ୍ଭ କରିଦେଲେ ।

ଏହାର ପ୍ରତିକ୍ରିୟାରେ ସେମାନେ ଉତ୍କ୍ଷିପ୍ତ ହୋଇ ତା ପରଦିନ ତାଙ୍କ ବଂଶର ଯେତେକ ପୁଅ ଭାଇ ଇତ୍ୟାଦି ଥିଲେ, ସେମାନଙ୍କୁ ଏକାଠି କରି ଗଣ୍ଡଗୋଳ କରିବା ଉଦ୍ଦେଶ୍ୟରେ ଛୁରା ଓ ମାରଣାସ୍ତ୍ରମାନ ଧରି ଜାଗା ଉପରେ ପହଞ୍ଚି ସେହି ଜମିଖଣ୍ଡକୁ ଦଖଲ କଲେ । ଆମେ ସେମାନଙ୍କର ଏହି ଉତେଜନା ଦେଖି ଓ ଗଣ୍ଡଗୋଳର ଆଶଙ୍କା କରି ସେଠାକୁ କେହି ନ ଯାଇ ଆମେ ଠିକ୍ କଲୁ ଯେ, ଆମ ଘରେ ରହିବା, ସେମାନେ ଜମି ଦଖଲ କରନ୍ତୁ, ଏବଂ ଏହି ଘଟଣା ହିଁ ଆମ ଆନ୍ଦୋଳନକୁ ଭଲ ଫଳ ଦେବ । ସେମାନେ ଭାବିଥିଲେ, ଆମେ ଗ୍ରାମବାସୀ ଯାଇ ଜମିଦଖଲ ବେଳେ ତାଙ୍କ ସହିତ ଗଣ୍ଡଗୋଳ କରିବୁ, ଯାହା ଫଳରେ କି ତାଙ୍କ ପକ୍ଷରେ ଆମକୁ ଦବେଇ ଦେବା ସୁବିଧାଜନକ ହେବ । ପ୍ରକୃତ ପକ୍ଷେ ଆମେ ଗ୍ରାମବାସୀ ଯଦି ସେ ଜାଗାକୁ ଯାଇଥାନ୍ତୁ, ତେବେ ଆମେ ଖାଲି ଚୁପ୍ ନରହି ତାଙ୍କ ସହିତ ଗଣ୍ଡଗୋଳ କରିଥାନ୍ତୁ ଏବଂ ସେମାନେ ତାପରେ ଆମ ବିରୁଦ୍ଧରେ ମକଦ୍ଦମା ଦାଏର୍ କରିଥାନ୍ତେ ଓ ଅକ୍ଳେଶରେ ଜମି ଖଣ୍ଡକ ଭୋଗ କରିଚାଲିଥାନ୍ତେ । ଗ୍ରାମବାସୀଙ୍କୁ ମକଦ୍ଦମାରେ ପକାଇବା ଦ୍ୱାରା ଗ୍ରାମର ମେଳି ମଧ୍ୟ ଭାଙ୍ଗି ଥାନ୍ତା । ଜମିର ପଟାପାଉତି ସେମାନଙ୍କ ନାଁରେ ଥିବାରୁ ଜମି ମଧ୍ୟ ତାଙ୍କର ମାଲିକାନାକୁ ଚାଲିଯାଇଥାନ୍ତା । ସେମାନଙ୍କର ଏହି ଚକ୍ରାନ୍ତ ବୁଝିପାରି ଆମେ ଗ୍ରାମବାସୀ ଘଟଣାସ୍ଥଳରେ ଉପସ୍ଥିତ ନହେବା ଦ୍ୱାରା ବୁଦ୍ଧିମତାର କାର୍ଯ୍ୟ କରିଥିଲୁ ।

ଏହା ଅନ୍ତେ ପନ୍ଦର ଦିନ ଗ୍ରାମବାସୀଙ୍କର ତାଙ୍କ ସହିତ ଅସହଯୋଗ ଚାଲିବାରୁ ଶେଷରେ ସେ ବାଧ୍ୟ ହୋଇ ଜମି ହସ୍ତାନ୍ତର କରିବାକୁ ରାଜିହେଲେ । ସେହି ଅନୁସାରେ ଦିନବାର ସ୍ଥିର କରି ସେ ଜମିଟିକୁ ଗ୍ରାମବାସୀଙ୍କ ନାମରେ ରେଜିଷ୍ଟ୍ରି କରି ହସ୍ତାନ୍ତର କରିଦେଲେ । ଏହିପରି ଭାବରେ ସେ ଗ୍ରାମର ସେ ଅନାବାଦୀ ଜାଗାଟି ଧରଣୀଧର ସାମଲ ଓ ତାଙ୍କ ଭାଇଙ୍କ ଅକ୍ତିଆର୍‌ରୁ ମୁକୁଳି ପାରିଥିଲା । ସେହି ଜମିର ଗୋଟିଏ ଖଣ୍ଡକରେ ବର୍ତ୍ତମାନ ଗାଁର ମାଇନର୍ ସ୍କୁଲ୍ ହୋଇଛି । ଆଉଖଣ୍ଡେ ଜମି, ଯାହାକି ଧୋବାଘର ଓ ପୂର୍ଣ୍ଣାନନ୍ଦ ଦାସଙ୍କ ଘର ପାଖରେ ଥିଲା, ତାକୁ ମଧ ଧରଣୀଧର ଏକା ସଙ୍ଗରେ ଗାଁ ନାଁରେ ରେଜିଷ୍ଟ୍ରି କରିଦେଲେ ।

Digitized by srujanika@gmail.com

ଧୋବା ଗଡିଆରୁ ସାନକୁଳ ପର୍ଯ୍ୟନ୍ତ ଅନାବାଦୀ ଜମି

ଆଉ ଗୋଟିଏ ଅନାବାଦୀ ଜମିଖଣ୍ଡ କଥା ନ କହି ରହିପାରୁନାହିଁ । ଗ୍ରାମର ଏକ ବଡ ଅନାବାଦୀ ଜମିଖଣ୍ଡ, ଯାହାକି ଧୋବା ଗଡିଆ ପାଖରୁ ନନ୍ଦକୁଳରେ ଥିବା ଦେବେନ୍ଦ୍ର ବିଶ୍ୱାଳର ବଗିଚା ପର୍ଯ୍ୟନ୍ତ ଲମ୍ବିଛି ଓ ଯାହାର ପରିମାଣ ମୋ ଅନୁମାନରେ ପ୍ରାୟ ଦୁଇ ଏକରରୁ ସାଢେ ତିନି ଏକର ପର୍ଯ୍ୟନ୍ତ ହେବ, ତାକୁ ଗ୍ରାମର ୧୦ ଜଣ ମାମଲତକାର ନିଜ ନାମରେ କବଲା କରି ନେଇଯାଇଥିଲେ । ସେ ଜମିକୁ ମଧ୍ୟ ଗ୍ରାମବାସୀଙ୍କ ଆନ୍ଦୋଳନ ଯୋଗୁଁ ଧରଣୀଧର ସାମଲ ଓ ଉତ୍ସବ ସାମଲ ଗ୍ରାମବାସୀଙ୍କ ନାମରେ ରେଜିଷ୍ଟ୍ରି କରିଦେଲେ । ଗ୍ରାମବାସୀଙ୍କ ତରଫରୁ ଆମ ପଡ଼ାରୁ ୫/୬ ଜଣ ଓ ସେପଡ଼ାରୁ ୫/୬ ଜଣ, ଏହିପରି ମୋଟ ୧୦/୧୨ ଘରଙ୍କ ନାମରେ ସେହି ଜମି ରେଜିଷ୍ଟ୍ରି କରାଗଲା । ଆମ ପଡାରୁ ଭଗବାନ ପ୍ରଧାନ, ବ୍ରଜବନ୍ଧୁ ବେହେରା ଓ ମୋତେ ମିଶାଇ ୫ଜଣ ଓ ସେ ପାଖରୁ ବିକଳ ନାଉରୀଙ୍କ ସମେତ ୫ଜଣଙ୍କ ନାମରେ ଏହି ଜମି ରେଜିଷ୍ଟ୍ରି କରାଗଲା । ଲୋକମାନେ ଅନ୍ଦୋଳନ କରିନଥିଲେ ଗ୍ରାମର ସେହି ବିସ୍ତୃତ ଜମିଖଣ୍ଡକ ବ୍ୟକ୍ତିଗତ ମାଲିକାନାକୁ ଚାଲିଯାଇଥାନ୍ତା ଓ ଭବିଷ୍ୟତରେ ଗ୍ରାମର ଅଶେଷ କ୍ଷତି ହୋଇଥାନ୍ତା । ଯାହାହେଉ, ଗ୍ରାମର ସେ ଜାଗାଖଣ୍ଡ ଭବିଷ୍ୟତରେ ଗ୍ରାମର ବହୁତ କାମରେ ଲାଗିପାରିବ । ଏବେ ସେ ଯାଗାରେ ମହାଦେବଙ୍କ ଦେଉଳ ଅବସ୍ଥିତ ହୋଇଛି । ଆମଗ୍ରାମର ପଦ୍ମନାଭ ସାମଲ, ଯେକି ସରକାରୀ ଚାକିରୀ କରି ବିଡ଼ିଓ ଠାରୁ ଆରମ୍ଭ କରି ଶେଷରେ ପୁରୀର କଲେକ୍ଟର ହୋଇ ଅବସର ଗ୍ରହଣ କରଛନ୍ତି, ସେ ଏହି ଦେଉଳ କାମରେ ମନୋନିବେଶ କରିଛନ୍ତି । ଆଉମଧ ସେଠି ଯୁବକମାନେ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା କରିଛନ୍ତି । ସେଠାରେ ଏକ ବିରାଟ ଖେଳପଡ଼ିଆ ମଧ୍ୟ ଅଛି, ଯେଉଁଠି ବେଳେବେଳେ ଅନ୍ୟ ବହୁ ଗ୍ରାମରୁ ଖେଳାଳୀମାନେ ଆସି ଖେଳୁଛନ୍ତି । ଆଉ ମଧ ଏହି ଜମି ଭବିଷ୍ୟତରେ ଗ୍ରାମର ଅନ୍ୟ କୌଣସି ଉନ୍ନତିମୂଳକ କାମରେ ଲାଗିପାରେ । ଏବେ ସେ ଜାଗାରେ କେତେକ ବ୍ୟକ୍ତି ମନମୁଖୀଭାବେ ହାଇସ୍କୁଲ ଘର ନିର୍ମାଣ ଆରମ୍ଭ କରିଦେଇଛନ୍ତି । ଆମ ଗ୍ରାମର ଏ ପଡାର କିଛି ଲୋକ ସେ ଜାଗାରେ ହାଇସ୍କୁଲ୍ ନିର୍ମାଣକୁ ବିରୋଧ କରିବାରୁ ତାରି ଉପରେ ହାଇକୋର୍ଟର ନିଷଧାଦେଶ ଜାରି ହୋଇ ନିର୍ମାଣ କାର୍ଯ୍ୟ ଅଧା ଅବସ୍ଥାରେ ପଡ଼ିରହିଛି । ଗ୍ରାମର ଯେଉଁ ଜାଗାରେ ହାଇସ୍କୁଲ ନିର୍ମିତ ହେବା କଥା, ସେ ଜାଗା ବଦଳରେ ଅନ୍ୟ ଜାଗାରେ ଏହାକୁ କରେଇ ନେବା ପାଇଁ ଚକ୍ରାନ୍ତ ହେବାରୁ ଆମ ପଡାର ୫ଜଣ ବ୍ୟକ୍ତି ତାହା ବିରୁଦ୍ଧରେ ହାଇକୋର୍ଟର ହସ୍ତକ୍ଷେପ ଚାହିଁଥିଲେ ।

ମୋତେ ମାରିଦେବାକୁ ଚକ୍ରାନ୍ତ

ଗ୍ରାମର ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟରେ ମୁଁ ଆଗଭର ଥିବାରୁ ମୋତେ ଜୀବନରେ ମାରିଦେବା ପାଇଁ ଧରଣୀଧର ସାମଲଙ୍କର ମଝିଆ ପୁଅ ଗିରିଧାରୀ ମହାପାତ୍ର ପ୍ରତିଜ୍ଞା କରିଥିଲେ । ତାଙ୍କ ବଂଶର ଅନ୍ୟମାନେ ମଧ୍ୟ ମୋ ଉପରେ ରାଗି ପଞ୍ଚମ ଅବସ୍ଥାରେ ଥାନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଲୋକମାନଙ୍କୁ ଅତ୍ୟାବଶ୍ୟକ ଜିନିଷମାନ ଯୋଗାଇବା

Digitized by srujanika@gmail.com

ପାଇଁ ଇଂରେଜ ସରକାରଙ୍କ ତରଫରୁ ପ୍ରତ୍ୟେକ ଗ୍ରାମରେ ଡ଼ିଲର୍ ଜରିଆରେ କିରୋସିନି, ଚିନି ଓ ଚାଉଳ ଇତ୍ୟାଦି ବଣ୍ଟନ କରାଯାଉଥିଲା । ସେତେବେଳେ ସେହି ବ୍ୟବସ୍ଥାକୁ କଂଗ୍ରେସର ଅସ୍ଥାୟୀ ସରକାର ବଳବତ୍ତର କରି ରଖିଥିଲେ । ଯେଉଁଦିନ ଗ୍ରାମରେ କଣ୍ଟ୍ରୋଲ୍ ଜିନିଷମାନ ଆସି ବଣ୍ଟାଯାଏ, ସେଦିନ ଗ୍ରାମବାସୀମାନେ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ଜିନିଷମାନ ଆଣିଥାନ୍ତି । ଆମ ଗ୍ରାମର ଡ଼ିଲର୍ ସେତେବେଳେ ଅନନ୍ତ ଚରଣ ସାମଲ ଥାନ୍ତି । ତାଙ୍କ ଗୋଦାମ ଆମଘର ଠାରୁ ପ୍ରାୟ ୫୦୦ ଫୁଟ ଦୂର । ଯେଉଁଦିନ କଣ୍ଟ୍ରୋଲ ଜିନିଷମାନ ଆସି ବଣ୍ଟାଯାଏ, ମୁଁ ପ୍ରତି ଥର ଆମଘର ପାଇଁ ଜିନିଷ ଆଣିବା ପାଇଁ ଯାଏ । ସେତେବେଳେ ଗ୍ରାମର ବିଭିନ୍ନ ସଂସ୍କାର-କାର୍ଯ୍ୟ ମୋ ଦ୍ୱାରା ହାସଲ କରା ଯାଉଥିବାରୁ ଗ୍ରାମର ପ୍ରାୟ ଅଧିକାଂଶ ଲୋକ ମୋ ପ୍ରତି ସହାନଭୂତିଶୀଳ ଥାନ୍ତି ଏବଂ ସାଧାରଣ ଗରୀବ ଲୋକ ଖୁବ୍ ଭଲ ପାଉଥାନ୍ତି । କିନ୍ତୁ ମୋର ସଂସ୍କାରମୂଳକ କାର୍ଯ୍ୟ ଯେଉଁମାନଙ୍କ ସ୍ୱାର୍ଥରେ ଆଞ୍ଚ ଆଣୁଥିଲା, ସେମାନଙ୍କ ଭିରେ ପାଞ୍ଚ ହେଲା ଯେ, ବାଟରେ ଗିରିଧାରୀ ମହାପାତ୍ର ତାଙ୍କର ଜଣେ ଆତ୍ମୀୟଙ୍କ ଘରେ ଛକି ରହିବ, ମୁଁ ସେହି ବାଟ ଦେଇ କଣ୍ଟ୍ରୋଲ ଜିନିଷ ଆଣିବାକୁ ଗଲାବେଳେ ସେ ହଠାତ୍ ଘରୁ ବାହରି ମୋତେ ବାଡ଼େଇ ମାରିଦେବ । ଦୈବାତ୍ ଏକଥାର ସୁରାକ୍ ତାଙ୍କ ପଡ଼ାର ଜଣେ ଲୋକ, ଜାତିରେ କୈବର୍ତ୍ତ ଶ୍ରୀଧର ସାମଲଙ୍କ କାନରେ ପଡିଥିଲା । ସେ ମୋତେ ମୋର କାର୍ଯ୍ୟକଳାପ ନେଇ ଭଲ ପାଉଥିଲା । ସେହି ଲୋକ ମୋର ସାନ ଦାଦା ବ୍ରଜବଂଧୁ ବେହେରାଙ୍କୁ ଗୋପନରେ ଖବର ଜଣାଇ ଦେଲା ଯେ, ନରୋତ୍ତମକୁ କହିବ ସେ ଆଜି କଣ୍ଟ୍ରୋଲ ଜିନିଷ ନେବାପାଇଁ ଆସିବ ନାହିଁ, କାରଣ ଆଜି ଗିରିଧାରୀ ମହାପାତ୍ର ବେଣୁଧର ପଣ୍ଡାଙ୍କ ଘରେ ଲୁଚି ରହିଛି ତାକୁ ବାଡେଇ ମାରିଦେବା ପାଇଁ । ବେଣୁଧର ପଣ୍ଡାଙ୍କ ଘର (ବର୍ତ୍ତମାନ ଶକ୍ତିଧରଙ୍କ ଘର) ହେଉଛି ତିନିମୁହାଣିରେ, ଏବଂ ସେ ହେଉଛନ୍ତି ଗିରିଧାରୀ ମହାପାତ୍ରଙ୍କର ସୂର୍ଯ୍ୟ ମଇତ୍ର ଘର । ସେହି ତିନିମୁହାଣି ଗ୍ରାମର ମଧ୍ୟସ୍ଥଳ ଏବଂ ସେହିଠାରୁ ଆମ ଗ୍ରାମଟି ୩ଟି ପଡ଼ାରେ ବିଭକ୍ତ ହୋଇଯାଇଛି । ସେଇ ତିନିମହାଣିରେ ଗ୍ରାମର ଯାବତୀୟ ଭଲମନ୍ଦ ନିଶାପ ବସେ । ଗିରିଧାରୀ ମହାପାତ୍ର ତାଙ୍କର ସୂର୍ଯ୍ୟବନ୍ଧୁ ଘରେ ଦିନର ବହୁସମୟ କଟାଇଥାନ୍ତି । ଦାଦା ମୋ ବିରୁଦ୍ଧରେ ଚକ୍ରାନ୍ତ ଏକଥା ଶୁଣି ସଙ୍ଗେସଙ୍ଗେ ମୋତେ କଣ୍ଟ୍ରୋଲ୍ ଦୋକାନକୁ ନଯିବା ପାଇଁ ବାରଣ କଲେ । ମୁଁ ଜାଣିଥାଏ ଦାଦାଙ୍କର ସବୁକଥାରେ ଡ଼ରୁଆ ମନୋଭାବ ଥାଏ, ତେଣୁ ମୁଁ ବହୁ ସମୟରେ ତାଙ୍କ କଥା ଶୁଣି ନଥାଏ । ମୁଁ ନିଜକୁ ଦୃଢ଼ କରି ନେଲି ଓ ସଙ୍ଗେସଙ୍ଗେ ଆମେ କେତେଜଣ ଯୁବକ, ଯଥା ଭଗବାନ, ନିଶାମଣି ଓ ପୁରୁଷୋତ୍ତମ ଇତ୍ୟାଦି ନିଜ ଭିତରେ ଏ ବିଷୟରେ ବିଚାର ଚଳାଇଲୁ । ଠିକ୍ ହେଲା, ଦାଦା ଯାଇ ବର୍ତ୍ତମାନ ଗାଁର ଏମୁଣ୍ଡରୁ ସେମୁଣ୍ଡ ଏ ବିଷୟ ପ୍ରଚାର କରିଦିଅନ୍ତୁ । ଦାଦା ସଙ୍ଗେସଙ୍ଗେ ଗ୍ରାମ ସାରା ପ୍ରଚାର କରିଦେଲେ । ଉଭୟ ଏପଟ ଓ ସେପଟର ଲୋକମାନେ, ଏପରିକି ମାମଲତକାରମାନେ, ଯଥା ବାଳକୃଷ୍ଣ ଜେନା ଓ ପୂର୍ଣ୍ଣାନନ୍ଦ ଦାଶ ପ୍ରମୁଖ ଏକଥା ଶୁଣି ଉତ୍ୟକ୍ତ ଅବସ୍ଥାରେ ଜାଗାଏ ଜାଗାଏ ରୁଣ୍ଡ ହୋଇ ରଡ଼ି ଛାଡ଼ିଲେ, ତୁମେ ଶୀଘ୍ର ନରୋତ୍ତମକୁ କଣ୍ଟ୍ରୋଲ ଜିନିଷ ଆଣିବା ପାଇଁ ପଠାଅ, ନରୋତ୍ତମକୁ କେହି

Digitized by srujanika@gmail.com

ମାରିବା ପୂର୍ବରୁ ତାକୁ ଆମେ ଖତମ୍ କରି ଦେଇଥିବୁ । ନିକଟରେ ଧରଣୀ ସାମଲଙ୍କର ଶିକ୍ଷକତାରୁ ବରଖାସ୍ତ ଏବଂ ତାଙ୍କ ଠାରୁ ଗ୍ରାମର ଅନାବାଦୀ ଜମି ହସ୍ତାନ୍ତର ଘଟଣା ଘଟି ଯାଇଥିବାରୁ ଲୋକଙ୍କ ମେଳିର ତାତିଟା ଖୁବ୍ ଜୋର୍‌ରେ ଥାଏ । ନିଆଁରେ ଘିଅ ଢଳା ହେଲା ଭଳି ଲୋକମାନେ ଉକ୍ତ ଚକ୍ରାନ୍ତ କଥା ଶୁଣି ଜଳି ଉଠିଲେ । ଗ୍ରାମବାସୀଙ୍କର ମୋ ସପକ୍ଷରେ ସମ୍ମିଳିତ ରଣହୁଙ୍କାରରୁ ଗିରିଧାରୀ ମହାପାତ୍ର ଜାଣି ପାରିଲା ଯେ, ଗ୍ରାମବାସୀମାନେ ମୋ ପଟରେ ପୁରାପୁରି ପ୍ରସ୍ତୁତ ହୋଇ ରହିଛନ୍ତି, ତା' ପଟରେ କେହି ଜଣେ ନାହାନ୍ତି । ସେ ପୁଣି ଜାଣିଲା, ମୋତେ ମାରିବା ପୂର୍ବରୁ ଗ୍ରାମବାସୀମାନେ ତାକୁ ଖତମ୍ କରିଦେଇଥିବେ । ସେହି ଭୟରେ ମୁଁ କଣ୍ଟ୍ରୋଲ ଜିନିଷ ଆଣିବାକୁ ଯିବା ପୂର୍ବରୁ ସେ ଆଗରୁ ଲୁଚି ରହିଥିବା ଜାଗାରୁ ନିଜର ଆତ୍ମରକ୍ଷା ପାଇଁ କୁଆଡେ ଆତ୍ମଗୋପନ କରିନେଲା । ମୁଁ ଠିକ୍ ସମୟରେ ଯାଇ କଣ୍ଟ୍ରୋଲ ଜିନିଷମାନ ଆଣିଲି । ଗ୍ରାମବାସୀମାନେ ମୋର ଶୁଭକାମନା କରି ଯେଝା ଯେଝା ଘରକୁ ଗଲେ । ସେ ଭାବିଥିଲା, ତା ବାପାର ଗ୍ରାମବାସୀଙ୍କ ଉପରେ ପ୍ରତିପତ୍ତି ଅଛି ଏବଂ ସେହି କାରଣରୁ ତାକୁ କେତେକ ଲୋକ ସାହାଯ୍ୟ କରିବେ । କିନ୍ତୁ କେହି ଜଣେ ହେଲେ ସୁଦ୍ଧା ତାଙ୍କ ସପକ୍ଷରେ ବାହାରିଲେ ନାହିଁ । ମୁଁ ମଧ୍ୟ ସେହିଦିନ ଠାରୁ ଜାଣିନେଲି ଯେ, ତାଙ୍କ ଗୋଷ୍ଠୀ ଭିତରେ ମୋ ପ୍ରତି ଅଶ୍ରଦ୍ଧା ଓ ବିରୁଦ୍ଧତା ବସାବାନ୍ଧି ରହିଆସିଛି ।

ଧରଣୀମାଷ୍ଟ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ମୁଁ ଏଠାରେ କହି ରଖୁଛି, ଧରଣୀଧର ସାମଲ ତ ଆମର ଶିକ୍ଷକ ଓ ଗୁରୁ ଥିଲେ । ମୁଁ ତ କେବେ ତାଙ୍କର ନ୍ୟାୟପୂର୍ଣ୍ଣ କାର୍ଯ୍ୟରେ ବିରୋଧ କରିନାହିଁ, କେବଳ ତାଙ୍କର ଅନ୍ୟାୟମୂଳକ କାର୍ଯ୍ୟକୁ ବିରୋଧ କରୁଥିଲି । ଏହାସତ୍ତ୍ୱେ ମୁଁ ତାଙ୍କୁ ସବୁବେଳେ ଶିଷ୍ୟ ହିସାବରେ ଭକ୍ତି କରୁଥିଲି । ବିଭିନ୍ନ ସମୟରେ ତାଙ୍କର ଅନ୍ୟାୟମୂଳକ କାର୍ଯ୍ୟକୁ ବିରୋଧ କରିଥିଲେ ହେଁ କେବେହେଲେ ତାଙ୍କୁ ଅସମ୍ମାନ କରିନାହିଁ । ତାଙ୍କର ଶେଷ ବେଳକୁ, ଅର୍ଥାତ୍ ସେ ମରିବାର ଅଳ୍ପ କେତେବର୍ଷ ପୂର୍ବରୁ ତାଙ୍କ ପୁଅମାନେ ତାଙ୍କୁ ନିଜପାଖରୁ ଅଲଗା କରିଦେଇଥିଲେ । ସେହି ଅବସ୍ଥାରେ ସେ ମୋତେ ଖୁବ୍ ଭଲ ପାଉଥିଲେ । ମୁଁ ମଧ୍ୟ ତାଙ୍କର ଜଣେ ଉପଯୁକ୍ତ ଛାତ୍ରଥିବାରୁ ମୁଁ ତାଙ୍କ ପାଖରେ ସବୁବେଳେ କୃତଜ୍ଞ ଥିଲି । ଆଜି ଆଉ ସେ ମର ଜଗତରେ ନାହାଁନ୍ତି । ମୋର ପ୍ରାର୍ଥନା, ତାଙ୍କର ଆତ୍ମାର ସଦ୍‌ଗତି ହେଉ । ଏତିକି କହି ମୁଁ ମୋର ଅଜାଣତରେ କେବେ ଯଦି ତାଙ୍କ ପ୍ରତି କିଛି ଭୁଲ୍ କରିଥିବି, ସେଥିପାଇଁ ସେ ମୋତେ କ୍ଷମା ଦେବାପାଇଁ ତାଙ୍କର ଅଶରୀର ଆତ୍ମାପାଖରେ ନିବେଦନ କରୁଛି ।

ଠାକୁରଜମିକୁ ନେଇ ଭାଗଚାଷୀ ଆନ୍ଦୋଳନ

ମୁଁ ତ ଆଗରୁ କହିଛି ଆମର ପୂର୍ବପୁରୁଷ ପ୍ରଥମେ ରାଧାନଗରରେ ବସତି ସ୍ଥାପନ କରିଥିଲେ । ଆଜି ପର୍ଯ୍ୟନ୍ତ ଆମର ସେଠାରେ ଜମିବାଡ଼ି ଅଛି । ସେହି ଜମିସବୁ ବଳଦେବଜୀଉଙ୍କ ଜମି । ଗଲା ୧୯୩୦ ମସିହାରେ ସେ ଜମିସବୁ ପ୍ରଜାଙ୍କ ନାମରେ ଧୂଳିଭାଗ କିସମ୍ ସ୍ୱତ୍ୱ ହୋଇ ଯାଇଥାଏ । ଜମି ଫସଲରୁ ଠାକୁର କେବଳ ଭାଗ ପାଇବେ, କିନ୍ତୁ ସ୍ୱତ୍ୱର ମାଲିକ ପ୍ରଜା

Digitized by srujanika@gmail.com

ରହିବ। ୧୯୫୨ ମସିହାରେ ନବକୃଷ୍ଣ ଚୌଧୁରୀ ଓଡିଶାର ମୁଖ୍ୟମନ୍ତ୍ରୀ ହୋଇଥାନ୍ତି । ସ୍ୱାଧିନତା ପୂର୍ବରୁ ସେମାନେ କହିଥିଲେ, ଯିଏ ଯେଉଁ ଜମି ଚାଷ କରୁଛି, ତାହା ତାଙ୍କର ହୋଇଯିବ । କିନ୍ତୁ ତାହା ହେଲା ନାହିଁ । ଯାହା ପୂର୍ବରୁ ଥିଲା ସେଇଆହିଁ ରହିଲା । କେବଳ ବିଧାନସଭାରେ ଭାଗଚାଷ କରୁଥିବା ଲୋକଙ୍କ ପାଇଁ ଆଇନ୍ କରାଗଲା । ଧୂଳିଭାଗ ସ୍ୱତ୍ୱ ଉପରେ ଜମି ମାଲିକ ଆଠଅଣା ପରିବର୍ତ୍ତେ କେବଳ ଚାରି ଅଣା, ଓ ଭାଗଚାଷୀ ବାରଣା ଭାଗ ପାଇବ ବୋଲି ଆଇନ୍ ହେଲା । ଏହି ଆଇନ୍ ହେବା ପରେ ମୁଁ ଏଠାରେ ଭାଗଚାଷୀ ଆନ୍ଦୋଳନ ଆରମ୍ଭ କରିଦେଲି । ଆମ ଅଞ୍ଚଳରେ ବାଲଣା, ଆଦମ୍ପୁର, ଗୋପାଳପୁର, ରାମକଣି ଓ ରାଧାନଗରରେ ଥିବା ଦୁଇହଜାର ଏକର ପର୍ଯ୍ୟନ୍ତ ଠାକୁର ଜମି ଉପରେ ଭାଗଚାଷ ଆନ୍ଦୋଳନ ଆରମ୍ଭ ହେଲା । ଚାଷୀମାନଙ୍କୁ ସଂଗଠିତ କରାଇ ଭାଗଚାଷ ସଂବନ୍ଧରେ ହୋଇଥିବା ଆଇନ୍‌କାନୁନ୍ ବୁଝାଇଲି । ଚାଷୀମାନେ ବୁଝିଲା ପରେ ଆମେ କାର୍ଯ୍ୟକ୍ରମ ଆରମ୍ଭ କଲୁ ।

ସେତେବେଳେ ୪/୫ ଖଣ୍ଡ ଗ୍ରାମର ଭାଗଧାନ ଆଦାୟ କରିବା ପାଇଁ ବାଲଣା ଗ୍ରାମରେ ବଳଦେବଜୀଉଙ୍କର ଖମାର ତହସିଲ୍ ଅଫିସ୍ ସହିତ ଧାନକାଣ୍ଡି ଓ ଧାନଅମାର ଥାଏ । ସେଠାରେ କର୍ମଚାରୀମାନଙ୍କ ରହିବା ପାଇଁ ଛପରଘରମାନ ମଧ୍ୟ ଥିଲା । ଆଦାୟ-ଅସୁଲ ପାଇଁ ସଂପୃକ୍ତ କର୍ମଚାରୀମାନେ ଉପସ୍ଥିତ ଥାନ୍ତି । ଦିନେ ଆମେ ଚାଷୀମାନେ ସଂଗଠିତ ହୋଇ ପ୍ରୋସେସନ୍ କରି ବାହାରିଲୁ । ମୁଁ ଆଗରେ ରହି ସ୍ଲୋଗାନ ଦେଉଥିଲି । ଆମର ସ୍ଲୋଗାନ୍ ଥାଏ, ଭାଗଚାଷୀ ଆଇନ୍‌କୁ କାମରେ ଲଗାଅ । ଠାକୁରଙ୍କ ପାଇଁ ଆଠଣା ଭାଗ ରଦ୍ଦ କର, ଚାରିଅଣା ଭାଗ ଚାଲୁ କର, ଇତ୍ୟାଦି । ଏମିତି ଧ୍ୱନି ଦେଇଦେଇକା ଆମେ ଯାଇଁ ଖମାର ଅଫିସ୍‌ରେ ପହଞ୍ଚିଲୁ । ସେଠି ସେମାନଙ୍କ ଉପରିସ୍ଥ ଅଧିକାରୀ ଉପସ୍ଥିତ ଥାନ୍ତି । ତାଙ୍କ ସଙ୍ଗରେ କଥାବାର୍ତ୍ତା ହେଲା । ସେ କହିଲେ, ଟ୍ରଷ୍ଟ ବୋର୍ଡ଼କୁ ନପଚାରି ଆମେ ତୁମ ଦାବୀ ସମ୍ବନ୍ଧରେ କିଛି କରିପାରିବୁ ନାହିଁ । ଆମେ ସେଠୁ ଫେରିଆସି ସଭା କଲୁ । ସଭାରେ ସ୍ଥିର ହେଲା, ଯେ ପର୍ଯ୍ୟନ୍ତ ସରକାରଙ୍କ ଭାଗଚାଷ ଆଇନ୍ କାର୍ଯ୍ୟକାରୀ ହୋଇ ଠାକୁର ବାଣ୍ଟକୁ ଚାରିଅଣା ଭାଗ ସ୍ଥିର କରା ନଯାଇଛି, ସେ ପର୍ଯ୍ୟନ୍ତ ଆମେ ଭାଗ ଦେବା ନାହିଁ । ଆମ ଆନ୍ଦୋଳନ ଦେଖି ବଳଦେବଜୀଉ ଟ୍ରଷ୍ଟର କର୍ମକର୍ତ୍ତାମାନେ ଆତଙ୍କ ମଣିଲେ । ତାଙ୍କର ଶହଶହ ଭରଣ ଧାନ ଆଦାୟ ହୋଇପାରିଲା ନାହିଁ । ଆମ ପାଞ୍ଚଖଣ୍ଡ ଗ୍ରାମରୁ ଆଦାୟ ହେଉଥିବା ଧାନରୁ ଠାକୁରଙ୍କ ଅଧିକାଂଶ ଭୋଗଖର୍ଚ୍ଚ ଚଳୁଥିଲା । ବର୍ଷେ ଧରି ଭାଗ ଫସଲ ଆଦାୟ ବନ୍ଦ ହୋଇଯିବାରୁ ଟ୍ରଷ୍ଟର ଲୋକେ ଆମର ମେଳିକୁ କିପରି ଭାଙ୍ଗିବେ, ସେହି ଫିକରରେ ରହିଲେ । ସେମାନେ ଦେଖିଲେ, ବଡ଼ ଜମିବାଲାଙ୍କୁ ହାତ କଲେ ମେଳି ଭାଙ୍ଗିଯିବ ଓ ସେମାନେ ପୂର୍ବ ପ୍ରଥା ଅନୁସାରେ ଆଠଣା ଭାଗ ଫସଲ ଆଦାୟ କରିବେ । ଆମ ଭିତରେ ଶିଖିମନାଇ ଭଳି କିଛି ଭାଗଚାଷୀ ମଧ୍ୟ ଥିଲେ । ସେମାନେ ଅଧିକ ଜମିଥିବା ଲୋକ, ଓ ସେମାନଙ୍କର ଉଭୟ ମାମଲତକାର ଓ ଗରୀବଲୋକଙ୍କ ଉପରେ ବେଶ୍ ପ୍ରଭାବ ଥିଲା । ସେମାନେ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ବହୁ ଚେଷ୍ଟା କଲେ । ସେମାନେ କହିଲେ, ଠାକୁରଙ୍କୁ ଆମେ ଭାଗ ନଦେଲେ ଠାକୁରଙ୍କ ଭୋଗକାର୍ଯ୍ୟ ବନ୍ଦ ହୋଇଯିବ ଏବଂ ଠାକୁର ଆମର ଅମଙ୍ଗଳ କରିବେ । ସେମାନେ ପୁଣି ପ୍ରଚାର କଲେ, ସରକାର ଯେଉଁ ଆଇନ୍ କରିଛନ୍ତି,

Digitized by srujanika@gmail.com

ତାହା ସାଧାରଣ ଜମିପାଇଁ, ଠାକୁରଙ୍କ ଜମି ଉପରେ ଲାଗୁ ନୁହେଁ । ଏହି ପ୍ରକାର ବିଭ୍ରାନ୍ତିକର କଥା କହି ସେମାନେ ଆମର ମେଳି ଭାଙ୍ଗିବାକୁ ଚେଷ୍ଟା କଲେ । ଲୋକେ ତ ସେତେବେଳେ କିଛି ବୁଝି ନଥିଲେ । ଅନ୍ଧବିଶ୍ୱାସ ଲୋକଙ୍କ ମନରେ ବସା ବାନ୍ଧି ରହିଥିଲା ଏବଂ ଶେଷରେ ତାହାହିଁ କାର୍ଯ୍ୟ କଲା । ଆମ ମେଳି ଭିତରୁ କେତେକ ଧନୀକ ଶ୍ରେଣୀର ଲୋକ ଠାକୁରଙ୍କୁ ଭାଗଧାନ ଦେବାକୁ ମନସ୍ଥ କଲେ । ସେହି ଶିଖ୍ମେନାଇ ଗୋଷ୍ଠୀର କେତେକ ଲୋକ ଭାଗଧାନ ଆଠଣା ହିସାବରେ ପଇଠ କରିଦେଲେ । ମେଳି କିନ୍ତୁ ସଂପୂର୍ଣ୍ଣ ଭାଙ୍ଗି ଯାଇନଥିଲା । ବହୁ ସଂଖ୍ୟକ ଚାଷୀ ଆମର ଦାବୀ ସପକ୍ଷରେ ଅଣ୍ଟାଭିଡ଼ି ରହିଲେ ।

ମୋ ବିରୁଦ୍ଧରେ ଚକ୍ରାନ୍ତ ଓ କେଶ୍

ପ୍ରତିପକ୍ଷର ଲୋକେ ଦେଖିଲେ, ଏ ମେଳିର ନେତୃତ୍ୱରେ ଯିଏ ଅଛି, ତାକୁ ବିପଦରେ ନ ପକାଇଲେ ଓ ହଇରାଣ ହରକତ ନକଲେ, ଏ ମେଳି ଭାଙ୍ଗିବ ନାହିଁ । ସେହି ପନ୍ଥାକୁ ହିଁ ସେମାନେ ଉପଯୁକ୍ତ ମନେକରି ପ୍ରଥମେ ଏହାର ସମାଧାନ ପାଇଁ ମୋତେ ଡ଼ାକିଲେ । ମୁଁ ଉପସ୍ଥିତ ହୋଇ ତାଙ୍କ ସହିତ ଆଲୋଚନାରେ ରତ ରହିଲି । କିନ୍ତୁ ସେଥିରେ ଉଭୟ ପକ୍ଷ କେହି ସନ୍ତୁଷ୍ଟ ହେଲୁ ନାହିଁ । ଆଲୋଚନା ନିଷ୍ଫଳ ହେଲା । ମୋ ଉପରକୁ ଠାକୁର ଘର ତରଫରୁ ଅଚାନକ ଝଡ଼ ମାଡ଼ି ଆସିଲା । ମୋର ଯଦି ଦଣିପୁର ଗ୍ରାମରେ ସଂପତ୍ତିବାଡ଼ି ନଥାନ୍ତା ଓ ମୁଁ କେବଳ ରାଧାନଗରରେ ଘର କରିଥାନ୍ତି, ତେବେ କନିକା ଜମିଦାର ବିରୁଦ୍ଧରେ ପ୍ରଜା ଆନ୍ଦୋଳନ ବେଳେ ଜମିଦାର କେତେଜଣ ପ୍ରଜାଙ୍କୁ ଯେପରି ତାଙ୍କ ଜମିଦାରୀରୁ ବାହାର କରିଦେଇ ସେମାନଙ୍କ ଘରଦ୍ୱାର ଓ ସଂପତ୍ତିବାଡ଼ି ଇତ୍ୟାଦି ନେଇଯାଇଥିଲେ, ସେହିପରି ମୋତେ ମଧ୍ୟ ହାନିମାନିଆ କରାଯାଇଥାନ୍ତା । କିନ୍ତୁ ତାହା ହୋଇ ପାରିଲା ନାହିଁ । ସେମାନେ କିଛି ଉପାୟ ନପାଇ ମୁଁ ଭାଗଧାନ ଦେଉନାହିଁ ଓ ଜମିଦାରଙ୍କ ବିରୁଦ୍ଧରେ ପ୍ରଜାମେଳି କରି ଭାଗଧାନ ବନ୍ଦ କରିଛି ବୋଲି ମୋ ନାଁ ରେ କେନ୍ଦ୍ରାପଡ଼ା ସବ୍‌ଜଜ୍ କୋର୍ଟରେ ମକଦ୍ଦମା ଦାୟର କରିଦେଲେ । ମୋ ଜମି ଉପରେ ୧୪୪ ଧାରା ଜାରିକରି ଫସଲ ଉପରେ ରିସିଭର୍ କରିଦେଲେ । ଫସଲ କଟାଇବା ପାଇଁ ସରକାରଙ୍କ ତରଫରୁ ଆମ ଅଞ୍ଚଳର କାନୁନ୍‌ଗୋ ସେତେବେଳେ ଆସିଥାନ୍ତି । ତାଙ୍କୁ ଅର୍ଡ଼ର ହେଲା ଧାନ କଟାଇବା ପାଇଁ । ସେ ଆସି ଯେତେବେଳେ ଧାନ କଟାଇଲେ ସେତେବେଳକୁ ଗାଈଗୋରୁ ଫସଲକୁ ନଷ୍ଟ କରି ଦେଇଥାନ୍ତି । ଯାହା ବା ଥିଲା, ତାକୁ କଟାଇ ଗଦା କରି ଓ ସିଲ୍ କରି ଜଣକ ମାର୍ଫତରେ ଦେଇଦେଲେ । କିନ୍ତୁ ଠିକ୍ ସମୟରେ ସଂପୃକ୍ତ କାନୁନ୍‌ଗୋ ନ ଆସିବାରୁ ମୂଷା ଓ ବର୍ଷାର ଉତ୍ପାତରେ ଧାନସବୁ ନଷ୍ଟ ହୋଇଯାଇଥିଲା । ଅଳ୍ପ ବାକୀ ଧାନ ଯାହା ରହିଲା, ତାକୁ ଅସମୟରେ କାନୁନ୍‌ଗୋ ଆସି ଧାନମଳି ଜମିଦାରଙ୍କ ଉପସ୍ଥିତିରେ ଭାଗଧାନ ବଣ୍ଟନ କଲେ । ମୁଁ ଚାଷୀ ହିସାବରେ ବାରଅଣା ପାଇଲି । ଠାକୁରଙ୍କ ତରଫରୁ ଯେ ଉପସ୍ଥିତ ଥିଲେ, ତାଙ୍କୁ ଚାରିଅଣା ଭାଗ ଫସଲ ବଣ୍ଟନ କରାଗଲା । ଆମେ ଏହି ଅନୁସାରେ ପାଇଲୁ ବୋଲି ତାଙ୍କୁ ଲେଖି ଦେଲୁ । ସେ ଯାହା ବାଣ୍ଟିଲେ ତାହା ମଧ୍ୟ ଲେଖି ଦେଲେ । କିନ୍ତୁ ମୋ ନାମରେ ଫସଲ ଉଜାଡ଼ିବାର କେସ୍ ଦାଏର୍ କଲେ । ଦୀର୍ଘ ଆଠବର୍ଷ ଧରି ମୁଁ କେସ୍ ଲଢ଼ିଲି । ତଥାପି ମୁଁ ନିଶ୍ଚୟ କେସ୍‌ରେ ଜିତିବି ବୋଲି ମୋ ମନବଳ ଅତୁଟ ରହିଥାଏ ।

Digitized by srujanika@gmail.com

ଭାଗବତ ମହାନ୍ତିଙ୍କ ଫଇସଲା

ସେତେବେଳେ ଭାଗବତ ପ୍ରସାଦ ମହାନ୍ତି ନୂଆ ନୂଆ ଓକିଲ ହୋଇଥାନ୍ତି । ସେ ମଧ୍ୟ ଠାକୁରଙ୍କ ଟ୍ରଷ୍ଟ ବୋର୍ଡ଼ର ସଭାପତି ଥାନ୍ତି । ଟ୍ରଷ୍ଟ ବୋର୍ଡ଼ରେ ଆଲୋଚନା ହେଲା, କାହିଁକି ବାଲଣା ଆଦମ୍‌ପୁରରେ ଗଣ୍ଡଗୋଳ ଲାଗିଛି ଓ ତାକୁ ତୁରନ୍ତ ଫଇସଲା କରାଯାଉ । ଯଦି ଫଇସଲା ନକର, ତେବେ ଠାକୁର ନିଶ୍ଚୟ ଭାଗଚାଷ ଆଇନ୍ ଅନୁସାରେ ମାତ୍ର ଚାରିଅଣା ପାଇବେ । ଯଦି ଆପୋଷ ରାଜିନାମା କରାଯାଏ ତେବେ ଚାଷିଙ୍କୁ ଆମ୍ଭେ କହି ବରଂ ଆଉ ଦୁଇ ଅଣା ମିଶାଇ ମୋଟ୍ ଛଅଣା ପାଇବା । ଦୀର୍ଘ ଆଠବର୍ଷ ମକଦ୍ଦମା ଚାଲିଲା ପରେ ମତେ ଦିନେ ଡ଼କାଇଲେ ଆଲୋଚନା କରିବା ପାଇଁ । ମୁଁ ଦାଦାଙ୍କୁ (ବ୍ରଜବନ୍ଧୁ ବେହେରା) ସଙ୍ଗରେ ନେଇ ଟ୍ରଷ୍ଟ ବୋର୍ଡ଼ର ସଭାପତି ଭାଗବତ ମହାନ୍ତିଙ୍କ ସହିତ ଆଲୋଚନା କଲୁ । ସେ ଆଇନ୍ ହୋଇଥିବା କଥାକୁ ସ୍ୱୀକାର କଲେ । କେବଳ ଠାକୁରଙ୍କର କେହି ବାପା ମା ନଥିବାରୁ ତାଙ୍କୁ ଚାରିଅଣା ବାଦ୍ ଆଉ କିଛି ଦିଆଯାଉ ବୋଲି ସେ ମତଦେଲେ । ଆମେ ଏହା ପ୍ରଜାଙ୍କ ଠାରୁ ମାଗି ନେଉଛୁ ବୋଲି ସେ କହିଲେ । ମୁଁ ଦେଖିଲି, ସେତେବେଳକୁ ପ୍ରଜାମେଳି ଭାଙ୍ଗିଯାଇଥିଲା । ମୋତେ କେସ୍‌ରେ ପକାଇ ସେମାନେ ହଇରାଣ କରୁଥିଲେ । ଏ ସବୁ କଥାକୁ ବିଚାର କରି ଆମେ ଭାବିଲୁ, ଆନ୍ଦୋଳନ କରିବା ଦ୍ୱାରା ଅନ୍ତତଃ ଦୁଇଅଣା ଯଦି ଆମକୁ ଅଧିକା ମିଳେ ବା ମୋଟ୍ ଦଶ ଅଣା ଯଦି ଆମେ ପାଉ, ତେବେ ମୋଟ୍ ଉପରେ ପ୍ରଜାମାନେ ଶହଶହ ଭରଣ ଧାନ ଅଧିକ ପାଇ ଉପକୃତ ହେବେ । ଏତିକିରେ ଆମେ ରାଜି ହେଲୁ ଓ କେସ୍ ଫଇସଲା ପାଇଁ ଧାର୍ଯ୍ୟ ହେଲା । ସେମାନେ କୋର୍ଟରେ ପ୍ରଜାଙ୍କୁ ଦଶଅଣା ଦେବାକୁ ଲେଖିଦେଲେ । ସେହିଦିନ କେସ୍ ସମାପ୍ତ ହେଲା । ଯଦି ଭାଗଚାଷୀ ମେଳିଟା ଠିକ୍ ଭାବରେ ଚାଲିଥାନ୍ତା, ନିଶ୍ଚୟ ଆମେ କେବଳ ଚାରି ଅଣା ଭାଗ ଦେଇଥାନ୍ତୁ । ପ୍ରତ୍ୟେକ ଗ୍ରାମରେ ଶିଖ୍ରନାଇ ଭଳି କାର୍ଯ୍ୟ କରୁଥିବା ଲୋକଙ୍କର ଚକ୍ରାନ୍ତ ଯୋଗୁଁ ତଥା ଗରୀବ ଚାଷୀମାନଙ୍କ ଅନ୍ଧବିଶ୍ୱାସ ଯୋଗୁଁ ଆମେ ଚାଷିମାନେ ଦୁଇଅଣାର ସ୍ୱାର୍ଥ ହରାଇ ବସିଲୁ । ସେହିଦିନ ଠାରୁ ଆଠଅଣା ପରିବର୍ତ୍ତେ ଛଅଣା ଭାଗ ଚାଷିଙ୍କଠୁଁ ଆଦାୟ ହେଲା । କିଛିତ୍ ହେଲେବି ଦୁଇଅଣା ଅଧିକ ଭାଗ ପାଇ ଚାଷୀମାନେ ଆନନ୍ଦ ଅନୁଭବ କଲେ କିନ୍ତୁ ସଙ୍ଗେସଙ୍ଗେ ଅନୁତପ୍ତ ମଧ୍ୟ ହେଲେ । ସେମାନେ ଭାବିଲେ, ଆମେ ଯଦି ଠିକ୍ ଭାବରେ ଆନ୍ଦୋଳନକୁ ଚଳାଇ ରଖିପାରିଥାନ୍ତୁ, ନିଶ୍ଚୟ ଠାକୁରଙ୍କୁ ଚାରିଅଣା ଦେଇ ନିଜେ ବାରଅଣା ପାଇଥାନ୍ତୁ । ଚାଷୀମାନେ ମୋଟ୍ ଉପରେ ଅଧିକ ଦୁଇଅଣା ପାଇ ଉପକୃତ ହୋଇଥିବାରୁ ସେମାନଙ୍କର ମୋ ଉପରେ ଅତୁଟ ବିଶ୍ୱାସ ରହିଲା । ଏତିକିରେ ଭାଗଚାଷ ଆନ୍ଦୋଳନ ଶେଷ ହେଲା । ଭବିଷ୍ୟତରେ ଆଉଥରେ ଆନ୍ଦୋଳନ କରି ଏହି ଜମି ଉପରେ ଖଜଣା ଧାର୍ଯ୍ୟପାଇଁ ଲଢ଼ିବାକୁ ହେବ ବୋଲି ମନରେ କେବଳ ଯାହା ଚିନ୍ତା ବଞ୍ଚିରହିଲା । ଦୀର୍ଘ ଆଠବର୍ଷ ଧରି କେସ୍‌ରେ ମୋତେ ଏକିଟିଆ ଲଢ଼ିବାକୁ ହୋଇଥିବାରୁ ମୋ ମନ ଦୁର୍ବଳ ହୋଇ ପଡ଼ିଥିଲା । ସେଥିପାଇଁ ମୁଁ ଛ'ଅଣାରେ ରାଜି

Digitized by srujanika@gmail.com

ହୋଇଥିଲି ଏବଂ ତଦ୍ୱାରା କେସ୍ ସମାପ୍ତ ହୋଇଥିଲା । ଏହା ଫଳରେ ଜମିଦାର ହଜାର ହଜାର ଟଙ୍କାର କ୍ଷତି ସହିଲେ । କିନ୍ତୁ ଭାଗଚାଷୀ ସମସ୍ତେ ଆଠଅଣା ସ୍ଥଳେ ଦଶଅଣା ହାସଲ କରିବାର ଉପକାର ପାଇଲେ ।

ବିନୋବାଙ୍କ ଭୂଦାନଯଜ୍ଞ ପରିକଳ୍ପନା

ପଞ୍ଚବାର୍ଷିକ ଯୋଜନାର ରୂପରେଖ ଅଧ୍ୟୟନ ପାଇଁ ସରକାରଙ୍କ ଅନୁରୋଧ କ୍ରମେ ବିନୋବା ପୌନାର ଆଶ୍ରମରୁ ଦିଲ୍ଲୀ ଗଲେ । କିନ୍ତୁ ଯୋଜନାର ରୂପରେଖ ଜାଣିଲାପରେ ସେ ସରକାରଙ୍କୁ ସମାଲୋଚନା କରିବାକୁ ପଛେଇଲେ ନାହିଁ । ଏ ଯୋଜନାରେ ଗରିବ ଜନସାଧାରଣଙ୍କର କିଛି ଉନ୍ନତି ହେବ ନାହିଁ, ବରଂ ଏହା ଧନୀକ ଶ୍ରେଣୀକୁ ସୁହାଇବ ବୋଲି ବିନୋବା ମତବ୍ୟକ୍ତ କଲେ । ତେଲେଙ୍ଗାନା ଅଞ୍ଚଳରେ ଏତେଦିନଧରି ହାଣକାଟ ଚାଲିଛି, ଅଥଚ ସରକାର ବହୁଚେଷ୍ଟା କରି ମଧ ହାଣକାଟ ବନ୍ଦ ହୋଇପାରୁ ନାହିଁ, କାହିଁକି ? ଏହାର କାରଣ ଅନୁଧାନ କରିବା ପାଇଁ ସେ ଦିଲ୍ଲୀରୁ ତେଲାଙ୍ଗାନା ଅଞ୍ଚଳକୁ ବାହାରିଲେ । ସେ ସେଠାରେ ସବୁ ଶ୍ରେଣୀର ଲୋକଙ୍କ ସହିତ ଦେଖା ସାକ୍ଷାତ କଲେ । ଆଲୋଚନାରୁ ଜାଣିଲେ ଯେ, ଦେଶର ସ୍ୱାଧୀନତା ପରେ ଲୋକମାନଙ୍କର ଦୁଃଖ ମୋଚନ ହେବା ପରିବର୍ତ୍ତେ ବରଂ ସେମାନଙ୍କର ଦୁଃଖ ବଢ଼ିବାକୁ ଲାଗିଛି । ଲୋକଙ୍କୁ ଖାଇବାକୁ ମିଳୁନାହିଁ, ମଜୁରୀ ଖଟିବାକୁ ଧନ୍ଦା ନାହିଁ । ସେ ଦେଖିଲେ, ଭୋକ ଉପାସରେ ମରିବା ଅପେକ୍ଷା ଧନୀ ଲୋକମାନଙ୍କୁ ମାରି ସେମାନଙ୍କ ସଂପତ୍ତି ଲୁଟ୍‌କରି ବଞ୍ଚିବେ ବା ନିଜେ ମରିବେ, ଏହି ଭାବନାରେ ଲୋକମାନେ ଥାନ୍ତି । ଲୋକମାନଙ୍କର ଜମି ବୋଲି ଗୁଣ୍ଠେ ନାହିଁ । ସେମାନେ ବିନୋବାଙ୍କୁ କହିଲେ, ଆମେ ଆଶା କରିଥିଲୁ, ସ୍ୱାଧୀନତା ପରେ ସବୁ ସୁବିଧା ଆମ୍ଭମାନଙ୍କୁ ମିଳିବ । ଆମକୁ ସେ ସୁବିଧା ମିଳିଲା ନାହିଁ । ତେଣୁ ବଞ୍ଚିବାକୁ ହେଲେ ଆମକୁ ପୁଣି ଥରେ ଲଢ଼ାଇ କରି ପୁଞ୍ଜିବାଦକୁ ହଟାଇ ତୁରନ୍ତ ସମାଜବାଦ ଗଢ଼ିବାକୁ ପଡ଼ିବ, ଯାହା ଫଳରେ କି ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ମିଳି ପାରିବ । ଲୋକଙ୍କ ସହ ଖୋଲାଖୋଲି ଭାବରେ ଆଲୋଚନା କରି ବିନୋବା ଜାଣିଲେ ଯେ, ସମାଧାନର ଏକମାତ୍ର ବାଟ ହେଉଛି ଭୂମିହୀନମାନଙ୍କୁ ଜମି ମିଳିବା ଦରକାର । କାହିଁକିନା ଜଣେ ଜଣେ ଲୋକ ପାଖରେ ହଜାର ହଜାର ଏକର ଜମି ପଡ଼ିରହିଛି ଓ ଅନ୍ୟପଟରେ ଶତକଡ଼ା ୮୦ ଭାଗ ଲୋକଙ୍କ ହାତରେ ଏପରିକି ମୁଣ୍ଡ ଗୁଞ୍ଜିବାକୁ ଡିହ ଖଣ୍ଡେ ନାହିଁ । ଦିନଦିନ ଧରି ସେମାନେ ଉପାସ ଭୋକରେ ରହୁଛନ୍ତି । ବିନୋବା ଜାଣିଲେ ଯେ, ଯେଉଁ ବାଟ ଲୋକ ଧରିଛନ୍ତି, ତାହା ହିଂସାର ବାଟ ଏବଂ ଏ ବାଟରେ ସମସ୍ୟା ସମାଧାନ ହୋଇ ପାରିବନାହିଁ । ଦିନେ ବିନୋବାଜୀ ଗୋଟିଏ ଗାଁରେ ବଡ଼ ଧରଣର ସଭାଟିଏ କରାଇଲେ । ସେ ଯାହା ଦେଖିଲେ ଓ ଶୁଣିଲେ, ତାଙ୍କର ଅନୁଭୂତି ସେ ସଭାରେ ପ୍ରକାଶ କଲେ । ସେ ଜୋର ଦେଲେ ଯେ, ଲୋକଙ୍କୁ ଯଦି ଜମି ଖଣ୍ଡେ ଖଣ୍ଡେ ମିଳିଯାଏ, ତେବେ ଲୋକମାନେ ସେମାନଙ୍କ ଜମିରେ ଚାଷବାସ କରି ଆନନ୍ଦରେ ଚଳିବେ । ଏହି ସଭାରେ ସେ କହିଲେ, ପୁରାଣ ଯୁଗରୁ ମଧ ଆମ ଭାରତବର୍ଷର ପରମ୍ପରା ଅଛି, ସ୍ୱଚ୍ଛଳ ଲୋକେ ଅଭାବ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ

Digitized by srujanika@gmail.com

ସବୁ ସମୟରେ ସାହାଯ୍ୟ କରିଥାନ୍ତି । ଆଜି ଯେତେବେଳେ ଖାଇବା ବିନା ପୋକମାଛି ପରି ଲୋକ ମରୁଛନ୍ତି, ସେତିକିବେଳେ ଧନୀଲୋକଙ୍କ ପାଖରେ ହଜାର ହଜାର ଏକର ଜମି ଠୁଳ ହୋଇ ରହିଅଛି । ସେ କହିଲେ, ଏ ଜମିର ସମସ୍ୟା ନ ତୁଟିଲେ ଭାରତବର୍ଷରେ ହାଣକାଟ ଓ ଗଣ୍ଡଗୋଳ ଲାଗି ରହିବ ଓ କାହାରି ମଙ୍ଗଳ ହେବନାହିଁ । ସେ ଲୋକମାନଙ୍କୁ ବୁଝାଇଲେ, ସ୍ୱଇଚ୍ଛାରେ ଧନୀ ଲୋକମାନେ ଗରିବ ଲୋକଙ୍କୁ ଜମିବାନ କରନ୍ତୁ । ଯଦି ଭଲରେ ନହେବ, ତେବେ ମନ୍ଦରେ ନିଶ୍ଚୟ ହେବ, ଜନସାଧାରଣ ଜବରଦସ୍ତ ଜମି ଛଡାଇ ନେଇପାରନ୍ତି, ଯାହା କି ଇତିହାସରୁ ପ୍ରମାଣିତ । ତେଣୁ ସ୍ୱଇଚ୍ଛାରେ ଜମି ମାଲିକମାନେ ନିଜର ବଳକା ଜମି ଲୋକମାନଙ୍କୁ ଫେରାଇ ଦିଅନ୍ତୁ । ସେ ସଭାକୁ ଆସିଥିବା ରାମଚନ୍ଦ୍ର ରେଡ୍ଡି ବୋଲି ଜଣେ ଧନୀଲୋକ ଆତଙ୍କଗ୍ରସ୍ତ ଅବସ୍ଥାରେ ଥିଲେ । ସେ ବିନୋବାଙ୍କୁ ସ୍ୱଇଚ୍ଛାରେ ଉକ୍ତ ସଭାରେ ୧୦୦ ଏକର ଜମି ଦାନକଲେ । ବିନୋବା ଭାବେ ଜାଣିଲେ, ଲୋକମାନଙ୍କର ଦାନ କରିବାର ମନୋଭାବ ରହିଛି । ଆମେ ସେମାନଙ୍କୁ ବୁଝାଇ କହିଲେ, ଦାନ ମିଳିପାରିବ । ତାଙ୍କୁ ଏହି ଗୋଟିଏ ବାଟ ମିଳିଗଲା । ଶାନ୍ତି ଉପାୟରେ ଲୋକଙ୍କ ଠାରୁ ଜମି ଆଣି ସାଧାରଣ ଲୋକଙ୍କୁ ବାଣ୍ଟିବାକୁ ହେବ । ପରେ ଏହାର ପ୍ରଭାବ ସରକାରଙ୍କ ଉପରେ ପଡିଲେ ନିଶ୍ଚୟ ତଦ୍‌ନୁଯାୟୀ ଆଇନ୍ ତିଆରି ହେବ, ଏବଂ ଏହପରି ଜମି ସମସ୍ୟାର ସମାଧାନ ହୋଇପାରିବ । ସେ ତା ପରଦିନ ତେଲେଙ୍ଗାନା ଅଞ୍ଚଳରେ ସାଙ୍ଗେ ସାଙ୍ଗେ ସଭାକରି ଲୋକଙ୍କୁ ବୁଝାଇବାକୁ ଲାଗିଲେ । ଏହି ସଭାମାନଙ୍କରେ ଗୁଣ୍ଠେ ଠାରୁ ଆରମ୍ଭକରି ଶହ ଶହ ଏର ଜମି ଦାନ ସୂତ୍ରରେ ମିଳିବାକୁ ଲାଗିଲା । ସେଠାରେ ଲୋକମାନେ ଭୟଭୀତ ଅବସ୍ଥାରେ ଥିଲେ । ଆସ୍ତେଆସ୍ତେ ତେଲେଙ୍ଗାନା ଅଞ୍ଚଳରେ ଶାନ୍ତି ଫେରିଆସିଲା । ସରକାର ୨/୩ ବର୍ଷଧରି ସେଠିକାର ଗଣ୍ଡଗୋଳକୁ ଦମନ କରିପାରୁ ନଥିଲେ । ବିନୋବା ଥରକ ପାଇଁ ସେଠାକୁ ଯାଇ ସମସ୍ୟାମାନ ଅନୁଧାବନ କରି ଶାନ୍ତି ଫେରାଇ ଆଣିପାରିଲେ ଏହିପରି ଶାନ୍ତିକୁ ଆଧାର କରି ଭୂଦାନଯଜ୍ଞର ସୂତ୍ରପାତ ହୋଇଥିଲା । ସେ ସେଇଠୁ ସାରା ଭାରତବର୍ଷ ବୁଲି ଭୂଦାନ ଯଜ୍ଞ ଆରମ୍ଭ କରିବାକୁ ସ୍ଥିର କଲେ ।

ଭୂଦାନ ଯଜ୍ଞର ଅଯମାରମ୍ଭ

ଗାନ୍ଧିଜୀଙ୍କ ମୃତ୍ୟୁ ପରେ ତାଙ୍କର ପ୍ରଧାନ ଶିଷ୍ୟ ବିନୋବା ଭାବେ ଗାନ୍ଧିଙ୍କ ଅପୂରିତ କାର୍ଯ୍ୟକୁ ପୂରଣ କରିବାକୁ ପୌନାର ଆଶ୍ରମରୁ ବାହାରି ଗାନ୍ଧିବାଦୀ କର୍ମୀମାନଙ୍କୁ ସମବେତ ହେବା ପାଇଁ ଡ଼ାକରା ଦେଲେ । ଗାନ୍ଧିଜୀ କହିଥିଲେ, ଯେଉଁ ରାମରାଜ୍ୟ ପ୍ରତିଷ୍ଠା ହେବ, ସେଥିରେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ଉଦୟ ହେବ, ଅର୍ଥାତ୍ ସର୍ବୋଦୟ । ସେହି ସର୍ବୋଦୟ ସମାଜର ପ୍ରତିଷ୍ଠାପାଇଁ ଗାନ୍ଧିବାଦୀ କର୍ମମାନଙ୍କୁ ନେଇ ୧୯୪୯ ମସିହାରେ ଏକ ସର୍ବଭାରତୀୟ ସର୍ବୋଦୟ ସମ୍ମିଳନୀ ଗୁଜୁରାଟର ଅହମଦାବାଦଠାରେ ଡ଼କାଗଲା । ଭାରତର ବହୁ ଗାନ୍ଧୀବାଦୀ କଂଗ୍ରେସକର୍ମୀ ସେଠାରେ ଉପସ୍ଥିତ ହୋଇଥିଲେ । ମୋ ପାଖକୁ ଡ଼ାକରା ଆସିଥିଲେ ମଧ୍ୟ ମୁଁ ଯାଇପାରି ନଥିଲି । ସେଠି ସମ୍ମିଳନୀରେ ସ୍ଥିର ହେଲା, ଭାରତ

Digitized by srujanika@gmail.com

ବର୍ଷର ପ୍ରତ୍ୟେକ ଗ୍ରାମକୁ ନେଇ ସର୍ବୋଦୟ ସମାଜ ଗଠନ କରିବାକୁ ହେବ । ଯେଉଁ କଂଗ୍ରେସ ଲୋକମାନେ କ୍ଷମତା ବାହାରେ ରହିଗଲେ, ସେମାନେ ଗାଁକୁ ଗାଁ ଯାଇ ପ୍ରତିଗ୍ରାମରେ ଖଦୀକାମ ଭଳି ରଚନାତ୍ମକ କାର୍ଯ୍ୟମାନ କରାଇବେ ତଥା ସଙ୍ଗେସଙ୍ଗେ ସର୍ବୋଦୟ ସମାଜ ବିଷୟରେ ଲୋକଙ୍କୁ ସଚେତନ କରାଇବେ । ପୁଣି ଠିକ୍ ହେଲା, ସୂତାକଟା, ପ୍ରତିଘରେ ବରପାଲି ସମ୍ଭବ ନହେଲେ ଅନ୍ତତଃ ଟ୍ରେଞ୍ଚ ପାଇଖାନା, ଗ୍ରାମ ସଫେଇ ଓ ରାସ୍ତାଘାଟ ନିର୍ମାଣ ଇତ୍ୟାଦି କାମ ସବୁ ଗ୍ରାମବାସୀଙ୍କ ଜରିଆରେ କରାଯିବ । ଜାଗାଜାଗାଏ ସର୍ବୋଦୟ ଶ୍ରମଶିବିର କରି ଲୋକଙ୍କୁ ତାତ୍ତ୍ୱିକ ଶିକ୍ଷାଦେବାର ପ୍ରସ୍ତାବ ମଧ୍ୟ ନିଆଗଲା । ଆମ୍ଭେମାନେ ଏ ଅଞ୍ଚଳରେ ମଧୁସାଗରକୁ କେନ୍ଦ୍ରକରି ସର୍ବୋଦୟ ସମାଜ ପ୍ରତିଷ୍ଠା କରିବାକୁ ଚାହିଁଲୁ ।

ଓଡିଶାରେ ଭୂଦାନର ଅଯମାରମ୍ଭ

ପ୍ରତ୍ୟେକ ପ୍ରଦେଶରେ ଭୂଦାନ ଯଜ୍ଞ ସମିତିମାନ ଗଢାଗଲା । ଆମ ଓଡ଼ିଶାରେ ଗୋପବନ୍ଧୁ ଚୌଧୁରୀ, ତାଙ୍କ ସ୍ତ୍ରୀ ରମାଦେବୀ, ତାଙ୍କ ପୁଅ ମନମୋହନ ଚୌଧୁରୀ, ଆଚାର୍ଯ୍ୟ ହରିହର ଦାସ ଓ ଗୁଣନିଧି ମହାନ୍ତିଙ୍କୁ ନେଇ ଭୂଦାନ ଯଜ୍ଞ କାର୍ଯ୍ୟ ଆରମ୍ଭ ହେଲା । ଓଡ଼ିଶାର ଆହୁରି କେତେ ଗାନ୍ଧିବାଦୀ କର୍ମୀ, ଯେଉଁମାନେ ନିରାଶ ଭାବରେ ରହିଥିଲେ, ସେମାନେ ସମସ୍ତେ ଭୂଦାନ ଯଜ୍ଞରେ ଆହୁତି ଦେବାପାଇଁ ବାହାରି ପଡିଲେ । ସ୍ୱାଧିନତା ପରେ ଆମ୍ଭମାନଙ୍କ ମନଭାଙ୍ଗିଯାଇଥିଲା । ଭୂଦାନଯଜ୍ଞ ବାଟରେ ଗ୍ରାମ ସ୍ୱରାଜ ଆସିବ ବୋଲି ବିନୋବା ଭାବେ କହୁଥାନ୍ତି । ଗାନ୍ଧିଙ୍କ କହିବାକୁ ରାମରାଜ୍ୟ ତ ଆସିଲା ନାହିଁ । ବିନେବା ଭାବେଙ୍କ ଭୂଦାନ ଯଜ୍ଞ ଜରିଆରେ ଗ୍ରାମ ସ୍ୱରାଜ ଆସିବ ବୋଲି ମନରେ ଦୃଢ ବିଶ୍ୱାସ କରି ପ୍ରାଦେଶିକ ଭୂଦାନଯଜ୍ଞ ସମିତିରେ ମୁଁ ଯୋଗ ଦେଲି ।

ମଧୁସାଗର ହେଲା ଭୂଦାନ କାର୍ଯ୍ୟର ପେଣ୍ଠସ୍ଥଳ

ଆମ ଅଞ୍ଚଳରେ ମଧୁସାଗର ବିଦ୍ୟାପୀଠକୁ କେନ୍ଦ୍ରକରି ସର୍ବୋଦୟ ମଣ୍ଡଳ ଜରିଆରେ ଆମେ ଭୂଦାନ ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ କଲୁ । ଯେଉଁ ଗାନ୍ଧିକର୍ମୀମାନେ ନିରାଶ ହୋଇ ଭଗ୍ନହୃଦୟରେ ବସିଯାଇଥିଲେ ପୁଣି ଗ୍ରାମ ସ୍ୱରାଜ ପାଇଁ ସେମାନେ ଜାଗି ଉଠିଲେ । ସ୍ୱାଧିନତା ପରେ ଭାଙ୍ଗିଯାଇଥିବା ମନକୁ ଟାଣ କରି ଭୂଦାନ ଯଜ୍ଞରେ ଆମେ ଝାସ ଦେଲୁ । ମଧୁସାଗର ବିଦ୍ୟାପୀଠକୁ କେନ୍ଦ୍ରକରି ଆମେ କେତେଜଣ ଏ ଦିଗରେ ସବୁ ସମୟ ଦେବାକୁ ପ୍ରତିଶ୍ରୁତିବଦ୍ଧ ହେଲୁ । ଚିନ୍ତାମଣି ସ୍ୱାଇଁ, ସୁରେଶ ଚନ୍ଦ୍ର ସ୍ୱାଇଁ, କେଳୁଚରଣ ଖଟୁଆ, ଦିବାକର ପରିଡ଼ା ଓ ମୁଁ ଆମେ ପାଞ୍ଚଜଣ କର୍ମୀ କେନ୍ଦ୍ରାପଡ଼ା ସବ୍‌ଡିଭିଜନ୍ ପାଇଁ ପ୍ରୋଗ୍ରାମ ନେଲୁ । କେନ୍ଦ୍ରାପଡ଼ା ସବଡ଼ିଭିଜନ୍‌ର ପ୍ରତ୍ୟେକ ଗ୍ରାମକୁ ଆମ୍ଭେମାନେ ପ୍ରଥମକରି ମିଳିତ ଭାବରେ ଯାଇ ସଭାସମିତି କରି ଭୂଦାନ ଯଜ୍ଞର ବାର୍ତ୍ତା ପହଞ୍ଚାଇବାକୁ ଠିକ୍ କଲୁ । ଏହା ଫଳରେ ଲୋକମାନେ ନୂଆ ନୂଆ କଥା ଶୁଣିବାକୁ ପାଇଲେ । ନାନା ଯୁକ୍ତିତର୍କ ଓ ନାନା ପ୍ରକାର ପଶ୍ନ ଉଠୁଥାଏ ଏବଂ ଏ ସବୁର ସମାଧାନ ଓ ଉତ୍ତର ଦେବାପାଇଁ ଆମର ନେତା ଭାବରେ ଆମେ ଚିନ୍ତାମଣି ସ୍ୱାଇଁଙ୍କୁ ବାଛିଥିଲୁ । ଗାଁ ଗାଁ ବୁଲି ଲୋକମାନଙ୍କୁ ଭୂଦାନ ଯଜ୍ଞ ବାଟରେ

Digitized by srujanika@gmail.com

ଯିବା ପାଇଁ ପ୍ରବର୍ତ୍ତାଇଲୁ । ଲୋକମାନେ ମଧ ଆମକୁ ସହଯୋଗ କଲେ । କର୍ମୀ ମଧ ମିଳିଲେ । ଖୁବ୍ ପ୍ରଖର ଗତିରେ ଆମ୍ଭେମାନେ ଗାଁକୁ ଗାଁ ମାଡି ଚାଲିଲୁ । ଲୋକଙ୍କ ମନକୁ କଥାସବୁ ପାଉଥାଏ । ପୁରାଣ ଯୁଗର କେତେ କେତେ ତ୍ୟାଗୀପୁରୁଷ ଓ ମୁନିଋଷିଙ୍କ କଥା ଓ ସେମାନଙ୍କ ଅପୂର୍ବ ଦାନ ବିଷୟରେ ଉଦାହରଣ ଦେଇ ଲୋକଙ୍କୁ ବୁଝାଉଥିଲୁ । ସେତେବେଳେ ଲୋକେ ପୁରାଣର ବିଭିନ୍ନ କାହାଣୀ କିମ୍ବଦନ୍ତୀରୁ ଭଲମନ୍ଦ ବିଚାର କରିବାରେ ଅଭ୍ୟସ୍ତ ଥିଲେ । ତେଣୁ ଆମ କଥାକୁ ପସନ୍ଦ କରି ଭୂଦାନଯଜ୍ଞକୁ ନିଜର ଶକ୍ତି ଅନୁସାରେ ଜମିଦାନ କରୁଥିଲେ । ଆମ ଭିତରେ ଭୂଦାନଯଜ୍ଞ ବିଷୟରେ ଚିନ୍ତାମଣି ଭାଇ ସୁବକ୍ତା ଥିଲେ । ମୁଁ ଜଣେ ଟାଣୁଆ ଓ ଲୋକସଂପର୍କ ସ୍ଥାପନ କରିବାରେ ଅଗ୍ରଣୀ କର୍ମୀ ରୂପେ ବବେଚିତ ହେଉଥିଲି । ସୁରେଶ ଭାଇ ଭୂଦାନଯଜ୍ଞ ସମ୍ବନ୍ଧରେ ଜଣେ ସୁଗାୟକ ଥିଲେ । ଆଉ ଦୁଇଜଣ ଦିବାକର ଭାଇ ଓ କେଳୁଭାଇ ସ୍କୁଲ ଚାକିରୀ ଛାଡି ଭୂଦାନଯଜ୍ଞର ନିଷ୍ଠାପର କର୍ମୀ ଭାବରେ ଯୋଗ ଦେଇଥିଲେ । ଗୋଟିଏ ବର୍ଷ ଭିତରେ କେନ୍ଦ୍ରାପଡ଼ା ସବ୍‌ଡିଭିଜନ୍‌ର ପ୍ରତ୍ୟେକ ଗ୍ରାମକୁ ଯାଇଥିଲୁ । ସଭା ସମିତି କରିଥିଲୁ । ସେଠାରୁ କର୍ମୀ ବାହାର କରିଥିଲୁ । ଭୂଦାନ ଯଜ୍ଞକୁ ଜମିଦାନ ଆଣିଥିଲୁ । ମୁଁ ଲୋକଙ୍କୁ ବୁଝାଇ ଭୂଦାନଯଜ୍ଞ ପାଇଁ ଲୋକଙ୍କ ଠାରୁ ଜମିଦାନର ଫର୍ମ ପୁରଣ କରାଇବାରେ ସବୁଠାରୁ ବେଶି ଆଗୁଆ ଥିଲି ।

ଭୂଦାନକୁ ଆମେ ଜମିଦାନ କଲୁ

ଏହା ହେଉଛି ୧ ୯ ୫୩ ମସିହାର କଥା । ଆମ୍ଭେମାନେ ଯେତେବେଳେ ଲୋକଙ୍କୁ ବୁଝାଇ ଭୂଦାନ ଆଣିବାକୁ ଯିବୁ, ସେଠି ଲୋକ ତ ନିଶ୍ଚୟ ପ୍ରଶ୍ନ କରିବେ, ତୁମେ ନିଜେ କେତେ ଜମି ଭୂଦାନଯଜ୍ଞକୁ ଦେଇଛ ? ତେଣୁ ପ୍ରଥମେ ଆମେ ଯାହାର ଯେତେ ଜମି ଅଛି, ସେହି ଅନୁପାତରେ ଜମି ଭୂଦାନଯଜ୍ଞକୁ ଦେଇଥିଲୁ । ମୁଁ ଓ ଚିନ୍ତାମଣି ସ୍ୱାଇଁ ଏକ ଏକର ଲେଖାଏଁ ଜମି ଭୂଦାନଯଜ୍ଞକୁ ଦାନକରିବା ପରେ ହିଁ ଲୋକମାନଙ୍କୁ ପାଖକୁ ଯାଉଥିଲୁ । ତେଣୁ ଆମକୁ ସବୁ ଅଞ୍ଚଳରେ ଓ ସବୁ ଗ୍ରାମରେ ସାହାଯ୍ୟ ଓ ସହାନୁଭୂତି ମିଳୁଥିଲା । ଗୋଟାଏ ଗୋଟାଏ ଅଞ୍ଚଳ ପାଇଁ ୧ ୫ ଦିନର ପୋଗ୍ରାମ୍ କରି ମଧୁସାଗରରୁ ବାହାରିଥିଲୁ । ସୈନିକମାନେ ଯୁଦ୍ଧ କ୍ଷେତ୍ରକୁ ବାହାରିଲେ ତାଙ୍କର ସମସ୍ତ ଦୈନନ୍ଦିନ ଆବଶ୍ୟକ ଜିନିଷମାନ ଯେପରି କାନ୍ଧରେ ପକାଇ ଯାଇଥାନ୍ତି, ଆମ୍ଭେମାନେ ସେହିପରି ଆମର ବେଡିଂପତ୍ର ବାନ୍ଧି କାନ୍ଧରେ ପକାଇ ଭୂଦାନ ଯଜ୍ଞର ସୈନିକ ସାଜି ବାହାରିଥିଲୁ । ରହଣି ହେଉଥିବା ଗ୍ରାମମାନଙ୍କରେ ସଭାସମିତି କରାଉଥିଲୁ । ଲୋକଙ୍କୁ ଭୂଦାନ ଯଜ୍ଞ ବିଷୟରେ ବୁଝାଉଥିଲୁ । ଲୋକମାନେ ବୁଝି ଭୂମିଦାନ କରୁଥିଲେ । ଆମ୍ଭେମାନେ ଗୋଟିଏ ଗାଁରେ ପହଞ୍ଚି ଘରପିଛା ଜଣେ ଜଣେ କର୍ମୀ ଖାଇବା ପାଇଁ ଯୋଗାଡ କରି ନେଉଥିଲୁ । ଯେଉଁଠି ଯାହା ମିଳିଲା ତାହା ଆନନ୍ଦରେ ଖାଉଥିଲୁ । ଏପରିକି ଦେଖାଯାଇଛି, କେତେ ଜାଗାରେ ଉପାସ ଭୋକରେ ରହିଯାଇଛୁ । ଭୂଦାନ ଯଜ୍ଞ ଜରିଆରେ ଗ୍ରାମ ସ୍ୱରାଜ ହେବ, ଏହି ନିଶା ଓ ଉଦ୍ଦୀପନାରେ ଆମ୍ଭେମାନେ ସେସବୁ ଦୁଃଖକଷ୍ଟ ଭୁଲିଯାଇଥାଉ ।

ଏକ ଅଭୁଲା, ମଧୁର ସ୍ମୃତି

ଦିନକର ଘଟଣା, ଚିନ୍ତାମଣି ଭାଇ ଓ ମୁଁ ଗାଁକୁ ଗାଁ ବୁଲିବା ପରେ କେଉଁଠି ଖାଇବାର ସୁବିଧା ନହେବରୁ ରାମକଣି ଗ୍ରାମରେ ପହଞ୍ଚିଲୁ । ସେତେବେଳକୁ ଦିନ ୩ଟା ହେବ ।

Digitized by srujanika@gmail.com

ଭୋକରେ ପେଟ ଆଉଟପାଉଟ ହେଉଥାଏ । ମୋର ମନେପଡିଲା, ଆମ ଗ୍ରାମରେ ଗୋଟିଏ ଝିଅ ସେ ଗ୍ରାମରେ ବିବାହ ହୋଇଥିଲା । ସେ ବିଧବା ଓ ଗରିବ ଲୋକ । ତାର ଟିକି ପୁଅଝିଅ ଥାନ୍ତି । ସେ ଗ୍ରାମ ହିସାବରୁ ମୋର ଭଉଣୀ ହେବ । ଦିନ ୩ଟାରେ ପହଞ୍ଚି କହିଲି, ଅପା, ଆମକୁ ଭାରି ଭୋକ ହେଲାଣି, କ'ଣ ଟିକେ ଖାଇବାକୁ ଦିଏ । ସେ ତତ୍‌କ୍ଷଣାତ୍ ଯାଇଁ ଦେଖିଲା, ଘରେ ଜଳଖିଆ ଇତ୍ୟାଦି କିଛିନାହିଁ । ଆମେ କହିଲୁ, ପଖାଳଭାତ ଥିଲେ ଖାଇବାକୁ ଦିଏ । ସେ ଯାଇଁ ଭାତହାଣ୍ଡି ଉଣ୍ଡାଳିବାରୁ ଦେଖିଲା, ଗୋଟିଏ ପିଲାଟି ପାଇଁ ଯେତିକି ଭାତ ହେବ, ସେତିକି ଅଛି । ସେ କହିଲା, ଏହି ଭାତକୁ ତୁମେ ଦୁଇଜଣ କିପରି ଖାଇବ ? ତାକୁ ଭାରି ସଂକୋଚ ଲାଗୁଥାଏ । ଆମେ ଜୋର୍ କରିବାରୁ ଗୋଟିଏ ଛୋଟ କଂସାରେ ପଖାଳଭାତ ଆଣି ଦେଲା ଓ କହିଲା, ସାମାନ୍ୟ ଟିକେ ଶାଗ ଅଛି, ତାକୁ ଦେବି ? ମୁଁ କହିଲି, ସେ ଶାଗ ଟିକକ ଆଣେ । ସେହି ଶାଗ ଟିକକ ଲଗାଇ ଚିନ୍ତାମଣି ଭାଇ ଓ ମୁଁ ଆନନ୍ଦରେ ଖାଇଲୁ । ଆମକୁ ତାହା ଅମୃତ ଭୋଜନ ପରି ଜଣାଗଲା । ଯେପରି ବିଦୁର ଘରେ ଶ୍ରୀକୃଷ୍ଣ ଭୋଜନ କରିଥିଲେ, ଆମକୁ ଠିକ୍ ସେହିପରି ଜଣାଗଲା । ଆମକୁ ଭଲଭାବରେ ଖାଇବାକୁ ଦେଇ ସନ୍ତୋଷ କରିପାରି ନଥିବାରୁ, ସେ ଭଉଣୀ ଆମ ପାଖରେ କୃତ୍ୟକୃତ୍ୟ ହେଲା । ଆମେ ସେ ଗ୍ରାମର ଲୋକଙ୍କୁ ଭେଟିଲୁ । ଭୂଦାନ ଯଜ୍ଞ ବିଷୟରେ ଆଲୋଚନା ହେଲା । ଲୋକେ ଭୂଦାନ ଯଜ୍ଞକୁ ଜମିଦାନ କଲେ । ଆମେ ସେହି ରାତିରେ ଆମ ଗ୍ରାମ ଦଶୀପୁରକୁ ଫେରିଲୁ । ଆମେ ସେଦିନ ଆମ ଘରେ ରାତି କଟାଇ ତା ପରଦିନ ମଧୁସାଗର ଗଲୁ । ସେଠାରେ ଭୂଦାନ ଯଜ୍ଞ କର୍ମୀମାନଙ୍କର ବୈଠକ ଥାଏ ।

ମୁଁ ତ ଆଗରୁ କହିଛି ମୁଁ ଗାନ୍ଧି ଶ୍ରେଣୀର କର୍ମୀ ଥିଲି । ଜୀବନକୁ ଖୁବ୍ ସରଳ ଭାବରେ କଟାଉଥିଲି । ସାତ ହାତିଆ ଖଦଡ଼ ଲୁଗା ପିନ୍ଧୁଥିଲି, ପଞ୍ଜାବୀ-କମିଜ୍ ଇତ୍ୟାଦି ପିନ୍ଧୁନଥିଲି । ଦେହରେ କେବଳ ଗେଞ୍ଜି ଖଣ୍ଡେ ଓ ଚାଦର ଖଣ୍ଡେ ସବୁବେଳ ପାଇଁ ରହୁଥିଲା । ବିଡ଼ି, ସିଗାରେଟ୍, ପାନ, ଗୁଡ଼ାଖୁ ଇତ୍ୟାଦି ଯାହା ଅଭ୍ୟାସ ଥିଲା, ସେ ସମସ୍ତ ତୁଟାଇ ଦେଇଥିଲି । ଯେଉଁଠି ଯାହା ଖାଇବାକୁ ମିଳିଲା, ତାହା ଖାଉଥିଲି । ଜୀବନକୁ ମୁଁ ଏପରି ସରଳ ମାର୍ଗରେ ବିତାଉଥିଲି ଯେ, ଭବିଷ୍ୟତରେ କେବେ ଅଭାବ ଅସୁବିଧା ପଡ଼ିଲେ ବି କୌଣସି ଦୁଃଖ କଷ୍ଟ ଜଣାପଡ଼ିବ ନାହିଁ । ଏହି ଲକ୍ଷ୍ୟନେଇ ବ୍ୟକ୍ତିଗତ ଜୀବନରେ ମୁଁ ଆଗଉଥିଲି ।

ସେତେବେଳେ ଦଶିପୁରରୁ ମୋ ବ୍ୟତୀତ ଗୌରାଙ୍ଗ ଜେନା, ନିଶାମଣି ରାଉତ, ଭଗବାନ ପ୍ରଧାନ ଓ ବାବାଜି ରାଉତ ପ୍ରମୁଖ ଯୁବକମାନେ ମଧୁସାଗରକୁ କେନ୍ଦ୍ର କରି ସର୍ବୋଦୟ ଆନ୍ଦୋଳନକୁ ପ୍ରସାର କରିବା କାର୍ଯ୍ୟରେ ସହାୟତା କରୁଥିଲେ ।

ଆଉ ଏକ ମଜାଦାର୍ ଘଟଣା

ଲଗାତାର ୨/୩ ବର୍ଷ ଭିତରେ ଆମେ କେନ୍ଦ୍ରାପଡ଼ା ସବ୍‌ଡିଭିଜନ୍‌ର ଅଧିକାଂଶ ଗ୍ରାମକୁ ଯାଇ ଭୂଦାନ ଯଜ୍ଞ ବାର୍ତ୍ତା ପହଞ୍ଚାଇଛୁ ଓ ହଜାର ହଜାର ଏକର ଜମି ସଂଗ୍ରହ କରିଛୁ ।

Digitized by srujanika@gmail.com

ଏହାଛଡ଼ା ଯାଜପୁର ସବ୍‌ଡିଭିଜନ୍‌ରେ ମଧ୍ୟ କେତେକ ଜାଗାରେ ଭୂଦାନ କାମ କରିଛୁ । ଦିନକର ଘଟଣା । ଚିନ୍ତାମଣି ଭାଇଙ୍କ ସମେତ ଆଉ କେତେକ କର୍ମୀ ସାଙ୍ଗହୋଇ ଆମେ ମହାକାଳପଡ଼ାର ଶ୍ରୀଚନ୍ଦନପୁର ଗ୍ରାମରେ ୧ ୧ଟାରେ ପହଞ୍ଚିଲୁ । ଚିନ୍ତାମଣି ଭାଇ କେତେକ ଗ୍ରାମବାସୀଙ୍କ ସହିତ ଭୂଦାନଯଜ୍ଞ ବିଷୟରେ ଆଲୋଚନା କଲେ । ମୁଁ ଖାଇବା ଯୋଗାଡ଼ରେ ଥିଲି । ସେ ଗ୍ରାମରେ ଆମ ଗ୍ରାମର ଗୋଟିଏ ବନ୍ଧୁଘର ଥିଲା । ଆମେ ୪/୫ ଜଣ କର୍ମୀ ୪/୫ ଜଣଙ୍କ ଘରେ ବାଣ୍ଟି ହୋଇ ଖାଇବୁ ବୋଲି ସ୍ଥିର କରି ଆସିଲି । ଆମ ଗ୍ରାମର ବନ୍ଧୁଙ୍କ ଘରେ ଚିନ୍ତାମଣି ଭାଇଙ୍କ ଖାଇବା ବ୍ୟବସ୍ଥା କରି ଆମେ ବାକୀ ଚାରିଜଣ ଆଉ ଚାରିଜଣ ଲୋକଙ୍କ ଘରେ ଖାଇବା ପାଇଁ ସ୍ଥିର କଲି । ଖାଇବା ବେଳ ହୋଇଗଲାରୁ ସେହି ଲୋକମାନେ ଆସି ଆମକୁ ଡାକିଲେ । ମୁଁ ଯାହାଙ୍କ ଘରେ ଖାଇଲି, ସେ ଲୋକ ତ ମୋତେ ଚିହ୍ନି ନାହିଁ । ମୁଁ ପ୍ରତି ସ୍ଥାନରେ ଖାଇସାରିବା ପରେ ନିଜର ଅଇଁଠା ପତ୍ର ବା ଥାଳିତାଟିଆକୁ ଶେଷରେ ନିଜେ ଗୋଟାଇ ଥାଏ । ଏହା ମୋର ଅଭ୍ୟାସ ହୋଇଯାଇଥିଲା । କିନ୍ତୁ ଆମ ଅଞ୍ଚଳର ପରମ୍ପରା ଥିଲା, ବନ୍ଧୁ କିମ୍ବା ଅତିଥି ଆସିଲେ ସେମାନେ ଅଇଁଠା ବାସନ ଓ ପତ୍ର ଇତ୍ୟାଦି ଛାଡିଦେଇ ଯାଆନ୍ତି ଓ ଗୃହକର୍ତ୍ତ୍ରୀ, ବିଶେଷକରି ଘରଣୀ ଉଠାଇଥାଆନ୍ତି । ମୁଁ ସର୍ବସାଧାରଣ ଜୀବନର ସଂସ୍କାର ଯୋଗୁଁ ମୋ ଅଇଁଠା ପତ୍ର ଉଠାଇବାରୁ ଗୃହକର୍ତ୍ତ୍ରୀ ଭାବିଲେ, ବୋଧହୁଏ ମୁଁ ହରିଜନ ଲୋକ, ଅନ୍ୟଥା ମୁଁ କାହିଁକି ଅଇଁଠା ପତ୍ର ଉଠାଉଛି । ମୁଁ ମଧ୍ୟ ଜଣେ କଳା ଚେହେରାର ଲୋକ ହୋଇଥିବାରୁ ମୋତେ ହରିଜନ ବୋଲି ସେ ଭାବିବା ସ୍ୱାଭାବିକ । ସେ ସନ୍ଦେହରେ ପଚାରିଲା, ତୁମେ କାହିଁକି ଅଇଁଠା ଉଠାଇଛ ? ମୁଁ କହିଲି, ମୁଁ ଜଣେ ହରିଜନ ଲୋକ । ସେ ବିଚରା ଛାନିଆ ହୋଇ ମୋତେ କହିଲା, ଆପଣ ଏହି ସାହି ଭିତରେ ଥାଳିବାସନ ଇତ୍ୟାଦି ଧୁଅନ୍ତୁ, ଦାଣ୍ଡକୁ ନିଅନ୍ତୁ ନାହିଁ । ନହେଲେ ଆମ ଗ୍ରାମର ଲୋକମାନେ ଦେଖିବେ ଓ ମୋତେ କୋବଲେଇବେ, ତୁମେ ହରିଜନକୁ ସାହି ଭିତରେ ଖାଇବାକୁ ଦେଇଛ ଓ ସେ ଖାଇଥିବା ବାସନକୁସନକୁ ଘରେ ପୂରାଉଛ ! ଏହି ଦୋଷ ଦେଇ ମୋତେ ପ୍ରାୟଶ୍ଚିତ କରାଇବେ । ଏହା ବାବଦକୁ ମୋର ସଙ୍ଗେସଙ୍ଗେ ୩୦୦ ଟଙ୍କା ଖର୍ଚ୍ଚ ହେବ । ମୁଁ ଏହା ନକଲେ ମୋତେ ଜାତିଭାଇରୁ ଅଟକ ରଖିବେ । ମୁଁ ଏ ଗ୍ରାମରେ ବାଛନ୍ଦ ହୋଇ ରହିପାରିବି ନାହିଁ । ତେଣୁ, ଆପଣ ବାହାରକୁ ବାସନ ଧୋଇବାକୁ ନନେଇ ସାହି ଭିତରେ ଧୋଇଦେଲେ କେହି ଦେଖିବେ ନାହିଁ । ମୁଁ ମଧ୍ୟ ଏ ବିପଦରୁ ଉଦ୍ଧାର ପାଇଯିବି । ତା'ର ଏ ଛାନିଆ ଭାବ ଦେଖି ମୁଁ ତାକୁ ସତ କଥା କହିଲି ଓ ସେ ଆଶ୍ୱସ୍ତ ହେଲା ।

ସେଠି ଆମେ ଖାଇସାରି ଲୋକମାନଙ୍କୁ ଡାକି ଛୋଟ ଧରଣର ଗୋଟିଏ ସଭା କଲୁ । ସେଥିରେ ଚିନ୍ତାମଣି ଭାଇ ଭୂଦାନଯଜ୍ଞ ସମିତି ବିଷୟରେ ଆଲୋଚନା କଲେ । ସେଠି ମଧ୍ୟ କେତେକ ଲୋକ ଭୂଦାନଯଜ୍ଞକୁ ଜମିଦାନ କଲେ । ତା'ପରେ ଆମେ ସଭାସାଙ୍ଗ କରି ଅନ୍ୟ ଗ୍ରାମକୁ ବାହାରିଲୁ ଓ ସେଦିନ ରାତିରେ ବିଜୟ ନଗରରେ ରହିଲୁ ।

ଗୋଜାବନ୍ଧର ଗଙ୍ଗାଧର ସାମନ୍ତରାୟ

ମହାକାଳପଡ଼ା ଅଞ୍ଚଳର ଗୋଜାବନ୍ଧ ଗ୍ରାମରେ ଗଙ୍ଗାଧର ସମାନ୍ତରାୟ ମୂଳରୁ ସ୍ୱାଧୀନତା ଆନ୍ଦୋଳନ ଠାରୁ ଗୋପବନ୍ଧୁ ସେବାସଂଘ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ଆମର ସହଯୋଗୀ

Digitized by srujanika@gmail.com

ଥିଲେ । ତା'ପରେ ସେ ଆମ ସାଙ୍ଗରେ ଭୂଦାନ ଯଜ୍ଞ ଆନ୍ଦୋଳନରେ ଯୋଗ ଦେଇଥାନ୍ତି । ସେ ଜଣେ ନିଷ୍ଠାପର ଗାନ୍ଧିବାଦୀ ଥିଲେ । ସେ ମୋପରି ସୂତାକଟା ଇତ୍ୟାଦି ଗଠନମୂଳକ କାମରେ ଲାଗି ରହିଥିଲେ । ତାଙ୍କ ଅଞ୍ଚଳରେ ପ୍ରତ୍ୟେକ ଗ୍ରାମରେ ସ୍କୁଲ କରିବା ପାଇଁ ସେ ଉଦ୍ୟମ କରିଥାନ୍ତି । ତାଙ୍କ ଗ୍ରାମରେ ପ୍ରାଇମେରୀ ଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ତାଙ୍କରି ଉଦ୍ୟମରେ ଖୋଲା ହୋଇଥିଲା । ସେଜଣେ ସ୍ୱାଧିନତା ସଂଗ୍ରାମୀ ହିସାବରେ ସ୍ୱାଧିନତା ପାଇଁ କାର୍ଯ୍ୟ କରୁଥିଲେ ଓ ସ୍ୱାଧିନତା ପରେ ଦେଶର ଶାସନ ବ୍ୟବସ୍ଥା ପୁଞ୍ଜିବାଦ ଆଡକୁ ଢଳୁଥିବାରୁ ସେ ନିରାଶ ହୋଇ କଂଗ୍ରେସ ଠାରୁ ଦୂରରେ ରହି ଭଗ୍ନ ମନୋରଥ ଅବସ୍ଥାରେ ଗାଁ ଗହଳରେ ସ୍କୁଲନିର୍ମାଣ ଇତ୍ୟାଦି କାମରେ ଲାଗି ରହୁଥିଲେ । ଭୂଦାନ ଯଜ୍ଞ ଆରମ୍ଭ ହେବାରୁ ଆମ୍ଭେମାନେ ତାଙ୍କ ଗ୍ରାମକୁ ଯାଇ ସଭାସମିତି କରିଥିଲୁ ଓ ବିନୋବା କହିବା ଅନୁଯାୟୀ ତାଙ୍କୁ କହିଲୁ ଯେ, ଏହାରି ଜରିଆରେ ଗ୍ରାମସ୍ୱରାଜ ସଫଳ ହୋଇ ପାରିବ । ସେ ଏକଥା ବୁଝିଲେ ଓ ଭୂଦାନ ଯଜ୍ଞରେ ସବୁସମୟ ଦେଇ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ସେ ଆଗରୁ ମଧ ଆମ ସାଙ୍ଗରେ ସାଙ୍ଗ ହୋଇ, କାନ୍ଧରେ କାନ୍ଧ ମିଳାଇ ଯେତେବେଳେ ଦେଶର ଯେଉଁ କାମ ପାଇଁ ଡାକରା ଆସିଛି, ସବୁଥିରେ ଯୋଗ ଦେଇଛନ୍ତି । ସେ ଜଣେ ନିଷ୍ଠାପର ଗାନ୍ଧିବାଦୀ ଥିଲେ । ସେ ମଧୁସାଗର ବୈଠକରେ ଯୋଗ ଦେଇଥିଲେ । ଆମର ବୈଠକରେ ସ୍ଥିର ହେଲା, ଆମେ ତ ମିଳିତ ଭାବରେ କେତେକ ଗାଁକୁ ଭୂଦାନ ଯଜ୍ଞ ବାର୍ତ୍ତା ପହଞ୍ଚାଇ ଦେଇଛୁ । ମଝିରେ ମଝିରେ ଯେଉଁ କେତେଗ୍ରାମ ବାଦ ପଡିଯାଇଛି, ସେଗୁଡିକ ଛାଁକୁ ଛାଁ ଲୋକଙ୍କ ଆଲୋଚନା ଜରିଆରେ ପ୍ରଭାବିତ ହୋଇଯିବ । ତେଣୁ, ଆମେ ଆଉ ସମ୍ମିଳିତ ଭାବରେ ଗାଁକୁ ଗାଁ ନବୁଲି, ପ୍ରତ୍ୟେକ କର୍ମୀ ଗୋଟିଏ ଲେଖାଁ ଅଞ୍ଚଳ ବାଣ୍ଟିନେବେ । ସେହି ଅଞ୍ଚଳରେ ପ୍ରତ୍ୟେକ ଗ୍ରାମର ଲୋକଙ୍କ ସହିତ ସମ୍ପର୍କ ରଖିବା ସଙ୍ଗେସଙ୍ଗେ ଭୂଦାନ ଯଜ୍ଞକୁ ଦାନରେ ମିଳୁଥିବା ଜମିକୁ ଦାନପତ୍ରରେ ପୂରଣ କରିବା ତଥା ଭୂଦାନ ଯଜ୍ଞ ସମିତି ଗଠନ କରି ସେ ଗ୍ରାମର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସଚେତନତା ପ୍ରସାର କରେଇବା ହେବ କର୍ମୀମାନଙ୍କର କାମ । ସେଠାକାର ନିଷ୍ପତ୍ତି ଅନୁସାରେ ମହାକାଳପଡ଼ା ଥାନା ଅନ୍ତର୍ଗତ ଜମ୍ବୁଠାରୁ ଆରମ୍ଭ କରି ଛତର, ବାବର ଓ ରାହାମା ଇତ୍ୟାଦି ଅଞ୍ଚଳ ଦାୟିତ୍ୱରେ ମୁଁ ରହିଲି ଓ ଗଙ୍ଗାଧର ସାମନ୍ତରାୟ ମୋର ସହଯୋଗୀ ରୂପେ ରହିଲେ ।

ଜଙ୍ଗଲ ସୁରକ୍ଷା ଆନ୍ଦୋଳନ ଓ କମ୍ୟୁନିଷ୍ଟଙ୍କ ବିଶ୍ୱାସଘାତକତା

ଭୂଦାନ ଯଜ୍ଞ ଆନ୍ଦୋଳନ ବେଳେ ଆମେ ଜାଣିବାକୁ ପାଇଲୁ, ବଡତୋଟା-ଛପାଲି ଠାରୁ ଟାଙ୍ଗିବେଳାରୀ ଯାଏଁ ସମୁଦ୍ର କୂଳ ପର୍ଯ୍ୟନ୍ତ ବ୍ୟାପିଥିବା ଘନଜଙ୍ଗଲ କୁଜଙ୍ଗ ବର୍ଦ୍ଧମାନ ଜମିଦାରଙ୍କ ଅଧିନରେ ଥିଲା । ଏ ଜଙ୍ଗଲରୁ କୁଜଙ୍ଗ ଓ ରୋମିତର ପ୍ରଜାମାନେ ପ୍ରତିବର୍ଷ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ବାବଦକୁ ବନକର ନାମକ ଏକ ଟ୍ୟାକ୍ସ ଦିଅନ୍ତି । ଜମିଦାରୀ ଅଧିନସ୍ଥ ବିଭିନ୍ନ ଗ୍ରାମର ପ୍ରଜାବୃନ୍ଦ ପ୍ରତିବର୍ଷ ୨/୩ ଥର ଛୋଟବଡ଼ ଡଙ୍ଗା ସାହାଯ୍ୟରେ ନଦୀରେ ଯାଇ ଜଙ୍ଗଲରୁ ଚାଷ, ଜଳସେଚନ ଓ ଘରଛପର ଉପକରଣ ଯଥା, ଲଙ୍ଗଳ, କଣ୍ଟି, ଇସ, ଯନ୍ତ, ଅଳିସିରା, ମେଣ୍ଟା, ଗୁଅ ଓ ନଇ ଇତ୍ୟାଦି ଆଣଆନ୍ତି । ଘରେ ରୋଷେଇ ବାସ କରିବା ପାଇଁ ଜାଳେଣୀ କାଠ ମଧ ଆଣନ୍ତି । ବହୁତ ଗରିବ ଲୋକ ଏହି ଜଙ୍ଗଲଜାତ

Digitized by srujanika@gmail.com

ଜିନିଷମାନ ଆଣି ଗ୍ରାମଲୋକଙ୍କୁ ବିକ୍ରି କରିଥାନ୍ତି । ପ୍ରତ୍ୟେକ ଗ୍ରାମର ଲୋକେ ଜଙ୍ଗଲର ରୁଅ, ନଇ, କାଣ୍ଡ ଓ ଶେଣି ଇତ୍ୟାଦି ସାହାଯ୍ୟରେ ଘର ସବୁ କରିଥାନ୍ତି । ଚାଷୀକୁଳ ଏହି ଜଙ୍ଗଲଜାତ ଦ୍ରବ୍ୟରେ ପ୍ରତିବର୍ଷ ଚଳନ୍ତି । ପୁଣି ଉପକୂଳ ଅଞ୍ଚଳରେ ଥିବା ହଜାର ହଜାର ପାନ ବରଜର ନିର୍ମାଣ କାମରେ ଜଙ୍ଗଲଜାତ ସାମଗ୍ରୀ ଆବଶ୍ୟକ ପଡିଥାଏ । ଏହି ଜଙ୍ଗଲ ଥିବାରୁ ସମୁଦ୍ରରୁ ଲୁଣାପାଣି ମାଡିଆସି ପାରୁନାହିଁ । ଆମେ ୧ ୯ ୬୭ ଆଗରୁ କେବେ ବାତ୍ୟା ଦେଖିନଥିଲୁ । ଏହିସବୁ ଘନଜଙ୍ଗଲ ବାତ୍ୟାର ପ୍ରକୋପକୁ ପ୍ରତିରୋଧ କରୁଥିଲା । ଆମର ବିଦେଶୀ ଜମିଦାର ବର୍ଦ୍ଧମାନ ରାଜା ଜାଣିଲେ ଯେ, ସ୍ୱାଧିନ ଭାରତରେ ଆଉ ମଧ୍ୟସତ୍ୱ ଜମିଦାରୀ ବ୍ୟବସ୍ଥା ବଜାୟ ରହିପାରିବ ନାହିଁ । ସେ ବିଦେଶୀ ଜମିଦାର ହୋଇଥିବାରୁ ତାଙ୍କ ରାଜ୍ୟର ମେଦିନିପୁର ବଙ୍ଗାଳି ଲୋକଙ୍କୁ ଅନୁମତି ଦେଇଦେଲେ ଯେ, ସେଠିକାର ଯେଉଁ ଗରିବ ଲୋକଙ୍କର ଜମି ନାହିଁ, ସେମାନେ ଓଡ଼ିଶାରେ ତାଙ୍କ ଜମିଦାରି ଅଧୀନରେ କୁଜଙ୍ଗ ଇଲାକାରେ ଯେଉଁସବୁ ବିସ୍ତୀର୍ଣ୍ଣ ଅଞ୍ଚଳ ଅଛି, ତାକୁ କାଟି ଜମିବାଡି କରି ଚାଷବାଷ କରିପାରିବେ । ସେଭଳି ଲୋକାମାନଙ୍କୁ ଜମିଦାର ପଟ୍ଟା ମଧ ଦେଇଦେଲେ । ଠିକ୍ ସେତିକିବେଳେ ମେଦିନିପୁରରୁ ହଜାରହଜାର ବଙ୍ଗାଳୀ ଲୋକେ ଆସି ଜଙ୍ଗଲରେ କୁଡ଼ିଆ ଇତ୍ୟାଦି କରି ଜଙ୍ଗଲ କାଟିବାରେ ଲାଗିଲେ । ଏତିକିବେଳେ ଆମ ଅଞ୍ଚଳରେ ଲୋକନାଥ ଚୌଧୁରୀଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ପାର୍ଟି କାମ କରୁଥାଏ । ସେଥିରୁ ଆମ ଅଞ୍ଚଳର ପଦ୍ମଚରଣ ନାୟକ ଜଣେ ଉଚ୍ଚ ଡିଗ୍ରୀ ଧାରୀ ଯୁବକ ଯୋଗ ଦେଇଥାନ୍ତି । ସେମାନେ ପ୍ରଥମେ କୁଜଙ୍ଗ ଅଞ୍ଚଳର ଜଙ୍ଗଲ କଟା ବିରୁଦ୍ଧରେ ଆନ୍ଦୋଳନ ଚଳାଇଥାନ୍ତି । ଆମେ ରୋମିତ ଅଞ୍ଚଳର ଭୂଦାନ କର୍ମୀ, ଯଥା ଗଙ୍ଗାଧର ସାମନ୍ତରା, ଧରଣୀଧର ଜେନା, ମୁଁ ତଥା ଆଉ କେତେକ ଭୂଦାନ କର୍ମୀ ମିଶି ରୋମିତ ଅଞ୍ଚଳରେ ବିଦେଶୀ ବଙ୍ଗାଳୀମାନଙ୍କ ଜଙ୍ଗଲକଟା ବିରୁଦ୍ଧରେ ଆନ୍ଦୋଳନ ଚଳାଇଲୁ । ଆମ ଅଞ୍ଚଳର ପୂର୍ବ ଉପକୂଳରେ ଥିବା ଜଙ୍ଗଲପାଖ ଗ୍ରାମମାନଙ୍କରେ ସଭାସମିତି କରି ଆମେ ଲୋକମାନଙ୍କୁ ଜଙ୍ଗଲର ଉପକାରିତା ବୁଝାଇବାକୁ ଲାଗିଲୁ । ଏହା ସମ୍ବନ୍ଧରେ ଲୋକମାନେ ସଚେତନ ହେବା ଫଳରେ ବିଭିନ୍ନ ଗ୍ରାମରେ ଜଙ୍ଗଲକଟା ବିରୁଦ୍ଧରେ ପ୍ରସ୍ତାବମାନ ପାସ୍ ହୋଇଗଲା । କିନ୍ତୁ ଜମିଦାରଙ୍କ ପ୍ରୋତ୍ସାହନ ପାଇ ବାହାରୁ ଆସିଥିବା ଲୋକମାନେ ଜଙ୍ଗଲକଟା ବନ୍ଦ କଲେ ନାହିଁ । ଆମ୍ଭେମାନେ କମ୍ୟୁନିଷ୍ଟମାନଙ୍କ ସହିତ ମିଶି ଆନ୍ଦୋଳନ ଜୋରଦାର୍ କରିବା ପାଇଁ ଆମ ଭିତରେ ସ୍ଥିର ହେଲା । ଆମ୍ଭେମାନେ କମ୍ୟୁନିଷ୍ଟବାଲାଙ୍କ ସହିତ ମିଶିଯିବାରୁ ଉଭୟ ଅଞ୍ଚଳରେ ଆନ୍ଦୋଳନ ବଢ଼ି ବଢ଼ି ଚାଲିଲା । ଉଭୟ ଗୋଷ୍ଠୀର ସମ୍ମିଳିତ ଆହ୍ୱାନ୍‌ରେ ଗୋଟିଏ ବଡ଼ ଧରଣର ସଭା ଡକାଯିବାର ସ୍ଥିର ହେଲା, ତଥା ଦିନେ ମାଳିଅଞ୍ଚ ଠାରେ ବଛାବଛା ଲୋକମାନେ ଥାଇ ସଭାରେ ସ୍ଥିର ହେଲା, ଯେଉଁ ବିଦେଶୀ ଲୋକମାନେ ଜଙ୍ଗଲ କାଟିବା ଉଦ୍ଦେଶ୍ୟରେ ଜଙ୍ଗଲରେ କୁଡ଼ିଆଘର କରିବେ, ସେଗୁଡିକୁ ସବୁଗ୍ରାମର ଲୋକମାନେ ଯାଇ ପୋଡ଼ି ଦେବେ ତଥା ସେମାନଙ୍କୁ ଏ ଜଙ୍ଗଲରୁ ବାହାର କରିଦେବେ । ଏପରି କଲେ ହିଁ ଜଙ୍ଗଲ ସୁରକ୍ଷିତ ହୋଇ ରହିପାରିବ । ଏ ଖବର ପାଇ ଜଙ୍ଗଲ କାଟୁଥିବା ଲୋକଙ୍କ ଭିତରେ ଥିବା ମୁଖିଆ

Digitized by srujanika@gmail.com

ଲୋକେ କମ୍ୟୁନିଷ୍ଟ ନେତାମାନଙ୍କ ପରାମର୍ଶରେ କୁଜଙ୍ଗରେ ଏକ ସଭା ଡାକିଲେ । ସେଥିରେ ଆମ୍ଭେମାନେ 'ଯୋଗ ଦେଇଥିଲୁ । ସେମାନେ ଏହାଭିତରେ କମ୍ୟୁନିଷ୍ଟ ନେତାମାନଙ୍କୁ କି ଗଦ ଶୁଙ୍ଘାଇଲେ କେଜାଣି, ବହିରାଗତ ଜଙ୍ଗଲ-କ୍ଷୟକାରୀଙ୍କ ଘରପୋଡ଼ି ଦେବା ପାଇଁ ପୂର୍ବରୁ ଯେଉଁ ପ୍ରସ୍ତାବ ଉପରେ ସହମତି ଥିଲା, ତାହାକୁ ବନ୍ଦ କରାଗଲା ଏବଂ ପୁଣି ବିବାଦର ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଜଙ୍ଗଲକଟା ମଧ୍ୟ ବନ୍ଦ ରହିବ ବୋଲି ପ୍ରସ୍ତାବ କରାଗଲା । ସମୟ ଗଡ଼ିଚାଲିବା ସଙ୍ଗେସଙ୍ଗେ ଲୋକଙ୍କର ଜଙ୍ଗଲକଟା ବିରୋଧୀ ମନୋଭାବରେ ଆଗରୁ ଯେଉଁ ତାତି ଥିଲା, ତାହା କ୍ରମେକ୍ରମେ ଶୀଥିଳ ହେବାକୁ ଲାଗିଲା । ଆମ୍ଭେମାନେ ଏହାର ରହସ୍ୟ କିଛି ବୁଝିପାରିଲୁ ନାହିଁ । କମ୍ୟୁନିଷ୍ଟମାନେ ମଧ ଆନ୍ଦୋଳନ ପ୍ରତି ଆଉ ସହଯୋଗ କଲେ ନାହିଁ । ଲୋକମାନେ ଏହି ଆନ୍ଦୋଳନ ପ୍ରତି ବିମୁଖ ହୋଇପଡିଲେ । ଲୋକମାନଙ୍କର ମେଳି ଭାଙ୍ଗିଗଲା । ଆମ୍ଭେମାନେ ମଧ ନିରାଶ ହୋଇ ପୁଣି ଭୂଦାନ କାର୍ଯ୍ୟରେ ଲାଗିଗଲୁ । ଆମେ ସେତେବେଳେ ଯାହା ଲକ୍ଷ୍ୟ କଲୁ, କେବଳ ଲୋକନାଥ ଚୌଧୁରୀ ଓ ପଦ୍ମଚରଣ ନାୟକଙ୍କ ଯୋଗୁଁ ଏହି ଆନ୍ଦୋଳନ ଭଣ୍ଡୁର ହୋଇଗଲା । ପ୍ରଥମ ପର୍ଯ୍ୟାୟରେ କମ୍ୟୁନିଷ୍ଟମାନଙ୍କ ସହିତ ମିଶି ମୁଁ ଜଙ୍ଗଲକଟା-ବିରୋଧୀ ଆନ୍ଦୋଳନ ଜୋର୍‌ସୋର୍‌ରେ ଚଳାଇଥିବାରୁ ସେତିକିବେଳେ କମ୍ୟୁନିଷ୍ଟ ନେତାମାନେ ଧରି ନେଇଥିଲେ ଯେ, ମୁଁ ତାଙ୍କର ଜଣେ ନିଷ୍ଠାପର କର୍ମୀ । ମୁଁ ମଧ ସେମାନଙ୍କ ଆଡକୁ ଆକୃଷ୍ଟ ହୋଇଥିଲି । କିନ୍ତୁ ଶେଷରେ ଏ ଆନ୍ଦୋଳନ ସେମାନଙ୍କ ଯୋଗୁଁ ଭଣ୍ଡୁର ହୋଇଥିବାରୁ ତାଙ୍କ ପ୍ରତି ମୋର ଖରାପ ଭାବନା ସୃଷ୍ଟି ହୋଇଥିଲା । ସ୍ୱାଧିନତା ଆନ୍ଦୋଳନରେ ମଧ୍ୟ ସେମାନେ ସହଯୋଗ କରି ନଥିଲେ, ବରଂ ଇଂରେଜମାନଙ୍କୁ ସାହାଯ୍ୟ କରିଥିଲେ । ସେତିକିବେଳୁ କମ୍ୟୁନିଷ୍ଟ ଲୋକଙ୍କ ପ୍ରତି ମୋର ଧାରଣା ଖରାପ ଥିଲା ଏବଂ ଜଙ୍ଗଲକଟା ଆନ୍ଦୋଳନରେ ତାହା ପ୍ରମାଣ ହୋଇଗଲା । ଜଙ୍ଗଲ ସବୁ କଟାହୋଇ ଚାଷ ଓ ବାସ ଜମିରେ ପରିଣତ ହେବା ଦ୍ୱାରା ସ୍ଥାନୀୟ ଲୋକମାନେ ଜଙ୍ଗଲଜାତ ଦ୍ରବ୍ୟରୁ ବଞ୍ଚିତ ହେବା ସଙ୍ଗେସଙ୍ଗେ ବାତ୍ୟାର ବର୍ଦ୍ଧିତ ପ୍ରକୋପ ଯୋଗୁଁ ଧନଜୀବନର ନାହିଁନ୍ଥିବା କ୍ଷତି ସବୁଦିନ ପାଇଁ ଭୋଗ କରିବାକୁ ପଡୁଛି । ଆଉ ମଧ୍ୟ ସମୟେ ସମୟେ ସମୁଦ୍ରରୁ ଲୁଣିକୁଆର ଉଠିଆସି ଘରବାଡ଼ି ଓ ଫସଲ ନଷ୍ଟ କରିଚାଲିଛି । ଏପରି ସବୁଦିନ ପାଇଁ ଆମକୁ ଭୋଗ କରିବାକୁ ହେବ । କେତେଜଣ ନେତାଙ୍କ ଭୁଲ୍ ନେତୃତ୍ୱ ଯୋଗୁଁ ସବୁଦିନ ପାଇଁ ଏ ଅଞ୍ଚଳର ଲୋକସ୍ୱାର୍ଥକୁ ଏହିପରି ଜଳାଞ୍ଜଳି ଦେବାକୁ ହେଲା ।

ଆମେ କେତେକ ଭୂଦାନକର୍ମୀ ଜଙ୍ଗଲ ଆନ୍ଦୋଳନର ବିଫଳତାରେ ନିରାଶ ହୋଇ ପୁଣି ଭୂଦାନ କାର୍ଯ୍ୟରେ ଲାଗି ପଡ଼ିଲୁ । ସେତେବେଳେ ମୁଁ ତ ସବୁ ସମୟ ଦେଇ ଭୂଦାନ କାମରେ ଲାଗିଥାଏ । ଘରର ଦାୟିତ୍ୱ ଓ ଚାଷବାସ ଇତ୍ୟାଦି ସବୁକିଛି ଘନଶ୍ୟାମ ଠାରେ ଅର୍ପଣ କରିଥାଏ । ଘର ସଂବନ୍ଧରେ ମୋର ବିଶେଷ କିଛି କରିବାର ନଥାଏ ।

ଚିନ୍ତାମଣି ସ୍ୱାଇଁ

ଏଠାରେ ମଧୁସାଗର ବିଦ୍ୟାପୀଠ କଥା ମୋତେ ବିଶେଷ ଭାବେ ଉଲ୍ଲେଖ କରିବାକୁ ହେବ । କାହିଁକିନା, ଏ ଅଞ୍ଚଳରେ ଲୋକଙ୍କୁ ମଧୁସାଗରଠାରୁ ବହୁ ପ୍ରେରଣା ମିଳିଛି । ବହୁ ଛାତ୍ର

Digitized by srujanika@gmail.com

ଏଠାରୁ ଉତ୍ତୀର୍ଣ୍ଣ ହୋଇ ବହୁ ସୁନାମ ଅର୍ଜନ କରିଛନ୍ତି । ଏହାର ପ୍ରତିଷ୍ଠାତା ଥିଲେ ଚିନ୍ତାମଣି ସ୍ୱାଇଁ, ଯେ କି ସେତେବେଳେ ଏ ଅଞ୍ଚଳର ଜଣେ ବିଦ୍ୱାନ୍ ବ୍ୟକ୍ତି ରୂପେ ଜଣାଶୁଣା ଥିଲେ । ସ୍ୱାଧିନତାର ବହୁବର୍ଷ ପୂର୍ବରୁ ସେ ମାଟ୍ରିକ୍ ପାସ୍‌କରି ପ୍ରଥମେ ଯାଜପୁର ଅଞ୍ଚଳରେ ଏକ ହାଇସ୍କୁଲରେ ଶିକ୍ଷକତା କରୁଥିଲେ । ସେଠାରେ ତାଙ୍କର ମ୍ୟାନେଜିଂ କମିଟି ସହ ମନୋମାଳିନ୍ୟ ଘଟିଲା । ସେ ଜଣେ ସ୍ୱାଧୀନଚେତା ବ୍ୟକ୍ତି ଥିବାରୁ ଭୁଲ୍ କଥାରେ କାହାରି ଆଗରେ ମୁଣ୍ଡ ନୁଆଁଉ ନଥିଲେ । ତେଣୁ ସେଠି ସେ ନ ରହିପାରି ବିଂଝାରପୁର ପାଖ ସଇଦ୍‌ପୁର ମି.ଇ. ସ୍କୁଲର ହେଡ଼ମାଷ୍ଟର୍ ପଦରେ ନିଯୁକ୍ତ ହେଲେ । ତାଙ୍କର ଶିକ୍ଷାକ୍ଷେତ୍ରରେ ପ୍ରଚଣ୍ଡ ଦଖଲ ଥିଲା ଏବଂ ସେ କହୁଥିଲେ, ଯିଏ ଶିକ୍ଷକ ହେବ, ସେ କେବଳ ଛାତ୍ରଛାତ୍ରୀଙ୍କୁ ନୁହେଁ, ସମଗ୍ର ଜଗତକୁ ଶିକ୍ଷାଦେବ । ଥରେ ସଇଦ୍‌ପୁର ମି.ଇ.ସ୍କୁଲକୁ ଉପରିସ୍ଥ ଅଧିକାରୀ ପରିଦର୍ଶନରେ ଆସିଥିଲେ । ସେ ପିଲାମାନଙ୍କୁ ପରୀକ୍ଷା କରିବା ସମୟରେ ସ୍କୁଲ୍ ପରିସର ଭିତିରେ ଦୁଇତିନି ଥର ଆଡ଼େସାଡ଼େ ଛେପ ପକାଇଥିଲେ । କିନ୍ତୁ ସ୍କୁଲର ହେଡ଼ମାଷ୍ଟର ଚିନ୍ତାମଣି ସ୍ୱାଇଁ ଏଥିରେ କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ଛେପପକା ହୋଇଥିବା ଜାଗାକୁ ନିଜ ହାତରେ ସଫାସୁତରା କରିଥିଲେ । ଏହା ଦେଖି ପରିଦର୍ଶକଙ୍କୁ ଭୀଷଣ କଷ୍ଟବୋଧ ହେଲା ଓ ସେ ଭାବିଲେ ମୋର ମଧ ତାଙ୍କ ଠାରୁ କିଛି ଶିକ୍ଷା କରିବାର ଅଛି । ଚିନ୍ତାମଣି ସ୍ୱାଇଁ ହେଡ୍‌ମାଷ୍ଟର ଥିବା ପର୍ଯ୍ୟନ୍ତ ସେ ସ୍କୁଲ ପରିଦର୍ଶକ ଆଉ କେବେ ସଇଦ୍‌ପୁର ସ୍କୁଲ୍‌କୁ ପରିଦର୍ଶନରେ ଆସିନାହାନ୍ତି ।

ଚିନ୍ତାମଣି ସ୍ୱାଇଁଙ୍କ ଗ୍ରାମ ନେମ୍ପରା । ପାଖ ଗ୍ରାମ ଅଙ୍ଗୁଳାଇ ସ୍କୁଲ୍‌ରେ ଭରତ ମଲ୍ଲିକ ବୋଲି ସେହି ଗ୍ରାମର ଗୋଟିଏ ସ୍ୱଚ୍ଛଳ ପରିବାରର ପିଲା ପଢୁଥିଲା । ଚିନ୍ତାମଣି ସ୍ୱାଇଁ ସେତେବେଳେ ସେହି ଭରତ ମଲ୍ଲିକକୁ ଯାଜପୁରର ସଇଦପୁର ମି.ଇ.ସ୍କୁଲରେ ପଢ଼ିବା ପାଇଁ ସଙ୍ଗରେ ନେଇଯାଇଥିଲେ । ତାଙ୍କ ପାଖରେ ରହି ଭରତ ଭଲ ପଢ଼ିଲା ଓ ସ୍କଲାର୍‌ସିପ୍ ମଧ୍ୟ ପାଇଲା । ତା'ପରେ ସେ ଅନ୍ୟତ୍ର ଏକ ହାଇସ୍କୁଲରେ ଚିନ୍ତାମଣି ସ୍ୱାଇଁଙ୍କ ଅଭିଭାବକତ୍ୱରେ ନାମ ଲେଖାଇଲା । ସଇଦ୍‌ପୁରରେ ଥିବା ବେଳେ ତାଙ୍କର ସୁନାମ ଚତୁର୍ଦ୍ଦିଗରେ ବ୍ୟାପି ଯାଇଥିଲା । ଆମ ଅଞ୍ଚଳର କେତେକ ଭଦ୍ରଲୋକ ସାଙ୍ଗହୋଇ ତାଙ୍କୁ ଅନୁରୋଧ କରି କହିଲେ, ତୁମେ ଏପରି ଜଣେ ଜ୍ଞାନୀଲୋକ ଥାଇ ଆମ ଅଞ୍ଚଳରେ କିଛି ହୋଇପାରୁ ନାହିଁ । ତୁମେ ଆମ ଅଞ୍ଚଳକୁ ଚାଲ, ତୁମ କହିବା ଅନୁସାରେ ଆମେ ସେଠାରେ ତୁମକୁ ଜାଗାବାଡ଼ି ଯୋଗାଇ ଦେବୁ । ତୁମେ ସ୍ୱାଧିନ ଭାବରେ ଯେପରି ଚାହୁଁଚ, ସେହିପରି ଗୋଟିଏ ଆଦର୍ଶ ସ୍କୁଲ ସେଠାରେ ତିଆରି କରିବ । ଆମ ଅଞ୍ଚଳ ଏଥିରେ ଉପକୃତ ହେବ । ତାଙ୍କ ମନକୁ ଏକଥା ପାଇଲା । କିଛିଦିନ ପରେ ସେ ସଇଦ୍‌ପୁରରୁ ପୁଡ଼ାପୁଟୁଳି ବାନ୍ଧି ନିଜ ଗ୍ରାମ ନେମ୍ପରାକୁ ଆସିଲେ । ମୁଁ ଜାଣିବାରେ ଚିନ୍ତାମଣି ସ୍ୱାଇଁଙ୍କ ଯୋଗୁଁ ଭରତ ମଲ୍ଲିକ ଭଳି ଆମ ଅଞ୍ଚଳରେ ଅନେକ ପିଲା ସଫଳ ଉଚ୍ଚଶିକ୍ଷା ଲାଭକରି ସମାଜର ବିଭିନ୍ନ ସ୍ତରରେ ସୁପ୍ରତିଷ୍ଠିତ ହୋଇ ପାରିଛନ୍ତି । କିନ୍ତୁ ଏକ ବିଡମ୍ବନା, ଚିନ୍ତାମଣି ସ୍ୱାଇଁଙ୍କ ଅକାଳ ମୃତ୍ୟୁର କାରଣ ସେହି ଭରଥ

Digitized by srujanika@gmail.com

ମଲ୍ଲିକ ହୋଇଥିଲେ । ଯଦିଓ ମୁଁ ନିର୍ଦ୍ଦିଷ୍ଟ ଭାବେ ଜାଣିନାହିଁ, କିନ୍ତୁ ମଧୁସାଗରର ପାଖ ଲୋକଙ୍କ ପାଖରୁ ଶୁଣାଯାଏ, ଭରତ ମଲ୍ଲିକ ସରକାରଙ୍କୁ ସୁପାରିଶ୍ କରି ଲେଖିଥିଲେ, ମଧୁସାଗରକୁ ସରକାରୀ ଗ୍ରାଣ୍ଟ୍ ବନ୍ଦ କରିଦେବା ପାଇଁ ଓ ସେ ଚିଠିର ନକଲ ମଧୁସାଗରକୁ ଆସିଥିଲା । ଏହି ଚିଠି ଚିନ୍ତାମଣି ସ୍ୱାଇଁ ପଢ଼ିବା ସଙ୍ଗେସଙ୍ଗେ ବସିଥିବା ଜାଗାରୁ ଟଳିପଡ଼ିଥିଲେ ଏବଂ କେବଳ ଗୋଟିଏ ବାକ୍ୟ ଉଚ୍ଚାରଣ କରିଥିଲେ, 'ତୁ ଭରତ ଶେଷରେ ଏଇଆ କଲୁ' । ସେଇଠି ତାଙ୍କର ଜୀବନ ଦୀପ ଲିଭିଯାଇଥିଲା ।

ମଧୁସାଗର ବିଦ୍ୟାପୀଠ

ଚିନ୍ତାମଣି ସ୍ୱାଇଁ କିଛି କର୍ମୀମାନଙ୍କୁ ସଙ୍ଗରେ ନେଇ କିଛି ଜମି ଜମିଦାରଙ୍କଠାରୁ ଆଣିଲେ ଓ ଆଖପାଖରେ ଥିବା କେତେକ ବଦାନ୍ୟ ବ୍ୟକ୍ତି ମଧ୍ୟ କିଛି ଜମି ଯୋଗାଇ ଦେଲେ । ତାଙ୍କର ଥିବା ନିଜର କିଛି ଜମିକୁ ବଦଳାଇ ନିର୍ଦ୍ଦିଷ୍ଟ ସ୍ଥାନରେ ଆଉ କିଛି ଜମି ଯୋଗାଡ କଲେ । ଏହିପରି ମୋଟ ୫/୭ ଏକର ଜମି ସେ ଠୁଳ କରିବା ପରେ ସେଠାରେ ଅସ୍ଥାୟୀ ଘର ନିର୍ମାଣ ଆରମ୍ଭ କରାଗଲା । ଗୋପବନ୍ଧୁ ଦାସ ଯେପରି ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଓ ସ୍ୱରାଜ ପରେ ଗାନ୍ଧିଜୀ ଯେପରି ଶିକ୍ଷାର ପୁରା ପରିବର୍ତ୍ତନ ଚାହୁଁଥିଲେ, ଚିନ୍ତାମଣି ବାବୁ ସେହି ପ୍ରକାର ଶିକ୍ଷାନୁଷ୍ଠାନ ଗଢ଼ିବାକୁ ଚାହିଁଲେ । ଠିକ୍ ହେଲା, ଏକ ମୌଳିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ତା ଦ୍ୱାରା ପିଲାଏ ସ୍ୱାବଲମ୍ବନଶୀଳ ହେବା ସଙ୍ଗେସଙ୍ଗେ ସ୍ୱାଧୀନଚେତା ଓ ଦେଶପ୍ରେମୀ ନାଗରିକ ଭାବେ ତିଆରି ହେବେ । ଚଣ୍ଡିପାଠ ଠାରୁ ଯୋତା ସିଲେଇ ପର୍ଯ୍ୟନ୍ତ ପିଲାମାନଙ୍କୁ ସମସ୍ତ ଶିକ୍ଷା ଦେବାକୁ ହେବ, ଯାହା ଫଳରେ ଛାତ୍ରଛାତ୍ରୀମାନେ ସର୍ବଗୁଣସମ୍ପନ୍ନ ହୋଇ ବାହାରିବେ । ସେମାନେ ଦେଶର ମେରୁଦଣ୍ଡ ହେବେ । ମୁଁ ଏକଥା ଶୁଣି ଆଗ୍ରହରେ ତାଙ୍କୁ ଦେଖା କରିବାକୁ ଗଲି । ଆଗରୁ ସେ ଯାଜପୁରରେ ବହୁ ସମୟ କଟାଇ ଥିବାରୁ ଏ ଅଞ୍ଚଳରେ କମ୍ ଜଣାଶୁଣା ଥିଲେ । ତାଙ୍କୁ ଦେଖାକରି କଥାବାର୍ତ୍ତାରୁ ଜାଣିଲି, ସେ ଜଣେ ଉଲ୍ଲଟ ସ୍ୱାଧିନଚେତା ବ୍ୟକ୍ତି ଓ ସୁଦକ୍ଷ ଶିକ୍ଷାବିତ୍ ମଧ୍ୟ । ପ୍ରଥମ ଥର ତାଙ୍କ ଓ ମୋ ଭିତରେ ଖୁବ୍ କମ୍ ସମୟ ଦେଖାସାକ୍ଷାତ୍ ଓ କଥାବାର୍ତ୍ତା ହୋଇଥିଲେ ହେଁ ମୋତେ ଜଣାପଡ଼ିଲା, ଯେପରି ସେ ମୋର ବହୁଦିନର ପୁରୁଣା ବନ୍ଧୁ । ସେ ମୋତେ ନଦେଖିଥିଲେ ମଧ୍ୟ ମୁଁ ମାର୍ଶାଘାଇ ଅଞ୍ଚଳରେ ଗୋପବନ୍ଧୁ ସେବାସଂଘର ଜଣେ ନିଷ୍ଠାପର କର୍ମୀ ଓ ସ୍ୱାଧିନତା ଆନ୍ଦୋଳନର ଜଣେ ସଂଗଠକ ହୋଇଥିବା କଥା ଆଗରୁ ଜାଣିଥିଲେ ।

ମଧୁସାଗର ନିର୍ମାଣରେ ମୋର ଭୂମିକା

ସେହିଦିନଠାରୁ ମୁଁ ବାରମ୍ବାର ମଧୁସାଗରକୁ ସାହାଯ୍ୟ କରିବାପାଇଁ ଯାଉଥାଏ । ଏପରିକି ମୁଁ ସେଠାରେ ସ୍କୁଲଘର ପାଇଁ ମାଟିବୋହିବା, ଧାନ ନଳିତା ଚାଷ କରିବା ଓ ନାନପ୍ରକାର ପନିପରିବା ଲଗାଇବା ଇତ୍ୟାଦି କାମରେ ସକ୍ରୀୟ ଅଂଶଗ୍ରହଣ କରୁଥିଲି । ହତା ଭିତରେ ପିଲାଙ୍କ ସାହାଯ୍ୟରେ ନଡ଼ିଆଗଛ, ଆମ୍ବଗଛ ଓ ନାନପ୍ରକାର ଫୁଲଗଛ ସବୁ

Digitized by srujanika@gmail.com

ଲଗାଯାଉଥିଲା । ଯାବତୀୟ ବିଲକାମ ଯଥା ଧାନ ରୋଇବା, ତଳି ଉପାରିବା, ନଳିତା ବାଡ଼େଇବା ଇତ୍ୟାଦି କଠିନ ଶ୍ରମକାର୍ଯ୍ୟ ମୋ ସାଙ୍ଗରେ ତାଳଦେଇ ସୁରେଶ ଭାଇ (ନେମଳରା ଗ୍ରାମର ବ୍ୟକ୍ତି, ଏବଂ ମଧୁସାଗରର ଶିକ୍ଷକ) କରୁଥିଲେ । ଅନ୍ୟ ଶିକ୍ଷକମାନେ ମଧ ଉଣାଅଧିକା ଚାଷକାମରେ ସାହାଯ୍ୟ କରୁଥିଲେ । ମଧୁସାଗର ବିଦ୍ୟାପୀଠ ଆରମ୍ଭ ହେବା ସମୟରେ ଶିକ୍ଷକ ଥିଲେ ଚିନ୍ତାମଣି ସ୍ୱାଇଁ, ସୁରେଶ ସ୍ୱାଇଁ, ଦିବାକର ପରିଡ଼ା, କେଳୁଚରଣ, ଦୋଳଗୋବିନ୍ଦ, ଭଗବାନ ଓ ବିରୁସ୍ମୃତିର ଅକ୍ଷୟ ପ୍ରମୁଖ । ମୋର କାମ ଥିଲା ସେହିସବୁ, ଯାହାକି ଅନ୍ୟମାନେ କରିପାରୁ ନଥିଲେ ବା ଜାଣିନଥିଲେ, ଯଥା ନଳିତା କିପରି ଗଡ଼ିଆରେ ପଚାଇ ତାକୁ ବାଡେଇ ସେଥିରୁ ଝୋଟ ବାହାର କରିବାକୁ ହୁଏ । ସେତେବେଳେ ସେ ଅଞ୍ଚଳରେ କେହି ନଳିତା ଚାଷ କରୁନଥିଲେ । ପ୍ରଥମେ ମଧୁସାଗରରେ ଏହା ପରୀକ୍ଷାମୂଳକ ଭାବେ କରାଗଲା । ମଧୁସାଗରର ଜମି ମଧ୍ୟ ନଳିତାଚାଷ ଉପଯୋଗୀ ଥିଲା । ମୋର ମନେ ଅଛି, ମୁଁ ଆମଘରୁ ପିଟଣା ନେଇ ମଧୁସାଗରରେ ନଳିତା ବାଡ଼େଇଥିଲି ।

ଆମ ଅଞ୍ଚଳରେ ନଳିତା ଫସଲରୁ ଚାଷୀମାନଙ୍କୁ ବେଶ୍ ପଇସା ମିଳୁଥିଲା । ଆମ ନିଜ ଘରେ ୩/୪ ଏକର ଜମି ନଳିତା ଚାଷ କରାଯାଉଥିଲା । ଭଲ ନଳିତା ହେଲେ ସେଥିରୁ ୨୦-୨୫ କୁଇଣ୍ଟାଲ ମିଳୁଥିଲା । ସେତେବେଳେ ସେଥିରୁ ଅତି କମ୍‌ରେ ପ୍ରାୟ ୫/୬ ହଜାର ଟଙ୍କା ମିଳୁଥିଲା । ଧାନ ଅପେକ୍ଷା ଝୋଟଚାଷରୁ ଆମକୁ ଅଧିକା ପଇସା ମିଳୁଥିଲା । ନଳିତା ଚାଷରେ ମୋର ବିଶେଷ ଅଭିଜ୍ଞତା ଥିଲା । ମୁଁ ନିଜେ ନଳିତା ବଛା ଠାରୁ ଝୋଟ ଅମଳ ପର୍ଯ୍ୟନ୍ତ ମୁଲିଆଙ୍କ ସଙ୍ଗେ ଖଟୁଥିଲି । ମଧୁସାଗରରେ ଅଣ୍ଟାତଳକୁ ଥିବା ପଚାପାଣିରେ ୪/୫ ଘଣ୍ଟା ଧରି ପଶିରହି ନଳିତା ବାଡେବାରେ କେହି ଅଭ୍ୟସ୍ତ ନଥିଲେ । ମୁଁ ଏ କାର୍ଯ୍ୟ କରିବା ସଙ୍ଗେସଙ୍ଗେ ଯେଉଁମାନେ ଏହି କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରୁଥିଲେ, ସେମାନଙ୍କୁ ମଧ୍ୟ ତାଲିମ୍ ଦେଉଥିଲି । ସେମାନଙ୍କ ମଧରୁ ସୁରେଶ ଭାଇ ପ୍ରଥମ ଥିଲେ ଓ ସେ ମଧ ମୋ ସାଙ୍ଗେ ପ୍ରତିଯୋଗିତା କରୁଥିଲେ । ଏହାଛଡା ସାଧାରଣ ଭାବେ ସେ ଅଞ୍ଚଳର ଅଙ୍ଗୁଳାଇ ଠାରୁ ଦଣୀପୁର ପର୍ଯ୍ୟନ୍ତ ବହୁ ଲୋକ ମଧୁସାଗରକୁ ବିଭିନ୍ନ ବାବଦରେ ସାହାଯ୍ୟ ଓ ସହଯୋଗ କରୁଥିଲେ । ବଡ଼ ସହଯୋଗୀ ଥିଲେ ନେମଳରା ଗ୍ରାମର କ୍ଷେତ୍ରମୋହନ ଦାସ, ଜରିପଡାର ଗୋପାଳ ଦାସ ଓ ପସ୍ତାର ଅନାଦି ପରିଡା ପ୍ରମୁଖ । ନରେନ୍ଦ୍ରପୁରର ଲୋକେ ମଧ ସହଯୋଗ କରୁଥିଲେ । ମଧୁସାଗରର ଘରତିଆରି ପାଇଁ କାଠବାଉଁଶ ଇତ୍ୟାଦି କଟକରୁ ଆଣିଦେବା କାର୍ଯ୍ୟ ମଧ୍ୟ ମୁଁ କରୁଥାଏ । ଏହିପରି ସେଠାରେ ଗୋଟିଏ ଭଲ ଆଦର୍ଶ ସ୍କୁଲ ଗଢି ଉଠିପାରିଲା । ସେ ସ୍କୁଲ ଏପରି ପ୍ରତିଷ୍ଠା ଲାଭ କଲା ଯେ, ଅଲ୍ ଇଣ୍ଡିଆ କଂଗ୍ରେସ ପ୍ରେସିଡ଼େଣ୍ଟ ୟୁ.ଏନ୍.ଧେବର କେନ୍ଦ୍ରପଡ଼ାରେ ଅନୁଷ୍ଠିତ ଏକ କଂଗ୍ରେସ ସମ୍ମିଳନୀକୁ ଆସିବା ଅବସରରେ ଏହି ସ୍କୁଲକଥା ଶୁଣି ଦେଖିବାକୁ ଆସିଥିଲେ । ବହୁ ବିଶିଷ୍ଟ ବ୍ୟକ୍ତି ଯଥା, ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଓ ଜାନକୀବଲ୍ଲଭ ପଟ୍ଟନାୟକ (ସେତେବେଳେ ପ୍ରଜାତନ୍ତ୍ରର ବିଶିଷ୍ଟ ସାମ୍ବାଦିକ) ପ୍ରମୁଖ ଏହି ସ୍କୁଲକୁ ଦେଖି ଭାରି ଖୁସି ହୋଇ ଯାଇଥିଲେ । ଓଡ଼ିଶାର ବହୁ ଅଞ୍ଚଳରୁ

Digitized by srujanika@gmail.com

ପିଲାମାନେ ଆସି ପଢ଼ିବାକୁ ଲାଗିଲେ । ଏ ସ୍କୁଲଟି ଏପରି ଭାବରେ ଚାଲିଥାଏ ଯେ, ଆମର ସମଗ୍ର ଅଞ୍ଚଳକୁ ଦିଗ୍‌ଦର୍ଶନ ଦେବାର କ୍ଷମତା ଅର୍ଜ୍ଜନ କରୁଥାଏ । ଯେଉଁସବୁ ମୁଖ୍ୟ କର୍ମୀମାନଙ୍କୁ ନେଇ ସର୍ବୋଦୟ ସଂଗଠନ ଗଢ଼ା ଯାଇଥିଲା, ମୋତେ ଛାଡ଼ିଦେଇ ଅନ୍ୟ ସମସ୍ତେ ସ୍ୱଇଚ୍ଛାରେ ମଧୁସାଗରରେ ଶିକ୍ଷକତା କରୁଥିଲେ । ଏମାନଙ୍କ ଭିତରୁ ଅନେକ ଚିନ୍ତାମଣି ସ୍ୱାଇଁଙ୍କ ଛାତ୍ର ଥିଲେ । ସେମାନେ ଶିକ୍ଷକତା କରିବା ସଙ୍ଗେସଙ୍ଗେ ନିଷ୍ଠାପର ଭାବେ ସର୍ବୋଦୟ କାର୍ଯ୍ୟ ମଧ୍ୟ କରୁଥିଲେ । ଏମାନେ ସମସ୍ତେ ମଧୁସାଗରରେ ପିଲାମାନଙ୍କ ସହ ରହୁଥିଲେ । ଶିକ୍ଷକ ଓ ଛାତ୍ର ମିଶି ଚାଷକାମ, ବାଡ଼ିବଗିଚା, ଗୋପାଳନ, ସଫେଇ ଇତ୍ୟାଦି କାର୍ଯ୍ୟ ତୁଲାଉ ଥିଲେ ।

ମଧୁସାଗରର ନିର୍ମାଣ କାର୍ଯ୍ୟ

ମଧୁସାଗରକୁ କ୍ଷେତ୍ରମୋହନ ଦାସ ଓ ଅନାଦି ପରିଡ଼ା ଇତ୍ୟାଦି ବନ୍ଧୁମାନେ ପ୍ରତିଦିନ ଆସି ସ୍ୱାବଲମ୍ବୀ ଶିକ୍ଷାବ୍ୟବସ୍ଥା କିପରି ଉତ୍ତରୋତ୍ତର ଅଗ୍ରଗତି ଲାଭ କରିବ, ସେ ବିଷୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରୁଥିଲେ । ଏଥିଭିତରେ ସ୍କୁଲର ଯେତେସବୁ ଖାଲଢ଼ିପ ଜମି ଥିଲା, ତାକୁ ସମତଳ ଅବସ୍ଥାକୁ ଅଣାଯାଇଥିଲା, ଯାହା ଫଳରେ ସେହି ଭୂମି ଉପରେ ସ୍ଥାୟୀ ସ୍କୁଲଘର ନିର୍ମାଣ ହୋଇପାରିବ । ଘରନିର୍ମାଣ ପାଇଁ ଇଟା, କାଠ, ଆଜବେଷ୍ଟସ୍ ଇତ୍ୟାଦି ଉପକରଣ ତଥା ମିସ୍ତ୍ରୀ କିପରି ସଂଗ୍ରହ କରାଯିବ ଏବଂ କେଉଁ ସୂତ୍ରରୁ ଏଥିପାଇଁ ପଇସାପତ୍ର ମିଳିପାରିବ, ସେସବୁ ବିଷୟ ଉପରୋକ୍ତ ବନ୍ଧୁମାନଙ୍କ ସହ ଚିନ୍ତାମଣି ବାବୁ ପରାମର୍ଶ କରି ଘରନିର୍ମାଣର ଦୈନନ୍ଦିନ କାର୍ଯ୍ୟକ୍ରମ ସ୍ଥିର କରାଯାଉଥିଲା । ସ୍କୁଲରେ ସେତେବେଳକୁ ପ୍ରାୟେ ୧୦୦ ନଡ଼ିଆଗଛ ପଡ଼ିସାରିଥିଲା ଓ ନଡ଼ିଆ ଆମଦାନୀ ଆରମ୍ଭ ହୋଇଯାଇଥିଲା । ଚିନ୍ତାମଣି ସ୍ୱାଇଁଙ୍କର ନିଜର ପ୍ରାୟ ୩/୪ ଏକର ଜମି ଥିଲା । ତାଙ୍କର ଭାଇ ନଥିବାରୁ ସେ ଏକାକୀ ଏ ସମ୍ପତ୍ତିର ମାଲିକ ଥିଲେ । ଏହା ଭିତରେ ମଧୁସାଗରକୁ ଲାଗିଥିବା ପ୍ରାୟ ୫/୬ ଏକର ଚାଷଜମିର ବିକ୍ରି କଥା ଶୁଣି ସେ ତାକୁ କିଣି ରଖିଥିଲେ । ଚିନ୍ତାମଣି ସ୍ୱାଇଁଙ୍କ ନିଜ ଜମିକୁ ମିଶାଇ ମଧୁସାଗରର ମୋଟ୍ ପ୍ରାୟ ୧୦ଏକର ସମ୍ପତ୍ତି ଆୟତ୍ତକୁ ଆସି ସାରିଥିଲା । ଆଉ କେଉଁ ସୂତ୍ରରୁ ଅର୍ଥ ଆୟ ହେଉଥିଲା, ମୁଁ ଜାଣିନି । ଘର ନିର୍ମାଣ ପାଇଁ ଆନୁଷଙ୍ଗିକ ସାମଗ୍ରୀ ଯଥା, ଇଟା ପୋଡ଼ିବା ପାଇଁ କୋଇଲା, ଘରଛାତ ପାଇଁ କଡ଼ିକାଠ ଓ ସିମେଣ୍ଟ ଇତ୍ୟାଦି ସେତେବେଳେ କଟକରୁ ଆସୁଥିଲା । ଏସବୁ ସାମଗ୍ରୀ କଟକରୁ ମଗାଇବା ପୂର୍ବରୁ ଘରନିର୍ମାଣ ପାଇଁ ଏକଲକ୍ଷ ଇଟା ପୋଡ଼ା ହେବା ଦରକାର ଥିଲା । ମଧୁସାଗରର ପାଖଜମିରେ ଇଟା କରିବା ପାଇଁ ଭଲ ମାଟିଥିଲା । ସେହି ମାଟିରେ ଏକମାସ ଭିତରେ ଏକଲକ୍ଷ ଇଟା ପ୍ରସ୍ତୁତ କରିବା ପାଇଁ ସୁରେଶ ଭାଇ ଦାୟିତ୍ୱ ନେଲେ । ତାଙ୍କ ସହିତ ଆଉ କେତେକ ଗୁରୁଜୀ ଛାଞ୍ଚ ସାହଯ୍ୟରେ ଇଟା ଗଢ଼ିବେ ବୋଲି ଠିକ୍ ହେଲା । ଇଟା ପାଇଁ ମାଟି ହାଣି ତାକୁ ପାଣିରେ ଭିଜାଇ, ଅଳ୍ପ ଚକଟି ପୁଣି ପରଦିନ ଭଲଭାବରେ ଚକଟି କାଦୁଅକୁ ଇଟାତିଆରି ଉପଯୋଗୀ କରାଯାଉଥିଲା ଓ ତା'ପରେ ପଡ଼ାଣରେ ବାଲି ବିଛାଇ ଛାଞ୍ଚରେ ଇଟା ପ୍ରସ୍ତୁତ କରାଯାଉଥିଲା । ପିଲାମାନଙ୍କ ସାହାଯ୍ୟରେ ଏସବୁ କାମ ମାସକ ଭିତରେ ସମ୍ପାଦିତ ହୋଇଯିବା ପରେ ଭାଟିରେ ଲଦିବା କାମ କେବଳ ବାକୀ

Digitized by srujanika@gmail.com

ଥାଏ । ଭାଟିରେ ଲଦିବାର ଅଳ୍ପ କିଛିଦିନ ଆଗରୁ କଟକରୁ ଡଙ୍ଗାରେ କୋଇଲା ଆଣିବା ଆବଶ୍ୟକ । ମୁଁ ପୂର୍ବରୁ କଟକ ଯାଇ ମଧୁସାଗର ପାଇଁ କୋଇଲା ଆଣିଛି । ମୁଁ ଜାଲକଣା ଲୋକଙ୍କ ସହିତ ତାଙ୍କ ଡ଼ଙ୍ଗାରେ କଟକ ଯାଇ ଆଗରୁ ସ୍ଥିର କରିଥିବା ଡ଼ଙ୍ଗାରେ କୋଇଲା ବୋଝେଇ କରି ମୁଁ କଟକରୁ ୩-୪ଦିନ ଭିତରେ ଫେରିଆସେ । ଡ଼ଙ୍ଗା କେନାଲରୁ ବାହାରି ଗଣ୍ଡାକିଆ ପାଖରେ ଗୋବରି ନଈରେ ପଡି ଆମ ଗ୍ରାମ ବାଘଡ଼ିଆ ଓ ଡ଼ଁରମୁଣ୍ଡବେଇ ବାଲିସାଇ ଘୂଠରେ ଲାଗେ ଓ ସେଠି କୋଇଲା ଅନ୍‌ଲୋଡ଼ କରି ଡ଼ଙ୍ଗା ଫେରିଆସେ । ବାଲିସାହି ପାଖରୁ ମଧୁସାଗର ପ୍ରାୟ ୨କିଲୋମିଟର ରାସ୍ତା । ସେଠୁଁ କୋଇଲା ପରିବହନ କରିବାର ଅନ୍ୟ କିଛି ସୁବିଧା ନଥିବାରୁ କେବଳ ମଧୁସାଗରର ପ୍ରାୟ ୫୦ ଜଣ ବଡ଼ପିଲା ପ୍ରତ୍ୟେକ ୨/୩ କିଲୋ ଲେଖାଁ କୋଇଲା ଧରି ଚାଲିଚାଲି ଆସି ମଧୁସାଗରରେ ତାକୁ ପହଞ୍ଚାଉଥିଲେ । ଏହିପରି ଭାବରେ ମୁଁ ଆଗରୁ କଟକରୁ କୋଇଲା ଆଣି ମଧୁସାଗରରେ ପହଞ୍ଚାଇଛି । ମୁଁ ମଧ ସ୍ୱତଃସ୍ଫୂର୍ତ୍ତ ଭାବେ ମଧୁସାଗରର ଜଣେ ବଳିଷ୍ଠ ସହଯୋଗୀ କର୍ମୀଭାବେ ଅକୁଣ୍ଠ ଚିତ୍ତରେ ଓ ନିଷ୍ଠାପର ଭାବେ ଏହି କାମ କରୁଥିଲି । କିନ୍ତୁ ଏଥରକ କଟକରୁ କୋଇଲା ଆଣିବା ଦାୟିତ୍ୱ ମୋ ପରିବର୍ତ୍ତେ ପସ୍ତା ଗ୍ରାମର ଅନାଦି ବାବୁଙ୍କୁ ଦିଆଗଲା । ମୁଁ ମଧ୍ୟ ଭାବିଲି, ଯିଏ ଯେଉଁ କାର୍ଯ୍ୟ କରନ୍ତୁ ପଛେ ମଧୁସାଗର ସ୍ୱାର୍ଥରେ ମୋତେ ଯେଉଁ କାମ ଦିଆଯିବ ଓ ଯାହା ମୁଁ ପାରିବି, ତାହା କରିବି ।

ମୁଁ ଯେତେବେଳେ ମଧୁସାଗର କାର୍ଯ୍ୟରେ ସହଯୋଗ କରୁଥିଲି ସେତେବେଳେ ଆମେରିକାରୁ ଆସୁଥିବା ଦୁଧଗୁଣ୍ଡ ଓ ଗହମକୁ ଓଡ଼ିଶାର ଖ୍ରୀଷ୍ଟିୟାନ୍ ଚର୍ଚ୍ଚ ତରଫରୁ ରାଜ୍ୟର ଭଲଭଲ ସ୍କୁଲକୁ ଦେବା ପାଇଁ ଚର୍ଚ୍ଚ ତରଫରୁ ସ୍ଥିର ହେଲା ଏବଂ ଏହାର ସୁଚାରୁ ବଣ୍ଟନ ପାଇଁ ଗୋଟିଏ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଥିଲା, ଯାହାର ସଭାପତି ଥିଲେ ବିଶିଷ୍ଟ ହୋମଓପ୍ୟାଥିକ ଡ଼ାକ୍ତର ଆଭନ୍ନଚନ୍ଦ୍ର ରାୟ । ସେ ମଧ୍ୟ ଏକ ହୋମିଓପ୍ୟାଥି କଲେଜ ପ୍ରତିଷ୍ଠା କରି ଏହାର ପ୍ରିନ୍ସିପାଲ ଥିଲେ । ତାଙ୍କର ପରାମର୍ଶ କ୍ରମେ ମଧୁସାଗର ବିଦ୍ୟାପୀଠକୁ ସେହି ଖାଦ୍ୟସାମଗ୍ରୀ ଦେବା ପାଇଁ କମିଟି ମିଟିଂରେ ସ୍ଥିର କରାଯାଇଥିଲା ଓ ମଧୁସାଗରକୁ ଏହି ମର୍ମରେ ଚିଠି ମଧ ଆସିଲା । ଚିନ୍ତାମଣି ଭାଇଙ୍କ ନିଷ୍ପତ୍ତିକ୍ରମେ ସେହି ସାମଗ୍ରୀ କଟକରୁ ମଧୁସାଗର ଆଣିବା ଦାୟିତ୍ୱ ମୋ ଉପରେ ନ୍ୟସ୍ତ ରହିଲା । ମୁଁ ମଧ ସେହି ଜିନିଷମାନ କଟକରୁ ଆଣି ମଧୁସାଗରରେ ପହଞ୍ଚାଉ ଥିଲି ।

ଶୈଳ ଜନ୍ମର ୨/୩ ବର୍ଷ ପରେ ମୁଁ ଚିନ୍ତାମଣି ଭାଇଙ୍କୁ କହିଲି, ଏବେ ଠାରୁ ଶୈଳକୁ ମଧୁସାଗରରେ ରଖିଲେ ସେ ତୁମ ଆଦର୍ଶରେ ଗଢ଼ି ଉଠନ୍ତା । ସେ କିନ୍ତୁ ମୋତେ ମନା କଲେ ଓ କହିଲେ ଏତେ ଛୋଟ ପିଲାର ଦାୟିତ୍ୱ ନେଇହେବନି । ଗାଁରେ ୩ୟ ଶ୍ରେଣୀ ପଢ଼ି ସାରିବା ପରେ ତାକୁ ଆଣି ୪ର୍ଥରେ ଏଠାରେ ନାମ ଲେଖାଇଲେ ମୁଁ ଅନ୍ୟପିଲାଙ୍କ ସହିତ ତା'ର ଦାୟିତ୍ୱ ନେଇପାରିବି । ମୁଁ ସେହି ଅନୁସାରେ ଗାଁ ସ୍କୁଲରେ ଶିକ୍ଷକ ଜଗନ୍ନାଥ ବାବୁଙ୍କ ପାଖରେ ଶୈଳ ଓ ରଣଜିତ୍‌କୁ ପଢାଇଲି । ଜଗନ୍ନାଥ ବାବୁ ପିଲା ଦୁହିଁଙ୍କୁ ଆମଘରେ

Digitized by srujanika@gmail.com

ମଧ୍ୟ ରାତିରେ ଟିଉସନ କରୁଥିଲେ । ସେ ମଧ ଭଲ ଶିକ୍ଷକଥିଲେ ଓ ମୋ ପରାମର୍ଶ ଅନୁସାରେ ପିଲାଙ୍କୁ ଶିକ୍ଷାଦେଉଥିଲେ ।

ସେତେବେଳକୁ ମଧୁସାଗର ଭଳି ଗୋଟିଏ ଆଦର୍ଶ ସ୍କୁଲ ଅଛି ବୋଲି ସାରା ଓଡ଼ିଶାରେ ଲୋକେ ଜାଣି ସାରିଥିଲେ । ଗୋଟିଏ ସାଧାରଣ ସ୍କୁଲଠାରୁ ଏହା ମୌଳିକ ଭାବେ ଅଲଗା ଥିଲା । ଏ ସ୍କୁଲରେ ଓଡ଼ିଶାର ବିଭିନ୍ନ ଜାଗାରୁ ପିଲା ଆସି ପଢୁଥିଲେ । ସେ ସ୍କୁଲ କଥା ଆଉ ଟିକେ ବର୍ଣ୍ଣନା କରିବା ଉଚିତ୍ । ସେଠି ଚତୁର୍ଥରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଯେତେ ଛାତ୍ର ହଷ୍ଟେଲରେ ରହୁଥିଲେ, ଗୁରୁଜୀମାନେ ସେମାନଙ୍କୁ ପାଠ ପଢ଼ାଇବା ସଙ୍ଗେ ସମସ୍ତ କାମ ଧନ୍ଦା କରାଉଥିଲେ ଓ ନିଜେ କରୁଥିଲେ । ଚାଷବାସ ଠାରୁ ଆରମ୍ଭ କରି ସେଠି ଯେତେ ଘର ନିର୍ମାଣ ହୋଇଥିଲା, ସେସବୁ ପିଲା ଓ ଗୁରୁଜୀମାନଙ୍କ ସମ୍ମିଳିତ ପରିଶ୍ରମରେ ଗଢ଼ିଉଠିଥିଲା । ଅନ୍ୟ ସ୍କୁଲ ମାନଙ୍କରେ କେବଳ ପାଠପଢ଼ା ଥିଲା, କୌଣସି ଶାରୀରୀକ ଶ୍ରମ ନଥିଲା । ଶିକ୍ଷକ ଓ ଛାତ୍ରମାନଙ୍କ ଦ୍ୱାରା ସେହି ସ୍କୁଲର ଯାହା ଆୟ ହେଉଥିଲା, ସେଥିରୁ ଧାନଚାଉଳ ବା ସମାନ୍ୟ ପାରିଶ୍ରମିକ ନେଇ ଶିକ୍ଷକମାନେ କାର୍ଯ୍ୟ କରୁଥିଲେ ।

ଦଶୀପୁରରେ ସର୍ବୋଦୟ ଶ୍ରମ ଶିବିର

ଯେତେବେଳେ କଂଗ୍ରେସ ନେତାମାନେ ଏ ଦେଶର ପୁଞ୍ଜିପତି ଶ୍ରେଣୀ ହାତରେ କ୍ରୀଡ଼ାନକ ହୋଇଗଲେ, ସେତେବେଳେ ବିନୋବା ଭାବେ ଗାନ୍ଧିଙ୍କ କଳ୍ପିତ ରାମରାଜ୍ୟ ଓ ସର୍ବୋଦୟ ସମାଜ ମାର୍ଗରେ ଏ ଦେଶକୁ ପରିବର୍ତ୍ତନ କରିବାକୁ ଉଦ୍ୟମ କରୁଥିଲେ । ସେଥିପାଇଁ ଆମ୍ଭେମାନେ ପୋଗ୍ରାମ କଲୁ ପ୍ରତ୍ୟେକ ଗ୍ରାମରେ ସର୍ବୋଦୟ ଶ୍ରମଶିବିର କରିବା ପାଇଁ । ଠିକ୍ ହେଲା, ଶିବିରରେ ପ୍ରତିଦିନ ଚାରିଘଣ୍ଟା ପରିଶ୍ରମ କରି ସେ ଗ୍ରାମରେ ରାସ୍ତାଘାଟ କିମ୍ବା କୂଅପୋଖରୀ ଖୋଳାଯିବ । ପୁଣି ଚାରିଘଣ୍ଟା ଧରି ସର୍ବୋଦୟ ସମାଜ ବିଷୟରେ କର୍ମୀ ଓ ଗ୍ରାମ ଲୋକଙ୍କ ଉପସ୍ଥିତିରେ ଆଲୋଚନା ହେବ । ମୁଁ ପ୍ରଥମେ ଆମଗ୍ରାମ ଦଶିପୁରରେ ସର୍ବୋଦୟ ଶ୍ରମଶିବିର ଆୟୋଜନ କରାଇଲି । ସେତେବେଳେ ୧୯୫୧ ମସିହା ହୋଇଥାଏ । ଉକ୍ତ ଶିବିରରେ ପ୍ରାୟ ୫୦ଜଣ ସର୍ବୋଦୟ କର୍ମୀଙ୍କ ସହିତ ଆମ ଗ୍ରାମରୁ ବହୁ ଯୁବକ ଯୋଗ ଦେଇଥିଲେ । ବାହାରୁ ଯାଇଥିବା ବିଶିଷ୍ଟ ସର୍ବୋଦୟ କର୍ମୀଙ୍କ ଭିତରେ ଥିଲେ ଚିନ୍ତାମଣି ସ୍ୱାଇଁ ଓ ମଧୁସାଗରରେ ତାଙ୍କର ସହଯୋଗୀ ଦିବାକର ପରିଡା । ଆମ ଗ୍ରାମରେ ଥିବା ଆମ ଯୁବସଙ୍ଗଠନର କର୍ମୀ ଯଥା, ଭଗବାନ ପ୍ରଧାନ, ନିଶାମଣି ରାଉତ, ଗୌରାଙ୍ଗ ଜେନା ପମୁଖ ଯୋଗଦେଇଥିଲେ । ଏହି ଦୁଇଦିନିଆ ଶିବିରରେ ୫୦୦ ଫୁଟ ଲମ୍ବର ଗୋଟାଏ ଭେଡ଼ା ନିର୍ମାଣ କଲୁ ଜମିର ପାଣି ଅଟକାଇବା ପାଇଁ । ଆଉ କେତୋଟି ସର୍ବସାଧାରଣ ରାସ୍ତା ମଧ୍ୟ ନିର୍ମାଣ କଲୁ ।

ସ୍ତ୍ରୀ ସାଧବ ଉପରେ ପ୍ରଭାବ

ଏଭ ଶିବିରକୁ କେତେକ ସ୍ତ୍ରୀଲୋକ ବାହାରୁ ଆସିଥିଲେ ; ସେମାନେ ଭାବିଲେ, ନରୋତ୍ତମ ବାବୁ ତ ଶିବିର ପରିଚାଳନା କରୁଛନ୍ତି, କିନ୍ତୁ ତାଙ୍କ ସ୍ତ୍ରୀ କାହିଁକି ଆସି ନାହାଁନ୍ତି ? ସେମାନେ

Digitized by srujanika@gmail.com

ଆସି ମୋ ସ୍ତ୍ରୀ ସାଧବ ସାଙ୍ଗରେ ବହୁତ ଆଲୋଚନା କଲେ । ତାଙ୍କୁ ଲାଗିଲା, ପୁରୁଣା ପ୍ରଥା ଭାଙ୍ଗି ବେଲଜ୍ୟା ଭାବରେ ଦାଣ୍ଡରେ ସମସ୍ତଙ୍କ ଆଗରେ ପୁରୁଷଙ୍କ ସାଙ୍ଗରେ ମୁଣ୍ଡରେ ମାଟି ବୋହିବା କମ୍ ସାଧନାର କଥା ନୁହେଁ । ସ୍ତ୍ରୀ ଲୋକମାନେ ଯୁଗଯୁଗ ଧରି ପରମ୍ପରାକୁ ଜାବୁଡ଼ି ରହି ବାହାର ମଣିଷକୁ ଦେଖି ଲୁଚିଯିବା ବା କୌଣସି ବାହାର ଲୋକସାଙ୍ଗରେ କଥା ନକହିବା ସେତେବେଳର ଚଳଣି ଥିଲା । ରକ୍ଷଣଶୀଳ ସଂସ୍କୃତି ଏମିତି ଅଭ୍ୟାସଗତ ହୋଇଯାଇଥିଲା ଯେ, ଏତେ ଶୀଘ୍ର ବାହାରକୁ ବାହାରି ସାଧାରଣ ଲୋକଙ୍କ ସାଙ୍ଗରେ କାର୍ଯ୍ୟ କରିବା ଆମ ଗାଁର ସ୍ତ୍ରୀ ଲୋକଙ୍କ ପକ୍ଷେ ଦୁରୂହ ଥିଲା । ଯାହାହେଉ, ତା' ସହିତ ନାରୀ କର୍ମୀମାନେ ବହୁ ଆଲୋଚନା କଲା ପରେ, ଠିକ୍ ହେଲା ଯେ, ମୋ ସ୍ତ୍ରୀ ସେମାନଙ୍କ ସଙ୍ଗରେ ଶ୍ରମସ୍ଥଳକୁ ଯିବ ଏବଂ ଗାଣ୍ଡୁଆରେ ମାଟି ଭର୍ତ୍ତିକରି ବୋହିବା ଲୋକଙ୍କ ମୁଣ୍ଡକୁ ଦେବ । ପ୍ରଥମଥର ପାଇଁ ଘରୁ ବାହାରି ଏତିକି ଯେ ସେ କଲା, ତାହା କିଛି କମ୍ ନୁହେଁ । ସେହିଦିନ ଠାରୁ ମୋ ସ୍ତ୍ରୀ ପରିବର୍ତ୍ତନ ହେବାକୁ ଲାଗିଲେ । ମୁଁ ଅନୁଭବ କଲି, ତାଙ୍କୁ ଏଣିକି ବଡ଼ବଡ଼ ସଭାସମିତିକୁ ନେବାକୁ ହେବ । ବାହାରକୁ ଗଲେ ଆପେଆପେ ସବୁକଥା ସେ ଜାଣିଯିବେ । ବହୁ ଲୋକଙ୍କ ସାଙ୍ଗରେ ମିଶିଲେ ବହୁକଥା ଜାଣି ପାରିବେ ଏବଂ ମୋ ସାଙ୍ଗରେ ପାଦ ମିଳାଇ ଚାଲି ପାରିବେ । ଆଉ କାମ କରିବାକୁ ଅସୁବିଧା ହେବନାହିଁ । ଆମ ଗାଁର ସର୍ବୋଦୟ ଶ୍ରମଶିବିର ମୋ ସ୍ତ୍ରୀର ପୁନର୍ଜନ୍ମ ଘଟାଇଲା ଭଳି ତାଙ୍କ ଉପରେ ପ୍ରଭାବ ପକାଇଲା । ତା ପରଠାରୁ ଜୀବନରେ ସେ ଆଉ ସର୍ବସାଧାରଣ କାମକରିବା ପାଇଁ ପଛାଇ ନାହାଁନ୍ତି । ତାଙ୍କୁ ଦୁଇଥର ସର୍ବୋଦୟ ସମ୍ମିଳନୀକୁ ନେଇଥିଲି, ଥରେ ବନାରସ ଓ ଆଉଥରେ ଗୟାକୁ । ନୂଆବୋହୂ ହୋଇ ଘରକଣରେ ନରହି ସେ ଉଭୟ ଘରେ ଓ ବାହାରେ କାମ କରିବା ପାଇଁ ନିଜେ ଆଗ୍ରହୀ ହେଲେ । ଲୋକଙ୍କ ସାଙ୍ଗରେ ମିଶି କିପରି ସମାଜର କାମ କରିବାକୁ ହୁଏ, ସେ ବିଷୟରେ ସେ ଧିରେଧିରେ ଆଗକୁ ମାଡ଼ି ଚାଲିଲେ । ଏହିପରି ବହୁଦିନ ପରେ ବୋଉ ଓ ସ୍ତ୍ରୀ ରକ୍ଷଣଶୀଳତାରୁ ମୁକ୍ତ ହେଲେ ଓ ଆମେ ମା, ପୁଅ ଓ ବୋହୂ ଗୋଟିଏ ବାଟରେ ଚାଲିଲୁ ।

ସ୍ତ୍ରୀର ଅସୁସ୍ଥତା

ଏହି ଭିତରେ ମୋର ଗୋଟିଏ ପୁତ୍ରସନ୍ତାନ ଜାତ ହୋଇଥିଲା । ଘରୁ ମୋ ସ୍ତ୍ରୀ ମୋତେ ଚିଠି ଦ୍ୱାରା ଏ ବିଷୟ ଜଣାଇଥିଲେ । କିନ୍ତୁ ସେ ପୁତ୍ରଟି ୨/୩ ଦିନ ପରେ ମରିଯାଇଥିଲା । ମୋ ସ୍ତ୍ରୀ ଦେହ ସଙ୍ଗେସଙ୍ଗେ ଖରାପ ଆଡ଼କୁ ଯାଇଥିଲା । ମୁଁ ଏ ଚିଠି ପାଇଲାପରେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଘରକୁ ଯାଇ ନ ପାରି କେବଳ ଚିଠି ଦେଇଥିଲି । ସେତେବେଳେ ଘନଶ୍ୟାମ ଆମଘରେ ରହି ସମସ୍ତ ଚାଷବାସ ଦାୟିତ୍ୱ ତୁଲାଉ ଥିଲା । ମୁଁ ତା ପାଖକୁ ଲେଖିଲି ଯେ, ତୋ ନୂଆବୋଉ ଦେହ ଖରାପ ଆଡ଼କୁ ଯାଉଥିବାରୁ ତୁ ଶୀଘ୍ର ତାଙ୍କୁ କେନ୍ଦ୍ରାପଡ଼ା ଡ଼ାକ୍ତରଖାନାକୁ ନେଇ ସେଠାରେ ଡ଼ାକ୍ତରଖାନାରେ ରଖିଥିବୁ । ମୁଁ ଏହାଭିତରେ ସୁବିଧାପାଇ କେନ୍ଦ୍ରାପଡ଼ାରେ ପହଞ୍ଚିବି ଓ ତା ଦେହକଥା ବୁଝି ଆସିବି । ମୁଁ ଆଗରୁ ଜାଣିଛି, ସ୍ତ୍ରୀର ଯଦି

Digitized by srujanika@gmail.com

ପିଲା ଜନ୍ମ ହୋଇ ମରିଯାଏ, ତା ଦେହ ନିଶ୍ଚୟ ଖରାପ ହୁଏ । ପିଲା ଯଦି ବଞ୍ଚିଯାଏ, ତେବେ ଦେହ ଖରାପ ହୁଏନାହିଁ । ମୁଁ ଭାବିଲି, ସେହି ଦୃଷ୍ଟିରୁ ଓ ବିଶେଷକରି ମୋ ଅନୁପସ୍ଥିତି ଯୋଗୁଁ ତା ଦେହ ବେଶୀ ଖରାପ ହୋଇ ପାରିଥାଏ । ତେଣୁ ଶୀଘ୍ର ତାକୁ ଡ଼ାକ୍ତରଖାନାକୁ ନେଇ ଯିବାପାଇଁ ମୁଁ ଘନଶ୍ୟାମକୁ ଚିଠି ଲେଖିଥିଲି । ମୋ ଚିଠିପାଇ ଘନଶ୍ୟାମ ତା ନୂଆବୋଉକୁ କେନ୍ଦ୍ରାପଡ଼ା ଡ଼ାକ୍ତରଖାନାକୁ ନେଇ ବେଡ୍ ଆଡ଼ମିସନ୍ କରାଇଥିଲା । ମୁଁ ସୁବିଧାପାଇ ମଝିରେ ଯାଇ ସ୍ତ୍ରୀକୁ ଦେଖାକଲି ଓ ଡ଼ାକ୍ତରକୁ ପଚାରିଲି, ରୋଗଟା କଣ ? ଡ଼ାକ୍ତର କହିଲେ, ସୂତିକା ଜନିତ ରୋଗ, ରକ୍ତଶୂନ୍ୟତା ଇତ୍ୟାଦି । ଏଠି ମାସେ ଖଣ୍ଡେ ରହିଲେ ସେ ଭଲ ହୋଇଯିବେ । ମୁଁ ସେଠି ତାଙ୍କର ରହିବା ଓ ଖାଇବା ବ୍ୟବସ୍ଥା କରି ସେଉଠୁ ଆଳି ଫେରିଲି । ମୋ ସ୍ତ୍ରୀ ସେଠି ୨୦/୨୨ ଦିନ ରହି ଭଲ ଆଡ଼କୁ ଆସିବାରୁ ଘରକୁ ଫେରିଲେ । ଚିଠିଦ୍ୱାରା ମୁଁ ଏ ସମସ୍ତ କଥା ଜାଣି ଡ଼ାକ୍ତରଙ୍କ ଚିକିତ୍ସାନୁସାରେ ଚଳିବା ପାଇଁ ତାଙ୍କୁ ଜଣାଇ ଦେଲି । ବିନୋବାଙ୍କ ଆଳି ପୋଗ୍ରାମ୍ ପାଖେଇ ଆସିଥିବାରୁ ମୁଁ ଘରକୁ ଆସିପାରୁ ନଥାଏ । ଯାହାକିଛି ଚିଠିପତ୍ର ଦ୍ୱାରା ଜାଣୁଥାଏ ।

ବଡ଼ତୋଟାରେ ସର୍ବୋଦୟ ଶ୍ରମ ଶିବିର

ବଡତୋଟା-ଛପାଲି ଅଞ୍ଚଳରେ ଯେଉଁ ପ୍ରଗତିଶୀଳ ଯୁବକମାନେ ଆଗେଇ ଆସିଲେ, ସେମାନଙ୍କୁ ନେଇ ସେଠି ଗୋଟିଏ ସର୍ବୋଦୟ ଶ୍ରମଶିବିର ପକାଇବାକୁ ଆମେ ସ୍ଥିର କଲୁ । ତିନିଦିନ ଧରି ଶିବିର ଚାଲିବା ଠିକ୍ ହେଲା । ବିଭିନ୍ନ ଆଡ଼ୁ କର୍ମୀମାନଙ୍କୁ ସେଠାକୁ ନିମନ୍ତ୍ରଣ କରାଗଲା । ଆମ ସବଡ଼ିଭିଜନ୍ ସ୍ତରରେ ଚନ୍ତାମଣି ଭାଇଙ୍କୁ ନେଇ ଯେଉଁ ସର୍ବୋଦୟ ମଣ୍ଡଳ ଗଠନ କରାଯାଇଥିଲା, ସେମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଗଲା । ବଡ଼ତୋଟାର କର୍ମୀମାନେ ଖୁବ୍ ଜୋରରେ ଚାନ୍ଦାଭେଦା ଆଦାୟ ଇତ୍ୟାଦି କାମରେ ଲାଗିଗଲେ । ଆଦାୟ ମଧ୍ୟ ଖୁବ୍ ହେଲା । ନିର୍ଦ୍ଦିଷ୍ଟ ଦିନ କର୍ମୀମାନେ ଉପସ୍ଥିତ ହେଲେ । ଗାଁର କର୍ମୀ ଓ ବାହାର କର୍ମୀ ମିଶି ପ୍ରାୟ ୫୦ ଜଣ ଉପସ୍ଥିତ ହେଲେ । ସକାଳ ୫ଟାରୁ ୭ଟା ପର୍ଯ୍ୟନ୍ତ ପ୍ରାର୍ଥନା ଓ ନିତ୍ୟକର୍ମ ସମାପନ ଓ ତତ୍ପରେ ସକାଳର ଖେଚୁଡ଼ି ଭୋଜନ ସାରି ଆମେ ଶ୍ରମଦାନ କରିବାକୁ ବାହାରି ଯାଉଥିଲୁ । ଗ୍ରାମବାସୀଙ୍କ କହିବା ଅନୁଯାୟୀ ନିର୍ଦ୍ଦିଷ୍ଟ ଜାଗାକୁ ଯାଇ ଆମେ ମାଟି ବୋହୁଥିଲୁ । ସମସ୍ତଙ୍କ ଭିତରେ ଉତ୍ସାହ ବଢ଼ାଇବାକୁ ଆମ ସଙ୍ଗରେ ଥିବା ସୁରେଶ ଭାଇ (ମଧୁସାଗରର ଶିକ୍ଷକ ସୁରେଶ ଚନ୍ଦ୍ର ସ୍ୱାଇଁ) ଗୀତଗାନ କରୁଥିଲେ । ସେ ଗୀତ ଲୋକଙ୍କ ଉତ୍ସାହ ବଢ଼ାଉଥିଲା । ୧୧ଟା ବେଳକୁ ଶ୍ରମ ସାରି ଶିବିରକୁ ଆସୁଥିଲୁ । ୧୨ଟାରେ ଖାଇସାରି ବିଶ୍ରାମ ନେଉଥିଲୁ । ୨ଟାରେ ଆଲୋଚନା ସଭା ବସୁଥିଲା । ଏଥିରେ କର୍ମୀମାନଙ୍କ ସମେତ ୩/୪ ଖଣ୍ଡ ଗ୍ରାମର ଲୋକେ ଭାଗ ନେଉଥିଲେ । ଗାନ୍ଧିଙ୍କ ରାମରାଜ୍ୟ ଓ ବିନୋବାଙ୍କ ଗ୍ରାମ ସ୍ୱରାଜ ସହିତ ସର୍ବୋଦୟ ସମାଜ କରିଆରେ ଲୋକଙ୍କର କିପରି ଦୁଃଖଦୈନ୍ୟ ଘୁଞ୍ଚିବ, ସେସବୁ ବିଷୟରେ ଆଲୋଚନା ହେଉଥିଲା । ଜାତିଗତ ସମସ୍ୟା ବିଶେଷକରି ଏ ଛତରଖିଆ ଜାତି କିପରି ଓ କାହିଁକି ସୃଷ୍ଟି ହୋଇଥିଲା ଓ ଏହାର ଧ୍ୱଂସ କିପରି ଶୀଘ୍ର ଅନିବାର୍ଯ୍ୟ ହୋଇପଡ଼ିଛି, ସେବିଷୟରେ

Digitized by srujanika@gmail.com

ମଧ୍ୟ ବିଶଦ୍ ଆଲୋଚନା ହେଉଥିଲା । ଏସବୁ ପ୍ରଥାକୁ ଉଠାଇବାକୁ ହେବ, ନହେଲେ ଆମ୍ଭେମାନେ ପଛରେ ପଡ଼ିଯିବା । ସେମାନଙ୍କୁ ଆମ ସଙ୍ଗରେ ନେବାକୁ ହେବ । ଏହିପରି ପ୍ରେରଣା ସେହି ଆଲୋଚନାରୁ ମିଳୁଥିଲା । ଉଦ୍‌ଯାପନ ଦିନ ସର୍ବସାଧାରଣସଭା ହୋଇଥିଲା । ଏଥିରେ ଖ୍ରୀଷ୍ଟିୟାନ ପଡ଼ାର ଜଗବନ୍ଧୁ ସାମଲ ମଧ୍ୟ ଯୋଗ ଦେଇଥିଲେ ଓ ସଭାପତି ହୋଇଥିଲେ । ଚିନ୍ତାମଣି ଭାଇ ମୁଖ୍ୟବକ୍ତା ହୋଇଥିଲେ । ଏହି ସର୍ବୋଦୟ ଶ୍ରମ ଶିବିର ବଡ଼ତୋଟା ଅଞ୍ଚଳରେ ବଡ଼ ପ୍ରଭାବ ପକାଇଥିଲା । ବହୁ ଯୁବକ ସର୍ବୋଦୟ ପ୍ରତି ଆକୃଷ୍ଟ ହେଲେ । ଏହି ଶିବିର ପରେ ରକ୍ଷଣଶୀଳ ଲୋକେ ନିଜକୁ ପରାଜିତ ଅନୁଭବ କଲେ । ସେମାନଙ୍କର ପ୍ରତିକ୍ରିୟା ଫସର ଫାଟିଗଲା । କ୍ରମେକ୍ରମେ ଯୁବକମାନେ ସଂସ୍କାର କାର୍ଯ୍ୟରେ ଆଗେଇ ଚାଲିଲେ ।

ଖ୍ରୀଷ୍ଟିୟାନ ପଡାର ଜଗମୋହନ ସାମଲ

ଏଠାରେ ଖ୍ରୀଷ୍ଟିୟାନ୍ ପଡାର ଜଗମୋହନ ସାମଲ ବା ଜଗବନ୍ଧୁ ସାମଲଙ୍କ ବିଷୟରେ କିଛି ସୂଚନା ଦେବା ଆବଶ୍ୟକ । ଜଗବନ୍ଧୁ ବାବୁଙ୍କ ମୂଳ ଘର ଟାଙ୍ଗିବେଲାରୀ ଗ୍ରାମରେ । ତାଙ୍କ ପୂର୍ବ ପୁରୁଷ ଅଛୁଆଁ ଜାତି ବା ହରିଜନ ଥିଲେ ଓ ତାଙ୍କର ସାଙ୍ଗିଆ ଥିଲା ଶାସମଲ । ତାଙ୍କର ପୂର୍ବ ପୁରୁଷ କୌଣସି ଏକ ଉପାୟରେ ବହୁ ଧନସମ୍ପତ୍ତି ପାଇଥିଲେ । ସେହି ଦୃଷ୍ଟିରୁ ସମାଜରେ ଅଛୁଁଆ ଜାତି ଭାବେ ରହିବା ତାଙ୍କ ପକ୍ଷେ ଅସମ୍ମାନଜନକ ମନେ ହେଲା । ତେଣୁ ସେମାନେ ସେତେବେଳେ କଟକରେ ଖ୍ରୀଷ୍ଟିୟାନ୍ ଫାଦର୍‌ଙ୍କ ସଙ୍ଗରେ କଥାବାର୍ତ୍ତା କଲାପରେ ଟାଙ୍ଗିବେଲାରି ଗ୍ରାମର ଧନାଦରିଦ୍ର ସମସ୍ତେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ଏହିପରି ସେମାନେ ଅଛୁଁଆ ଜାତିରୁ ରକ୍ଷାପାଇ ଯାଇଥିଲେ । ସେ ଏପରି ଧନଶାଳୀ ଥିଲେ ଯେ, ଲୋକମାନେ ଯେତେବେଳେ କଟକ ଦେଖୁନଥିଲେ ସେତେବେଳେ ଜଗମୋହନ ସାମଲଙ୍କ ପରିବାର କଟକରେ ଜାଗା କିଣି କୋଠାଘର କରିପାରିଥିଲେ । ସେହି ଜଗମୋହନ ସାମଲଙ୍କର ଗ୍ରାମରେ ୨ତାଲା କୋଠାଘର ଥିଲା । ସେମାନେ ସମସ୍ତେ ପାଞ୍ଚଭାଇ ଥିଲେ । ସେ ଅଞ୍ଚଳରେ ଭୂଦାନ କାମ ଚାଲୁଥିବା ବେଳେ ଜଗମୋହନ ସାମଲ ଚିନ୍ତାମଣି ଭାଇ ଓ ମୋତେ ମିଶାଇ ଅନ୍ୟ ୪/୫ଜଣ କର୍ମୀଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ ଓ ଆମପାଇଁ ଭଲ ଖାଇବା ପିଇବାର ବ୍ୟବସ୍ଥା କରିଥିଲେ । ଆମ୍ଭେମାନେ ସେଠି ରହଣି ଭିତରେ ତାଙ୍କର ବଂଶାବଳୀ ସଂଗ୍ରହ କଲୁ । ଆମେ ଯେତେବେଳେ ତାଙ୍କର ବିତାଲା କୋଠାଘର ଉପରକୁ ଗଲୁ, ମୁଁ ଚିନ୍ତାମଣି ଭାଇ ଇତ୍ୟାଦିଙ୍କୁ କହିଲ. ଏହି କୋଠା ଉପରେ ଠିଆହୋଇ ଚତୁର୍ଦ୍ଦିଗକୁ ଅନେଇଲେ, ଚକ୍ଷୁ ଯେତେଦୂର ଯାଏ ଯାଉଛି, ସେ ସବୁ ଜାଗାରେ ତାଙ୍କର ନିଜର ଜମି ଥିବା ସଙ୍ଗେସଙ୍ଗେ ଧାନ ଓ ଟଙ୍କାର ମହାଜନୀ କାରବାର ଚାଲିଛି । କେବଳ ତାଙ୍କ ଗ୍ରାମ ଟାଙ୍ଗିବେଲାରିରେ ପ୍ରାୟ ୨୦୦ ଭରଣ ଧାନ ଆମଦାନୀ ହେଉଛି । ଘର ଭିତରେ ଧାନ ରଖିବାକୁ ଜାଗା ନ ହେଲେ ପଦାରେ ଉଚ୍ଚ ଜାଗାରେ ଧାନକାଣ୍ଡି କରିଥାନ୍ତି । ସେ ଧାନକାଣ୍ଡି ଖରାବର୍ଷା ଖାଇଲେ ବି ୨/୩ ବର୍ଷ ଧରି ନଷ୍ଟ ହୋଇ ନଥାଏ । ସେହି ଧାନସବୁକୁ ସେମାନେ

Digitized by srujanika@gmail.com

ଠିକ୍ ସମୟରେ ବିକ୍ରୀ କରିଥାନ୍ତି କିମ୍ବା ଲୋକମାନଙ୍କୁ ଗୌଣୀରେ ପାଏ ଲେଖା ସୁଧରେ ୩/୪ ମାସ ପାଇଁ କରଜ ଦେଇଥାନ୍ତି । ଏହିପରି ଭାବରେ ପ୍ରାୟ ତଳଘଟି ଅଞ୍ଚଳର ପ୍ରାୟ ୫୦ ସରିକି ଗ୍ରାମରେ ତାଙ୍କର କରଜ ଲାଗିଥାଏ । ଲୋକମାନେ କରଜ ନେଇ ଶୁଝି ନପାରିଲେ ତାଙ୍କର ଜମିବାଡ଼ି ସାମଲ ପରିବାରକୁ ବିକ୍ରି କରିଦେଇଥାଆନ୍ତି । ଆମଦାନୀ ହେଉଥିବା ଧାନକୁ ଖଣି ପକାଇ ମଧ୍ୟ ରଖାଯାଉଥିଲା । ଠିକ୍ ବୈଶାଖ ଓ ଜ୍ୟେଷ୍ଠମାସ ବେଳକୁ ଲୋକଙ୍କ ଘରୁ ଧାନ ସରିଯାଇଥାଏ; ସେମାନଙ୍କୁ ଖଣିଖୋଲି ସାମଲ ପରିବାର ଧାନକରଜ ଦେଇଥାନ୍ତି । କାହାର ଟଙ୍କା ଦରକାର ହେଲେ ସେ ଆସି ଖ୍ରୀଷ୍ଟିୟାନ୍ ପଡ଼ାରୁ ଶତକଡ଼ା ଟ ୨ ୫ଙ୍କା ସୁଧରେ କରଜ ନେଇଥାଏ । ମୋ ଜାଣିବାରେ ସାମଲ ପରିବାରର ଏପରି ସମ୍ଭ୍ରାନ୍ତ ଅବସ୍ଥା ୧୯୬୦-୧୯୭୦ ପର୍ଯ୍ୟନ୍ତ ବଜାୟ ରହିଥିଲା, ଅନ୍ୟପଟରେ ସେ ଅଞ୍ଚଳର ବିଭିନ୍ନ ଗ୍ରାମର ବହୁଲୋକ ନିଃସ୍ୱ ହୋଇ ପଡିଥିଲେ । ବର୍ତ୍ତମାନ କିନ୍ତୁ ସେହି ପରିବାରର ପୂର୍ବ ଅବସ୍ଥା ନାହିଁ । କୌଣସି ଗ୍ରାମରେ ଧାନଖଣି କିମ୍ବା ମହାଜନି କାରବାର ନାହିଁ, ବରଂ ତାଙ୍କର ଅବସ୍ଥା ଦିନକୁ ଦିନ ଦୟନୀୟ ଅବସ୍ଥାରେ ଗତି କରୁଛି । ଯେଉଁ ଚାରିପାଞ୍ଚ ଭାଇ ଏକାଠି ଥିଲେ, ସେମାନେ ଏବେ ପରସ୍ପର ଠାରୁ ଭିନଘର ହୋଇ ଚଳୁଛନ୍ତି । ଗ୍ରାମ ମାନଙ୍କରେ ଥିବା ଜମିସବୁକୁ ବିକ୍ରି କରି ସାରିଲେଣି । ମୋ ଜାଣିବାରେ ସେମାନଙ୍କ ଭିତରେ ଗୋଟିଏ ଭାଇ ଜଗମୋହନ ଥିଲେ ଉତ୍ତମ ଚରିତ୍ରର ଲୋକ । ସେ ସ୍ଥାନୀୟ ଗ୍ରାମଗୁଡିକର ଭଲମନ୍ଦ ଫଏସଲା କରୁଥିଲେ । ବାରଡ଼ାଙ୍ଗ ହାଇସ୍କୁଲ ତାଙ୍କରି ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା । ସେ ସ୍କୁଲ୍ ପାଇଁ ସେ ଅଞ୍ଚଳରୁ ବହୁ ଶିକ୍ଷିତ ଲୋକ ବାହାରିଛନ୍ତି । ତାଙ୍କର ଗୋଟିଏ ପୁଅ ସାନୁବାବୁ ବର୍ତ୍ତମାନ ତାଙ୍କ ଭଳି କେତେକ ଉନ୍ନତିମୂଳକ କାମ କରୁଛନ୍ତି । ତାଙ୍କର ମୋ ସହିତ ଭଲ ପରିଚୟ ଥିଲା । ଶୁଣିଛି, ସେ ବଡ଼ତୋଟା ଛପାଲି ପାଖରେ ଗୋଟିଏ ହାଇସ୍କୁଲ କରିଛନ୍ତି । ଶ୍ରୀଧର ସାମଲ ବୋଲି ଗୋଟିଏ ଭଲ ପିଲା ମଧ୍ୟ ସେହି ପରିବାରରୁ ବାହାରିଥିଲା । ଏହିପରି ଭାବରେ ଜଗମୋହନଙ୍କ ବଂଶର ଅବସ୍ଥା ଉତ୍‌ଥାନ-ପତନ ଭିତରେ ଗତିକରିଛି । ଏହାକୁ ଦେଖି ଭାଗବତର ଗୋଟିଏ ବାଣୀ ମନେପଡ଼େ, ଅଧର୍ମ ବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ । ତାଙ୍କ ବଂଶଙ୍କ ଭିତରେ ମୋର ବହୁ ଲୋକଙ୍କ ସହିତ ବହୁତ ସମ୍ପର୍କ ଥିଲା ।

ଆମ ଅଞ୍ଚଳରେ ଛତରଖିଆ ପ୍ରଥା

ମୁଁ ଶୁଣିଥିଲି, ୧୮୬୬ ମସିହାରେ ଆମ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । ସେତେବେଳେ ଖାଦ୍ୟ ବିନା ବହୁ ଲୋକ ମରିଗଲେ । ସେହି ଘଟଣାର ସୁଯୋଗ ନେଇ ଇଂରେଜ ସରକାର ଓଡ଼ିଶାର କେତେକ ଅଞ୍ଚଳରେ 'ଖାଦ୍ୟ ବଦଳରେ କାମ' ସ୍କିମ୍ ଭଳି କେନାଲ ଖୋଳା କାର୍ଯ୍ୟକ୍ରମ ଆରମ୍ଭ କଲେ । ଆମ ଅଞ୍ଚଳରେ ସେହି ସମୟରେ ଜମ୍ବୁ କେନାଲ ଖୋଳା ହେଲା ଓ ଲୋକଙ୍କୁ ଖାଇବାକୁ ଦେବାପାଇଁ ଅନ୍ନଛତ୍ରମାନ ଖୋଲିଲା । କେତେକ ଗ୍ରାମର କିଛି ଲୋକ ଜୀବନ ବିକଳରେ ଅନ୍ନଛତ୍ରରେ ପହଞ୍ଚି କେନାଲ ଖୋଳା କାମ କରୁଥିଲେ । କିନ୍ତୁ ସେତେବେଳେ ଜାତିପ୍ରଥା ଏତେ ଉତ୍କଟ ଥିଲା ଯେ ଯେଉଁମାନେ ଅନ୍ନଛତ୍ରରେ ଖାଇଲେ,

Digitized by srujanika@gmail.com

ସେମାନେ ଜାତିରୁ ବାହାରିଯିବା ପାଇଁ ଜାତିଭାଇଙ୍କ ମୁଖିଆ ନିର୍ଦ୍ଦେଶ ଦେଲେ । ତେଣୁ ବିଭିନ୍ନ ଜାତିର ଯେଉଁ ଲୋକମାନେ ଅନ୍ନଛତ୍ରରେ ଯୋଗ ଦେଇଥିଲେ, ସେମାନଙ୍କୁ ସବୁଦିନ ପାଇଁ ନିଜନିଜ ମୂଳଜାତିରୁ ବହିଷ୍କାର କରି ଦିଆଗଲା ଏବଂ ସେମାନେ ଛତରଖିଆ ବୋଲି ନୂଆକରି ଏକ ଇତର ଏବଂ ଅସ୍ପୃଶ୍ୟ ଜାତିରେ ପରିଣତ ହୋଇଗଲେ । ସେହି ଛତରଖିଆ ଜାତିର ଲୋକେ କେବଳ ନିଜଭିତରେ ହିଁ ବିଭାଘର ଓ ଅନ୍ୟାନ୍ୟ କାରବାର କରୁଥିଲେ । ବିଭିନ୍ନ ଗ୍ରାମରେ ଏହି ଛତରଖିଆ ଜାତିର ଲୋକଙ୍କୁ ଅଳ୍ପବହୁତେ ଦେଖିବାକୁ ମିଳୁଥିଲା ।

ଛତରଖିଆ ପ୍ରଥା ବିରୁଦ୍ଧରେ ଅଭିଯାନ

୧୯୪୮ ମସିହା କଥା । ଓଡିଶାରେ ଭୂଦାନଯଜ୍ଞ ବିଧିବଦ୍ଧଭାବେ ଆରମ୍ଭ ହେବା ପୂର୍ବରୁ ଓଡ଼ିଶା ସର୍ବୋଦୟ ମଣ୍ଡଳ ଜରିଆରେ ଆମେ ମଧୁସାଗର ବିଦ୍ୟାପୀଠକୁ କେନ୍ଦ୍ରକରି କେନ୍ଦ୍ରାପଡ଼ା ସବ୍‌ଡିଭିଜନ ପାଇଁ ଗୋଟିଏ ସର୍ବୋଦୟ ମଣ୍ଡଳ ଗଢ଼ିଥିଲୁ । ମୁଁ ମହାକାଳପଡ଼ା ଓ ପାଟକୁରା ଅଞ୍ଚଳର ଦାୟିତ୍ୱ ନେଇଥିଲି । କର୍ମୀ ଯୋଗାଡ଼ କରିବା ଓ ଠାଏଠାଏ ସର୍ବୋଦୟ ଶ୍ରମଶିବିର ସ୍ଥାପନ କରିବା ଥିଲା ମୋର ମୁଖ୍ୟ ଦାୟିତ୍ୱ । ସେହି ଘଟଣାକ୍ରମରେ ମୁଁ ବଡ଼ତୋଟା ଗ୍ରାମକୁ ଯାଇଥିଲି । ରହଣି ଭିତରେ ଜାଣିବାକୁ ପାଇଲି ଯେ, ସେ ଗ୍ରାମରେ ଛତରଖିଆ ଜାତିର ଲୋକ ଅଛନ୍ତି, ଯାହାଙ୍କୁ କେହି ଛୁଉଁ ନଥିଲେ, ସେମାନଙ୍କ ସହ ବଂଧୁତା କି ଖିଆପିଆ କରିବା ଅତି ଦୂରର କଥା । ମୁଁ ସେଠି ରହିବା ଭିତରେ ଏହି କୁସଂସ୍କାରକୁ କିପରି ଉଠାଇବାକୁ ହେବ, ସେ ବିଷୟ ଚିନ୍ତାକରି ଗାଁର ଯୁବକମାନଙ୍କୁ ଡ଼କାଇ ଏକ ସର୍ବୋଦୟ ମଣ୍ଡଳ ଗଠନ କଲୁ । କେତେକ ଶିକ୍ଷିତ ଯୁବକ, ଯଥା ବିଷ୍ଣୁଚରଣ ରାଉତ, ଦିବାକର ସାମଲ, ଚକ୍ରଧର ରାଉତ, ଇସାକ୍ ମିଆଁ ଓ ଧ୍ରୁବଚରଣ ପ୍ରମୁଖ ୨୦/୨୫ ଜଣ ଯୁବକ ଏହାର ସଭ୍ୟ ରହିଲେ । ସେମାନଙ୍କ ଭିତରେ ଦୁଇଜଣ ଛତରଖିଆ ଯୁବକ ମଧ୍ୟ ଥିଲେ । ଅଜାତି ବୋଲାଉଥିବା ଛତରଖିଆ ଶ୍ରେଣୀର ଲୋକଙ୍କୁ କିପରି ଆମ ସଙ୍ଗରେ ନେବାକୁ ହେବ, ସେ ବିଷୟ ଆଲୋଚନା ହେଲା । କିନ୍ତୁ ବହୁଦିନରୁ ଏ ପ୍ରଥା ଚଳି ଆସିଥିବାରୁ ଏବଂ ଲୋକମାନେ ଏଥିରେ ଅଭ୍ୟସ୍ତ ହୋଇଯାଇଥିବାରୁ ଯାକୁ ବଦଳାଇବା ବଡ଼ କଷ୍ଟକର ଜଣା ପଡୁଥିଲା । ତେଣୁ ମୁଁ ସେଠି ପ୍ରସ୍ତାବ ଦେଲି, ବଡ଼ତୋଟାରେ ପ୍ରଥମେ ମୁଁ ଏକାକୀ ଛତରଖିଆଙ୍କ ଘରେ ଖାଇବି । ଏହି ପ୍ରସ୍ତାବ ଅନୁଯାୟୀ ମୁଁ ଯେମିତି ତାଙ୍କ ଘରେ ଖାଇଛି, ଗାଁର ରକ୍ଷଣଶୀଳ ଲୋକମାନେ ଚିହିଁକି ଉଠିଲେ । ବରାବର ଗାଁରେ ଆଲୋଡନ ଲାଗିରହି ଗାଁ ଉଠିଲା ଓ ପଡ଼ିଲା । ଯେଉଁ ଯୁବକମାନେ ଆମ ସଙ୍ଗରେ ଥିଲେ ସେମାନେ ମଧ୍ୟ ନିଜ ମୁରବୀମାନଙ୍କୁ ଏହି କୁପ୍ରଥା ବିରୁଦ୍ଧରେ ବୁଝାଇବାକୁ ଲାଗିଲେ, କିନ୍ତୁ ଫଳତଃ ପ୍ରତ୍ୟେକଙ୍କ ଘରେ ପାଟିତୁଣ୍ଡ ଲାଗିରହିଲା । ଯୁବକର୍ମୀମାନେ କଥାଟିକୁ ଠିକ୍ ଭାବରେ ବୁଝିଥିବାରୁ ସେମାନେ ମଧ୍ୟ ଛତରଖିଆଙ୍କ ଘରେ ଖାଇବା ଆରମ୍ଭ କଲେ ଓ ସେମାନଙ୍କ ସଙ୍ଗରେ ମିଳାମିଶା ଓ କାରବାର କରି ଚାଲିଲେ । ସେ ଗାଁରେ ଆମ ପ୍ରଧାନ (ଚଷା) ଜାତିର ଲୋକେ ବେଶୀ ସଂଖ୍ୟାରେ ଥିଲେ, କିନ୍ତୁ ଏହି ଘଟଣାକୁ କେନ୍ଦ୍ରକରି ଦୁଇଫାଙ୍କ ହୋଇଗଲେ । ଗୋଟିଏ ରାଉତ ପରିବାର ଯେ କି ସଂପତ୍ତିବାନ୍, ନାମଜାଦା ଅଥଚ ରକ୍ଷଣଶୀଳ ଥିଲେ, ତାଙ୍କରି ଭିତରୁ ଜଣେ ଶିକ୍ଷିତ

Digitized by srujanika@gmail.com

ଯୁବକ ବିଷ୍ଣୁଚରଣ ଆମ ସଂଗଠନରେ ଏକ ଆଗୁଆ ଓ ନିଷ୍ଠାବାନ୍ କର୍ମୀ ରୂପେ ରହିଲେ । ବିଷ୍ଣୁଚରଣ ସଂସ୍କାରପନ୍ଥୀ ଶିବିରରେ ରହିଲେ, କିନ୍ତୁ ପରିବାରର ମୁରବୀମାନେ ରକ୍ଷଣଶୀଳଙ୍କ ପଟରେ । ବଡତୋଟା ଗ୍ରାମରେ ଏପ୍ରକାର ଦୋମେଳିଆ ପରିସ୍ଥିତି ଲାଗି ରହିଥିବା ବେଳେ ଆମ ସଂଗଠନ ତରଫରୁ ସେଠାରେ ଏକ ସର୍ବୋଦୟ ଶ୍ରମ ଶିବିର ଆୟୋଜନ କରାଗଲା । ମଧୁସାଗର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଚିନ୍ତାମଣି ସ୍ୱାଇଁ ସେଥିରେ ମୁଖ୍ୟବକ୍ତା ଥିଲେ । ସେହି ଶିବିର ସେ ଅଞ୍ଚଳ ସାରା ବେଶ୍ ପ୍ରଭାବ ପକାଇଥିଲା । ବହୁ ଯୁବକ ଆମ ଆଦର୍ଶ ପ୍ରତି ଆକୃଷ୍ଟ ହେଲେ, ଏବଂ ଅନ୍ୟପକ୍ଷରେ ରକ୍ଷଣଶୀଳ ଗୋଷ୍ଠୀ ନିଜକୁ ପରାଜିତ ଅନୁଭବ କଲେ, ଓ ସେମାନଙ୍କର ପ୍ରତିକ୍ରିୟା ଫସର ଫାଟିଗଲା । କିଛିଦିନ ପରେ ଦେଖାଗଲା ଯେ, ଯେଉଁ ଯୁବକମାନେ ସାହାସ କରି ପ୍ରଥମେ ଛତରଖିଆଙ୍କ ଘରେ ଖାଇ ତିରସ୍କୃତ ହୋଇଥିଲେ, ସେମାନଙ୍କୁ ମଧ୍ୟ ଆଉ କେହି ଖରାପ କହିଲେ ନାହିଁ । ଏହିପରି କ୍ରମେକ୍ରମେ ଲୋକଙ୍କ ମନରୁ ଛତରଖିଆଙ୍କ ଘରେ ଖାଇବାପିଇବା ନେଇ ରହିଥିବା ବାରଣ କୁଆଡେ ମିଳେଇଗଲା ।

ଛତରଖିଆ ଘରେ ବୈବାହିକ ସଂପର୍କ

ଏହାର କିଛି ବର୍ଷ ପରେ ମୁଁ ଭାବିଲି, ଛତରଖିଆଙ୍କ ଘରେ ଖାଇବା ପିଇବା ସିନା ହୋଇଗଲା, କିନ୍ତୁ ସେମାନେ ଆମ ସଙ୍ଗରେ ସବୁଦିନ ପାଇଁ ମିଶିଯିବାକୁ ହେଲେ ତଥା ଛତରଖିଆ ନାଁ ପୁରାପୁରି ଉଠେଇ ଦେବାକୁ ହେଲେ ସେମାନଙ୍କ ସହ ଆମ୍ଭମାନଙ୍କର ବିଭାଘର ସଂପର୍କ ଜରୁରୀ । ପୁଣି ଭାବିଲି, ପ୍ରଥମେ ତ କେହି ସେମାନଙ୍କ ଘରେ ଝିଅ ଦେବାକୁ ରାଜିହେବେ ନାହିଁ; ହୁଏତ୍ କେହି ବ୍ୟକ୍ତି ସେମାନଙ୍କ ଘରୁ ଝିଅ ଆଣିବାକୁ ରାଜି ହୋଇପାରନ୍ତି । ତେଣୁ ଗୋଟିଏ ପୁଅ ଯୋଗାଡ଼ କରିବାକୁ ପଡ଼ିବ, ଯେକି ଛତରଖିଆ ଘରର ଝିଅକୁ ବାହାହେବ । ଏହି କଥା ବଡ଼ତୋଟା କର୍ମୀମାନଙ୍କ ଭିତରେ ଆଲୋଚନା କଲୁ । ତାପରେ ଆମ ଗ୍ରାମରେ ମୋତେ ସହଯୋଗ କରୁଥିବା ଦୁଇ କର୍ମୀ ବୁଲେଇ ନାୟକ ଓ ନିଶାମଣି ରାଉତ, ଯେଉଁମାନଙ୍କର ବଡ଼ତୋଟାରେ ବନ୍ଧୁଘର ଥିଲା, ସେମାନଙ୍କ ସହ ମିଶି ମୁଁ ପୁଅ ଯୋଗାଡ଼ରେ ରହିଲି । ଆମପଡ଼ାର ଜଣେ ନେତ୍ର ନାୟକ, ଯେକି ନିଜର ସମସ୍ତ ଜମିକୁ ବିକ୍ରି କରି ନିଃସ୍ୱ ହୋଇପଡିଥିଲା, ତାର ଗୋଟିଏ ପୁଅ ଥିଲା ଘନଶ୍ୟାମ । ଘନଶ୍ୟାମକୁ ୩୦ବର୍ଷ ହୋଇଗଲା ପରେ ବି ତାକୁ କେହି ଝିଅ ଦେବାକୁ ରାଜି ନଥିଲେ, କାରଣ ତାର ଜମିବାଡ଼ି ଆଦୌ ନଥିଲା । ତାକୁ ଡ଼କାଇ ଆମେ ବୁଝାଇଲୁ ଯେ, ଝିଅଟି ଖୁବ୍ ଭଲ, କେବଳ ଯାହା ଛତରଖିଆ ଜାତିରେ ତା'ର ଜନ୍ମ । ତା ମନୋଭାବରୁ ବୁଝିଲୁ, ସେ ନିଜେ ଭିତରେ ରାଜି ଅଛି, କେବଳ ବାପା ରାଜି ହେବେ ନି ବୋଲି ଖୋଲାଖୋଲି ମନକଥା କହିପାରୁନି । ତାପରେ ମୁଁ ସିଧା ତା ବାପାଙ୍କୁ ଏକଥା ପଚାରନ୍ତେ, ସେ କହିଲେ, ଯଦି ଜାତିଭାଇ ଅନୁମତି ଦେବେ, ତେବେ ତାଙ୍କର ଆପତ୍ତି ନାହିଁ । ମୁଁ ହରିଜନ ଘରେ ଖାଇବା ଓ ଅନ୍ୟାନ୍ୟ ଜାତିଆଣ କଟକଣାକୁ ଲଂଘନ କରିଥିବାରୁ ଜାତିଭାଇଙ୍କର ମୋ ପ୍ରତି ଭିତରେ ଭିତରେ ରାଗ ଥିଲା ।

Digitized by srujanika@gmail.com

ତଥାପି ମୁଁ ଦୁଇ ଦାଦାଙ୍କ ସମେତ ସବୁ ଜାତିଭାଇମାନଙ୍କୁ ଡ଼କାଇଲି । ବହୁ ବାଦାନୁବାଦ ପରେ ଅନୁଭବ କଲି, ସେମାନେ ଏ ପ୍ରସ୍ତାବରେ ପୁରା ନାରାଜ । ତେଣୁ ଆମେ ସେମାନଙ୍କ ଆଶା ଛାଡ଼ି ପୁଣି ଘନଶ୍ୟାମ ସଙ୍ଗରେ କଥାବାର୍ତ୍ତା ହେଲୁ । ଘନଶ୍ୟାମର ତ ବିଭାହେବାକୁ ମନ ଥିଲା । ସେ ଆଙ୍ଗୁପାଙ୍ଗୁ ହୋଇ କହିଲା, ମୋତେ ଯଦି ସାହାଯ୍ୟ କରିବ, ତାହେଲେ ମୁଁ ବିବାହ କରିବି । ଘନଶ୍ୟାମ ଠାରୁ ଏହି ଜବାବ ପାଇ ଆମେ ବଡ଼ତୋଟାର ଛତରଖିଆ ଜାତିର ଆମର ସହକର୍ମୀ ଦିବାକର ଭାଇଙ୍କ ସହିତ କଥାବାର୍ତ୍ତା କଲୁ । ତାଙ୍କ ମାମୁଁ ଝିଅ ଭଉଣୀ ଥିଲା ସେହି ଗ୍ରାମରେ । ସେ ସଙ୍ଗେ ସଙ୍ଗେ ମାମୁଁଙ୍କୁ ଡ଼ାକି ତାଙ୍କ ଝିଅର ବିଭାଘର ପ୍ରସ୍ତାବ ସପକ୍ଷରେ ସମ୍ମତି ନେଇଆସିଲେ ।

ରକ୍ଷଣଶୀଳ ଗୋଷ୍ଠୀଙ୍କ ଷଡଯନ୍ତ୍ର

ଠିକ୍ ହେଲା, ବିଭାଘର ଦିନ ବୋହୁ ଚାଲି କରି ଆମ ଗ୍ରାମକୁ ଆସିବ । ତାଙ୍କ ସଙ୍ଗରେ ଦିବାକର ଭାଇ ଓ ଆମଗ୍ରାମର ନିଶାମଣି ରାଉତ ଓ ବୁଲେଇ ନାୟକ ଆସିବେ । ସେତେବେଳକୁ ଆମ ଗାଁରେ ହୁଲସ୍ଥୁଲ୍ ପଡ଼ିଯାଇଥାଏ- ନରୋତ୍ତମ ବେହେରା ଘନଶ୍ୟାମ ନାୟକକୁ ଗୋଟିଏ ଛତରଖିଆ ଘରେ ବିଭାଘର କରାଉଛି, ସେ ଆମଗ୍ରାମର ମାନମର୍ଯ୍ୟାଦା ଓ ଜାତିଗୋତ୍ର କିଛି ରଖିବ ନାହି, ସମସ୍ତଙ୍କୁ ଅଜାତିଆ କରି ଛାଡ଼ିବ ଇତ୍ୟାଦି । ବିଭାଘରର ନିର୍ଦ୍ଦିଷ୍ଟ ଦିନ ପହଞ୍ଚିଲା । ସେଦିନ ଆମ ଗ୍ରାମରେ ଚାରି ପାଞ୍ଚଟା ଦାଣ୍ଡ ବିଭାଘର ଓ ୨/୩ଟା ତୋଳାକନ୍ୟା ବିଭାଘର ଥାଏ । ସେଥିପାଇଁ ବାହାର ଗ୍ରାମମାନଙ୍କରୁ ବହୁ ବରଯାତ୍ରୀ ସମାଗମ ହୋଇଥାନ୍ତି । ମୁଁ ଶୁଣିବାକୁ ପାଇଲି, ଜାତିଭାଇମାନେ ଘନଶ୍ୟାମକୁ ବିଭାଘର କରାଇଦେବେ ନାହିଁ ଓ ସେଥିପାଇଁ ତାକୁ ଅନ୍ୟଜାଗାରେ ଲୁଚାଇ ରଖିଛନ୍ତି । ମୁଁ ଏ ସୁରାକ୍ ପାଇ ତା ପାଖକୁ ଖବର ଦେଲି ଆମ ଘରକୁ ଆସିବା ପାଇଁ । ତାର ତ ପୁରା ଇଚ୍ଛା ଥିଲା ! ସେ ଖବର ପାଇବା ମାତ୍ରେ ଲୁଚିକରି ଆମ ଘରକୁ ଚାଲି ଆସିଲା । ତାକୁ ସ୍ପଷ୍ଟଭାବେ କହିଲି, ଏ ବିଭାଘର ମୁଁ କରିବାକୁ ଯାଉଛି, ଏଥିରେ ଯାହା ବାଧାବିଘ୍ନ ଆସିବ, ମୁଁ ସାମନା କରିବି, ତୋର କେହି କିଛି କରି ପାରିବେ ନାହିଁ । ବୋଉକୁ କହିଲି, ଘନଶ୍ୟାମ ବିଭାଘର ସରିବା ପର୍ଯ୍ୟନ୍ତ ତୁ ତାକୁ ଏଠାରେ ଜଗି ରହିବୁ, ଅନ୍ୟତ୍ର ଛାଡ଼ିବୁ ନାହିଁ । ମୁଁ ଦେଖିଲି, ଗାଁର ଯେଉଁ କେତେଜଣ ଯୁବକ ମୋତେ ବିଭିନ୍ନ ସଂସ୍କାର-କାର୍ଯ୍ୟରେ ସହଯୋଗ କରୁଥିଲେ, ସେମାନେ ମଧ୍ୟ ନିଜନିଜ ଅଭିଭାବକଙ୍କ ଚାପର ବଶବର୍ତ୍ତୀ ହୋଇ ନୀରବଦ୍ରଷ୍ଟା ସାଜିଛନ୍ତି । ପୁଣି ଆମ ସାହିର ମୋ ଦୁଇ ଦାଦା ଉପେନ୍ଦ୍ର ବେହେରା ଓ ବ୍ରଜବଂଧୁ ବେହେରା ଓ ଅନ୍ୟ ଦାଦାମାନେ ଭିତରେ ଭିତରେ ଏହି ବିଭାଘର ବିରୁଦ୍ଧରେ ଲୋକଙ୍କୁ ମତାଉଥିଲେ । ସେ ଦିନ ମୁଁ ଅନୁଭବ କଲି, ମୋ ସ୍ତ୍ରୀ ଓ ବୋଉ ବ୍ୟତୀତ ଆମ ସାହିରେ ଆଉ କେହି ନାହାଁନ୍ତି ମୋ ସମର୍ଥନରେ ପଦେ କହିବା ପାଇଁ । ଏହି ସୁଯୋଗରେ ପ୍ରତିପକ୍ଷର ଲୋକେ ମୋ ସହିତ ଗଣ୍ଡଗୋଳ କରି ବାହାଘରକୁ ଭଣ୍ଡୁର କରିବା ପାଇଁ ଏକ ଚକ୍ରାନ୍ତ ପ୍ରସ୍ତୁତ କରିସାରିଥିଲେ ।

Digitized by srujanika@gmail.com

ଘନଶ୍ୟାମ ସହ ଛତରଣିଆ ଝିଅର ବିବାହ ସଂପନ୍ନ

ବିରୋଧୀ ଗୋଷ୍ଠୀ ଭାବଥିଲେ, ବୋହୂକୁ ଯେମିତି ହେଲେ ଘନଶ୍ୟାମ ଘରକୁ ଅଣାଯିବ, ତେଣୁ ସେମାନେ ୨/୩ ଦଳରେ ବିଭକ୍ତ ହୋଇ ଠେଙ୍ଗାବାଡ଼ି ଧରି ବିଭିନ୍ନ ଲୋକଙ୍କ ପିଣ୍ଡାରେ ଛକି ବସିବେ ; ଘର ଭିତରେ ମଧ୍ୟ ଗୋଟିଏ ଦଳ ରହିବେ । ଆମେ ସେଠାକୁ ବୋହୂପକ୍ଷର ଲୋକଙ୍କୁ ନେଇ ଗଲେ ସେମାନେ ଆମକୁ ମାରଧର କରି ସମସ୍ତଙ୍କୁ ଘଉଡାଇ ଦେବେ । ଅଜାମ୍ବର ବେହେରାଙ୍କ ସ୍ତ୍ରୀ, ଯାହାଙ୍କୁ ଆମେସବୁ ସାନ ମା ବୋଲି ଡ଼ାକୁଥିଲୁ ଏବଂ ଯେ ମୋତେ ଭଲ ପାଉଥିଲେ, ସେ ମଧ୍ୟ ମୋତେ ଏବିଷୟରେ ଗୁପ୍ତରେ ସୁରାକ୍ ଦେବା ସହିତ ମୋତେ ସାବଧାନ ରହିବା ପାଇଁ ହୁସିଆର କରିଦେଲେ । ମୁଁ ଏ କଥା ଶୁଣିବା ପରେ ହଠାତ୍ ଏକ ଉପାୟ ମୁଣ୍ଡକୁ ଜୁଟିଲା- ବୋହୂକୁ ପୁଅ ଘରକୁ ନନେଇ ସିଧା ଆମ ଘରକୁ ଘେନି ଆସିଲେ ସେମାନେ ଗଣ୍ଡଗୋଳ କରିବା ପାଇଁ ସୁଯୋଗ ପାଇବେନି । ମୁଁ ଆସି ସଙ୍ଗେସଙ୍ଗେ ବୋଉ ଓ ସ୍ତ୍ରୀକୁ ଏହି ଯୋଜନା ବିଷୟରେ ଜଣାଇଲି । ବୋହୂର ଗତିପଥ ବଦଳା ଯାଇଛି ବୋଲି କେହି ଜାଣି ନଥାନ୍ତି, କେବଳ ଆମ ଘର ଛଡ଼ା । ମୋ ସ୍ତ୍ରୀ, ଯେ କି ନିକଟରେ ବରା-ରାମଚନ୍ଦ୍ରପୁରରେ ରମାଦେବୀଙ୍କ ନିକଟରୁ ଟ୍ରେନିଂ ପାଇ ଫେରିଥାନ୍ତି, ତାଙ୍କୁ କହିଲି, ତମକୁ ବର୍ତ୍ତମାନ ମୋ ସାଙ୍ଗରେ ବାହାରିବାକୁ ପଡ଼ିବ । ଦାଣ୍ଡର ଦୁଇପାଖରେ ଦୁଇ ଦାଦା ଓ ଗାଁର ମୁଖିଆ ଲୋକେ ବସିଛନ୍ତି । ସେମାନଙ୍କ ସମ୍ମୁଖରେ ବୀରାଙ୍ଗନା ଭଳି ଲଜ୍ୟାକୁ ଦୂରକରି ତୁମକୁ ଯିବାକୁ ହେବ ଏବଂ ବୋହୂକୁ ବାଟରୁ ବନ୍ଦାଇ ଆଣି ସଙ୍ଗେ ସଙ୍ଗେ ଆମଘରକୁ ନେଇ ଆସିବାକୁ ହେବ । ସ୍ତ୍ରୀ ଏହି ଯୋଜନା ଅନୁସାରେ ଗାଁ ମୁଣ୍ଡରୁ ବୋହୂକୁ ବନ୍ଦେଇ ଆଣିବା ପାଇଁ ମୋ ଆଗେ ଆଗେ ଚାଲିଲେ । ଆମେ ଗଲାବେଳେ ଦାଣ୍ଡର ଦୁଇପଟରେ ଭରପୂର ହୋଇଥିବା ଜନସମାଗମ ଭିତରୁ କେହିକେହି ବଡପାଟିରେ ଥଟ୍ଟା ପରିହାସ କରୁଥାନ୍ତି । ଆମେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ଠିକ୍ ସମୟରେ ଯାଇ ଗାଁ ମୁଣ୍ଡରେ କନ୍ୟାପକ୍ଷଙ୍କୁ ସମ୍ବର୍ଦ୍ଧନା ଜଣାଇବା ସଙ୍ଗେସଙ୍ଗେ ଚୁପ୍‌କରେ ଗାଁର ପରିସ୍ଥିତି ଓ ପରିବର୍ତ୍ତିତ ଗତିପଥ ବିଷୟରେ ଜଣାଇଦେଲୁ । ମୁଁ ସବା ଆଗରେ, ତାପରେ ମୋ ସ୍ତ୍ରୀ ଏବଂ ତାପଛକୁ କନ୍ୟାପକ୍ଷର ଲୋକ ଦଳବଦ୍ଧ ହୋଇ ଗାଁ ଭିତରକୁ ଆଗେଇଲୁ । ଆମେ ଗାଁ ଭିତରେ ପ୍ରବେଶ କରିବା କ୍ଷଣି ଗଣ୍ଡଗୋଳକାରୀମାନେ ଘନଶ୍ୟାମଙ୍କ ଘର ସାମନାରେ ପ୍ରସ୍ତୁତ ହୋଇ ଜଗି ରହିଲେ, କିନ୍ତୁ ଆମର ଗତିପଥ ସେୟାଡକୁ ନହୋଇ ଆମ ଘର ଆଡ଼କୁ ମୁହାଁଇବାରୁ ସେମାନେ ହାଉଳି ଖାଇଗଲେ । ହତଭମ୍ବ ଅବସ୍ଥାରେ ପଡି ଗଣ୍ଡଗୋଳକାରୀମାନେ କିଛି କରି ପାରିଲେ ନାହିଁ, ଏବଂ ସେହି ସମୟ ଭିତରେ ଆମେ ବୋହୂକୁ ଆଣି ଆମ ଘରେ ନିରାପଦରେ ପହଞ୍ଚି ଯାଇଥିଲୁ । ଆମ ଘରେ ପହଞ୍ଚି ଦିବାକର ଭାଇ ଓ ବୁଲେଇ ନାୟକଙ୍କୁ ଆମ ପିଣ୍ଡାରେ ବସାଇ ଦୋକାନକୁ ଚାଲିଗଲି ତାଙ୍କ ପାଇଁ ସିଗାରେଟ୍-ପାନ ଇତ୍ୟାଦି ଆଣିବା ପାଇଁ ; କେବଳ ବୁଲେଇ ନାୟକଙ୍କୁ ଏତିକି ହୁସିଆରି ଦେଇଥିଲି, ତମ ଘରେ ତମପତି ଭଲ ଭାବନା ନାହିଁ, ତେଣୁ ବର୍ତ୍ତମାନ ତୁମ ଘରକୁ ଯିବ ନାହିଁ । ବାଣୁଆ ବାଘକୁ ବାଣରେ ଘାଉଲା କରିଲା ପରେ ବାଘ ଯେପରି ବାଣୁଆକୁ ଆକ୍ରମଣ କରିବସେ, ସେହିପରି ମୋ ଅନୁପସ୍ଥିତିର ସୁଯୋଗରେ କେତେକ ଲୋକ ବଡ଼ଦାଦା (ଉପେନ୍ଦ୍ର ବେହେରା)ଙ୍କ ନେତୃତ୍ୱରେ ଆମଦାଣ୍ଡ ପର୍ଯ୍ୟନ୍ତ ହୋହଲ୍ଲା କରି ଝପଟି ଆସିଲେ । ଅଳ୍ପ କେତେ ସେକେଣ୍ଡ

Digitized by srujanika@gmail.com

ପୂର୍ବରୁ ବୂଲେଇ ନାୟକକୁ ମୁଁ ତାଙ୍କ ଘରକୁ ଯିବାକୁ ବାରଣ କରିଥିବା ସତ୍ୱେ ସେ ଏହାର ଗୁରୁତ୍ୱ ବୁଝି ନପାରି ଆମପିଣ୍ଡାରୁ ତାଙ୍କ ଘରକୁ ଯିବାକୁ ବାହାରିଲା । ସେହି ମୁହୂର୍ତ୍ତରେ ତାର ସାନଭାଇ ତାକୁ ଅଜାତିଆ କହି ଦାଣ୍ଡରେ ପେଲାପେଲି ଆରମ୍ଭ କରିଦେଲା । ମୁଁ ପାଟିତୁଣ୍ଡ ଶୁଣି ସଙ୍ଗେସଙ୍ଗେ ଦଉଡ଼ି ଆସିଲି । ପ୍ରଥମେ ବୂଲେଇକୁ ସେମାନଙ୍କ ଘରଭିତରୁ ଉଦ୍ଧାର କରି ଆମ ପିଣ୍ଡାକୁ ଉଠାଇ ଆଣିଲି । ପ୍ରତିପକ୍ଷ ଅଧିକ କିଛି ଗଣ୍ଡଗୋଳ କରିବାର ସୁଯୋଗ ହରାଇ ବସିବାରୁ ବଡ଼ ଦାଦା ସ୍ୱୟଂ ଆଗକୁ ବାହରି ନେତୃତ୍ୱ ନେଇ କହିଲେ, ତୁ ଆମ ଜାତିକୁ ଅଜାତି କରାଇ ଦେଲୁ । ତୋତେ ଆମେ ସହଜରେ ଛାଡ଼ିବୁ ନାହିଁ । ସେତେବେଳେ ଶହଶହ ଲୋକ ଜମା ହୋଇ ଗଲେଣି । ମୁଁ ସେଉଠୁଁ ତାଙ୍କୁ ଜବାବ ଦେଲି- ତୁମେ ମୋର ବଡ଼ଦାଦା, ପିତୃତୁଲ୍ୟ, ତେଣୁ ତୁମର ସମ୍ମାନ ରଖି ତୁମେ ଚୁପ୍ ରୁହ । ମୁଁ ଯଦି ଅଜାତିଆ ହେଲି, ତୁମ ଜାତି ଚାଲିଯିବ କାହିଁକି ? ମୁଁ ତୁମ ଜାତିବାଲାଙ୍କ ସାଙ୍ଗରେ ରହିବାକୁ ଚାହେଁ ନାହିଁ । ମୁଁ ସବୁଦିନେ ମୋର ଅଜାତିଆ ଭାଇଙ୍କ ସଙ୍ଗେ ରହିବି । ନ୍ୟାୟ ପାଖରେ ବାପା, ମା, ଦାଦା ଓ ଭାଇଙ୍କର ସ୍ଥାନ ନାହିଁ । ତୁମେ ଯଦି ଏଥିରୁ କ୍ଷାନ୍ତ ନହୁଅ, ତୁମକୁ କାଲି ପୁଲିସ ଦ୍ୱାରା ଆରେଷ୍ଟ କରାଇବି । ଶୀଘ୍ର ଏଠୁ ଚାଲିଯାଅ । ତୁମଭଳି ହଜାରଟା ଉପେନ୍ଦ୍ର ବେହେରା ଆସିଲେ ବି ଏ ବିଭାଘର ବନ୍ଦ କରି ଦେଇ ପାରିବେ ନାହିଁ । ବିଭାଘର ନିଶ୍ଚୟ ହେବ । ଏହିପରି ଖୁବ୍ ବଡ଼ ପାଟିରେ ଟାଣଟାଣ କଥା କହିବାରୁ ସମସ୍ତେ ଛତ୍ରଭଙ୍ଗ ଦେଇ ଯେଝା ବାଟରେ ପଳେଇଗଲେ । ତାପରେ ଆମେ ବିଭାଘର ଆୟୋଜନରେ ଲାଗିଗଲୁ । ଜଣେ ପୁରୋହିତଙ୍କ ସହିତ ଆଗରୁ ହୋଇଥିବା କଥାବାର୍ତ୍ତା ଅନୁଯାୟୀ ସେ ସଂପୂର୍ଣ୍ଣ ବୈଦିକ ପଦ୍ଧତିରେ ବିଭାଘର କରାଇବା ପାଇଁ ଆମ ଘରକୁ ଆସିଲେ । କିନ୍ତୁ ପୁରୋହିତ ଆସିବା ଦେଖି ଦାଦା ସଙ୍ଗେସଙ୍ଗେ ଲୋକ ପଠାଇ ତାଙ୍କୁ ଆମଘରୁ ଡ଼ାକି ନେଲେ । ପୁରୋହିତ ଗଲେ, କିନ୍ତୁ ଆଉ ଫେରିଲେ ନାହିଁ । ଆମେ ଆଗରୁ ମଧ୍ୟ ଏହା ଆଶଙ୍କା କରିଥିଲୁ । ମୁଁ ସଙ୍ଗେସଙ୍ଗେ ପ୍ରସ୍ତାବ ଦେଲି, ଆମେ ପୁରୋହିତଙ୍କୁ ଆଉ ଖୋସାମତ୍ ନକରି ଗାନ୍ଧର୍ବ୍ୟ ମତରେ ବରଣମାଳା ଦିଆଇ ବିଭାଘର କରାଇ ଦେବା । କନ୍ୟାପକ୍ଷର ସମସ୍ତେ ଏଥିରେ ରାଜି ହୋଇଗଲେ । ନୂଆ ପ୍ରସ୍ତାବ ଅନୁସାରେ ଫୁଲହାର ଯୋଗାଡ଼ କରାଗଲା ଏବଂ ଖୁବ୍ କମ୍ ସମୟ ଭିତରେ ସମୁଦାୟ ବିଭାଘର-କାର୍ଯ୍ୟ ସମ୍ପନ୍ନ ହୋଇଗଲା । ବୋଉ, ମୋ ସ୍ତ୍ରୀ, ପୁଅ ରଣଜିତ୍, ଝିଅ ଚଉଧୁରୀ, ମୁଁ, ଘନଶ୍ୟାମ ଓ ବୋହୂ ସହିତ ଆସିଥିବା ବନ୍ଧୁ- ଏହିପରି ମୋଟ୍ ଆଠଜଣଙ୍କ ପାଇଁ ରୋଷେଇ କରାହେଲା ଏବଂ ଆମେ ଖିଆପିଆ କରି ସତର୍କ ଭାବରେ ରାତି କଟାଇଲୁ, କାରଣ କାଳେ ରାତିର ସୁଯୋଗ ନେଇ ପ୍ରତିପକ୍ଷ ଆମ ଉପରେ ଚଢ଼ାଉ କରିପାରନ୍ତି । ସେହିଦିନଠାରୁ ଘନଶ୍ୟାମ ଆଉ ତାଙ୍କ ଘରକୁ ନଯାଇ ସସ୍ତ୍ରୀକ ଆମ ଘରେ ରହିଲେ ।

ସଂସ୍କାରପନ୍ଥୀଙ୍କ ବିଜୟ

ଗାଁର ଯେଉଁ ଯୁବକମାନେ ମୂଳରୁ ମୋର ବିଭିନ୍ନ ବିପ୍ଲବାତ୍ମକ କାର୍ଯ୍ୟରେ ସହଯୋଗ କରୁଥିଲେ, ଅଥଚ ଏହି ବିଭାଘର କାର୍ଯ୍ୟରେ ନୀରବଦ୍ରଷ୍ଟା ଥିଲେ ସେମାନେ ବିଭାଘର ସରିଗଲା ପରେ ଜଣଜଣ କରି ମୋ ପାଖକୁ ଆସି ସହାନୁଭୂତି ଜଣାଇଲେ । ସେମାନଙ୍କ ପାଖରୁ ଶୁଣିଲି ଯେ, ମୁଁ ହରିଜନ ଘରେ ଖାଇବା ଓ ଛତରଖିଆ ଘରେ ଘନଶ୍ୟାମର

Digitized by srujanika@gmail.com

ବିଭାଘର କରାଇବା, ଏହି ଦୁଇ କାରଣରୁ ମୋତେ ଜାତିଭାଇରୁ ନିକାଲିବା ପାଇଁ ପ୍ରତିପକ୍ଷ ଗୋଷ୍ଠୀ ଗତ ରାତିରେ ଏକ ଗୁପ୍ତ ବୈଠକ କରିଛନ୍ତି, ଏବଂ ସେହି ବୈଠକରେ ସ୍ଥିର ହୋଇଛି ଯେ, ବଳଦେବଜୀଉଙ୍କ ମହାପ୍ରସାଦ ଛୁଇଁ ସମସ୍ତେ ହଲପ୍ କରିବେ ଯେ, ନରୋତ୍ତମ ବେହେରାଙ୍କୁ ଜାତିଭାଇରୁ ବାସନ୍ଦ କରିବା ସହିତ ସବୁଦିନ ପାଇଁ ଗାଁର ଧୋବା-ବାରିକ ସେବା ବନ୍ଦ କରି ଦିଆଯିବ । ଏ କଥା ଯୁବକମାନଙ୍କ ଠାରୁ ଶୁଣି ସେମାନଙ୍କୁ ମୁଁ ପ୍ରଥମେ ଏ ବ୍ୟାପାରରେ ସେମାନଙ୍କ ମତ ପଚାରିଲି । ସେମାନେ କହିଲେ, ଆମେ ଯେତେବେଳେ ତୁମ ସହ ମିଶି ଆଗରୁ ବିଭିନ୍ନ ସଂସ୍କାର-କାମ କରିଛୁ, ତୁମେ ଯାହା ପରାମର୍ଶ ଦେବ, ଆମେ ସେହି ଅନୁସାରେ କାର୍ଯ୍ୟ କରିବୁ । ମୁଁ ସେମାନଙ୍କୁ ଗୋଟିଏ ପରାମର୍ଶ ଦେଲି, ଜାତିଭାଇ ବୈଠକରେ ଆଗତ ପ୍ରସ୍ତାବ ଉପରେ କୌଣସି ନିଷ୍ପତ୍ତି ନିଆଯିବା ପୂର୍ବରୁ ପ୍ରତି ଯୁବସାଥୀ ନିଜେ ଉପସ୍ଥିତ ମୁରବୀମାନଙ୍କ ସହ ଯଥାସମ୍ଭବ ଯୁକ୍ତି କରିବା ଦରକାର । ଠିକ୍ ସମୟରେ ଜାତିଭାଇଙ୍କର ଗୁପ୍ତସଭା ଆରମ୍ଭ ହେଲା । ମହାପ୍ରସାଦ ଆସି ପିଢ଼ା ଉପରେ ରହିଲା । ଦାଦା ନେତୃତ୍ୱ ନେଇଥିବାରୁ ଆଗ ଛାମୁଆ ହୋଇ ଉପସ୍ଥିତ ହେଲେ । ପିଲାଛୁଆ ଠାରୁ ଯୁବକ ଓ ବୁଢ଼ା ପର୍ଯ୍ୟନ୍ତ ଲୋକେ ସଭା ମଣ୍ଡନ କରି ବସିଲେ । ଘମାଘୋଟ ଆଲୋଚନା ଚାଲିଲା । ଯୁବକମାନେ ମୁରବୀମାନଙ୍କ ପାଖରେ ସେମାନଙ୍କ ଯୁକ୍ତିକୁ ବଳିଷ୍ଠ ଭାବରେ ଉପସ୍ଥାପନ କରି କହିଲେ ଯେ, ପୁତୁରା ଯେତେବେଳେ ହରିଜନ ଘରେ ଖାଇଥିଲା, ସେତେବେଳେ ତାଙ୍କ ଦାଦା ତାଙ୍କ ଠାରୁ ଅଲଗା ରହିବା କଥା । ଏ ପର୍ଯ୍ୟନ୍ତ ଅଲଗା ନରହି ତାଙ୍କ ସଙ୍ଗରେ ରହିବା ଦ୍ୱାରା ସେ ମଧ୍ୟ ହରିଜନ ଘରେ ଖାଇଲେ ବୋଲି ଧରାଯିବ । ତେଣୁ ଯଦି ବନ୍ଦ କରାଯିବ, ଉଭୟଙ୍କୁ କରାଯିବ, ଯଦି ନକରାଯିବ, କାହାକୁ କରାଯିବନି । ଏଭଳି ବଳିଷ୍ଠ ଯୁକ୍ତିରେ ଦାଦାଙ୍କ ପକ୍ଷ ଲୋକଙ୍କ ଦମ୍ଭ ଭାଙ୍ଗିଗଲା, ସେମାନେ ନିରାଶରେ ଘରକୁ ଫେରିଲେ । ମହାପ୍ରସାଦ ପନ୍ଦରଦିନ ଧରି ଜନ୍ତା ପିମ୍ପୁଡ଼ିକୁ ସୁମିଷ୍ଟ ଆହାର ଯୋଗାଇଲା । ଏହିପରି ରକ୍ଷଣଶୀଳ ଗୋଷ୍ଠୀଙ୍କ ମେଳି ଭାଙ୍ଗିଗଲା ଓ କ୍ରମେକ୍ରମେ ଜାତିଭାଇମାନଙ୍କ ମନରୁ ମଧ୍ୟ ମୋପ୍ରତି ବିରୋଧ ମିଳେଇଗଲା । ଆଗରୁ କହିଛି, ବିଭାଘରରେ ବୁଲେଇ ନାୟକ ସହଯୋଗ କରିଥିବା କାରଣରୁ ତାଙ୍କ ଭାଇଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା, ଏବଂ ତା'ପରେ ତାଙ୍କୁ ଅଜାତି କହି ଘରୁ ତଡ଼ି ଦିଆଯାଇଥିଲା । କିନ୍ତୁ ସେହିଦିନ ଠାରୁ ସେ ଆମ ଘରେ ମୋ ସହ ସାଙ୍ଗ ହୋଇ ରହିଲେ ଓ ସର୍ବୋଦୟ ବିଷୟରେ ପ୍ରଚାର ପାଇଁ ବିଭିନ୍ନ ଗ୍ରାମକୁ ଯିବାଆସିବା କଲେ । ଆମ ଗାଁରେ ଛତରଖିଆ ସହିତ ବିଭାଘର ଘଟଣା ସେ ଅଞ୍ଚଳରେ ସବୁଆଡ଼େ ବ୍ୟାପିଗଲା । ରକ୍ଷଣଶୀଳମାନେ ନାକ ଟେକିଲେ, କିନ୍ତୁ ନବଯୁବକମାନେ ଏହାକୁ ସ୍ୱାଗତ କଲେ । ସେହି ବିଭାଘର ଦିନ ଠାରୁ ସମାଜରୁ ଛତରଖିଆ କଳଙ୍କ ଖୁବ୍ ଶୀଘ୍ର ଅପସରି ଗଲା । ପରବର୍ତ୍ତୀ ସମୟରେ ମୁଁ ଦେଖିବାକୁ ପାଇଛି, ଛତରଖିଆ ଘରର କେତେକ ପୁଅ ଓ ଝିଅ କୁଳୀନ ଓ ଧନଶାଳୀ ଲୋକମାନଙ୍କ ଘରେ ବନ୍ଧୁ ବାନ୍ଧିଲେଣି । ଛତରଖିଆ ପ୍ରଥା କେବଳ ଇତିହାସର ବିଷୟବସ୍ତୁ ହୋଇରହିଛି ।

Digitized by srujanika@gmail.com

ପୁଅ ମରୁମରୁ ବଞ୍ଚିଲା

ଏହି ବିଭାଘର ଝଞ୍ଜଟ ଭିତରେ ମୁଁ ରଣଜିତ୍‌ର ସ୍ୱାସ୍ଥ୍ୟ ବିଷୟ ବିଶେଷ ଭାବେ ନଜର ଦେଇ ପାରି ନଥିଲି । ଏହା ଭିତରେ ତାର ସ୍ୱାସ୍ଥ୍ୟ ଦ୍ରୁତ ଗତିରେ ଖରାପ ଆଡ଼କୁ ଗତିକଲା । ଯେତେ ଔଷଧ ପତ୍ର ଦେଲେ ମଧ ସେ ଭଲ ହେବାର ଆଉ ଆଶା ଦେଖାଗଲା ନାହିଁ । ଦିନେ ଦେଖିଲୁ ରଣଜିତ୍ ଆଉ ବଞ୍ଚିବ ନାହିଁ, ହୁଏତ୍ ଠିକ୍ ସେହି ଦିନ ମରିଯିବ । ଏହା ଭାବି ଆମେ ଦୁହେଁ ବୁଲେଇ ନାୟକ ଓ ମୁଁ ମଧୁସାଗର ଅଭିମୁଖେ ବାହରିଲୁ ଏବଂ ଠିକ୍ କଲୁ ଦିନେ ଦୁଇଦିନ ଅନ୍ୟ ଗ୍ରାମମାନଙ୍କରେ ବିତେଇ ଘରକୁ ଆସିବୁ । ପୁଅର ଏପରି ଅବସ୍ଥାରେ ଘରୁ ଗୋଡ଼ କାଢ଼ିବାର ଅର୍ଥ ପୁଅ ନିଶ୍ଚୟ ତ ମରିବ । ଯଦି ଘରେ ଥିବୁ ତେବେ ତାର ସଂସ୍କାର ପାଇଁ ଜାତିଭାଇଙ୍କୁ ଡ଼ାକିବାକୁ ପଡ଼ିବ । କିନ୍ତୁ ଆମର ସଂକଳ୍ପ ଥିଲା, ଆମେ କାହାରି ଦ୍ୱାରସ୍ଥ ହେବୁ ନାହିଁ କି କାହାରିକୁ ଖୋସାମତ୍ କରିବୁ ନାହିଁ । ରହିଲେ ତ ଏହା ନିଶ୍ଚୟ କରିବାକୁ ପଡ଼ିବ । କିନ୍ତୁ ଆମ ଘରେ ନରହିଲେ ସ୍ତ୍ରୀ ବରଂ ଏସବୁ କାର୍ଯ୍ୟ ସଂପାଦନ କରିଦେବ । ଏହିପରି ଆମେ ଆମ ସ୍ଥିତିରେ ଠିକ୍ ରହି ପାରିବା । ବିଭାଘର କାର୍ଯ୍ୟରେ ଆମେ ଯଦି ଫେଲ୍ ମାରିଥାନ୍ତୁ ଯେତିକି ଦୁଃଖ ହୋଇଥାନ୍ତା, ପୁଅ ମରିଯିବାଟା ତା ଠାରୁ କମ୍ ବୋଲି ଆମେ ମନେ କରୁଥିଲୁ । ମଧୁସାଗରରେ ଛତରଖିଆ ସହ ବିଭାଘର ସଂବାଦ ଖୁବ୍ ଶୀଘ୍ର ପହଞ୍ଚି ଯାଇଥାଏ । ଆମେ ଦୁହେଁ ସାଙ୍ଗ ହୋଇ ମଧୁସାଗରରେ ପହଞ୍ଚି ଚିନ୍ତାମଣି ଭାଇ ଓ ଉପେନ୍ଦ୍ର ଭାଇଙ୍କୁ ପ୍ରଥମେ ଭେଟିଲୁ । ଉପେନ୍ଦ୍ର ଭାଇ ଥିଲେ ମଧୁସାଗରରେ ଚିନ୍ତାମଣି ଭାଇଙ୍କର ପ୍ରଧାନ ଶିଷ୍ୟ । ଚିନ୍ତାମଣି ସ୍ୱାଇଁ ଯାଜପୁରର ବିଂଝାରପୁର ପାଖ ସୟଦପୁର ମି.ଇ : ସ୍କୁଲରେ ଶିକ୍ଷକ ଥିଲାବେଳେ ସୟଦପୁରର ପାଖଗ୍ରାମ ବିଦାପଡ଼ା ଗ୍ରାମରେ ଉପେନ୍ଦ୍ର ଭାଇ ଜଣେ ଜମିଦାରଙ୍କର ପୁତ୍ର ଥିଲେ । ସେ ବାଲ୍ୟବିବାହ କରିଥିଲେ ଓ ତାପରେ ମାଟ୍ରିକ୍ ପାସ୍ କରିଥିଲେ । ଚିନ୍ତାମଣି ସ୍ୱାଇଁ ସଇଦପୁର ସ୍କୁଲର ଶିକ୍ଷକ ଥିଲା ବେଳେ ତାଙ୍କ କାର୍ଯ୍ୟକଳାପରେ ଖୁବ୍ ସନ୍ତୁଷ୍ଟ ହୋଇ ଉପେନ୍ଦ୍ର ତାଙ୍କର ପ୍ରଧାନ ଶିଷ୍ୟ ହୋଇଥିଲେ । ଚିନ୍ତାମଣି ସ୍ୱାଇଁ ଯେତେବେଳେ ଆମ ଅଞ୍ଚଳରେ ତାଙ୍କ ଗ୍ରାମ ନେମ୍ବରାରେ ମଧୁସାଗର ବିଦ୍ୟାପୀଠ ପ୍ରତିଷ୍ଠା କଲେ ସେତେବେଳେ ତାଙ୍କର ପ୍ରଧାନଶିଷ୍ୟ ଉପେନ୍ଦ୍ର ତାଙ୍କ ବାପା ମା'ଙ୍କ କଥା ନ ମାନି ଏକରକମର ଘରତ୍ୟାଗ କରି ମଧୁସାଗର ବିଦ୍ୟାପୀଠରେ ଦ୍ୱିତୀୟ ଶିକ୍ଷକ ଭାବେ କାର୍ଯ୍ୟ କଲେ । ସେ ଜଣେ ନିଷ୍ଠାବାନ ଓ କର୍ତ୍ତବ୍ୟ ପରାୟଣ ଶିକ୍ଷକ ଥିଲେ । ବହୁ ବାଧାବିଘ୍ନ ସତ୍ତ୍ୱେ ଆମେ ଛତରଖିଆ ଜାତିରେ ବିଭାଘର କରାଇବାରେ ସଫଳ ହୋଇଥିବାରୁ ସେହି ଖୁସିଖବର ପାଇ ଉପେନ୍ଦ୍ରଭାଇ ପ୍ରଥମେ ଆମକୁ ସ୍ୱାଗତ ଜଣାଇବା ସକାଶେ ବସିଥିବା ଜାଗାରୁ ଉଠିଆସି ଆମକୁ ପାଛୋଟି ନେଇଥିଲେ । ଚିନ୍ତାମଣି ଭାଇ ଆମଠାରୁ ବିଭାଘର ଉପାଖ୍ୟାନ ଶୁଣିଲେ ଓ ତା'ପରେ ପଚାରିଲେ, ପୁଅ ଦେହ କିପରି ଅଛି ? ମୁଁ କହିଲି, ଆଜି ତାର ଶେଷ ଦିନ । ହୁଏତ୍ ସେ ମର୍ତ୍ତ୍ୟଧାମକୁ ଆଜି ବିଦାୟ ନେବ ବୋଲି ଜାଣି ଆମେ ଘରୁ ବାହାରି ଆସିଲୁ । ଆମେ ଯେଉଁ ସାମାଜିକ ବିଜୟ ହାସଲ କରିଛୁ ତାର ଉତ୍ସାହ, ଉଦ୍ଦୀପନା ଓ ମନବଳ ଭିତରେ ଏ ଶୁଭବାର୍ତ୍ତା ତୁମକୁ ଜଣାଇବା ପାଇଁ ମଧୁସାଗର ଧାଇଁ

Digitized by srujanika@gmail.com

ଆସିଛୁ । ନିଜ ଉପସ୍ଥିତିରେ ପୁଅର ମୃତ୍ୟୁ ଦେଖିଲେ କାଳେ ଆମେ ଭାଙ୍ଗିପଡ଼ିବୁ ଓ ଆମର ଉତ୍ସାହ ଓ ମନବଳ କମିଯିବ, ସେଥିପାଇଁ ମଧୁସାଗର ଅଭିମୁଖେ ପଳାଇ ଆସିଛୁ । ଖୁବ୍ ଭଲରେ ମଧୁସାଗରରେ ସେ ରାତିଟି କଟିଲା । ସର୍ବୋଦୟ ବାର୍ତ୍ତା ପ୍ରଚାର ପାଇଁ ଅନ୍ୟଆଡ଼େ ପ୍ରୋଗ୍ରାମ କରିବା ମଧ୍ୟ ସେଠରେ ସ୍ଥିର କଲୁ । କିନ୍ତୁ ତା ପର ଦିନ ଆମେ ଆଉ କୁଆଡ଼େ ନଯାଇ ପୁଣି ଘରକୁ ଦୁଇଜଣ ଫେରିଲୁ । ଆମେ ଫେରିଲା ବେଳେ ସ୍ଥିର ନିଶ୍ଚିତ ଥିଲୁ ଯେ, ପୁଅ ନିଶ୍ଚୟ ମରିଯାଇଥିବ ଏବଂ ତାର ସଂସ୍କାର ଇତ୍ୟାଦି କାମ ସରିଯାଇଥିବ । ବାଟରେ ଏହିକଥା ଭାବିଭାବି ଆସୁଥାଉ । ଆମ ଗ୍ରାମର କେହି ଦେଖା ହେଲେ ସେ ନିଶ୍ଚୟ ଆମକୁ ପୁଅର ମୃତ୍ୟୁ ସଂବାଦ ଦେବ ବୋଲି ଭାବୁଥିଲୁ । ଆମେ ମଧ୍ୟ ତାର ସଂସ୍କାର ବିଷୟରେ ସେ ଲୋକକୁ ପଚାରି ବୁଝିନେବୁ । ଯଦି ବାଟରେ କେହି ଦେଖା ନ ହୁଅନ୍ତି, ଅନ୍ତତଃ ରାଧାନଗରରେ ଥିବା ଆମ କୁଟୁମ୍ବର ଲୋକ ନିଶ୍ଚୟ ଆମକୁ ପୁଅର ମରଣ ଓ ସଂସ୍କାରର ଖବର ଦେବ । ତାପରେ ଆମେ ଶୁଣି ନିଶ୍ଚିନ୍ତ ହେବୁ, ପୁଅ ମରିଯାଇଛି ଓ ଘରେ ପହଞ୍ଚିଲେ ବୋଉ ଓ ସ୍ତ୍ରୀଙ୍କ କାନ୍ଦଣା ଶୁଣିବୁ । ତାପରେ ଗୋଟିଗୋଟି କରି ରଣଜିତ୍ ବିଷୟରେ ବୋଉ ମୋତେ ବଖାଣିବ । ସେ ସବୁକଥା ଶୁଣି କେତେଦୂର ଧୈର୍ଯ୍ୟ ରହିବ, ବାଟଯାକ ସେହି ଚିନ୍ତା ହିଁ କରି ଆସୁଥାଏ । ଅଧୈର୍ଯ୍ୟ ହୋଇପଡ଼ିଲେ ମୋର ମନବଳ ଭାଙ୍ଗି ପଡ଼ିବ ଓ ଆଗକୁ ଥିବା ବିପ୍ଳବାତ୍ମକ କାମରେ ବାଧା ପଡ଼ିବ, ଏହି ଭବନା ମୂଳତଃ କାର୍ଯ୍ୟ କରୁଥାଏ । ଯେତେବେଳେ ଆମେ ଆସି ରାଧାନଗରରେ ପହଞ୍ଚିଲୁ, ଦେଖିଲୁ କେହି ଜଣେ ହେଲେ କିଛି କହୁ ନାହାନ୍ତି । ମୁଁ ଭାବୁଥାଏ, ଆମକୁ ଖବର ଦେବାକୁ ମନା ହୋଇଛି କି ? ଏହି ଭାବନା ସହ ଘରେ ପହଞ୍ଚିବା ପର୍ଯ୍ୟନ୍ତ କେହି କିଛି ଖବର ନଦେବାରୁ ମୁଁ ଜାଣିଲି, ରଣଜିତ୍ ମରଣସଙ୍ଗରେ ମୋରିପରି ରଣକରି ବଞ୍ଚିଛି । ମନେମନେ ବହୁତ ଆନନ୍ଦିତ ହୋଇ ଭଗବାନଙ୍କ ଆର୍ଶୀବାଦ ଭିକ୍ଷା କଲି । ଘରେ ପହଞ୍ଚି ବୋଉଠାରୁ ସବୁକଥା ଶୁଣିବାକୁ ଚାହିଁଲି । ସେତ ମରିଗଲା ଭଳି ହୋଇଥିଲା, ପୁଣି ବଞ୍ଚିଲା କିପରି ? ବୋଉ ଗୋଟିଗୋଟି କରି ମୋ ପାଖରେ କହିଲା, ଯେମିତି କି ତାର ପୁନର୍ଜନ୍ମ ହୋଇଛି । ତୁମେ ଘରୁ ବାହାରିଗଲା ପରେ ତା ଦେହ ଭାରି ଖରାପ ହୋଇଗଲା । ରାତି ଦୁଇଘଡ଼ିକି ସମୟରେ ସେ ନିସ୍ତେଜ ହୋଇ ପଡ଼ିଲା ଓ ତାର ନାଡ଼ି ଓ ନିଶ୍ୱାସ ଇତ୍ୟାଦି ବନ୍ଦ ହୋଇଗଲା । ତା'ପରେ ଆମେ ତା ଆଶା ଛାଡ଼ିଦେଲୁ । କାନ୍ଦବୋବାଳି ଭିତରେ ତାକୁ ମୁଁ ତୁଳସୀପତ୍ର ପାଣି ଆଣି ତା ପାଟିରେ ଦେଲି । ଭଗବାନଙ୍କୁ ଡ଼ାକିଲି, କିଛି ସମୟ ପରେ ତା' ଛାତି ଦୁକ୍‌ଦୁକ୍ ହୋଇ ପଡ଼ିଲା ଉଠିଲା । ଆମେ ଭଗବାନଙ୍କୁ ଆତୁର ଭାବରେ ଡ଼ାକୁଥାଉ । କିଛି ସମୟ ପରେ ସେ ତା ଆଖି ଖୋଲିଲା । ଆମେ ତା ପରେ ଆଶ୍ୱସ୍ତ ହେଲୁ । ତାକୁ ବାଲିପାଣି ଆଣି ଦେଲୁ । ସେଉଠୁ ଆମେ ତାକୁ ସେକାସେକି କଲୁ । ସକାଳ ଠାରୁ ସେ କ୍ରମାନ୍ୱୟରେ ଭଲ ଆଡ଼କୁ ଗତି କଲା । ମୁଁ ସେହିଦିନ ଠାରୁ ରଣଜିତ୍‌ର ସେବାଯତ୍ନ ଓ ଚିକିତ୍ସାରେ ଲାଗିଗଲି । ସମସ୍ତ କଥା ଭୁଲିଯାଇ ତାକୁ କିପରି ଭଲ କରାଇବି, ସେଥିରେ ମନଧ୍ୟାନ ଦେଲି । ସେ ମଧ୍ୟ ସେହିଦିନ ଠାରୁ ଏକବାରରେ ଭଲ ଆଡ଼କୁ ଗତିକଲା । ଆଉ କେବେ ତାର ଦେହ ଖରାପ ହୋଇନାହିଁ । ଆଜି ସେହିକଥା ଭବିଲା ବେଳକୁ ମୋ ଦେହ ଶୀତେଇ ଉଠୁଛି । ମୁଁ ଏହିସବୁ ବିପ୍ଳବାତ୍ମକ କାମ ଭିତରେ ରହି ତା ପ୍ରତି କିପରି ନିଷ୍ଠୁରତା ଦେଖାଇଛି, ଆଜି ତାହା ଭାବିବାକୁ ପଡୁଛି ।

Digitized by srujanika@gmail.com

ଘନଶ୍ୟାମ ଉପରେ ଘରର ଦାୟିତ୍ୱ

ଆମଗ୍ରାମର ଘନଶ୍ୟାମ ନାୟକଙ୍କୁ ଛତରଖିଆ ଘରେ ବିବାହ ସଂପନ୍ନ କରିଥିବାରୁ ସେ ତା ଘରକୁ ଆଉ ଯିବାକୁ ଚାହିଁଲା ନାହିଁ । ମୋ ପାଖରେ ସବୁସମୟ ପାଇଁ ରହିବାକୁ ଇଛା କଲା । ମୁଁ ମଧ୍ୟ ଆଗରୁ ଚିନ୍ତା କରୁଥିଲି, ମୋର ଗୋଟିଏ ସାନଭାଇ ଥିଲେ ମୁଁ ସବୁ ସମୟ ଦେଇ ସର୍ବସାଧାରଣ କାର୍ଯ୍ୟ କରୁଥାନ୍ତି । ସର୍ବସାଧାରଣ କାର୍ଯ୍ୟପ୍ରତି ମୋର ଏପରି ଉତ୍କଟ ମନ ଥିଲା ଯେ, ମୋ ମା' ଘରେ ଶଯ୍ୟାଶାୟୀ ହୋଇଥିଲେ ବି ସର୍ବସାଧାରଣ କାମର ଡ଼ାକରା ଆସିଲେ ମୁଁ ମା'କୁ ଛାଡ଼ି ଚାଲି ଯାଉଥିଲି । ଏପରିକି ମୋର ଗୋଟିଏ ପୁଅ ହୋଇଥିଲା, କିନ୍ତୁ ଭୂଦାନଯଜ୍ଞ କାମରେ ରହି ତା' ପ୍ରତି ଏମିତି ଅବହେଳା କଲି ଯେ, ସେ ରୋଗରେ ପଡି ପଡି ଅକାଳରେ ଚାଲିଗଲା । ତେଣୁ ଘନଶ୍ୟାମ ଆମ ଘରେ ରହିବାକୁ ଚାହିଁବାରୁ ମୁଁ ଭାରି ଖୁସି ହେଲି । ସବୁ ସମୟ ଧରି ଭୂଦାନ ଯଜ୍ଞ କାମରେ ନିଜକୁ ନିୟୋଜିତ କଲି । ପିଲାଦିନୁ ସର୍ବସାଧାରଣ କାମରେ ଥିବା ଯୋଗୁଁ ମୋର ସେତେବେଳେ ଚାରିଆଡ଼େ ସୁନାମ ବ୍ୟାପୁ ଥାଏ । ଗ୍ରାମର କିଛି ଲୋକେ ସ୍ୱାଭାବିକ ଭାବେ ଈର୍ଷାନ୍ୱିତ ହେଉଥାନ୍ତି । ମୋର ଆଶଙ୍କା ଥିଲା, ଏମାନେ ମିଛସତ କହି ଘନଶ୍ୟାମକୁ ମୋ ପାଖରୁ ଭବିଷ୍ୟତରେ ଅଲଗା କରିଦେଇ ପାରନ୍ତି । ସେମାନେ କହି ପାରନ୍ତି, ତୁ ତାର ଖଟୁଛୁ କାହିଁକି ? ତୋତେ କଣ ସେ ସଂପତ୍ତିରୁ ଭାଗ ଦେବ ? ଏହିସବୁ କଥା କହି ତାକୁ ସେମାନେ ବିଗାଡ଼ି ପାରନ୍ତି । ମୁଁ ଏ ସବୁକଥା ଆଗରୁ ଚିନ୍ତାକରି ତା ନାମରେ ଜମି ରେଜିଷ୍ଟ୍ରି କରିଦେବାକୁ ସ୍ଥିର କଲି । ଘନଶ୍ୟାମଟି ବିଶ୍ୱାସୀ କିନ୍ତୁ ପରବୁଦ୍ଧିଆ । ମୁଁ କିନ୍ତୁ ସେତେବେଳେ ବିଚାର କରୁଥିଲି, ମୋର ଗୋଟିଏ ଭାଇ ଥିଲେ ସେ ତ ସଂପତ୍ତିରୁ ଭାଗ ନେଇଥାନ୍ତା, ଘନଶ୍ୟାମ ଏମିତି ମୋର ଗୋଟିଏ ଭାଇ ହୋଇ ରହିବ । ତା'ର ବାପା ଥିଲେ ଓ ଅନ୍ୟ ସାନଭାଇମାନେ ଥିଲେ । କିନ୍ତୁ ସଂପତ୍ତି ବାଡ଼ି ସବୁ ତା ବାପା ବିକ୍ରି କରି ଦେଇଥିଲେ । କେବଳ ଘର ଛଡା ଆଉ କିଛି ନଥିଲା । ମୁଁ ଯେତେବେଳେ ତା ନାମରେ ସମ୍ପତ୍ତିବାଡି କରି ଦେବାକୁ ସ୍ଥିର କଲି ମୋ ବୋଉ ଓ ସ୍ତ୍ରୀ ବରାବର ମନାକଲେ । ମୁଁ ସେମାନଙ୍କୁ ବୁଝାଇଲି । ସେମାନେ କିନ୍ତୁ ବୁଝିବାକୁ ନାରାଜ । ମୁଁ ତ ଏକଜିଦିଆ ଥିଲି । ଯେଉଁ କଥାକୁ ଭଲ ମନେକରେ, ଯେତେ ବାଧାବିଘ୍ନ ଆସିଲେବି ତାକୁ କାର୍ଯ୍ୟରେ ପରିଣତ କରେ । ତେଣୁ ଘରେ ବୋଉ ଓ ସ୍ତ୍ରୀର ଭୀଷଣ ଆପତ୍ତି ସତ୍ତ୍ୱେ ଘନଶ୍ୟାମ ନାମରେ ମୁଁ ୩ଏକର ଜମି ରେଜିଷ୍ଟ୍ରି କରିଦେଲି । ଯେଉଁ ଢିପ ଜାଗା ତା ନାମରେ ରେଜିଷ୍ଟ୍ରି କରିବା ପାଇଁ ମୁଁ ପ୍ରସ୍ତାବକଲି, ସେ ନିଜେ ତାକୁ ନେବାକୁ ମନାକଲା ଓ କହିଲା, ନୂଆ ବୋଉ (ମୋ ସ୍ତ୍ରୀ) କହୁଛନ୍ତି, ଜମି ପଛେ କରିଦିଅ, ଢିପ ନୁହେଁ । ତା'ପରେ ତା ଉପରେ ଘରର ଚାଷବାସ ଓ ଚାକିରିଆ-ମୂଲିଆ ରଖିବା ଇତ୍ୟାଦି ସମସ୍ତ ଦାୟିତ୍ୱ ଦେଇ ଭୂଦାନ ଯଜ୍ଞ କାମ କରିବା ପାଇଁ ମୁଁ ଘରୁ ବାହାରି ଗଲି । ସେ ଚାଷବାସ କରିବାରେ ଧୁରନ୍ଧର ଥିଲା । ସେ ଆଗରୁ ଆମ ଘରେ ରହି କାର୍ଯ୍ୟ କରିଥିଲା । ଚାଷରେ ତାକୁ କେହି ବଳେଇଯିବାର ନୁହେଁ । ତେଣୁ ମୁଁ ଏହିସବୁ ଦାୟିତ୍ୱ ତା ଉପରେ ନ୍ୟସ୍ତ କରି ଭୂଦାନ ଯଜ୍ଞ କାମରେ ଲାଗିଗଲି ।

Digitized by srujanika@gmail.com

ବିବାଦ ଘେରରେ ପହଲି-କୁସୁମର ବିଭାଘର ସମ୍ପନ୍ନ

୧୯୬୦ ମସିହାର କଥା । ମୋର ସହଯୋଗୀ ନିଶାମଣି ରାଉତଙ୍କ ଶଶୁର ଘର ବଡକୁଳ ଦହିମାଛ । ନିଶାମଣିର ଶଳା ଚିନ୍ତାମଣି ପାଇଟାଳଙ୍କର ଜଣେ ଝିଅ 'କୁସୁମ' ବିବାହ ଉପଯୋଗୀ ହୋଇଯାଇଥିଲା । କିନ୍ତୁ ତାଙ୍କ ଗ୍ରାମର ଶିବ ରାଉତ ବୋଲି ଜଣେ ବୟସ୍କ ଓ ବିବାହିତ ଲୋକ, ଯାହାଙ୍କର ପୁଅଝିଅ ଥିଲେ, ସେ ପାଇଟାଳ ଘରକୁ ବାରମ୍ବାର ଯିବାଆସିବା କରି କୁସୁମ ସହ ସଂପର୍କ ସ୍ଥାପନ କରିବା ସହିତ ତାକୁ ବିଭା ହେବାପାଇଁ କୁସୁମକୁ ଭିତରେ ଭିତରେ ଶିଖାଇଲା । କିନ୍ତୁ ଏକଥା ଜଣା ପଡିବାରୁ ସେ ଝିଅର ବାପାମାଆ ନିରୁପାୟ ହୋଇ ନିଶାମଣିଙ୍କୁ ଖବର ଦେଲେ କିଛି ଗୋଟାଏ ଉପାୟ ବାହାର କରିବାକୁ । ନିଶାମଣି ସମସ୍ତ ଘଟଣା ନିଜେ ଜାଣି ସାରିବା ପରେ ମୋ ସହିତ ପରାମର୍ଶ କରିବାରୁ ମୁଁ କହିଲି, ପ୍ରଥମେ ଆମେ ସେ ଝିଅକୁ କୌଶଳ କରି ଆମ ଗାଁକୁ ନେଇଆସିବା , ଉଭୟ ପକ୍ଷ ଦୂରେଇ ରହିଲେ ସଂପର୍କ ଆପେ ଆପେ ଶୀଥିଳ ହୋଇଯିବ । ସେହି କଥା ଅନୁଯାୟୀ ଆମେ ଦିନେ ଦିଜଣ ଯାଇ କୁସୁମର ବାପାମାଆଙ୍କ ସମ୍ମତି କ୍ରମେ ତାକୁ ଆମ ଗାଁକୁ ନେଇଆସିଲୁ । ସଙ୍ଗେ ସଙ୍ଗେ ସେ ଝିଅ ପାଇଁ ବରପାତ୍ର ମଧ୍ୟ ଯୋଗାଡ ହୋଇଗଲା ।

ମୁଁ ଆଗରୁ ସୂଚାଇଛି ଯେ, ମୁଁ ପ୍ରଥମ ବିବାହ କରିଥିଲି ମାର୍ଶାଘାଈର ଜଣାଶୁଣା ବ୍ୟକ୍ତି ହାଡିବନ୍ଧୁ ରାଉତଙ୍କ ଝିଅକୁ , ଯେ କି ଦୁଇବର୍ଷରୁ କମ୍ ସମୟ ରହି ବିଷ ଖାଇ ଆତ୍ମହତ୍ୟା କରିଥିଲେ । ହାଡିବନ୍ଧୁ ରାଉତଙ୍କର ଏହାଛଡା ତିନି ପୁଅ ଯଥା ଗନ୍ଧର୍ବ, ଶୁକଦେବ ଓ ପହଲି ଥିଲେ । ତାଙ୍କ ସ୍ତ୍ରୀ ମରିଯିବାରୁ ସେ ଦ୍ୱିତୀୟ ବିବାହ କରିଥିଲେ । ପଛ ସ୍ତ୍ରୀ ପଟରୁ ଜଣେ ପୁଅ, ରଘୁ ରାଉତ ଓ ଗୋଟିଏ ଝିଅ ପ୍ରମିଳା ଥିଲେ । ମୋର ବଡଦାଦାଙ୍କ ପୁଅ ସାନଭାଇ ବିଦ୍ୟାଧର ନିଜର ପ୍ରଥମ ସ୍ତ୍ରୀ ମରିଯିବା ପରେ ପ୍ରମିଳାକୁ ବିବାହ କରିଥିଲା । ଗନ୍ଧର୍ବ ଓ ଶୁକଦେବ ବିବାହ କରିସାରିଥିଲେ, କିନ୍ତୁ ପହଲି ବିବାହ କରିନଥିଲା । ବାପା ହାଡିବନ୍ଧୁଙ୍କ ଅନ୍ତେ ତାକୁ ବିଭାଘର କରାଇବା ଦାୟିତ୍ୱ ଗନ୍ଧର୍ବର ଥିଲା । କିନ୍ତୁ ଗନ୍ଧର୍ବ ଏହି ଦାୟିତ୍ୱ ପାଳନରେ ଅବହେଳା କରୁଥିବାରୁ ପହଲି ମନେମନେ ଅସନ୍ତୁଷ୍ଟ ଥିଲା । ମୁଁ କୁସୁମ ବିଷୟରେ ପହଲିକୁ ପ୍ରସ୍ତାବ ଦିଅନ୍ତେ ପହଲି ସଙ୍ଗେସଙ୍ଗେ ରାଜି ହୋଇଗଲା । ତା'ପରେ ମୁଁ ତାକୁ କହିଲି ପ୍ରଥମେ ଏ ବିଷୟରେ ବଡଭାଇ ଗନ୍ଧର୍ବକୁ ପଚାରିବା ପାଇଁ । କିନ୍ତୁ ପହଲି ମୋତେ କହିଲା, ଗନ୍ଧର୍ବ ଭାଇ ଏ ପ୍ରସ୍ତାବରେ ରାଜି ହେବନି କି ଆଉ କେଉଁଠାରେ ମଧ୍ୟ ମୋର ବିଭାଘର କରାଇ ଦେବନି । ତୁମେ ମୋର ଭିଣୋଇ ହିସାବରେ ଯଦି ମୋର ବିଭାଘର କରିବାକୁ ଚାହୁଁଛ, ତେବେ ତୁମ ଘରେ ଏହା ଦାୟିତ୍ୱ ନେଇ କରାଇବ । ପହଲିଙ୍କ ଘର ତ ଜଣାଶୁଣା ଥିଲା ଓ ତାଙ୍କର ସମ୍ପତ୍ତିବାଡି ଓ ଘରଦ୍ୱାର ବେଶ୍ ଥିଲା । ତେଣୁ ତାକୁ କନ୍ୟାପକ୍ଷ ପସନ୍ଦ କି ଅପସନ୍ଦ କରିବାର ପ୍ରଶ୍ନ ନଥିଲା । କେବଳ ପହଲି ନିଜେ କନ୍ୟାକୁ ଦେଖି ରାଜି ହେବା ଦରକାର । ଆମ ଘରେ ଉଭୟ ପରସ୍ପରକୁ ଦେଖାଚାହାଁ କରିବାର ବ୍ୟବସ୍ଥା କରାଗଲା ଓ ତା ପରେ ଉଭୟ ପରସ୍ପର ପ୍ରତି ରାଜି ହେଲେ । ମୁଁ ପୁଅ ପକ୍ଷର ମୁରବୀ ହିସାବରେ ଆମ

Digitized by srujanika@gmail.com

ଘରେ ବିଭାଘର ଆୟୋଜନ କରିବା ପାଇଁ ସ୍ଥିର କରାଗଲା । ସେ ପରିସ୍ଥିତିରେ ଝିଅ ପକ୍ଷ କିଛି ଅର୍ଥ ଦେବା ସମ୍ଭବ ନଥିଲା । ତେଣୁ ମୁଁ କିଛି ଅର୍ଥ ନିଜେ ଖର୍ଚ୍ଚ କରି ବୈଦିକ ରୀତିରେ ବିବାହ କରାଇଦେଲି । ଗନ୍ଧର୍ବ ଏକଥା ଶୁଣି ଖୁବ୍ ରାଗିଯାଇ ପହଲିକୁ ଆମ ଘରୁ ଜବରଦସ୍ତ ନେଇଯିବା ପାଇଁ ପ୍ରମିଳାକୁ ଧରି ଆମ ଗାଁକୁ ଆସିଲା । ଆମ ବଡ ଦାଦା ଉପେନ୍ଦ୍ର ବେହେରା ଏହି ବ୍ୟାପାରରେ ଗନ୍ଧର୍ବକୁ ସମର୍ଥନ କରୁଥିବାରୁ ଗନ୍ଧର୍ବ ଆସି ତାଙ୍କ ଘରେ ଡେରା ପକାଇଲା । ଥରେ ସେ ପହଲିକୁ ଜବରଦସ୍ତ ନେଇଯିବା ପାଇଁ ଆମ ଘର ହତାରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲା । କିନ୍ତୁ ଆମ ସାନ ଦାଦା ବ୍ରଜବନ୍ଧୁ ବେହେରା ତାକୁ ଗୋଟିଏ ଧକ୍କା ଦେଇ ବାହାର କରିଦେବାରୁ ସେ ବାଧ୍ୟ ହୋଇ ନିଜ ଭଉଣୀ ପ୍ରମିଳାକୁ ନେଇ ମାର୍ଶାଘାଇ ଫେରିଗଲା । କିଛିଦିନ ପହଲି ଓ କୁସୁମ ଆମ ଘରେ ରହିଲେ । ତା' ପରେ ଦିନେ ପହଲି ତାଙ୍କ ଘରକୁ ଗଲା, କିନ୍ତୁ ସେଠାରେ ତା'ର ଦୁଇଭାଇ ତାକୁ କୌଶଳ କରି ଘରର ମଝିଖୁଣ୍ଟରେ ବାନ୍ଧି ପକାଇଲେ । ପହଲି ଅବଶ୍ୟ କୌଶଳ କରି ସେଠାରୁ ମୁକୁଳି ଆସିଲା ଏବଂ ଆମ ଘରେ ପହଞ୍ଚିଲା । ଆମ ଘରେ କିଛିଦିନ ରହି ସ୍ୱାମୀ ସ୍ତ୍ରୀ ଉଭୟ ବଡକୁଳ ଗଲେ କୁସୁମଙ୍କ ଘରକୁ । ସେଠାରେ କିଛିଦିନ ରହିଲା ପରେ ପହଲି ପୁଣି ଚେଷ୍ଟାକଲା ତାଙ୍କ ମାର୍ଶାଘାଇ ଘରକୁ ଯିବା ପାଇଁ । ଏମିତି ସେ ଦୁଇଜଣ ସଂଗ୍ରାମ କରୁଥାନ୍ତି । ପହଲିକୁ ବଡଗାଁର ଏକ ଲେବର୍ କଣ୍ଟ୍ରାକ୍ଟ ସୋସାଇଟିରେ ସେକ୍ରେଟାରୀ କାମ ମିଳିଗଲା । ସେହି ସୋସାଇଟିର କାମ କଟକରେ ଚାଲୁଥିବାରୁ ସେ ଓ ତା' ସ୍ତ୍ରୀ କଟକରେ ଆସି ବହୁଦିନ ଧରି ରହିଲେ । ଏହିପରି ବହୁ ବର୍ଷ କଟିଯିବାରୁ ପୁରୁଣା କଥା ଲିଭିଗଲା ଓ ପହଲି ଓ ତା' ସ୍ତ୍ରୀ ନିଜ ମାର୍ଶାଘାଇ ଘରକୁ ଫେରିଲେ । ଏବେ ପହଲିର ଗୋଟିଏ ପୁଅ ଓ ଛ'ଟି ଝିଅ । ପୁଅ ରାଜିରୁଜାରେ ଗୋଟିଏ ବ୍ରାହ୍ମଣ କନ୍ୟାକୁ ବିବାହ କରିଛି ଓ ମୁଁ ଖବର ପାଇବା ଅନୁଯାୟୀ ଚାରୋଟି ଝିଅ ବିବାହ କରିସାରିଥିଲେ ।

ଏଠାରେ ସୂଚନା ଯୋଗ୍ୟ ଯେ, ହାଡିବନ୍ଧୁ ରାଉତ ବେଶ୍ ସ୍ୱଚ୍ଛଳ ଥିଲେ । ସେ ମରିଯିବା ପରେ ପୁଅ ଗନ୍ଧର୍ବ ଘରର ଦାୟିତ୍ୱ ନେଲେ, କିନ୍ତୁ ସେ ଠିକ୍ ରୂପେ ଘର ପରିଚାଳନା କରି ପାରିଲେ ନାହିଁ । ନିଜେ ଅତିରିକ୍ତ ମଦ୍ୟପାନ କରିବା ଏବଂ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟରେ ଲିପ୍ତ ରହିବା ଫଳରେ ତାଙ୍କର ସମ୍ପତ୍ତିବାଡି ବିକ୍ରୀ ହୋଇଗଲା । ଗନ୍ଧର୍ବ ରାଉତ ଶେଷକୁ ମଦ ପିଇ ପିଇ ମରିଗଲା । ମଝିଆ ଭାଇ ଶୁକଦେବ ଅନ୍ୟ ଗୋଟିଏ ଦୂର ଗାଁକୁ ଯାଇ ସେଠାରେ ଘରବାଡି କରି ରହିଛନ୍ତି । ଗାଁରେ କେବଳ ଗନ୍ଧର୍ବର ପୁଅ ଏବଂ ପହଲି ଖୁବ୍ ଦୁରବସ୍ଥା ଭିତରେ ପଡିରହିଛନ୍ତି । ସାନ ପୁଅ ରଘୁନାଥ ଗାଁରୁ ହାଟକୁ ଉଠିଯାଇ ମୋଟ ଉପରେ ଭଲରେ ଚଳାଚଳ କରୁଛି ।

ଶୈଳକୁ ନେଇ ସ୍ୱପ୍ନ

ଆଗରୁ ସ୍ତ୍ରୀର ପ୍ରଥମ ଗର୍ଭରେ ପୁଅଟିଏ ଜନ୍ମ ହୋଇ ମରିଯାଇଥିଲା । ତାପରେ ୧୯୪୮ ମସିହାରେ ସ୍ତ୍ରୀର ୨ୟ ଗର୍ଭରେ ଝିଅଟିଏ ଜନ୍ମ ହେଲା । ମୁଁ ତ ଆଗରୁ ମନ ଭିତରେ

Digitized by srujanika@gmail.com

ପୁଅଝିଅଙ୍କୁ ସମାନ ପ୍ରତିଷ୍ଠା ଦେଇଥାଏ । ପ୍ରଥମ ସ୍ୱାଧିନତା ସଂଗ୍ରାମ ସିପାହୀ ବିଦ୍ରୋହରେ ଝାନ୍‌ସି ରାଣୀ ଲକ୍ଷ୍ମୀବାଈ ସମ୍ମୁଖ ଯୁଦ୍ଧରେ ଇଂରେଜମାନଙ୍କ ସଙ୍ଗରେ ଯୁଦ୍ଧକରି ଏହି ଦେଶପାଇଁ ପ୍ରାଣବଳି ଦେଇଥିଲେ । ସ୍ୱାଧିନତା ସଂଗ୍ରାମ କାଳରେ ସରୋଜିନୀ ନାଇଡୁ, କସ୍ତୁରବା, ବିଜୟଲକ୍ଷ୍ମୀ ପଣ୍ଡିତ, ଅରୁଣା ଆସଫ୍ ଅଲି ଓ କମଳା ନେହେରୁ ଇତ୍ୟାଦି ନାରୀମାନେ କମ୍ କାର୍ଯ୍ୟ କରି ନଥିଲେ । ସେମାନଙ୍କ କାର୍ଯ୍ୟ ତୁଳନାରେ ହଜାରହଜାର ପୁଅଙ୍କ କାର୍ଯ୍ୟ ମଧ୍ୟ ଊଣା ପଡ଼ିବ । ତେଣୁ ମୋ ଦୃଷ୍ଟିରେ ପୁଅଝିଅ ମଧ୍ୟରେ କିଛି ତଫାତ୍ ନାହିଁ । କିନ୍ତୁ ଝିଅମାନଙ୍କୁ ସେହିଭଳି ତିଆରି କରିବା ଦରକାର । ଏହି ଆଦର୍ଶର ଛାପ ମୋର ସମଗ୍ର ଜୀବନରେ ଦେଖିବାକୁ ମିଳିବ । ମୋର ଝିଅଟି ହେବା ଶୁଣି ଆମ ପରିବାର ଭିତରେ ଆମ ତିନିଜଣଙ୍କ ଭିତରୁ ମୁଁ ଯେତିକି ଆନନ୍ଦ ଅନୁଭବ କରିଥିଲି, ସେମାନେ ସେତିକି କରିନଥିଲେ । ଏପରି ଭବନା ମଧ୍ୟ ତାଙ୍କର ଆସିଥିଲା, ପୁଅଟିଏ ହୋଇଥିଲେ ଭଲ ହୋଇଥାନ୍ତା । ସେହି ଦିନଠାରୁ ଝିଅର ଯତ୍ନନେଇ ତାକୁ ଏ ସମାଜରେ ପୁଅମାନଙ୍କ ତୁଳନାରେ'ଅଧିକ ପ୍ରତିଷ୍ଠିତ କରାଇବା ପାଇଁ ମନରେ ସଂକଳ୍ପ କଲି । ତାର ନାମ ଶୈଳ ଦେଲି । ଭଲଭାବରେ ତାକୁ କିପରି ପ୍ରାଥମିକ ଶିକ୍ଷା ଦେବି, ସେହି ଚିନ୍ତାରେ ଥାଏ । ମୁଁ ଓ ମୋ ସ୍ତ୍ରୀ ସକାଳ ଓ ସଂଧ୍ୟାରେ ପ୍ରତିଦିନ ପ୍ରାର୍ଥନା କଲାବେଳେ ଝିଅକୁ ପାଖରେ ବସାଇ ପାର୍ଥନାରେ ଅଭ୍ୟସ୍ତ କରାଉଥାଏ । ପ୍ରାର୍ଥନା ସଙ୍ଗେସଙ୍ଗେ ତାକୁ ଗୀତ ମଧ୍ୟ ଶିଖାଉଥାଏ । ପିଲା ତ ଅନୁକରଣ ପଟୁ, ଝିଅ ଆସ୍ତେଆସ୍ତେ ମୋତେ ଅନୁକରଣ କରୁଥାଏ । ପ୍ରାର୍ଥନା କରି ଗୀତ ମଧ ବୋଲିଥାଏ । ଦେଶର ବଡ଼ଲୋକଙ୍କ କଥା ଗପ ଆକାରରେ କହୁଥାଏ । କିଛିଦିନ ପରେ ତାର ଏ ସବୁ ଅଭ୍ୟାସରେ ପରିଣତ ହୋଇଗଲା । ସୁବିଧା ମିଳିଲେ ସୂତା କାଟେ, ଓ ସେ ଏହା ଲକ୍ଷ୍ୟ କରୁଥାଏ । ସେ ମୋ ଭଳି ଟାଣୁଆ ହେବ ବୋଲି ଜଣା ପଡୁଥାଏ । ତାକୁ ପିଲାଦିନରୁ ଏବଂ ବିଶେଷ କରି ସ୍କୁଲକୁ ଯିବା ପରଠାରୁ ଖଦଡ଼ରେ ଜାମା ପ୍ୟାଣ୍ଟ କରି ପିନ୍ଧାଉଥିଲି । ଭବିଷ୍ୟତରେ ସେ କିପରି ପୁଅମାନଙ୍କ ଠାରୁ ସବୁ କ୍ଷେତ୍ରରେ ଆଗୁଆ ହୋଇ ପାରିବ ଏହି ଲକ୍ଷ୍ୟ ନେଇ ତାକୁ ତିଆରି କରୁଥିଲି । ଝିଅମାନେ ଯେପରି ଲାଜ କୁଳା ହୋଇଥାନ୍ତି, ମୁଁ ଚାହୁଁନଥିଲି ଶୈଳ ସେପରି ହେଉ । ପୁଅମାନଙ୍କ ପରି କିପରି ତା'ର ଆଚରଣବିଧି ହୋଇପାରିବ, ସେହି କଥା ଚିନ୍ତାକରି ତାକୁ ବେଶପୋଷାକ ଓ ଚାଲିଚଳନରେ ପୁଅମାନଙ୍କ ପରି ଗଢୁଥିଲି । ପୁଅପରି ତା'ର ବାଳକଟାଉ ଥିଲି । ତାକୁ ଦେଖିଲେ ଯେ କେହି ବି କହିବ, ସେ ନରୋତ୍ତମର ପୁଅ । ପରେ ସେ ମଧୁସାଗରରେ ପଢ଼ିବା ସମୟରେ ଯେତେବେଳେ ଲୁଚିକରି ରାଜଗଡ ବାଟେ ଘରକୁ ପଳାଇ ଆସୁଥିଲା, ସେ ଅଞ୍ଚଳର ଲୋକମାନେ ଜାଣିଥିଲେ ଓ କହୁଥିଲେ, ହେଇ ଦେଖ, ଦଶୀପୁରର ନରୋତ୍ତମ ବାବୁଙ୍କ ପୁଅ ଯାଉଛି । ଏକଥା ଶୁଣି ମୁଁ ମନେମନେ ଖୁସି ହେଉଥିଲି । କେବଳ ବେଶପୋଷାକ ନୁହେଁ, ଅନ୍ୟସବୁ ଆଚାର-ବ୍ୟବହାରରେ ମଧ୍ୟ ସେ ପିଲାଦିନରୁ ଟାଣୁଆ ଥିଲା ବୋଲି ଜାଣି ପାରୁଥିଲି । ସେ ନିଜେ ମଧ୍ୟ ପୁଅଢ଼ଙ୍ଗରେ ସମସ୍ତଙ୍କ ସହ ଆଚରଣ କରିବାରେ ପିଲାଦିନରୁ ଅଭ୍ୟସ୍ତ ହୋଇ ଯାଇଥିଲା ।

Digitized by srujanika@gmail.com

ଶୈଳର ବିଦ୍ୟାରମ୍ଭ

ଆମ ଗାଁ ସ୍କୁଲରେ ଶୈଳର ପ୍ରାଥମିକ ଶିକ୍ଷା ପାଇଁ ନାମ ଲେଖାଇଲି । ସେତେବେଳେକୁ ତାକୁ ବୟସ ବୋଧହୁଏ ପାଞ୍ଚବର୍ଷ ହୋଇଥିବ । ଧରଣୀଧର ସାମଲ ଆମ ଗ୍ରାମର ସ୍କୁଲଶିକ୍ଷକ ପଦରୁ ଅପସୃତ ହେବା ପରଠାରୁ ମୁଁ ହିଁ ସ୍କୁଲ୍‌ର ମୁଖ୍ୟତଃ ପରିଚାଳନା ଦାୟିତ୍ୱ ନେଇଥାଏ । ବାହାର ଗାଁରୁ ଆସି ନିଯୁକ୍ତ ଥିବା ଶିକ୍ଷକମାନଙ୍କର ଖାଇବା ଓ ରହିବା ଇତ୍ୟାଦି ବୁଝୁଥାଏ । ଶ୍ୟାମସୁନ୍ଦର ଦାସ (ମଝିଆ ବାବା) ତ ସେକ୍ରେଟାରୀ ଥାଆନ୍ତି, ଅଥଚ ସେ ବାବାଜୀ ହୋଇ ବାହାରେ ରହୁଥିବାରୁ ସ୍କୁଲ୍‌ର ହାନିଲାଭ ବୁଝିବା ପାଇଁ ତାଙ୍କ ପାଖରେ ସମୟ ନଥାଏ । କିନ୍ତୁ ତାଙ୍କ ଜାଗା ଉପରେ ସ୍କୁଲ ଚାଲୁଥିବାରୁ ତାଙ୍କୁ ସେକ୍ରେଟାରୀ ପଦରୁ ବଦଳାଇବା ସହଜ ହେଉନଥାଏ । ଅନ୍ୟ ପକ୍ଷରେ ଧରଣୀଧର ସାମଲ ସ୍କୁଲର ଶିକ୍ଷକ ପଦରୁ ଅପସୃତ ହେବା ପରେ ଆଉ ସ୍କୁଲ ନାଁ ଧରୁ ନାଥାନ୍ତି । ଆଉ କେହି ନଥାନ୍ତି ସ୍କୁଲର ଖବରଅନ୍ତର ବୁଝିବାକୁ । ଧରଣୀଧର ସାମଲ ଯିବାପରେ ତାଙ୍କ ବଦଳରେ ଗୋପୀନାଥପୁରରୁ ବିହାରି ନନା ପ୍ରଥମ କରି ଆମ ସ୍କୁଲକୁ ନିଯୁକ୍ତି ପାଇ ଆସିଲେ । ସେ ଆସି ପ୍ରଥମେ ଆମଘରେ ରହିଲେ । ଗ୍ରାମର କେହି ଲୋକ ତାଙ୍କ ଖବରଅନ୍ତର ବୁଝିଲେ ନାହିଁ । ମୋତେ ତାଙ୍କର ଭଲମନ୍ଦ ସବୁ ବୁଝିବାକୁ ହେଲା । କିଛିଦିନ ପରେ ପିଲାମାନେ ପାଳିକରି ଖାଇବା ପାଇଁ ଦେଲେ । କିନ୍ତୁ ସେ ଖୁବ୍ ଅଳ୍ପ ସମୟ ଭିତରେ ବଦଳି ହୋଇଗଲେ । ତାଙ୍କ ଜାଗାରେ ଜଳପୋକ ଗାଁର ଜଗନ୍ନାଥ ନାୟକ ଶିକ୍ଷକ ହୋଇ ଆସିଲେ । ସେ ଆସି ମୋ ପାଖରେ ପହଞ୍ଚିଲେ । ପୂର୍ବପରି ପାଳିକରି ତାଙ୍କୁ ଖାଇବାକୁ ଦିଆଗଲା । କିନ୍ତୁ ମଝିରେ ମଝିରେ ବିଶୃଙ୍ଖଳା ହୋଇଯାଉଥାଏ । ମୁଁ ତାଙ୍କୁ ପ୍ରତିଦିନ ରାତି ବଜତଟା ଦେବାକୁ ସ୍ଥିର କଲି ଏବଂ ସେବେ ଠାରୁ ରାତିରେ ସେ ମୋ ଝିଅକୁ ପଢ଼ାଇବାର କାର୍ଯ୍ୟକ୍ରମ ଆରମ୍ଭ ହୋଇଗଲା । ସେ ଜଣେ ଉଚ୍ଚ ଧରଣର ଶିକ୍ଷକ ଥିଲେ । ତାଙ୍କ ଭିତରେ କିଛି ଆବିଳତା ନଥିଲା । ସେ ଆଗକାଳର ଗୁରୁଙ୍କ ଭଳି ଶୈଳକୁ ଶିକ୍ଷାଦାନ କରୁଥାନ୍ତି । ଯାହା ଦେଖାଗଲା, ଲୋୟର ପ୍ରାଇମେରୀ ପଢ଼ିବା ଭିତରେ ଶୈଳ ପୁଅମାନଙ୍କ ପରି ଫୁର୍ତ୍ତି ଫରୁଆର୍ଡ୍ ଓ ଚାଲାଖଚତୁର ହୋଇଗଲା । ସାମାନ୍ୟ କେତେକ ଝିଅ-ସଂସ୍କାର ତା ଭିତରେ ରହି ଯାଇଥିଲା, ଯାହାକି ନିଜଲୋକ ଛଡ଼ା ଅନ୍ୟ କେହି ଜାଣି ପାରିବ ନାହିଁ । ସେ ମଧ୍ୟ ଭଲ ପଢୁଥିଲା ଓ ତୃତୀୟ ଶ୍ରେଣୀରେ ସ୍କଲାରସିପ୍ ମଧ୍ୟ ପାଇଲା ।

ପିଲାଙ୍କ ପାଠପଢ଼ା

ଏହାପରେ ମୋର ଗୋଟିଏ ପୁଅ ଜନ୍ମ ହେଲା । ସ୍ୱାଭାବିକ ଭାବରେ ସମସ୍ତେ ଏ ଘଟଣାରେ ଖୁସି ହେଲେ । ମୁଁ ତା'ର ନାମ ରଖିଲି ରଣଜିତ୍(ଚିତ୍ତର ପ୍ରଥମ ନାମ) । ସେ ଯେପରି ଭବିଷ୍ୟତରେ ବଡ଼ ଲଢୁଆ ବୀର ହେବ, ସେହି ଉଦ୍ଦେଶ୍ୟ ରଖି ମୁଁ ନିଜେ ତାର ନାମକରଣ କରିଥିଲି । ସେ ବଳିଷ୍ଠ ଶରୀର ନେଇ ଜନ୍ମ ହୋଇଥାଏ ।

ଜଗନ୍ନାଥ ବାବୁଙ୍କୁ ଆମ ଗ୍ରାମରେ ସମସ୍ତେ କାଳକ୍ରମେ ଭଲ ପାଇଲେ । ତାଙ୍କର ସରଳତା ଓ ଆମାୟିକ ବ୍ୟବହାର ନେଇ ସେ ପ୍ରାୟ ଦଶବର୍ଷ ଧରି ଆମଗ୍ରାମରେ ଶିକ୍ଷକତା କଲେ ।

Digitized by srujanika@gmail.com

ଶୈଳ ଓ ରଣଜିତ୍‌କୁ ବରାବର ଆମଘରେ ରାତିରେ ସେ ଟିଉସନ୍ କରୁଥାନ୍ତି । ତାଙ୍କରି ଉତ୍ତମ ଶିକ୍ଷାଦାନ ବଳରେ ପ୍ରାଥମିକ ସ୍କୁଲରୁ ଆଗପଛ କରି ମୋର ଦୁଇଜଣ ପିଲା ସ୍କଲାର୍‌ସିପ୍ ପାଇଲେ । ରଣଜିତ୍ ସାଙ୍ଗରେ ସେହି ବ୍ୟାଚରେ ୩/୪ ଜଣ ପିଲା ସ୍କଲାର୍‌ସିପ୍ ପାଇଲେ । ଏପର୍ଯ୍ୟନ୍ତ ଅଳ୍ପ କେତୋଟି ବ୍ୟତିକ୍ରମକୁ ବାଦ୍ ଦେଲେ ସେହି ଦିନଠାରୁ ଆମ ସ୍କୁଲରେ ଆଉ ଭଲପିଲା ଉତୁରୁ ନାହାଁନ୍ତି କି ସ୍କଲାର୍‌ସିପ୍ ପାଉ ନାହାଁନ୍ତି ।

ବରୀରେ ସ୍ତ୍ରୀ ସାଧବର ତାଲିମ୍

ଏହି ସମୟରେ ରମାଦେବୀ ଓ ତାଙ୍କ ଝିଅ ଅନ୍ନପୂର୍ଣ୍ଣା ମହାରଣା ବରୀ-ରାମଚନ୍ଦ୍ରପୁର ଆଶ୍ରମ କରି ରହିଥାନ୍ତି । ଗୋପବନ୍ଧୁ ଚୌଧୁରୀ ମଧ ବରୀ ଅଶ୍ରମରେ ରହୁଥିଲେ । ସେ ରାମଚନ୍ଦ୍ରପୁରରେ ଏକ ନାରୀଶିକ୍ଷା କେନ୍ଦ୍ର ଖୋଲିଥିଲେ । ସେହି କେନ୍ଦ୍ରକୁ ମୋ ସ୍ତ୍ରୀ ସାଧବକୁ ପଠାଇବାକୁ ସୁଯୋଗ ଆସିଗଲା । ସେ ମଧ ଏକମତ ହେଲା । ସେତେବେଳକୁ ମୋ ପୁଅ ରଣଜିତ୍‌କୁ ଦୁଇବର୍ଷ ପାଖାପାଖି ହୋଇଥାଏ । ସେ ମା' କ୍ଷୀର ଖାଉଥିବାରୁ ସ୍ୱାସ୍ଥ୍ୟ ତା'ର ଭଲ ଥିଲା । ଠିକ୍ ହେଲା, ପୁଅକୁ ସାଙ୍ଗରେ ନେଇ ରାମଚନ୍ଦ୍ରପୁର ଟ୍ରେନିଂ କେନ୍ଦ୍ରରେ ପହଞ୍ଚିବାକୁ ହେବ । ସେତେବେଳେ ରାସ୍ତାଘାଟର ସୁବିଧା ହୋଇନଥାଏ । କେନ୍ଦ୍ରାପଡ଼ାରୁ ଇନ୍ଦୁପୁର ପର୍ଯ୍ୟନ୍ତ କଚା ରାସ୍ତାଟିଏ ଥାଏ । ସେଥିରେ ବଳଦଗାଡି ଛଡା ଆଉ ଅନ୍ୟ ଯାନବାହନ ଚଳାଚଳ ହେଉ ନଥାଏ । ବର୍ଷା ସମୟରେ ବସ୍ ଇତ୍ୟାଦି ଚାଲୁ ନଥାଏ । କାଁ ଭାଁ ଘରୋଇ ବସ୍ ଖଣ୍ଡେ ଖଣ୍ଡେ କେତେବେଳ ଅବା ଚାଲୁଥାଏ । ତାହା ପୁଣି ନିୟମିତ ନୁହେଁ । ଘରୋଇ ବସ୍‌କୁ କଚା ରାସ୍ତାରେ ଚଳାଇବା ପାଇଁ କେହି ରାଜି ନଥାନ୍ତି । ସେଥିପାଇଁ ବଳଦ ଗାଡି ସବୁଠାରୁ ସୁବିଧାଜନକ ମନେକରି ଲୋକେ ବଳଦଗାଡିରେ ଯାଆସ କରୁଥାନ୍ତି । ଆମେ ମାର୍ଶାଘାଇରୁ ବଳଦଗାଡିରେ କେନ୍ଦ୍ରାପଡ଼ା ଗଲୁ । ସେଠୁ ଆଉ ଗୋଟିଏ ବଳଦଗାଡିରେ ଇନ୍ଦୁପୁର ପର୍ଯ୍ୟନ୍ତ ଯାଇ ବ୍ରାହ୍ମଣୀ ନଦୀ ପାର ହୋଇ ସେଠୁ ଗୋଟିଏ ମଜୁରିଆ ଯୋଗାଡ କରି ଜନିଷମାନ ଭାରକରି ନେଲୁ । ମୁଁ ଓ ସାଧବ ଆମେ ଦୁହେଁ, ପୁଅ ରଣଜିତ୍‌କୁ ମଝିରେ ମଝିରେ କାଖେଇ ନେଉଥିଲୁ । ସଂଧ୍ୟା ପୂର୍ବରୁ ରାମଚନ୍ଦ୍ରପୁରରେ ପହଞ୍ଚିଲୁ । ଆଗରୁ ଆମ ଅଞ୍ଚଳରୁ ୪/୫ଟି ଝିଅ ସେଠାକୁ ଟ୍ରେନିଂ ପାଇଁ ଯାଇଥାନ୍ତି । କୁସୁନପୁରର ସୁଶୀଳା, ନନ୍ତାରବାଲିର ବିମଳା, କାନପୁରର ନୟନା ଓ କୁସୁନପୁରର ଆଉ ଗୋଟିଏ ହରିଜନ ଝିଅ ଯାଇଥିଲା । ଏହିପରି ଆମ ଅଞ୍ଚଳରୁ ୫/୬ ଜଣ ଝିଅବୋହୂ ସେଠାକୁ ଯାଇଥାନ୍ତି । ଗଇଦୁଆଁରୁ ସତ୍ୟଭାମା ବୋଲି ଗୋଟିଏ ବୋହୂ ଯାଇଥାଏ । ସ୍ତ୍ରୀକୁ ସେଠି ଛାଡି ତା' ପରଦିନ ଚାଲି ଆସିଲି । ଠିକ୍ ପନ୍ଦର ଦିନ ପରେ ବିନା ଖବରରେ ହଠାତ୍ ଘରେ ଆସି ପହଞ୍ଚିଗଲେ ମା ପୁଅ ଦୁହେଁ । ମୁଁ ଭାରି ବିଗିଡିଲି । ସେ କହିଲା, ପୁଅକୁ ପାଖରେ ରଖି ସେ ସେଠି କିଛି ଶିଖିପାରିବ ନାହିଁ । ପୁଅ ସେଠି ବଡ ଅଡୁଆ କରୁଛି । ସେ ପୁଣି କହିଲା, ପୁଅକୁ ଯଦି ଘରେ ଛାଡିବି, ତେବେ ଯାଇ ମୁଁ ଟ୍ରେନିଂକୁ ଯିବି । ସତ୍ୟଭାମା ଏଭଳି ପାଠ ମୋ ସ୍ତ୍ରୀକୁ ଶିଖାଇଛି ବୋଲି ବହୁଦିନ ପରେ ମୁଁ ଜାଣି ପାରିଥିଲି । ସେଠି ଟ୍ରେନିଂ ତା ମନକୁ ନପାଇବାରୁ ସେ ମୋ ସ୍ତ୍ରୀକୁ ଶିଖାଇ ସଙ୍ଗରେ ଘେନି ଆସଥିଲା । ମୁଁ ତ ଭାବି ଜିଦ୍‌ଖୋର । ଯାହା ଠିକ୍

Digitized by srujanika@gmail.com

ବୋଲି ବୁଝିଥିବି, ତାକୁ ସଙ୍ଗେସଙ୍ଗେ କାର୍ଯ୍ୟରେ ପରିଣତ କରେ । ସେ ଆସି ପହଞ୍ଚିଲା ପରେ ମୁଁ ଭାରି ରାଗି ଉଠିଲି ଓ କହିଲି, ବର୍ତ୍ତମାନ ସଙ୍ଗେସଙ୍ଗେ ଯିବାକୁ ହେବ । ମୁଁ ତୁମକୁ ନେଇ ଛାଡିଦେଇ ଆସିବି । ତା'ପରେ ଯାଇ ଅନ୍ୟ କାର୍ଯ୍ୟ । ସେ ଏକ କୌଶଳ ପାଞ୍ଚିଲା ଓ ପୁଅକୁ ସଙ୍ଗରେ ନନେଇ ଯିବ ବୋଲି କହିଲା । ପୁଣି ଆଉ ମଧ ସେ କହିଲା, ପୁଅ କ୍ଷୀର ଖାଉଛି, ଯଦି ସେ କ୍ଷୀର ନଖାଏ, ତେବେ ତା ସ୍ୱାସ୍ଥ୍ୟ ଖରାପ ହେବ । ତେଣୁ, ଏ ପରିସ୍ଥିତିରେ କ'ଣ କରାଯିବ ? ମୁଁ ବଡ ଅଡୁଆରେ ପଡିଲି । ମନେମନେ ସ୍ଥିରକଲି, ମା' ଆଗେ ଭଲ ହେବା ଦରକାର । ମା' ଭଲ ହେଲେ ପୁଅ ନିଶ୍ଚୟ ଭଲ ହେବ । ତେଣୁ, ପୁଅକୁ ଛାଡି ମା ଟ୍ରେନିଂକୁ ଯିବା ଠିକ୍ ହେବ । ମା' ଭଲ ହୋଇପାରିଲେ, କେତେ ପୁଅକୁ ଧରାପୃଷ୍ଠରେ ଭଲକରି ଠିଆ କରେଇପାରିବ । ମା' ଅଭାବରେ ପୁଅର ସ୍ୱାସ୍ଥ୍ୟ ଭାଙ୍ଗିଯାଉ ବା ସେ ମରିଯାଉ ପଛକେ ମୁଁ ମା'କୁ ଟ୍ରେନିଂ କ୍ୟାମ୍ପକୁ ପଠାଇବି ବୋଲି ମନରେ ସ୍ଥିର କଲି । ମଧୁସାଗରରେ ସର୍ବୋଦୟ କର୍ମୀମାନଙ୍କର ଏକ ବୈଠକ ଡକାଯାଇଥିଲା । ସେଥିରେ ଗୋପବନ୍ଧୁ ଚୌଧୁରୀଙ୍କ ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ଯୋଗ ଦେବାର ଥାଏ । ସେହି ବୈଠକକୁ ମୋ ସ୍ତ୍ରୀକୁ ନେଇ ମୁଁ ମଧୁସାଗର ଗଲି । ବୈଠକରେ ଆଲୋଚନା ପରେ ତା ପରଦିନ ଶରତ ଚନ୍ଦ୍ର ମହାରଣା ରାମଚନ୍ଦ୍ରପୁର ଫେରିବାର କଥା । ତାଙ୍କ ସଙ୍ଗରେ ସ୍ତ୍ରୀ ସାଧବକୁ ତା'ପରଦିନ ରାମଚନ୍ଦ୍ରପୁର ପଠାଇ ଦେଲି । ଏହାପରେ ସେ ସେଠାରେ ମୁହଁ ମାଡି ପଡି ରହିଲା ଟ୍ରେନିଂ ସରିବା ପର୍ଯ୍ୟନ୍ତ । ମଝିରେ ମଝିରେ ତା' ଠାରୁ ଚିଠି ଦ୍ୱାରା ମୁଁ ଯାହାକିଛି ଭଲମନ୍ଦ ଜାଣୁଥାଏ ।

ପୁଅଚିନ୍ତା

ପୁଅ ତ ମା' ଠାରୁ ଯଥେଷ୍ଟ କ୍ଷୀର ଖାଉଥିଲା । ସ୍ୱାସ୍ଥ୍ୟ ତା'ର ଭଲ ରହୁଥିଲା । କିନ୍ତୁ ମା' ଟ୍ରେନିଂ ଚାଲିଯିବା ପରେ ତାକୁ ଗାଈକ୍ଷୀର ଦିଆଗଲା । ତା'ର ସ୍ୱାସ୍ଥ୍ୟ କ୍ରମେକ୍ରମେ ଖରାପ ଆଡକୁ ଗତିକଲା । ତା'ର ରକ୍ତଶୂନ୍ୟତା ଯୋଗୁଁ ହାତଗୋଡ ଫୁଲିଗଲା । ଯାହା ଖାଇଲା, ଜୀର୍ଣ୍ଣ ହେଲା ନାହିଁ । ମୁଁ ବଡ ଚିନ୍ତିତ ଅବସ୍ଥାରେ ପଡିଲି । ଯାହାହେଉ, ତାକୁ ଔଷଧପତ୍ର ଦେବାଦ୍ୱାରା ସେ ଭଲ ଆଡକୁ ଆସୁଥାଏ । କିନ୍ତୁ, ପୁଣି ମଝିରେ ମଝିରେ ତା' ଅବସ୍ଥା ଖରାପ ଆଡକୁ ଯାଉଥାଏ । ଏହି ଅସୁବିଧା ସମୟରେ ଅନୁଗୁଳ ଜିଲ୍ଲାର ଟାଇଁସି ବୋଲି ଗୋଟିଏ ଗ୍ରାମରେ ୭ଦିନ ଧରି ଓଡ଼ିଶା ସର୍ବୋଦୟ ମଣ୍ଡଳର ବୈଠକ ଅନୁଷ୍ଠିତ ହେବାର ଥାଏ । ସେଠାରେ ଗୋଟାଏ ପୋଖରୀ ଗ୍ରାମବାସୀଙ୍କ ଦ୍ୱାରା ଖୋଳା ହେବାର ଥାଏ । ସେଥିରେ ସକାଳ ଚାରି ଘଣ୍ଟା ଶ୍ରମ କରିବାକୁ ହେବ । ୨ଟା ଠାରୁ ତାତ୍ତ୍ୱିକ ଆଲୋଚନା । ଭାରତବର୍ଷରେ ଭୂଦାନ ଯଜ୍ଞ ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ ଓଡ଼ିଶାରେ ଭୂଦାନଯଜ୍ଞର କାର୍ଯ୍ୟକ୍ରମ କ'ଣ ନିଆଯିବ, ସେ ବିଷୟରେ ଆଲୋଚନା ହେବାର ଥାଏ । ଏହି କାର୍ଯ୍ୟକ୍ରମ ନେଇ ସର୍ବୋଦୟ ଶ୍ରମ ଶିବିର ଡକାଯାଇଥାଏ ।

ବାଣେଶ୍ୱରପୁରରେ ପୁଅର ଚିକିତ୍ସା

ଏହି ଶିବିରରେ ଯୋଗଦେବା ପାଇଁ ଆମ ପାଖକୁ ଚିଠି ଆସିଥାଏ । ଚିନ୍ତାମଣି ଭାଇ ଆସି ମୋତେ ଟାଇଁସି ସମ୍ମିଳନୀକୁ ଯିବା ପାଇଁ କହିଲେ । ମୁଁ କହିଲି, ପୁଅର ଦେହ ବିଶେଷ

Digitized by srujanika@gmail.com

ଖରାପ ଆଡକୁ ଗତି କରୁଛି । ମୋର ଅନୁପସ୍ଥିତିରେ କେତେବେଳେ କ'ଣ ହେବ କହିହେଉ ନାହିଁ । ମୁଁ ଯାଇପାରିଲା ଭଳି ଦେଖାଯାଉ ନାହିଁ । ମୋ ବୋଉ ଯତ୍ନରେ ପୂଅ ଥାଏ, କିନ୍ତୁ ସେ ପୁରୁଣାକାଳିଆ ଲୋକ ହୋଇଥିବାରୁ ପୁରୁଣା ବାଟରେ ପୂଅର ଯତ୍ନ ନେଉଥାଏ ଅଥଚ ପୂଅର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ଦେଖାଯାଉନି । ମୁଁ ମଝିରେ ମଝିରେ ଔଷଧପତ୍ର ଦେବା ଦ୍ୱାରା ପୂଅର ଅବସ୍ଥା ଟିକେ ଭଲ ଆଡକୁ ଆସୁଥାଏ, କିନ୍ତୁ ପୁଣି ଖରାପ ହୋଇଯାଉଥାଏ । ପୂଅ ବିଷୟରେ ଏକଥା ଶୁଣି ଚିନ୍ତାମଣି ଭାଇ ଗୋଟିଏ ପ୍ରସ୍ତାବ ଦେଲେ ; ବାଣେଶ୍ୱରପୁରରେ ଗୋପିବାବୁଙ୍କ ପ୍ରାକୃତିକ ଚିକିତ୍ସାରେ ରହିଲେ ମଣିଷକୁ ରୋଗ ଇତ୍ୟାଦି ଧରିବ ନାହିଁ, ସେ ମଧ୍ୟ ଆମର ହୋଇ ରହିପାରେ । ଗୋପିବାବୁ ଗୋବରୀ ନଦୀ କୂଳରେ ଅବସ୍ଥିତ ବାଣେଶ୍ୱରପୁର ଗ୍ରାମଠାରୁ ଟିକିଏ ଦୂରରେ ଗୋଟିଏ ଆଶ୍ରମ କରି ତାଙ୍କର ଗବେଷଣା ଚଲେଇ ଥା'ନ୍ତି । ସେଇଠି ସେ ଏକୁଟିଆ ନିଜ ଉପରେ ପ୍ରାକୃତିକ ଚିକିତ୍ସା ପ୍ରୟୋଗ କରୁଥାନ୍ତି । ଆଗରୁ ତାଙ୍କ ସହିତ ମୋର ଭଲ ପରଚୟ ଥିଲା । ଆମେ ମଧ୍ୟ ତାଙ୍କ ଆଶ୍ରମକୁ ସାହାଯ୍ୟ କରିଛୁ । ବୋଉ (ପୂଅର ବୂଢୀ ମା') ସହିତ ପୂଅକୁ ଗୋପିବାବୁଙ୍କ ପ୍ରାକୃତିକ ଚିକିତ୍ସା କେନ୍ଦ୍ରକୁ ପଠାଇଦେବା ପାଇଁ ଠିକ୍ ହେଲା । ପ୍ରଥମେ ଗୋପିବାବୁଙ୍କ ସାଙ୍ଗରେ କଥାବାର୍ତ୍ତା ପାଇଁ ତା'ପରଦିନ ଚିନ୍ତାମଣି ଭାଇ ଓ ମୁଁ ଗୋପିବାବୁଙ୍କ ଆଶ୍ରମକୁ ଗଲୁ । ତାଙ୍କ ସାଙ୍ଗରେ କଥାବାର୍ତ୍ତା ହେଲୁ । ସେ ବୂଢୀ ମା' ଓ ପୂଅକୁ କିଛିଦିନ ରଖିବାକୁ ରାଜି ହେଲେ । ସେଠୁ ଫେରି ଆମର ଟାଇଁସି ସର୍ବୋଦୟ ଶିବିରକୁ ଯିବାର ସ୍ଥିର ହେଲା । ତା'ପରଦିନ ବୋଉକୁ ଓ ପୂଅକୁ ସାଙ୍ଗରେ ନେଇ ମଧୁସାଗର ବାଟେ ଚିନ୍ତାମଣି ଭାଇଙ୍କୁ ସାଙ୍ଗରେ ଧରି ଗୋପିବାବୁଙ୍କ ଆଶ୍ରମକୁ ବାହାରିଲୁ । ବାଣେଶ୍ୱରପୁର ଗ୍ରାମ ପାଖରେ ଗୋବରୀ ନଦୀ ବୋହିଯାଇଛି । ତାକୁ ପାରି ହେବାପାଇଁ ଗୋଟିଏ ଦଦରା ହୁଲି ପଡିଛି । ସେଥିରେ ମାତ୍ର ଦୁଇତିନି ଜଣ ଯାଇ ପାରିଥାନ୍ତେ । ଆମେ କିନ୍ତୁ ମୋ ବୋଉ, ରୋଗୀ ପୂଅ, ଚିନ୍ତାମଣସ ଭାଇ, ମୁଁ ଓ ବାହାରୁ ୨/୩ ଜଣ ଲୋକ, ଏମିତି ୫/୬ଜଣ ବସିଲୁ । ଠିକ୍ ମଝି ନଈରେ ହେଲା ବେଳକୁ ଡଙ୍ଗାରେ ପାଣି ପଶିବା ଆରମ୍ଭ କଲା । କିପରି କୂଳରେ ଲାଗିବ ଭାବି ଭାରି ଡର ଲାଗିଲା । ଚିନ୍ତାକଲି ଡଙ୍ଗା ବୁଡିଲେ ଆମ୍ଭେମାନେ ପୁରୁଷ ଲୋକ ପହଁରି ଯାଇ ବଞ୍ଚିପାରିବା, କିନ୍ତୁ ମୋର ମା' ଓ ପୂଅ ନିମିଷକ ମଧ୍ୟରେ ଏ ଧରାପୃଷ୍ଠରୁ ମୋରି ଆଗରେ ବିଲୀନ ହୋଇଯିବେ । ମୁଁ ସେତେବେଳ ଦେବାଦେବୀ ବିଶ୍ୱାସ କରୁ ନଥିଲେ ମଧ୍ୟ ଭଗବାନ ବିଶ୍ୱାସ ମୋର ଥିଲା । ମୁଁ ଖୁବ୍ ଆତୁର କଣ୍ଠରେ ମନେମନେ ଭଗବାନଙ୍କୁ ଡାକିଲି । ଏ କି ବିପଦ ଆଣି ପହଞ୍ଚାଇଲ ! ହୁଲିଡଙ୍ଗାର ଯାତ୍ରୀମାନେ ସମସ୍ତେ ମୋରି ଭଳି ଭୟ ପାଇ ଭଗବାନଙ୍କୁ ଡାକୁଥାନ୍ତି । ଡଙ୍ଗା ନିଶ୍ଚିତ ବୁଡିଯିବ ବୋଲି ଆଶଙ୍କା ସମସ୍ତଙ୍କ ମନରେ ଆସିଯାଇଥିଲା । ଡଙ୍ଗା ବୁଡିଯିବା ହେଉହେଉ କୌଣସି ମତେ ଡଙ୍ଗାର ଗୋଟିଏ ମୁଣ୍ଡ କୂଳକୁ ଲାଗିଗଲା । କୂଳରେ ଥିବା ଲୋକମାନେ ଡଙ୍ଗାକୁ ଧରି ପକାଇଲେ । ଆମେ ତରତର ହୋଇ ଡଙ୍ଗାରୁ ଓହ୍ଲାଇ ପଡିଲୁ । ଆମେ ଦେଖିଲୁ, ସଙ୍ଗେସଙ୍ଗେ ଡଙ୍ଗା କୂଳ ପାଖରେ ବୁଡିଗଲା । ଆମ୍ଭେମାନେ ଏକ ଆସନ୍ନ ସଂକଟରୁ ରକ୍ଷା ପାଇଗଲୁ । ବୋଉ ଓ ପୂଅକୁ ନେଇ ଚିନ୍ତାମଣି ଭାଇ ଓ ମୁଁ ସାଙ୍ଗ ହୋଇ ଆଶ୍ରମକୁ ଯିବା ବାଟରେ କଥାବାର୍ତ୍ତା ହେଲୁ, ଆଜି ଆମର ନିଶ୍ଚିତ ମୃତ୍ୟୁ ହୋଇଥାନ୍ତା, କୌଣସି ମତେ ରକ୍ଷା ପାଇଗଲେ । ଏହିପରି କଥାବାର୍ତ୍ତା ଭିତରେ ଆମେ ଗୋପିବାବୁଙ୍କ

Digitized by srujanika@gmail.com

ଆଶ୍ରମରେ ପହଞ୍ଚି ଯାଇଥିଲୁ । ସେଠି ବୋଉ ଓ ପୁଅର ଖିଆପିଆ ଇତ୍ୟାଦି ବ୍ୟବସ୍ଥା କରାଇ ଗୋପିବାବୁଙ୍କ ଜିମାରେ ରଖାଇ ଆମେ ଫେରିଲୁ ।

ଅନୁଗୁଳରେ ସର୍ବୋଦୟ ସମ୍ମିଳନୀ

ତା' ପରଦିନ ଟାଇଁସି ଅଭିମୁଖେ ଯିବାର ସ୍ଥିର ହେଲା । ମୁଁ ଘରକୁ ଫେରି ତା'ପରଦିନ ମଧୁସାଗରରେ ପହଞ୍ଚି ସାଙ୍ଗହୋଇ କଟକ ଯାତ୍ରା କଲୁ । କଟକରେ ପହଞ୍ଚି ରାତିରେ ତାଳଚେର ଟ୍ରେନ୍ ଧରି ଅନୁଗୁଳରେ ସମସ୍ତେ ଏକଜୁଟ୍ ହେବା କଥା । ସେଠାରୁ ଗୋଟିଏ ରିଜର୍ଭ ବସ୍‌ରେ ସର୍ବୋଦୟ କର୍ମୀମାନେ ଯାଇ ଟାଇଁସିରେ ପହଞ୍ଚିବେ । ସେହି ଅନୁସାରେ ଆମେ ଠିକ୍ ସମୟରେ ପହଞ୍ଚି ଟାଇଁସି ଅଭିମୁଖେ ଯାଉଥିବା ରିଜର୍ଭ ବସ୍ ଧରିଲୁ । ଟାଇଁସିରେ ଦିନ ୩ଟାରେ ପହଞ୍ଚିଲୁ । ଟାଇଁସିକୁ ଯିବାକୁ ହେଲେ ରାସ୍ତାର ଦୁଇ କଡରେ ଘନ ଜଙ୍ଗଲ । ହିଂସ୍ରଜନ୍ତୁ ଭର୍ତ୍ତି । ବାଟରେ ବସ୍ ଅଟକିଲେ ବିପଦର ସମ୍ଭାବନା ଖୁବ୍ ବେଶି । ତେଣୁ ଟାଇଁସି ଯିବା ପୂର୍ବରୁ ବସକୁ ଚେକ୍ କରାଗଲା, ଯାହା ଫଳରେ ବାଟରେ ଯେପରି ଖରାପ ନହୁଏ ଓ ଜଙ୍ଗଲ ଭିତରେ ବସ୍ ନ ଅଟକେ । ଆମେ ଗଲାବେଳେ ଦେଖିବାକୁ ପାଇଲୁ, ଘନ ଜଙ୍ଗଲ ଭିତରେ ମୟୂର ଓ ନାନା ଜାତିର ପକ୍ଷୀ, ଭାଲୁ ତଥା ଛୋଟଛୋଟ ହିଂସ୍ରଜନ୍ତୁ ବସ୍‌କୁ ଦେଖି ପଳାଇଯାନ୍ତି । ମୋର ଯେତେଦୂର ମନେଅଛି, ୧୯୫୨ ମସିହା ଫେବୃୟାରୀ ୩ ତାରିଖରେ ଏହି ସର୍ବୋଦୟ ଶ୍ରମଶିବିର ଓ ସମ୍ମିଳନୀ ଗୋପବନ୍ଧୁ ଚୌଧୁରୀଙ୍କ ଉଦ୍ୟମରେ ଅନୁଗୁଳର ଟାଇଁସି ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ଚିନ୍ତାମଣି ସ୍ୱାଇଁଙ୍କ ନେତୃତ୍ୱରେ ସେଥିରେ ଆମ କେନ୍ଦ୍ରପଡ଼ା ଅଞ୍ଚଳରୁ ୩୦-୪୦ କର୍ମୀ ଯୋଗ ଦେଇଥିଲୁ । ସେହି ସମ୍ମିଳନୀରେ ମନମୋହନ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ମାଳତୀ ଚୌଧୁରୀ, ବୁନିଅପା (ଅନ୍ନପୂର୍ଣ୍ଣା ମହାରଣା) ଓ ଶରତ ମହାରଣା ପ୍ରଭୃତି ଯୋଗ ଦେଇଥିଲେ । ସେଠି ୭ଦିନ ଧରି ସମ୍ମିଳନୀ ଚାଲିଲା । ସେଠି ଗୋଟିଏ ବଡ଼ ପୋଖରୀର ପଙ୍କ ଉଦ୍ଧାର କାର୍ଯ୍ୟ କରିବାର ଥିଲା । ଦିନକୁ ଚାରିଘଣ୍ଟା କରି ୭ଦିନ ଧରି କର୍ମୀମାନଙ୍କ ଶ୍ରମରେ ଓ ଗ୍ରାମବାସୀଙ୍କ ସାହାଯ୍ୟରେ ଗଡ଼ିଆଟିର ପଙ୍କଉଦ୍ଧାର କାର୍ଯ୍ୟ ସରିଗଲା । ପ୍ରତ୍ୟେହ ଦିନ ୨ଟାରୁ ୪ଟା ପର୍ଯ୍ୟନ୍ତ ଆଲୋଚନା ଚାଲୁଥାଏ । ବିଭିନ୍ନ ଆଲୋଚନା ଭିତରେ ମୁଖ୍ୟ ବିଷୟ ଥାଏ, ଓଡ଼ିଶାରେ ଭୂଦାନ ଯଜ୍ଞ କିପରି ଚାଲିବ । ଠିକ୍ ହେଲା, କର୍ମୀମାନେ ବାହାରି ଗାଁକୁ ଗାଁ ଯାଇ ଭୂଦାନ ଯଜ୍ଞ ବିଷୟରେ ପ୍ରଚାର କରିବା ସଙ୍ଗେସଙ୍ଗେ ଭୂଦାନ ସଂଗ୍ରହ କରିବେ । କାହିଁକିନା ଭାରତର ଅନ୍ୟାନ୍ୟ ପ୍ରଦେଶରେ ବିନୋବା ଏ କାର୍ଯ୍ୟକ୍ରମ ଆରମ୍ଭ କରିଦେଲେଣି । ଓଡ଼ିଶା ଏଥିରେ ପଛାଇବ କାହିଁକି ? ସେଠି ସ୍ଥିର ହେଲା, ଓଡ଼ିଶାରେ ଭୂଦାନ ଯଜ୍ଞ ସମିତି ପ୍ରଥମ କରି ଗଢାହେବ ଓ ତାରି ଜରିଆରେ ସବୁ ଜିଲ୍ଲାରେ ପ୍ରଚାର ଚାଲିବ । କର୍ମୀମାନଙ୍କୁ ବାହାର କରିବାକୁ ହେବ ।

ପୁରୀରେ ଗାନ୍ଧିଙ୍କ ଶ୍ରାଦ୍ଧସଭା

ପ୍ରତିବର୍ଷ ଗାନ୍ଧିଜୀଙ୍କ ପ୍ରୟାଣ ଦିବସକୁ ଫେବୃୟାରୀ ୧୨ ତାରିଖ ଦିନ ପୁରୀରେ ପାଳନ କରାଯାଏ । ସେ ବର୍ଷ ଆମେ କେତେକ କର୍ମୀ ସମ୍ମିଳନୀର ଶେଷ ଦିନ ଟାଇଁସିଠାରୁ ସିଧା ତାଳଚେର ରେଲ ଷ୍ଟେସନ୍ ଓ ସେଠୁ ପୁରୀକୁ ଆସିବା ଲକ୍ଷ୍ୟରେ ଟାଇଁସିରୁ ଜଙ୍ଗଲ ବାଟରେ ବାଟ ଦେଖାଉଥିବା ଜଣେ ଲୋକଙ୍କୁ ସାଙ୍ଗରେ ଧରି ବାହାରି ପଡିଲୁ । ଦୁଇଟି ଘାଟି ପାର

Digitized by srujanika@gmail.com

ହୋଇ ସମତଳ ଭୂମିରେ ପାଦ ଦେଲୁ । ଘାଟିରେ ଉପରକୁ ଉଠିବା ଏବଂ ତଳକୁ ଖସିବା ଅଭ୍ୟାସ ନଥିବାରୁ ମୁଁ ବଡ଼ କଷ୍ଟ ଅନୁଭବ କଲି । ମନର ବଳ ଯୋଗୁଁ ଅନ୍ୟମାନଙ୍କ ସାଙ୍ଗରେ ପାଦ ମିଳାଇ ଚାଲି ଚାଲି ତାଳଚେରରେ ପହଞ୍ଚିଲୁ । ସେଠୁ ତାଳଚେର-ପୁରୀ ଟ୍ରେନ୍ ଧରି କଟକରେ ପହଞ୍ଚିଲୁ । କଟକ ରେଭେନ୍‌ସା କଲେଜରେ ଚିନ୍ତାମଣି ଭାଇଙ୍କ ଗାଁର କରୁଣାକର ପରିଡ଼ା ପଢୁଥାନ୍ତି । ସେଦିନ ରାତିରେ ତାଙ୍କରି ହଷ୍ଟେଲ୍‌ରେ ଆମେ ଦୁଇଜଣ ରହିଲୁ । ସମ୍ମିଳନୀରେ ପ୍ରତିଦିନ ଅରୁଆ ଖେଚୁଡ଼ି ଖାଉଥିବାରୁ ଦେହ ବିଗିଡିବାର ସୂଚନା ଦେଖାଯାଇଥିଲା । ପ୍ରଥମେ ଟ୍ରେନ୍ ଧରିବା ପୂର୍ବରୁ ପତଳା ଝାଡ଼ା ଦୁଇଥର ହୋଇଗଲା । ସେହି ରାତିରେ କରୁଣାକର ଆମ ଦୁହିଁଙ୍କ ଗୋଡ ମୋଡି ଦେବା ଓ ସମସ୍ତ ପ୍ରକାର ସେବାଯତ୍ନ କରିବାରୁ ଆମେ ଆରାମ ଅନୁଭବ କଲୁ । ତା' ପରଦିନ ଆମେ ପୁରୀ ପାସେଞ୍ଜରରେ କଟକ ଛାଡ଼ିଲୁ ଓ ୧୧ ତାରିଖରେ ପୁରୀରେ ପହଞ୍ଚିଲୁ । ସେଠି ଧର୍ମଶାଳାରେ ରହିଲୁ, ସକାଳୁ ପ୍ରଭାତ ଫେରି ପରେ ସମୁଦ୍ରରେ ଗାଧୋଇଲୁ । ଅପରାହ୍ନ ୪ଟାରେ ଗାନ୍ଧିଙ୍କ ବିଷୟରେ ବିଭିନ୍ନ ବକ୍ତାମାନେ ବକ୍ତୃତା ଦେଲେ । ସେଠି ସର୍ବୋଦୟରେ ସକ୍ରୀୟ ଥିବା ଗୋଟିଏ ଦମ୍ପତିଙ୍କ ଭିତରେ ଆଦର୍ଶ ବାହାଘର ସମ୍ପନ୍ନ ହେଲା । ସେହି ପୁଅ କର୍ମୀ ହେଉଛନ୍ତି ବିଚିତ୍ରାନନ୍ଦ ମହାନ୍ତି, କେନ୍ଦ୍ରାପଡ଼ାର ଗରାପୁରେ ତାଙ୍କ ଘର । ତା' ପରଦିନ ଆମେ ନିଜ ନିଜ ଘରକୁ ଫେରିଲୁ । ବରୀ-ରାମଚନ୍ଦ୍ରପୁର ଆଶ୍ରମରୁ ମୋ ସ୍ତ୍ରୀ ସାଧବ ଅନ୍ୟ କର୍ମୀମାନଙ୍କ ସହିତ ପୁରୀ କାର୍ଯ୍ୟକ୍ରମକୁ ଯାଇଥାନ୍ତି ।

ପୁରୀରୁ ସସ୍ତ୍ରୀକ ପ୍ରତ୍ୟାବର୍ତ୍ତନ

ଆଗରୁ ମୋ ସ୍ତ୍ରୀ ମୋ ପାଖକୁ ଚିଠି ଦେଇଥାଏ ଯେ, ତାଙ୍କ ଟ୍ରେନିଂ ସରିଗଲା ଏବଂ ସେମାନେ ସମସ୍ତେ ରାମଚନ୍ଦ୍ରପୁର ଟ୍ରେନିଂ କ୍ୟାମ୍ପରୁ ବାହାରି ପୁରୀରେ ଗାନ୍ଧୀଙ୍କ ଶ୍ରାଦ୍ଧ ଉପଲକ୍ଷେ ଫେବୃୟାରୀ ୧୨ତାରିଖରେ ପହଞ୍ଚିବେ । ସେଦିନ ପୁରୀରେ ସର୍ବୋଦୟ ମଣ୍ଡଳ ତରଫରୁ କର୍ମୀ ବିଚିତ୍ରାନନ୍ଦଙ୍କର ଜଣେ ଝିଅ କର୍ମୀଙ୍କ ସହ ଆଦର୍ଶ ବିଭାଘର ଅନୁଷ୍ଠିତ ହେବାର ଥାଏ । ବିବାହିତ ହେବାକୁ ଥିବା ଝିଅ ସାଧବ ଇତ୍ୟାଦିଙ୍କ ସଙ୍ଗରେ ରାମଚନ୍ଦ୍ରପୁରରେ ଟ୍ରେନିଂ ନେଉଥିଲେ । କେନ୍ଦ୍ରାପଡାର ସଞ୍ଜିବାବୁଙ୍କ ଭଉଣୀ ଜାନକୀ ଓ ଜଗିପଡ଼ାର ନକୁଳ ଚରଣ ଦାସଙ୍କ ସ୍ତ୍ରୀ ମଧ ବରୀ-ରାମଚନ୍ଦ୍ରପୁର କେନ୍ଦ୍ରରେ ତାଲିମ୍ ନେଇଥିଲେ । ସେ ସମସ୍ତେ ପୁରୀ ଆସିବା କଥା । ମୁଁ ସ୍ତ୍ରୀଙ୍କର ଚିଠି ଅନୁଯାୟୀ ଠିକ୍ ସମୟରେ ପୁରୀରେ ପହଞ୍ଚି ତାଙ୍କ ସହିତ ଦେଖା ହେବାରୁ ପୁଅର ଅବସ୍ଥା ଭାରି ଖରାପ ବୋଲି ତାଙ୍କୁ ଜଣାଇଲି ଓ ବୋଉ ସହିତ ପୁଅକୁ ଗୋପିବାବୁଙ୍କ ଆଶ୍ରମରେ ପ୍ରାକୃତିକ ଚିକିତ୍ସା ପାଇଁ ଛାଡ଼ି ଆସିଛି ବୋଲି କହିଲି । ଗୋପିବାବୁ ପ୍ରତିଶ୍ରୁତି ଦେଇଛନ୍ତି ଯେ, ସେ ଭଲ ହୋଇଯିବ । ତାଙ୍କରି ଭରସାରେ ପୁଅକୁ ଛାଡ଼ି ଆସିଲୁ । ସ୍ତ୍ରୀଙ୍କୁ ପୁଅର ଅବସ୍ଥା ବିଷୟରେ ଜଣାଇବାରୁ ମୋ ମନ ଟିକେ ହାଲୁକା ହେଲା । ସେ ମଧ ଧୈର୍ଯ୍ୟ ସହକାରେ ଶୁଣିଲେ । ସ୍ଥିର ହେଲା, ଗାନ୍ଧିଙ୍କ ଶ୍ରାଦ୍ଧ ଦିବସ ପରେ ଆସନ୍ତା କାଲି ପୁରୀ ତାଳଚେର ଟ୍ରେନରେ ଫେରିଯିବା ଓ କଟକରୁ ବସ୍‌ରେ କେନ୍ଦ୍ରାପଡ଼ା ଯାଇ ଗୋପିବାବୁଙ୍କ ଆଶ୍ରମରେ ପହଞ୍ଚିବା । ତୁମେ (ସ୍ତ୍ରୀ) ସେଠି ପୁଅ ପାଖରେ ରହିବ । ବୋଉ ଓ ମୁଁ ଘରକୁ ଯିବୁ । ସେହି କାର୍ଯ୍ୟକ୍ରମ ଅନୁଯାୟୀ ମୁଁ ବୋଉକୁ

Digitized by srujanika@gmail.com

ନେଇ ଘରକୁ ଫେରିଲି । ସ୍ତ୍ରୀ ସାଧବ ରଣଜିତ୍ (ଚିତ୍ତର ପ୍ରଥମ ନାମ) ପାଖରେ ଗୋପିବାବୁଙ୍କ ଆଶ୍ରମରେ ରହିଲେ । ଦେଖିଲି, ସାଧବ ଆଗ ଅପେକ୍ଷା ବହୁତ ବଦଳି ଯାଇଛି । ମୁଁ ତେଣୁ ଟିକେ ଆଶ୍ୱସ୍ତ ହେଲି । ଯେଉଁ ଦ୍ୱନ୍ଦ୍ୱ ଆମ ଭିତରେ ଆଗରୁ ଚାଲୁଥିଲା, ତାହାର ସାମୟିକ ଅବସାନ ଘଟିଲା । ମୁଁ ଆଗରୁ ଏଇକଥା ହିଁ ଚିନ୍ତା କରି ଏବଂ ଯିଦ୍ କରି ତାଙ୍କୁ ରାମଚନ୍ଦ୍ରପୁର ଟ୍ରେନିଂକୁ ପଠାଇଥିଲି । କାର୍ଯ୍ୟତଃ ସୁଫଳ ମିଳିଲା । କିଛିଦିନ ପରେ ରଣଜିତ୍‌ର ଦେହ ଟିକେ ଭଲ ଆଡ଼କୁ ଆସିବାରୁ ମୁଁ ଯାଇ ମା ଓ ପୁଅକୁ ଘରକୁ ଘେନି ଆସିଲି । ଗୋପିବାବୁଙ୍କ ପରାମର୍ଶ ଅନୁଯାୟୀ ଘରେ ଚିକିତ୍ସା କରିବାରେ ଆମେ କେବେ ହେଳା କରି ନଥିଲୁ ।

ବୋଉ ଓ ସ୍ତ୍ରୀର ମନୋଭାବରେ ପରିବର୍ତ୍ତନ

ବୋଉ ତ ଆଗରୁ ପୁରୁଣା କାଳିଆ ଢଙ୍ଗରେ ରହିଥିବାରୁ ମୋର ସଂସ୍କାର କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି କରୁଥାଏ । କିନ୍ତୁ ମୁଁ ସେ ବାଧାବିଘ୍ନକୁ ଏଡ଼ାଇ କାର୍ଯ୍ୟ କରିଯିବା ଦ୍ୱାରା ଶେଷରେ ବାଧ୍ୟ ହୋଇ ସେ ମୋ ମତରେ ଯିବାକୁ ଲାଗିଲା । ତାପରେ ମୁଁ ଯେଉଁସବୁ ସମାଜ-ସଂସ୍କାର କାମ କରିବାକୁ ଯାଉଥାଏ, ବୋଉ ବରଂ ମୋତେ ସେଥିରେ ସାହାଯ୍ୟ କରିଛି, ବିରୋଧ କରିନାହିଁ । ମୁଁ ସମାଜସେବା କାମରେ ଆଗଉଥାଏ । କିନ୍ତୁ ମୋ ସ୍ତ୍ରୀ ସଂସ୍କାର-ଧର୍ମୀ ଚିନ୍ତାଧାରା ଠାରୁ ଅନେକ ଦୂରରେ ଥାଏ । ମୁଁ ଯେତେ ଚେଷ୍ଟା କଲେ ମଧ୍ୟ ସେ ମୋ ଆଦର୍ଶରେ ଅନୁପ୍ରାଣିତ ହୋଇ ପାରିଲା ନାହିଁ । ସେହି ପୁରୁଣା କାଳିଆ କଥାକୁ ଜାବୋଡ଼ି ଧରିଥାଏ । ଏହା ନେଇ ମୋର ଓ ମୋ ସ୍ତ୍ରୀର ଦୀର୍ଘ ସାତ ବର୍ଷ ଭଲ ସମ୍ପର୍କ ରହି ନଥଲା । ଘରେ ସବୁବେଳେ ଅସନ୍ତୋଷ ଲାଗିରହିଥାଏ । କିନ୍ତୁ ମୁଁ ଯେଉଁଟା ଠିକ୍ ବୋଲି ମନେକରେ ତାକୁ ନିଶ୍ଚୟ କାର୍ଯ୍ୟରେ ପରିଣତ କରେ, ସ୍ତ୍ରୀ ତରଫରୁ ବାଧାବିଘ୍ନ ଯେତେ ଥାଉନା କାହିଁକି । ଘର ଭିତରେ ଅଶାନ୍ତି ସବୁବେଳେ ଲାଗିଥାଏ । କିନ୍ତୁ ଆସ୍ତେ ଆସ୍ତେ ସ୍ତ୍ରୀ ତାର ମନୋଭାବ ବଦଳାଇବାକୁ ଚେଷ୍ଟା କଲା ।

ଆଳିରେ ଭୂଦାନ କାର୍ଯ୍ୟ

୧୯୫୫ ମସିହା ଆରମ୍ଭରେ ବିନୋବା ଭାବେ ଓଡ଼ିଶା ଗସ୍ତରେ ଆସିବାର ପ୍ରସ୍ତାବ ଥିବାରୁ ଓଡ଼ିଶାରେ ଭୂଦାନ ଯଜ୍ଞ ସମିତି ଜରିଆରେ ଭୂଦାନ ଓ ଗ୍ରାମଦାନର ସଘନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଥିଲା । ଓଡ଼ିଶାର ଯେଉଁ ଅଞ୍ଚଳ ଦେଇ ବିନୋବା ଭାବେ ଗସ୍ତ କରିବେ, ସେହି ସବୁ ଅଞ୍ଚଳରେ ଭୂଦାନ ଯଜ୍ଞ କାର୍ଯ୍ୟ କରିବା ପାଇଁ ଓଡ଼ିଶାର କର୍ମୀମାନଙ୍କ ଭିତରେ ବିଭିନ୍ନ ଅଞ୍ଚଳଗୁଡ଼ିକୁ ବାଣ୍ଟି ଦିଆଗଲା । ମାର୍ଚ୍ଚ ୫ତାରିଖରେ ବିନୋବା ଭାବେଙ୍କର ପ୍ରୋଗ୍ରାମ୍ ଆଳିରେ ସ୍ଥିର ହୋଇଥିବାରୁ ମୋତେ ଆଳି କେନ୍ଦ୍ରରେ ଅବସ୍ଥାପିତ କରାଗଲା । ମୁଁ ଆଳିକୁ କେନ୍ଦ୍ରକରି ତାର ଆଖପାଖ ୨୦ କିଲୋମିଟର ପରିସର ମଧ୍ୟରେ ଥିବା ଗ୍ରାମମାନଙ୍କରେ ଭୂଦାନ କାର୍ଯ୍ୟ ଆରମ୍ଭ କଲି । ମୋତେ ସାହାଯ୍ୟ କରିବାପାଇଁ ଯାଜପୁରରୁ ଜଣେ ପୁରୁଷ କର୍ମୀ ଓ ପୁରୀରୁ ଜଣେ ନାରୀକର୍ମୀ ଆସିଥିଲେ । ନାରୀ କର୍ମୀଙ୍କର ନାମ ଥିଲା ସାବିତ୍ରୀ ଦାସ । ସେ ବାଲ୍ୟ ବିବାହ କରିଥିଲେ କିନ୍ତୁ ବିବାହର ଅଳ୍ପ ଦିନ ପରେ ବିଧବା ହୋଇଗଲେ । ସେ

Digitized by srujanika@gmail.com

ଭୂଦାନ କାମରେ ମୋତେ ଆଳିରେ ସାହାଯ୍ୟ କରିଥିଲେ । ପୁରୁଷ କର୍ମୀଙ୍କର ନାମ ବାମଦେବ ବିଶ୍ୱାଳ, ଯାଜପୁର ସବଡ଼ିଭିଜନର କାଇପଡ଼ାରେ ତାଙ୍କ ଘର, ସେ ଜଣେ ଭୂମିହୀନ ବ୍ୟକ୍ତିଥିଲେ । ଆମ ତିନିଜଣଙ୍କ ପାଇଁ ଆଳିର ଜଣେ ବରିଷ୍ଠ କଂଗ୍ରେସ କର୍ମୀ ଡାକ୍ତର ଦିବାକର ନାଥଶର୍ମା ରହିବା ଓ ଖାଇବାର ବ୍ୟବସ୍ଥା କରିଥିଲେ । ଆଳିରେ ଏକ ଏକର ଜମିରେ ସେ ତାଙ୍କର ସ୍ୱତନ୍ତ୍ର ଡ଼ାକ୍ତରଖାନା ନିର୍ମାଣ କରିଥିଲେ । ସେ ଅଞ୍ଚଳରେ ସେ ଜଣେ ଭଲ ଡ଼ାକ୍ତର ଥିଲେ ; ତାଙ୍କ ପାଖକୁ ଆଳି, କନିକା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ରୋଗୀମାନେ ଆସୁଥିଲେ । ସେ ବନାରସରେ ଡ଼ାକ୍ତରି ପଢ଼ିବା ସମୟରେ କଂଗ୍ରେସର ସଭ୍ୟ ହୋଇଥିଲେ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସାହାଯ୍ୟ କରୁଥିଲେ । ଆଳିରେ ବିନୋବାଙ୍କର ରହଣି ପଡ଼ିଥିବାରୁ ସେ ରୋଗୀସେବା ସହିତ ନିଜର ବଳକା ସମୟକୁ ଭୂଦାନ କାମରେ ଲଗାଉଥିଲେ । ଦରକାର ପଡ଼ିଲେ ସେ ଆମ ସାଙ୍ଗରେ ଯାଇ ବିଭିନ୍ନ ଗ୍ରାମରେ ଭୂଦାନ ଯଜ୍ଞ ବିଷୟରେ ଲୋକଙ୍କୁ ବୁଝାଉଥିଲେ । ସେ ପରବର୍ତ୍ତୀ ସମୟରେ ୧୯୫୭ ମସିହାରେ କଂଗ୍ରେସ ତରଫରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେହି ଆଳିରେ ଆଉଜଣେ ଭୂଦାନ କର୍ମୀଥିଲେ, ତାଙ୍କ ନାମ ଜଗନ୍ନାଥ ମିଶ୍ର । ସେ ଜଣେ ବୁଦ୍ଧିଜୀବୀ ଓ ଜ୍ଞାନୀ ବ୍ୟକ୍ତି ଭାବରେ ଆଳି ଅଞ୍ଚଳରେ ସୁପରିଚିତ ଥିଲେ । ସେ ଆମକୁ ଭୂଦାନ କାମରେ ସାହାଯ୍ୟ କରିବା ସଙ୍ଗେସଙ୍ଗେ ଦରକାର ପଡ଼ିଲେ ବିଭିନ୍ନ ଗ୍ରାମକୁ ଆମ ସାଙ୍ଗରେ ଯାଇ ଲୋକମାନଙ୍କୁ ବୁଝାଉଥିଲେ । ଆମେ ଯେଉଁ ଗ୍ରାମକୁ ବୁଝାଇବାକୁ ଯାଉଥିଲୁ, ସଙ୍ଗେସଙ୍ଗେ ଲୋକମାନଙ୍କ ଠାରୁ ଜମିର ଦାନପତ୍ର ସଂଗ୍ରହ କରୁଥିଲୁ । ବିଭିନ୍ନ ଗ୍ରାମରୁ କର୍ମୀ ସଂଗ୍ରହ କରି ସେମାନଙ୍କ ସାହାଯ୍ୟରେ ଆମେ ଗାଁକୁ ଗାଁ ପ୍ରଚାର କରୁଥିଲୁ । ଆଳିର ବ୍ରାହ୍ମଣ ଶାସନ ଅଞ୍ଚଳରେ ଭାମଣ୍ଡା ବୋଲି ଗୋଟିଏ ଗ୍ରାମରୁ ଜମିଦାର ବୋଲାଉଥିବା ଏକ ପରିବାର ମଧ୍ୟରୁ କମ୍-ବୟସ୍କ ଗୋଟିଏ ପିଲା ସବୁଦିନ ପାଇଁ ସର୍ବୋଦୟ ଓ ଭୂଦାନ ଯଜ୍ଞ ପାଇଁ ଘର ଛାଡ଼ିଥିଲେ । ପରେ ସେ ପିଲା କଟକର ଗୁଣନିଧି ଭବନରେ ଥିବା ଭୂଦାନ ଅଫିସ୍‌ରେ ରହୁଥିଲେ । ସେ ଅଞ୍ଚଳର ବହୁ ଲୋକ ଭୂଦାନଯଜ୍ଞର ଦାନପତ୍ରରେ ଜମିଦାନ କରୁଥାନ୍ତି । ଲୋକଙ୍କର ଧାରଣା ସୃଷ୍ଟି ହେଉଥିଲା, ଏହାଦ୍ୱାରା ଦେଶର ନିଶ୍ଚୟ କିଛି ପରିବର୍ତ୍ତନ ହେବ । ଆଳିପାଖରେ ଗିରିବଂଧ ବୋଲି ଗୋଟିଏ ଗ୍ରାମ । ସେ ଗ୍ରାମରେ ବହୁତ ଲୋକଙ୍କର ଖୁବ୍ କମ୍ ଜମି ଥିଲା । ଆଉ ମଧ୍ୟ କେଉଟ ଜାତିର ଲୋକ ବେଶୀ ସଂଖ୍ୟାରେ ଥାନ୍ତି । ସେମାନଙ୍କର ଚାଷ ଜମି କମ୍ ଥିବାରୁ ମାଛଧରି ଜୀବିକା ନିର୍ବାହ କରନ୍ତି । ବେଶୀ ଜମିଥିବା ଲୋକ ମାତ୍ର ୩/୪ଜଣ । ସେମାନଙ୍କର ଗ୍ରାମଦାନ କରିବାରେ ଦ୍ୱିଧା ଥାଏ, କାଳେ ଗ୍ରାମଦାନ ସଫଳ ହେବନି ଓ ଆମ ଜମିତକ ଅଯଥାରେ ଚାଲିଯିବ । ଏହି ଦ୍ୱିଧାରେ ପଡ଼ି ସେମାନେ ଗ୍ରାମଦାନ କରିବାକୁ ଆଗପଛ ହେଉଥାନ୍ତି । କିନ୍ତୁ ଅନ୍ୟପଟରେ ଗରିବଲୋକେ ଭୂଦାନ ପାଇଁ ରାଜି ହୋଇଯାଇଥାନ୍ତି । ଆମେ ପ୍ରସ୍ତାବ କରିଥିଲୁ, ବିନୋବାଙ୍କ ଉପସ୍ଥିତିରେ ଆଳିରେ ସର୍ବସାଧାରଣ ମିଟିଂରେ ଗ୍ରାମଦାନ କଥା ଘୋଷଣା କରାଯିବ । ଅଧିକାଂଶ ଗ୍ରାମବାସୀ ରାଜି ଥିଲେ ବି ଗ୍ରାମଦାନର ସଫଳତା ଉପରେ ସେମାନଙ୍କର ସନ୍ଦେହ ଥାଏ । ସେ ଗ୍ରାମର ୩/୪ ଜଣକୁ ଛାଡ଼ି ସମସ୍ତେ ଦାନପତ୍ର ପୂରଣ କରିଥାନ୍ତି । ଶେଷପର୍ଯ୍ୟନ୍ତ ଦେଖାଗଲା, ୩/୪ ଜଣ ବଡ଼ଚାଷୀ ଦାନପତ୍ର

Digitized by srujanika@gmail.com

ପୂରଣ କରିବା ପାଇଁ ହେଣ୍ଟିପାଣ୍ଟି ହେଉଥାନ୍ତି । ଆମେ ଖୁବ୍ ଆଗ୍ରହରେ ସେମାନଙ୍କୁ ବୁଝାଉଥାଉ । ଶେଷକୁ ସେମାନେ କହିଲେ, ବିନୋବା ଆସିବା ଦିନ ଆମେ ଦାନପତ୍ର ପୂରଣ କରିବୁ ଓ ବିନୋବାଙ୍କ ସଭାରେ ଗ୍ରାମଦାନ ଘୋଷଣା କରାଯିବ । ଏହି ଭୂଦାନ କାର୍ଯ୍ୟ ଆମେ ନିଷ୍ଠାର ସହ କରୁଥାଉଁ ଓ ଦରକାର ପଡିଲେ ରାତିତମାମ ପାଦରେ ଚାଲି ଚାଲି ଗାଁକୁ ଗାଁ ଅତିକ୍ରମ କରିବୁ ।

ଏକ ଅବିସ୍ମରଣୀୟ ଘଟଣା

ଦିନକର ଘଟଣା, ମୁଁ ଏକାକୀ ପଟାମୁଣ୍ଡାଇରୁ ସଂଧ୍ୟାରେ ବାହାରି ଯାଜପୁରର ଶେଷ ଗ୍ରାମ ଜରିରେ ପହଞ୍ଚିବାକୁ ଥାଏ । ଯେତେ ରାତି ହେଲେ ବି ମୋତେ ପହଞ୍ଚିବାକୁ ହେବ । ପଟାମୁଣ୍ଡାଇଠାରୁ ତାହା ୨୦ କିଲୋମିଟର ରାସ୍ତା । ସାଙ୍ଗରେ ମୋର ବେଡ଼ିଂ ପିଠିରେ ବାନ୍ଧିଥାଏ । ରାତି ପାଇଁ ଗୋଟିଏ ଲଣ୍ଠନ ତେଲ ପୂରାଇ ନେଇଥାଏ । ବାଟ ମଧ୍ୟରେ ଦୁଇଟି ନଈ ଅତିକ୍ରମ କରିବାକୁ ହେବ । ମୁଁ ପ୍ରଥମ ନଈ ପାରି ହେଲି । ସେତେବେଳକୁ ସଂଧ୍ୟା ହୋଇଯାଇଥାଏ । ନଈରେ ଘାଟବାଲା ପାରି କରିଦେବା ବେଳେ ମୋତେ ପଚାରିଲା, ଏହି ରାତିରେ ସେଠାକୁ ଯାଇ ପାରିବିତ ? ମୁଁ ଏକଲା ଥାଏ । ସେ କହିଲା, ବାବୁ ଆପଣ ଏ ବିଲବାଟ ଦେଖିନାହାଁନ୍ତି, ନିଛାଟିଆ ରାସ୍ତା, ୩/୪ କିଲୋମିଟର ଧରି ବାଟରେ ଗଲେ ଆଉ ଗୋଟିଏ ଗ୍ରାମ ପଡ଼ିବ । ସେ ଗ୍ରାମରେ ଜଣେ କଂଗ୍ରେସ ଲୋକ ଶିବରାମ ଥାଟୋଇ ଅଛନ୍ତି ବୋଲି ମୁଁ ଜାଣିଥିଲି । ଘାଟବାଲା କହିଲା, ସେହି ଥାଟୋଇ ବାବୁଙ୍କ ଗ୍ରାମରେ ରାତିରେ ରହିବେ । ଏହି ଯେଉଁ ନିଛାଟିଆ ଗହିର ପାଟରେ ଯିବେ, ସାବଧାନ ସହକାରେ ଯିବେ । କାହିଁକିନା ଆଳିର ରିଙ୍ଗ୍ ବନ୍ଧ ଭାଙ୍ଗିଯିବା ଦ୍ୱାରା ପ୍ରତିବର୍ଷ ବ୍ରାହ୍ମଣୀ ନଦୀରେ ବନ୍ୟା ଆସି ଫସଲସବୁ ଧୋଇ ନେଇଯାଏ । ବନ୍ୟା ଛାଡିଯିବା ପରେ ସେସବୁ ଜମିରେ ଲୋକେ କେବଳ ବିରି, କୋଳଥ ଇତ୍ୟାଦି ରବି ଫସଲମାନ କରନ୍ତି । ବିରି ବହୁଳ ପରିମାଣରେ ହୋଇଥାଏ । ସେଗୁଡ଼ିକ ଏତେଦୂର ବଢ଼ିଥାଏ ଯେ, ବିଲର ପାଦଚଲା ରାସ୍ତା ବୁଜି ହୋଇଯାଇଥାଏ । ତେଣୁ ରାତି ହେଲେ ସେ ବାଟରେ କେହି ଯିବାଆସିବା କରନ୍ତି ନାହିଁ । ଡ଼ାହାଣି ଚିରୁଗୁଣି ଅଛନ୍ତି ବୋଲି ସେ ଅଞ୍ଚଳର ଲୋକଙ୍କ ମନରେ ଭୟ ଥାଏ । ମୋତେ ଡରେଇ ଏହିସବୁ କହି ମୋ ମନକୁ ଦୁର୍ବଳ କରିଦେଲା । ମୁଁ ଡ଼ାଆଣି-ଚିରୁଗୁଣି ଇତ୍ୟାଦିଙ୍କୁ ମୋ ଜୀବନରେ କେବେ ଭୟପାଇ ପଛେଇ ନାହିଁ, ବରଂ ସେସବୁକୁ ମୁକାବିଲା କରିବା ପାଇଁ ଆଗେଇ ଯାଇଛି । କାରଣ କ୍ଷେତ୍ର ଉପରେ ମୋତେ ଏସବୁ କିଛି ଦେଖିବାକୁ ମିଳିନାହିଁ । ତେଣୁ ମୁଁ ଭାବିଲି, ଏଠି କାହିଁକି ଡରେଇ କଥାରେ ପଛେଇଯିବି ? ଅଣ୍ଟାଭିଡ଼ି ବାହାରିଲି । ପିଠିରେ ସୈନିକ ଭଳି ବେଡ଼ିଂପତ୍ର ବାନ୍ଧି ଲଣ୍ଠନ ଲଗାଇ ହାତରେ ଧରିଲି । ରାତି ଯୋଗୁଁ ସେଠୁ ଗୋଟିଏ ବାଡ଼ି ସଂଗ୍ରହ କରି ଏକାକୀ ନିଛାଟିଆ ବିରିଜଙ୍ଗଲ-ଘେରା ପାଦଚଲା ରାସ୍ତାରେ ବିଲେବିଲେ ଚାଲିଲି । ମୁଁ ତ ସେ ରାସ୍ତା ଆଦୌ ଦେଖିନଥିଲି, ପ୍ରଥମ ଥର ଯାଉଛି । ତେଣୁ ତନତନ କରି ଡରେଇଠାରୁ ରାସ୍ତାର ବିବରଣୀ ବୁଝିଥିଲି । ସେ କହିଥିଲା, ପ୍ରଥମେ ଗୋଟିଏ ରାସ୍ତା ପଡ଼ିବ, ଯାହାକି

Digitized by srujanika@gmail.com

ଗହିର ମଝି ବିଲରେ ଦୁଇଭାଗ ହୋଇଯାଇଛି । ସେଇଠି ସାବଧାନ ଭାବରେ ଡ଼ାହାଣପଟ ରାସ୍ତାରେ ଗଲେ ତୁମେ ଥାଟୋଇଙ୍କ ଗ୍ରାମରେ ପହଞ୍ଚି ପାରିବ । ତରେଇଠାରୁ ଏହି ରାସ୍ତାର ସମସ୍ତ ବିବରଣୀ ନେଇ ମୁଁ ଚାଲିବା ଆରମ୍ଭ କଲି । କେବଳ ଭାବୁଥାଏ, ରାସ୍ତା ଦୁଇ ଭାଗ ହୋଇଯାଇଥିବା ଯାଗାରେ ଯଦି ଡ଼ାହାଣପଟ ରାସ୍ତା ଭୁଲିଯାଏ, ତେବେ ରାତିଯାକ ସେ ବାଟରେ ବୁଲିବା ସାର ହେବ । ରାତିରେ ଏକୁଟିଆ ଲଣ୍ଠନ ଧରି ଚାଲିଲି ବୀର ଦର୍ପରେ । ରାତି ୮ଟା ହୋଇଗଲା । ଠିକ୍ ମଝିରେ ଦୋଛକି ପଡ଼ିଲା । କିଛି ସମୟ ସେଠି ଅପେକ୍ଷା କରି କେଉଁ ରାସ୍ତାରେ ଗଲେ ଠିକଣା ଯାଗାରେ ପହଞ୍ଚି ପାରିବି, ଆଗେ ସ୍ଥିର କରିନେଲି । ଡ଼ାହାଣପଟ ରାସ୍ତାଟି ସେତେ ପାଦଚଲା ରାସ୍ତା ଭଳି ମନେ ହେଉନଥାଏ । ତେବେ ସେହି ରାସ୍ତାରେ ଯିବା ନିଶ୍ଚିତ ବୋଲି ମନେ କରି ଚାଲିଲି । ସେତେବେଳକୁ ଠିକ୍ ମଝିବାଟରେ ଥାଏ । ଲଣ୍ଠନ ଧରି ଚାଲୁଥାଏ । ମନରେ କିଛି ବିକାର ନଥାଏ । ରାତି ପ୍ରାୟ ୯ ପାଖାପାଖି । କିଛି ଦୂରରେ ଥିବା ଆଗ ଗ୍ରାମରେ କେତେଟା ଲଣ୍ଠନ ଆଲୁଅ ଦେଖାଗଲା । ସେ ଗାଁ ମୁଣ୍ଡରେ ଧାନ ଖଳା ହୋଇଥାଏ । ମୋ ଆଲୁଅକୁ ଦେଖି କେତେକ ଗ୍ରାମଲୋକ ମୋତେ ଡ଼ାହାଣି ମନେକରି ହାତରେ ଲଣ୍ଠନ ଧରି ଖଳାପାଖକୁ ଆସିଥାନ୍ତି । ମୁଁ ତାଙ୍କପାଖକୁ ଆସି ଯିବାରୁ ସେ ଜାଣିଲେ, ଡ଼ାଆଣି ନୁହେଁ, କେହି ଲୋକ ଆସୁଛି । ମୋତେ ସେମାନେ ସେହି ଖଳାରେ ଅପେକ୍ଷା କରି ରହିଲେ । ମୁଁ ଯେତେବେଳେ ଆସି ତାଙ୍କ ପାଖରେ ପହଞ୍ଚିଲି ସେମାନେ ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ମୋତେ କହିଲେ, ଏ ରାସ୍ତାରେ ସଂଧ୍ୟାପରେ କେହି ଲୋକ ଆସନ୍ତି ନାହିଁ । ଏ ରାସ୍ତା ରାତିରେ ଭାରି ବିପଦ ସଂକୁଳ । ଆପଣ କିପରି ଏକାକୀ ଅଚିହ୍ନା ରାସ୍ତାରେ ଆସିଲେ ? ସେ ଗ୍ରାମର ଯେଉଁ ଥାଟୋଇ ବାବୁ ମୋର ଚିହ୍ନା ଆଉ ପୁଣି କଂଗ୍ରେସ ଲୋକ, ସେ ନିଜେ ଲଣ୍ଠନ ଧରି ଡ଼ାଆଣି ଦେଖିବାକୁ ଆସିଥିଲେ । ମୋତେ ଦେଖି ସେ ଚିହ୍ନିପାରି କୁଣ୍ଢାଇ ପକାଇଲେ । ସେ କହିଲେ, ଆପଣ ଏ ବିପଦସଂକୁଳ ରାସ୍ତାରେ ଆସି ପାରିଛନ୍ତି ! କିନ୍ତୁ ଏପରି ଭୁଲ୍ ଆଉ କେବେ କରିବେ ନାହିଁ । ତାଙ୍କ ଘରଟା ଗ୍ରାମର ଠିକ୍ ଶେଷ ମୁଣ୍ଡରେ । ସେ ଭାରି ଖୁସି ହେବା ସଙ୍ଗେ ସଙ୍ଗେ ଘରକୁ ଡ଼ାକି ନେଲେ । ମୁଁ ଜରି ଯିବା କଥା କହିବାରୁ ସେମାନେ ମନା କଲେ ଓ କହିଲେ, ଆଜି ଆମଘରେ ରୁହନ୍ତୁ ଓ କାଲି ଏଠରେ ଭୂଦାନ ଯଜ୍ଞ ମିଟିଂ କରନ୍ତୁ । କାଲି ଆମ୍ଭେମାନେ ଗ୍ରାମ ଲୋକଙ୍କୁ ଡ଼ାକିଦେବୁ, ଆପଣ ଭୂଦାନ ଯଜ୍ଞ ବିଷୟରେ କହିବେ । ତାପରେ ଜରି ଗ୍ରାମକୁ ଯିବେ । ସେହି ଅନୁଯାୟୀ ଥାଟୋଇ ବାବୁଙ୍କ ଘରେ ମୁଁ ଅତିଥି ହେଲି । କେତେଲୋକ ସାଙ୍ଗେ ସାଙ୍ଗେ ଜମି ଯିବାରୁ ଭୂଦାନ ଯଜ୍ଞ ବିଷୟରେ କିଛି ଆଲୋଚନା ହେଲା । ତା ପରେ ମୁଁ ତାଙ୍କ ଘରେ ଖାଇପିଇ ଆନନ୍ଦରେ ରହିଲି । ତା ପରଦିନ ଜରି ଗ୍ରାମରେ ପୋଗ୍ରାମ୍ ଥିବାରୁ ସକାଳୁ ଲୋକମାନଙ୍କୁ ଡ଼ାକି ଭୂଦାନଯଜ୍ଞ ବିଷୟରେ ପୁଣି ଆଲୋଚନା କଲି । ଲୋକମାନେ ନାନାପ୍ରକାର ପ୍ରଶ୍ନ କଲେ । ତା'ର ଉତ୍ତରରେ ମୁଁ ବୁଝାଇଥିଲି, ଭୂଦାନଯଜ୍ଞ ଦ୍ୱାରା ସାମୂହିକ ଭାବନା ଜାଗ୍ରତ ହେବା ସଙ୍ଗେସଙ୍ଗେ ଗ୍ରାମସ୍ୱରାଜ ଗଢ଼ି ଉଠିବ । ଗ୍ରାମର ଲୋକମାନେ ଗ୍ରାମ କମିଟି ଗଢ଼ି ତାରି ଜରିଆରେ ଗ୍ରାମର ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ । ଗ୍ରାମର ଯେତିକି ଜମି ଅଛି ସମସ୍ତ ଜମି ଗ୍ରାମୀକରଣ ହେବ । ବ୍ୟକ୍ତିଗତ ଜମି କାହାରି ରହିବ ନାହିଁ । ଗ୍ରାମ୍ୟ କମିଟି ଜରିଆରେ, ଯେ ଚାହିଁବେ ସେ ବ୍ୟକ୍ତିଗତ ଭାବରେ ହେଉ କିମ୍ବା

Digitized by srujanika@gmail.com

ମିଳିତ ଭାବରେ ଜମି ଚାଷ କରିବେ । ସ୍ୱେଚ୍ଛାକୃତ ଭାବରେ ଆମେସବୁ ଜମିଦାନ କଲେ, ତହିଁର ନୈତିକ ପ୍ରଭାବ ସରକାରଙ୍କ ଉପରେ ପଡ଼ିବ । ସରକାର ବାଧ୍ୟ ହୋଇ ଏହାକୁ ଆଇନ୍‌ରେ ପରିଣତ କରିବେ । ତେବେଯାଇଁ ଗ୍ରାମସ୍ୱରାଜ ଆସି ପାରିବ । ଯେଉଁଠାରେ ଯୋଗ୍ୟତାନୁସାରେ ସମସ୍ତଙ୍କୁ ଧନ୍ଦା ଯୋଗାଇ ଦିଆଯିବ, କେହି ଭୋକିଲା ଓ ବେକାର ରହିବେ ନାହିଁ । ଏହିପରି ଭାବରେ ଆମେ ଲୋକଙ୍କ ପାଖରେ ଭୂଦାନ ଯଜ୍ଞର ଧାରଣା ଉପସ୍ଥାପିତ କରୁଥିଲୁ । ସେହି ଆଲୋଚନାରେ ବହୁଲୋକ ମଧ୍ୟ ଯୋଗ ଦେଇଥିଲେ । ନିଜ ଜମିର ପରିମାଣ ଅନୁଯାୟୀ ଲୋକେ ଗୁଣ୍ଠେଠାରୁ ଆରମ୍ଭକରି ମାଣେ ଦି ପାଆ ପର୍ଯ୍ୟନ୍ତ ଜମିଦାନ କରିଥିଲେ ।

ଜରିରେ ଭୂଦାନ ସଭା

ସେଠି ଆଲୋଚନା ସାରି ପୁଣି ଜରି ଅଭିମୁଖେ ଚାଲିଲି । ଜରିରେ ଦିନ ୧୨ଟାରେ ପହଞ୍ଚି ଜଣେ ଭଦ୍ରଲୋକଙ୍କ ଘରେ ଅତିଥି ହେଲି । ସଂଧ୍ୟାବେଳେ ଉକ୍ତଗ୍ରାମର ବହୁଲୋକ ଉପସ୍ଥିତ ହେଲେ । ଭୂଦାନଯଜ୍ଞ ସମ୍ବନ୍ଧରେ ଆଲୋଚନା ହେଲା । ଭୂଦାନଯଜ୍ଞ ଏକ ଅଭିନବ ପନ୍ଥା ହୋଇଥିବାରୁ ଲୋକମାନେ ବହୁସଂଖ୍ୟାରେ ସଭାରେ ଉପସ୍ଥିତ ହେଉଥିଲେ । ଶିକ୍ଷିତ ପିଲାମାନେ ବହୁ ପ୍ରଶ୍ନ ପଚାରୁଥିଲେ । ମୋ କଥା ସେମାନଙ୍କ ମନକୁ ପାଉନଥିବାର ମଧ୍ୟ ମୁଁ ଜାଣି ପାରୁଥିଲି । କିନ୍ତୁ ସେମାନେ ବିଶେଷ ଯୁକ୍ତି କରୁନଥିଲେ । କାହିଁକିନା ପୁରୁଣା ଯୁଗର ଋଷିମାନଙ୍କର ଉଦାହରଣ ଦେଇ ସେମାନଙ୍କୁ ଆମକଥା ବୁଝାଇ ଦିଆଯାଉଥିଲା । ଏହିପରି ଭାବରେ ଆମେ ଗାଁକୁ ଗାଁ ବୁଲି ଭୂଦାନଯଜ୍ଞ ବାର୍ତ୍ତା ପ୍ରଚାର କରୁଥିଲୁ । ଆଳିକୁ କେନ୍ଦ୍ରକରି ଏସବୁ କାର୍ଯ୍ୟ କରାଯାଉଥିଲା । ମାର୍ଚ୍ଚ ୫ ତାରିଖ ପୂର୍ବରୁ ଆମେ ସେ ଅଞ୍ଚଳର ସମସ୍ତ ଗ୍ରାମ ବୁଲିସାରିଥିଲୁ ।

ବିନୋବା ପଦଯାତ୍ରା ଓ ସ୍ୱୀର ଅସୁସ୍ଥତା

ମାର୍ଚ୍ଚ ୫ତାରିଖରେ ଆଳିରେ ବିନୋବା ପଦାର୍ପଣ କରିବେ ବୋଲି ଆଳି ଅଞ୍ଚଳରେ ବାର୍ତ୍ତା ପ୍ରଚାର ହୋଇଯାଇଥାଏ । ନିର୍ଦ୍ଦିଷ୍ଟ ଦିନ ଅର୍ଥାତ୍ ୧୯୫୫ ମସିହା ମାର୍ଚ୍ଚ ୫ତାରିଖ ଦିନ ୯ଟାରେ କର୍ମୀବୃନ୍ଦଙ୍କ ସହ ବିନୋବା ଆଳିରେ ପହଞ୍ଚିଲେ। ଦିନ ୧୦ଟା ଠାରୁ ରଥଯାତ୍ରା ପରି ଲୋକମାନେ ସଭାସ୍ଥାନକୁ ଛୁଟିଥାନ୍ତି । ସଭାରେ ପ୍ରାୟ ୧୦/୨୦ ହଜାର ଲୋକଙ୍କର ସମାଗମ ହୋଇଥାଏ । ଦିନ ୩ଟା ଠାରୁ ୫ଟା ପର୍ଯ୍ୟନ୍ତ ବିନୋବା ସାଧାରଣ ଲୋକଙ୍କୁ ଭୂଦାନଯଜ୍ଞ ବିଷୟରେ ପ୍ରବଚନ ଦେଲେ । ତା ପରେ ସଭାରେ ମୁଖିଆ ଲୋକମାନେ ବିନୋବାଙ୍କ ଉପସ୍ଥିତିରେ ଜମିଦାନ କଲେ । ତା ପରେ ସଭା ମଉଳିଲା । ଲୋକମାନେ ଘରବାହୁଡ଼ା ହେଲେ । ତା ପରଦିନ ପଟାମୁଣ୍ଡାଇରେ ବିନୋବା ଭାବେଙ୍କ ରହଣି ଥାଏ । ମୁଁ ତାଙ୍କ ସଙ୍ଗରେ ସେହି ରହଣି ପର୍ଯ୍ୟନ୍ତ ଯିବି ବୋଲି ଆଗରୁ ସ୍ଥିର କରିଥିଲି । ସେଥିପାଇଁ ମୁଁ ଆଗରୁ ବେଡ଼ିଂପତ୍ର ବାନ୍ଧିବୁନ୍ଧି ରଖିଥିଲି । ବିନୋବା ରାତି ଚାରିଟାରୁ ଉଠି ସମସ୍ତ ନିତ୍ୟକର୍ମ ସାରି ୫ଟାରେ ପରବର୍ତ୍ତୀ ରହଣି ଅଭିମୁଖେ ପଦଯାତ୍ରା ଆରମ୍ଭ କଲେ । ତାଙ୍କ ସଙ୍ଗରେ ପ୍ରତିଦିନ ପ୍ରାୟ ୧୦/୨୦ ଜଣ ଲେଖାଏଁ ବିଶିଷ୍ଟ କର୍ମୀ ଯାଉଥାନ୍ତି । ମୁଁ ତାଙ୍କ ସଙ୍ଗରେ

Digitized by srujanika@gmail.com

ପଟାମୁଣ୍ଡାଇ ପର୍ଯ୍ୟନ୍ତ ବାହାରିଲି । ବାଟମଝିରେ ସେ ପ୍ରାୟ ଅଧଘଣ୍ଟା ବିଶ୍ରାମ ନିଅନ୍ତି । ସେତେବେଳେ ସେ ଓଡ଼ିଆ ଭାଗବତ ପଢୁଥାନ୍ତି । ଅଧଘଣ୍ଟା ବିଶ୍ରାମ ପରେ ନିର୍ଦ୍ଦିଷ୍ଟ ଯାଗାକୁ ପୁଣି ପଦଯାତ୍ରା ଆରମ୍ଭ ହୁଏ । ଆମେ ଠିକ୍ ଦିନ ୯ଟାରେ ପଟାମୁଣ୍ଡାଇରେ ପହଞ୍ଚିଲୁ । ସେଠି ପଟାମୁଣ୍ଡାଇ ହାଇସ୍କୁଲରେ ରହଣିର ବ୍ୟବସ୍ଥା ହୋଇ ସାରିଥାଏ । ରହଣିର ସୁବ୍ୟବସ୍ଥା ଦେଖିସାରିଲା ପରେ ମୁଁ ଘରମୁହାଁ ହେଲି । ସ୍ତ୍ରୀଙ୍କ ଦେହ ଖରାପ ଯୋଗୁଁ ମୁଁ ପଟାମୁଣ୍ଡାଇରେ ନରହି ଘରକୁ ପଳାଇ ଆସିଲି । ଘରେ ଆସି ଦେଖିଲି ସ୍ତ୍ରୀଙ୍କ ଦେହ କ୍ରମାନ୍ୱୟରେ ଭଲ ଆଡ଼କୁ ଆସୁଛି । ସେ ଠିକ୍ ଚିକିତ୍ସାରେ ରହିଛି ବୋଲି ବୁଝିଲି । ଔଷଧ ମଧ୍ୟ ଖିଆ ଚାଲିଛି । ତା ପରିଦିନ ବିନୋବାଙ୍କର ପଟାମୁଣ୍ଡାଇରୁ ଯାଇ ବୋଧଗ୍ରାମରେ ରହଣି ଥାଏ । ଆମଘର ପାଖରୁ ଖୁବ୍ ନିକଟ । ମୁଁ ବୋଧଗ୍ରାମରେ ବିନୋବାଙ୍କ ରହଣି ସ୍ଥାନକୁ ଗଲି । ବୋଧଗ୍ରାମ କାର୍ଯ୍ୟକ୍ରମର ପରଦିନ ମଧୁସାଗର ବିଦ୍ୟାପୀଠରେ ବିନୋବାଙ୍କର ରହଣି ଥାଏ । ତାଙ୍କ ସଙ୍ଗରେ ମୁଁ ପଦଯାତ୍ରାରେ ଯୋଗଦେଇ ଚାଲିଥାଏ । ମଧୁସାଗରରେ ଆମେ ଠିକ୍ ୧୦ଟା ବେଳେ ପହଞ୍ଚିଲୁ । ଦିନ ୩ଟାରେ ସଭା ଅରମ୍ଭ ହେଲା । ବହୁତ ଲୋକ ସମାଗମ ହୋଇଥାନ୍ତି । ସଭା ମଝିରେ ସାମାନ୍ୟ ଧରଣର ବର୍ଷା ଯୋଗୁ ସଭା ମାନ୍ଦା ପଡ଼ିଗଲା । ସେହି ବର୍ଷା ମଧ୍ୟରେ ବିନୋବା ପ୍ରବଚନ ଦେଇଚାଲିଥାନ୍ତି । ଲୋକମାନେ ଓଦାପଟା ହୋଇ ମଧ୍ୟ ତାଙ୍କ ପ୍ରବଚନ ଶୁଣୁଥାନ୍ତି । ସଭା ସରିଲା । ଲୋକମାନେ ବିଭିନ୍ନ ପ୍ରକାର ଆଶାଆକାଂକ୍ଷା ନେଇ ଘର ବାହୁଡ଼ା ହେଲେ । ମୁଁ ସେଦିନ ମଧୁସାଗରରେ ରହିଲି । ତା ପରଦିନ ବିନୋବା ଭାବେଙ୍କ ପଦଯାତ୍ରାରେ ନଯାଇ ମୁଁ ଘରକୁ ଫେରିଲି, ସ୍ତ୍ରୀକୁ ଭଲ କରିବା ଉଦ୍ଦେଶ୍ୟରେ ।

ମାର୍ଚ୍ଚ ୨୦ ତାରିଖରେ ପୁରୀରେ ଅଲ୍ ଇଣ୍ଡିଆ ସର୍ବୋଦୟ ସମ୍ମିଳନୀ ହେବ ବୋଲି ସ୍ଥିର ହୋଇଥାଏ । ସେହି ଅନୁସାରେ ପୁରୀରେ ସମ୍ମିଳନୀ ପାଇଁ ଜୋରସୋର୍‌ରେ ଆୟୋଜନ ଚାଲିଥାଏ । ଉକ୍ତ ସମ୍ମିଳନୀରେ ଭାରତର ତୁଙ୍ଗତୁଙ୍ଗ ନେତାମାନେ ତଥା ଏପରିକି ଭାରତ ବାହାରୁ ମଧ୍ୟ କେତେକ ନେତା ଆସିବାର ଥାଏ । ଖୋଦ୍ ଜୟ ପ୍ରକାଶ ମଧ୍ୟ ଆସିବେ ବୋଲି ଘୋଷଣା ହୋଇଥାଏ, ଯେକି ସେତେବେଳେ ଭୂଦାନଯଜ୍ଞରେ ବିନୋବା ଭାବେଙ୍କର ଡ଼ାହାଣ ହାତ ଥିଲେ । ପଦଯାତ୍ରା ଠିକ୍ ମାର୍ଚ୍ଚ ୨୦ ତାରିଖରେ ପୁରୀରେ ପହଞ୍ଚିବାର ଠିକ୍ ହୋଇଥାଏ ।

ପୁରୀ ସର୍ବୋଦୟ ସମ୍ମିଳନୀରେ ଯୋଗଦାନ

ମୁଁ ଭାବିଲି, ସ୍ତ୍ରୀ ଏହା ଭିତରେ ଭଲ ହୋଇଯାଇଥିଲେ ସେ ପୁରୀର ସର୍ବୋଦୟ ସମ୍ମିଳନୀକୁ ମୋ ସାଙ୍ଗରେ ଯିବ । ସେହି ଅନୁଯାୟୀ ମୁଁ ଘରେ ତାଙ୍କର ଯତ୍ନ ନେଉଥାଏ । ମଝିରେ ପୁଣି ତାଙ୍କର ଟିକେ ଦେହ ଖରାପ ହୋଇଗଲା । ମୁଁ ଔଷଧପତ୍ର ଆଣି ଦେବାରୁ ସେ ଭଲଆଡ଼କୁ ଗତି କଲା । ମୁଁ ଭାବିଲି, ମଝିରେ ମଝିରେ ସ୍ତ୍ରୀଙ୍କର ଦେହ ଖରାପ ହେଉଛି, ତେଣୁ ଘରେ ରହି ବ୍ୟବସ୍ଥିତ ପନ୍ଥାରେ ସେ ଚିକିତ୍ସା ହେବା ଦରକାର । ସେ ଯଦି ପୁରୀ ସମ୍ମିଳନୀକୁ ଯିବେ, ତେବେ ସେଠି ରୋଗୀ କଥା ବୁଝିବା ଅସମ୍ଭବ ହେବ । ପୁଣି ସେଠି ମଧ୍ୟ ତାଙ୍କୁ କାମ

Digitized by srujanika@gmail.com

କରିବାକୁ ହେବ । ଫଳରେ ଦେହ ବେଶୀ ଖରାପ ହୋଇଯାଇପାରେ । ତେଣୁ ସ୍ଥିର କଲି, ସ୍ତ୍ରୀକୁ ପୁରୀ ସମ୍ମିଳନୀକୁ ନନେବା ଭଲ । ପୁରୀ ସମ୍ମିଳନୀର ୨୦ ତାରିଖ ଉପସ୍ଥିତ ହୋଇଗଲା । ମୁଁ ବେଡ଼ିଂପତ୍ର ଇତ୍ୟାଦି ବନ୍ଧାବନ୍ଧି କରି ବାହାରିବା ସମୟରେ ମୋ ସ୍ତ୍ରୀ ଯିଦ୍ କଲା, ମୁଁ ତୁମ ସାଙ୍ଗରେ ସମ୍ମିଳନୀକୁ ଯିବି । ମୁଁ ଯେତେ ବୁଝାଇଲେ ମଧ୍ୟ ସେ ବୁଝିବାକୁ ନାରାଜ । ମୁଁ ତ ଭାରି ଯିଦ୍‌ଖୋର୍ । ତେଣୁ ମୁଁ ତାକୁ ସଙ୍ଗରେ ନେଲି ନାହିଁ । ମୁଁ ମଧ୍ୟ ସେତେବେଳେ ତା ମନକଥା ବୁଝିବାକୁ ସକ୍ଷମ ହୋଇ ନଥିଲି ।

ମୁଁ ବାହାରିବା ସମୟରେ ସେ ମୋତେ ନମସ୍କାର ହୋଇ କହିଲା, ତୁମେ ଫେରିଲା ବେଳକୁ ମୋତେ ଆଉ ଦେଖିବାକୁ ପାଇବ ନାହିଁ । ମୁଁ ଏକଥାକୁ ଭୃକ୍ଷେପ ନକରି ସ୍ଥିର କଲି, ତାର ସ୍ୱାସ୍ଥ୍ୟ ଆଗ, ସମ୍ମିଳନୀ ପଛ । ସେହିପରି ବିଚାର କରି ମୁଁ ତାକୁ ସଙ୍ଗରେ ନନେଇ ଏକାକୀ ପୁରୀ ସମ୍ମିଳନୀକୁ ବାହାରି ଗଲି । ମୁଁ ପରେ ଯାହା ଶୁଣିଲି, ମୁଁ ଯିବା ପରେପରେ ତା ମନରେ ଏକ ବିଚିତ୍ର ଧରଣର ପ୍ରତିକ୍ରିୟା ଦେଖାଦେଲା । ଆତ୍ମସାତ୍ମ ବହୁତ ଗପାଗପି କଲା, ଯାହାକି ପାଗଳାମିର ଲକ୍ଷଣ । ମୁଁ ପୁରୀ ସମ୍ମଳନୀରେ ମାତ୍ର ଦୁଇଦିନ ରହିଛି, ଘରୁ ଖବର ଗଲା, ଶୀଘ୍ର ଘରକୁ ଫେରିବା ପାଇଁ । ମୁଁ ଖବର ପାଇ ସମ୍ମିଳନୀ ଶେଷ ହେବା ପୂର୍ବରୁ ଘରକୁ ଫେରିଲି ।

ସ୍ତ୍ରୀ ସାଧବର ମସ୍ତିଷ୍କ ବିକୃତି

ଘରେ ଆସି ଯାହା ଦେଖିଲି ଓ ଶୁଣିଲି, ତା ମୁଣ୍ଡ ଏକରକମ ବିଗିଡ଼ି ଯାଇଛି, ସ୍ୱାଭାବିକ ଭାବରେ କାମ କରୁନାହିଁ । ମୁଁ ତେଣୁ ଭୂଦାନଯଜ୍ଞ କାମ ବନ୍ଦକରି ସ୍ତ୍ରୀର ପାଗଳାମି ଭଲ କରିବାକୁ ବହୁ ଆଡ଼େ ଘୁରିଲି, ତାକୁ ଭଲ କରିବା ଉଦ୍ଦେଶ୍ୟରେ । କଟକରେ ଥିବା ମନୋବିଜ୍ଞାନୀ ଡ଼ାକ୍ତର ରାଧାନାଥ ରଥଙ୍କ ସହ ପରାମର୍ଶ ନେଲି । ତାପରେ ପୁରୀରେ ଥିବା ହୋମିଓପ୍ୟାଥି ଭଣ୍ଡାର ଜେ. ଚୌଧୁରୀ ହୋମିଓପ୍ୟାଥିକ ଡ଼ାକ୍ତରଙ୍କ ଠାରୁ ପରାମର୍ଶ ନେଲି । ରାଞ୍ଚି ନେବା ପାଇଁ ମଧ୍ୟ ଯୋଗାଡ଼ ଆରମ୍ଭ କରିଦେଲି । କିନ୍ତୁ କେତେକ ବ୍ୟକ୍ତି ପରାମର୍ଶ ଦେଲେ, ରାଞ୍ଚି ନେଲେ କିଛି ଭଲ ହେବନାହିଁ । ଅଯଥା ହଇରାଣ ହରକତ ହେବ । ବିଭିନ୍ନ ଆଡ଼ୁ ନିରାଶ ହେଲା ପରେ ଶୁଣିଲି, ପୁରୀ ଜିଲ୍ଲାର ସମୁଦ୍ରପାଖ ଅସ୍ତରଙ୍ଗ ବଜାରରେ ଜଣେ ଘରୋଇ ଚିକିତ୍ସକ ଅଛନ୍ତି, ଯେ କି ପାଗଳାମି ଥିବା ଲୋକଙ୍କୁ ଭଲ କରାଇ ଦେଉଛନ୍ତି । ସେତେବେଳର ମୋ ଅବସ୍ଥା ଥିଲା ବୁଡ଼ିଯିବା ଲୋକ କୁଟାଖିଅକୁ ଆଶ୍ରା କଲାଭଳି । ସେହିପରି ଅବସ୍ଥାରେ ଯିଏ କହିଲା, ତା କଥାକୁ ଶୁଣି କାର୍ଯ୍ୟକାରୀ କରୁଥାଏ । କିନ୍ତୁ କିଛି ପରିବର୍ତ୍ତନ ଦେଖାଯାଉନଥାଏ । ଦିନେ ସକାଳୁ ଅସ୍ତରଙ୍ଗ ଅଭିମୁଖେ ବାହାରିଲି । ପାଦଚଲା ରାସ୍ତା । ସେତେବେଳେ ଗାଡ଼ିଘୋଡ଼ା ଏତେ ନଥାଏ । ମୋର ଚାଲିବାର ଅଭ୍ୟାସ ଖୁବ୍ ଥାଏ । ଏପରିକି ଦିନକୁ ଚାଳିଶ ମାଇଲ୍ ରାସ୍ତା ଚାଲି ପାରୁଥାଏ । କିପରି ସ୍ତ୍ରୀକୁ ଭଲ କରିବି, ମୋ ମନରେ ଏଥିପାଇଁ ଅଦମ୍ୟ ପ୍ରୟାସ ଥାଏ । ସକାଳୁ ବାହାରିଲି । ବାଟ ତ ଦେଖି ନଥାଏ । ଠିକ୍ ଘର ପାଖରୁ ସିଧା ବାଟରେ ଯାଇ ମଣିଜଙ୍ଗା ଓ ତିର୍ତ୍ତୋଲ ମଝି ଦେଇ

Digitized by srujanika@gmail.com

ପଚାରି ପଚାରି ସଂଧ୍ୟା ବେଳକୁ ଦେବୀ ନଈକୂଳରେ ପହଞ୍ଚିଲି । ମାଛଗାଁରେ ପହଞ୍ଚି ସେଠି ହୋଟେଲରେ ଖାଇ ପୁଣି ଚାଲିଲି । ସଂଧ୍ୟା ବେଳେ ଦେବୀନଈ ପାରହେଲା ପରେ ରାତି ହୋଇଯିବାରୁ ଗୋଟିଏ ଗ୍ରାମର ସ୍କୁଲ ଘରେ ରହିଲି । ଶିକ୍ଷକ ମହାଶୟ ରହିବାର ସୁବିଧା କରିଦେଲେ । ସକାଳୁ ସେଠି ନିତ୍ୟକର୍ମ ସାରି ଅସ୍ତରଙ୍ଗ ଅଭିମୁଖେ ପୁଣି ବାହାରିଲି । ଶିକ୍ଷକ ମହାଶୟ ମୋତେ ବାଟ ବତାଇ ଦେଲେ । ଆଉ ମଧ୍ୟ ମୋ ଠାରୁ ଶୁଣିଲେ ଯେ, ମୋ ସ୍ତ୍ରୀ ପାଗଳ ହୋଇଯାଇଛି ଓ ତା ପାଇଁ ଔଷଧ ଆଣିବାକୁ ଯାଉଛି । ସେ ସମଦୁଃଖିତ ହେଲେ । ସେ ମୋତେ ଘରୋଇ ଚିକିତ୍ସକଙ୍କ ନାମ ମଧ୍ୟ କହିଲେ । ତାଙ୍କ ପାଖରୁ ବିଦାୟ ନେଇ ସକାଳ ୮ଟାରେ ଅସ୍ତରଙ୍ଗରେ ପହଞ୍ଚିଲି । ସେ ଚିକିତ୍ସକଙ୍କୁ ଦେଖାକଲି । ତାଙ୍କଠାରୁ ଔଷଧପତ୍ର ଆଣି ସେଠାରେ ଗାଧୁଆପାଧୁଆ ସାରି ଜଳଖିଆ ଖାଇ ନାଉଗାଁ ବାଟ ଦେଇ ଜଗତସିଂହପୁର ଆସିଲି । ଜଗତ୍‌ସିଂହପୁରରୁ କଟକ ବସ୍ ଧରିଲି । ସଂଧ୍ୟାବେଳକୁ କଟକରେ ପହଞ୍ଚିଲି । କଟକରେ ରହି ପୁଣି କେତେକ ଡ଼ାକ୍ତରଙ୍କ ସହ ପରାମର୍ଶ କଲି । ତା ପରଦିନ କେନ୍ଦ୍ରପଡ଼ା ବସ୍‌ରେ ଘରକୁ ଫେରିଲି । ସେତେବେଳେ କେନ୍ଦ୍ରାପଡ଼ାକୁ ପ୍ରାଇଭେଟ୍ ବସ୍ ଚାଲୁଥାଏ । କେନ୍ଦ୍ରାପଡ଼ାରୁ ମାର୍ଶାଘାଇକୁ ଚାଲିକରି ଆସି ଦଶୀପୁରରେ ସଂଧ୍ୟାପୂର୍ବରୁ ପହଞ୍ଚିଲି । ଆଣିଥିବା ଔଷଧପତ୍ର ସ୍ତ୍ରୀକୁ ଦେଲି । କିନ୍ତୁ କୌଣସି ଔଷଧପତ୍ରରେ ତାର ପାଗଳାମି ଭଲହେବାର ଦେଖାଗଲା ନାହିଁ । ମୋ କଥା କେହି ବିଚାର କଲେ ନାହିଁ, ସବୁବେଳେ ଏହି କଥାପଦକ ଜପାମାଳି ଭଳି କହି ଚାଲିଥାଏ । ଖାଇବାକୁ ରାଜି ନୁହେଁ । ବାଧ୍ୟକରି ମୋତେ ଖୁଆଇବାକୁ ପଡ଼େ । ମୁଁ ଯୁଆଡ଼େ ଯାଇଥିଲେ, ସେ ଖାଇ ନଥିବ ଭାବି ଶୀଘ୍ର ଘରକୁ ଫେରିଆସେ ଓ ତାକୁ ଖୁଆଇବା ପାଇଁ ବାଧ୍ୟ କରେ । ସେ ଖୁବ୍ ଅଳ୍ପ ପରିମାଣରେ ଖାଉଥାଏ । ଆମଘରକୁ କୌଣସି ଭିକାରୀ ଆସିଲେ ତାକୁ ଗୌଣୀଗୌଣୀ ଧାନଚାଉଳ ଦେଇଦିଏ । ଆମର ବାରିରେ କୂଅ ଥାଏ । ପଡ଼ୋଶୀ ଲୋକ କୂଅରୁ ପାଣି ନେବା ପାଇଁ ଆସିଲେ ମୋ ସ୍ତ୍ରୀ ତାଙ୍କୁ କୂଅରୁ ପାଣି କଢ଼ାଇ ନଦେଇ ନିଜେ ତାଙ୍କପାଇଁ କୂଅରୁ ପାଣି କାଢ଼ି ଦିଏ । ଏପରିକି ଏକାବେଳେ ତିନି ଚାରି ଜଣ ଆସିଲେ ବି ସେମାନଙ୍କୁ ପାଣି କଢ଼ାଇ ନଦେଇ ନିଜେ ସମସ୍ତଙ୍କର ପାଣି କାଢ଼ିଦିଏ ।

ସାରା ରାତି ଓ ସାରା ଦିନ ତାକୁ ଆଦୌ ନିଦ ହେଉ ନଥାଏ । ମୁଁ ତାଙ୍କୁ ରାତିରେ ପାଖରେ ଶୁଆଇଲେ, ମୋ ନିଦ ଲାଗିଯିବା ପରେ ସେ ମୋ ପାଖରୁ ଉଠିଆସି ପିଣ୍ଡା ଉପରେ ଠିଆ ହୋଇ 'ମୋ ବିଚାର କେହି କଲେ ନାହିଁ' ବୋଲି ଗୁଣି ହୁଏ । ମୋ ନିଦ ଭାଙ୍ଗିଗଲେ ମୁଁ ଦେଖେ, ମୋ ପାଖରେ ସେ ନାହିଁ । ମୁଁ ଛାନିଆରେ ଉଠିଆସି ଦେଖେତ ପିଣ୍ଡା ଉପରେ ଠିଆ ହୋଇ ଘରଖୁଣ୍ଟିକୁ ଧରି ସେହି କଥା ଗୁଣୁଗୁଣୁ ହେଉଛି । ତାର ପାଗଳାମି ଆରମ୍ଭ ହେବା ଦିନ ଠାରୁ ସେ କେବେ ଭୁଲ୍‌ରେ ରାତି କି ଦିନରେ ଆମ ଚକଡ଼ା ଛାଡ଼ି କୁଆଡ଼େ ଚାଲିଯିବାର ଦେଖାଯାଇନାହିଁ । କାହାକୁ ଦିନେ ଭୁଲ୍‌ରେ ସୁଧା ଖରାପ ବ୍ୟବାହାର କରିନାହିଁ । ସେତେବେଳେ ପୁଅଝିଅ ଦୁଇଜଣ ଗ୍ରାମର ଲୋୟର ପ୍ରାଇମେରୀ ସ୍କୁଲରେ ଆଗପଛ ହୋଇ ପଢୁଥାନ୍ତି । ସେ କିନ୍ତୁ ସେମାନଙ୍କର ଭଲମନ୍ଦ କିଛି ବୁଝୁ ନଥାଏ କି ସ୍ନେହରେ କଥା କହୁନଥାଏ । ସେତେବେଳେ ସେ ପିଲାମାନଙ୍କୁ ଆଦୌ ଭଲ ପାଉନଥାଏ ।

Digitized by srujanika@gmail.com

ଦିନକର ଘଟଣା । ମୁଁ ଗାଁରେ ଥାଏ । ବିଲ ଆଡ଼କୁ ବୁଲି ଯାଇଥାଏ । ଏହି ସମୟରେ ଗାଁର ଦୁଇଜଣ ଛୋଟପିଲା ଆମଘରକୁ ବୁଲି ଆସିଥାନ୍ତି । ସେତେବେଳେ ଶୈଳ ଓ ରଣଜିତ୍ (ଚିତ୍ତର ପ୍ରଥମ ନାମ) ସ୍କୁଲକୁ ଯାଇଥାନ୍ତି । ମୋ ସ୍ତ୍ରୀ ବାହାର ପିଲା ଦୁହିଁଙ୍କୁ ଘରକୁ ଡ଼ାକିନେଇ ମୋ ପିଲାମାନଙ୍କର ସବୁତକ ଖଦଡ଼ ଜାମାପଟା ଆଣି ସେମାନଙ୍କୁ ଦେଇ ଦେଉଥାଏ । ଏହି ସମୟରେ ବୋଉ ତାଙ୍କୁ ବାରଣ କରୁଥାଏ, ତୁ ତୋ ପିଲାଙ୍କ ଜାମାପଟା ସେମାନଙ୍କୁ କାହିଁକି ଦେଇଦେଉଛୁ ? ସେ ବୋଉ କଥା ନଶୁଣି ପିଲାଙ୍କୁ ଜାମାପଟା ବାଣ୍ଟିଦେବା ସମୟରେ ମୁଁ ହଠାତ୍ ଆସି ଘରେ ପହଞ୍ଚିଗଲି ଓ ଦେଖିଲି, ପିଲାଙ୍କ ଜାମାପଟା ସେ ଅନ୍ୟ ପିଲାଙ୍କୁ ଦେଇଦେଉଛି । ମୁଁ ସେ ପିଲାମାନଙ୍କୁ ବୁଝାଇ ସେମାନଙ୍କଠାରୁ ପିଲାଙ୍କ ଜାମା ପଟା ଆଣି ଘରେ ରଖିବାରୁ ସେ ମୋତେ କହିଲେ, ତୁମର ଏ ସର୍ବୋଦୟ ବିଚାର ? ତାଙ୍କର ଜାମାପଟା ନାହିଁ ତ ତାଙ୍କୁ ଦିଆଯାଉଛି । ମୁଁ କହିଲି, ପିଲାଙ୍କ ଜାମାପଟା ଦେଇଦେଲେ ଆମ ପିଲାଏ କଣ ପିନ୍ଧିବେ ? ସେଉଠୁ ପୁଣି ତାର ଗୁଣୁଗୁଣୁ ଆରମ୍ଭ ହେଲା, ମୋ କଥା କେହି ବିଚାର କଲେ ନାହିଁ ।

ଏହିପରି କିଛିଦିନ ଗଲାପରେ ମୁଁ ଭାବିଲି ତାଙ୍କ ବାପଘରକୁ ଗଲେ ସେ ହୁଏତ୍ ପରିବର୍ତ୍ତନ ହୋଇ ଯାଇପାରେ ? ଏହା ଭାବି ତାଙ୍କ ଭାଇଙ୍କ ପାଖକୁ ଖବର ଦେଲି । ଭାଇ ଆସି ତାଙ୍କୁ ସାଙ୍ଗରେ ନେଇଗଲେ । ସେଠି କିଛିଦିନ ରହିବାପରେ କିଛି ପରିବର୍ତ୍ତନର ଲକ୍ଷଣ ଦେଖାଗଲା ନାହିଁ । ସେମାନେ ଭାରି ବିରକ୍ତ ହୋଇଗଲେ ସେ ନଖାଇବା ଯୋଗୁଁ । ଆଉ ମଧ୍ୟ ସେ ତାଙ୍କ ଘରୁ ଗୌଣୀଗୌଣୀ ଅରୁଆ ଚାଉଳ ଆଣି ଗୋରୁଙ୍କୁ ଖୁଆଇଲା । ପୁଣି ଅନ୍ୟ ଜିନିଷମାନ ଆଣି ଗାଁ ଲୋକମାନଙ୍କୁ ସେମିତି ଦେଇଦେଲା । ସେମାନେ ଏସବୁ ଦେଖି ବେଶୀଦିନ ଆଉ ତାଙ୍କ ଘରେ ରଖିବାକୁ ଇଚ୍ଛାକଲେ ନାହିଁ । ତାକୁ ଆଣିବାକୁ ମୋ ପାଖକୁ ଖବର ଆସିଲା । ତାକୁ ଆମଘରକୁ ଆଣିବା ପାଇଁ ସେମାନେ ଯେତେ ଚେଷ୍ଟାକଲେ ବି ସେ ଆମ ଘରକୁ ଆସିବାକୁ ରାଜି ହେଉନଥିଲା । ସେମାନେ ଦେଖିଲେ, କୌଣସିମତେ ସେ ଆମଘରକୁ ଆସିବାକୁ ରାଜି ନୁହେଁ । ତେଣୁ ସେମାନେ ଗୋଟିଏ କୌଶଳ କଲେ । ସେତିକିବେଳେ ତାଙ୍କ ବଡ଼ଭାଇ ନିଜ ଦେହ ଖରାପ ଯୋଗୁଁ ମାର୍ଶାଘାଇ ଡ଼ାକ୍ତରଖାନାରେ ଥାନ୍ତି । ସେମାନେ କହିଲେ ଯେ, ତୁ ମାର୍ଶାଘାଇ ଡ଼ାକ୍ତରଖାନା ଯାଇ ବଡ଼ଭାଇର ସେବାଶୁଶ୍ରୁଷା କରିବୁ । ଏ କଥା ଶୁଣି ସେ ଖୁସିରେ ମାର୍ଶାଘାଇ ଡ଼ାକ୍ତରଖାନାକୁ ତା ସାନଭାଇ ସଙ୍ଗରେ ଆସିଲା । ବଡ଼ଭାଇକୁ ଡ଼ାକ୍ତରଖାନାରେ ଦେଖି କହିଲା, ମୁଁ ଏଇଠି ତୁମର ସେବା କରିବି ।

ସେମାନେ କୌଶଳ କରି ତାକୁ ଆମ ଦଶିପୁରକୁ ଆଣିବାକୁ ଭାବିଥିଲେ, କିନ୍ତୁ ସେ ଆଉ ଦଶିପୁରକୁ ଆସିବାକୁ ରାଜି ନୁହେଁ । ସେମାନଙ୍କ ଭିତରୁ ଦୁଇତିନି ଜଣ ଲୋକ ତାକୁ ଜବରଦସ୍ତି କରି ମାର୍ଶାଘାଇ ହାଟମଝିରେ ଘୋଷାରି ଘୋଷାରି ଆଣୁଥାନ୍ତି । ସେ ଆସିବାକୁ ଆଦୌ ରାଜି ନୁହେଁ । ଏହିପରି ଘୋଷାଡ଼ା ଘୋଷଡ଼ି କରୁଥିବା ସମୟରେ ମାର୍ଶାଘାଇର ମୋର ପ୍ରଥମ ଶଳା (ଗନ୍ଧର୍ବ ରାଉତ) ଏହି ଦୃଶ୍ୟ ଦେଖି ପକାଇଲା । ସେମାନଙ୍କୁ ସେ ଗାଳିଗୁଲଜ କରି କହିଲା, ତୁମେ ଯେଉଁଦିନ ଆଣିବା କଥା, ସେ ଦିନ ନିଧାର୍ଯ୍ୟ କରି

Digitized by srujanika@gmail.com

ଭାଇଙ୍କୁ କହିଥିଲେ, ସେ ସବାରୀ କରି ଅପାକୁ ନେଇ ଯାଇଥାନ୍ତେ । ତୁମେ ତୁମର ଭଉଣୀକୁ ହାଟ ଭିତରେ ଏପରି ଅଭଦ୍ରୋଚିତ ବ୍ୟବହାର କରିବା କେବେ ଭଲ ହୋଇନାହିଁ । ସେ ନିଜେ ତା ଅପାକୁ ବୁଝାଇ ମାର୍ଶାଘାଇରେ ତାଙ୍କ ଘରକୁ ନେଇଗଲା । ମୁଁ ତା ଆଗ ଦୁଇଦିନ ଧରି ପୁରୀର ଜେ.ଚୌଧୁରୀ ହୋମିଓପ୍ୟାଥ୍ ଡ଼ାକ୍ତରଙ୍କ ପାଖକୁ ଯାଇଥିଲି । ପୁରୀରୁ ଔଷଧ ଆଣି ସେଦିନ ସଂଧ୍ୟାସୁଦ୍ଧା ମାର୍ଶାଘାଇରେ ପହଞ୍ଚି ଶୁଣିଲି, ସାଧବ ମୋର ମାର୍ଶାଘାଇ ଶଶୁର ଘରେ ଅଛି । ମୁଁ ସେଦିନ ତାଙ୍କ ଘରେ ରହିଲି । ଔଷଧ ମଧ୍ୟ ଦେଲି ।

ସେଠି କିଛି ଭଲଫଳ ଦେଖା ନଯିବାରୁ କିଛିଦିନ ପରେ ତାକୁ ଆମ ଘରକୁ ଘେନି ଆସିଲି । ଆମର ଭାରି ଅସୁବିଧା ହେଲା । ସେ ବିଲ୍‌କୁଲ୍ ଖାଇବାକୁ ରାଜି ନୁହେଁ । ବାଧ୍ୟବାଧ୍ୟକତାରେ ଯାହା କିଛି ସାମାନ୍ୟ ଖାଉଥାଏ । ମୁଁ ଯେତେବେଳେ ଘରେ ନଥାଏ, ମଝିରେ ମଝିରେ ଦାଦା ଆସି କହିବାରୁ ସେ ସାମାନ୍ୟ କିଛି ଖାଇ ଭାତ ଇତ୍ୟାଦି ସବୁକିଛି ଗୋରୁକୁଣ୍ଡରେ ପୂରାଇ ଦିଏ । ତାର ଇଚ୍ଛା, ସମସ୍ତଙ୍କୁ ସେ ନିଜେ ପେଟ ଫଟେଇ ଖାଇବାକୁ ଦେବ କିନ୍ତୁ ନିଜେ ସାମାନ୍ୟ ଖାଦ୍ୟ ମଧ୍ୟ ଖାଇବ ନାହିଁ । ଦିନକୁ ଦିନ ତା ଶରୀର କ୍ଷୀଣ ହେବାରେ ଲାଗିଲା । ଏପରିକି ଜଣେ ଲୋକ ତାକୁ ଗୋଟିଏ ହାତରେ ଉଠାଇ ଦେବ । ତାର ପାଗଳାମି ଥାଏ ନିଜେ ମୋଟେ ନ ଖାଇବା ଓ ଅନ୍ୟଲୋକଙ୍କୁ ଆବଶ୍ୟକତା ଠାରୁ ଅଧିକ ପରିମାଣରେ ଖାଇବାକୁ ଦେବା । ପୁଣି ଅଧିକ ଖଟିବା । ଘରର ଚକଡ଼ା ବାହାରକୁ ନଯାଇ ଅଧିକାଂଶ ସମୟ 'ମୋ ବିଚାର କେହି କଲେ ନାହିଁ' ଗୁଣୁଗୁଣୁ ହେବା । ଅନ୍ୟ ପିଲାଙ୍କୁ ଓ ଲୋକଙ୍କୁ ଘରୁ ଜିନିଷ ସବୁ ଦେଇଦେବା । ଆଉ ନିଜପିଲାଙ୍କୁ ଭଲ ନପାଇବା । ସେ ନ ଖାଇବାଟା ଆମ ସମସ୍ତଙ୍କୁ ବେଶୀ ବାଧୁଥାଏ । ଦୁଇବର୍ଷ ଧରି ବହୁଚେଷ୍ଟା ସତ୍ତ୍ୱେ ସେ ଆଉ ଭଲହେବାର ଦେଖାଗଲା ନାହିଁ । କେବଳ ତାକୁ ଖୁଆଇ ଅଧିକ ଦିନ ବଞ୍ଚେଇ ରଖିବା ପାଇଁ ଚେଷ୍ଟା ଚଳାଗଲା । ଶେଷକୁ ସେ କେବଳ ମୋ ଛଡ଼ା ଆଉ କାହା କଥା, ଏପରିକି ସାନଦାଦା ଇତ୍ୟାଦିଙ୍କ କଥା ଶୁଣିଲା ନାହିଁ । ମୋତେ ବହୁ ସମୟ ଧରି ଘରେ ରହିବାକୁ ପଡୁଥାଏ, କେବଳ ତାକୁ ଖୁଆଇବା ପାଇଁ । ଗୋଟିଏ ବକ୍ତରେ ୫୦ କି ୨୫ ଗ୍ରାମ ଚାଉଳର ଭାତ ସେ ଖାଉ ନଥାଏ, ଆମେ ଯେତେ ଚେଷ୍ଟାକଲେ ବି । ଶେଷ ବେଳକୁ ମୁଁ ଖାଇବା ବେଳେ ତାଙ୍କୁ ସାଙ୍ଗରେ ବସାଇ ଖାଇବାକୁ ବାଧ୍ୟକରେ । ମୋ ବାଧ୍ୟତାରେ ସେ ଭାତଗୁଣ୍ଡା ପାଟିକୁ ନିଏ କିନ୍ତୁ ତାପରେ ଭାତଥାଳି ଆଣି ଗୋରୁକୁଣ୍ଡରେ ଅଜାଡ଼ି ଦିଏ । ଏହିପରି ବାରମ୍ବାର ସେ ଖାଇବାରେ ଭାରି ହଇରାଣ କଲା ।

ସ୍ତ୍ରୀ ସାଧବ ସହ ଅନ୍ତିମ ରାତି

୧୯୫୬ ଡ଼ିସେମ୍ବର ମାସ ୩୦ ତାରିଖରେ ଦୁମୁକାଠାରେ ଭୂଦାନଯଜ୍ଞ ବିଷୟରେ ଗୋଟିଏ ବଡ଼ ଧରଣର ସଭା ଡ଼କା ଯାଇଥାଏ । ବୁଲୁ ବାବୁ (ମନମୋହନ ଚୌଧୁରୀ) ଚିନ୍ତାମଣି ଭାଇଙ୍କୁ ଚିଠିରେ ଲେଖିଥିଲେ, ନରୋତ୍ତମ ବାବୁ ତାଙ୍କର ପାଗଳୀ ସ୍ତ୍ରୀଙ୍କ ଯତ୍ନ ନେଉଥିବାରୁ ତାଙ୍କୁ ଏ ସଭାର ଆୟୋଜନ ଦାୟିତ୍ୱ ଦେବନାହିଁ, କେବଳ ଯୋଗଦେବାକୁ କହିବ ଓ ସେ ସଭାର ଦାୟୀତ୍ୱ ତୁମେ ନେବ । ନରୋତ୍ତମ ବାବୁଙ୍କ ନାମରେ ଏ ସଭା ଦୁମୁକାରେ ଡ଼କାଇବ,

Digitized by srujanika@gmail.com

କିନ୍ତୁ ଏହାକୁ ଆୟୋଜନ କରିବେ କାନପୁରର ଧରଣୀଧର ଜେନା ଓ ନୟନା (ଧରଣୀ ଜେନାଙ୍କ ସ୍ତ୍ରୀ) । ସେହି ସଭାରେ ହରିଜନ ଝିଅମାନେ ଯେପରି ଯୋଗ ଦିଅନ୍ତି, ସେଥିପାଇଁ ଚେଷ୍ଟା କରିବ । ବୁଲୁ ବାବୁଙ୍କ ଚିଠି ଅନୁସାରେ ଚିନ୍ତାମଣି ସ୍ୱାଇଁ ଦୁମୁକାରେ ଭୂଦାନ ସଭା ଡ଼ାକିଥିଲେ । ଏ ଅଞ୍ଚଳରେ ମୁଁ ଜଣେ ମୁଖ୍ୟ ଭୂଦାନ କର୍ମୀ ଥିବାରୁ ମୋତେ ବିଶେଷ କରି ସେହି ସଭାରେ ଯୋଗଦେବାକୁ ପଡ଼ିଥିଲା । ସେହି ଉଦ୍ଦେଶ୍ୟରେ ମୁଁ ଦିନ ୯ଟାରେ ଘରୁ ବାହାରିଲି । ଘରେ ବୋଉ ଇତ୍ୟାଦିଙ୍କୁ କହିଗଲି, ସ୍ତ୍ରୀଙ୍କୁ ଲାଗିପାଗି ଯେକୌଣସି ମତେ ଖୁଆଇବ, ମୁଁ ଆସୁଆସୁ ରାତି ହୋଇପାରେ ।

ମୁଁ ରାତିରେ ଫେରି ଶୁଣିଲି, ସେଦିନ ସତକୁ ସତ କେହି ତାକୁ ଖୁଆଇ ପାରିଲେ ନାହିଁ । ମୁଁ ରାତି ୮ଟାରେ ଆସି ଘରେ ପହଞ୍ଚି ଶୁଣିଲି, ସାଧବ ଖାଇନାହିଁ ଓ ଦିନଭରି ନିର୍ଜଳା ଉପାସରେ ଅଛି । ମନ ଭାରି କଷ୍ଟ ହେଲା । ରୋଷେଇ ସରି ଯାଇଥାଏ । ମୁଁ କହିଲି, ସଙ୍ଗେସଙ୍ଗେ ତା ପାଇଁ ଓ ମୋ ପାଇଁ ଭାତ ବାଢ଼ । ଉଭୟେ ସାଙ୍ଗ ହୋଇ ଖାଇବୁ । ତା ପାଇଁ ଓ ମୋ ପାଇଁ ଭାତ ବଢ଼ା ହେଲା । ତାକୁ ମୁଁ ବାଧ୍ୟ କରି ଭାତଥାଳି ପାଖରେ ବସାଇଲି । ସେ କହିଲା, ତୁମେ ଖାଅ, ମୁଁ ଖାଇବି। ମୁଁ ତା କଥାକୁ ସତ ମନେ କରି ଯେମିତି ଭାତଗୁଣ୍ଡା ପାଟିକୁ ନେଇଛି, ଠିକ୍ ସେହି ସମୟରେ ସେ ହଠାତ୍ ଭାତ ଥାଳି ଧରି ଉଠିପଡ଼ି ଗୋରୁ କୁଣ୍ଡରେ ଅଜାଡ଼ି ଦେଲା । ମୁଁ ଏକଥା ଦେଖି ମନକଷ୍ଟରେ ଖାଇବା ଜାଗାରୁ ଉଠିପଡ଼ିଲି ଓ କହିଲି, ତୁମେ ଯେତେ ଦିନ ପର୍ଯ୍ୟନ୍ତ ନ ଖାଇବ, ମୁଁ ମଧ୍ୟ ସେତେଦିନ ପର୍ଯ୍ୟନ୍ତ ଖାଇବିନି । ତାପରେ ପୁଣି ସେ ମୋତେ ବାଧ୍ୟ କଲା ଖାଇବା ପାଇଁ । ମୁଁ କହିଲି, ତୁମେ ଯଦି ଖାଇବ, ତେବେ ମୁଁ ଖାଇବି । ସେ କିନ୍ତୁ ଖାଇବାକୁ ନାରାଜ । ତେଣୁ ମୁଁ ନୀରବରେ ଆସି ମନଦୁଃଖରେ ଶୋଇ ପଡ଼ିଲି । ସେତ ଆଉ ଖାଇଲା ନାହିଁ । ମୋ ପାଖରେ ଯାଇ ଶୋଇଲା । ତାକୁ କେବେ ତ ନିଦ ହୁଏ ନାହିଁ । ମୋତେ ନିଦ ହୋଇଗଲେ ସେ ଘରୁ ଆସି ପିଣ୍ଡାରେ ଠିଆ ହୋଇ ମନକୁ ମନ କେତେ କଥାସବୁ ଗୁଣୁଗୁଣୁ ହେଉଥାଏ । ମୋ ନିଦ ଭାଙ୍ଗିଲେ ମୁଁ ପୁଣି ତାକୁ ନେଇ ଶୁଆଇ ଦିଏ । ସେଦିନ ମୋତେ ବହୁ ଡ଼େରିରେ ନିଦ ଲାଗିଲା । ମୋର ନିଦ ହେବା ଜାଣପାରି ସେ ଉଠି ଆସିଥିଲା । ଆମର ଗୋଟିଏ କମ୍ ଉଚ୍ଚତା ବିଶିଷ୍ଟ ଘର ଥିଲା । ସେ ଦଉଡ଼ି ଖଣ୍ଡେ ଯୋଗାଡ଼ କରି ବେକରେ ଲଗାଇ ଚାଳରେ ବାନ୍ଧି ଦେଇଛି । ସକାଳୁ ଘନଶ୍ୟାମ ଉଠି ଦେଖିପକାଇ ନୁଆବୋଉ କହି ହାଉଳି ଖାଇଗଲା । ମୁଁ ଏ ପାଟି ଶୁଣି ଉଠି ପଡ଼ିଲି ଓ ଦେଖିଲି, ସେ ଆଉ ଇହଧାମରେ ନାହିଁ । ତାର କେବଳ କୃଶ ଶରୀରଟି ଝୁଲୁଛି । ସେ ଏପରି ଦଉଡ଼ା ଦେଇଥିଲା ଯେ, ତାର ଗୋଡ଼ ମଧ୍ୟ ଟିକେ ତଳେ ଲାଗିଥିଲା । ଆଗରୁ ତ ଦୁର୍ବଳତା ଯୋଗୁଁ ତାର ବାରଣା ଜୀବନ ଚାଲିଯାଇଥିଲା । ମୁଁ ଭାବିଲି, ଗତ ରାତିରେ ମୁଁ ଉପାସ ରହିବା ଦ୍ୱାରା ସେ ଭାବିଛି ଯେ, ମୋ ସକାଶେ ଏମାନେ ସମସ୍ତେ ହଇରାଣ ହେଉଛନ୍ତି । ମୁଁ ରହିଲେ ଆହୁରି ହଇରାଣ ହେବେ । ମୁଁ ତ ଆଉ ଭଲ ହୋଇପାରିବି ନାହିଁ । ଏ ଜୀବନ ରଖି ଲାଭ କଣ ? ମୁଁ ଯଦି ମରିଯାଏ, ତେବେ ସମସ୍ତେ ତ୍ରାହି ପାଇଯିବେ ।

Digitized by srujanika@gmail.com

ଏଭଳି ଭାବି ସେ ଆତ୍ମହତ୍ୟା କଲା ବୋଲି ମୁଁ ମନେମନେ ଜାଣିଲି । ସଙ୍ଗେସଙ୍ଗେ ଗ୍ରାମବାସୀଙ୍କୁ ଡ଼କାଇ ମୁଁ ତା'ର ସଂସ୍କାର କଲି । ସେହିଦିନ ଠାରୁ ତାର ସ୍ମୃତି ମୋ ମାନସ ପଟରେ ଜାଗ୍ରତ ହୋଇ ରହିଲା । ମୋର ମନରେ କିନ୍ତୁ ଟିକେ ଅବଶୋଷ ରହିଗଲା, ତା ସେବାରେ ଯେପରି ମୁଁ ଅବହେଳା କରିଛି ।

ପିଲାମାନଙ୍କୁ ଯତ୍ନ

ସେତେବେଳକୁ ଝିଅ (ଶୈଳ)ର ବୟସ ଆଠ ବର୍ଷ ହୋଇଥାଏ । ପୁଅ (ରଣଜିତ୍- ଚିତ୍ତର ପ୍ରଥମ ନାମ)ର ବୟସ ୫ବର୍ଷ । ଶୈଳ ଗ୍ରାମ ସ୍କୁଲରେ ୩ୟ ଶ୍ରେଣୀରେ ପଢୁଥାଏ । ପିଲା ଦୁଇଟି ଭବିଷ୍ୟତରେ କିପରି ଭଲ ମଣିଷ ହେବେ ସେହି ଭାବନାରେ ପିଲାଙ୍କ ପ୍ରତି ଅଧିକ ଯତ୍ନଶୀଳ ହେଲି । ସେମାନେ ଯେପରି ମା' କଥା ମନେ ପକାଇ ଦୁଃଖ ନକରନ୍ତି । ସ୍କୁଲ ସମୟ ପରେ ତାଙ୍କ ପଢ଼ାପଢ଼ି ପାଇଁ ଘରେ ଟିଉସନ୍ ମାଷ୍ଟର ରଖିଲି । ମୁଁ ତ ସେତେବେଳକୁ ପୁରା ଗାନ୍ଧି ଢ଼ଙ୍ଗରେ ଚଳୁଥାଏ । ସେ ପ୍ରଭାବ ତାଙ୍କ ଉପରେ ପଡୁଥାଏ । ତାଙ୍କୁ ପ୍ରତିଦିନ ପ୍ରାର୍ଥନା କରାଇବା, ବାଡ଼ିବଗିଚାରେ ସାମାନ୍ୟ କାମ କରାଇବା, ତଥା ବିଭିନ୍ନ ବାଟରେ ପିଲାଙ୍କୁ ଖୁସି ରଖିବା ପାଇଁ ଯତ୍ନ କରୁଥାଏ । ସେତେବେଳେ ମୁଁ ବାହାରେ ବହୁତ ସମୟ ରହି ଭୂଦାନ କାମ ମଧ୍ୟ କରୁଥିଲି । ମୋ ଅନୁପସ୍ଥିତିରେ ବୋଉ ପିଲାଙ୍କର ଯତ୍ନ ନେଉଥାଏ । ସ୍ତ୍ରୀ ବଞ୍ଚିଥିଲା ବେଳେ ବି ବୋଉ ସବୁ ପିଲାଙ୍କର ଯତ୍ନ ନେଉଥିଲା । ଏବେ ପିଲା ଦୁହେଁ ମାତୃହରା ହେବା ଯୋଗୁଁ ମୁଁ ଘରେ ନଥିଲା ବେଳେ ବୋଉ ସେମାନଙ୍କର ସବୁକିଛି ଦାୟିତ୍ୱ ନେଉଥାଏ । ସେ ପୁରୁଣା ଢ଼ଙ୍ଗରେ ପିଲାଙ୍କ ଯତ୍ନ ନେଉଥିଲେ ମଧ୍ୟ ତା'ର ପିଲାଙ୍କ ପ୍ରତି ସ୍ନେହପ୍ରବଣତା ଅଧିକ ଥିଲା ।

ଗାନ୍ଧୀଜୀଙ୍କ ଲେଖାରୁ ମୁଁ ପଢ଼ିଥିଲି, ସରଳ ଜୀବନ, ଉଚ୍ଚ ଚିନ୍ତନ । ମୋ ପାଇଁ ଏହାର ଅର୍ଥ ଥିଲା, ଜଣେ ମଣିଷ ପ୍ରତି କ୍ଷେତ୍ରରେ, ପ୍ରତି ମୁହୂର୍ତ୍ତରେ ମଧ୍ୟ ସାମାନ୍ୟ ଖର୍ଚ୍ଚରେ ଆନନ୍ଦ ସହକାରେ ଚଳିଯାଇ ପାରିବ । ମୁଁ ମୋ ଜୀବନକୁ ସରଳ ଭାବରେ ଗଢ଼ିନେଇ ଯାଇଥିବାରୁ ଅଧିକ ଖର୍ଚ୍ଚରୁ ରକ୍ଷା ପାଇଯାଉଥିଲି । ଏହା ଫଳରେ ମୁଁ ଜୀବନର ବହୁତ କ୍ଷେତ୍ରରେ ଲାଭବାନ୍ ହୋଇଛି । ଆଉ ମଧ୍ୟ ଦୟାନନ୍ଦ ସରସ୍ୱତୀଙ୍କ "ସତ୍ୟାର୍ଥ ପ୍ରକାଶ" ବହି ପଢ଼ି ତାଙ୍କ ସଂସ୍କାରବାଦରେ ମୋର ପୂର୍ଣ୍ଣ ବିଶ୍ୱାସ ଆସିଯାଇଥିଲା, ଯାହାକୁ ସମାଜ ସେବା ସମେତ ଜୀବନର ପ୍ରତି କ୍ଷେତ୍ରରେ ଦୃଢ଼ତାର ସହିତ କାମରେ ଲଗାଉଥିଲି । ଏ ସମାଜ କୁସଂସ୍କାରପୂର୍ଣ୍ଣ ଥିବାରୁ ମୁଁ ମୋର ନୂଆ ସଂସ୍କାର ପାଇଁ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ମଧ୍ୟ ହେଉଥିଲି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ ଓ କେତେକ କ୍ଷେତ୍ରରେ ସମଷ୍ଟିଗତ ଭାବରେ ସଫଳତା ଅର୍ଜନ କରିଛି । ଆଜି ପର୍ଯ୍ୟନ୍ତ ମଧ୍ୟ ମୁଁ ସେହିପ୍ରକାର ସଂସ୍କାରରେ ଦୃଢ଼ ରହିଛି । ନିଜେ ଯେଉଁ ଢ଼ଙ୍ଗରେ ଗଢ଼ି ଉଠିଛି, ପିଲାମାନଙ୍କୁ ସେହି ଢ଼ଙ୍ଗରେ ଗଢ଼ିବା ପାଇଁ ମୁଁ ଅନବରତ ଚେଷ୍ଟା କରୁଥିଲି । ମୋର ପ୍ରଥମ ଝିଅକୁ ପିଲାଦିନୁ ପୁଅଢ଼ଙ୍ଗରେ ବାଳକଟେଇବା, କାଚ ନ ନାଇବା, ସ୍ନୋ ପାଉଡ଼ର ନଲଗାଇବା ଇତ୍ୟାଦି ଅଭ୍ୟାସରେ ପକାଇ ଦେଇଥିଲି ।

Digitized by srujanika@gmail.com

ତାକୁ ପୁଅଢ଼ଙ୍ଗରେ ଖଦଡ଼ କପଡ଼ା ଜାମାପ୍ୟାଣ୍ଟ ପିନ୍ଧାଉଥିଲି । ଝିଅମାନେ ସ୍ୱଭାବତଃ ଲାଜକୁଳି ଅଟନ୍ତି । ସେଥିପାଇଁ ବହୁକ୍ଷେତ୍ରରେ ସେମାନେ ପୁଅମାନଙ୍କ ସହିତ ତାଳ ଦେଇପାରିନ୍ତି ନାହିଁ । ଏମିତି ଏମିତି ଝିଅମାନେ ଏକ ଅଭିଶପ୍ତ ଜାତି ଭାବରେ ତଳେ ରହିଯାଆନ୍ତି । ସମାଜରୁ ଏହି ବ୍ୟବସ୍ଥାକୁ ଭାଙ୍ଗିବା ପାଇଁ ମୁଁ ଦୃଢ଼ଭବରେ ପିଲାଟି ଦିନରୁ ଶୈଳକୁ ଗଢୁଥିଲି । ମୋର ଆଶା ରହୁଥିଲା, ସେ ଭାରତ ବର୍ଷରେ ଏକ ଉଚ୍ଚ ମର୍ଯ୍ୟାଦାସମ୍ପନ୍ନା, ଆଦର୍ଶସ୍ଥାନୀୟା ନାରୀନେତ୍ରୀ ହୋଇ ନାରୀସମାଜକୁ ଦିଗ୍‌ଦର୍ଶନ ଦେଇ ପାରିବ । ତେଣୁ ସେହି ବାଟରେ ତାକୁ ମୁଁ ଶିକ୍ଷା ଦେଉଥିଲି ।

ଶୈଳର ମଧୁସାଗରରେ ପ୍ରବେଶ

ଶୈଳ ୩ୟ ଶ୍ରେଣୀରୁ ସ୍କଲାରସିପ୍ ପାଇଥାଏ । ଏକ ଉଚ୍ଚଭାବନା ରଖି ଶୈଳକୁ ୧ ୯ ୫ ୭ ମସିହାରେ ମଧୁସାଗରରେ ନାମ ଲେଖାଇଲି ୪ର୍ଥ ଶ୍ରେଣୀରେ । ଆମଗ୍ରାମରୁ ଆଉ ଗୋଟିଏ ପିଲାକୁ ନେଇ ମୁଁ ମଧ୍ୟ ମଧୁସାଗରରେ ଛାଡ଼ିଥାଏ, ସେ ହେଉଛି ସିନ୍ଧୁ ଜେନାଙ୍କ ପୁତୁରା ବାବଜୀ । ଏ ଦେଶକୁ ପରାଧିନତାରୁ ମୁକ୍ତ କରିବା ପାଇଁ ସତ୍ୟବାଦୀର ବକୁଳବନରେ ପୂଜ୍ୟ ଗୋପବନ୍ଧୁ ଦାସ ଯେପରି ଶିକ୍ଷାନୁଷ୍ଠାନ ଗଢ଼ିଥିଲେ, ସେହିପରି ଚିନ୍ତାମଣି ଭାଇ ଆମ୍ଭମାନଙ୍କୁ ନେଇ ମଧୁସାଗର ବିଦ୍ୟାପୀଠ ଆରମ୍ଭ କରିଥିଲେ । ମଧୁସାଗରରେ ଶୈଳକୁ ପଢ଼ାଇବା ପାଇଁ ମୋର ଏକାନ୍ତ ପ୍ରବଳ ଇଚ୍ଛା ଥିଲା । କାରଣ ସେଠି ଯେଉଁ ସ୍କୁଲ ଆମେ ପ୍ରତିଷ୍ଠା କରିଥିଲୁ, ତାହା ଓଡ଼ିଶାର ଏକମାତ୍ର ନୂଆ ଧରଣର ସ୍କୁଲ । ପିଲାମାନଙ୍କୁ ସ୍ୱାବଲମ୍ବୀ କରାଇବା ସଙ୍ଗେସଙ୍ଗେ ନୈତିକତା, ଚରିତ୍ରବତ୍ତା ଓ ସର୍ବୋପରି ସମାଜସେବା ପାଇଁ ଶିକ୍ଷା ଦିଆ ଯାଉଥିଲା । ମୁଁ ମଧୁସାଗରର ଏଭଳି ଜଣେ ପୃଷ୍ଠପୋଷକ ଥାଏ, ଚିନ୍ତାମଣି ଭାଇ ଓ ମୁଁ ରାମ ଓ ଲକ୍ଷ୍ମଣ ଭଳି ପୁରାମାତ୍ରାରେ ସେହି ଅନୁଷ୍ଠାନ କାମରେ ଲାଗିଥାଉ । ଏ ସ୍କୁଲରେ ଓଡ଼ିଶାର ବିଭିନ୍ନ ଜାଗାରୁ ପିଲା ଆସି ପଢୁଥିଲେ । ସେ ସ୍କୁଲ କଥା ଆଉ ଟିକେ ବର୍ଣ୍ଣନ କରିବା ଉଚିତ୍ । ସେଠି ଚତୁର୍ଥରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଯେତେ ଛାତ୍ର ହଷ୍ଟେଲରେ ରହୁଥିଲେ, ଗୁରୁଜୀମାନେ ସେମାନଙ୍କୁ ପାଠ ପଢ଼ାଇବା ସଙ୍ଗେ ସମସ୍ତ କାମ ଧନ୍ଦା କରାଉଥିଲେ ଓ ନିଜେ କରୁଥିଲେ । ଚାଷବାସ ଠାରୁ ଆରମ୍ଭ କରି ସେଠି ଯେତେ ଘର ନିର୍ମାଣ ହୋଇଥିଲା, ସେସବୁ ପିଲା ଓ ଗୁରୁଜୀମାନଙ୍କ ସମ୍ମିଳିତ ପରିଶ୍ରମରେ ଗଢ଼ିଉଠିଥିଲା । ଅନ୍ୟ ସ୍କୁଲ ମାନଙ୍କରେ କେବଳ ପାଠପଢ଼ା ଥିଲା, କୌଣସି ଶାରୀରୀକ ଶ୍ରମ ନଥିଲା । କିନ୍ତୁ ମଧୁସାଗରରେ ଗୁରୁଜୀମାନେ ନିଜ ପରବାର ସହ ଶିକ୍ଷାନୁଷ୍ଠାନରେ ରହୁଥିଲେ । ଝିଅମାନେ ସେଠି ରହିବାର କିଛି ଅସୁବିଧା ନଥିଲା । ସେତେବେଳେ ପୁଣି ମଧୁସାଗରକୁ କେନ୍ଦ୍ରକରି ସର୍ବୋଦୟ ଆନ୍ଦୋଳନ ଓ ଭୂଦାନ ଯଜ୍ଞ କାମ ଚାଲିଥାଏ । ମୁଁ ମଝିରେ ମଝିରେ ମଧୁସାଗର ଯାଉଥାଏ ।

ଶୈଳ ପିଲାଦିନୁ ଏପରି ଦୃଷ୍ଟ ହୋଇଥାଏ ଯେ, ସେ ମୋ ଛଡ଼ା ଆଉ କାହାରିକୁ ମାନିବାକୁ ରାଜି ନୁହେଁ । ସେ ଏପରି ଥିଲା ଯେ, ଭାଙ୍ଗିଯିବ ପଛେ ଓରେଇ ହେବନି । ମୋର ବିଶ୍ୱାସ

Digitized by srujanika@gmail.com

ଥିଲା, ପିଲାଦିନୁ ତାକୁ ପାଠପଢ଼ାଇ ଠିକ୍ ବାଟରେ ଚଳେଇଲେ ସେ ଭବିଷ୍ୟତରେ ଗୋଟିଏ ଭଲମଣିଷ ହୋଇ ଗଢ଼ି ଉଠିବ । ବାପାମାଆଙ୍କର ସ୍ୱନାମଧନ୍ୟା କନ୍ୟା ହେବ । ଦେଶରେ ତାର ପ୍ରତିଷ୍ଠା ବଢ଼ିବ । ଯଦି ସେ ପାଠ ନପଢ଼େ, ତେବେ ସାଧାରଣ ଗାଉଁଲି ଝିଅ ହୋଇ ରହିଯିବ, ଯେଉଁ ଶାଶୁଘରକୁ ଯିବ ସେଠି ମଧ୍ୟ ଗଣ୍ଡଗୋଳ କରିବ । ଏହି ଭାବନା ନେଇ ମୁଁ ଠିକ୍ କଲି, ମୋତେ ଯେତେ ଯାହା କଷ୍ଟ ପଡୁ ପଛେ, ତାକୁ ଶେଷ ପର୍ଯ୍ୟନ୍ତ ପାଠ ପଢ଼ାଇବାକୁ ହେବ । ମୁଁ ସେତେବେଳେ ସଂସ୍କାରବାଦୀ ଥିବାରୁ ପୁଅ ଓ ଝିଅଙ୍କ ଭିତରେ କିଛି ତାରତମ୍ୟ ଦେଖୁନଥିଲି । ମୁଁ ଭାବୁଥିଲି ପୁଅଙ୍କ ଭଳି ଝିଅଙ୍କୁ ଯଦି ଗଢ଼ାଯାଏ, ତେବେ ସେ କାହିଁକି ପୁଅଙ୍କ ସମାସ୍କନ୍ଦ ହୋଇ ନ ପାରିବ ? ମୁଁ ମୂଳରୁ ପୁଅଠାରୁ ଝିଅ ଉପରେ ଅଧିକ ଗୁରୁତ୍ୱ ଦେଉଥିଲି । କାହିଁକିନା, ସେତେବେଳେ ସମାଜରେ ଝିଅମାନଙ୍କୁ ପାଠ ପଢ଼ାଇବା ବିରଳ ଥିଲା । ତେଣୁ ମୁଁ ଏହି ପ୍ରଥାକୁ ଭାଙ୍ଗିବା ପାଇଁ ଶୈଳକୁ ପ୍ରଥମକରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ପାଠ ପଢ଼ାଇଲି । ଆଉ ମଧ୍ୟ ମୁଁ ଭାବିଥିଲି, ସେ ଦେଶର ସୁନାଗରିକ ହୋଇ ଗଢ଼ି ଉଠିଲେ, ମୋ ଭିତରେ ଥିବା ଆଶା ଆକାଂକ୍ଷାକୁ ସେ ଭବିଷ୍ୟତରେ ପୂରଣ କରିପାରିବ ।

ଶୈଳ ମଧୁସାଗରରେ ତିନିଚାରି ମାସ ରହିବା ପରେ ଆମ ଗ୍ରାମ ପିଲାଟିର ପ୍ରରୋଚନାରେ ହେଉ କିମ୍ବା ଆଉ କାହା ପ୍ରରୋଚନାରେ ପଡ଼ି ହେଉ, ସେ ପ୍ରଥମଥର ପାଇଁ ଗୁରୁଜୀଙ୍କୁ ନକହି ସେହି ପିଲା ସହିତ ମଧୁସାଗରରୁ ଲୁଚି ପଳାଇ ଆସିଲା । ମୁଁ ସଙ୍ଗେସଙ୍ଗେ ତାକୁ ଓ ବାବାଜୀକୁ ନେଇ ମଧୁସାଗରରେ ଛାଡ଼ି ଆସିଲି । ମଧୁସାଗରରୁ ବୁଝିଲି, କିଛି କାରଣ ନଥାଇ ସେ ପଳାଇ ଆସିଥିଲା । ତାକୁ ସାବଧାନ କରାଇ ଦେଲି, ତୋର କିଛି ଅସୁବିଧା ହେଲେ, ଗୁରୁଜୀଙ୍କୁ କହିବୁ କିମ୍ବା ମୋତେ ଖବର ଦେବୁ କିମ୍ବା ଚିଠି ଦେବୁ । ଶୈଳ ପଳାଇ ଆସୁଥିବାରୁ ମୁଁ ତାକୁ ବୁଝାଇଥିଲି, ଏଭଳି ସ୍ୱାବଲମ୍ବନ ଶିକ୍ଷା ଯେତେ କଷ୍ଟକର ହେଉ ପଛକେ, ତୁ ଭବିଷ୍ୟତରେ ଭଲ ଛାତ୍ରୀ ହୋଇ ବାହାରିବୁ । ଭବିଷ୍ୟତ ତୋର ଉଜ୍ଜ୍ୱଳ ହେବ । ଚଣ୍ଡିପାଠ ଠାରୁ ଯୋତା ଶିଲାଇ ପର୍ଯ୍ୟନ୍ତ ଯୋଗ୍ୟତା ହାସଲ କରିବୁ । କୌଣସି କାମରେ ପଛାଇବୁ ନାହିଁ । ଜୀବନରେ ଏହାଠାରୁ ଭଲ ଶିକ୍ଷା ଆଉ କେଉଁଠି ମିଳିବ ନାହିଁ । ତାକୁ ଏକଥା ବୁଝାଇ କହି ଆସିଲି ।

ଅମାନିଆ ଶୈଳ

ଶୈଳ ଗୋଟିଏ ମାସରେ ୩/୪ ଥର ମଧୁସାଗରରୁ ଲୁଚି ପଳାଇ ଆସିଲା । ଆମ ଗ୍ରାମର ଯେଉଁ ପିଲାଟି ସଙ୍ଗରେ ଶୈଳ ପ୍ରଥମ ଥର ଲୁଚି ଆସିଥିଲା, ସେ ପିଲାଟି ଆଉ ମଧୁସାଗରକୁ ପଢ଼ିବାକୁ ଗଲା ନାହିଁ । କିନ୍ତୁ ଶୈଳ ତା ପରେପରେ ନିଜେ ଏକୁଟିଆ ଲୁଚି ଆସିବାକୁ ସାହାସ କଲା । ଆମଘର ଠାରୁ ମଧୁସାଗର ୭/୮ କିଲୋମିଟର ବାଟ । ଆମ ଗ୍ରାମକୁ ଆସିବାକୁ ହେଲେ ଗୋଟିଏ ନଈ ପାରି ହେବାକୁ ପଡ଼ିବ । ମଝିରେ ଦୁଇ କିଲୋମିଟର ବାଟ ହେଉଛି ନିଛାଟିଆ ଗହିର ବିଲ । ଏହାକୁ ଟପି ଆସିବା ଗୋଟିଏ ୮ ବର୍ଷର ଝିଅ ପକ୍ଷେ କଷ୍ଟକର, କିନ୍ତୁ ତା ପକ୍ଷେ ଏହା କିଛି କଷ୍ଟ ନଥିଲା । ତାର କାରଣ, ମୁଁ ତାକୁ ପିଲାଦିନୁ ପୁଅଙ୍କ ଢ଼ଙ୍ଗରେ ଜାମାପ୍ୟାଣ୍ଟ ପିନ୍ଧିବା ଓ ଗହଣା ଇତ୍ୟାଦି ନନାଇବାରେ ଅଭ୍ୟସ୍ତ କରାଇଥିଲି । ସାଧାରଣତଃ

Digitized by srujanika@gmail.com

ଝିଅମାନେ ପୁଅଙ୍କ ଭଳି ସାହସୀ ନୁହଁନ୍ତି ଏବଂ ଅନ୍ୟ ପକ୍ଷରେ ଲାଜକୁଳା ଥାଆନ୍ତି । କିନ୍ତୁ ଶୈଳ ସେ ଢଙ୍ଗର ହୋଇ ନଥିଲା । ସାଧାରଣ ଝିଅଙ୍କ ଠାରୁ ସେ ବ୍ୟତିକ୍ରମ ଥିଲା । ତେଣୁ ଏକାକୀ ସେ ମଧୁସାଗରରୁ ପଳାଇ ଆସିବା କିଛି ବିଚିତ୍ର ନଥିଲା ।

ଦିନେ ସେ ଠିକ୍ ୧୨ଟା ବେଳେ ମଧୁସାଗରରୁ ଆସି ଘରେ ପହଞ୍ଚିଲା । ମୁଁ ସେତେବେଳକୁ ଖାଇ ବସିଥାଏ । ତାକୁ ଦେଖି ମୁଁ ଖାଇବା ବନ୍ଦ କରି କହିଲି, ବର୍ତ୍ତମାନ ଏହିକ୍ଷଣି ତୋତେ ମଧୁସାଗର ଯିବାକୁ ହେବ । ମୋର ଏ ଜିଦ୍ ଦେଖି ସେ କହିଲା, ମୁଁ ଖାଇକରି ଯିବି । ସେ ମୋ ସଙ୍ଗରେ ଖାଇସାରିଲା, କିନ୍ତୁ ମୁଁ ବାହାରିଲା ବେଳକୁ ସେ ଲୁଚାଲୁଚି କଲା । ତାକୁ ଜବରଦସ୍ତ ଧରି ଆମଘରେ ଥିବା ଘନଶ୍ୟାମକୁ କହିଲି, ତୁ ତାକୁ ଜବରଦସ୍ତ ଧରି ଚାଲେ, ମୁଁ ତୋ ସାଙ୍ଗରେ ଯିବି । ସେ ଏକୁଟିଆ ମୋତେ ବଡ଼ ହଇରାଣ କରିବ । ଘନଶ୍ୟାମ ତାକୁ ଧରି ଗ୍ରାମ ଦାଣ୍ଡରେ ଯିବା ବେଳେ ଶୈଳ ଉଚ୍ଚପାଟିରେ ଖୁବ୍ କାନ୍ଦିଲା । ଲୋକମାନେ ଜମା ହୋଇଗଲେ ଓ ମୋତେ ଛି ଛାକର କରି କହିଲେ । ସେ ଜୋର୍ କରି କାନ୍ଦି ଘନଶ୍ୟାମ ଠାରୁ ମଧ୍ୟ ଛାଟିପିଟି ହୋଇ ପଳାଇଲା, ମୁଁ ପୁଣି ତାକୁ ଜବରଦସ୍ତ ଧରି ଦାଣ୍ଡରେ ଫୋପାଡ଼ି ଦେଲି । ଗାଁ ଲୋକ ଏ ଘଟଣାସବୁ ଦେଖି ମୋତେ କହିଲେ, ଝିଅଟା ପାଠ ନପଢ଼ିଲେ କଣ ଚଳିବନି ? ପାଠପଢ଼ି ସେ ଅବା କଣ କରିବ ? ଏହିପରି ନାନା କଥା ସେମାନେ କହିବାରୁ ମୁଁ ତାଙ୍କୁ ଉତ୍ତର ଦେଲି, ଝିଅ ଯଦି ପାଠ ନପଢ଼ି ଖରାପ ମଣିଷ ହେବ, ତୁମେମାନେ ସେତେବେଳେ ତାଳି ମାରି ହସୁଥିବ । ତୁମେ ବର୍ତ୍ତମାନ ପାଠପଢ଼ାର ମୂଲ୍ୟ କାହୁଁ ବୁଝିବ ? ମୁଁ ସେମାନଙ୍କୁ ଏହିପରି କହି ଶୈଳକୁ ଧରି ଘନଶ୍ୟାମ ସହିତ ମଧୁସାଗର ଅଭିମୁଖେ ଆଗେଇଲୁ । ସେତେବେଳେ ରାଜଗଡ଼ ଦେଇ ମଧୁସାଗରକୁ ଯିବାଆସିବା ବାଟ କମ୍ । ଏହି ବାଟଦେଇ ଯିବାକୁ ହେଲେ ଆମଗ୍ରାମ ନଈ ପାରି ହେବାପରେ ବତାସିଆପାରି ପଡ଼େ । ଡ଼ଙ୍ଗାରେ ବସି ଆମେ ପାରି ହେଲୁ । ଶୈଳ ସେପର୍ଯ୍ୟନ୍ତ ରାହା ଧରି କାନ୍ଦୁଥାଏ । ମୁଁ ତ ନଛୋଡ଼ ବନ୍ଧା, ତାକୁ ଯେ କୌଣସି ମତେ ପାଠ ପଢ଼ାଇ ଭଲ ମଣିଷ କରିବାକୁ ହେବ । ଝିଅର ଏ କାନ୍ଦ ଦେଖି ମୁଁ ଉପର ଦେଖାଣିଆ ସ୍ନେହମମତା ଭୁଲି ଯାଇଥାଏ, ବରଂ କଠୋରତା ପ୍ରକାଶ କରୁଥାଏ । ଯେତେବେଳେ ମଝିନଈରେ ଡ଼ଙ୍ଗା ଯାଉଥିଲା, ସେ କହିଲା ମୁଁ ନଈକୁ ଡେଇଁ ପଡ଼ିବି । ମୁଁ ତାକୁ କହିଲି, ନଈକୁ ଡ଼େଇଁ ପଡ଼ିଲେ ଭଲ । ମୁଁ ଜାଣିବି, ମୋର ଝିଅ ନାହିଁ । ଯଦି ମୋ ଝିଅ ହୋଇ ପାଠ ନ ପଢ଼ିବ, ତେବେ ନଈକୁ ଡ଼େଇଁପଡ଼ିବା ଭଲ । ଏହପରି ତାକୁ ନିଷ୍ଠୁର ବାକ୍ୟ ପ୍ରୟୋଗ କଲି । ସେ ତ ସତରେ ନଈକୁ ଡ଼େଇଁବାକୁ ଚାହୁଁ ନଥିଲା, କେବଳ ମୋତେ ଏପରି ଧମକାଇଲେ ମୁଁ ଡ଼ରିଯାଇ ତାକୁ ଆଉ ପଢ଼ାଇବି ନାହିଁ ବୋଲି ସେ ମନରେ ପାଞ୍ଚିଥିଲା । ଏଇଆ ଭାବି ସେ ମୋତେ ଡ଼ରାଉଥିଲା । ମୁଁ ତାକୁ ଡଙ୍ଗାରୁ ସାବଧାନତା ସହକାରେ ଓହ୍ଲାଇ ରାଜଗଡ ବାଟେ ମଧୁସାଗରରେ ପହଞ୍ଚିଲି ଓ ସେଠି ଚିନ୍ତାମଣି ଭାଇଙ୍କ ଜିମାରେ ଛାଡ଼ି ଆସିଲି । ତାକୁ ବୁଝାଇ ସୁଝାଇ କହି ଆସିବା ପରେ କେତେ ମାସ ସୁରୁଖୁରୁରେ କଟିଗଲା ।

ମୋ ମନରୁ ତା'ର ପଳାଇ ଆସିବା ଘଟଣା ପାଶୋରି ଯାଉଥିବା ବେଳେ, ଦିନେ ହଠାତ୍ ସେ ପୁଣି ମଧୁସାଗରରୁ ଲୁଚି ଆସି ଘରେ ପହଞ୍ଚିଲା । ତାହା ଥିଲା ତା'ର ଲୁଚି ପଳାଇ

Digitized by srujanika@gmail.com

ଆସିବାର ଶେଷ ଘଟଣା । ମୁଁ ସେଦିନ ଘରେ ଥାଏ । ସେ ଆସି ପହଞ୍ଚିଲା କ୍ଷଣି ମୁଁ ତାକୁ ପଚାରିବାରୁ ସେ କେବଳ କାନ୍ଦିବାକୁ ଲାଗିଲା । ମୁଁ ତାକୁ କହିଲି, ବର୍ତ୍ତମାନ ସ୍କୁଲକୁ ଯିବାକୁ ହେବ । ସେ ସାନବାପାଙ୍କ ପାଖକୁ ଯାଇ କାନ୍ଦିକାନ୍ଦି କହିଲା, ମୁଁ ସେଠି ଆଉ ପଢ଼ିବି ନାହିଁ । ଅନ୍ୟ ସ୍କୁଲରେ ପଢ଼ିବି । ସାନବାପା ମୋତେ ଡ଼ାକି କହିଲେ, ଶୈଳ ସେଠି ପଢ଼ିବାକୁ ମନାକରୁଛି । ତାକୁ ଅନ୍ୟ ସ୍କୁଲରେ ପଢ଼ା । ମୁଁ କହିଲି, ଅନ୍ୟ ସ୍କୁଲ ମାନଙ୍କରେ ହଷ୍ଟେଲ ନାହିଁ । ଝିଅଟିଏ କେଉଁଠି ରହିବ ? ମଧୁସାଗରରେ ପଢ଼ାଇବା ଛଡ଼ା ଅନ୍ୟ ବାଟ ନାହିଁ । ମାଟ୍ରିକ୍ ପର୍ଯ୍ୟନ୍ତ ସେଠାରେ ରହି ସେ ପଢ଼ି ପାରିବ । ଅନ୍ୟସ୍କୁଲ କଥା ମୋ ମନକୁ ଆସୁ ନଥାଏ । କିନ୍ତୁ ଶୈଳ କାନ୍ଦି ଉଛନ୍ନ ହୋଇ ଜିଦ୍ ଧରିବାରୁ ମୋର ଟିକେ ଦୁର୍ବଳତା ଆସିଲା । ସଙ୍ଗେସଙ୍ଗେ ମୋର କାନପୁର ସ୍କୁଲକଥା ମନେ ପଡ଼ିଲା । ସେଠି ମୋର ଜଣେ ସହପାଠୀ ବନ୍ଧୁ ହରି ପରିଡ଼ା ଶିକ୍ଷକ ଥା'ନ୍ତି । ସେ ସାଧାରଣ ଶିକ୍ଷକଙ୍କ ଠାରୁ ବହୁଗୁଣେ ଭଲ । ତାଙ୍କରି କଥା ମନେ ପଡ଼ିବାରୁ ମୁଁ ଶୈଳିକୁ ପଚାରିଲି, କାନପୁର ସ୍କୁଲରେ ପଢ଼ିବୁ ? ସେ ତତ୍କ୍ଷଣାତ୍ ହଁ ଭରିଲା । ମୁଁ ତାକୁ ସାଙ୍ଗେସାଙ୍ଗେ ନେଇ କାନପୁର ହରି ମାଷ୍ଟଙ୍କ ପାଖକୁ ବାହାରିଲୁ । ସେଠାରେ ପହଞ୍ଚି ତାଙ୍କ ସଙ୍ଗେ ଶୈଳର ପଢ଼ିବା କଥା ଆଲୋଚନା ହେଲା । ମୋର ସାଙ୍ଗ ଥିବାରୁ ସେ ଶୈଳର ଦାୟିତ୍ୱ ନେଇ ପଢ଼ାଇବା ପାଇଁ ରାଜି ହେଲେ । ସେଠି ତ ହଷ୍ଟେଲ୍ ନଥିଲା । ହରିମାଷ୍ଟ ନିଜେ ପ୍ରତିଦିନ ଘରକୁ ଯିବାଆସିବା କରନ୍ତି । ସେ ଶୈଳକୁ ପ୍ରତିଦିନ ସ୍କୁଲ୍‌ରୁ ତାଙ୍କ ଘରକୁ ନେବା ଆଣିବା କରି ପାଠ ପଢ଼ାଇବା ପାଇଁ ରାଜି ହେଲେ । ମୋ ମନକୁ ଏ ନୂଆ ପ୍ରସ୍ତାବ ନ ପାଉଥିଲେ ମଧ୍ୟ ମୁଁ ତାର ଅଝଟପଣିଆ ଯୋଗୁ ବାଧ୍ୟ ହୋଇ ତାକୁ ସେଠି ଛାଡ଼ିବାର ବ୍ୟବସ୍ଥା ହେଲା । ଠିକ୍ ହେଲା, ପରଦିନ ସକାଳୁ ମଧୁସାଗର ଯାଇ ତାର ସାର୍ଟିଫିକେଟ ଓ ଜିନିଷପତ୍ର ଆଣିବାକୁ ପଡ଼ିବ ଓ ତା'ପରେ କାନପୁର ସ୍କୁଲରେ ନାମଲେଖା ହେବ । ଏପରି କଥାବାର୍ତ୍ତା ସାରି ବାପଝିଅ ଦୁହେଁ ହର୍ଷ ଓ ବିଷାଦ ଭିତରେ ଘରକୁ ଫେରିଲୁ । ତା ପରଦିନ ସକାଳୁ ମଧୁସାଗର ଯିବା କଥା କହିବାରୁ ସେ କହିଲା, ମୁଁ କାହିଁକି ଯିବି ? ତୁମେ ଯାଇ ସାର୍ଟିଫିକେଟ ଓ ଜିନିଷ ପତ୍ର ନେଇ ଆସିବ । ସେ ନଯିବାର ଉଦ୍ଦେଶ୍ୟ ଥିଲା, କାଳେ ବାପା ପୁଣି ମୋତେ ମଧୁସାଗରରେ ଛାଡ଼ି ଦେଇ ଆସିବେ । ମୁଁ ତାକୁ କହିଲି, କଥାତ ହେଲା, ତୁ କାନପୁରରେ ପଢ଼ିବୁ । ତୋ ଜିନିଷପତ୍ର ମୁଁ କଣ ଜାଣିଛି ? ତୁ ଗଲେ ଜିନିଷପତ୍ର ସଙ୍ଗରେ ଧରି ଆସିବୁ । ସେ ମୋ କଥାରେ ବିଶ୍ୱାସ ମଧ୍ୟ କଲା । ତାକୁ ସଙ୍ଗରେ ନେଇ କାନପୁର ବାଟଦେଇ ଶିଳିପୁର ପାଖ ନଦୀରେ ତାକୁ କାନ୍ଧେଇ ଅନ୍ୟପଟକୁ ପାର ହୋଇଗଲୁ । ତାର ଭବିଷ୍ୟତ ଓ ପାଠପଢ଼ା ନେଇ ବାପଝିଅ ଦୁହେଁ ଗପସପ କରିବା ଭିତରେ ଆମେ ମଧୁସାଗରରେ ଦିନ ୧୧ଟା ବେଳକୁ ପହଞ୍ଚିଗଲୁ । ସେତେବେଳେ ଚିନ୍ତାମଣି ଭାଇ ଅଫିସ୍‌ଘର ବାରଣ୍ଡାରେ ପିଲାଙ୍କୁ ପଢ଼ାଉଛନ୍ତି । ଆମକୁ ଦେଖି ପକାଇ ବହୁତ ଦୁଃଖ ଅନୁଭବ କରିବା ସଙ୍ଗେସଙ୍ଗେ କହିଲେ, ଏ ଝିଅଟା ତୁମକୁ ଯେତେ ହଇରାଣ କଲାଣି, ମୋତେ ମଧ୍ୟ ସେତିକି କଷ୍ଟ ଦେଲାଣି । ଏହାକହି ସଙ୍ଗେସଙ୍ଗେ ମୋ କଥା ଆଉ ନଶୁଣି ବୈଷ୍ଣବ ପରିଡ଼ା ନାମକ ଜଣେ ଛାତ୍ରକୁ ବରାଦ କଲେ, ଦଉଡ଼ାରେ ତା ହାତଗୋଡ଼ ବାନ୍ଧିପକା । ମୋତେ କହିଲେ, ତୁମେ ସଙ୍ଗେସଙ୍ଗେ ଘରକୁ ପଳାଅ । ମୁଁ ଘରକୁ ନଆସି ତାଙ୍କ ଅଜାଣତରେ ଘର ପଛପାଖରେ ଲୁଚି ରହିଲି, ଅବସ୍ଥା କଣ ହେଉଛି ଜାଣିବା ପାଇଁ ।

Digitized by srujanika@gmail.com

ଶୈଳକୁ ଦଉଡ଼ାରେ ବାନ୍ଧିବା ପୂର୍ବରୁ ସେ କନ୍ଦାକଟା କରି ଉଚ୍ଛନ୍ନ କରୁଥିଲା । ତାର ହାତ ଗୋଡ଼ ବାନ୍ଧି ଦିଆଗଲା । ସେ ମାଇପିଙ୍କ ଭଳି ବାହୁନା ବାହୁନିଲା । ଚିନ୍ତାମଣି ଭାଇ ଗୋଟିଏ ଡ଼ାଇରି ଧରି ସେ ବାହୁନାକୁ ଲେଖୁଥାନ୍ତି । ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ବାହୁନି ବାହୁନି ଆସ୍ତେ ଆସ୍ତେ ତାର ବଳ କମି ଆସିଲା । ଶେଷକୁ କହିଲା, ବୈଷ୍ଣବ ଭାଇ, ମୋତେ ଭାରି ଶୋଷ ହେଉଛି, ପାଣି ପିଇବାକୁ ଦିଅ । ବୈଷ୍ଣବ ପରିଡ଼ା ତା'ର ଦଉଡ଼ା ଫିଟାଇ ତାକୁ ଟିଉବ୍-ଓଏଲ ପାଖକୁ ନେଇଗଲା । ସେତେବେଳେ ପର୍ଯ୍ୟନ୍ତ ମୁଁ ସେଠାରେ ଅଛି ବୋଲି ଚିନ୍ତାମଣି ଭାଇ ଓ ଶୈଳ ପ୍ରଭୃତି କେହି ଜାଣିନଥାନ୍ତି । ସେ ଦଉଡ଼ାମୁକ୍ତ ହୋଇ ଟିଉବ୍-ଓଏଲ୍ ପାଖକୁ ଯିବା ବେଳେ ସମସ୍ତଙ୍କ ଅଗୋଚରରେ ମୁଁ ଘରକୁ ପଳାଇ ଆସିଲି । ସେହିଦିନ ଠାରୁ ସେ ଆଉ ଭୁଲ୍‌ରେ ଦିନେ ଘରକୁ ଲୁଚି ଆସିବାକୁ ମନେ କରିନାହିଁ । ଛୁଟି ବ୍ୟତୀତ ଅନ୍ୟଦିନରେ ନକହି ସେ ଘରକୁ କେବେ ଆସିନାହିଁ । ସେ ଜାଣିପାରିଲା, ଗୁରୁଜୀ ଯାହା ବାପା ମଧ୍ୟ ସେଇଆ, ଆଉ ବଦ୍‌ମାସି କରି କିଛି ଲାଭ ହେବ ନାହିଁ । ଏପରି ଭାବି ସେହିଦିନ ଠାରୁ ମନଯୋଗ ଦେଇ ସେ ଏମିତି ପଢ଼ିଲା ଯେ, ସପ୍ତମରେ ସ୍କଲାରସିପ୍ ପାଇଲା । ରୋଷେଇବାସ ଠାରୁ ଆରମ୍ଭ କରି ପାଠପଢ଼ା ପର୍ଯ୍ୟନ୍ତ ସବୁଥିରେ ସେ ଧୁରନ୍ଧର ହୋଇ ଉଠିଲା । ଚିନ୍ତାମଣି ଭାଇଙ୍କଠାରୁ ଶୁଣିବାକୁ ମିଳିଲା, ତାର ବହିପଢ଼ିବା ଅଭ୍ୟାସ ଏତେ ବଢ଼ିଯାଇଛି ଯେ, ୩/୪ ମାସ ମଧ୍ୟରେ ସେ ଲାଇବ୍ରେରୀରେ ଥିବା ପ୍ରାୟ ହଜାରେ ବହି ସବୁତକ ପଢ଼ିଦେଲା ।

ପ୍ରବେଶ ଯୋଗୁଁ ପରୀକ୍ଷା ହଲ୍‌ରେ ସମସ୍ୟା

ମଧୁସାଗରରେ ଶୈଳ ବିଷୟରେ ଘଟିଥିବା ଆଉ ଗୋଟିଏ କଥା ଉଲ୍ଲେଖ କରିବାକୁ ଚାହୁଁଛି । ସେ ଘଟଣାଟି ହେଲା, ମୁଁ ଶୈଳକୁ ପୁଅ ଭଳି ପୋଷାକ ଇତ୍ୟାଦି ପିନ୍ଧାଉଥିଲି । ଚିନ୍ତାମଣି ଭାଇ ମଧ୍ୟ ଏଥିରେ ଏକମତ ଥିଲେ । ସେ ମଧ୍ୟ ତାକୁ ପୁଅଭଳି ଆଚରଣବିଧି ଶିଖାଉଥିଲେ । ସେ ମି.ଇ. ସ୍କଲାରସିପ୍ ପରୀକ୍ଷା ଦେବା ପାଇଁ ଗୁରୁଜୀ ଚିନ୍ତାମଣି ଭାଇଙ୍କ ସଙ୍ଗରେ କେନ୍ଦ୍ରାପଡ଼ା ହାଇସ୍କୁଲ କେନ୍ଦ୍ରକୁ ଯାଇଥିଲା । ସେଠି ପରୀକ୍ଷା ହଲ୍‌କୁ ଯିବାବେଳେ ତା'ର ନାମ ଶୈଳବାଳା ଦେବୀ ଦେଖି ସେଠି ଥିବା ଶିକ୍ଷକ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପରୀକ୍ଷା ହଲକୁ ମଧ୍ୟ ଛାଡ଼ିଲେ ନାହିଁ । ତାର କାରଣ, ଝିଅପିଲାର ନାମ ଥାଇ ପୁଅ ପୋଷକରେ ଥିବାରୁ ହଲ୍ ସୁପରିନ୍‌ଟେଣ୍ଡେଣ୍ଟ ସନ୍ଦେହ କରି ତାକୁ ପରୀକ୍ଷାହଲ୍‌କୁ ଛାଡ଼ିବାକୁ ମନା କଲେ । ଚିନ୍ତାମଣି ଭାଇ ତାଙ୍କୁ ବହୁତ କହିବା ପରେ ସେ କହିଲେ, ତାହା ହେଲେ ସେ ପିଲାକୁ ଡ଼ାକ୍ତର ପରୀକ୍ଷା କରାଯାଇ ହଲକୁ ନିଆଯିବ । ଏ କଥା ତାଙ୍କଠାରୁ ଗୁରୁଜୀ ଶୁଣିବା ପରେ ଭାରି ରାଗିଗଲେ ଓ ଆଉ ମଧ୍ୟ କହିଲେ, ଆମପ୍ରତି ଆପଣଙ୍କର ବିଶ୍ୱାସ ନାହିଁ । ପରୀକ୍ଷା କରି ପିଲାକୁ ହଲ୍‌କୁ ନିଆଯିବ, ଏହା ହୋଇ ପାରିବ ନାହିଁ । ସେ ପୁଣି କହିଲେ, ଦେଖନ୍ତୁ ଗୋଟିଏ ଝିଅକୁ ଆମେ ପୁଅପରି ତିଆରି କରୁଛୁ । ସେହିଦୃଷ୍ଟିରୁ ତାର ପୋଷାକପତ୍ର ଓ କାର୍ଯ୍ୟକଳାପ ପୁଅର ଅନୁରୂପ ହୋଇଛି । ପୁଅଭଳି ସେ ସବୁ କ୍ଷେତ୍ରରେ ଯେପରି କାର୍ଯ୍ୟ କରିବ, ସେ ଆଶା ଆମର ଅଛି । ଆପଣ

Digitized by srujanika@gmail.com

ବିଶ୍ୱାସ କରି ତାକୁ ପରୀକ୍ଷା ହଲକୁ ନିଅନ୍ତୁ । ବହୁ ଯୁକ୍ତିତର୍କ ପରେ ସୁପରିନ୍‌ଟେଣ୍ଡେଣ୍ଟ ଅନୁମତି ଦେଲେ । ସେ ପରୀକ୍ଷାରେ ଭଲ କଲା ଓ ସ୍କଲାର୍‌ସିପ୍ ମଧ୍ୟ ପାଇଲା । ସେତେବେଳକୁ ମଧୁସାଗର ବିଦ୍ୟାପୀଠ ଏକ ପୂର୍ଣ୍ଣାଙ୍ଗ ହାଇସ୍କୁଲ ହୋଇସାରିଥିଲା ।

ରଣଜିତ୍‌ରୁ ଚିତ୍ତରଂଜନ

ତାର କିଛିବର୍ଷ ପରେ ୧୯୬୧ ମସିହାରେ ରଣଜିତ୍ (ଚିତ୍ତ)କୁ ମଧୁସାଗରରେ ୪ର୍ଥ ଶ୍ରେଣୀରେ ନାମ ଲେଖାଇଲି । ରଣଜିତ୍ ପରିବର୍ତ୍ତେ ଚିତରଞ୍ଜନ ନାମ ତାର କିପରି ହେଲା, ସେ ବିଷୟରେ ଟିକେ ଉଲ୍ଲେଖ କରୁଛି । ମୁଁ ତ ଜାଣିବୁଝି ତାର ନାମ ରଣଜିତ୍ ରଖିଥିଲି । କିନ୍ତୁ ଚିନ୍ତାମଣି ଭାଇ ଗାନ୍ଧୀବାଦୀ ଲୋକ ଥିବାରୁ ଓ ସେ ପୂର୍ଣ୍ଣ ଅହିଂସାରେ ବିଶ୍ୱାସ କରୁଥିବାରୁ ସେ ତାର ନାମକୁ ଚିତ୍ତରଞ୍ଜନ ରଖିଲେ । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ତାର ନାମ ଚିତ୍ତରଞ୍ଜନ ରହିଛି । ଏବେ କିନ୍ତୁ ବୁଝିଛି, ମୁଁ ଦେଇଥିବା ତାର ନାମ ରଣଜିତ ଠିକ୍ ଥିଲା । ଚିତ୍ତ ହୁଏତ ପାଠପଢ଼ାରେ ଅସୁବିଧା କରିଥାନ୍ତା, କିନ୍ତୁ ସେ ତା ଦେଇଠାରୁ ଜାଣି ପାରିଲା, ମୁଁ ଯଦି ସେପରି ବଦ୍‌ମାସି କରେ, ବାପା କିମ୍ବା ଗୁରୁଜୀ କେବେ ପ୍ରଶୟ ଦେବେ ନାହିଁ । ତେଣୁ ବିରିବାଡ଼ିଆ ଦେଖି କୋଳଥ ଚୋପା ହେଲା ଭଳି ଚିତ୍ତ ମଧ୍ୟ ପାଠପଢ଼ାରେ ମଧୁସାଗରରେ ଅସୁବିଧା କରିନାହିଁ । ଚିତ୍ତକୁ ମଧ୍ୟ ଶୈଳଭଳି ଗଢ଼ିବି ଭାବନା ନେଇ ମଧୁସାଗରରେ ତାର ନାମ ଲେଖାଇଲି । ଚିତ୍ତ ମଧ୍ୟ ଗ୍ରାମସ୍କୁଲରୁ ୩ୟ ଶ୍ରେଣୀରେ ସ୍କଲାର୍‌ସିପ୍ ପାଇଥିଲା । ମଧୁସାଗରରେ ପୁଣି ୭ମରେ ସ୍କଲାରସିପ୍ ପାଇଲା । ଶୈଳ ମଧ୍ୟ ମଧୁସାଗରରେ ସପ୍ତମରେ ସ୍କଲାରସିପ୍ ପାଇଥିଲା ।

ପୁନର୍ବାର ମୋର ଓ ଘନଶ୍ୟାମର ବିବାହ

ଏପଟରେ ମୋ ସ୍ତ୍ରୀ ମରିଯିବା ପରେ ମୋର ପୁନର୍ବାର ବିବାହ ପାଇଁ ପ୍ରସ୍ତାବ ଆସିଲା । ମୁଁ ମନା କରିଦେଲି । କିନ୍ତୁ ସମସ୍ତେ ଚିନ୍ତା କରି କହିଲେ, ବିବାହ ବୟସ ତ ଯାଇ ନାହିଁ । ଦ୍ୱିତୀୟତଃ ବୋଉର ବୟସ ହୋଇ ଯାଇଛି । ପିଲା ଦୁହିଁଙ୍କୁ ପାଠପଢ଼ାଇ ମଣିଷ କରିବାକୁ ହେବ । ଏସବୁ ଦୃଷ୍ଟିରୁ ବିଚାର କରି ସିଦ୍ଧାନ୍ତ ହେଲା, ମୋର ପୁଣି ବିବାହ କରିବା ଉଚିତ୍ । ମୁଁ ମଧ୍ୟ ଶେଷରେ ପିଲାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଉଥରେ ବିବାହ ପାଇଁ ରାଜି ହେଲି । କିନ୍ତୁ ମୋର ଗୋଟିଏ ସର୍ତ୍ତ ରହିଲା, ତାହା ହେଉଛି, ଘନଶ୍ୟାମକୁ ତ ଆଉ ଝିଅ ସହଜରେ ମିଳିବନି, ତେଣୁ ତାର ବିଭାଘର ଆଗେ ହୋଇସାରିଲେ, ମୋର ବିଭାଘର ହେବ । ସେ ଯେତେବେଳେ ମୋର ସାନ ଭାଇ ହୋଇ ସାରିଛି, ମୋର କର୍ତ୍ତବ୍ୟ ତାକୁ ଆଗେ ବିବାହ କରାଇବା । ତାର ବିଭାଘର ନସରିଲେ ମୋତେ ବିବାହ କରିବାକୁ ଭଲ ଲାଗିବ ନାହିଁ । ଦାଦା, ଖୁଡ଼ି, ବୋଉ ଓ ବଂଧୁବାନ୍ଧବ ସମସ୍ତେ ବଡ଼ ଅଡୁଆରେ ପଡ଼ିଲେ । ମୋର ଯିଦ୍‌ଖୋର ସ୍ୱଭାବ ଆଗଭଳି ରହିଥାଏ । ମୁଁ ମୋ କଥାରୁ କେବେ ଅଟଳ ହେବାର ନୁହେଁ, ଏକଥା ସେମାନେ ଜାଣି ଆଗ ଘନଶ୍ୟାମ ବିଭାଘର କଥା ଚିନ୍ତା କଲେ । ଯେଉଁ ନିଜର ଲୋକମାନେ ଘନଶ୍ୟାମର ପୂର୍ବ ବିଭାଘରକୁ ବିରୋଧ କରୁଥିଲେ, ସେମାନେ କେବଳ ମୋର ଭବିଷ୍ୟତ

Digitized by srujanika@gmail.com

ଓ ପିଲାଙ୍କ ଭବିଷ୍ୟତ କଥା ଚିନ୍ତାକରି ଓ ସେଇ ଦୃଷ୍ଟିରୁ ମୋର ବିଭାଘର କଥାକୁ ଆଖି ଆଗରେ ରଖି ଘନଶ୍ୟାମର ପୁନଃବିବାହ ପାଇଁ ପାତ୍ରୀ ଯୋଗାଡ଼ରେ ରହିଲେ । ପାତ୍ରୀ ତ ଘନଶ୍ୟାମକୁ ମିଳିବା ଏତେ ସହଜ ନଥିଲା । ଆମ କୁଟୁମ୍ବରେ ଗୋଟିଏ ଝିଅ ଥିଲା, ତାର ବାପା ଦିବାକର ବେହେରା । ତାଙ୍କ ଘର ରାଧାନଗର ପାରିରେ । ତାଙ୍କର ଆଉ ଦୁଇଭାଇ ଥିଲେ ମଧୁ ବେହେରା ଓ ସାନ ଭାଇ ଯଦୁ ବେହେରା । ବାପା ମଲା ପର୍ଯ୍ୟନ୍ତ ମଧୁଦାଦା ଆମଘରେ ବହୁଦିନ ରହିଥିଲେ । ସେ ଭାରି ସରଳ ଅମାୟିକ ଲୋକ ଥିଲେ । ଆମ ଘରର ଭଲମନ୍ଦକୁ ନିଜର ଭଳି ମନେ କରି ସେ ସବୁକଥା ବୁଝୁଥିଲେ । ସେ ଦାଦା ମୋ ସମୟରେ ଅଳ୍ପ କିଛି ବର୍ଷ ରହିଥିଲେ । ମୁଁ ସେତେବେଳେ ଖୁବ୍ ପିଲା ଥିଲି । ମୁଁ ପିଲାଥିଲାବେଳେ ସେ ମୋର ପାଠପଢ଼ାଠାରୁ ଚାଷକାମ ପର୍ଯ୍ୟନ୍ତ ସବୁକଥାରେ ଆବଶ୍ୟକ ମୁତାବକ ନିୟୋଜିତ ହେଉଥିଲେ । ସେ ଦାଦା ଆମଗ୍ରାମରେ ବିର ରାଉତଙ୍କ ବଡ଼ଝିଅଙ୍କୁ ବିଭାହ କରିଥିଲେ । ତାଙ୍କ ନାମ ପାଣ୍ଡୁରି ଥିଲା । ବିର ରାଉତଙ୍କର କେହି ଉତ୍ତରାଧିକାରୀ ନଥିବାରୁ ତାଙ୍କ ଝିଅକୁ ବିଭାହୋଇ ତାଙ୍କ ଘରେ ରହି ତାଙ୍କର ଚାଷକାମ କରୁଥିଲେ । ତାଙ୍କ ବଡ଼ଭାଇ ଦିବାକର ଦାଦା ବିଲୁଆ କାମୁଡ଼ାରେ ମରିଯାଇଥିଲେ । ତାଙ୍କର ଗୋଟିଏ ଝିଅ ଥିଲା, ତା ନାମ ଗେହ୍ଲେଇ । ସେହି ଝିଅର ମାଆ ମଧ୍ୟ ମରିଯାଇଥିଲା । ସେତେବେଳେ କୌଣସି ରୋଗ ଧରିଲେ ଚେରମୂଳିରେ କ୍ୱଚିତ୍ ଭଲ ହେଉଥିଲା । ବହୁ ଲୋକ ଏହିପରି ରୋଗରେ ମରୁଥିଲେ । ଆମ ଦେଶରେ ଯେଉଁ ଡ଼ାକ୍ତରଖାନା ଥିଲା ସେଥିରେ କେବଳ ନାଲିପାଣି ଛଡ଼ା ଅନ୍ୟ କୌଣସି ଔଷଧ ନଥିଲା । ସେହି ହେତୁରୁ ଦାଦା ପାଗଳା ବିଲୁଆ କାମୁଡ଼ାରେ ମଲେ, ଖୁଡ଼ି ମଧ୍ୟ କୌଣସି ଏକ ରୋଗରେ ମରିଥିଲେ । ତାଙ୍କର ସେହି ଝିଅ ତାଙ୍କର ମଝିଆ ଭାଇ ମଧୁଦାଦାଙ୍କ ପାଖରେ ଥିଲା । ମଧୁଦାଦା ତାଙ୍କ ଶଶୁର ଘରେ ରହୁଥିଲେ । ସେ ଝିଅକୁ ବିବାହ ବୟସ ହୋଇଯିବା ପରେ ଘନଶ୍ୟାମର ଦ୍ୱିତ୍ୀୟ ପତ୍ନୀ ରୂପେ ତାକୁ ବିବାହ କରିବା ପାଇଁ ମୋ ଦାଦା ବ୍ରଜବନ୍ଧୁ ବେହେରା ସ୍ଥିର କଲେ । ତାଙ୍କର ମୂଳ ଉଦ୍ଦେଶ୍ୟ ଥିଲା, ଘନ୍ଶ୍ୟାମର ବିବାହ ସମ୍ପନ୍ନ ହୋଇଗଲା ପରେ ମୋ ବିବାହ ସହଜରେ ହୋଇଯିବ । ମୁଁ ପ୍ରଥମେ ଘନଶ୍ୟାମର ଦିବାକର ଦାଦାଙ୍କ ଝିଅକୁ ବିବାହ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଉଦ୍ୟମ କରିଥିଲି । ମୋର ମନ ମଧ୍ୟ ଭଲ ଲାଗିଲା, କାରଣ ସେ ଝିଅର ବାପାମା ମରିଯାଇଥିଲେ । ଦାଦା ପାଖରେ ସେ ଝିଅଟି ରହୁଥିଲା, ଏବଂ ହିସାବରେ ସେ ମୋର ଭଉଣୀ ହେବ । ସମସ୍ତେ ବସି ଠିକ୍ କଲେ, ସେହି ଭଉଣୀକୁ ଘନଶ୍ୟମକୁ ବିଭାଘର କରିବା ପାଇଁ । ମୁଁ ଏଥିରେ ଖୁସି ହୋଇ ଏକମତ ହେଲି । ତାପରେ ତାର ବିଭାଘର ଶୀଘ୍ର ସମ୍ପନ୍ନ ହୋଇଗଲା ।

ବିମଳା ସହ ମୋର ବିବାହ

ମୋ ସ୍ତ୍ରୀ ମରିଯିବା ସଙ୍ଗେ ସଙ୍ଗେ ମୋ ବିବାହ ପାଇଁ ବହୁଆଡୁ ବହୁ ସ୍ଥାନରୁ ଭଲଭଲ ପ୍ରସ୍ତାବ ଆସୁଥିଲା । ସେଥି ମଧରୁ ଶେଷରେ ଶିଳିପୁରର ଧରଣୀଧର ସ୍ୱାଇଁଙ୍କ ମଝିଆ ଭଉଣୀ ବିମଳାକୁ ବିବାହ କରିବାର ପ୍ରସ୍ତାବ ମୋଟାମୋଟି ସ୍ଥିର ହୋଇ ରହିଲା । ବିମଳାଙ୍କ ବାପାଙ୍କ ନାମ ଥିଲା ଭିକାରୀ ସ୍ୱାଇଁ, କିନ୍ତୁ ଆମର ବିବାହ ଆଗରୁ ସେ ମୃତ୍ୟୁବରଣ କରିଥିଲେ । ଭିକାରୀ ସ୍ୱାଇଁଙ୍କ ୩ପୁଅ (ଧରଣୀଧର, ବ୍ରଜ ଓ କରୁଣାକର) ତଥା ୩ଝିଅ (କମଳା, ବିମଳା

Digitized by srujanika@gmail.com

ଓ ଶୁକ) ଥିଲେ ଘନଶ୍ୟାମର ବିବାହ ସରିବା ପରେ ୧୯୫୮ ମସିହାରେ ମୋର ବିଭାଘର ଶିଳିପୁରରେ ହେଲା । ମୋତେ ସେତେବେଳକୁ ୩୮ ବର୍ଷ ହୋଇଥିଲା । ସେହି ବର୍ଷ ଶୈଳକୁ ମଧୁସାଗର ବିଦ୍ୟାପୀଠରେ ୪ର୍ଥ ଶ୍ରେଣୀରେ ନାମ ଲେଖାଇଥିଲି । ସେ ତା' ପୂର୍ବରୁ କୃତିତ୍ୱ ସହକାରେ ଦଶାପୁରରୁ ତୃତୀୟ ଶ୍ରେଣୀରେ ସ୍କଲାରସିପ୍ ସହ ପାସ୍ କରିଥିଲା । ସେତେବେଳେ ମୁଁ ବହୁ ସମୟରେ ଘରେ ରହି ଚାଷବାସରେ ମନ ଦେଇଥିଲି ।

ଘନଶ୍ୟାମ ସହିତ ବିଚ୍ଛେଦ

ଆଗରୁ କହିଛି, ମୁଁ ଘନଶ୍ୟାମକୁ ଦୁଇଥର ବିଭାଘର କରାଇ ତା ନାମରେ ୩ ଏକର ଜମି ଆଗତୁରା ରେଜିଷ୍ଟ୍ରି କରିଦେଇଥିଲି । ସେତେବେଳେ ମୋ ସ୍ତ୍ରୀ ଓ ମା ମୋତେ ମନା କରୁଥିଲେ । ମୁଁ ତାଙ୍କୁ ବୁଝାଇଥିଲି, ମୋର ଯଦି ଆଉ ଗୋଟିଏ ଭାଇ ଥାନ୍ତା, ସେତ ନିଶ୍ଚୟ ସମସ୍ତ ସମ୍ପତ୍ତିରୁ ଅଧା ଭାଗ ନେଇଥାନ୍ତା । ମୁଁ ଭାଇ ଠାରୁ ଯେଉଁ ଉପକାର ପାଇଥାନ୍ତି, ଯଦି ଘନାଶ୍ୟାମ ଠାରୁ ସେହି ଉପକାର ପାଏ, ତେବେ ଅସୁବିଧା କଣ ? ସେତ ସବୁ ସମୟ ଦେଇ ଚାଷବାସ, ଘରକାମ ଓ ଟଙ୍କାପଇସା ଇତ୍ୟାଦି ସବୁକଥା ତୁଲାଉଛି ଓ ଭବିଷ୍ୟତରେ ତୁଲାଇବ ମଧ୍ୟ । ଏହି ବିଶ୍ୱାସ ରଖି ଆଗରୁ ତା ନାମରେ ଜମି ରେଜିଷ୍ଟ୍ରି କରିଥିଲି । କିଛି ଖଳଲୋକ ତ ସବୁ ଗାଁରେ ଅଛନ୍ତି । ସେମାନେ ଘନଶ୍ୟାମକୁ ମନ୍ଦବୁଦ୍ଧି ଦେଇ କହିଲେ, ତୋର ତ ବିଭାଘର ହୋଇଗଲା ଓ ଜମି ମଧ୍ୟ ପାଇଗଲୁ, ସେଠି ତୋର ରହିବାରେ ଆଉ ଲାଭ କଣ ? ନରୋତ୍ତମର ପିଲାପିଲି ପାଠଶେଷ ପର୍ଯ୍ୟନ୍ତ ପଢ଼ିବେ, ଆଉ ତୁ ଖଟିଖଟି ମରିବୁ । ତୋର ତ ଘରବାଡି ଅଛି, ତୁ ସେଠୁ ପଳାଇ ଆସି ତୋ ଘରେ ରହ । ଘନଶ୍ୟାମ ମୋ ପାଖରେ ବିଶ୍ୱାସୀ କିନ୍ତୁ ତାର ବୁଦ୍ଧି କମ୍ । ସେମାନଙ୍କ କଥାରେ ପଡ଼ି ସେ ଯିବାପାଇଁ ବାହାରିଲା । ମୁଁ ମଧ୍ୟ ଏକମତ ହେଲି । ଖାଲି ଏତିକି କହିଲି, ଆମ ଭିତରେ ସ୍ଥିର ହୋଇଥିଲା ଯେ, ତୁ ଆମ ଘରେ ସବୁଦିନ ପାଇଁ ରହି ଘର ଓ ଚାଷବାସ ଦାୟିତ୍ୱ ବୁଝିବୁ ଓ ମୁଁ ସାଧାରଣ କାମ କରିବି । ମାତ୍ର ୭ବର୍ଷ ନପୂରୁଣୁ ତୁ ଯିବାକୁ ବାହାରିଲୁ । ତୁ କିନ୍ତୁ ଠିକ୍ କରୁନୁ । ତୋ ଯିବାରେ ମୁଁ ବାଧା ଦେବି ନାହିଁ । କିନ୍ତୁ ତୋର ୭ବର୍ଷର ଯେତିକି ପ୍ରାପ୍ୟ ସେତିକି ନେଇ ତୁ ଯିବୁ । ମଝିରେ ଭଦ୍ରଲୋକ ଦୁଇ ଜଣ ଥାଇଁ ଏହି ଅଡୁଆ ନିଷ୍ପତ୍ତି କରିଦେବାର କଥା ଦେଲା । ସେ ନିଜେ ଭଦ୍ରଲୋକଙ୍କୁ ଡ଼ାକିଲା । ତାକୁ ମୁଁ ୭ବର୍ଷର ପ୍ରାପ୍ୟ ବାବଦ ଦେଢ଼ ଏକର ଜମି ଦେବାକୁ ସେମାନେ ନିଷ୍ପତ୍ତି କଲେ । ପଛରେ ଜଣେ ଭଦ୍ରଲୋକ କହିଲେ, ଆଉ ତାକୁ କିଛି ଅଧିକା ଦିଅ । ମୁଁ ସେଥିରେ ମଧ୍ୟ ରାଜି ହୋଇଗଲି । ତାକୁ ଆଗରୁ ଦେଇଥିବା ୩ଏକର ଜମିରୁ ସେ ଅବିଶିଷ୍ଟ ଦେଢ଼ ଏକର ଫେରାଇଲା । ସେହିଦିନ ଠାରୁ ମୁଁ ନିଜେ ଘର ଓ ଚାଷବାସର ଦାୟିତ୍ୱ ନେଲି । ସେତେବେଳେ ଭୂଦାନଯଜ୍ଞରୁ ତ ମନ ଛାଡ଼ିଯାଇଥିଲା । ତେଣୁ ନିଜର ଚାଷବାସ ଧନ୍ଦା ବୁଝିବା ସଙ୍ଗେସଙ୍ଗେ ବେଳେବେଳେ ସାଧାରଣ କାମ ପଡ଼ିଲେ, ସେଥିରେ ମୁଁ ଯୋଗ ଦେଉଥାଏ । କିନ୍ତୁ ମୋର ମୁଖ୍ୟ କାମ ରହିଲା, ଚାଷବାସ କରି ପିଲାଙ୍କୁ ପାଠ ପଢ଼ାଇବା । ଘନଶ୍ୟାମ ଆମ ଘରୁ ଗଲାପରେ ବୋଉ ମୋତେ କହିଥିଲା, ତୋ ବାପା ସଂପତ୍ତି କରିଥିଲେ, ତୁ ତାକୁ ଉଡ଼ାଇ ଦେଲୁ । ମୁଁ ବୋଉକୁ ବୁଝାଇ କହିଥିଲି, ଜଣେ ଗରିବ ଲୋକକୁ ସଂପତ୍ତି ଦେବା ଅନ୍ୟାୟ ନୁହେଁ । ମୁଁ ଗଞ୍ଜେଇ କି ମଦ ଇତ୍ୟାଦି ନିଶାଦ୍ରବ୍ୟ ସେବନ

Digitized by srujanika@gmail.com

କରି ସଂପତ୍ତି ଉଡ଼ାଇଥିଲେ ଭାରି ଅନ୍ୟାୟ ହୋଇଥାନ୍ତା । ବୋଉ ମୋ କଥାରେ ବାଧ୍ୟ ହୋଇ ଚୁପ୍ ରହିଲା । ପୁଣି ସେ ଘନଶ୍ୟାମକୁ କହିଲା, ତୁ ୭ ବର୍ଷରେ ଆମପାଖରୁ ଦେଢ଼ ଏକର ଜମି ନେଲୁ, କିନ୍ତୁ ତୁ ତୋ ଘରକୁ ଯାଇ ୭ବର୍ଷରେ ଯଦି ୭ଗୁଣ ଜମି କରିପାରିବୁ, ତେବେ ଯିବାଟା ଠିକ୍ ହୋଇଛି ବୋଲି ଆମେ ମାନନେବୁ । ଏହିକଥା କହି ବୋଉ ଚୁପ୍ ରହିଥିଲା । ଘନଶ୍ୟାମ ତା ଘରକୁ ଯିବାର ଠିକ୍ ଛଅମାସ ପରେ ତା ସ୍ତ୍ରୀ ରୋଗରେ ପଡ଼ି ମରିଗଲା । ତାକୁ ଔଷଧପତ୍ର ଦେଇ ଭଲ କରିବାକୁ ସେ ଚେଷ୍ଟା କରି ନଥିଲା । ଯେଉଁମାନେ ତାକୁ ଶିଖାଇ ମୋ ପାଖରୁ ନେଇଥିଲେ, ସେମାନେ କିନ୍ତୁ ଘନଶ୍ୟାମକୁ ପୁଣି ବିଭାଘର କରେଇବା ପାଇଁ ସଫା ମନା କରିଦେଲେ । ତାକୁ ଅବା କିଏ ଝିଅ ଦେବ ? ମୋ ଉଦ୍ୟମ୍‌ରେ ତାକୁ ଦୁଇଥର ବିବାହ କରାଯାଇଥିଲା । ମୁଁ ଦେଖିଲି, ଅନ୍ୟ ଲୋକମାନେ ଘର ଭାଙ୍ଗିବା ଜାଣନ୍ତି, କିନ୍ତୁ ସଜାଡ଼ି ପାରନ୍ତି ନାହିଁ । ଆସ୍ତେଆସ୍ତେ ସେମାନଙ୍କ ଠାରୁ ଘନଶ୍ୟାମର ମନ ମଧ୍ୟ ଦୂରେଇ ଗଲା ।

ପୁଣି ମୁଁ ଗାଁରେ ଏକୁଟିଆ ହୋଇଗଲି

ମୁଁ ଗାଁରେ ଲଗାତାର ରହିବା ଦ୍ୱାରା ଲକ୍ଷ୍ୟ କଲି, ନୂଆକରି ମୁଖିଆ ସାଜିଥିବା କେତେକ ବ୍ୟକ୍ତି, ଯେଉଁମାନେ କି ପୂର୍ବରୁ ମୋର ସହଯୋଗୀ ଥାଇ ପୁରୁଣା ମୁଖିଆମାନଙ୍କୁ ବିରୋଧ କରୁଥିଲେ, ସେମାନେ ମଧ୍ୟ କେତେକ ସର୍ବସାଧାରଣ ବ୍ୟାପାରରେ ଅନ୍ୟାୟ କାମ କରୁଛନ୍ତି । ସାଧାରଣତଃ ଦେଖାଯାଇଥାଏ, ଗାଁର ସାଧାରଣ ଲୋକେ ଅନ୍ୟାୟ ହେଉଛି ବୋଲି ଜାଣି ସୁଦ୍ଧା ପ୍ରତିବାଦ କରିବାକୁ ସାହାସ କରିନଥାନ୍ତି । ମୁଁ ନବାଗତ ମୁଖିଆମାନଙ୍କ ଅନ୍ୟାୟ କାର୍ଯ୍ୟର ଦୃଢ଼ ବିରୋଧ କରବାରୁ ସେମାନେ ମୋ ବିରୁଦ୍ଧରେ ସେବେଠାରୁ ଗୋଟିଏ ଦଳ ସୃଷ୍ଟି କଲେ । ଅନ୍ୟପଟରେ ଗାଁର ସାଧାରଣ ଲୋକେ ମୋର କାର୍ଯ୍ୟକଳାପରେ ସବୁବେଳେ ସନ୍ତୁଷ୍ଟ ଥିଲେ ବି ଆଗକୁ ବାହାରି କିଛି କରିପାରନ୍ତି ନାହିଁ । ତେଣୁ ମୁଁ ସବୁବେଳେ ଅନ୍ୟାୟର ମୁକାବିଲା କରିବା ପାଇଁ ଏକାକୀ ପ୍ରସ୍ତୁତ ରହିଥାଏ । ସେତେବେଳକୁ ସର୍ବସାଧାରଣ କାମ କରିବାରେ ମୋର ପ୍ରତିଷ୍ଠା ବଢ଼ିଯାଇଥାଏ । ଘରେ ରହି ଚାଷବାସ କରିବାରେ ମଧ୍ୟ ଉନ୍ନତି ହେଉଥାଏ । ପୁଣି ପିଲା ଦୁଇଟିଙ୍କୁ ବାହାରେ ରଖି ପଢ଼ାଉଥାଏ । ମୁଁ ଜାଣିଥାଏ, ନ୍ୟାୟ ଓ ସତ୍ୟ ତୁମ ପାଖରେ ଥିଲେ, ଦିନେ ନା ଦିନେ ସମୟ କ୍ରମେ ଅନ୍ୟମାନେ ତାଙ୍କର ଭୁଲ ବୁଝିପାରିବେ । ଆମ ଗାଁ କ୍ଷେତ୍ରରେ ମଧ୍ୟ ଦେଖାଗଲା, ଆସ୍ତେଆସ୍ତେ ସାଧାରଣ ଲୋକଙ୍କର ଚେତନା ଆସିଲା । ସେମାନେ ଗାଁ ମିଟିଂରେ ଯୁକ୍ତିଯୁକ୍ତ କଥା ଉପସ୍ଥାପନା କରିବାକୁ ଚେଷ୍ଟାକଲେ । କିନ୍ତୁ କିଛି ମୁଖିଆଲୋକ ନିଜେ ଅନ୍ୟାୟପୂର୍ଣ୍ଣ କାର୍ଯ୍ୟରେ ଅଂଶୀଦାର ଥିବାରୁ ବହୁ ଭଲକାମ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ଅତୀତରେ ମୁଁ ଏକାକୀ ଥାଇ ଅନ୍ୟାୟକୁ ବିରୋଧ କରୁଥିବାରୁ ଅନେକଙ୍କ ଆଖିରେ ତାହାର ଗୁରୁତ୍ୱ ରହିନଥିଲା । କିନ୍ତୁ ଗାଁର ନୂଆ ପିଢ଼ୀର ମୁଖିଆମାନେ ଉଣାଅଧିକେ ନିଜେ ଅନ୍ୟାୟରେ ଜଡିତ ଥିବାରୁ ସେମାନେ ମୁଁ ଗାଁ ମିଟିଂରେ ନ୍ୟାଯ୍ୟ କଥା କହୁଥିବା ବେଳେ ଚୁପ୍ ରହିବାକୁ ଶ୍ରେୟ ମଣିଲେ । ଗାଁର ଅନ୍ୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ଏହାର ସୁଯୋଗ ନେବାକୁ ପଛାଇଲେ ନାହିଁ । ଯେତେବେଳେ ସମସ୍ତେ ଭୁଲ୍ କରି ବସିଲେ, ସେତେବେଳେ ଯାଇ ଗ୍ରାମର ମୁଖିଆମାନେ ତାର ନିରାକରଣ କରିବା ପାଇଁ ଚିନ୍ତା କଲେ । କିନ୍ତୁ ସେତେବେଳକୁ ଚକି ପାଣି କହୁଣିକୁ ବୋହିଯାଇଥିଲା । ସୁଧାରିବାର ବାଟ ବନ୍ଦ ହୋଇ ଯାଇଥିଲା । ଆଜି ପର୍ଯ୍ୟନ୍ତ ମଧ୍ୟ ପ୍ରତ୍ୟେକ ମିଟିଂରେ ସେହିକଥା ଦେଖାଯାଉଛି । କାର୍ଯ୍ୟତଃ କିଛି ସୁଫଳ ମିଳିପାରୁନାହିଁ । ମୁଁ ଯେତେବେଳେ ଏକାକୀ ଜଣେ

Digitized by srujanika@gmail.com

ଲୋକର ଅନ୍ୟାୟକୁ ବିରୋଧ କରୁଥିଲି, ସେତିକିବେଳେ ଯଦି ଅନ୍ୟମାନେ ମୋ ସହିତ ତାଳ ଦେଇଥାନ୍ତେ, ତେବେ ତହିଁର ମୀମାଂସା ସଙ୍ଗେସଙ୍ଗେ ହୋଇପାରିଥାନ୍ତା । ପୁଣି ଜଣେ ଗରିବ ଲୋକ ଯଦି ଅନ୍ୟାୟ କରେ, ତା' ବିରୁଦ୍ଧରେ ନିଷ୍ପତ୍ତି ସହଜରେ ନିଆ ଯାଇଥାଏ, କାହିଁକିନା ଜଣେ ଗରିବ ଲୋକ ସବୁବେଳେ ଡ଼ରି କରିଥାଏ । କିନ୍ତୁ ଗାଁ ମୁଖିଆ ଲୋକେ ଯେତେବେଳେ ଭୁଲ୍‌କାର୍ଯ୍ୟ କରନ୍ତି, ତା ବିରୁଦ୍ଧରେ ନିଷ୍ପତ୍ତି ନେବା ଅତ୍ୟନ୍ତ ଜଟିଳ ହୋଇଥାଏ । ମୁଁ ପ୍ରତିବାଦ କରିବା ସତ୍ୱେ କିଛି ପ୍ରତିକାର ହୁଏ ନାହିଁ । ଏହି ପରିସ୍ଥିତିରେ ଅନେକ ଲୋକ ଭୁଲ୍ ରାସ୍ତାକୁ ଆସିଯାଆନ୍ତି । ପରିସ୍ଥିତି ଅସମ୍ଭାଳ ହୋଇପଡିଲେ ବି ସୁଧୁରିବାର ବାଟ କ୍ଷୀଣ ହୋଇଯାଇଥାଏ । ଏହିପରି ଏକ ପରିସ୍ଥିତିର ସୁଯୋଗ ନେଇ ଗ୍ରାମର ଅନେକ ବ୍ୟକ୍ତି ଅନାବାଦୀ ଓ ଗୋଚର ଜମିକୁ ନିଜେ ଅକ୍ତିଆର କରିବାକୁ ଲାଗିଲେ ।

ଗାଁର ଏକ ମର୍ଡ଼ର କେଶ୍ ଓ ମୋର ଭୂମିକା

ଗ୍ରାମର ମାମଲତକାରଗଣ, ଯଥା ପୂର୍ଣ୍ଣାନନ୍ଦ ଦାସ ଓ ଉତ୍ସବ ସାମଲ ବାପାଙ୍କ ସାଙ୍ଗର ମାମଲତକାର ଥିଲେ । ବାପାତ କମ୍ ବୟସରେ ମରିଯାଇଥିଲେ । ତାଙ୍କ ପରେ ଆମ ଦାଦା (ବ୍ରଜବନ୍ଧୁ ବେହେରା) ଜଣେ ମାମଲତକାର ଭାବେ ନ୍ୟାୟନିଶାପରେ ଭାଗ ନେଉଥିଲେ । ଉତ୍ସବ ସାମଲଙ୍କର ଦୁଇପୁଅ ଭିତରୁ ବଡ଼ପୁଅ ବେଣୁଧର ସାମଲ ଅତ୍ୟନ୍ତ ଅମାୟିକ ଥିଲେ, କିନ୍ତୁ ତାଙ୍କ ସାନପୁଅ ଲକ୍ଷ୍ମୀଧର ସାମଲ ଅତ୍ୟନ୍ତ କ୍ରୁର ଓ ରକ୍ଷଣଶୀଳ ଥିଲେ । ଉତ୍ସବ ସାମଲ ମରିଯିବା ପରେ ତାଙ୍କ ପୁଅ ଲକ୍ଷ୍ମୀଧର ସାମଲ ମାମଲତକାର ହୋଇଥିଲେ । ଉତ୍ସବ ସାମଲଙ୍କର ମଝିଆ ଭାଇ ଥିଲେ ଅଚ୍ୟୁତି ସାମଲ ଓ ସାନଭାଇ ଧରଣୀଧର ସାମଲ । ଧରଣୀଧର ସାମଲଙ୍କ ପୁଅ ଥିଲେ ବଂଶୀଧର ସାମଲ, ଗିରିଧାରୀ ସାମଲ ଓ ସାରଙ୍ଗଧର ସାମଲ । ବଂଶୀଧର ଓ ସାରଙ୍ଗଧର ଖୁବ୍ ସରଳ ଓ ଅମାୟିକ ଥିଲେ, କିନ୍ତୁ ଗିରିଧାରୀ ଅତ୍ୟନ୍ତ ରକ୍ଷଣଶୀଳ ଓ ଉଦ୍ଧତ ଥିଲେ, ଏବଂ ଯେତେସବୁ ମନ୍ଦଗୁଣ ଅଛି ତାହା ତାଙ୍କଠାରେ ପିଲାଦିନରୁ ପରିଲକ୍ଷିତ ହେଉଥିଲା । ଏଇ ଗିରିଧାରୀ ଦିନେ ମୋତେ ଜୀବନରେ ମାରିଦେବା ପାଇଁ ଚକ୍ରାନ୍ତ କରିଥିଲେ । କେବଳ ସେତିକି ନୁହେଁ, ଧରଣୀଧର ସାମଲ ପରିଶେଷରେ ଅତି ଦୟନୀୟ ଅବସ୍ଥାରେ ମରିଥିଲେ, କାରଣ ପୁଅମାନେ ତାଙ୍କୁ ନିଜ ପାଖରୁ ଅନ୍ତର କରିଦେଇଥିଲେ । ତାଙ୍କର ପଛ ସ୍ତ୍ରୀ ଓ ପଛ ସ୍ତ୍ରୀର ପୁଅ ଗିରିଧାରୀ ସାମଲକୁ ଡରି ଚଳୁଥିଲେ । ମଝିଆ ଭାଇ ଅଚ୍ୟୁତି ସାମଲଙ୍କର ଦୁଇପୁଅ ଥିଲେ, ବଡ ଶ୍ରୀଧର ସାମଲ ଓ ସାନ ହରି ସାମଲ । ଶ୍ରୀଧରଙ୍କ ବଡ଼ ପୁଅ ବିଜୟ ଓ ସାନପୁଅ ବିଚିତ୍ର । ବିଜୟ ରକ୍ଷଣଶୀଳ ଓ ଉଦ୍ଧତ, ଅଥଚ ସାନପୁଅ ବିଚିତ୍ର ଅମାୟିକ ଓ ପରୋପକାରୀ । ହରି ସାମଲଙ୍କ ପରିବାର ଅତି ଭଦ୍ର ଓ ଭଲ ଥିଲେ । ଆମ ଗ୍ରାମରେ ତାଙ୍କର ସମସ୍ତଙ୍କ ସହିତ ଭଲ ସଂପର୍କ ଥିଲା ।

ଲକ୍ଷ୍ମୀଧର ସାମଲଙ୍କ ଘରକୁ ଗୋଟିଏ ଯୁବକ ପିଲା ଆସି ରହିଥିଲା । ସେ ପିଲା ତାଙ୍କ ଘରେ ରହିବା ବେଳେ ବଡ଼ଭାଇ ବେଣୁଧର ସାମଲଙ୍କ ସ୍ତ୍ରୀକୁ ବଡ଼ ଭଉଣୀ ହିସାବକରି ଚଳୁଥିଲା । କିନ୍ତୁ ତା'ର କାର୍ଯ୍ୟକଳାପରେ ଲକ୍ଷ୍ମୀଧର ସାମଲ ତାକୁ ସନ୍ଦେହ କରି ଦିନେ

Digitized by srujanika@gmail.com

ଧରଣୀଧର ସାମଲଙ୍କ ପୁଅ ଗିରିଧାରୀ ସାମଲ ଓ ଶ୍ରୀଧର ସାମଲଙ୍କ ପୁଅ ବିଜୟ ସାମଲଙ୍କୁ ଡାକି ନିଜ ଭିତରେ ଆଲୋଚନା କଲେ । ପରେ ଯାହା ଜଣାପଡିଲା, ସେହିଦିନ ରାତିରେ ସେମାନେ ଯୋଜନା କରି ତାକୁ ମାରିଦେଇ ଡଙ୍ଗାରେ ନେଇ ବାଙ୍କିଛଡା ପାଖରେ ଅଖାରେ ପୁରାଇ ଭସାଇଦେଲେ । ତା ପରଦିନ ତାକୁ ମାରିଦେବା କଥା ଗ୍ରାମରେ ହୁଲ୍‌ସ୍ଥୁଲ ପଡ଼ିଗଲା । ଏଥିପାଇଁ କ'ଣ କରାଯିବ, ସେଥିନେଇ ସେତେବେଳର ପ୍ରଧାନ ମାମଲତକାର ଆମ ଦାଦା ବ୍ରଜବନ୍ଧୁ ବେହେରା ଓ ପୂର୍ଣ୍ଣାନନ୍ଦ ଦାସ ଆସି ମୋ ସାଙ୍ଗରେ ପରାମର୍ଶ କଲେ । ମୁଁ ସଂଗେ ସଂଗେ ମାର୍ଶାଘାଇ ଅଞ୍ଚଳର 'ସମାଜ' ସାମ୍ବାଦିକ ରସାନନ୍ଦ ରଥଙ୍କୁ କହିଲି ଓ ସେ 'ସମାଜ'ରେ ଏହି ସମ୍ବାଦ ପରିବେଷଣ କରିଥିଲେ । ମୋତେ ଦାଦା ଓ ପୂର୍ଣ୍ଣାନନ୍ଦ ଦାସ କହିଲେ, ଏହା ବିରୁଦ୍ଧରେ ଉପରିସ୍ଥ ପୁଲିସ୍ କାର୍ଯ୍ୟାନୁଷ୍ଠାନ କରଯିବା ଦରକାର । ମୁଁ ସଂଗେ ସଂଗେ କଟକ ଯାଇ ପହଲିବାବୁ (ପ୍ରହ୍ଲାଦ ମଲ୍ଲିକ) ଓ ମହତାବ ବାବୁ(ହରେକୃଷ୍ଣ ମହତାବ)ଙ୍କୁ ଏ ବିଷୟରେ ସୂଚନା ଦେଲି । ମହତାବ ବାବୁ ଏ ଅଞ୍ଚଳର ପୁଲିସ୍ ଏସ୍.ପି.କୁ ଡାକି କହିଲେ ଦଶୀପୁରର କେତେଜଣ ଲୋକ ଗୋଟିଏ ଯୁବକକୁ ଗୁପ୍ତ ହତ୍ୟା କରିଛନ୍ତି, ତୁମେ ସଂଗେସଂଗେ ଯାଇ ଏହା ଉପରେ କାର୍ଯ୍ୟାନୁଷ୍ଠାନ କର । ଲକ୍ଷ୍ମୀଧର ସାମଲ ଇତ୍ୟାଦି ଆଗରୁ ଯାଇ ଥାନା ଅଫିସରଙ୍କୁ ଜଣାଇ ସତକଥା ମାନି ନେଇଥିଲେ । ଥାନା ଅଫିସର୍ ତାଙ୍କୁ କହିଥିଲେ, ଏଥିରୁ ମୁକୁଳିବାକୁ ହେଲେ ତୁମକୁ ୫୦/୬୦ ହଜାର ଟଙ୍କା ଯୋଗାଡ଼ କରି ଶୀଘ୍ର ଆଣ । ଅଭିଯୁକ୍ତମାନେ ଶୀଘ୍ର ଆସି ଟଙ୍କା ପଇସା ଯୋଗାଡରେ ଲାଗିଗଲେ । ସଂଗେ ସଂଗେ ୨ମାଣ ଜମି ବିକ୍ରୀ କରି ନଗଦ ଟଙ୍କା ନେଇ ପୁଲିସ୍‌ଙ୍କ ପାଖରେ ପହଞ୍ଚିଗଲେ । ସେହି ସମୟରେ ଏସ୍.ପି. ଆସି ଥାନାରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ କରିବା ପାଇଁ ତନାଘନା ଆରମ୍ଭ କରନ୍ତେ, ଥାନାବାଲା ଆସାମୀମାନଙ୍କ ଠାରୁ ଟଙ୍କାନେଇ ଖଲାସ ହୋଇଯିବାର ବାଟ ସେମାନଙ୍କୁ ବତାଇଦେଲା । ଥାନାବାଲା ଏସ.ପି.ଙ୍କୁ କହିଲା ଯେ, ଯେଉଁ ପିଲାଟି ମରିଛି ତା'ର ନିଜ ଲୋକ କେହି ଅଭିଯୋଗ କରିନାହାନ୍ତି, କେବଳ ଗ୍ରାମବାସୀ ଏହାକୁ ନେଇ ଅଭିଯୋଗ କରିଛନ୍ତି । ପୁଲିସ୍‌କୁ ସୁବିଧା ମିଳିଗଲା ଆସାମୀମାନଙ୍କୁ ଛାଡ଼ି ଦେବା ପାଇଁ । ପୁଲିସ୍ ପୁଣି ସେମାନଙ୍କୁ ବତେଇଥିଲା, କେହି ପଚାରିଲେ ତୁମେ କହିବ, ସେ ପିଲାକୁ ଆମେ କାଲି କେନ୍ଦ୍ରାପଡ଼ାରେ ଦେଖିଛୁ । ଗ୍ରାମବାସୀମାନେ କେବଳ ଈର୍ଷାପରାୟଣ ହୋଇ ମିଛଟାରେ ଆମକୁ ବଦନାମ୍ କରୁଛନ୍ତି । ପୁଲିସ୍‌ଙ୍କ ପ୍ରସ୍ତାବ ଅନୁସାରେ ଆସାମୀମାନେ ମୋଟା ଅଙ୍କରେ ଘୁଷ୍ ଦେଇ ମର୍ଡର କେଶ୍‌ରୁ ମୁକ୍ତ ହୋଇଗଲେ । ପରେ ଆମେ ଗ୍ରାମବାସୀ ସେମାନଙ୍କ ଭାୟାଳିଆଙ୍କ ଠାରୁ ଯାହା ଶୁଣିବାକୁ ପାଇଲୁ, ତାଙ୍କ ବଂଶର ଯେଉଁମାନେ ରକ୍ଷଣଶୀଳ ଥିଲେ ଯଥା, ଗିରିଧାରି ମହାପାତ୍ର, ବିଜୟ ସାମଲ ଓ ଲକ୍ଷ୍ମୀଧର ସାମଲ, ସେହିମାନଙ୍କ ନିର୍ଦ୍ଦେଶରେ ସେ ପିଲାକୁ ମର୍ଡର କରାଯାଇଥିଲା । ଏମାନଙ୍କ ପରାମର୍ଶରେ ବିଜୟ ସାମଲ ସେ ପିଲାକୁ ତଳେ ପକାଇଦେଇ ତା ବେକରେ ସାବଳ ପକାଇ ଅଣନିଃଶ୍ୱାସୀ କରି ମାରି ଦେଇଥିଲା ଓ ସେ ମରିଯିବା ପରେ ତାକୁ ଅଖାରେ ବାନ୍ଧି ଡଙ୍ଗାରେ ନେଇ ବାଙ୍କିଛଡା ପାଖରେ ନଦୀରେ ପକାଇ ସେମାନେ ପଳାଇ ଆସିଥିଲେ ।

Digitized by srujanika@gmail.com

ଭୂଦାନଯଜ୍ଞରୁ ମୋହଭଙ୍ଗ

ମୋ ସ୍ତ୍ରୀ ମରିଯିବା ପରେ କିପରି ପିଲାଙ୍କୁ ଭଲପାଠ ପଢ଼ାଇବି ଓ ସେମାନେ ଭଲଛାତ୍ର ହୋଇ ବାହାରିବେ, ଏଥିପାଇଁ ମନୋନିବେଶ କରିବାରୁ ସର୍ବୋଦୟ କାର୍ଯ୍ୟରେ ଯୋଗ ଦେଇ ପାରିଲି ନାହିଁ। ସେତେବେଳକୁ ସାରା ଭାରତବର୍ଷରେ ଭୂଦାନକାର୍ଯ୍ୟରେ ଭଟା ପଡ଼ି ଆସିଥାଏ। ୧୯୫୨ ଠାରୁ ଆରମ୍ଭ ହୋଇ ୧୯୫୭ ମସିହା ପର୍ଯ୍ୟନ୍ତ ଭାରତବର୍ଷରେ ଲକ୍ଷଲକ୍ଷ ଏକର ଜମି ଭୂଦାନ ଯଜ୍ଞକୁ ଦାନ କରାଗଲା। ଏହାର ସବିଶେଷ ବିବରଣୀ ପୂର୍ବ ଅଧ୍ୟାୟ ମାନଙ୍କରେ ଲେଖା ଯାଇଛି। କିନ୍ତୁ ଦେଖାଗଲା, ଦାରିଦ୍ର୍ୟ ପୂର୍ବପରି ବଢ଼ିବଢ଼ି ଚାଲିଲା, କମିଲା ନାହିଁ। ମୁଁ ଲକ୍ଷ୍ୟ କଲି, ଗାନ୍ଧିଙ୍କ ରାମରାଜ୍ୟ ଓ ବିନୋବା ଭାବେଙ୍କ ଗ୍ରାମସ୍ୱରାଜ ଏକ ବିରାଟ ଧକ୍କାର ସମ୍ମୁଖୀନ। ମୋର ମନ ଆସ୍ତେଆସ୍ତେ ଏଥିରୁ ତୁଟିଗଲା। ପିଲାଙ୍କୁ ମଣିଷ କରି ତାଙ୍କ ଜରିଆରେ ଭବିଷ୍ୟତରେ ଏ ଦେଶର ଗରିବ ଲୋକଙ୍କ ଦୁଃଖମୋଚନ ପାଇଁ ଭରସା ରଖି ତାଙ୍କୁ ଶିକ୍ଷା କ୍ଷେତ୍ରରେ ସେହିପରି ଭାବରେ ଗଢ଼ିବା ପାଇଁ ମୁଁ ମନସ୍ଥ କଲି। ମଧୁସାଗର ବିଦ୍ୟାପୀଠରେ ୪ର୍ଥ ଶ୍ରେଣୀରେ ଝିଅ ଶୈଳର ନାମ ଲେଖାଇଲି। ଆଗରୁ କହିଛି, ଏହି ସ୍କୁଲକୁ ଚିନ୍ତାମଣି ଭାଇଙ୍କ ନେତୃତ୍ୱରେ ଏକ ଆଦର୍ଶ ସ୍କୁଲ ଭାବେ ପ୍ରତିଷ୍ଠା କରାଯାଇଥିଲା ଓ ମୁଁ ମଧ୍ୟ ସେଥିପାଇଁ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରିଥିଲି। ସେହି ଚିନ୍ତାମଣି ଭାଇଙ୍କ ଦାୟିତ୍ୱରେ ଝିଅକୁ ଛାଡ଼ି ଆସିଲି। ସେ ମୋର ମନୋଭାବ ଆଗରୁ ଭଲଭାବରେ ଜାଣିଥିଲେ। ପିଲାଙ୍କୁ ଆଦର୍ଶ ଶିକ୍ଷାଦାନ କରିବାରେ ତାଙ୍କର ଯୋଗ୍ୟତା ଯଥେଷ୍ଟ ଥିଲା। ବାସ୍ତବରେ ସେ ମଧ୍ୟ ସେହିପରି ଶିକ୍ଷାଦାନ କରିଥିଲେ। ଯାହା ଫଳରେ ପୁଅ ଓ ଝିଅ ଦୁହେଁ ପୁରାମାତ୍ରାରେ ସମାଜସେବା କାମରେ ନିଜକୁ ଅର୍ପଣ କରିଦେଇଛନ୍ତି।

ଭୂଦାନ କାମରୁ ବିଦାୟ ନେଇ ପିଲାଙ୍କୁ ପାଠ ପଢ଼ାଇବାର ଦାୟିତ୍ୱ ନେବା ସଙ୍ଗେସଙ୍ଗେ ଚାଷକାମରେ ମଧ୍ୟ ପୁରାମାତ୍ରାରେ ମନୋନିବେଶ କଲି। ଆଗେ ମୁଁ ସାଧାରଣ କାମ କରିବା ବେଳେ ଘରକାମ ଓ ଚାଷବାସର ଦାୟିତ୍ୱ ଘନଶ୍ୟାମ ଉପରେ ନ୍ୟସ୍ତ ଥିଲା। ବର୍ତ୍ତମାନ ମୁଁ ଘରେରହି ଚାଷକାମରେ ଘନଶ୍ୟାମକୁ ସାହାଯ୍ୟ କଲି। ଆଗରୁ ମୁଁ ସୂଚାଇଛି, କିପରି ଏକ ବିପ୍ଳବ ଜରିଆରେ ତାର ଛତରଖିଆ ଘରେ ବିଭାଘର ହୋଇଥିଲା। ପରେ କିନ୍ତୁ ସେ ରକ୍ଷଣଶୀଳ ଲୋକଙ୍କ ପରାମର୍ଶର ଶୀକାର ହୋଇଗଲା। ପୁଣି ସେହି ଛତରଖିଆ ଦୁଆ ଉଠେଇ ସେମାନେ ତାକୁ ଏପରି ମତାଇ ଦେଲେ ଯେ, ଘନଶ୍ୟାମ ତା ସ୍ତ୍ରୀକୁ ବାପଘରୁ ଆଣିବାପାଇଁ ରାଜି ହେଲା ନାହିଁ। ପୁଣି ତାକୁ ଆଉଥରେ ବିବାହ କରେଇବାର ଗୁରୁ ଦାୟିତ୍ୱ ମୋ ଉପରେ ପଡ଼ିଥିଲା।

ମଧୁସାଗରରୁ ଶୈଳ ଓ ଚିତ୍ତକୁ ପ୍ରତ୍ୟାହାର

୧୯୬୨ ମସିହାରେ ମଧୁସାଗର ବିଦ୍ୟାପୀଠର ମୁଖ୍ୟ କର୍ମକର୍ତ୍ତା ଚିନ୍ତାମଣି ସ୍ୱାଇଁ ଓ ତାଙ୍କର ସ୍ଥାନୀୟ ସହଯୋଗୀମାନଙ୍କ ଭିତରେ ମନୋମାଳିନ୍ୟ ଯୋଗୁଁ ଚିନ୍ତାମଣି ଭାଇ ସ୍କୁଲ

Digitized by srujanika@gmail.com

ପରିତ୍ୟାଗ କରି ଯାଜପୁର ଚାଲିଗଲେ । ସୁରେଶଭାଇ ପ୍ରଭୃତି କେତେକ ଶିକ୍ଷକ ମଧୁସାଗରର ଦାୟିତ୍ୱ ନେଲେ । ଏ କନ୍ଦଳ ଦେଖି ସେଠୁ ମୁଁ ପିଲା ଦୁହିଁଙ୍କର ଟ୍ରାନ୍‌ସଫର୍ ସାର୍ଟିଫିକେଟ ନେଇଆସିଲି । ମୁଁ ପୂର୍ଣ୍ଣମାତ୍ରାରେ ଆଗରୁ ଯେପରି ମଧୁସାଗର ବିଦ୍ୟାପୀଠକୁ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ କରୁଥିଲି ତାହା ସେହି ସମୟଠାରୁ କ୍ରମେ କ୍ରମେ ମନ୍ଥର ହୋଇଆସିଲା । ସେ ସ୍କୁଲକୁ ସ୍ୱାବଲମ୍ବନଶୀଳତାର ଆଦର୍ଶର ଏକ ନୂତନ ପ୍ରତୀକ ରୂପେ ମୁଁ ଏହାର ମୂଳଦୁଆ ପଡିବା ଦିନ ଠାରୁ ସାହାଯ୍ୟ ଓ ସହଯୋଗ କରିଆସୁଥିଲି । ମୋ ପିଲା ଦୁଇଜଣ ଝିଅ ଶୈଳ ଓ ପୁଅ ଚିତ୍ତ ସେଠାରୁ ଯଥାକ୍ରମେ ନବମ ଶ୍ରେଣୀ ଓ ଷଷ୍ଠ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିଲେ । ଉଭୟ ସ୍କଲର୍ସିପ୍ ମଧ ପାଉଥିଲେ । ଚିନ୍ତାମଣି ସ୍ୱାଇଁ ଚାଲିଯିବା ପରେ ସେ ସ୍କୁଲ ଉପରୁ ମୋର ଆସ୍ଥା ତୁଟି ଯିବାରୁ ପିଲା ଦୁହିଁଙ୍କୁ ସେଠାରୁ ଆଣି ଅନ୍ୟ କେଉଁଠି ଭଲ ସ୍କୁଲ୍‌ରେ ପଢାଇବି ବୋଲି ମନରେ ସ୍ଥିର କଲି । ଚିନ୍ତାକଲି ପିଲାଙ୍କୁ ଭଲ ସ୍କୁଲରେ ପାଠ ପଢ଼ାଇ ମଣିଷ କରିବି । କିନ୍ତୁ ସେଥିପାଇଁ ଅର୍ଥର ଆବଶ୍ୟକ । ତେଣୁ ପୁଅକୁ ଦୁମୁକା ମି.ଇ. ସ୍କୁଲରେ ନାମ ଲେଖାଇ ଦେଲି । ସେ ସ୍କୁଲକୁ ମଧ ମୁଁ ପୂର୍ଣ୍ଣ ମାତ୍ରାରେ ସାହାଯ୍ୟ ଓ ସହଯୋଗ କରୁଥିଲି । ଗାଁ ପାଖ ସ୍କୁଲ ହୋଇଥିବାରୁ ସେଠି ଅଳ୍ପ ଖର୍ଚ୍ଚରେ ପାଠପଢ଼ା ହୋଇପାରିବ । କିନ୍ତୁ ଶୈଳ କଥା ବେଶି ଭାଳେଣି ପଡ଼ିଲା । ତାକୁ ଯେ କୌଣସି ମତେ କଟକରେ କିମ୍ବା ଭୁବନେଶ୍ୱରରେ ପଢ଼ାଇବାକୁ ସ୍ଥିର କଲି ।

ପହଲି ବାବୁ

ସ୍ୱାଧୀନତା ପୂର୍ବରୁ ପହଲି ବାବୁ ପଟାମୁଣ୍ଡାଇ ହାଇସ୍କୁଲରେ ସେଠାକାର ଜମିଦାରଙ୍କ ଠାରୁ ସାହାଯ୍ୟ ସହାନୁଭୂତି ପାଇ ପାଠ ପଢୁଥିଲେ । ସେ ହାଇସ୍କୁଲଟି ଜମିଦାରଙ୍କ ଉଦ୍ୟମରେ ହୋଇଥିଲା । ଆମ ଅଞ୍ଚଳର ହରିଜନ ସଂପ୍ରଦାୟ ଭିତରୁ ସେ ଏକମାତ୍ର ପିଲା ଏଭଳି ଶିକ୍ଷାଲାଭ କରୁଥିବାର ମୁଁ ଶୁଣିବାକୁ ପାଇଲି । ସମୟେ ସମୟେ ପଟାମୁଣ୍ଡାଇ ଆଡ଼େ କଂଗ୍ରେସ କାମରେ ଗଲାବେଳେ ମୁଁ ପହଲିବାବୁଙ୍କୁ ଦେଖାକରେ ଓ ପଢ଼ିବାପାଇଁ ଉତ୍ସାହ ଦିଏ । ସେହି ସମୟଠାରୁ ମୋର ତାଙ୍କ ସହିତ ପରିଚୟ ହୋଇ ଯାଇଥିଲା । ଆମେ ସ୍ୱାଧୀନତା ପୂର୍ବରୁ ମାର୍ଶାଘାଇରେ ଗୋପବନ୍ଧୁ ସେବାସଂଘ ପ୍ରତିଷ୍ଠା କରିଥିଲୁ ଓ ସେହି ଗୋପବନ୍ଧୁ ସେବାସଂଘ ଜରିଆରେ ମାର୍ଶାଘାଇରେ ପ୍ରଥମକରି ହାଇସ୍କୁଲ ପ୍ରତିଷ୍ଠା କରିବାପାଇଁ ଉଦ୍ୟମ ଚଳାଇଥିଲୁ । ପହଲିବାବୁ ସେତେବେଳେ ସ୍କୁଲ୍‌ରୁ ଛୁଟିରେ ଆସି ଆମକୁ ଗୋପବନ୍ଧୁ ସେବାସଂଘ ଓ ହାଇସ୍କୁଲ ପ୍ରତିଷ୍ଠା କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ସେତେବେଳେ ୧୯୪୬ ମସିହା । ହରିଜନଙ୍କୁ ସବର୍ଣ୍ଣ ଲୋକେ ପୂରାମାତ୍ରାରେ ଘୃଣା କରୁଥିଲେ । କିନ୍ତୁ ଜଣେ ହରିଜନ ଯଦି ସର୍ବସାଧାରଣ କାମ କରେ, ତେବେ ତାକୁ କେହି ମୁହଁରେ କିଛି କହି ପାରୁନଥିଲେ । କିନ୍ତୁ ପଛପଟରେ ବହୁ ସମାଲୋଚନା କରାଯାଉଥିଲା । ହରିଜନ ସମସ୍ୟା ଉପରେ ମୁଁ ତ ନିର୍ଭୀକ ଥିଲି । ହରିଜନଙ୍କ ସହିତ ମୁଁ ଓତପ୍ରୋତ ଭାବେ ଜଡ଼ିତ ଥିଲି । ୧୯୪୬ ମସିହାରେ ଏ ଅଞ୍ଚଳରେ ମୁଁ ପ୍ରଥମେ ହରିଜନ ଘରେ ଖାଇବା ଦିନଠାରୁ ଲୋକଙ୍କ ସମାଲୋଚନା ପ୍ରତି ମୋର ଭୟଭ୍ରାନ୍ତି ତୁଟି ଯାଇଥିଲା । ମୁଁ ଜାଣିଶୁଣି ଆମ ଘରକୁ ହରିଜନଙ୍କୁ ଡାକିଆଣି ଆମ ବାସନରେ ଖୁଆଉଥିଲି ।

Digitized by srujanika@gmail.com

ତାଙ୍କ ଖାଇବା ବାସନ ଆମ ପରିବାରରେ ମା ଓ ସ୍ତ୍ରୀ ଇତ୍ୟାଦି ଧୋଉଥିଲେ ।

ପହଲି ବାବୁ ଗୋପବନ୍ଧୁ ସେବାସଂଘ ଓ ମାର୍ଶଘାଇ ହାଇସ୍କୁଲ ପ୍ରତିଷ୍ଠାରେ ସହଯୋଗ କରୁଥିବାରୁ ତାଙ୍କ ସହ ବନ୍ଧୁତାର ସମ୍ପର୍କ ଗଢ଼ି ଉଠୁଥିଲା । ଏ ଅଞ୍ଚଳର ରକ୍ଷଣଶୀଳ ଗ୍ରାମ ମୁଖିଆମାନଙ୍କର ଚକ୍ଷୁଶୀଳ ହୋଇଥିଲେ ମଧ୍ୟ ମୁଁ ସେମାନଙ୍କୁ ଖାତିର୍ କରୁନଥିଲି । ଆଉ ମଧ୍ୟ ମୋର କଂଗ୍ରେସ କାମରେ ପ୍ରତିଷ୍ଠା ବଢ଼ିଯାଇଥିବାରୁ ମୋତେ ଖୋଲାଖୋଲି ଭାବରେ କେହି କିଛି କହିବାକୁ ସାହାସ କରୁନଥିଲେ । ଦିନକର ଘଟଣା । ମାର୍ଶାଘାଇ ହାଇସ୍କୁଲ ନିର୍ମାଣ ପାଇଁ ଛଣ ମାଗିଆଣିବା ପାଇଁ ମହାକାଳପଡ଼ା ଥାନାର ଅମ୍ନିରାବାଜ ଗ୍ରାମକୁ ପହଲିବାବୁ, ବାମଦେବ ମହାପାତ୍ର (ମାର୍ଶାଘାଈରେ ସେତେବେଳେ ସାନିଟାରୀ ଇନସ୍ପେକ୍ଟର୍) ଓ ମୁଁ ତିନିଜଣ ଯାଇଥିଲୁ । ସେତେବେଳେ ଅମ୍ନିରାବାଜ ଓ ପାଖ ଗ୍ରାମମାନଙ୍କରେ ହଇଜା ବ୍ୟାପିଥିଲା । ମହାପାତ୍ର ମାର୍ଶାଘାଈ ସ୍କୁଲ୍‌ର ଜଣେ ଉଦ୍ୟୋକ୍ତା ଭାବେ ଛଣ ସଂଗ୍ରହ ସହିତ ଗ୍ରାମର ଲୋକମାନଙ୍କୁ ହଇଜା ଟିକା ଦେବା ଉଦ୍ଦେଶ୍ୟରେ ଯାଇଥିଲେ । ସେଠି ସଙ୍ଗେସଙ୍ଗେ ଛାଣ ଯୋଗାଡ଼ କରି ଶଗଡ଼ କିମ୍ବା ଡଙ୍ଗାରେ ଆଣିବା ପାଇଁ ସ୍ଥିରକରି ଯାଇଥିଲୁ । ସେଠି ଛଣ ମଗାମଗି କରି ଗୋଟିଏ ଡ଼ଙ୍ଗାରେ ବୋଝେଇ କରି ମାର୍ଶାଘାଇ ଆଣିବାର ବ୍ୟବସ୍ଥା କଲୁ । କିନ୍ତୁ ସେ ଗାଁରେ ହଇଜା ଲାଗିଥିବାରୁ ଆମେ ଖାଇଲୁ ନାହିଁ । ସକାଳୁ ଯାହାକିଛି ଆମେ ଘରେ ଖାଇ ଯାଇଥିଲୁ । ଆମ ଘରପାଖରେ ଡ଼ଙ୍ଗା ପହଞ୍ଚିଲା ବେଳକୁ ରାତି ୧୨ଟା ହେବା ଉପରେ । ଭାରି ଭୋକ ହେଉଥାଏ । ଡ଼ଙ୍ଗାବାଲାକୁ କହିଲୁ, ଆମେ ଘରକୁ ଯାଉଛୁ, ଘରେ ଖାଇଦେଇ କୂଳ ବାଟରେ ଆମେ ମାର୍ଶାଘାଇ ଯିବୁ । ପହଲିବାବୁ ଓ ମୁଁ ଦୁହେଁଯାକ ଘରକୁ ଆସି ଦେଖିଲୁ ଯେ, ସମସ୍ତେ ଖାଇପିଇ ଶୋଇଯାଇଛନ୍ତି । ଆଉ କିଛି ଖାଇବାକୁ ନାହିଁ । ରାତି ତ ବହୁତ ହୋଇଯାଇଥାଏ । ମୁଁ ଭିତର ଘରକୁ ଯାଇ ଦେଖିଲି, ଭାତ ମାତ୍ର ଅଧକଂସା ଭଳି ହେବ ଅଛି । ଆଉ କିଛି ସାଙ୍ଗରେ ଲଗାଇ ଖାଇବାକୁ ନାହିଁ । ଭୋକ ମେଣ୍ଟାଇବା ପାଇଁ ସେତକ ଭାତ ଆଣିଲି । ଘରେ ଗୋଟିଏ ପାଚିଲା ପଣସ ଥିଲା, ତାକୁ ଭାଙ୍ଗି ପଖାଳ ଭାତରେ ପହଲି ବାବୁ ଓ ମୁଁ ସାଙ୍ଗହୋଇ ଏକା ବାସନରେ ଖାଇ ବସିଲୁ । ଖାଇ ସାରିଲା ପରେ ରାତି ଦୁଇଟାରେ ଆମେ ଦୁହେଁ ମାର୍ଶାଘାଇ ଫେରିଲୁ । ଏହିପରି ଭାବରେ ପହଲି ବାବୁଙ୍କ ସହ ସେ ପଢ଼ିବା ଦିନଠାରୁ ନିବିଡ଼ ବନ୍ଧୁତ୍ୱ ହୋଇଯାଇଥିଲା ।

ଶୈଳର ଶିକ୍ଷା ପାଇଁ ମୁଁ ଅସୁବିଧାରେ ପଡ଼ିଥିବା ବେଳେ ସେହି ସଂପର୍କ ଆଧାରରେ ମୁଁ ପହଲି ବାବୁଙ୍କ ପାଖରେ ଛାଡ଼ିଥିଲି । ସେତେବେଳେ ଶୈଳର ମାମୁଁ ମୁରଲୀଧର ପ୍ରଧାନ ଭୁବନେଶ୍ୱରରେ କ୍ଲାସ୍ ୱାନ୍ ଅଫିସର୍ ଥିଲା । ମୁଁ କିନ୍ତୁ ଶୈଳକୁ ତା ପାଖରେ ନଛାଡ଼ି ପହଲିବାବୁଙ୍କ ପାଖରେ ଛାଡ଼ିଲି, କାହିଁକି ? ଏହାର ତିନୋଟି କାରଣ ଥିଲା । ଏକେତ ସେ ମୋର ପିଲାଦିନରୁ ବନ୍ଧୁ ଥିଲେ । ଦ୍ୱିତୀୟତଃ ସେ ଥିଲେ ଜଣେ କଂଗ୍ରେସ ଏମ.ଏଲ.ଏ. । ତୃତୀୟତଃ ସେ ଜଣେ ହରିଜନ ଲୋକ । ଗୋଟିଏ ହରିଜନ ଘରେ ମୋ ଝିଅକୁ ରଖି ପଢ଼ାଇଲେ, ଶୈଳ ମନରୁ ହରିଜନଙ୍କ ପ୍ରତି ଘୃଣାଭାବ ସଂପୂର୍ଣ୍ଣଭାବେ ଅପସରି ଯିବା ସଙ୍ଗେସଙ୍ଗେ ଭବିଷ୍ୟତରେ ଏ ସଂପର୍କିତ ସମସ୍ୟାବଳୀକୁ ସେ ମୁକାବିଲା କରିପାରିବ ।

Digitized by srujanika@gmail.com

ଏହି ଭାବନା ସହ ପହଲି ବାବୁଙ୍କ ଘରେ ମୁଁ ଶୈଳକୁ ଛାଡ଼ିବା ପରେ ତାର ମାମୁଁ ଓ ଅନ୍ୟ ବନ୍ଧୁବାନ୍ଧବ ମହଲରେ ମୋ ପ୍ରତି ଖରାପ ସମାଲୋଚନା ହେବାକୁ ଲାଗିଲା । ଏପରିକି କେତେକ କଂଗ୍ରେସ ଲୋକ ମଧ୍ୟ ସମାଲୋଚନା କରିବାରୁ ବାଦ୍ ଯାଇନାହାଁନ୍ତି । ମୁଁ ସେତେବେଳେ ଭୂଦାନ ଯଜ୍ଞ କାମ କରୁଥାଏ । ଆମକୁ ବିନୋବାଙ୍କର ନିର୍ଦ୍ଦେଶ ଥାଏ ଯେ, ନିର୍ବାଚନ ବେଳେ ପ୍ରାର୍ଥୀମାନଙ୍କ ପ୍ରତି ସର୍ବୋଦୟ କର୍ମୀମାନେ ନିରପେକ୍ଷ ରହିବେ । ସେହିଦୃଷ୍ଟିରୁ ମୁଁ ସେତେବେଳେ ପହଲି ବାବୁଙ୍କୁ ନିର୍ବାଚନରେ ପ୍ରତ୍ୟକ୍ଷ ଭାବେ ସାହାଯ୍ୟ କରି ପାରୁନଥିଲି । ୧୯୬୨ ବେଳକୁ ଭୂଦାନଯଜ୍ଞର ଅସଫଳତା ଅନୁଭବ କରି ସେଥିପ୍ରତି ବିମୁଖ ହୋଇ ପଡ଼ିଥିଲି ଓ ତା'ପରେ ପହଲିବାବୁଙ୍କୁ ନିର୍ବାଚନ ବେଳେ ସଂଗଠକ ଭାବେ ପ୍ରତ୍ୟକ୍ଷ ସାହାଯ୍ୟ କରିଛି ।

ଶୈଳର କ୍ୟାପିଟାଲ ଗାର୍ଲ୍ସ ସ୍କୁଲରେ ନାମ ଲେଖା

ପହଲିବାବୁ (ପ୍ରହ୍ଲାଦ ମଲ୍ଲିକ)ସେତେବେଳେ ପଟାମୁଣ୍ଡାଇ ସଂରକ୍ଷିତ ସ୍ଥାନରୁ ଏମ୍.ଏଲ୍.ଏ. ହୋଇ ବିଧାନସଭାକୁ ଯାଇଥାନ୍ତି। ତାଙ୍କ ସହ ପରାମର୍ଶ କଲି । ତାଙ୍କ ପାଖରେ ମୋର ପ୍ରସ୍ତାବ ରଖିଲି, ମୁଁ ତୁମର କଂଗ୍ରେସ କାମ କରିବି, କିନ୍ତୁ ମୋ ଝିଅକୁ ପଢ଼ାଇବା ପାଇଁ ତୁମେ ମୋତେ ପୂର୍ଣ୍ଣମାତ୍ରାରେ ସାହାଯ୍ୟ କରିବ । ସେତେବେଳେ ମଫସଲର କେହି ବ୍ୟକ୍ତି ଝିଅମାନଙ୍କୁ ସହରରେ ପଢ଼ାଇବା ପାଇଁ ରାଜି ହେଉ ନଥିଲେ । କିନ୍ତୁ ମୁଁ ସଙ୍କଳ୍ପ ନେଲି ଝିଅକୁ ଯେ କୌଣସି ପ୍ରକାରେ ହେଉ ଡାକ୍ତରୀ ପଢ଼ାଇବି ଏବଂ ଏଥିପାଇଁ ଯାହା କିଛି ସମସ୍ୟା ଆସୁ ପଛକେ ତହିଁର ସମ୍ମୁଖୀନ ହେବି ।

ପହଲି ବାବୁ (ପ୍ରହ୍ଲାଦ ମଲ୍ଲିକ) ସେତେବେଳେ କଂଗ୍ରେସ ତରଫରୁ ବିଧାନସଭା ସଭ୍ୟ ଥିଲେ । ସେ ପ୍ରସ୍ତାବ ଦେଲେ, ତୁମେ ଶୈଳକୁ ମୋ ଭୁବନେଶ୍ୱରର ବସାରେ ରଖାଇ ପଢ଼ାଅ । ସେତେବେଳେ ଭୁବନେଶ୍ୱର ନୂଆକରି ରାଜଧାନୀ ରୂପେ ଗଢ଼ି ଉଠୁଥାଏ । ସେଠାରେ ଗୋଟିଏ ମାତ୍ର ବାଳିକା ସ୍କୁଲ୍- କ୍ୟାପିଟାଲ୍ ଗାର୍ଲସ୍ ହାଇସ୍କୁଲ ଥାଏ । ସେଥିରେ ମୁଁ ଶୈଳକୁ ନବମ ଶ୍ରେଣୀରେ ନାମ ଲେଖାଇଦେଲି । ପହଲିବାବୁ ସେତେବେଳେ ନୂଆ କରି ଡେପୁଟୀ ମିନିଷ୍ଟର୍ ହୋଇଥାନ୍ତି । ତାଙ୍କ ଗାଡ଼ି କେତେବେଳେ ଶୈଳକୁ ସ୍କୁଲରେ ଛାଡ଼ି ଦେଇ ଆସେ ତ ଆଉ କେତେବେଳେ ସେ ବସାରୁ ନିଜେ ଚାଲିକରି ଯାଏ । ଏହିପରି ୩/୪ ମାସ ବିତିଗଲା । ସେହି ବାଳିକା ହାଇସ୍କୁଲ୍‌ର ହଷ୍ଟେଲ୍ ନଥାଏ । ପହଲିବାବୁଙ୍କ ବସାରୁ ସ୍କୁଲ୍ ୨/୩ କିଲୋମିଟର ରାସ୍ତା । ଦିନେ ଚିଠି ଖଣ୍ଡେ ପାଇଲି ପହଲିବାବୁଙ୍କ ଠାରୁ । ଗାଡ଼ି ତାକୁ ସ୍କୁଲକୁ ନେବା ପାଇଁ ସବୁଦିନ ସୁଯୋଗ ହେଉନାହିଁ । ଅଧିକାଂଶ ଦିନ ସ୍କୁଲ୍‌କୁ ଚାଲିକରି ଯିବାଆସିବା କରୁଛି । ମୋର ଆଶଙ୍କା, କେତେବେଳେ କିଛି ଅସୁବିଧା ହୋଇପାରେ, ତେଣୁ ତାକୁ କଟକରେ ହଷ୍ଟେଲ୍ ଥିବା ରେଭେନ୍ସା ଗାର୍ଲସ୍ ସ୍କୁଲ୍‌ରେ ଛାଡିଲେ ଭଲ ହେବ । ମୁଁ ଚିଠିପାଇ ସଂଗେ ସଂଗେ କଟକ ଓ ଭୁବନେଶ୍ୱର ଯାଇ ଶୈଳ କେଉଁ ସ୍କୁଲରେ ପଢ଼ିବ ଓ କେଉଁଠି ସଂଗେ ସଂଗେ ହଷ୍ଟେଲ୍ ସିଟ୍ ମିଳିବ, ସେ କଥାରେ ମୁଣ୍ଡ ଦେଲି ।

Digitized by srujanika@gmail.com

କଟକ ସନତ ନଳିନୀରେ ଶୈଳର ପାଠପଢ଼ା

ସେତେବେଳେ କଟକରେ ତିନୋଟି ମାତ୍ର ଗାର୍ଲସ୍ ହାଇସ୍କୁଲ ଥିଲା । ରେଭେନ୍‌ସା ଗାର୍ଲସ୍ ହାଇସ୍କୁଲ, ବକ୍‌ଲି ଗାର୍ଲସ ହାଇସ୍କୁଲ ଓ ଖ୍ରୀଷ୍ଟିୟାନ ପରିଚାଳିତ ସନତ ନଳିନୀ ଗାର୍ଲସ୍ ହାଇସ୍କୁଲ । ମୁଁ ଚାହୁଁଥିଲି ଶୈଳକୁ ରେଭେନ୍‌ସା ଗାର୍ଲସ ହାଇସ୍କୁଲ୍ ଭଳି ଭଲ ସ୍କୁଲରେ ନାମ ଲେଖାଇ ତାକୁ ସେଠିକାର ହଷ୍ଟେଲରେ ରଖାଇ ପଢ଼ାଇଥାନ୍ତି । କିନ୍ତୁ ଶିକ୍ଷାବର୍ଷ ଅଧାଅଧି ହୋଇଯାଇଥିବାରୁ ସେ ସ୍କୁଲ୍‌ରେ କିମ୍ବା ବକ୍ଲେ ସ୍କୁଲ୍‌ରେ ହଷ୍ଟେଲ୍ ସିଟ୍ ନଥିଲା । କେବଳ ସନତ ନଳିନୀରେ ହଷ୍ଟେଲ୍ ସିଟ୍ ମିଳିବ ବୋଲି ଜାଣିବାକୁ ପାଇଲି । ସେତେବେଳେ ଖ୍ରୀଷ୍ଟିୟାନ ହଷ୍ଟେଲ୍‌ରେ ରହିଲେ ହିନ୍ଦୁମାନଙ୍କର ଜାତି ଚାଲିଯିବ, ଏହି କୁସଂସ୍କାର ଦୃଷ୍ଟିରୁ କ୍ୱଚିତ୍ ହିନ୍ଦୁଝିଅ, ପୁଣି ନିରାଶ୍ରିତାମାନେ ସେଠାରେ ରହୁଥିଲେ । ମୁଁ ଜଣେ ସଂସ୍କାରବାଦୀ ହୋଇଥିବାରୁ ସେ ହଷ୍ଟେଲରେ ଶୈଳକୁ ରଖିବାରେ ମୋର ଆପତ୍ତି ନଥିଲା । ସେତେବେଳେ ସେ ସ୍କୁଲ୍ ନାମଜାଦା ହୋଇନଥାଏ । ସେ ପର୍ଯ୍ୟନ୍ତ ସେ ସ୍କୁଲରେ କେହି ଜଣେ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରିନଥିଲେ । ଯାହାହେଉ ଶୈଳ ପାଇଁ ଉଭୟ ପଢ଼ିବା ଓ ହଷ୍ଟେଲ୍ ସୁଯୋଗ ମିଳିଯିବାରୁ ମୁଁ ଆଶ୍ୱସ୍ତ ହେଲି । ୧୯୬୪ ମସିହାର ମାଟ୍ରିକ୍ ପରୀକ୍ଷାରେ ଶୈଳ ସେହି ସ୍କୁଲ୍‌ର ଏକମାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାରୁ ସେ ସ୍କୁଲର ନାମ ମଧ କଟକ ସହରରେ ପ୍ରଶଂସିତ ହୋଇଥିଲା । ସ୍କୁଲ ତରଫରୁ ତାକୁ ଉପହାର ମିଳିଥିଲା ।

ଦୁମୁକା ଏମ୍.ଇ. ସ୍କୁଲରେ ଚିତ୍ତର ପାଠପଢ଼ା

ଦୁମୁକାରେ ମି.ଇ.ସ୍କୁଲ ପ୍ରତିଷ୍ଠାରେ ମୋର ସାହାଯ୍ୟ ସହଯୋଗ ଥିଲା । ସେହି ସ୍କୁଲରେ ମୋର ସାଙ୍ଗମାନେ ଶିକ୍ଷକତା କରୁଥିଲେ । ସେମାନେ ଉତ୍ତମ ଶିକ୍ଷକ ଥିଲେ । ତାଙ୍କ ଦାୟିତ୍ୱରେ ପୁଅ ଚିତ୍ତକୁ ଦୁମୁକା ମି.ଇ. ସ୍କୁଲରେ ୧୯୬୨ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଲି । ଚିତ୍ତ ଦୁମୁକା ମି.ଇ. ସ୍କୁଲରୁ ୭ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଓଡ଼ିଶାର ପ୍ରଥମ ୧୦ ଜଣଙ୍କ ମଧ୍ୟରୁ ୭ମ ସ୍ଥାନ ଅଧିକାର କରିଥିବାରୁ ଦୁମୁକା ସ୍କୁଲର ସୁନାମ ମଧ୍ୟ ଆମ ଅଞ୍ଚଳରେ ବହୁ ପରିମାଣରେ ବଢ଼ି ଯାଇ ପାରିଥିଲା ।

ରେଭେନ୍‌ସା କଲେଜିଏଟ୍‌ରେ ଚିତ୍ତର ପାଠପଢ଼ା

ଶୈଳବାଳା ମହିଳା କଲେଜରେ ଶୈଳର ନାମ ଲେଖା ହେବ ବୋଲି ସ୍ଥିର କରି ଟଙ୍କାପଇସା ଯୋଗାଡ଼ରେ ଲାଗିଲି । ପୁଅ ଚିତ୍ତକୁ କେଉଁଠି ପଢ଼ାଇଲେ ହଷ୍ଟେଲ୍ ଓ ଅନ୍ୟ ସୁବିଧା ମିଳିବ, ସେ ବିଷୟରେ ମୁଣ୍ଡ ଖେଳାଇଲି । ଚିତ୍ତ ଓ ତା'ର ଜିନିଷପତ୍ର ସାଙ୍ଗରେ ଧରି କଟକ ଯାତ୍ରା କଲି । ଶୁଣିଥିଲି, ସାଲେପୁର ହାଇସ୍କୁଲ୍‌ରେ ଭଲ ପଢ଼ା ହେଉଛି, ଏବଂ ହଷ୍ଟେଲ୍ ମଧ ଅଛି । ତେଣୁ ସାଲେପୁରରେ ବସ୍‌ରୁ ଓହ୍ଲାଇ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସହ କଥାବାର୍ତ୍ତା କଲି । କାହିଁକି କେଜାଣି ସେ ସ୍କୁଲ୍ ମନକୁ ନପାଇବାରୁ ତାକୁ କଟକ ଧରି ଆସିଲି । ତା' ପରଦିନ

Digitized by srujanika@gmail.com

ପି.ଏମ୍. ଏକାଡେମୀ ଓ ରେଭେନସା କଲେଜିଏଟ୍ ସ୍କୁଲରେ କଥାବାର୍ତ୍ତା କଲି । ହଷ୍ଟେଲ୍ ଓ ଅନ୍ୟାନ୍ୟ ସୁବିଧା ମଧ୍ୟ ଥିଲା । ମୋତେ କଲେଜିଏଟ୍ ସ୍କୁଲ ଭଲ ଲାଗିଲା । ଚିତ୍ତ ମଧ୍ୟ ସେହି ସ୍କୁଲ୍‌ରେ ପଢ଼ିବ ବୋଲି ରାଜି ହେବାରୁ ସେଠି ତା'ର ନାମ ଲେଖାଇ ଦେଲି । ପିଲାଙ୍କ ପଢ଼ାପଢ଼ି ପାଇଁ ସେ ବର୍ଷ କିଛି ଜମି ବିକ୍ରି କରିବାକୁ ପଡିଥିଲା । ସେତେବେଳେ ଚାଷବାସରୁ ଯାହା ଆୟ ହେଉଥିଲା, ଖୁବ୍ କମ୍ ବଞ୍ଚୁଥିଲା ପିଲାମାନଙ୍କ ପଢ଼ା ପାଇଁ । କଟକ ଗଲେ ଜଗତପୁରରେ ବସ୍‌ରୁ ଓହ୍ଲାଇ ରେଳ ଧାରଣାରେ ଚାଲି ଚାଲିଯାଏ ଓ ସାରା କଟକ ସହର ପାଦରେ ବୁଲେ । କଟକରେ ସ୍ୱରାଜ ଆଶ୍ରମ ବା ଝୋଟ ସୋସାଇଟି ଅଫିସ୍ ବା କୌଣସି ବନ୍ଧୁଙ୍କ ଘରେ ରହୁଥିଲି । ପିଲାଙ୍କ ପାଠପଢ଼ା ପାଇଁ ପହଲି ବାବୁଙ୍କ ସୁପାରିଶ କ୍ରମେ ବିଜୁ ପଟ୍ଟନାୟକଙ୍କ କଳିଙ୍ଗ ଟ୍ରଷ୍ଟ ଫଣ୍ଡରୁ କିଛି ବର୍ଷ ପାଇଁ ଉଭୟ ଶୈଳ ଓ ଚିତ୍ତକୁ ବୃତ୍ତି ମିଳିଥିଲା ।

ଗାଁର ଦୃଶ୍ୟପଟରେ ପରିବର୍ତ୍ତନ

ମୁଁ ଗାଁରେ ରହିବାଦ୍ୱାରା କେତେକ ମୁଖିଆ ଲୋକ ସର୍ବସାଧାରଣ ବ୍ୟାପାରରେ ଅନ୍ୟାୟ କାମ କରୁଛନ୍ତି ବୋଲି ମୋର ଦୃଷ୍ଟିକୁ ଆସିଲା । ଗାଁର ସାଧାରଣ ଲୋକେ ଅନ୍ୟାୟ ହେଉଛି ବୋଲି ଜାଣି ସୁଦ୍ଧା ପ୍ରତିବାଦ କହିବାକୁ ସାହାସ କରୁନଥାନ୍ତି । ମୁଁ ଅନ୍ୟାୟ କାର୍ଯ୍ୟର ଦୃଢ଼ ବିରୋଧ କରୁଥିବାରୁ ଗାଁର କେତେକ ମୁଖିଆ ଲୋକ ମୋତେ ନାପସନ୍ଦ କରି ମୋ ବିରୁଦ୍ଧରେ ସେବେଠାରୁ ଗୋଟିଏ ଦଳ ସୃଷ୍ଟି କଲେ । ଗାଁର ସାଧାରଣ ଲୋକେ ମୋର କାର୍ଯ୍ୟକଳାପରେ ସବୁବେଳେ ସନ୍ତୁଷ୍ଟ ଥାନ୍ତି, କିନ୍ତୁ ଆଗକୁ ବାହାରି କିଛି କରିପାରନ୍ତି ନାହିଁ । ତେଣୁ ମୁଁ ସବୁବେଳେ ଅନ୍ୟାୟର ମୁକାବିଲା କରିବା ପାଇଁ ନିଜକୁ ନିଜେ ପ୍ରସ୍ତୁତ ଥାଏ । ସର୍ବସାଧାରଣ କାମ କରିବାରେ ମୋର ପ୍ରତିଷ୍ଠା ବଢ଼ିଯାଇଥାଏ । ଘରେ ରହି ଚାଷବାସ କରିବାରେ ମଧ୍ୟ ଉନ୍ନତି ହେଉଥାଏ । ପୁଣି ପିଲା ଦୁଇଟିଙ୍କୁ ବାହାରେ ରଖି ପଢ଼ାଉଥାଏ । ଦେଖାଗଲା, ଯେଉଁମାନେ ଦିନେ ସମାଜସଂସ୍କାର କାର୍ଯ୍ୟକ୍ରମରେ ମୋତେ ପୁରାମାତ୍ରାରେ ସାହାଯ୍ୟ କରୁଥିଲେ, ସେମାନେ କେତେଜଣ ବର୍ତ୍ତମାନ ନିଜେ ଗାଁର ମୁଖିଆ ଲୋକ ହୋଇ ମୋର ନ୍ୟାୟପୂର୍ଣ୍ଣ କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ପଛାଇଲେ ନାହିଁ । ମୁଁ ଏ କଥା ଜାଣି ସୁଦ୍ଧା କର୍ତ୍ତବ୍ୟ ମାର୍ଗରୁ ପଛାଉ ନଥାଏ । ମୁଁ ଜାଣିଥାଏ, ନ୍ୟାୟ ଓ ସତ୍ୟ ଜଣକ ପାଖରେ ଥିଲେ, ଦିନେ ନା ଦିନେ ସମୟ ଆସିଲେ ଅନ୍ୟମାନେ ତାଙ୍କର ଭୁଲ ବୁଝିପାରିବେ । ଆମ ଗାଁ କ୍ଷେତ୍ରରେ ମଧ୍ୟ ଦେଖାଗଲା ଯେ, ଆସ୍ତେଆସ୍ତେ ସାଧାରଣ ଲୋକଙ୍କର ଚେତନା ଫିଟିଲା ଓ ସେମାନେ ଗାଁ ମିଟିଂରେ ଯୁକ୍ତିଯୁକ୍ତ କଥା ଉପସ୍ଥାପନା କରିବାକୁ ଚେଷ୍ଟାକଲେ । କିନ୍ତୁ ଲକ୍ଷ୍ୟ କଲି, କିଛି ମୁଖିଆଲୋକ ନିଜେ ଅନ୍ୟାୟପୂର୍ଣ୍ଣ କାର୍ଯ୍ୟରେ ଅଂଶୀଦାର ଥିବାରୁ ଗାଁର ବହୁ ଭଲକାମ କାର୍ଯ୍ୟକାରୀ ହୋଇ ପାରୁନାହିଁ । ପ୍ରଥମେ ମୁଁ ଏକାକୀ ହୋଇ ଅନ୍ୟାୟକୁ ବିରୋଧ କରୁଥିବାରୁ ଅନେକଙ୍କ ଆଖିରେ ତାହାର ଗୁରୁତ୍ୱ ରହୁନଥିଲା । ଗାଁର କିଛି ମାମଲତକାର ଅନ୍ୟାୟରେ ସଂପୃକ୍ତ ଥିବାରୁ ଅନ୍ୟମାନେ ମୋ ବିରୋଧ ବେଳେ ଚୁପ୍ ରହୁଥିଲେ । ବାକୀ ମାମଲତକାରମାନେ ଏହାର ସୁବିଧା ନେବାକୁ ପଛାଇଲେ ନାହିଁ ।

Digitized by srujanika@gmail.com

ଯେତେବେଳେ ଏ ଭୁଲ୍ ସମସ୍ତେ କରି ବସିଲେ ସେତେବେଳେ ଯାଇ ଗ୍ରାମର ମୁଖିଆମାନେ ତାର ନିରାକରଣ କରିବା ପାଇଁ ଚିନ୍ତା କଲେ । ସେତେବେଳକୁ ଲେଡି ଗୁଡ କହୁଣିକୁ ବୋହିଯାଇଥିଲା । ସୁଧାରିବାର ବାଟ ବନ୍ଦ ହୋଇ ଯାଇଥିଲା । ଆଜି ପର୍ଯ୍ୟନ୍ତ ମଧ୍ୟ ପ୍ରତ୍ୟେକ ମିଟିଂରେ ସେହିକଥା ଦେଖାଯାଉଛି । ବସ୍ତୁତଃ କୌଣସି ସୁକାର୍ଯ୍ୟ ସଫଳ ହୋଇପାରୁନାହିଁ । ମୁଁ ଯେତେବେଳେ ଏକାକୀ ଅନ୍ୟାୟକୁ ବିରୋଧ କରୁଥିଲି, ସେତିକିବେଳେ ଯଦି ଅନ୍ୟମାନେ ମୋ ସହିତ ତାଳ ଦେଇଥାନ୍ତେ, ତେବେ ତହିଁର ମୀମାଂସା ହୋଇପାରିଥାନ୍ତା । ପୁଣି ଜଣେ ଗରିବ ଲୋକ ଯଦି ଅନ୍ୟାୟ କରେ, ଏହାର ନିଷ୍ପତ୍ତି ସହଜରେ ହୋଇଥାଏ । କାହିଁକିନା ଜଣେ ଗରିବ ଲୋକ ତାର ଭୁଲ୍‌କାର୍ଯ୍ୟ ପାଇଁ ସବୁବେଳେ ଡ଼ରି କରିଥାଏ । ସେ ଆଗ ଭୁଲ୍ କରିପାରେ ନାହିଁ । ଗାଁ ମୁଖିଆ ଲୋକେ ଯେତେବେଳେ ଭୁଲ୍‌କାର୍ଯ୍ୟ କରନ୍ତି, ତା ଉପରେ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ହୋଇନଥାଏ । ମୁଁ ପ୍ରତିବାଦ କରିବା ସତ୍ୱେ କେହି ପ୍ରତିକାର କଲେ ନାହିଁ । ସାଧାରଣ ଲୋକମାନଙ୍କୁ ଭୁଲ୍ କରିବାକୁ ସହଜ ବାଟ ମିଳିଗଲା । ବର୍ତ୍ତମାନ ପରିସ୍ଥିତି ଅସମ୍ଭାଳ ହେଲେବି ଓ ଯେତେ ପାଟିତୁଣ୍ଡ କଲେ ବି ତାହା ସୁଧୁରିବାର ବାଟ ଦେଖାଗଲା ନାହିଁ । ଏହିପରି ଭାବରେ ଗ୍ରାମରେ ଲୋକେ ବେଳକୁ ବେଳ ଅନାବାଦୀ ଓ ଗୋଚର ଜମି ନିଜେ ଅକ୍ତିଆର କରିବାକୁ ଲାଗିଲେ ।

ଘନଶ୍ୟାମ ପୁଣି ଫେରିଲା

ଘନଶ୍ୟାମ ପୁଣି ମୋ ପାଖକୁ ଆସିବାକୁ ଆରମ୍ଭ କଲା । ପ୍ରିୟ-ମମତା ମଧ୍ୟ ଲଗାଇଲା । କିନ୍ତୁ ବେଳକୁ ବେଳ ତା'ର ଅଭାବ ଅସୁବିଧା ବଢ଼ିଚାଲୁଥାଏ । ସେ ମୋତେ କହିଲା, ଭଗବାନ ପ୍ରଧାନଙ୍କ ବୁଦ୍ଧିରେ ପଡ଼ି ମୁଁ ତୁମ ଠାରୁ ସମ୍ପର୍କ ଛଡ଼ାଇଲି । କିନ୍ତୁ ତାଙ୍କଠାରୁ ମଧ୍ୟ ଧୋକ୍କା ଖାଇଲି । ତା'ପରେ ଘନଶ୍ୟାମ ଆମ ସହିତ ସମ୍ପର୍କ ରଖିଲା । ଶେଷରେ ତାକୁ ଯକ୍ଷ୍ମାରୋଗ ହେବାରୁ ମୁଁ ତାକୁ କଟକ ନେଇ ଡ଼ାକ୍ତରଙ୍କୁ ଦେଖାଇଲି । ଡ଼ାକ୍ତର କହିଲେ ଛ ମାସ ନିୟମିତ ଭାବେ ଔଷଧ ଖାଇ ଶୃଙ୍ଖଳାରେ ରହିଲେ ସେ ଭଲ ହୋଇଯିବ । ସେହି ସମୟରେ ଘନଶ୍ୟାମ ବାଧ୍ୟ ହୋଇ ସବୁକଥା ମୋ ଆଗରେ ଫିଟାଇ କହିଲା- ମୁଁ ପରବୁଦ୍ଧିରେ ପଡ଼ି ଭୁଲ୍ କରି ପକାଇଲି । ଏଣିକି ତୁମ ଜମି ତୁମେ ଫେରାଇ ନିଅ । ମୁଁ ତା'ଠାରୁ ଜମି ନେବାକୁ ସିଧା ମନା କଲି । ମୁଁ କହିଲି, ତୁ ଅନ୍ୟ ଲୋକଙ୍କୁ ସେ ଜମି ବିକ୍ରୀ କରି କୌଣସି ମତେ ଚଳିଯା । ସେହି ଅନୁସାରେ ସେ ଆସ୍ତେ ଆସ୍ତେ ସେହି ଜମିରୁ ପ୍ରାୟ ଅଧେ ବିକ୍ରୀ କରିଦେଲା । ମୁଁ ତାକୁ କହିଲି, ଦେଖ, ମୁଁ ଯେଉଁ ଜମି ତୋତେ ଦେଇଛି, ତୋଠାରୁ ତାକୁ ନେବି ନାହିଁ । ବରଂ କେହି ବାହାର ଲୋକ ଜମି ବିକ୍ରୀ କଲେ, ତାଙ୍କ ଠାରୁ ମୁଁ କିଣି ପାରେ । କାରଣ, ତୋର କମ୍‌ବୁଦ୍ଧି ଯୋଗୁଁ ଲୋକେ ତୋତେ କହିବେ, ଦେଖିଲୁ, ନରୋତ୍ତମ ବେହେରା ଗୋଟିଏ ପଟେ ତୋତେ ଜମି ଦେଲା, ପୁଣି ଅନ୍ୟପଟରେ କୌଶଳ କରି ତୋଠାରୁ ଜମି କିଣିନେଲା । ଯାହାହେଉ, ଏକଥା ଶୁଣି ସେ ନୀରବ ରହିଲା । ସେ ଆମର ପ୍ରିୟପାତ୍ର ହୋଇଥିବାରୁ ପୁଣି ଆମର କାମଦାମ କଲା । ମୁଁ ତାର ପ୍ରାପ୍ୟ ମଜୁରୀ ସଙ୍ଗେସଙ୍ଗେ ତାକୁ ଦେଇ ଦେଉଥାଏ । ସେ ମରିବା ପର୍ଯ୍ୟନ୍ତ ଆଉ ଆମଘର ଛାଡ଼ିଲା

Digitized by srujanika@gmail.com

ନାହିଁ । ଶେଷରେ ପୁଣି ତାକୁ ଯକ୍ଷ୍ମାରୋଗ ଧରିଲା । ତାକୁ କଟକ ନେଇ ଭଲ କରିବାକୁ ମୁଁ ଚେଷ୍ଟା କଲି । କିନ୍ତୁ ତାର ନିଜର ଅବହେଳା ଯୋଗୁଁ ସେହି ରୋଗରେ ସେ ଶେଷକୁ ପ୍ରାଣତ୍ୟାଗ କଲା । ମୁଁ ଯେତିକି ପରିମାଣର ଜମି ଘନଶ୍ୟାମକୁ ଦେଇଥିଲି, ମୋର ଉଦ୍ୟମ ଓ ଅଧ୍ୟବସାୟ ଦ୍ୱାରା ଅଲଗା ଜାଗାରେ ସେତିକି ଜମି ନିଜ ପାଇଁ କିଣିଦେଲି । ଏହା ଫଳରେ ଯେତିକି ଆମର ମୋଟ୍ ଜମି ରହିବା କଥା, ସେତିକି ରହିଲା । ବୋଉକୁ କହିଲି, ମୁଁ ଯଦି ଘନଶ୍ୟାମକୁ ଜମି ନ ଦେଇଥାନ୍ତି, ତେବେ ଭୁଲ୍ କରିଥାନ୍ତି । ମୋ ନିଜକୁ ମଧ୍ୟ ଖରାପ ଲାଗିଥାନ୍ତା । ଘନଶ୍ୟାମ ଯିବାପରେ ଆମର କିଛି ଅସୁବିଧା ହୋଇନାହିଁ । ବରଂ ବେଳକୁ ବେଳ ସବୁ ଦିଗରେ ମୋର ପ୍ରତିଷ୍ଠା ବଢ଼ି ଚାଲିଛି । ଅନ୍ୟପକ୍ଷରେ ଯେଉଁ ଖଳ ଲୋକମାନେ ଘନଶ୍ୟାମକୁ ଶିଖାଇ ମୋ ପାଖରୁ ଅନ୍ତରଂ କରାଇଥିଲେ, ପରେ ସେମାନେ ମୋର ଅଗ୍ରଗତି ଦେଖି ମୋ ପ୍ରତି ଅଧିକ ଇର୍ଷାପରାୟଣ ହୋଇ ପଡ଼ିଥିବାର ମୁଁ ଅନୁଭବ କରିଛି । ଘନଶ୍ୟାମର ସାନଭାଇମାନେ ମୁଁ ତାକୁ ଦେଇଥିବା ସମ୍ପତ୍ତି ଖାଉଛନ୍ତି । ଏହିପରି ଘନଶ୍ୟାମର ଅଧ୍ୟାୟ ଏଠାରେ ଶେଷକଲି ।

ପୁଣି କଂଗ୍ରେସରେ ଯୋଗଦାନ

ପିଲାଟି ଦିନରୁ ସମାଜ ସଂସ୍କାର ଓ ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଇ ଆସିଥିବାରୁ ସମାଜସେବା କାମ ମୋତେ ଖୁବ୍ ଆନନ୍ଦ ଦେଉଥିଲା । ମୋ ଜୀବନର ଅଭ୍ୟାସ ମଧ୍ୟ ଏପରି ହୋଇଯାଇଥିଲା ଯେ, ପ୍ରତିଦିନ ସମାଜସେବାର କାମ କିଛି ନକଲେ ମୋତେ ଖରାପ ଲାଗୁଥିଲା । ଭୂଦାନ କାମ ଛାଡ଼ିବା ପରେ କିପରି ଭାବରେ ସମାଜସେବା କରିବାକୁ ହେବ, ଚିନ୍ତା କରିବାକୁ ଲାଗିଲି । ସେତେବେଳେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଆମ ଅଞ୍ଚଳରେ କାମ କରୁଥିଲା । ଜମ୍ଭୁ ଅଞ୍ଚଳର ଜଙ୍ଗଲ ସୁରକ୍ଷା ଆନ୍ଦୋଳନରେ କମ୍ୟୁନିଷ୍ଟମାନଙ୍କ ନେତୃତ୍ୱରେ ଆମ୍ଭେମାନେ ଆଗରୁ ଯୋଗ ଦେଇଥିଲୁ । ସେମାନଙ୍କ କାର୍ଯ୍ୟକଳାପରୁ ଯାହା ଯାଣିଲି, ସେମାନେ ମଧ୍ୟ ଭାରତ ବର୍ଷକୁ ବିପ୍ଳବ ପଥରେ ଆଗେଇ ନେଇପାରିବେ ନାହିଁ । ତେଣୁ ସେମାନଙ୍କ ଠାରେ ଆଉ ଭରସା ନରଖି ଦୁଇଟି ଲକ୍ଷ୍ୟ ରଖି ମୋତେ କାମ କରିବାକୁ ପଡ଼ିବ ବୋଲି ଚିନ୍ତାକଲି । ଏକେତ ମୋତେ ସ୍ୱାବଲମ୍ବନଶୀଳ ହେବାକୁ ହେବ, ଦ୍ୱିତୀୟତଃ ସମାଜସେବାର କାମ କରିବାକୁ ହେବ । ଏହି ଲକ୍ଷ୍ୟ ନେଇ ମୁଁ ନିଜେ ଚାଷବାସ କରିବା ଆରମ୍ଭ କରିଦେଲି । ସମାଜସେବା କାମ କିପରି କରିବାକୁ ହେବ, ସେହି ଚିନ୍ତାକରି ପୁଣି ମୁଁ କଂଗ୍ରେସରେ ଯୋଗ ଦେଲି । ଠିକ୍ କଲି, କଂଗ୍ରେସ ମାଧ୍ୟମରେ ଗାଁ ଗହଳରେ ସାଧାରଣ ଲୋକଙ୍କ ଅଭାବ ଅସୁବିଧାକୁ ନେଇ କାମ କରିବାକୁ ହେବ । ୧୯୬୨ରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଢ଼ା ହୋଇଥାଏ ।

ଲେବର କଣ୍ଟ୍ରାକ୍ଟର କୋପରେଟିଭ୍ ସୋସାଇଟି

ବିଜୁ ପଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଓଡ଼ିଶା ଶାସନ ଚାଲିଥାଏ । ସେତେବେଳେ ଦେଶରେ କଣ୍ଟ୍ରାକ୍ଟରମାନେ ଯେଉଁ ସରକାରୀ ଅର୍ଥ ନେଉଥାନ୍ତି, ସେଥିରେ ଲେବର୍‌ମାନଙ୍କର ବିଶେଷ କିଛି ଭାଗ ରହୁନଥିଲା, କିମ୍ବା ଯେତେ ଖଟିଲେ ବି ଲେବର୍‌ମାନଙ୍କର ଆର୍ଥିକ ଉନ୍ନତି ହେଉନାହିଁ । ବିଜୁ ପଟନାୟକ ଓଡ଼ିଶାରେ ଲେବର କଣ୍ଟ୍ରାକ୍ଟ କୋପରେଟିଭ୍ ସୋସାଇଟି

Digitized by srujanika@gmail.com

ଜରିଆରେ ଲେବର୍‌ମାନଙ୍କର ଉନ୍ନତିମୂଳକ କାମ କରାଯିବ ବୋଲି କହି ବହୁ ଜାଗାରେ ଲେବର କଣ୍ଟ୍ରାକ୍ଟ କୋପରେଟିଭ୍ ସୋସାଇଟି ଗଢାଇଲେ । ଆମେ ମଧ୍ୟ ଏଠି ଦୁମୁକା ପଞ୍ଚାୟତରେ ଜନଶକ୍ତି ଲେବର କଣ୍ଟ୍ରାକ୍ଟ କୋପରେଟିଭ୍ ସୋସାଇଟି ନାମରେ ଏକ ସଂଗଠନ ଗଢ଼ିଲୁ । ମୁଁ ସେଥିରେ ସେକ୍ରେଟାରୀ ଦାୟିତ୍ୱ ନେଲି । ଗିରଙ୍ଗର ମଦନ ଅଧିକାରୀ, ଯେ କି କମ୍ୟୁନିଷ୍ଟ ପାର୍ଟିରେ ଥିଲେ, ସେ ହେଲେ ପ୍ରେସିଡ଼େଣ୍ଟ । ସେତେବେଳେ ପାରାଦ୍ୱିପ ବନ୍ଦର ନୂଆ ହେଉଥାଏ । ପାରାଦ୍ୱିପ ବନ୍ଦରକୁ ଲୁହାପଥର ବୋହିବା ପାଇଁ ଦଇତାରୀଠାରୁ ପାରାଦ୍ୱିପ ପର୍ଯ୍ୟନ୍ତ ଏକ୍ସପ୍ରେସ୍ ହାଇୱେ ତିଆରି କାମ ଚାଲିଲା । ପାରାଦ୍ୱିପ ବନ୍ଦରରେ ଓ ଏକ୍ସପ୍ରେସ୍ ହାଇୱେରେ ଆମ ଲେବର ସୋସାଇଟି କାମ ନେଲା । ସୋସାଇଟି ନୂତନ ହୋଇଥିବାରୁ ଆମ ପାଖରେ କେବଳ ମେମ୍ବର ଫିସ୍ ବ୍ୟତୀତ ବେଶି କିଛି ପୁଞ୍ଜି ନଥିଲା । ତେବେ ସେଥିପାଇଁ କିଛି ଲୋକଙ୍କୁ ସବ୍-କଣ୍ଟ୍ରାକ୍ଟ ଦେଇ କାମ କରାଉଥିଲୁ । ବିଲ୍‌ଭାଉଚର ଇତ୍ୟାଦି କାମ ଆମ ଜରିଆରେ ହେଉଥିଲା । ବିଲ୍ ମିଳିଲା ପରେ ଆମେ ସୋସାଇଟି ପାଇଁ ୫ ପରସେଣ୍ଟ ରଖି ବାକୀ ସମସ୍ତ ଟଙ୍କା କାମ କରାଇଥିବା ସବ୍-କଣ୍ଟ୍ରାକ୍ଟରଙ୍କୁ ଫେରାଇ ଦେଉଥିଲୁ । କାମ ମୋଟାମୋଟି ଠିକ୍ ଭାବରେ ଚାଲିଥିଲା । ଦୁଇବର୍ଷ କାମ କଲାପରେ ମୋର ଅଭିଜ୍ଞତା ଯାହା ହେଲା, ତାର ସୂଚନା ନଦେଇ ରହି ପାରୁନାହିଁ । ଏଥିରେ ଲେବର୍‌ମାନଙ୍କର ମଙ୍ଗଳ ତ ହେଲା ନାହିଁ, ବରଂ ବ୍ୟକ୍ତିଗତ କଣ୍ଟ୍ରାକ୍ଟରଙ୍କ ପାଖରେ କାମ କରୁଥିବା ଲେବରଙ୍କ ଠାରୁ ସେମାନଙ୍କ ଅବସ୍ଥା ଆହୁରି ଶୋଚନୀୟ ହୋଇ ଉଠିଲା । ସେତେବେଳେ କଣ୍ଟ୍ରାକ୍ଟ ଦେବା ବାବଦରେ ଉପରିସ୍ଥ ଅଧିକାରୀ ମାନେ ବ୍ୟକ୍ତିଗତ କଣ୍ଟ୍ରାକ୍ଟରଙ୍କ ଠାରୁ ଯେମିତି ହାତଗୁଞ୍ଜା ପାଉଥିଲେ, ସୋସାଇଟିଠାରୁ ସେହିପରି ପାଇବା ପାଇଁ ଚାହୁଁଥିଲେ । ତେଣୁ ଯେଉଁ ସୋସାଇଟିମାନେ ପଇସାପତ୍ର ଦେଉଥିଲେ, ସେମାନେ ରୀତିମତ କାମ ପାଉଥିଲେ ଓ ସେହି ଅନୁପାତରେ ବେଶୀପଇସା ଠକି ଆଣୁଥିଲେ । କିନ୍ତୁ ଏପରି ବାଟରେ ଲେବର୍‌ମାନେ ଉପକୃତ ହେଉନଥିଲେ, ବରଂ ସୋସାଇଟିର କର୍ମକର୍ତ୍ତାମାନେ ସବୁକିଛି ଲାଭ ଉପଭୋଗ କରୁଥିଲେ । କମ୍ୟୁନିଷ୍ଟ ନେତା ଲୋକନାଥ ଚୌଧୁରୀ ଇଷ୍ଟକୋଷ୍ଟ ଲେବର କଣ୍ଟ୍ରାକ୍ଟ କୋପରେଟିଭ୍ ସୋସାଇଟି ଗଢ଼ି ସେଥିରେ ପ୍ରେସିଡ଼େଣ୍ଟ ଥିଲେ । ସେମାନେ ପାରାଦ୍ୱୀପରେ କାମ ନେଇଥିଲେ । ଆମେ ମଧ୍ୟ ପାରାଦ୍ୱୀପରେ କାମ ନେଇଥିଲୁ । ଟ୍ରକ୍ ସାହାଯ୍ୟରେ ବାଲି ଆସି ଖାଲଜାଗା ମାନଙ୍କୁ ଉଚ୍ଚ କରାଯାଉଥିଲା । ମୁଁ ତ ଲାଞ୍ଚଦେବା କଣ ଜାଣି ନଥିଲି ! ପୂର୍ଣ୍ଣମାତ୍ରରେ ମୁଁ ଏହାର ଘୋର ବିରୋଧୀ ଥିଲି । ଥରେ ଆମର ବାଲି କାମ ଉପରେ ଗୋଟିଏ ବିଲ୍ ପ୍ରସ୍ତୁତ ହେଲା । ପ୍ରାୟ ୧୨/୧୩ ହଜାର ଟଙ୍କାର ବିଲ୍ ହୋଇଥାଏ । ବିଲ୍ ଟଙ୍କା ପାଇସାରିବା ପରେ ତାଙ୍କ ଷ୍ଟାଫ୍‌ଙ୍କୁ ୧୦ ପରସେଣ୍ଟ ଦେବାକୁ ପଡ଼େ ବୋଲି ଜାଣିବାକୁ ପାଇଲି । ବ୍ୟକ୍ତିଗତ କଣ୍ଟ୍ରାକ୍ଟରମାନେ ଏସବୁ ଦେଲେ କିଛି ଅସୁବିଧା ନାହିଁ । ସୋସାଇଟି ତରଫରୁ ୧୦ ପରସେଣ୍ଟ ଦେଲେ ତାର ଭାଉଚର୍ ଦରକାର । କିନ୍ତୁ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର, ଏସ.ଡ଼ି.ଓ. ଏବଂ ଓଭରସିଅର୍‌ମାନେ ପଇସା ନେଲେ ଭାଉଚର ଦେବେ ନାହିଁ । ଆମେ କେଉଁ ବାଟରେ ସୋସାଇଟିରୁ ପଇସା ଦେଇ ମିଛ ଭାଉଚର୍ ଲେଖାଇବୁ ? ମୋଦ୍ୱାରା ଏପରି ମିଛ ଭାଉଚର ଲେଖାଇବା କାମ ହୋଇପରିଲା ନାହିଁ । ଆମେ ଅଫିସରଙ୍କୁ ପଇସା ଦେଇ ପାରିଲୁ ନାହିଁ । ସେମାନେ ଆମ ଉପରେ ଭୀଷଣ ରାଗିକରି ଥାନ୍ତି । ବିଲ୍

Digitized by srujanika@gmail.com

ପାସ୍ କରିସାରି ତାଙ୍କ ପରସେଣ୍ଟ ନ ପାଇବାରୁ ଆମେ ଯେଉଁ କାମ କରୁଥିଲୁ, ସେ କାମ ସମ୍ବନ୍ଧରେ କପୋଳକଳ୍ପିତ ଭୁଲ୍ ଦେଖାଇବାକୁ ଚାହିଁଲେ । ମୁଁ ସେକ୍ରେଟାରୀ ହିସାବରେ ପ୍ରାକ୍ଟିକାଲ୍ କାମ ତଦାରଖ କଲି । ବାଲିଟ୍ରକ ପୁରା ବୋଝେଇ ହୋଇ ଯାଉଥିଲା । ଓଭରସିୟର୍ ତାକୁ କିଛି କମାଇ ଲେଖୁଥିଲା । ଆମର ଯେ ଏଜେଣ୍ଟ ଥିଲା, ସେ ମୋତେ ଏହା କହିବାରୁ ମୁଁ ଓଭରସିୟରକୁ ପଚାରିଲି, ସେ କିନ୍ତୁ ମୋତେ କିଛି ଉତ୍ତର ନଦେଇ ଏସ.ଡ଼ି.ଓ.ଙ୍କୁ ଡ଼ାକିଦେଲା । ସେ ତ ପଇସା ନ ପାଇ ରାଗିକରି ଥିଲେ । ମୁଁ ତାଙ୍କୁ ପଚାରିବାରୁ ତାଙ୍କ ସହିତ ଆମର ବଚସା ହେଲା । ବଚସା ଭିତରେ ଲେବର୍‌ମାନେ ତାଙ୍କୁ ମାରିବାକୁ ବସିବାରୁ ମୁଁ ସଙ୍ଗେସଙ୍ଗେ ଏକ୍‌ଜକିଉଟିଭ୍ ଇଂଜିନିୟରଙ୍କୁ ଜଣାଇଲି । ସେ ଭଦ୍ରଲୋକ ତୁରନ୍ତ ଆସି ତାଙ୍କ ତଳିଆ ଅଫିସର୍‌ଙ୍କୁ ଗାଳିଗୁଲଜ କଲେ । ତାଙ୍କ ଜିପ୍‌ରେ ମୋତେ ଓ ଏସ.ଡ଼ି.ଓ.ଙ୍କୁ ବସାଇ ନେହେରୁ ବଙ୍ଗଳାକୁ ନେଇଗଲେ । ସେଠି କଥାବାର୍ତ୍ତା ଭିତରେ ଅଫିସର୍‌ମାନଙ୍କ ମତିଗତି ଜଣା ପଡିଲା । ସେମାନେ କହିଲେ, ଲୋକନାଥ ଚୌଧୁରୀ କରିଥିବା ସୋସାଇଟି ପଇସା ଦେଉଛନ୍ତି । ଆପଣମାନେ କାହିଁକି ଦେଇ ପାରିବେ ନାହିଁ ? ସେଇଠୁ ମୁଁ ଜାଣିଲି ଲେବର ନାମରେ ସୋସାଇଟି୍ ଗଢ଼ିବା ହେଉଛି ସରକାରଙ୍କୁ ଠକି ପଇସା ରୋଜଗାରର ଗୋଟିଏ ମାଧ୍ୟମ ।

ଚିଫ୍ ଇଞ୍ଜିନିଅର୍ ଅଫିସ୍‌ରେ ଦୁର୍ନୀତି

ତେଣୁ ସେଠି ଆଉ କାମ ନକରିବାକୁ ସ୍ଥିର କରି ଏକ୍ସପ୍ରେସ୍ ହାଇଓ୍ୱେରେ କାମ ନେଲୁ । ଆମ ସୋସାଇଟି 'ବି' କ୍ଲାସ୍ ଲାଇସେନସ୍ ପାଇଥାଏ । ବେଶୀ ଟଙ୍କାର କାମପାଇଁ 'ଏ' କ୍ଲାସ ଲାଇସେନସ୍ ଦରକାର । ସୋସାଇଟି ତରଫରୁ 'ଏ' କ୍ଲାସ୍ ପାଇଁ ଆବେଦନ ଚିଫ୍ ଇଞ୍ଜିନିଅର୍‌ଙ୍କ ପାଖକୁ କରାଗଲା । ଲାଇସେନସ୍ ଦେବା ପାଇଁ ଉକ୍ତ ଅଫିସରୁ ଚିଠି ଆସିଲା । ମୁଁ ଭୁବନେଶ୍ୱର ଗଲି । ଚିଫ୍ ଇଂଜିନିୟରଙ୍କୁ ଦେଖାକଲି । ସେ କହିଲେ, ଆପଣ କିଛି ସମୟ ଅପକ୍ଷା କରନ୍ତୁ, ମୁଁ ଲାଇସେନସ୍ ଦେଇଦେବି । କିନ୍ତୁ ଲାଇସେନସ୍ ପାଇବା ପାଇଁ ୪ଟା ଉପରେ ହୋଇଗଲା । ଉକ୍ତ ଅଫିସର୍‌ଙ୍କୁ ଦେଖାକରିବାରୁ ସେ ଏକ ଫର୍ମ ଦେଇ କହିଲେ, ଏହାକୁ ପୂରଣ କରି ୪ଟା କପି ଦାଖଲ କରିବାକୁ ପଡିବ । ଟାଇପିଷ୍ଟ ପାଖକୁ ଗଲାବେଳକୁ ସେ କହିଲେ, ଅଫିସ କାମ ୪ଟା ବେଳୁ ସରିଗଲାଣି, ଏବେ ଆମେ କରିପାରିବୁ ନାହିଁ । ଆଉ ଜଣେ ଲୋକ ସେଠୁ ଉଠିଆସି ମୋତେ ଚୁପ୍‌କରି କହିଲେ, କିଛି ପଇସା ଦେଇଦେଲେ ସେ କପି କରିଦେବ । ମୁଁ କହିଲି, ଆପଣ କପି କରିବା ପାଇଁ କେତେ ପଇସା ନେବେ, ମୁଁ ତାହା ଦେବି, ଆପଣ ଟାଇପ୍ କରି ଦିଅନ୍ତୁ । ସେ ଟାଇପିଷ୍ଟ ମୋଠାରୁ ଏ ପଦ ଶୁଣିଲା କ୍ଷଣି ରାଗିଯାଇ ମୋତେ କହିଲା, ଆପଣଙ୍କୁ କଥାବାର୍ତ୍ତା କରିଆସେ ନାହିଁ । ମୁଁ କହିଲି, ମୋର ଆପଣଙ୍କ ସାଙ୍ଗରେ କଥାବାର୍ତ୍ତାରେ ଭୁଲ ରହିଲା କେଉଁଠି ? ଯେଉଁ ଲୋକ ମୋତେ ଚୁପ୍‌ଚାପରେ କହିଥିଲା, ସେ ଲୋକ ସେଠାରେ ଥିଲା । ସେ ଏକଥା ଶୁଣି ମୋତେ ଦୂରକୁ ଡ଼ାକିନେଇ କହିଲା, ପଇସା ଦେବାକଥା ଏତେ ଲୋକଙ୍କ ଆଗରେ କଣ କହନ୍ତି ? ତେଣୁ ସେ ରାଗିଲେ, କାଳେ ତାଙ୍କ ଚାକିରି ଉପରେ ଆଞ୍ଚ ଆସିବ । ଆପଣ

Digitized by srujanika@gmail.com

ମୋତେ ପଇସା ଦିଅନ୍ତୁ, ମୁଁ ତାଙ୍କଠାରୁ ଟାଇପ୍ କରାଇ ଆଣିବି । ମୋର ତୁରନ୍ତ ଲାଇସେନସ ଦରକାର, ତେଣୁ ତାଙ୍କୁ ମୁଁ ଗୁପ୍ତରେ ପଇସା ଦେଲି । ସେ ଟାଇପ୍ କରି ଆଣିଲା । ମୁଁ ଚିଫ୍ ଇଂଜିନିୟର ଅଫିସରୁ 'ଏ' କ୍ଲାସ ଲାଇସେନସ୍ ଆଣି ତା ପରଦିନ ଟେଣ୍ଡର ଦେଲୁ । ସେଥିରେ ମୋର ଅନୁଭୂତି ହେଲା, ସେତେବେଳେ ପଇସାପତ୍ର ଖୋଲାଖୋଲି ଭାବରେ କାରବାର ନହେଉଥିଲେ ବି ଲୁଚାଛପାରେ କିଳାପୋତେଇ ତା ବାଟରେ ଚାଲୁଥିଲା । ମୁଁ ଏସବୁ କଥାରୁ ବହୁ ଦୂରରେ ଥିବାରୁ ଓ କିଳାପୋତେଇ ନେଇଆଣି-ଥୋଇପାରୁ ନଥିବାରୁ, ସେ ଲୋକ ସେଦିନ କହିଲା, ତୁମକୁ କଥାବାର୍ତ୍ତା କରିଆସେ ନାହିଁ । ଏବେ କିନ୍ତୁ ସମୟ ବଦଳି ଯାଇଛି । ଏପରିକି ମନ୍ତ୍ରୀଙ୍କ ଠାରୁ ପିଅନ୍ ପର୍ଯ୍ୟନ୍ତ ଖୋଲାଖୋଲି ଭାବେ ପଇସା କାରବାର ଚାଲିଛି । ବିନା ପଇସାରେ କେହି ହୁଁ ଚୁଁ ହେବାର ନାହିଁ । ଏହାଫଳରେ ନୈତିକ ଓ ଚରିତ୍ରବାନ୍ ଲୋକ ଏ ସମାଜରେ ହଇରାଣ ହେଉଛନ୍ତି । ଚାକିରି କ୍ଷେତ୍ରରେ ମଧ୍ୟ ପଇସାର ନିଲାମ ଡ଼ାକ ଚାଲିଛି ।

ମଦନ ଅଧିକାରୀଙ୍କ ବିରୁଦ୍ଧରେ ଅନଶନ ଓ ସୋସାଇଟିରୁ ଇସ୍ତଫା

ଲେବର କଣ୍ଟ୍ରାକ୍ଟ କୋପରେଟିଭ୍ ସୋସାଇଟିର ସେକ୍ରେଟାରୀ ପଦବୀରୁ ବିଦାୟ ନେବା ପୂର୍ବରୁ ଘଟିଥିବା ଆଉ ଗୋଟିଏ ଦୃଷ୍ଟାନ୍ତ ଦେବି । ଲେବର କଣ୍ଟ୍ରାକ୍ଟ ସୋସାଇଟିର ବିଶେଷ କିଛି ମୂଳଧନ ନଥିଲା । ସୋସାଇଟି ତରଫରୁ କାମ ଆଣି ଯେଉଁମାନେ ସୋସାଇଟିର ସଭ୍ୟ ଥିଲେ, ସେହିମାନଙ୍କୁ କାମ ଯୋଗାଉଥିଲୁ । ସେମାନେ ସୋସାଇଟିର ଉନ୍ନତି ପାଇଁ ଶତକଡ଼ା ପାଞ୍ଚ ଦେଉଥିଲେ । ସୋସାଇଟି ନାମରେ ବିଲ୍ ଇତ୍ୟାଦି ହେଉଥିଲା । ଯାହାର ଯେତେ କାମ ପାଇଁ ବିଲ୍ ହେଉଥିଲା, ସେହି ଅନୁସାରେ ସୋସାଇଟି ପାଇଁ ପରସେଣ୍ଟ ରଖି ଅବଶିଷ୍ଟ ଟଙ୍କା ତାଙ୍କୁ ଫେରାଇ ଦିଆ ଯାଉଥିଲା । ଏହି ଢ଼ଙ୍ଗରେ ସୋସାଇଟି କାମ ପାରାଦ୍ୱୀପରେ ଚାଲୁଥିଲା । ଗୋଟିଏ ବାଲି ବିଲ୍ ପାଇବାପରେ ମୁଁ ଚେକ୍ ଧରି ତାଙ୍କୁ କଟକ ଷ୍ଟେଟ୍ ବ୍ୟାଙ୍କରେ ଭଙ୍ଗାଇବା ପାଇଁ ଗଲି । କିନ୍ତୁ ଭୁବନେଶ୍ୱରରେ ସୋସାଇଟି ଲୋନ କରି ଟ୍ରକ୍ ଆଣିବାର ଥିଲା । ତେଣୁ ଭୁବନେଶ୍ୱର ମଧ୍ୟ ଯାଇଥିଲି । ତା'ପର ଦିନ ସୋସାଇଟିରେ କାମ କରୁଥିବା କଣ୍ଟ୍ରାକ୍ଟରମାନଙ୍କୁ ବିଲ୍ ପେମେଣ୍ଟ କରିବା କଥା । ଦିନେ ଭୁବନେଶ୍ୱରରେ ମୋତେ ଆମ ପ୍ରେସିଡ଼େଣ୍ଟ ମଦନ ମୋହନ ଅଧିକାରୀ ଟଙ୍କା ଧାର ମାଗିଲେ । ମୁଁ ତାଙ୍କୁ କହିଲି ଟଙ୍କା ଭଙ୍ଗାଇ ଆପଣଙ୍କୁ ଦେଇ ଦେଲେ, ଟଙ୍କାପାଇଁ ଅପେକ୍ଷା କରିଥିବା କଣ୍ଟ୍ରାକ୍ଟରମାନେ ଟଙ୍କା ପାଇପାରିବେ ନାହିଁ । ସେ କହିଲେ, ମୁଁ ଘରେ ଯାଇ ଟଙ୍କା ଫେରାଇ ଦେବି । ତୁମେ ତାପରେ ସେମାନଙ୍କୁ ପେମେଣ୍ଟ କରିବ । ମୁଁ ତାଙ୍କ କଥାରେ ବିଶ୍ୱାସ କରିଗଲି । ସେ ଆମ ଅଞ୍ଚଳର ଏକମାତ୍ର କମ୍ୟୁନିଷ୍ଟ କର୍ମୀ ଥିଲେ । ତାଙ୍କୁ ସଚ୍ଚୋଟ ମନେ କରି ମୁଁ ଟଙ୍କାତକ ଦେଇଦେଲି । ମୁଁ ମଧ୍ୟ ଆଗରୁ ଜାଣିନଥିଲି ସେ ଜଣେ କମ୍ୟୁନିଷ୍ଟ ହୋଇ ଠକାମି କରିବେ ବୋଲି । ମୁଁ ଯେତେବେଳେ ଦୁମୁକା ସୋସାଇଟୀ ଅଫିସ୍‌ରେ ପହଞ୍ଚିଲି, ଟଙ୍କାପାଇଁ କାମ କରିଥିବା ଲୋକମାନେ ଆସି ପହଞ୍ଚିଲେ । ମୁଁ କହିଲି, ପ୍ରେସିଡ଼େଣ୍ଟ ମଦନ ଅଧିକାରୀଙ୍କ

Digitized by srujanika@gmail.com

ପାଖରେ ଟଙ୍କା ଅଛି । ସେ ଆସିଲେ ଦେଇଦେବେ । ସେମାନଙ୍କ ଠାରୁ ଦୁଇଦିନ ପାଇଁ ସମୟ ନେଇ ସେ ଜାଗାରୁ ବିଦାୟ ନେଲି । ମଦନ ଅଧିକାରୀକୁ ଖୋଜିଲା ବେଳକୁ ସେ ଆଉ ଧରାଛୁଆଁ ଦେଲା ନାହିଁ । ଦେଖା ମଧ୍ୟ ମିଳିଲା ନାହିଁ । ଲୋକମାନେ ଦୁଇଦିନ ପରେ ମୋ ପାଖରେ ପହଞ୍ଚିଲେ । ସେମାନଙ୍କ ଠାରୁ ମୁଁ ପୁଣି ଆଉକିଛି ସମୟ ନେଲି । ସେ ଯେହେତୁ ଧରାଛୁଆଁ ନଦେଲା, ମୁଁ ତାକୁ ବାଧ୍ୟହୋଇ ନୋଟିସ୍ କଲି, ତୁମେ ଏହି ଦୁଇଦିନ ଭିତରେ ଯଦି ଲୋକଙ୍କ ଟଙ୍କା ନ ଫେରାଅ, ତେବେ ମୁଁ ବାଧ୍ୟ ହୋଇ ଦୁମୁକା ଲେବର କଣ୍ଟ୍ରାକ୍ଟ କୋପରେଟିଭ୍ ସୋସାଇଟି ଅଫିସ୍‌ରେ ନିର୍ଦ୍ଦିଷ୍ଟ ଦିନରେ ଅନଶନ ଆରମ୍ଭ କରିବି । ଏହାଜାଣି ମଧ୍ୟ ସେ ଭୁବନେଶ୍ୱର ପଳାଇ ଗଲା । ମୁଁ ନିଜ ଉପରୁ କଳଙ୍କ ଛଡ଼ାଇବା ପାଇଁ ଦୁମୁକା ଅଫିସ୍‌ରେ ଅନଶନ ଆରମ୍ଭ କଲି ଓ ଘୋଷଣା କରିଦେଲି, ଯେ ପର୍ଯ୍ୟନ୍ତ ମଦନ ଅଧିକାରୀ ଲୋକଙ୍କର ଟଙ୍କା ନ ଫେରାଇଛି, ମୁଁ ସେପର୍ଯ୍ୟନ୍ତ ଅନଶନ ଭାଙ୍ଗିବି ନାହିଁ । ମୁଁ ତ ଆଗରୁ ଜଣେ ଟାଣୁଆ କଂଗ୍ରେସ ଓ ସର୍ବୋଦୟ କର୍ମୀ ଥିଲି । ମୋର ସଚ୍ଚାକାମ ସହିତ ମନୋବଳ ମଧ୍ୟ ଖୁବ୍ ଦୃଢ଼ ଥାଏ । ମୁଁ ଦୁମୁକା ଅଫିସରେ ଅନଶନ ଆରମ୍ଭ କଲି । ଯେଉଁମାନେ ଟଙ୍କା ପାଇବାର ଥିଲା, ସେମାନେ ଆସି ପ୍ରକୃତ କଥା ଜାଣିପାରି ମୋ ପ୍ରତି ସହାନୁଭୂତି ଦେଖାଇ ଅନଶନ ଭାଙ୍ଗିବା ପାଇଁ ପ୍ରବର୍ତ୍ତାଇଲେ। ମୁଁ ତାଙ୍କୁ କହିଲି ମଦନ ଅଧିକାରୀ ଯେ ପର୍ଯ୍ୟନ୍ତ ତୁମମାନଙ୍କର ଟଙ୍କା ନଦେଇଛି, ସେପର୍ଯ୍ୟନ୍ତ ମୁଁ ଅନଶନ ଭାଙ୍ଗିବି ନାହିଁ । ସେମାନେ ନିରାଶ ହୋଇ ଫେରିଗଲେ । ବାଧ୍ୟହୋଇ ଭଦ୍ରଲୋକମାନେ ତା ପାଖକୁ ଭୁବନେଶ୍ୱର ଠିକଣାରେ ଟେଲିଗ୍ରାମ କଲେ । ମୋ ଅନଶନ ପରେ ଚାରିଆଡ଼େ ପ୍ରଚାର ହୋଇଗଲା ଯେ, ମଦନ ଅଧିକାରୀ ସୋସାଇଟିର ପ୍ରେସିଡେ଼ଣ୍ଟ ଥାଇ ସେକ୍ରେଟାରୀ ନରୋତ୍ତମ ବେହେରାଙ୍କୁ ସୋସାଇଟିର ବିଲ୍ ଟଙ୍କା ଫେରାଇ ନଥିବାରୁ ନରୋତ୍ତମ ବାବୁ ଅନଶନ ଆରମ୍ଭ କରିଛନ୍ତି । ଏକଥା କମ୍ୟୁନିଷ୍ଟ ଲିଡ଼ର୍ ଲୋକନାଥ ଚୌଧୁରୀ ଶୁଣିପାରି ଶୀଘ୍ର ଲୋକ ପଠାଇ ମୋତେ ଡ଼କାଇ ନେଲେ ପାରାଦ୍ୱିପ ନେହେରୁ ବଙ୍ଗଳାକୁ । ମୁଁ ଯାଇ ଦେଖିଲି ସେ ମୋ ଅପେକ୍ଷାରେ ଅଛନ୍ତି । ସେ ଆଗରୁ ମଧ ମୋତେ ଭଲ ଭାବରେ ଜାଣନ୍ତି । ସେ ମୋତେ ପଚାରିଲେ, ମଦନ ଅଧିକାରୀ ଆପଣଙ୍କ ଠାରୁ ଟଙ୍କା ନେଇଛନ୍ତି କେଉଁ ଉଦ୍ଦେଶ୍ୟରେ ? ମୁଁ କହିଲି, ଏହି ଟଙ୍କା ସୋସାଇଟିର ବିଲ୍ ଟଙ୍କା ଏବଂ ସେ ଟଙ୍କା ନେଇ ନଫେରାଇବାରୁ ମୁଁ ତାଙ୍କ ବିରୁଦ୍ଧରେ ଅନଶନ କଲି । ସେ ପ୍ରକୃତ କଥା ଜାଣିପାରି ନିଶ୍ଚିତ ହେଲେ ଯେ, ମଦନ ଅଧିକାରୀ ପ୍ରକୃତରେ ସୋସାଇଟିର ବିଲ୍ ଟଙ୍କା ନେଇଛନ୍ତି । ଏହାଛଡା ଅନଶନ ଯୋଗୁଁ ମଦନ ଅଧିକାରୀଙ୍କ ଉପରେ ସବୁଆଡୁ ଚାପ ପଡ଼ିଲା ଓ ସେ ବାଧ୍ୟହୋଇ ବିଲ୍ ଟଙ୍କା ଫେରାଇଲା । ଏହାପରେ ମୁଁ ଭାବିଲି, ଜଣକର ହେଲେ ତ ମୁଁ ଉପକାର କଲି ନାହିଁ, ତେବେ ଏ ସଂସ୍ଥା ଭିତରେ ରହି କାହାର ଅପକାର କାହିଁକି କରିବି ? ଏହା ପରେ ପରେ ଲୋକମାନଙ୍କର ଅଡୁଆ ସାଙ୍ଗେସାଙ୍ଗେ ତୁଟାଇ ମୁଁ ସୋସାଇଟିର ସେକ୍ରେଟାରୀ ପଦରୁ ଇସ୍ତଫା ଦେଇଦେଲି । ଚିନ୍ତା କଲି, ଜଣେ କମ୍ୟୁନିଷ୍ଟ ବନ୍ଧୁଙ୍କର ଆଚରଣ ଯଦି ଏପରି ହୁଏ, ତେବେ ସେମାନଙ୍କ ଦ୍ୱାରା ଦେଶରେ କେଉଁ ପ୍ରକାର ବିପ୍ଳବ ଆସିବ, ତାହା ସହଜେ

Digitized by srujanika@gmail.com

ଅନୁମେୟ । ମୁଁ ଯେଉଁ ଗୋଲଧନ୍ଦାରେ ପଡ଼ିଥିଲି, ସେଥିରୁ ମୁକୁଳି ଗଲି ଓ ପରମ ଆନନ୍ଦ ଅନୁଭବ କଲି । ଆଉ ଗୋଟିଏ କଥା ନ ଜଣାଇ ରହିପାରୁ ନାହିଁ । ମୁଁ ସୋସାଇଟିରୁ ବାହାରି ଆସିବା ପରେ ଆଉ ସୋସାଇଟି ଚାଲିଲା ନାହିଁ । କିନ୍ତୁ ସୋସାଇଟିର ଆସବାବପତ୍ରର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେଉଥିଲା, ଯାହାକୁ ମଦନ ଅଧିକାରୀ ଶେଷରେ ତା ଘରକୁ ନେଇଗଲା । ସେ ସବୁ ଆସବାବପତ୍ର ସୋସାଇଟିର ମେମ୍ବରମାନଙ୍କ ଫିସ୍ ଟଙ୍କାରେ କିଣା ହୋଇଥିଲା ।

ଝୋଟ ବାଣିଜ୍ୟ ସମବାୟ ସମିତିର ଡାଇରେକ୍ଟର ପଦବୀରେ

ଆଗରୁ କହିଛି ଭୂଦାନ କାର୍ଯ୍ୟରେ ନିରାଶ ହୋଇ କଂଗ୍ରେସକୁ ପୁଣି ଫେରି ଆସିଥିଲି । କଂଗ୍ରେସ ଯାହା କରୁପଛକେ ସେତେବେଳେ କ୍ଷମତାରେ ଥିବାରୁ ଏହା ଜରିଆରେ ନିଜର ସର୍ବସାଧାରଣ କାର୍ଯ୍ୟ ବଜାୟ ରଖିପାରିବି ବୋଲି ଭାବିଥିଲି । ଏହି ପର୍ଯ୍ୟାୟରେ ମୁଁ ଝୋଟ ବାଣିଜ୍ୟ ସମବାୟ ସମିତି କାର୍ଯ୍ୟରେ ଲିପ୍ତ ହୋଇ ପଡିଥିଲି । ଏ ଅଞ୍ଚଳରେ ଚାଷୀମାନେ ବେଶ୍ ପରିମାଣରେ ଝୋଟ ଉତ୍ପାଦନ କରୁଥିଲେ । କିନ୍ତୁ ସେମାନେ ନିଜର ଉତ୍ପନ୍ନ ଦ୍ରବ୍ୟକୁ ବଜାରରେ ଠିକ୍ ଓଜନରେ ଓ ଠିକ୍ ମୂଲ୍ୟରେ ବିକ୍ରି କରି ପାରୁନଥିଲେ । ସେଥିପାଇଁ ଝୋଟ ବାଣିଜ୍ୟ ବ୍ୟବସାୟ ସମବାୟ ସମିତି ଦାନପୁର ଲିମିଟେଡ଼ ନାମକ ଏକ ଅନୁଷ୍ଠାନ ୧୯୫୯ ମସିହାରେ ଝୋଟଚାଷୀଙ୍କ ତରଫରୁ ଗଢ଼ା ଯାଇଥିଲା । କିନ୍ତୁ ବିଡମ୍ବନାର ବିଷୟ, ଅନୁଷ୍ଠାନର ଯେଉଁମାନେ କର୍ମକର୍ତ୍ତା ରହିଲେ, ସେମାନେ ସାଧାରଣ ଝୋଟ ବେପାରୀ ଓ ଚାଷୀଙ୍କ ଠାରୁ ଓଜନରେ ଠକେଇ କରି ଅଧିକ ଝୋଟ ସଂଗ୍ରହ କରିବା ତଥା ହିସାବରେ ଗୋଳମାଳ କରି ଝୋଟର ମୂଲ୍ୟ ବାବଦକୁ କମ୍ ପଇସା ଦେବା ଭଳି ଅନୈତିକ କାର୍ଯ୍ୟ କରୁଥିଲେ । ଉକ୍ତ ଅନୁଷ୍ଠାନର ଏହି ବେଆଇନ୍ କାର୍ଯ୍ୟମାନ ବଢିଚାଲିବାରୁ ସମିତିର ଝୋଟଚାଷୀ ମେମ୍ବରମାନେ ପାଟିତୁଣ୍ଡ ଓ ଗୋଳମାଳ ଆରମ୍ଭ କରିଦେଲେ । ତେଣୁ ଆଗରୁ ସମିତିରେ ଯେଉଁ ଡ଼ାଇରେକ୍ଟର ଓ ମେମ୍ବରମାନେ ଥିଲେ, ସେମାନଙ୍କୁ ବଦଳାଇ ନୂଆ ମାନେଜ୍‌ମେଣ୍ଟ ଗଢ଼ିବା ସକାଶେ ଜେନେରାଲ୍ ବଡ଼ିର ସଭା ଡ଼କା ଗଲା । ଜେନେରାଲ ବଡ଼ିରେ ସ୍ଥିର ହେଲା, ସିକ୍ରେଟ ବାଲଟ୍ ପେପର୍ ଜରିଆରେ ଭୋଟ୍ କରାଯିବ । ସେତେବେଳେ ଓଡ଼ିଶାରେ ଗୋଟିଏ ମାତ୍ର ଝୋଟ ବାଣିଜ୍ୟ ସମବାୟ ସମିତି ଗଠନ କରାଯାଇଥିଲା, ଦାନପୁର ଝୋଟ ବାଣିଜ୍ୟ ବ୍ୟବସାୟ ସମିତି ଲିମିଟେଡ଼ । ଯେଉଁ ଅଞ୍ଚଳମାନଙ୍କରେ ଝୋଟ ଚାଷୀମାନେ ବେଶୀ ଉତ୍ପାଦନ କରୁଥିଲେ ସେହି ଅଞ୍ଚଳରେ ଝୋଟକିଣା କେନ୍ଦ୍ରମାନ କରାଯାଇଥିଲା । ଏହିପରି ୭ଗୋଟା କେନ୍ଦ୍ର ଥିଲା, ଯଥା କେନ୍ଦ୍ରୁପାଟଣା, ଦାନପୁର, ମାର୍ଶାଘାଇ, ଧାନମଣ୍ଡଳ, ଜଗତସିଂହପୁର, ଯାଜପୁର ରୋଡ଼, କେନ୍ଦୁଝରର ବେଳବାହାଲି ଓ ତାରପୁର । ପ୍ରତି କେନ୍ଦ୍ରରୁ ମେମ୍ବରମାନଙ୍କ ଭୋଟ୍ ଜରିଆରେ ସେମାନଙ୍କର କେତେକ ପ୍ରତିନିଧି ବୋର୍ଡ ଅଫ୍ ଡ଼ାଇରେକ୍ଟରସ୍ ନିର୍ବାଚିତ ହୋଇ ଆସିବାର ସ୍ଥିର ହେଲା । 'କ' ଶ୍ରେଣୀ ସଭ୍ୟ ୭ଜଣ, ଏବଂ 'ଖ' ଶ୍ରେଣୀ ସଭ୍ୟ ୪ଜଣ, ଏହିପରି ମୋଟ ୧୧ଜଣ ସଭ୍ୟ-ପ୍ରତିନିଧିଙ୍କୁ ନିର୍ବାଚିତ କରିବା

Digitized by srujanika@gmail.com

ଉଦ୍ଦେଶ୍ୟରେ ୧୯୬୬ ମସିହା ମାର୍ଚ୍ଚ ମାସରେ ଭୋଟ୍ କରିବା ପାଇଁ ସ୍ଥିର କରାଗଲା । ସେତେବେଳକୁ ଚାଷୀମାନଙ୍କର ଏହି ସଂଗଠନରେ ରାଜନୀତି ପଶି ସାରିଥାଏ । ପୂର୍ବ ବୋର୍ଡ଼ରେ ଯେଉଁମାନେ ଥିଲେ, ସେମାନଙ୍କ ଭିତରେ ଅଧିକାଂଶ ଥିଲେ ସୋସାଲିଷ୍ଟ ପାର୍ଟିର ଲୋକ, ଯେଉଁମାନେ କି କଂଗ୍ରେସ ବିରୋଧୀ ଥିଲେ । ସୋସାଲିଷ୍ଟମାନଙ୍କୁ ବୋର୍ଡରୁ ହଟାଇବା ପାଇଁ କଂଗ୍ରେସ ଲୋକମାନେ ନିର୍ବାଚନରେ ଲାଗିଗଲେ । କଂଗ୍ରେସ ତରଫରୁ ୯ଜଣ ଓ ସୋସାଲିଷ୍ଟ ପାର୍ଟି ତରଫରୁ ମଧ୍ୟ ୯ଜଣ ପ୍ରାର୍ଥୀ ଠିଆ ହେଲେ । ମୁଁ ମାର୍ଶାଘାଇ କେନ୍ଦ୍ରରୁ 'ବି' କ୍ଲାସ କଂଗ୍ରେସ ସଭ୍ୟରୂପେ ଠିଆ ହେଲି । ମୋ ବିରୁଦ୍ଧରେ ଲଢ଼ିବା ପାଇଁ ବାଲିସାହି-ଶାସନର ରଘୁନାଥ ରଥ ଠିଆ ହେଲେ । ରଘୁନାଥ ରଥ ଆଗରୁ ଉକ୍ତ ଅନୁଷ୍ଠାନର ଡ଼ାଇରେକ୍ଟର ବୋର୍ଡର ସଭ୍ୟ ଥିଲେ । ତାଙ୍କ ବିରୁଦ୍ଧରେ ସାଧାରଣ ଚାଷୀ ମେମ୍ବରମାନେ ବିଭିନ୍ନ ଅଭିଯୋଗମାନ ଆଗତ କରିଥିଲେ । ବର୍ତ୍ତମାନ ସେମାନଙ୍କୁ ସୁଯୋଗ ମିଳିଗଲା ଭୋଟ୍ ଜରିଆରେ ରଥଙ୍କୁ ହଟାଇବା ପାଇଁ। ଯେଉଁଦିନ ମାର୍ଶାଘାଇ କେନ୍ଦ୍ରରେ ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କର ମନୋନୟନ ପତ୍ର ଯାଞ୍ଚ କରାଗଲା, ରଘୁନାଥ ରଥଙ୍କର ମନୋନୟନ ପତ୍ରରେ ଗୁରୁତର ତ୍ରୁଟି ଥିବାରୁ ତାହା ଯାଞ୍ଚ ବେଳେ କଟିଗଲା । ଯେହେତୁ ମାର୍ଶାଘାଇ କେନ୍ଦ୍ରରୁ 'ବି' କ୍ଲାସ ସଭ୍ୟରୂପେ କେବଳ ରଘୁନାଥ ରଥ ଓ ମୁଁ ପ୍ରତିଦ୍ୱନ୍ଦିତା କରୁଥିଲୁ ଓ ତାଙ୍କର ପ୍ରାର୍ଥୀପତ୍ର କଟିଗଲା, ମୁଁ ନିର୍ଦ୍ଦ୍ୱନ୍ଦ୍ୱରେ ଡ଼ାଇରେକ୍ଟର ବୋର୍ଡ଼କୁ ସଭ୍ୟରୂପେ ନିର୍ବାଚିତ ହେଲି ।

ନିର୍ବାଚନରେ ଉତ୍ତୀର୍ଣ୍ଣ ହୋଇ ଡ଼ାଇରେକ୍ଟର-ସଭ୍ୟ ପଦରେ ମୁଁ ପ୍ରାୟ ୬ବର୍ଷ କାର୍ଯ୍ୟ କରିଥିଲି ପରବର୍ତ୍ତୀ ନିର୍ବାଚନ ହେବା ଯାଏ । ଏପରିକି ଶେଷ ଆଡକୁ ମୁଁ ସମିତିର ଭାଇସ୍-ପ୍ରେସିଡ଼େଣ୍ଟ ଓ ପ୍ରେସିଡ଼େଣ୍ଟ ଭାବେ କାର୍ଯ୍ୟ କରିଛି । ଏହି ସମିତି କାର୍ଯ୍ୟରେ ମୋର ଯାହା ଅନୁଭୂତି ହେଲା, ତାହା ଉଲ୍ଲେଖନୀୟ । ଏ ସଂସ୍ଥାଟିର ପ୍ରକୃତ କାମ ହେଉଛି, ସାଧାରଣ ଝୋଟଚାଷୀମାନଙ୍କୁ ମୁନାଫାଖୋରୀ ଘରୋଇ ବେପାରୀଙ୍କ କବଳରୁ ରକ୍ଷା କରିବା, ଅର୍ଥାତ୍ ଠିକ୍ ଭାବରେ ସେମାନଙ୍କର ଝୋଟକୁ ଓଜନ କରାଇ ଉଚିତ୍ ରେଟ୍‌ରେ ନେବା ତଥା ସଙ୍ଗେସଙ୍ଗେ ଯଥାର୍ଥରେ ସେମାନଙ୍କର ପ୍ରାପ୍ୟ ହେଉଥିବା ପଇସାପତ୍ରକୁ ପଇଠ କରିବା । କିନ୍ତୁ ଦେଖାଗଲା, ଚାଷୀମାନେ ସେମାନଙ୍କ ଝୋଟକୁ ଠିକ୍‌ଭାବେ ସମିତିକୁ ବିକ୍ରି କରିପାରିଲେ ନାହିଁ । ଯେତେବେଳେ ଚାଷୀଙ୍କୁ ଦେବା ପାଇଁ ସୋସାଇଟିରେ ଟଙ୍କା ରହୁ ନଥିଲା, ସେତେବେଳେ ଚାଷୀମାନେ ସମିତିକୁ ସେମାନଙ୍କ ଝୋଟ ବିକ୍ରି କରି ପାରୁନଥିଲେ ଏବଂ ସେଥିପାଇଁ ଫେରି ବାହାରେ ପୁଣି ଘରୋଇ ବେପାରୀଙ୍କ ଦଲାଲ୍‌ମାନଙ୍କ ହାବୁଡ଼ରେ ପଡୁଥିଲେ । ମୁଁ ଡାଇରେକ୍ଟର-ସଭ୍ୟ ଥିବା ବେଳେ ସୋସାଇଟି ତରଫରୁ ଓଜନ-ମାପ ଠିକ୍ ରଖା ଯାଉଥିବାରୁ ଚାଷୀମାନେ ସୋସାଇଟିକୁ ଝୋଟ ବିକ୍ରୀ କରିବା ପାଇଁ ଆଗ୍ରହୀ ହେଲେ ଓ ବାକୀରେ ମଧ୍ୟ ଝୋଟ ଦେଉଥିଲେ । କିନ୍ତୁ ବେଳେବେଳେ ଦେଖାଗଲା, ଲଗାତାର ୬ମାସ ଧରି ସେମାନେ ତାଙ୍କର ପ୍ରାପ୍ୟ ଟଙ୍କା ସମିତିରୁ ପାଇପାରିଲେ ନାହିଁ । ପୁଣି ସମିତିର କେତେକ କର୍ମଚାରୀ ନିଜର ଚିହ୍ନାଜଣା ଚାଷୀମାନଙ୍କ ନାମରେ ଘରୋଇ ବେପାରୀମାନଙ୍କ ଝୋଟ ସୋସାଇଟିରେ ବିକ୍ରି କରୁଥିଲେ, ଓ ସେମାନଙ୍କୁ ତୁରନ୍ତ ପଇସା ବେଙ୍କ୍‌ଦେଉଥିଲେ, ଯାହା ଫଳରେ କି ସୋସାଇଟି ମଝିରେ ମଝିରେ ସମାଲୋଚନାର ସମ୍ମୁଖୀନ ହେଉଥିଲା ।

Digitized by srujanika@gmail.com

ସେତେବେଳେ ଓଡ଼ିଶାର ଝୋଟ କଲିକତାର ମିଲ୍‌ବାଲାଙ୍କୁ ବିକ୍ରି କରିବାର ବ୍ୟବସ୍ଥା ଥିଲା । ଏଥିପାଇଁ ପ୍ରେସିଡେ଼ଣ୍ଟ କଲିକତା ଯାଇ ଝୋଟବିକ୍ରି ପାଇଁ ବ୍ୟବସ୍ଥାମାନ କରିଆସୁଥିଲେ । ପ୍ରେସିଡେଣ୍ଟଙ୍କ ପେଞ୍ଚପାଞ୍ଚ ନୀତି ଯୋଗୁଁ କଲିକତାର ସେହି ମିଲ୍‌ଗୁଡିକ ତରଫରୁ ସୋସାଇଟି ଉପରେ କ୍ୱାଲିଟି କ୍ଲେମ୍ ଓ ଓୟେଟ୍ ସର୍ଟେଜ୍ କ୍ଲେମ୍ ଭଳି ନାନାପ୍ରକାର ଅତିରିକ୍ତ କ୍ଲେମ୍ ସୋସାଇଟି ଉପରକୁ ଆସୁଥିଲା ଓ ସୋସାଇଟି ତାହା ବହନ କରିବାକୁ ବାଧ୍ୟ ହେଉଥିଲା । ପ୍ରେସିଡେଣ୍ଟଙ୍କ ଏହି କାରବାରରେ ମୋ ଭଳି ଅନ୍ୟ ଡ଼ାଇରେକ୍ଟର-ସଭ୍ୟମାନେ ଭାଗ ନେଉ ନଥିଲେ । ସୋସାଇଟିକୁ ଏହି କାରଣରୁ ବହୁତ ଅର୍ଥ ବହନ କରିବାକୁ ପଡୁଥିଲା । କଲିକତାର ମିଲ୍‌ବାଲାମାନଙ୍କୁ ଆମେ ଅଧିକ ରେଟ୍‌ରେ ଝୋଟ ବିକ୍ରି କରିଛୁ ବୋଲି କାଗଜକଲମରେ ଦର୍ଶାଇଲେ ମଧ୍ୟ ପ୍ରକୃତ ପକ୍ଷେ ସୋସାଇଟିର ବହୁତ ଲସ୍ ହେଉଥିଲା । ଏହାର ଭିତିରି କାରଣ ଅନେକ ରହିଛି । ସୋସାଇଟିର କର୍ମଚାରୀଙ୍କ ଭିତରୁ କେହିତ ଚାଷୀଙ୍କର ଉନ୍ନତି କରିବାକୁ ସେଠାରେ ଚାକିରୀ କରିନାହାଁନ୍ତି । ସମିତି ନାଁରେ ସେମାନେ ବ୍ୟକ୍ତିଗତ ଫାଇଦା ଉଠାଇ ଚାଲୁଥିଲେ । କେତେକ ଦୃଷ୍ଟାନ୍ତ ଦେଇ ଏହି ପ୍ରସଙ୍ଗରୁ ମୁଁ ବିଦାୟ ନେବି । ମୁଁ ଡ଼ାଇରରେକ୍ଟର-ସଭ୍ୟ ଥିବା ବେଳେ ମାର୍ଶାଘାଇ କେନ୍ଦ୍ରକୁ ଦେଖିବା ମୋର ଦାୟିତ୍ୱ ଥିଲା । ସେଥିରେ ଯେଉଁ ବ୍ରାଞ୍ଚ ମ୍ୟାନେଜର୍ ଥିଲେ ସେ କେତେକ ବଡ଼ ବେପାରୀଙ୍କୁ ଅଧିକା ରେଟ୍ ଦେଇ ଚାଷୀଙ୍କ ନାମରେ ଝୋଟ କିଣିଥିବାର ମୁଁ ଜାଣିପାରି ବୋର୍ଡ଼ ମିଟିଂରେ ଏହାର ପ୍ରତିବାଦ କଲି । ବୋର୍ଡ଼ରେ ବିଚାର କରାଯାଇ ଉକ୍ତ କର୍ମଚାରୀଙ୍କୁ ସସ୍‌ପେଣ୍ଡ କରାଗଲା । ସେ ବିଚରା ଶେଷକୁ ଚାକିରୀରୁ ଗଲେ । କିନ୍ତୁ ପ୍ରତ୍ୟେକ କେନ୍ଦ୍ରରେ ବ୍ରାଞ୍ଚ ମ୍ୟାନେଜର୍‌ମାନେ ଏପରି କାରସାଦି କରୁଥିଲେ, ଅଥଚ ଡ଼ାଇରେକ୍ଟର-ସଭ୍ୟମାନଙ୍କ ସହ ସେମାନଙ୍କର ସଲାସୂତ୍ରରା ଥିବାରୁ ଦୁର୍ନୀତି ବଜାୟ ରହୁଥିଲା । ଏହିପରି ସୋସାଇଟି ଦିନକୁ ଦିନ ଅବନ୍ନତି କରି ଚାଲିଲା ।

କେନ୍ଦ୍ରାପଡା ଭୂ-ଉନ୍ନୟନ ବ୍ୟାଙ୍କର ଡ଼ାଇରେକ୍ଟର ପଦବୀରେ

କେନ୍ଦ୍ରାପଡା ଭୂ-ଉନ୍ନୟନ ବ୍ୟାଙ୍କରେ ମୁଁ ୬ବର୍ଷ ଧରି ଡ଼ାଇରେକ୍ଟର ପଦରେ ରହିଲି । ନିୟମ ଅନୁଯାୟୀ ୬ ବର୍ଷରୁ ଅଧିକ ବା ଦୁଇରୁ ଅଧିକ ଥର ଜଣେ ବ୍ୟକ୍ତି ଡ଼ାଇରେକ୍ଟର ସଭ୍ୟପଦରେ ରହିପାରିବେ ନାହିଁ । ଏହାର ଅନୁଭୂତି ମଧ୍ୟ ଉଲ୍ଲେଖନୀୟ । କେନ୍ଦ୍ରାପଡ଼ା ସବ୍‌ଡ଼ିଭିଜନ୍ ସ୍ତରରେ ଏକ ଭୂ-ଉନ୍ନୟନ ବ୍ୟାଙ୍କ୍ କେନ୍ଦ୍ରାପଡ଼ା ଠାରେ ଆରମ୍ଭ କରାଯାଇଥିଲା । ଏହାର ମୂଳ ଉଦ୍ଦେଶ୍ୟ ଥିଲା, ଚାଷବାସର ଉନ୍ନତି ପାଇଁ ଋଣ କରିବା ସକାଶେ ଆଗ୍ରହୀ ଚାଷୀମାନଙ୍କୁ ସାହାଯ୍ୟ କରିବା । ଦେଖାଯାଇଥାଏ, ଜଣେ ସାଧାରଣ ଚାଷୀ ନିଜର ଚାଷବାସ ପାଇଁ ବା ଅଭାବ ଅସୁବିଧାରେ ପଡି ଅନ୍ୟ କାରଣ ପାଇଁ ଗାଁ ମହାଜନ ଠାରୁ ଚଢା ସୁଧହାର (ବାର୍ଷିକ ପ୍ରାୟ ଶତକଡା ୬୦)ରେ ଜମି ବନ୍ଧକ ଦେଇ ଋଣ କରିଥାଏ । ଭଲ ଫସଲ ଅମଳ ହେଲେବି ଚାଷୀର କିଛି ଲାଭ ହୁଏନା, କାରଣ ଅତିରିକ୍ତ ସୁଧ ସହିତ ମୂଳ ପାଉଣା କଲା ପରେ ତା' ପାଖରେ କିଛି ବଞ୍ଚି ରହେନା ଏବଂ ଯଦି କୌଣସି କାରଣରୁ ସେ ମହାଜନକୁ ଋଣ ପରିଶୋଧ କରି ନପାରେ ତେବେ ସେ ବନ୍ଧକ ରଖିଥିବା ଜମି ତା' ହାତରୁ ମହାଜନ

Digitized by srujanika@gmail.com

ହାତକୁ ଚାଲିଯାଏ। ଏହି ପରିପ୍ରେକ୍ଷୀରେ ଭୂବନ୍ଧକ ବ୍ୟାଙ୍କ୍ ଗଢା ହୋଇଥିଲା ଋଣ ଆଶାୟୀ ଚାଷୀକୁ ସାହାଯ୍ୟ କରିବା ସକାଶେ, ଯାହା ଫଳରେ ବାର୍ଷିକ ମାତ୍ର ଶତକଡା ୧୨ ସୁଧରେ ଜଣେ ଚାଷୀ ଜମିବନ୍ଧକ ବଦଳରେ ଏହି ବ୍ୟାଙ୍କରୁ ଋଣ ନେଇ ନିଜର ଚାଷବାସର ଉନ୍ନତି କରିପାରିବ । ଧରି ନିଆଯାଉ, ଜଣେ ଚାଷୀ ଭୂ-ବନ୍ଧକ ବ୍ୟାଙ୍କରୁ ୧୦ହଜାର ଟଙ୍କାର ଲୋନ୍ ନେଲା । ୧୦ବର୍ଷରେ ସୁଧମୂଳ ମିଶି ଯେତିକି ଟଙ୍କା ତା'ର ଫେରାଇବା କଥା, ତାକୁ ସମାନ ୧୦ଭାଗରେ ବିଭକ୍ତ କରିଦିଆଯାଏ ଏବଂ ପ୍ରତିବର୍ଷ ସେ ଗୋଟିଏ ଲେଖା କିସ୍ତି ଫେରାଇବ । ଭୂ-ଉନ୍ନୟନ ବ୍ୟାଙ୍କର ଏହି ଭୂମିକାକୁ ସମ୍ପାଦନ କରିବା ପାଇଁ ୮/୧୦ ଜଣ ସୁପର୍‌ଭାଇଜର୍ ନିଯୁକ୍ତ ହୋଇଥାନ୍ତି, ଯାହାଙ୍କର କାମ ଥିଲା ଋଣ ଆଶାୟୀ ଚାଷୀମାନଙ୍କ ବନ୍ଧକ କାଗଜ ଠିକ୍ ଅଛି କି ନା ଓ ପ୍ରକୃତରେ ଚାଷ ପାଇଁ ସଂପୃକ୍ତ ଋଣକୁ ଲଗାଣ କରାଯାଉଛି କି ନା, ସେସବୁ ବିଷୟକୁ ଯାଞ୍ଚ କରିବା ଓ ଏ ସଂକ୍ରାନ୍ତରେ ଚାଷୀଙ୍କୁ ସହାୟତା କରିବା । ପ୍ରତି ସୁପର୍‌ଭାଇଜର୍‌ଙ୍କୁ ଅଞ୍ଚଳ ବାଣ୍ଟି ଦିଆଯାଇଥାଏ ଏବଂ ସେମାନଙ୍କୁ ତଦାରଖ କରିବା ପାଇଁ ବ୍ୟାଙ୍କର ବୋର୍ଡ ପ୍ରେସିଡେଣ୍ଟ ଓ ସେକ୍ରେଟାରୀ ଥାନ୍ତି । କିନ୍ତୁ ଯଦି ଜଣେ ଚାଷୀ ବ୍ୟାଙ୍କରୁ ଋଣ ନେଇ ତାକୁ ଚାଷ ବଦଳରେ ଝିଅ ବାହାଘର ଇତ୍ୟାଦି କାମରେ ଖର୍ଚ୍ଚ କରିଦିଏ ତେବେ ସେ ଋଣ ଶୁଝି ପାରିବନାହିଁ ଏବଂ ସେ ବନ୍ଧକ ରଖିଥିବା ଜମିକୁ ବ୍ୟାଙ୍କ୍ ନେଇଯିବ । ଶେଷରେ ଚାଷୀ ମହରଗରୁ ଯାଇଁ କାନ୍ତାରେର ପଡିବ । ବ୍ୟାଙ୍କରେ ମୋର ୬ ବର୍ଷର କାର୍ଯ୍ୟକାଳ ଭିତରେ ଅନୁଭତି ହେଲା ଯେ, ଚାଷୀଙ୍କର ଉନ୍ନତି ଦୂରେ ଥାଉ, କେବଳ କର୍ମଚାରୀମାନଙ୍କର ଓ ଡାଇରେକ୍ଟର ମାନଙ୍କ ପାଇଁ କିଛି ସୁବିଧା ସୁଯୋଗ କରାଇଦେବା ତଥା ଲୋନ୍ ଚାହୁଁଥିବା ଚାଷୀମାନଙ୍କୁ ଲୋନ୍ କରାଇଦେଇ ସେମାନଙ୍କୁ କଂଗ୍ରେସ୍‌ର ଭୋଟ୍ କାମରେ ଲଗାଇବା ହୋଇଗଲା ବ୍ୟାଙ୍କର ମୂଳ ଲକ୍ଷ୍ୟ । ପୁଣି ବ୍ୟାଙ୍କର କର୍ମଚାରୀମାନେ ଋଣ ଆବେଦନକାରୀ ଚାଷୀମାନଙ୍କୁ ବାରମ୍ବାର ଦଉଡ଼େଇ ଓ ହଇରାଣ ହରକତ୍ କଲାପରେ ଲୋନ୍ ମିଳୁଥିଲା । ଜଣେ ଚାଷୀ ଯେତେଥର ବ୍ୟାଙ୍କକୁ ଦଉଡୁଥିଲା, ସେସବୁକୁ ଯଦି ହିସାବକୁ ନିଆଯାଏ, ତେବେ ଗାଁ ମହାଜନଠାରୁ ଲୋନ୍ କରିବା ସମସ୍ୟାଠାରୁ ତାହା ବଳି ପଡୁଥିଲା । ପୁଣି ସୁପରଭାଇଜର୍‌ମାନେ ଲୋକଙ୍କ ଠାରୁ ଟଙ୍କା ପଇସା କିଳାପୋଡେଇ ନେଉଥିଲେ । ମୋ ଅଞ୍ଚଳ ଦାହିତ୍ୱରେ ଥିବା ସୁପରଭାଇଜର୍ ଏହିପରି ଲୋକଙ୍କ ଠାରୁ ହାତଗୁଞ୍ଜା ନେଉଥିବା କଥା ମୋ କାନକୁ ଆସିଲା । ମୁଁ ଏକଥା ବୋର୍ଡ଼ରେ ପକାଇଲି, ଯାହା ଫଳରେ ତାକୁ ସସ୍‌ପେଣ୍ଡ କରିବା ପର୍ଯ୍ୟନ୍ତ କଥା ଗଲା । କିନ୍ତୁ ସେ ଶେଷରେ ବୋର୍ଡ଼ ସମ୍ମୁଖରେ କ୍ଷମାପ୍ରାର୍ଥନା ଓ ଭବିଷ୍ୟତରେ ଏପରି କାର୍ଯ୍ୟ କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଲାରୁ ତାକୁ କ୍ଷମା ଦିଆଯାଇ ଚାକିରୀରେ ରଖାଗଲା ଓ ଭବିଷ୍ୟତରେ ଏପରି କରିବ ନାହିଁ ବୋଲି ସାବଧାନ କରାଇ ଦିଆଗଲା । ଏହି ଘଟଣା ପରେ ମୁଁ ଭୂ-ଉନ୍ନୟନ ବ୍ୟାଙ୍କରୁ ଭଗ୍ନ ମନୋରଥ ହୋଇ ସେଥିରୁ ପୂରା ବିଦାୟ ନେଲି । ମୁଁ ଜାଣିଲି, ଦେଶର ଯେ କୌଣସି ସର୍ବସାଧାରଣ ସଂସ୍ଥା ଲୋକଙ୍କ ନାଁରେ ଗଢାଯାଉଛି, ତାହା ପ୍ରକୃତରେ ଲୋକଙ୍କ ପାଇଁ କାମ ନକରି ନିଜର କର୍ମକର୍ତ୍ତା ଓ କର୍ମଚାରୀ ମାନଙ୍କର କିପରି

Digitized by srujanika@gmail.com

କ୍ଷମତା ଓ ଅର୍ଥ ବୃଦ୍ଧି ହେବ, ସେଥିପାଇଁ କାମ କରୁଛି । ଏସବୁ ସଂସ୍ଥାର ପୁରୋଭାଗରେ ଥିବା କଂଗ୍ରେସୀ ନେତାମାନେ ମଧ୍ୟ ଠିକ୍ ଏହି ଢ଼ାଞ୍ଚାରେ କାର୍ଯ୍ୟ କରୁଥିଲେ । ଏହି ଅବ୍ୟବସ୍ଥାର ସଂପୂର୍ଣ୍ଣ ପରିବର୍ତ୍ତନ ଦରକାର ।

ଭୂମିହୀନ ବେକାର ସର୍ବହରା ସଂଘ

ମୁଁ ପରବର୍ତ୍ତୀ ଅବସ୍ଥାରେ ଉତ୍କଳ କଂଗ୍ରେସ୍‌ରେ ପହଲିବାବୁଙ୍କ ସହିତ ମିଶି କାମ କରୁଥିବା ବେଳେ ଆଉ ଏକ ସଂସ୍ଥା ସହିତ ଘନିଷ୍ଠ ଭାବେ ଜଡିତ ହୋଇଥିଲି, ଯାହା ସମ୍ବନ୍ଧରେ ବର୍ତ୍ତମାନ ଏକ ସଂକ୍ଷିପ୍ତ ସୂଚନା ଦେବା ସମୀଚୀନ ମନେ କରୁଚି । ସେ ସଂସ୍ଥାର ନାମ ଥିଲା, ଭୂମିହୀନ ବେକାର ସର୍ବହରା ସଂଘ । ଏହା ତରଫରୁ ଯେତେ ଯାହା କାର୍ଯ୍ୟ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ସେଥିମଧ୍ୟରୁ ମାତ୍ର ଦୁଇଟି ସ୍ୱଳ୍ପ ଭାବେ କାର୍ଯ୍ୟକାରୀ ହୋଇଥିଲା । ପ୍ରଥମତଃ ଆମେ ବିଭିନ୍ନ ସ୍ୱଚ୍ଛଳ ଲୋକଙ୍କ ଠାରୁ ପ୍ରାୟ ୧୦ହଜାର ଟଙ୍କା ଚାନ୍ଦା ଆଦାୟ କରି ସେଥିରେ ଖୁବ୍ କମ୍ ରେଟ୍, ଅର୍ଥାତ୍ ଏକରକୁ ମାତ୍ର ହଜାର ଟଙ୍କା ଦେଇ ୧୦ ଏକର ଜମି କିଣିଲୁ ଓ ୧୦ ଜଣ ଭୂମିହୀନ ଗରିବ ଲୋକଙ୍କୁ, ଜଣକୁ ଏକ ଏକର ହିସାବରେ ବାଣ୍ଟି ଦେଲୁ । ସେମାନଙ୍କୁ ବର୍ଷକ ପାଇଁ ଚାଷ ଖର୍ଚ୍ଚ ମଧ୍ୟ ଦେଲୁ । ଉଦ୍ଦେଶ୍ୟ ଥିଲା, ସେମାନେ ଏହି ଜମିକୁ ନିଜେ ଚାଷ କରି ଏକ ସ୍ଥାୟୀ ଜୀବିକା ଅବଲମ୍ବନ କରିପାରିବେ । କିନ୍ତୁ ଦେଖାଗଲା, ଜମିର ପ୍ରକୃତ ମୂଲ୍ୟ ବଢ଼ିଯିବାରୁ କେତେକ ବ୍ୟକ୍ତି ସେ ଜମିକୁ ବିକ୍ରୀ କରି ବିକ୍ରୀ-ଲବ୍ଧ ପଇସାରେ ଘରଖର୍ଚ୍ଚ ଚଳାଇଲେ । ଦ୍ୱିତୀୟତଃ ପହଲି ବାବୁ ମନ୍ତ୍ରୀ ହେବା ପରେ ଆମର ସେହି ସଂଘର କେତେକ କର୍ମୀଙ୍କୁ ଅବଶ୍ୟ ଚାକିରୀ ଦଆଇଥିଲୁ । ଗଙ୍ଗାଧର ସାହୁ ଏହି ସଂଘର ସେକ୍ରେଟାରୀ ଥିଲେ କିନ୍ତୁ କିଛି କାର୍ଯ୍ୟ କରୁନଥିଲେ । କିଛିବର୍ଷ ଘୁଷୁରି ଘୁଷୁରି ଚାଲିବା ପରେ ଏହି ଅନୁଷ୍ଠାନର ଆପେ ବିଲୟ ଘଟିଥିଲା ।

ଆଗପଛ କରି ଉକ୍ତ ସର୍ବସାଧାରଣ ସଂସ୍ଥା (ଲେବର୍ କଣ୍ଟ୍ରାକ୍ଟ କୋଅପରେଟିଭ୍ ସୋସାଇଟି, ଝୋଟ ସମବାୟ ସମିତି ଓ ଭୂ-ଉନ୍ନୟନ ବ୍ୟାଙ୍କ)ରୁ ତିକ୍ତ ଅନୁଭୂତି ସହ ବିଦାୟ ନେଲି ଓ ଏହିସବୁ ସଂସ୍ଥାରୁ ମୁକ୍ତି ପାଇଥିବାରୁ ମୋତେ ମଧ୍ୟ ଅଶେଷ ଆନନ୍ଦ ମିଳିଲା । ଆଗରୁ କହିଛି, ସର୍ବୋଦୟ ଆନ୍ଦୋଳନ ପୁରାପୁରି ଧିମେଇ ଯାଇଥିବାରୁ ସେ ଦିଗରେ ମୋର ଭୂମିକା ନିଷ୍କ୍ରୀୟ ହୋଇ ପଡିଥିଲା କହିଲେ ଚଳେ; କେବଳ ମଝିରେ ମଝିରେ ରମାଦେବୀ କି ମନମୋହନ ଚୌଧୁରୀଙ୍କ ଠାରୁ ଖବର ଆସିଲେ, ତାଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲି । ପୂର୍ଣ୍ଣପ୍ରାଣରେ ଚାଷବାସରେ ମନଯୋଗ ଦେବା ସହିତ ପିଲାଦୁହିଁଙ୍କୁ ଭବିଷ୍ୟତରେ ଭଲ ମଣିଷ କରିବା ପାଇଁ ସ୍ଥିର ସଂକଳ୍ପ କଲି । ଉପରୋକ୍ତ ସୋସାଇଟି ଗୁଡିକୁ ଛାଡ଼ିବା ପରେ ତିନୋଟି ଲକ୍ଷ୍ୟ ନେଇ ଆଗେଇବି ବୋଲି ସ୍ଥିର କଲି । ୧-ପହଲିବାବୁଙ୍କ ସଙ୍ଗରେ କଂଗ୍ରେସ କାର୍ଯ୍ୟ ରୀତିମତ କରି ସର୍ବସାଧାରଣଙ୍କର କିଛି ଉପକାର କରିବି; ୨-ପିଲା ଦୁଇଜଣଙ୍କର ପାଠପଢ଼ାରେ ଯେପରି ତ୍ରୁଟି ନଘଟେ ସେଥିପାଇଁ ମନୋନିବେଶ କରିବି; ଓ ୩- ଘରର ଚାଷ ଓ ଗାଁର ସମସ୍ୟା ବୁଝାସୁଝା କରିବି । ସେତେବେଳେ ଶୈଳ ଓ ଚିତ୍ତ ଦୁହେଁ କଲେଜରେ

Digitized by srujanika@gmail.com

ପଢୁଥାନ୍ତି । ଶୈଳ ଓମେନ୍ସ କଲେଜରେ ବି.ଏ.ପଢୁଥାଏ ଓ ଚିତ୍ତ ରେଭେନ୍ସାରେ ଆଇ.ଏ. ପଢୁଥାଏ । ପରବର୍ତ୍ତୀ ପର୍ଯ୍ୟାୟରେ ମୁଁ ସୂଚାଇବି, କିପରି ଶେଷରେ କଂଗ୍ରେସରୁ ମଧ୍ୟ ମୁକ୍ତ ହୋଇ କେବଳ ଚାଷବାସ. ପିଲାଙ୍କ ପାଠପଢା ଓ ଗାଁର ଉନ୍ନତି ପିଛା ସମୟ ଦେଲି ।

ସରପଞ୍ଚ ନିର୍ବାଚନରେ ପ୍ରାର୍ଥୀ

୧୯୭୦ ମସିହା କଥା । ସେତେବେଳେ ଦଣିପୁର ଦୁମୁକା ଗ୍ରାମ ପଞ୍ଚାୟତ ଅଧୀନରେ ଥିଲା । ସରପଞ୍ଚ ନିର୍ବାଚନ ହେବ ବୋଲି ଘୋଷଣା ହେଲା । ମୋତେ ଦୁମୁକା ଗ୍ରାମ ପଞ୍ଚାୟତର କେତେକ ଲୋକ ସରପଞ୍ଚ ପଦରେ ଠିଆ ହେବାକୁ କହିଲେ । ମୁଁ ସମସ୍ତଙ୍କୁ ମନା କରୁଥିଲି, କାରଣ ମୁଁ ଜାଣିଥିଲି, କୌଣସି ନିର୍ବାଚନରେ ପ୍ରଚାର ପାଇଁ ଟଙ୍କା ଖର୍ଚ୍ଚ ନ କଲେ ଓ ଭୋଟ୍ ବେଳେ ଲୋକଙ୍କୁ ଟଙ୍କା ନଦେଲେ ଜଣେ ପ୍ରାର୍ଥୀ ଜିତି ପାରିବ ନାହିଁ । ଏ ବିଷୟରେ ମୋର ବହୁ କାଳର ଅଭିଜ୍ଞତା ଅଛି । ଜଣେ ପ୍ରାର୍ଥୀ ଯେଉଁ ଟଙ୍କା ନିର୍ବାଚନରେ ଖର୍ଚ୍ଚ କରେ ଭୋଟ୍ ପାଇ କ୍ଷମତା ଦଖଲ କରିବା ପରେ ସେ ତାହାର ହଜାର ଗୁଣ ଟଙ୍କା ରୋଜଗାର କରିନିଅନ୍ତି । ଅନ୍ୟ ପଟରେ ଲୋକଙ୍କର କୌଣସି ଉପକାର ହୋଇପାରେ ନାହିଁ । ମୁଁ ଏସବୁ କଥା ଜାଣିଥିବାରୁ କୌଣସି ଭୋଟ୍‌ରେ ଠିଆ ହେବା ଏବଂ ଲୋକଙ୍କୁ ପଇସା ଦେଇ ସେମାନଙ୍କର ଭୋଟ୍ କିଣିବାକୁ ଧୃଷ୍ଟତା ବୋଲି ମନେ କରୁଥିଲି । ତେଣୁ ବାହାର ଗ୍ରାମର ଲୋକେ ମୁଁ ନିଜେ ସରପଞ୍ଚ ପ୍ରାର୍ଥୀ ହେବା ପାଇଁ ଦେଇଥିବା ପ୍ରସ୍ତାବକୁ ରୋକ୍‌ଠୋକ୍ ମନା କରିଦେଲି । କିନ୍ତୁ ଆମ ଗ୍ରାମର ମାମଲତ୍‌କାରମାନେ ନିଜ ଭିତରେ ପରାମର୍ଶ କରି ମୋତେ ସରପଞ୍ଚ ପଦବୀରେ ଠିଆ ହେବା ପାଇଁ ପ୍ରବର୍ତ୍ତାଇଲେ । ମୁଁ କହିଲି, ଯଦି ଆମ ଗ୍ରାମର ସମସ୍ତ ଭୋଟ୍ ମିଳିବ, ତେବେ ମୁଁ ପ୍ରାର୍ଥୀ ହୋଇପାରେ । ଗ୍ରାମର ସବୁ ଲୋକ ବସି ସ୍ଥିର କଲେ ସେମାନେ ମୋତେ ଭୋଟ୍ ଦେବେ । କିନ୍ତୁ ମୁଁ ଜାଣିଛି, ଆମ ଗ୍ରାମବାସୀମାନେ ସମସ୍ତେ ଭୋଟ୍ ଦେବେ ବୋଲି ସିନା ସ୍ଥିର କଲେ, କିନ୍ତୁ ଆମ ଗ୍ରାମ ଭଳି ଅନ୍ୟ ଗ୍ରାମର ପରିସ୍ଥିତି ନୁହେଁ, ସେ ସବୁ ଗ୍ରାମକୁ ଯାଇ ଆମ ଗାଁର ଲୋକେ ଯଦି ପ୍ରଚାର କରିବେ ତେବେ କିଛି ସୁଫଳ ମିଳିପାରେ । ମୁଁ ପୁଣି ଚିନ୍ତା କଲି, ପଞ୍ଚାୟତର ଗାଁଗୁଡ଼ିକ ପାଖାପାଖି ଥିବାରୁ ଯେଉଁ କର୍ମୀ ମାନେ ମୋ ପାଇଁ ପ୍ରଚାର କାର୍ଯ୍ୟରେ ଜମେଇ ହେବେ, ସେମାନେ ପ୍ରତିଦିନ ଆମ ଘରୁ ଖାଇ ଅନ୍ୟ ଗାଁ ମାନଙ୍କୁ ଯାଇ ପ୍ରଚାର କରିପାରିବେ । ଏଥିପାଇଁ ବିଶେଷ ପଇସା ଖର୍ଚ୍ଚ ହେବାର ନାହିଁ । ତେଣୁ ମୁଁ ପ୍ରାର୍ଥୀ ହେବାକୁ ନିଷ୍ପତ୍ତି ନେଲି । ମୋର ଯାହା ମନେ ପଡୁଛି, ମୁଁ କେବଳ ପୋଷ୍ଟର ଛପାଇବା ବାବଦ ୧୪ ଟଙ୍କା ଖର୍ଚ୍ଚ କରିଥିଲି । ଆମ ଗ୍ରାମରୁ ଯେଉଁମାନେ ପ୍ରଚାର କରିବା ପାଇଁ ଯାଉଥିଲେ ସେମାନଙ୍କର ଖାଇବା ବନ୍ଦୋବସ୍ତ ଆମ ଘରେ କରାଯାଇଥିଲା । ଆମ ପଞ୍ଚାୟତର ଦୁମୁକା, ପଳାସପୁର ଓ ଗିରଙ୍ଗ ଗାଁର ହରିଜନମାନେ ଆଗରୁ ମୋର ସଂସ୍କାର କାର୍ଯ୍ୟ ବିଷୟରେ ଜାଣିଥିଲେ, କିନ୍ତୁ ସେମାନେ ଭାବିଥିଲେ ଆଗଭୁରା ମୋ ଠାରୁ ଟଙ୍କା ନେଇ ମୋତେ ଭୋଟ୍ ଦେବେ । କିନ୍ତୁ ମୁଁ ସେମାନଙ୍କୁ ବାରମ୍ବାର କହୁଥିଲି, ଭାଇମାନେ, ତୁମେ ଭୋଟ୍ ପୂର୍ବରୁ ପଇସା ନେଇ କାହାକୁ ଭୋଟ୍ ଦେବା ପାଇଁ ମନ ବଳାଅ

Digitized by srujanika@gmail.com

ନାହିଁ । ମୁଁ ତୁମର କାମ କରିବି ବୋଲି ଯଦି ବିଶ୍ୱାସ ଥାଏ, ତେବେ ମୋଠାରୁ ବର୍ତ୍ତମାନ କୌଣସି ଟଙ୍କା ନନେଇ ମୋତେ ଭୋଟ୍ ଦିଅ । ନଚେତ୍ ମୁଁ ପଇସା ବଦଳରେ ଭୋଟ୍ କିଣି ସରପଞ୍ଚ ହେବାକୁ ଚାହେଁ ନାହିଁ । ଏହିପରି ମୁଁ ସେମାନଙ୍କୁ ସିଧା କଥା ଶୁଣାଇ ଦେଲି । ପ୍ରତ୍ୟେକ ଗ୍ରାମର ପ୍ରତି ଘରକୁ ମୁଁ ପ୍ରଚାର କରିବାକୁ ଯାଇଛି । ଆମ ପଞ୍ଚାୟତରୁ ଆମେ ୩ ଜଣ ପ୍ରାର୍ଥୀ ଠିଆ ହୋଇଥିଲୁ । ଦୁମୁକାର ତ୍ରୈଲୋକ୍ୟ ବେହେରା, ଗିରଙ୍ଗର ମଦନ ଅଧିକାରୀ ଓ ଦଶାପୁରରୁ ମୁଁ । ତ୍ରୈଲୋକ୍ୟ ବେହେରା ଓ ମୁଁ ହାରିଗଲୁ ଏବଂ ମଦନ ଅଧିକାରୀ ଜିଣିଲେ । କିନ୍ତୁ ମୋ ପାଇଁ ଏବଂ ଆମ ଗ୍ରାମ ପାଇଁ ଗୌରବର କଥା, ଆମ ଗ୍ରାମର ପ୍ରାୟ ସବୁ ଲୋକ ମୋତେ ଭୋଟ୍ ଦେଇଥିଲେ । ଆମ ଗ୍ରାମର ମୋଟ୍ ୫୦୦ ଭୋଟର୍‌ଙ୍କ ମଧ୍ୟରୁ କେବଳ ୧୪ଜଣ ଅନ୍ୟଆଡ଼େ ଭୋଟ୍ ଦେଇଥିଲେ । ଭୋଟ୍ ଫଳାଫଳକୁ ନେଇ ମୋ ମନଭିତରେ କୌଣସି ଅନୁଶୋଚନା ନଥିଲା । ଭୋଟ୍ କାର୍ଯ୍ୟ ସରିବା ପରେ ମୁଁ ଅନ୍ୟସବୁ ବିଷୟରେ ମୁଣ୍ଡ ଦେଲି ।

ଉତ୍କଳ କଂଗ୍ରେସ ପାଇଁ କାମ

୧୯୬୭ରେ ସାରା ଭାରତର ବିଭିନ୍ନ ପ୍ରଦେଶ ଭଳି ଓଡିଶାରେ ମଧ୍ୟ କଂଗ୍ରେସର ଶୋଚନୀୟ ପରାଜୟ ଘଟିଲା; ବିଜୁ ପଟ୍ଟନାୟକ ନିଜେ ବିଧାନସଭା ନିର୍ବାଚନରେ ଠିଆ ହୋଇ ୬ଟି ନିର୍ବାଚନ ମଣ୍ଡଳୀରୁ ହାରିଥାନ୍ତି । ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ସ୍ୱତନ୍ତ୍ର-ଜନକଂଗ୍ରେସ ମନ୍ତ୍ରୀମଣ୍ଡଳ ଓଡିଶାରେ ସରକାର ଚାଳାଇଲେ । ସେମାନେ ବିଜୁ-ବୀରେନ ମନ୍ତ୍ରୀମଣ୍ଡଳର ଦୁର୍ନୀତି ସମ୍ବନ୍ଧରେ ଖାନ୍ନା କମିଶନ୍ ବସାଇଲେ, କିନ୍ତୁ କମିଶନ୍ ବିଜୁ ପଟ୍ଟନାୟକଙ୍କର କେତେକ ପ୍ରଶାସନିକ ଅସଂଗତି ଦର୍ଶାଇଥିଲେ ହେଁ ନିଜ ସ୍ୱାର୍ଥ ପାଇଁ ଦୁର୍ନୀତି କରିନାହାନ୍ତି ବୋଲି ରିପୋର୍ଟ ଦେଇଥିଲେ । ସର୍ବଭାରତୀୟ ସ୍ତରରେ ୧୯୬୯ରେ ଆନୁଷ୍ଠାନିକ ଭାବେ କଂଗ୍ରେସ ଇନ୍ଦିରା ଗାନ୍ଧିଙ୍କ ନେତୃତ୍ୱରେ ପରିଚାଳିତ ଶାସକ କଂଗ୍ରେସ ଓ ପୁରୁଖା ନେତାମାନଙ୍କୁ ନେଇ ଗଠିତ ସଂଗଠନ କଂଗ୍ରେସରେ ବିଭାଜିତ ହୋଇଥାଏ । ବିଜୁ ବାବୁ ଓ ପହଲି ବାବୁ ଇତ୍ୟାଦିଙ୍କ ସହିତ ମୁଁ ପ୍ରଥମେ ସଂଗଠନ କଂଗ୍ରେସରେ ରହିଲି । ଏହି ବିଭାଜନ ବେଳେ ଉଭୟ କଂଗ୍ରେସ୍ ଗୋଷ୍ଠୀ ତରଫରୁ ଅଲଗା ଅଲଗା ସର୍ବଭାରତୀୟ ସମ୍ମିଳନୀ ଦିଲ୍ଲୀରେ ୧୯୬୯ରେ ଅନୁଷ୍ଠିତ ହୋଇଥାଏ । ମୋତେ ଏଥିରେ ଯୋଗ ଦେବା ପାଇଁ ସଂଗଠନ କଂଗ୍ରେସ୍ ତରଫରୁ ଡକରା ଆସିଥାଏ । ମୁଁ କିନ୍ତୁ ନଯାଇ ଚିଠିକୁ ସେଠାକୁ ପହଲି ବାବୁ ହେରିକାଙ୍କ ସହ ପଠାଇଥିଲି । କିନ୍ତୁ ୧୯୭୦ରେ ବିଜୁବାବୁ କଂଗ୍ରେସ ସହ ସଂପର୍କ ପୁରାପୁରି ଛିନ୍ନ କରି ପହଲି ବାବୁ ଇତ୍ୟାଦି ସହକର୍ମୀଙ୍କୁ ନେଇ ଉତ୍କଳ କଂଗ୍ରେସ ନାମକ ଏକ ପ୍ରାଦେଶିକ ଦଳ ଗଢିଲେ । ମୁଁ ପହଲି ବାବୁଙ୍କ ସହକର୍ମୀ ରୂପେ ଉତ୍କଳ କଂଗ୍ରେସ୍ ପାଇଁ କାମ କଲି । ୫ବର୍ଷ ନପୁରୁଣୁ ସ୍ୱତନ୍ତ୍ର-ଜନକଂଗ୍ରେସ ମନ୍ତ୍ରୀମଣ୍ଡଳ ଭାଙ୍ଗିଗଲା, ତେଣୁ ପୁଣି ୧୯୭୧ରେ ବିଧାନସଭା ନିର୍ବାଚନ ହେଲା । ଏହି ନିର୍ବାଚନରେ ରାଜ୍ୟରେ କୌଣସି ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିନଥିଲା । ସ୍ୱତନ୍ତ୍ର ଓ ଉତ୍କଳ କଂଗ୍ରେସ ଉଭୟ ମିଶି 'ପ୍ରଗତି ଦଳ' ନାଁରେ ଏକ ମେଣ୍ଟ ସରକାର ଗଢିଲେ, ଯାହାର ମୁଖ୍ୟମନ୍ତ୍ରୀ ରହିଲେ ବିଶ୍ୱନାଥ ଦାସ । ସେହି ସମୟରେ ପହଲି ବାବୁ ରାଜ୍ୟ ସରକାରଙ୍କର କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ

Digitized by srujanika@gmail.com

ଓ ମୁଁ ଆମ ଅଞ୍ଚଳ ପାଇଁ ତାଙ୍କର ମୁଖ୍ୟ ସହକର୍ମୀ ଥିଲି । ଉତ୍କଳ କଂଗେସରେ ରହି କାମ କରିବା ପଛରେ ମୋର ମୂଳ ଉଦ୍ଦେଶ୍ୟ ଥିଲା, ସରକାରଙ୍କ ସହ ସଂପର୍କକୁ ଉପଯୋଗ କରି ଆମ ଅଞ୍ଚଳର କିଛି ଲୋକଙ୍କୁ ନିଯୁକ୍ତି, ଋଣ ଓ ଅନ୍ୟାନ୍ୟ ବ୍ୟକ୍ତିଗତ ସାହାଯ୍ୟ ତଥା କିଛି ଗ୍ରାମରେ ସ୍କୁଲ ଓ ଅନ୍ୟାନ୍ୟ ସର୍ବସାଧାରଣ ଅନୁଷ୍ଠାନ ଗଢ଼ି ତୋଳିବାରେ ସହାୟତା କରିବା ।

୧୯୭୧ ନିର୍ବାଚନରେ ପ୍ରହ୍ଲାଦ ମଲ୍ଲିକ ମୋ ଭରସାରେ ୨ଟି ନିର୍ବାଚନ ମଣ୍ଡଳୀ, ରାଜନଗର ଓ ପଟ୍ଟାମୁଣ୍ଡାଇ ପାଇଁ ମନୋନୟନ ପତ୍ର ଦାଖଲ କଲେ । ଆମ ଗାଁ ସେତେବେଳେ ରାଜନଗର ନିର୍ବାଚନ ମଣ୍ଡଳୀ ଭିତରେ ଥିଲା । ଏହାର ପୁରା ଦାୟିତ୍ୱ ମୋ ଉପରେ ରହିଲା । ଶିଳିପୁରରେ ଘରଭଡ଼ା ସୂତ୍ରରେ ଏକ ନିର୍ବାଚନ ଅଫିସ୍ ଖୋଲିଲା । ମୋ ଦାୟିତ୍ୱରେ ଏକ ଜିପ୍ ମଧ୍ୟ ଦିଆଗଲା । ଉଭୟ ଅଞ୍ଚଳରେ ଆଗରୁ ମୋର ଲୋକସଂପର୍କ ଭଲ ଥିବାରୁ କର୍ମୀମାନଙ୍କୁ ନେଇ ପ୍ରଚାର କାର୍ଯ୍ୟ ବେଶ୍ ଦ୍ରୁତ ଗତିରେ ଚାଲୁଥିଲା । ଏହାର ଫଳସ୍ୱରୂପ, ପହଲି ବାବୁ ଦୁଇଟି ନିର୍ବାଚନ ମଣ୍ଡଳୀରୁ ଜିତିଗଲେ । କିନ୍ତୁ ବିଜୁ ପଟ୍ଟନାୟକ ନିର୍ବାଚନରେ ହାରିଯାଇଥିବାରୁ ପହଲି ବାବୁ ରାଜନଗର ଆସନକୁ ତାଙ୍କ ପାଇଁ ଛାଡ଼ିଦେଲେ, ସେ ସେହି ଆସନରେ ଉପ-ନିର୍ବାଚନରେ ଲଢ଼ି ଜିତି ଆସିବେ ବୋଲି । ତେଣୁ କିଛି ମାସ ପରେ ପୁଣି ଆମକୁ ବିଜୁ ପଟ୍ଟନାୟକଙ୍କ ଭୋଟ୍ ପ୍ରଚାର କରିବାକୁ ପଡ଼ିଲା । ଉପ-ନିର୍ବାଚନ ପାଇଁ ପ୍ରଚାର-କାର୍ଯ୍ୟ ଚାଲୁଥିବା ବେଳେ ଏକ ବଡ଼ ଧରଣର କର୍ମୀ ସମ୍ମିଳନୀ ଡକାଯାଇଥିଲା, ଯେଉଁଥିରେ ବିଜୁ ବାବୁ ଉପସ୍ଥିତ ରହି ରାଜ୍ୟର ଦ୍ରୁତ ଶିଳ୍ପାୟନ କରାଯିବା ସହିତ ଆମ ଅଞ୍ଚଳର ବେକାର ଯୁବକମାନଙ୍କୁ କର୍ମନିଯୁକ୍ତିର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଉପ-ନିର୍ବାଚନରେ ବିଜୁ ବାବୁ ବିପୁଳ ଭୋଟ୍‌ରେ ଜୟଲାଭ କରିଥିଲେ ।

ପ୍ରଥମେ ଜଣ୍ଡିସ୍, ତା ପରେ ପେପ୍‌ଟିକ ଅଲସର୍

ପହଲି ବାବୁଙ୍କ ସହ ମିଶି ଉତ୍କଳ କଂଗ୍ରେସ୍ କାମ କରିବା ଭିତରେ ମୁଁ ପ୍ରଥମେ ଜଣ୍ଡିସ୍ ଓ ତା'ପରେ ପେପ୍‌ଟିକ ଅଲସର୍ (ପେଟ ଘା') ରୋଗରେ ଗୁରୁତର ଭାବେ ପୀଡ଼ିତ ହୋଇଥିଲି । ସେହି ସମୟରେ ମୁଁ ପହଲି ବାବୁଙ୍କ ସହିତ ଓଡ଼ିଶାର ଚାରିଆଡ଼କୁ ଗସ୍ତ କରିଛି, ଓ ବିଭିନ୍ନ ଜାଗାରେ ମୁଁ ଅଭ୍ୟସ୍ତ ନଥିବା ଚା' ଓ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟ ଖାଇବାକୁ ପଡ଼ୁଥିଲା ଏବଂ ଆଉ କେବେ କେବେ ଦୀର୍ଘ ସମୟ ଧରି କିଛି ନଖାଇ ଓପାସରେ ରହିବାକୁ ପଡ଼ୁଥିଲା । ମୁଁ ନିଜେ ମଧ୍ୟ ଜାଣି ପାରୁଥାଏ ଯେ, ମୋ ଦେହ ଖରାପ ଆଡ଼କୁ ଗତି କରିଚାଲିଛି । କିନ୍ତୁ ଏହାସତ୍ତ୍ୱେ ମୁଁ କିଛି ଖାତିର୍ ନକରି ପୂର୍ବବତ୍ ମୋର କାର୍ଯ୍ୟଧାରା ବଜାୟ ରଖିଲି । ଶିଳିପୁର ଅଫିସ୍‌ରେ ରହି ନିର୍ବାଚନ କାମ କରୁଥିବା ବେଳେ ମୋତେ ପ୍ରଥମେ ଜଣ୍ଡିସ୍ (କାମଳ) ଧରିଲା । ପହଲି ବାବୁ ଏହାଶୁଣି ଛାନିଆ ହୋଇ ପଡ଼ିଲେ ଓ କହିଲେ, ଏକଥା ଜାଣିଥିଲେ ମୁଁ କେବଳ ପଟ୍ଟାମୁଣ୍ଡାଇରେ ଠିଆ ହୋଇଥାନ୍ତି । ସେ ମୋତେ ନେଇ ସଙ୍ଗେସଙ୍ଗେ କେନ୍ଦ୍ରାପଡ଼ାରେ ଡାକ୍ତରଙ୍କୁ ଦେଖାଇଲେ । ଡାକ୍ତର କହିଲେ, ବୁଲାବୁଲି ନକରି କେବଳ ଗୋଟିଏ ଜାଗାରେ ରହି ନିର୍ବାଚନ କାମ କରି ପାରିବି ଏବଂ ଜଣ୍ଡିସ୍‌ରୁ ଭଲ ହେବା ପାଇଁ

Digitized by srujanika@gmail.com

ସଂପୂର୍ଣ୍ଣ ବିଶ୍ରାମ ଓ ନିୟମିତ ଓ ଶୃଙ୍ଖଳିତ ଖାଦ୍ୟପେୟ ଦରକାର । ମୋର ମଧ୍ୟ ଜିଦ୍ ଥିଲା, ଜଣ୍ଡିସ୍ ସତ୍ତ୍ୱେ ମୋ ଉପରେ ନ୍ୟସ୍ତ ନିର୍ବାଚନ ଦାୟିତ୍ୱକୁ ଆଗେଇନେବା ପାଇଁ । ସେଇଆ ହିଁ ଠିକ୍ ହେଲା । ମୁଁ ବୁଲାବୁଲି ନକରି ଶିଳିପୁର ଅଫିସ୍‌ରେ ରହି କର୍ମୀମାନଙ୍କ ମାଧ୍ୟମରେ ରାଜନଗରର ନିର୍ବାଚନ ମଣ୍ଡଳୀର ପ୍ରଚାର କାର୍ଯ୍ୟ ବୁଝିଲି । ଜଣ୍ଡିସ୍‌ରୁ ଅରୋଗ୍ୟ ପାଇଁ ମାର୍ଶାଘାଇ ହୋମିଓପାଥି ଡାକ୍ତରଙ୍କ ଠାରୁ ମଧ୍ୟ ଔଷଧ ଖାଉଥିଲି । ଆମଘରୁ ମଝିରେ ମଝିରେ ଶହଶହ ପଇଡ ଆସୁଥିଲା । ଶୈଳ ମଧ୍ୟ ମଝିରେ ମଝିରେ କଟକରୁ ଝୁଡିଏ ଝୁଡିଏ ଲେମ୍ବୁ ଆଣି ଆସୁଥିଲା । ନିର୍ବାଚନ କାମ ସରିଆସୁଥାଏ ଏବଂ ମୋ ଦେହ ମଧ୍ୟ ଭଲ ଆଡକୁ ଗତି କରୁଥାଏ । ଦୁଇଟି ଜାଗାରୁ ପହଲିବାବୁଙ୍କ ଜିତାପଟ ସମ୍ବାଦ ସହିତ ମୋ ଦେହ ମଧ୍ୟ ସଂପୂର୍ଣ୍ଣ ଭଲ ହୋଇଗଲା ।

ଜଣ୍ଡିସ୍ ଭଲ ହୋଇଗଲା ପରେ ପୁଣି ମୁଁ ସର୍ବସାଧାରଣ କାମରେ ଲାଗି ପଡିଲି । ସେତେବେଳେ ଭୂମିହୀନ ବେକାର ସର୍ବହରା ସଂଘର କାର୍ଯ୍ୟ ମଧ୍ୟ ଚାଲୁଥାଏ । ବିଶେଷ କରି ବହୁ ସମୟରେ ଭୋକକୁ ମାରି କାମ କରିବାକୁ ପଡୁଥାଏ ଏବଂ ହୋଟେଲ୍‌ରେ ରାଗମସଲା ଯୁକ୍ତ ଖାଦ୍ୟ ଖାଇବାକୁ ପଡୁଥାଏ । ଏହାର ପରିଣତି ସ୍ୱରୂପ, ୧୯୭୩ ମାର୍ଚ୍ଚ ମାସରେ ମୋତେ ପେପ୍‌ଟିକ୍ ଅଲସର୍ ଆକ୍ରମଣ କଲା । ଔଷଧ ଦ୍ୱାରା ଏହାର ଉପଶମ ହେଲାନାହିଁ । କଳାରଙ୍ଗର ଝାଡା ହେବାକୁ ଲାଗିଲା, ପୁଣି ରକ୍ତବାନ୍ତି ମଧ୍ୟ ହେଲା । ମୁଁ ମଧ୍ୟ ଦିନେ ମୂର୍ଚ୍ଛା ହୋଇ ପଡିଲି । ମୋତେ ଲୋକେ ସଙ୍ଗେସଙ୍ଗେ ମୋ ଶଶୁର ଘର ଶିଳିପୁରକୁ ସବାରିରେ ଶୁଆଇ ନେଇଗଲେ । ପହଲି ବାବୁ ସଙ୍ଗେସଙ୍ଗେ କାର୍ ପଠାଇ ମୋତେ କେନ୍ଦ୍ରାପଡା ନେଇଗଲେ । ସେଠି ଡାକ୍ତର ଭୂୟାଁ ଚିକିତ୍ସକ ଥାଆନ୍ତି । ପହଲି ବାବୁଙ୍କୁ ସେ କହିଲେ, ରୋଗୀକୁ କଟକ ନେବା ଦରକାର ନାହିଁ; ମୁଁ ଏଇଠି ତାଙ୍କୁ ଭଲ କରିଦେବି ; ପରେ ଦେଖାଯିବ ଅପରେସନ୍ ଦରକାର ହେବକି ନା ; ଆପଣ ମୋଟେ ବ୍ୟସ୍ତ ହୁଅନ୍ତୁ ନାହିଁ । ଡାକ୍ତର ପୁଣି କହିଲେ, ରୋଗୀ ଦେହରେ ମୋଟେ ରକ୍ତ ନାହିଁ, ରକ୍ତ ଦିଆଯିବା ଦରକାର । ଡାକ୍ତରଙ୍କ ପରାମର୍ଶ କ୍ରମେ କଟକରୁ ମୋ ଗ୍ରୁପ୍ ଅନୁଯାୟୀ ୨/୩ ବୋତଲ ରକ୍ତ ଅଣାଗଲା ଓ ସେଇ କେନ୍ଦ୍ରାପଡା ଡାକ୍ତରଖାନାରେ ୨୫ ଦିନ ରହି ମୁଁ ଆରୋଗ୍ୟ ଲାଭ କରି ଘରକୁ ଫେରିଲି । ସେଠୁଁ ଆସିବା ବେଳେ ଡାକ୍ତର ମୋତେ କହିଲେ, ତୁମେ ଯଦି କେତେକ ନିୟମ ମାନି ଚଳିବ ତେବେ ଅପରେସନ୍ ମୋଟେ ଦରକାର ପଡିବନି । ସେହି ନିୟମଗୁଡିକ ହେଲା, ନିୟମିତ ଖାଇବ ; ତେଲମସଲା ଖାଇବ ନାହିଁ ; ହୋଟେଲ୍‌ରେ ଖାଇବ ନାହିଁ ; ଖାଲି ପେଟରେ ରହିବ ନାହିଁ ; ଦିନକୁ ବେଶୀଥର ଅଥଚ କମ୍ କମ୍ ଖାଇବ ; ଦରକାର ପଡିଲେ ପାଖରେ ବିସ୍କୁଟ୍ ରଖିଥିବ ଓ ତାକୁ ଥରକୁ ଥର ଖାଇବ । ସେ ପୁଣି ପରାମର୍ଶ ଦେଲେ, ତୁମକୁ ସବୁଦିନ ପାଇଁ ରାଜନୀତି ଛାଡିବାକୁ ପଡିବ ।

ଶରୀର ରକ୍ଷା ପାଇଁ ଡାକ୍ତରଙ୍କ ପରାମର୍ଶକୁ ଏଡାଇଯିବା ତ ସମ୍ଭବ ନଥିଲା । ତେଣୁ ମୁଁ ନିଜେ ଭାବିବାକୁ ଲାଗିଲି, ସର୍ବସାଧାରଣ ଓ ରାଜନୀତି କାମ ଛାଡିଲେ ମୁଁ ଏବେ କ'ଣ

Digitized by srujanika@gmail.com

କରିବି ? ଆଗରୁ ତ ଆମର ଜମି ଭାଗ ବିଆ ସରିଛି । ମୋ ଅନୁପସ୍ଥିତିରେ ସ୍ତ୍ରୀ ବିମଳା ଆବଶ୍ୟକ ଅନୁଯାୟୀ ମୂଲିଆ-ମଜୁରିଆଙ୍କୁ ଯୋଗାଡ କରି ଘରକାମ ଚଳାଇ ନେଉ ପାରୁଥିଲେ । ଏହି ପରିସ୍ଥିତିରେ, ମୁଁ ସେବେଠାରୁ ଘରେ ରହି ପ୍ରଥମେ ଆମ ଘରକୁ ଲାଗିଥିବା ଜମିକୁ ଏକାଠି କଲି, ବଦଳ ହୋଇ ରହିଥିବା ଜମିକୁ ତାହା ସହିତ ମିଶାଇଲି ଓ ଅଧ ଏକର ଜମିରେ ଗୋଟିଏ ମାଛ ପୋଖରୀ ଖୋଳାଇଲି । ଏହାସହିତ ଗାଁର ହାନିଲାଭ ବ୍ୟାପାରରେ ନିୟମିତ ମୁଣ୍ଡ ଦେଲି । ସେବେଠାରୁ ଏପର୍ଯ୍ୟନ୍ତ ମୁଁ ଡାକ୍ତରଙ୍କ ପରାମର୍ଶକୁ ମନେ ରଖି ମୋର ଜୀବନଚର୍ଯ୍ୟା ଚଳାଇ ରଖିଛି ।

ବାବଜୀ ପ୍ରଧାନ- ଅତିଦର୍ପରୁ ଆତ୍ମହତ୍ୟା

ଆମ କୁଟୁମ୍ବରେ ଥିବା ଦାଦା ଗିରିଧାରୀ ବେହେରାଙ୍କର ଦୁଇଗୋଟି ଝିଅ (ଆରତୀ ଓ ଅଗସ୍ତି) ଓ ଗୋଟିଏ ପୁଅ ପ୍ରମୋଦ ଥିଲେ । ଦାଦା ତାଙ୍କର ବଡ ଝିଅ ଆରତୀକୁ ଆମ ଗ୍ରାମର ଜନକର ପ୍ରଧାନଙ୍କ ଦ୍ୱିତୀୟ ପୁତ୍ର ନିମାଇଁ ଚରଣ ପ୍ରଧାନଙ୍କୁ ବିବାହ କରାଇଥିଲେ । ସାନଝିଅ ଅଗସ୍ତି ଗାଁ ସ୍କୁଲ୍‌ରୁ ପଢିସାରି ଘରେ ଥିଲା ଓ କାମଦାମରେ ମା'କୁ ସାହାଯ୍ୟ କରୁଥିଲା । ନିମାଇଁଙ୍କ ବଡଭାଇ ବାବାଜୀ ପ୍ରଧାନଙ୍କର ସେତେବେଳକୁ ପ୍ରଥମ ସ୍ତ୍ରୀ ତରଫରୁ ଗୋଟିଏ ଝିଅ ଥାଏ । କିଛିବର୍ଷ ଗଲା ପରେ ସେ ସ୍ତ୍ରୀ ମରିଯିବାରୁ ବାବାଜୀ ଗୋଧନ ବାର୍ଦ୍ଧିଙ୍କାରେ ଦ୍ୱିତୀୟ ବିବାହ କରିଥିଲେ । ଏହି ଦ୍ୱିତୀୟ ସ୍ତ୍ରୀ ଠାରୁ ଗୋଟିଏ ମାତ୍ର ପୁଅ ଜନ୍ମ ନେଇଥିଲା । ଇତ୍ୟବସରରେ ବାବାଜୀ ପ୍ରଧାନ ବଡ ଜୋଇଁ ହିସାବରେ ଗିରିଧାରୀ ଦାଦାଙ୍କ ଘରକୁ ଯିବା ଆସିବା କରୁଥିଲା । ଅଗସ୍ତି ସେତେବେଳକୁ ବୟୋପ୍ରାପ୍ତ ହୋଇଯାଇଥିଲା । ବାବଜୀ ପ୍ରଧାନ ତାକୁ ଡାକ୍ତରକୁ ଦେଖାଇବା ବାହାନାରେ କେତେଥର କଟକ ବୁଲେଇ ନେଉଛି । ଦାଦା ଓ ଖୁଡି ବାବଜୀକୁ ବଡ ଜୋଇଁ ବୋଲି ମନେ କରି ଏପରି ଅବାଧ ମିଳାମିଶାକୁ ପ୍ରଶ୍ରୟ ଦେଉଥିଲେ । ସେହି ଅବାଧ ମିଳାମିଶାର ପରିଣତିରେ ବାବଜୀ ଓ ଅଗସ୍ତୀ ନିଜ ଭିତରେ ଠିକ କରି ନେଇଥିଲେ ଯେ, ଦୁଇଜଣ ପରସ୍ପରକୁ ବିବାହ କରିବେ । ଏକଥାର ସୁରାକ୍ ପାଇବା ପରେ ଦାଦା ଓ ଖୁଡୀ ଅଡୁଆରେ ପଡିଲେ । ପ୍ରଧାନ ବଂଶର ମୁଖିଆ ଲକ୍ଷ୍ମୀଧର ପ୍ରଧାନ ସେତେବେଳକୁ ମରିସାରିଥାଏ । ବାବଜୀ ନିଜ ମା' କଥାକୁ ମାନୁ ନଥାଏ, ଏବଂ ସାନଭାଇ ନିମାଇଁ ସବୁବେଳେ ତାକୁ ଡରିକରି ଥାଏ । ତା'ର ସ୍ତ୍ରୀ ମଧ୍ୟ ତାକୁ ଡରୁଥାଏ । ଏହିଭଳି ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦୁଇ ପରିବାର ଭିତରେ ଲାଗି ରହିଥାଏ । ସେହି ସମୟରେ କେନ୍ଦ୍ରାପଡା ତଳେ ଥିବା ଗୋଟିଏ ଗାଁ ବରହମ୍‌ପୁରରୁ ଅଗସ୍ତୀ ର ବିଭାଘର ପାଇଁ ଏକ ପ୍ରସ୍ତାବ ଆସି ପହଞ୍ଚିଲା । ଆମେ ସେହି ପ୍ରସ୍ତାବକାରୀ ପକ୍ଷଙ୍କୁ ସବୁକଥା ଜଣେଇ କହିଲୁ ଯେ, ତୁମେ ଯଦି ଅଗସ୍ତୀକୁ ବୋହୂ କରିବାକୁ ଚାହୁଁଛ, ତେବେ ପ୍ରଥମେ ରେଜିଷ୍ଟ୍ରୀ ବିବାହ କରିବାକୁ ପଡିବ ଓ ତାପରେ ତୁମେ ବୈଦିକ ରୀତିରେ ତୁମ ଗାଁରେ ବିବାହ କାର୍ଯ୍ୟ ସମ୍ପନ୍ନ କରିବ । ବର୍ତ୍ତମାନ ଯଦି ହଠାତ୍ ସାଧାରଣ ଭାବେ ଆମେ ବିଭାଘର କରିବା, ତେବେ ବାବାଜୀ ପ୍ରଧାନ ଗଣ୍ଡଗୋଳ କରିପାରେ, ଓ ଏପରିକି କନ୍ୟାକୁ ହରଣଚାଳ

Digitized by srujanika@gmail.com

କରିନେଇପାରେ । ଆମର ଏହି ପ୍ରସ୍ତାବରେ ବରପକ୍ଷ ରାଜି ହୋଇଗଲେ ଓ କୋର୍ଟରେ ରେଜିଷ୍ଟ୍ରୀ ବିବାହ କରାଇ ସେମାନେ କନ୍ୟାକୁ ରିକ୍ସାରେ ନିଜ ଘରକୁ ନେଇଗଲେ । ଗିରିଧାରୀ ଦାଦା କୋର୍ଟରେ ବିଭାଘର କରାଇ ବରପକ୍ଷଙ୍କ ଘରକୁ ଯାଇ ସେଠାରେ ଅନୁଷ୍ଠିତ ହୋଇଥିବା ବୈଦିକ ବିବାହରେ ନିଜର ଭୂମିକା ସମ୍ପାଦନ କଲାପରେ ଆନନ୍ଦରେ ଘରକୁ ଫେରିଥିଲେ । ବାବାଜୀ ପ୍ରଧାନ ଏକଥା ଶୁଣି ଖୁବ୍ କ୍ରୋଧିତ ଅବସ୍ଥାରେ ନିଜ ମା ଓ ସାନଭାଇକୁ କହିଲା, ଆଜି ମୁଁ ନିଜେ ମରିବି ବା ତୁମକୁ ମାରିବି, କାରଣ ତୁମ ଯୋଗୁଁ ଅଗସ୍ତି ସହିତ ମୋର ବିବାହ ହୋଇ ପାରିଲା ନାହିଁ । ବାବାଜୀ ତା ସାନଭାଇ ନିମାଇଁକୁ ମଧ୍ୟ ନିଜ ପାଖକୁ ଡାକିଲା, କିନ୍ତୁ ନିମାଇଁ ଗଲାନାହିଁ, କାଳେ ତାକୁ ମାରିଦେବ ବୋଲି । ସେ ରାତିରେ ମୁଣ୍ଡ ଉପରେ ସତକୁ ସତ ଫଲିଡଲ୍ ଆଣି ରଖିଲା ଓ ତାକୁ ଖାଇ ସକାଳ ସୁଦ୍ଧା ମରିଯାଇଥିଲା । ତା'ର ଅତିଦର୍ପର ଦଣ୍ଡ ସେ ଏମିତି ପାଇଗଲା । ବାବଜୀର ଆଗ ସ୍ତ୍ରୀର ଗୋଟିଏ ଝିଅ ବିଭା ହୋଇ ଭଲରେ ସଂସାର କରି ଚଳୁଛି । ତା' ପଛ ସ୍ତ୍ରୀର ପୁଅ, ଯେ କି ବାପା ମଲାବେଳେ ମାତ୍ର ୨/୩ ବର୍ଷର ହୋଇଥିଲା, ସେ କାଳକ୍ରମେ ବାପାର ଠିକ୍ ଓଲଟା ଚରିତ୍ର ନେଇ ଗଢ଼ି ଉଠିଲା ଏବଂ ତା'ର କାର୍ଯ୍ୟକଳାପ ପ୍ରଶଂସନୀୟ । ଅଗସ୍ତି ବିଭାଘର ବେଳେ ମୁଁ ସକ୍ରୀୟ ଭାବେ ଜଡିତ ରହି ଆବଶ୍ୟକୀୟ କାର୍ଯ୍ୟ କରିଥିବାରୁ ଦାଦା ଓ ଖୁଡ଼ୀ ମୋତେ ଭଲ ପାଉଥିଲେ ।

ନଟ ମଳିକ ଓ ଶକ୍ତିଧର ଭିତରେ ଚାପୁଡା ବିନିମୟ

ଶୈଳ ମହିଳା କଲେଜ ହଷ୍ଟେଲ ଓ ଚିତ୍ତ ରେଭେନ୍ସା କଲିଜିଏଟ୍ ହଷ୍ଟେଲ୍‌ରେ ରହି ପଢୁଥାଏ । ସେହି ସମୟର ଗୋଟିଏ ଘଟଣା । ସେତେବେଳେ ଆମ ଘରେ ହଳ କରିବା ପାଇଁ ଜଣେ ଲୋକ ଓ ଗାଈଗୋରୁ ଖବର ବୁଝିବା ପାଇଁ ଆଉ ଜଣେ ଲୋକ ଥାଏ । ଗାଈଗୋରୁ ଦାୟିତ୍ୱରେ ବାରଡାଙ୍ଗ ଗାଁର ନଟ ମଳିକ ବୋଲି ଗୋଟିଏ ହରିଜନ ପିଲା ଥାଏ । ଦିନେ ମୁଁ ଘରକୁ ଆସି ଗୋଟିଏ ଘଟଣା ଶୁଣିଲି । ନଟ ଗାଁର ଅନ୍ୟ ଲୋକଙ୍କ ସହିତ ଆମ ଗାଈକୁ ଚରେଇବାକୁ ନେଇଥିଲା । ସେହିଦିନ ଆମ ଗାଁର ଶକ୍ତିଧର ଦାସ ଓ ବବାଜୀ ପ୍ରଧାନ ନିଜର ବିଲ ଆଡେ ବୁଲି ଯାଇଥିଲେ । ବାବାଜୀ ପ୍ରଧାନ ଉପସ୍ଥିତିରେ ଶକ୍ତିଧର କହିଲା, "ଇରେ ନଟିଆ, ତୁ ଆମ ବିଲରେ ଗାଈ ପୂରାଇ ଧାନ ଖୁଆଇଛୁ ?" ଉତ୍ତରରେ ନଟ କହିଲା, ଆଉ କିଏ ତୁମ ଧାନ ଖୁଆଇଥିବ, ମୁଁ ମଳିକ ବୋଲି ମୋ ନାମରେ ତୁମେ ମିଛ କହୁଛ ?"ଏହା ଶୁଣି ଶକ୍ତିଧର ନଟକୁ ଗୋଟିଏ ଶକ୍ତ ଚାପୁଡ଼ା ମାରିଲା । ନଟ ସେତେବେଳେ ଡରିହରି ଚୁପ୍ ରହିଥିଲା । କିନ୍ତୁ ଅନ୍ୟ ଗାଈଚରାଳୀମାନେ ନଟକୁ କହିଲେ, "ତୋ ଖାମିନ୍ଦ ନାହିଁ ବୋଲି ତୋ ନାମରେ ମିଛ କହି ତୋତେ ସେ ମାଇଲା । ତୁ ଆଗେ ଗାଈ ନେଇ ଘରକୁ ପଳା । ସେମାନେ ଯେତେବେଳେ ଦୁଇଜଣ ତୁମ ଦାଣ୍ଡବାଟେ ଫେରିବେ, "ସେଠି ତୁ ସଙ୍ଗେସଙ୍ଗେ କହିବୁ 'ମୋତେ ତୁ ଚାପୁଡ଼ା ମାରିଛୁ' ଏବଂ ସେହିପରି ତାକୁ ଚାପୁଡ଼ା ମାରିବୁ" । ସେ କହିଲା, ମଉସା ଆସିଲେ ମୋତେ କାଳେ ଗାଳି ଦେବେ । ସେମାନେ ସାହାସ ଦେଇ କହିଲେ, "ଆମେ ତୋ ମଉସାକୁ ବୁଝାଇ ଦେବୁ ଏବଂ ତୁ ତାକୁ

Digitized by srujanika@gmail.com

ମାରିବା ବେଳେ ଆମେ ମଧ୍ୟ ସେଠି ଥିବୁ" । ସମସ୍ତ ଗାଈଚରାଳିମାନଙ୍କର ଏହି ପରାମର୍ଶ ପାଇ ନଟ ସେ ଦୁଇଜଣ (ଶକ୍ତିଧର ଓ ବାବଜୀ ପ୍ରଧାନ) ବିଲରୁ ଆସିବା ପୂର୍ବରୁ ଆମ ଘରକୁ ଆସି ଦୁଆର ମୁହଁରେ ପ୍ରସ୍ତୁତ ହୋଇ ଠିଆ ରହିଲା । ସେମାନେ ଆମ ଦୁଆର ମୁହଁ ବାଟେ ଗତି କରୁଥିବା ବେଳେ ପୂର୍ବ-ପ୍ରସ୍ତୁତି ଅନୁଯାୟୀ ନଟ ଶକ୍ତିଧର ଗାଲରେ ଏକ ଶକ୍ତ ଚାପୁଡ଼ା ଦେଇ ଘର ଭିତରକୁ ପଳାଇଗଲା । ସେମାନେ ସେଠାରେ ବହୁତ ପାଟିତୁଣ୍ଡ କଲେ । କିନ୍ତୁ କିଛି ଫଳ ହେଲା ନାହିଁ । ଶକ୍ତିଧର ଘରେ ପହଞ୍ଚିଲା ପରେ ତା' ବାପାମା ଏକଥା ଶୁଣି ଭାରି ବ୍ୟସ୍ତ ହେଲେ । ତା'ପରଦିନ ଶକ୍ତିଧରକୁ ନେଇ ତା ବାପା ବଳଦେବଜୀଉଙ୍କ ପାଖରେ ପ୍ରାୟଶ୍ଚିତ କରି ଆସିବାରୁ ସେ ବ୍ରାହ୍ମଣ ସମାଜରେ ମିଶିଲା । ମୁଁ ସେଦିନ ଗାଁରେ ଉପସ୍ଥିତ ନଥିଲି ; କିଛିଦିନ ପରେ ଗାଁକୁ ଫେରି ସବୁକଥା ଶୁଣି ନୀରବ ରହିଲି । ନିଜକୁ ବ୍ରାହ୍ମଣ ଭାବି ଗର୍ବ ଓ ଅହଂକାରରେ ଶକ୍ତିଧର ନଟର ଯେପରି ମାନବିକ ମର୍ଯ୍ୟାଦା ଉଲ୍ଲଂଘନ କରିଥିଲା, ଠିକ୍ ସେହି ବାଟରେ ନଟ ତା'ର ବ୍ରାହ୍ମଣତ୍ୱ ନଷ୍ଟ କରିଦେଇଥିଲା । ଯେଉଁ ଉଦଣ୍ଡ ବାବାଜୀ ପ୍ରଧାନର ପରାମର୍ଶରେ ଶକ୍ତିଧର ନଟକୁ ମାଡ଼ ମାରିଥିଲା, ସେ ନିଜେ ଅଗସ୍ତି ବାହାଘରକୁ କେନ୍ଦ୍ର କରି ଫଲିଡଲ୍ ବିଷ ଖାଇ ଆତ୍ମହତ୍ୟା କଲା ।

ଦଣିପୁର ମାଇନର୍ ସ୍କୁଲ୍ ପ୍ରତିଷ୍ଠା

ଆମ ଗ୍ରାମ ଦଣିପୁରରେ ଗ୍ରାମବାସୀଙ୍କ ସାହାଯ୍ୟରେ ଲୋୟର ପ୍ରାଇମେରି ଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ଆମୂଳଚୂଳ ଏକ ଶିକ୍ଷାବ୍ୟବସ୍ଥା ପ୍ରତିଷ୍ଠା ହେଉ, ତାହା ମୋ ଜୀବନର ଏକ ପ୍ରଧାନ ଆଭିମୁଖ୍ୟ ଥିଲା । ଅପର୍ ପ୍ରାଇମେରି ପର୍ଯ୍ୟନ୍ତ ସ୍କୁଲ୍ ମୁଣ୍ଡିମରିବା ପରେ ମାଇନର୍ ସ୍କୁଲର ଶୁଭାରମ୍ଭ କରାଗଲା । ସେଥିପାଇଁ ଆମ ଗ୍ରାମର ପୂର୍ଣ୍ଣାନନ୍ଦ ଦାସଙ୍କୁ ସେକ୍ରେଟାରୀ କରାଇ ସ୍କୁଲ୍‌ର ମଞ୍ଜୁରିପ୍ରାପ୍ତି ପର୍ଯ୍ୟନ୍ତ ଚେଷ୍ଟା ଅବ୍ୟାହତ ରଖିବାକୁ ଗାଁରେ ସଂକଳ୍ପ ନିଆଗଲା । ପ୍ରଥମେ ଘରନିର୍ମାଣ ସଂପୂର୍ଣ୍ଣ କରି ମଞ୍ଜୁରି ପାଇଁ ସରକାରୀ ଶିକ୍ଷାବିଭାଗର କେନ୍ଦ୍ରାପଡ଼ା ସବ୍‌ଡିଭିଜନର ଉଚ୍ଚ କର୍ମକର୍ତ୍ତାଙ୍କୁ ଆଣି ଆମସ୍କୁଲକୁ ଦେଖାଇବାରୁ ସେ ଖୁସିହୋଇ ଆମକୁ ମଞ୍ଜୁରି ପାଇଁ ପ୍ରତିଶ୍ରୁତି ଦେଲେ । ତା'ର ଅଳ୍ପ ଦିନ ପରେ ଆମ ସ୍କୁଲ ମଞ୍ଜୁର ପାଇଛି ବୋଲି ସେ ଏକ ଚିଠିରେ ଆମ ସ୍କୁଲକୁ ଜଣାଇଲେ । ଆମ ଗ୍ରାମର ଲୋକମାନଙ୍କୁ ଡକାଇ ଏ ବିଷୟରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆନୁଷ୍ଠାନିକ ଭାବେ ଗ୍ରାମବାସୀଙ୍କ ତରଫରୁ କୃତଜ୍ଞତା ଜଣାଇବା ପାଇଁ ସେହି ବୈଠକରେ ସ୍ଥିର କରାଗଲା । ସେଦିନର ବୈଠକରେ ଆମ ଗ୍ରାମର ଗିରିଧାରୀ ମହାପାତ୍ର କିନ୍ତୁ କହିଲେ ଯେ, ସେ ଏହି ମଞ୍ଜୁରି ମିଳିବା ବାବଦରେ ସଂପୃକ୍ତ ଅଧିକାରୀଙ୍କୁ ଚାରିଶହ ଟଙ୍କା ଦେଇଛନ୍ତି । ଆମେ ଗ୍ରାମବାସୀ କହିଲୁ, ସେ ଅଧିକାରୀ ଆମଠାରୁ ସିଧା ନେଇ ପାରିଥାନ୍ତେ, କିନ୍ତୁ ତୁମେ ଯଦି ଟଙ୍କା ଦେଇଛ, ତେବେ ଏହା ତୁମକୁ ଫେରସ୍ତ ଦିଆଯିବ । ଗିରିଧାରୀ ମହାପାତ୍ର ସେତେବେଳେ କଂସାର ବେସିକ୍ ସ୍କୁଲର ଶିକ୍ଷକ ଥିଲେ । ଆମେ ପ୍ରକୃତ କଥା ଜାଣିବାପାଇଁ ମୁଁ ଓ ସ୍କୁଲର ସେକ୍ରେଟାରୀ ପୂର୍ଣ୍ଣାନନ୍ଦ ଦାସ କେନ୍ଦ୍ରାପଡ଼ା ଡି.ଆଇ.ଙ୍କ ଅଫିସ୍‌କୁ ଗଲୁ । ସେ

Digitized by srujanika@gmail.com

ଆମକୁ ଦେଖି ଭାରି ଖୁସିହେବା ସଙ୍ଗେସଙ୍ଗେ କହିଲେ ଯେ, ମୁଁ ତୁମ ସ୍କୁଲକୁ ମଞ୍ଜୁରି ଦେଇଦେଇଛି । ଆମେ କହିଲୁ, ସେଥିପାଇଁ ତ ଆପଣଙ୍କୁ କୃତଜ୍ଞତା ଜଣାଇବା ସକାଶେ ଆମେ ଆଜି ଗ୍ରାମବାସୀଙ୍କ ତରଫରୁ ଆସିଛୁ ! ଏହା ସହିତ ଆମେ କହିଲୁ, ଏହି ମଞ୍ଜୁରି ବାବଦକୁ ଆମଗ୍ରାମର ଗିରିଧାରୀ ମହାପାତ୍ର ଆପଣଙ୍କୁ ୪୦୦ ଟଙ୍କା ଦେଇଛି ବୋଲି ଆମ ଗ୍ରାମବାସୀଙ୍କ ଠାରୁ ନେଇସାରିଛି । ଏକଥା ଶୁଣିବା ସଙ୍ଗେ ସଙ୍ଗେ ସେ ଭୀଷଣ ଭାବରେ ଗିରିଧାରୀ ମହାପାତ୍ରଙ୍କ ଉପରେ ରାଗି ଆମକୁ କହିଲେ, ବର୍ତ୍ତମାନ ତାକୁ ଆଣି ମୋ ପାଖରେ ପହଞ୍ଚାଇ ପାରିବକି ? ଆମେ ସେ କଥାରେ ରାଜି ହୋଇ ତାଙ୍କ ପାଖରୁ ବିଦାୟ ନେଇ ଗିରିଧାରୀ କିପରି କଂସାର ସ୍କୁଲରୁ ଆସି ସେଠାରେ ପହଞ୍ଚିବ, ତାହାର ଉପାୟ ଖୋଜିଲୁ । ମୁଁ ପୂର୍ଣ୍ଣାନନ୍ଦ ଦାସଙ୍କୁ କହିଲି, ସିଧା କଥା କହିଲେ ଗିରିଧାରୀ କଂସାର ସ୍କୁଲରୁ ଏଠାକୁ ଆସିବ ନାହିଁ, ତେଣୁ ଆମେ ଯାଇ ତାକୁ ପ୍ରଥମେ କହିବା, ତୁ ନଗଲେ ଡି.ଆଇ. ଆମ ସ୍କୁଲକୁ ମଞ୍ଜୁରି ଦେବେନାହିଁ, ତେଣୁ ତୁ ସେଠାକୁ ଯିବା ନିହାତି ଦରକାର । ସେହି କୌଶଳ କରି ଆମେ ଦୁହେଁ କଂସାର ସ୍କୁଲକୁ ଗଲୁ ଗିରିଧାରୀ ମହାପାତ୍ରଙ୍କୁ ଆଣିବା ପାଇଁ । କେନ୍ଦ୍ରାପଡ଼ାରୁ କଂସାର ୨/୩ କିଲୋମିଟର ବାଟହେବ । ଶୀଘ୍ର ଶୀଘ୍ର ଯାଇ କଂସାର ସ୍କୁଲରେ ପହଞ୍ଚି ଏକଥା କହିବାରୁ ଗିରିଧାରୀ ସଙ୍ଗେସଙ୍ଗେ ଆମ ସହିତ କେନ୍ଦ୍ରାପଡ଼ା ଡି.ଆଇ.ଙ୍କ ପାଖକୁ ଆସିଲା । ଆମେ ସଙ୍ଗେସଙ୍ଗେ ଡି.ଆଇ.ଙ୍କୁ ପୁଣି ଦେଖା କରିବାରୁ ସେ ଗିରିଧାରୀଙ୍କୁ ଅଫିସ୍‌ରେ ପୂରାଇ କବାଟଦେଇ ଆମକୁ କହିଲେ, ଆପଣମାନେ ବାହାରେ ଅପେକ୍ଷା କରନ୍ତୁ । ତାକୁ ଅଫିସ୍ ଭିତରେ ଭଦ୍ରଭାଷାରେ ସେ ଯାଚ୍ଛାତା ଗାଳିଦେଲା ପରେ ବାହାର କରିଦେଲେ । ଗିରିଧାରୀ ଆମକୁ କିଛି ନ କହି ସିଧା କଂସାର ପଳାଇଆସିଲା । ଆମେ ଗାଁକୁ ଫେରି ଗ୍ରାମବାସୀଙ୍କୁ ସବୁକଥା ଜଣାଇଲୁ । ଗ୍ରାମବାସୀମାନେ ତାକୁ ୪୦୦ଟଙ୍କା ଫେରାଇଦେବା ପାଇଁ କହିବାରୁ ସେ ତାହା ଫେରାଇବାକୁ ବାଧହେଲା । ଏହାପରେ ଆମ ଗାଁର ମାଇନର୍ ସ୍କୁଲ ଉନ୍ନତି ପଥରେ ଆଗେଇ ଚାଲିଲା ।

ଗାଁ ମାଇନର୍ ସ୍କୁଲ୍‌ରେ ଶିକ୍ଷକ ନିଯୁକ୍ତି

ଆମ ଗ୍ରାମରେ ଲୋୟର୍ ପ୍ରାଇମେରୀ ପରେ ହାଇସ୍କୁଲ ପର୍ଯ୍ୟନ୍ତ ଯେଉଁ ଶିକ୍ଷାବ୍ୟବସ୍ଥା ଗଢି ଉଠିଛି, ସେଥିରେ ମୋର ଅଗ୍ରଗଣ୍ୟ ଭୂମିକା ରହିଛି । ସେହି କ୍ରମରେ ମି.ଇ. ସ୍କୁଲ ମଧ୍ୟ ଗ୍ରାମବାସୀଙ୍କ ସହଯୋଗରେ ଗଢି ଉଠିଥିଲା । ଏଠାରେ କେବଳ ମି.ଇ. ସ୍କୁଲରେ ଶିକ୍ଷକ ନିଯୁକ୍ତିକୁ କେନ୍ଦ୍ର କରି ଘଟିଯାଇଥିବା ଏକ ଘଟଣା ସମ୍ବନ୍ଧରେ ସୁଚେଇ ଦେବାକୁ ଚାହୁଁଛି । ୧୯୭୦ ମସିହା କଥା । ସେତେବେଳେ ପୂର୍ଣ୍ଣାନନ୍ଦ ଦାଶଙ୍କୁ ମି.ଇ.ସ୍କୁଲର ସେକ୍ରେଟାରୀ କରାଯାଇଥିଲା, କିନ୍ତୁ ମୁଁ ପ୍ରକୃତ ପକ୍ଷେ ମୁଁ ସବୁକିଛି ବୁଝୁଥିଲି, କାରଣ ସେ ସେଥିରେ ଅନଭିଜ୍ଞ ଥିଲେ । ଯେଉଁ ଜାଗାରେ ମି.ଇ.ସ୍କୁଲ ପ୍ରତିଷ୍ଠା କରାଯାଇଛି, ସେ ଜାଗା ବହୁପୂର୍ବେ ଆମ ଗ୍ରାମର ଅନାବାଦୀ ଜାଗା ଥିଲା, କିନ୍ତୁ ଉତ୍ସବ ସାମଲ ଓ ଧରଣୀଧର ସାମଲ ଏହାକୁ ଗ୍ରାମବାସୀଙ୍କ ଅଜଣାରେ ନିଜନିଜ ନାମରେ ବର୍ଦ୍ଧମାନ ଇଷ୍ଟେଟ୍ ଠାରୁ ପଟାକରି ଆଣିଥିଲେ । କିନ୍ତୁ ଗ୍ରାମବାସୀଙ୍କୁ ଏକଜୁଟ୍ କରି ସେମାନଙ୍କ ଠାରୁ ଏହି ଜମି ପୁନରୁଦ୍ଧାର କରାଯାଇଥିଲା । ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଗରୁ ସୂଚନା ଦିଆସରିଛି ।

Digitized by srujanika@gmail.com

୧୯୬୯-୭୦ ମସିହାରେ ମି.ଇ. ସ୍କୁଲ ପରମିଶନ୍ ପାଇବା ପୂର୍ବରୁ ଆମେ ଜାଣିଶୁଣି ଗ୍ରାମ ଭିତରୁ ଜଣକୁ ଓ ବାହାରୁ ୨ ଜଣଙ୍କୁ ଶିକ୍ଷକ ରୂପେ ଅସ୍ଥାୟୀ ନିଯୁକ୍ତି ଦେଇଥିଲୁ, ପରମିସନ୍ ମିଳିବା ସହଜ ହେବ ବୋଲି । ଇତ୍ୟବସରରେ ପରମିସନ୍ ମିଳିଯିବାରୁ ବାହାର ଗାଁର ଦୁଇଜଣ ଶିକ୍ଷକ ସ୍ୱଇଚ୍ଛାରେ ଆମଗ୍ରାମରୁ ବିଦାୟ ନେଇ ନିଜ ଗ୍ରାମସ୍କୁଲକୁ ଚାଲିଗଲେ । ପରମିଶନ୍ ପାଇବା ପରେ ଆମେ ଗ୍ରାମ ଭିତରୁ ମୋଟ ୩ ଜଣ ଶିକ୍ଷକଙ୍କୁ ବିଧିବଦ୍ଧ ନିଯୁକ୍ତି ଦେଲୁ, ଯଥା ପ୍ରହଲ୍ଲାଦ ନାୟକ, ଗିରିଧାରି ଜେନା ଓ ବୈକୁଣ୍ଠ ନାଥ ବେହେରା । ଆମ ଗ୍ରାମର ଏହି ୩ ଜଣ ଶିକ୍ଷକଙ୍କ ଦ୍ୱାରା ସ୍କୁଲ ଭଲ ଭାବରେ ଚାଲିଲା । ପ୍ରହଲ୍ଲାଦ ନାୟକ ୧୯୭୦ ମସିହାରେ ଶିକ୍ଷକ ପଦରୁ ଇସ୍ତଫା ଦେବାରୁ ତାଙ୍କ ଜାଗାରେ ପ୍ରତାପ ସାମଲଙ୍କୁ ନିଯୁକ୍ତି ଦିଆଗଲା । ଆଗ ଦୁଇଜଣଙ୍କର ପ୍ରଧାନ ଶିକ୍ଷକ ହେବା ପାଇଁ ଯୋଗ୍ୟତା ଥିଲେ ମଧ ମି.ଇ.ସ୍କୁଲର ପ୍ରଧାନ ଶିକ୍ଷକ ହେବାକୁ ସେମାନେ ରାଜି ନ ହେବାରୁ ପ୍ରତାପ ସାମଲଙ୍କୁ ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତି ଦିଆଗଲା । ସେତେବେଳେ ଶିକ୍ଷକ ନିଯୁକ୍ତି ପାଇଁ ସେମାନଙ୍କ ଠାରୁ ଟଙ୍କା ରଖିବା କଥା ଉଠିଥିଲେ ମଧ ମୁଁ ସେ ପ୍ରସ୍ତାବରେ ଏକମତ ନ ହେବାରୁ କୌଣସି ପଇସାପତ୍ର ନ ନିଆଯାଇ ସେମାନଙ୍କୁ ଶିକ୍ଷକ ନିଯୁକ୍ତି ଦିଆଯାଇଥିଲା । ଉଦ୍ଦେଶ୍ୟ ଥିଲା, ସେମାନେ ଯେପରି ଆଦର୍ଶ ଶିକ୍ଷକ ଭାବେ କାର୍ଯ୍ୟ କରିବେ । କିଛିବର୍ଷ ଧରି ଗତାନୁଗତିକ ଧାରାରେ ସ୍କୁଲ ଚାଲିଲା । କାଳକ୍ରମେ ଦେଖାଗଲା, ପ୍ରଧାନ ଶିକ୍ଷକ ପ୍ରତାପ ସାମଲ ତାଙ୍କର ଚାଷବାସ ଧନ୍ଦାରେ ବ୍ୟସ୍ତ ରହି ଠିକ୍ ସମୟରେ ସ୍କୁଲକୁ ଆସୁନଥିଲେ । ମାମୁଲି ଢଙ୍ଗରେ ପାଠପଢ଼ା ଚାଲିଥିଲା, ଏବଂ ପିଲାଙ୍କର ପରୀକ୍ଷାଫଳ ଭଲ ହେଉ ନଥିଲା, କେବଳ ପିଲାଏ ପାସ୍ କରି ଚାଲିଥିଲେ । ଠିକ୍ ୧୯୮୦ ମସିହାରେ ହେଡ୍ ମାଷ୍ଟର୍ ପ୍ରତାପ ସାମଲଙ୍କ ବିରୁଦ୍ଧରେ ଏକ ଆନ୍ଦୋଳନ ଦେଖାଦେଲା । ଗ୍ରାମର ସମସ୍ତ ଲୋକ ବସି ଠିକ୍ କଲେ, ସେ ସ୍କୁଲରୁ ଖୁସିରେ ବଦଳି ହୋଇ ଯାଆନ୍ତୁ, ନଚେତ୍ ତାଙ୍କୁ ଅସହଯୋଗ କରାଯିବ । ଗ୍ରାମର ଲୋକେ ଏକତାବଦ୍ଧ ହୋଇ ଏହି ଆନ୍ଦୋଳନର ନେତୃତ୍ୱ ମୋ ଉପରେ ନ୍ୟସ୍ତ କଲେ । ଗ୍ରାମବାସୀଙ୍କର ଏପ୍ରକାର ନିଷ୍ପତ୍ତିର ପ୍ରତିକ୍ରିୟାରେ ବାହାରୁ ଶିକ୍ଷକ ସଂଘର ଭାଇମାନେ ଆସି ଆମକୁ ପ୍ରତାପ ସାମଲଙ୍କ ସପକ୍ଷରେ ବୁଝାଇବାକୁ ଚେଷ୍ଟା କଲେ । କିନ୍ତୁ ଆମେ ସେମାନଙ୍କୁ ଜଣାଇଦେଲୁ, ଆମେ ଚାହୁଁ, ପ୍ରତାପ ଆମଗ୍ରାମରୁ ସ୍ୱଇଚ୍ଛାରେ ଅନ୍ୟତ୍ର ବଦଳି ହୋଇ ଯାଆନ୍ତୁ । ଏକଥା ଶୁଣି ବାହାରୁ ଆସିଥିବା ଶିକ୍ଷକଭାଇ ମାନେ ନିରାଶ ଅନୁଭବ କଲେ ଏବଂ ଆମେ ପ୍ରତାପଙ୍କୁ ବଜାୟ ରଖିଲେ ସେମାନେ ସ୍କୁଲ ପାଇଁ କିଛି ଚାନ୍ଦା ଦେବେ ବୋଲି କହିଲେ । ଆମେ କିନ୍ତୁ ଗ୍ରାମବାସୀ ସେହି ପ୍ରସ୍ତାବରେ ରାଜି ହେଲୁ ନାହିଁ । ତା'ପରେ ପ୍ରତାପ କିଛି ଉପାୟ ନପାଇ ତାଙ୍କର ନିଜର ଲୋକ ସରକାରୀ ପ୍ରଶାସକ ପଦ୍ମନାଭ ସାମଲ, ଜଣେ ରୋଡ୍ ଟ୍ରାନ୍ସପୋର୍ଟ ଅଫିସର ଏବଂ ଆଉ ଜଣେ ତାଙ୍କର ନିଜର ବନ୍ଧୁ ତଥା ଆମ ଗ୍ରାମର ନୃସିଂହ ଚରଣ ନାୟକ (ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଇଲେକ୍‌ଟ୍ରିକାଲ୍)ଙ୍କୁ ଗ୍ରାମକୁ ଡକାଇଲେ । ଗ୍ରାମଲୋକଙ୍କୁ ସେମାନେ କହିଲେ, ପ୍ରତାପ ବହୁତ ଭୁଲ୍ କରିଛି, ତାକୁ ଏଥର କ୍ଷମା ଦିଆଯାଉ, ସେ ଆଉ ଗ୍ରାମରେ ମାମଲତକାରି ନକରି ଏବଂ ନିଜ କାମରେ ସମୟ ନ

Digitized by srujanika@gmail.com

କଟାଇ ସ୍କୁଲରେ ପିଲାଙ୍କ ପଢ଼ାପଢ଼ି ପ୍ରତି ଯତ୍ନବାନ୍ ହେବ । ଏହିକଥା ସେମାନେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ସହିତ ପ୍ରତାପ ସାମଲ ସାଷ୍ଟାଙ୍ଗ ପ୍ରଣିପାତ କରି ଗ୍ରାମସଭା ଆଗରେ କ୍ଷମାପ୍ରାର୍ଥନା କଲେ । ଏହା ସତ୍ତ୍ୱେ ଆମେ ସେମାନଙ୍କୁ ଜଣାଇଲୁ, ସେ ଗ୍ରାମରୁ ସ୍ୱଇଚ୍ଛାରେ ବଦଳି ହୋଇଯାଆନ୍ତୁ, ଏବଂ ଆମେ ଗ୍ରାମବାସୀ ତାଙ୍କୁ ଭଲ ଜାଗାରେ ରଖିବା ପାଇଁ ଚେଷ୍ଟା କରିବୁ; ତା'ର ଚାକିରି ତ ଆମେ ନେଉନାହୁଁ । ଏମିତି ତ ଚାକିରି କଲେ ଜଣେ ଶିକ୍ଷକ ପ୍ରତି ତିନିବର୍ଷରେ ଥରେ ଅନ୍ୟ ଜାଗାକୁ ବଦଳି ହୋଇଯିବାର ବିଧାନ ରହିଛି । ଏହିସବୁ ଯୁକ୍ତି ଆମେ ଦର୍ଶାଇବାରୁ ସେମାନେ ନିରସ୍ତ୍ର ହୋଇପଡିଲେ ଏବଂ ଅନ୍ୟ ଗୋଟିଏ ଦିନ ଏ ବିଷୟରେ ଗ୍ରାମବାସୀଙ୍କୁ ଡାକି ଫଇସଲା କରିବାର ସିଦ୍ଧାନ୍ତ ହେଲା ।

କିନ୍ତୁ ବିଡମ୍ବନାର ବିଷୟ, ଯେଉଁ ବିକଳ୍ପ ଦିନରେ ଗ୍ରାମ ବୈଠକ ବସିଲା, ସେଦିନ ଶୈଳର ଦେହ ଖରାପ କଥା ଶୁଣି ମୁଁ କଟକ ଚାଲିଯାଇଥିଗଲି । ମୋ ଅନୁପସ୍ଥିତିରେ ଏବଂ ପଦ୍ମନାଭ ସାମଲ ଓ ନୃସିଂହ ନାୟକଙ୍କ ଉପସ୍ଥିତିରେ ଗ୍ରାମବାସୀମାନେ ଗୋଟିଏ ଫଇସଲା କରିଦେଲେ, ଯାହା ଅନୁଯାୟୀ ୩ ଜଣ ମି.ଇ.ସ୍କୁଲ ଶିକ୍ଷକ ପ୍ରତ୍ୟେକ ୫ ହଜାର ଟଙ୍କା ଚାନ୍ଦା ଦେବେ । ପ୍ରଧାନ ଶିକ୍ଷକ ପ୍ରତାପ ସାମଲ ନଗଦ ୫ ହଜାର ଟଙ୍କା ଗ୍ରାମବାସୀଙ୍କ ଉପସ୍ଥିତିରେ ଦାଖଲ କଲେ । ସେ ଟଙ୍କା ପଦ୍ମନାଭ ସାମଲଙ୍କ ମାରଫତରେ ରହିଲା । ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ବୈକୁଣ୍ଠ ପରେ ତା'ର ଚାନ୍ଦା ପଇଠ କଲା । କିନ୍ତୁ ତୃତୀୟ ଶିକ୍ଷକ ଗିରିଧାରୀ ଜେନା ଟଙ୍କା ଦେବାକୁ ମନାକଲେ । ତାଙ୍କର ଯୁକ୍ତି ମଧ୍ୟ ଠିକ୍ ଥିଲା । ତାଙ୍କୁ ମୁଁ ଯୋଗ୍ୟତା ଭିତ୍ତିରେ ସ୍ୱତନ୍ତ୍ର ଭାବରେ ନିଯୁକ୍ତି ଦେଇଥିଲି । ମୁଁ କଟକରୁ ଘରକୁ ଫେରି ଶୁଣିଲି, ପ୍ରଧାନଶିକ୍ଷକ ବଦଳି ପ୍ରସ୍ତାବ କାର୍ଯ୍ୟକାରୀ ନ ହୋଇ ଟଙ୍କା ଦାଖଲ ଭିତ୍ତିରେ ତାଙ୍କର ରହିବାର ବ୍ୟବସ୍ଥା ହେଲା । ଏକଥା ଶୁଣି ମୁଁ ଉପସ୍ଥିତ ଗ୍ରାମବାସୀଙ୍କୁ ଚେତାବନୀ ଦେଇ କହିଲି, ଗାଁର ଏଣିକି ବହୁତ କ୍ଷତି ହେବ ଏବଂ ନିଶ୍ଚିତ ରୂପେ ପାଠପଢ଼ା ଭଲ ହେବ ନାହିଁ । ସତକୁ ସତ, ଆମ ଗାଁର ମାଇନର୍ ସ୍କୁଲ୍ ଏକ ଆଦର୍ଶ ସ୍କୁଲ ହେବ ବୋଲି ଯାହା ଭାବିଥିଲୁ ତାହା ହୋଇପାରିଲା ନାହିଁ । ବେଳକୁ ବେଳ ଏହାର ଅବସ୍ଥା ଅବନତ ହୋଇଚାଲିଲା । ସ୍କୁଲହତାର ବାଡ଼ ନାହିଁ, ଗୋଟିଏ ଫୁଲଗଛ ମଧ ନାହିଁ । ସବୁବେଳେ ସ୍କୁଲ୍‌କୁ ମରୁଡ଼ି ଗ୍ରାସିଲା ଭଳି ଦେଖାଯାଉଛି । ମୁଁ ଗ୍ରାମବାସୀଙ୍କୁ କହିଥିଲି ଶିକ୍ଷକ ବଦଳି ନ ହେଉଥିବାରୁ ଗ୍ରାମବାସୀଙ୍କୁ ଦିନେ ଏହାର ମୂଲ୍ୟ ଦେବାକୁ ପଡ଼ିବ । ସେ ବିଷୟରେ ସେତେବେଳେ କେହି ମୁଣ୍ଡ ଖେଳାଇଲେ ନାହିଁ । ପରେ ମୁଁ ସେହି ପ୍ରତାପ ସାମଲଙ୍କ ପାଖରୁ ଶୁଣିଲି, ତାଙ୍କୁ ଯେଉଁମାନେ, ଯଥା ପଦ୍ମନାଭ ସାମଲ ଓ ନୃସିଂହ ନାୟକ, ପ୍ରଥମେ ସ୍କୁଲ୍‌ରୁ ବଦଳି ନହେବାରେ ସାହାଯ୍ୟ କରିଥିଲେ, ସେମାନେ ତାଙ୍କ ଠାରୁ ନିଜର କାର୍ଯ୍ୟହାସଲ କଲାପରେ ତାଙ୍କୁ ବଦଳି କରିବାକୁ ଚାହୁଁଛନ୍ତି । ପ୍ରତାପ ସାମଲ ନିଜେ ମୋତେ ଏକଥା ଜଣାଇଥିଲେ । ଦୀର୍ଘ ୨୦ ବର୍ଷ ପରେ ଗାଁ ଓ ସ୍କୁଲର ଅବନତି ହୋଇସାରିଲା ପରେ ପ୍ରତାପର ବଦଳି ହୋଇଯାଇଛି । କିନ୍ତୁ ଯଦି ୧୯୮୦ ମସିହାରେ ଯେତେବେଳେ ଲୋକେ ଆନ୍ଦୋଳନ କରି ବଦଳି ଚାହିଁଥିଲେ, ସେତେବେଳେ ତାହା ହୋଇଥିଲେ ଗାଁର କି ସ୍କୁଲ୍‌ର ଅବସ୍ଥା ଏତେ ଖରାପ ହୋଇନଥାନ୍ତା ।

Digitized by srujanika@gmail.com

ବୋଉର ଅଭୁଲା ସ୍ମୃତି

ମୁଁ ପିଲାଦିନେ ବୋଉକୁ ଦେଖିଛି ସେ କେମିତି ରକ୍ଷଣଶୀଳା ଥିଲା ଓ ପ୍ରଚଳିତ ପ୍ରଥାର କେତେକ ଭଲକାମକୁ ଛାଡ଼ିଦେଲେ ଅନେକ କୁସଂସ୍କାରକୁ ଜାବୁଡି ଧରିଥିଲା । କିନ୍ତୁ ଆସ୍ତେ ଆସ୍ତେ ବୋଉ ସବୁ କୁସଂସ୍କାରକୁ ଦୂରେଇ ଦେଇ ମୋରି ବାଟରେ ସମ୍ପୂର୍ଣ୍ଣ ଭାବରେ ଚଳିଲା । ମାଣବସା ଚାଉଳ ଖୁରି କରି ଅନ୍ୟକୁ ଦେଲେ ଲକ୍ଷ୍ମୀ ଚାଲିଯିବ ବୋଲି ଯେ ଦିନେ ଭାବୁଥିଲା, ସେ ପୁଣି ଆମ ଘରେ ଥିବା ଲକ୍ଷ୍ମୀପୂଜାର ସାମଗ୍ରୀସବୁକୁ ଦାଦାଙ୍କ ଘରକୁ ବିନା ଦ୍ୱିଧାରେ ଦେଇଦେଇଥିଲା । ତା'ର ପରିଣତ ବୟସରେ ସେ ଯାହା ଚାହୁଁଥିଲା, ତାହା ତାକୁ ମୁଁ ଯୋଗାଇ ଦେଉଥିଲି । ମୁଁ ବହୁସମୟ ଘରେ ରହୁନଥିଲି, ସେ ମୋ ଅନୁପସ୍ଥିତିରେ ସଂଧ୍ୟାହେଲେ ବାଡ଼ିଖଣ୍ଡେ ଧରି ଦାଣ୍ଡପିଣ୍ଡାରେ ବସି ଯେ କୌଣସି ଲୋକ ସେ ବାଟରେ ଯାଉଥିଲେ, ତାକୁ ପଚାରୁଥିଲା, ମୋ ନଛିଆକୁ ଦେଖୁନଥିଲୁ ? ସେ କଣ ଘରକୁ ଆସିବନି ? ସନ୍ତୋଷଜନକ ଉତ୍ତର ନପାଇଲେ ଗୁଣୁଗୁଣୁ ହୋଇ କ'ଣ ଗୁଡାଏ ତାଙ୍କୁ କହିଦିଏ । ସ୍ତ୍ରୀ ଡାକିଲେ 'ବୋଉ ଖାଇବ ଆସ', ବୋଉ କହିବ, 'ନଛିଆ ଆସି ନାହିଁ ମୁଁ ଖାଇବିନି' । ଯଦି ଖବର ସେ ପାଇବ ମୁଁ ଆସିବି ନାହିଁ, ତେବେ ସେ ଯାଇ ଖାଇକରି ଶୋଇବ । ଏହିପରି ମୁଁ ଘରେ ନଥିବା ଅବସ୍ଥାରେ ପିଣ୍ଡାରେ ବସି ଗୁଣୁଗୁଣୁ ହୋଇ ମୋ ଆସିବା ବିଷୟରେ ବାଟୋଇମାନଙ୍କୁ ପଚାରୁଥିବ । ୧୯୬୭ ମସିହାରେ ପ୍ରଥମ ମହାବାତ୍ୟା ହୋଇଥିଲା । ବାତ୍ୟାରେ ମୁଁ ଘରେ ନଥିଲି ଓ ବାତ୍ୟାଦିନ ରାତିରେ ମଟିବିଲରେ ଘୁଷୁରି ଘୁଷୁରି ସକାଳେ ଆସି ଘରେ ପହଞ୍ଚିଲି । ବୋଉ ସେଦିନ ମୋ ପାଇଁ ବହୁତ ବ୍ୟସ୍ତ ହୋଇଛି ।

ବୋଉ ମରିବା ପର୍ଯ୍ୟନ୍ତ ଭଲ ଅବସ୍ଥାରେ ଥିଲା, ନିଜକୁ ନିଜେ ଚଳି ପାରୁଥିଲା । ମରିବାର କିଛି ସୂଚନା ଜଣାପଡୁନଥିଲା । ଦିନେ ମୁଁ କଟକରେ ଝୋଟ ସୋସାଇଟି ମିଟିଂରେ ଯୋଗ ଦେବା ପାଇଁ ଘରୁ ଲୁଗାପଟା ଇତ୍ୟାଦି ପ୍ରସ୍ତୁତ କରି ଶିଳିପୁରରେ ରାତ୍ରିରେ ରହି ଭୋର ବସ୍‌ରେ କଟକ ଯିବି ବୋଲି ବାହାରି ଯାଇଥିଲି । ବୋଉ ୧୯୬୮ ମସିହା କାର୍ତ୍ତିକ ମାସ ଏକାଦଶୀଦିନ ଭୋର୍ ୪ଟାରୁ ଉଠି ସବୁଦିନ ପରି ନିତ୍ୟକର୍ମ ସାରି ପାନଖାଇ ସାରିବା ପରେ କ୍ୱାଇଁ ଝିଅକୁ ଉଠାଇ କହିଲା, ମୋତେ ଆଜି କାହିଁକି ଭଲ ଲାଗୁନାହିଁ, ତୁ ଶୀଘ୍ର ନିତିଆ(ନିତ୍ୟାନନ୍ଦ ବେହେରା)କୁ ପଠାଇ ନଛିଆକୁ ଶୀଘ୍ର ଶିଳିପୁରରୁ ଡ଼ାକି ଆଣିବୁ । ସେ କଟକ ନ ଯାଇ ଘରକୁ ଆସିବ, କିନ୍ତୁ ଏକଥା ତୁ ହାଲା କରିବୁ ନାହିଁ । ସେ ଶୀଘ୍ର ଯାଇ ଶିଳିପୁରରେ ମୋତେ ଭେଟି କହିଲା ଭାଇ, ବଡ଼ବୋଉ ଦେହ ଭଲ ନାହିଁ । ସେ ତୁମକୁ କଟକ ନଯାଇ ସଙ୍ଗେସଙ୍ଗେ ଘରକୁ ଯିବାକୁ କହିଛି । ମୁଁ ତା'ଠାରୁ ଏକଥା ବୁଝି ସଙ୍ଗେସଙ୍ଗେ ମାର୍ଶାଘାଇ ଯାଇ ଥଣ୍ଡା ପାଇଁ ଔଷଧ କିଣି ଆଣିଲି । ଡ଼ାକ୍ତରଙ୍କୁ କହିଲି, ଦରକାର ପଡ଼ିଲେ ମୁଁ ଲୋକ ପଠାଇଲେ ଆପଣ ଯିବେ । ଡ଼ାକ୍ତର ମୋ ସଙ୍ଗରେ ନ ଆସି ଔଷଧ ଦେଲେ । ମୁଁ ଆଗରୁ ଜାଣିଛି, ବୋଉକୁ ଟିକେ ଥଣ୍ଡା କାଶ ହେଉଥିଲା । ଆମେ ଦୁଇଜଣ ଘରେ ଆସି ପହଞ୍ଚୁଲା ବେଳକୁ ମୁଁ ଦେଖିଲି, ବୋଉର କଫ ଯାକି ଦେଇଛ. ସେ କଥା କହି ପାରୁନାହିଁ । ମୁଁ ଯେତେ ଡ଼ାକିଲେ ବି ସେ ପାଟିରେ ଜବାବ ନଦେଇ କେବଳ ହାତ ଉଠାଇ ଇସାରାରେ ଜଣାଇଲା, ତୁ ଆସିଛୁ । ମୁଁ ଖୁସି ହୋଇ ବୋଉକୁ କୋଳରେ ବସାଇ ବୋଉ ବୋଉ ଡ଼ାକିବାରୁ ଆଉ ତା'ଠାରୁ ଜବାବ ମିଳିଲା ନାହିଁ । ସଙ୍ଗେସଙ୍ଗେ ବୋଉ ପାଟିରେ ପାଣି

Digitized by srujanika@gmail.com

ଟିକେ ଦେଇଦେଲି । ବୋଉ ସଙ୍ଗେ ସଙ୍ଗେ ଟଳିପଡ଼ିଲା । ମୋ ଆସିବା ଆଗରୁ ସବୁବେଳେ ଗୁଣୁ ଗୁଣୁ ହେଉଥଲା, ନଛିଆ ଆସିଲା ନାହିଁ, ମୁଁ ମଲେ ଆସିବ । ମୁଁ ନଆସିଥିଲେ ତା' ମନରେ ଅବଶୋଷ ରହିଥାନ୍ତା । ମୋ ମନରେ ମଧ । ଯାହାହେଉ ଶେଷ ଅବସ୍ଥାରେ ମା ଓ ପୁଅ ଉଭୟ ପରସ୍ପରକୁ ଦେଖିଲୁ । ମୁଁ ଶେଷରେ କେବଳ ଏତିକି କହିଲି, ସବୁଦିନ ପାଇଁ ବୋଉ ଡ଼ାକ ବନ୍ଦ ହୋଇଗଲା । ଏପରି ମରଣ ମୁଁ ଦେଖି ନିଜେ ଖୁସି ହୋଇଗଲି ।

ବୋଉ ପାଇଁ ଶୁଦ୍ଧିକ୍ରିୟା ଓ ପିଣ୍ଡ ଦାନ

ବୋଉର ଶୁଦ୍ଧିକ୍ରିୟାରେ ପରମ୍ପରାକୁ ଭାଙ୍ଗି ଦେଲି । ଦଶଦୁଠ କଲି ନାହିଁ । ମୁଣ୍ଡ ଲଣ୍ଡା ହେଲି ନାହିଁ । ବୋଉର ଶ୍ରାଦ୍ଧ ଏକାଦଶ ଦିନ ଗାଁର ଲୋକ ଛୁଆଁ ଓ ଅଛୁଁଆ ନିର୍ବିଶେଷରେ, ସମସ୍ତଙ୍କୁ ଏକା ପଙ୍ଗତରେ ବସାଇ ଖାଇବାକୁ ବ୍ୟବସ୍ଥା କଲି । ବ୍ରାହ୍ମଣ ଭୋଜନ କି ବ୍ରାହ୍ମଣ ଦକ୍ଷିଣା ଇତ୍ୟାଦି ବ୍ୟବସ୍ଥା ନକରି ଆଖପାଖ ଗ୍ରାମ ମାନଙ୍କରୁ ନିମନ୍ତ୍ରଣ କରି ସବୁ ଜାତିର ଲୋକଙ୍କୁ ଡ଼କାଇ ଗୋଟିଏ ପଙ୍ଗତରେ ବ୍ରାହ୍ମଣ ଠାରୁ ହରିଜନ ପର୍ଯ୍ୟନ୍ତ ସମସ୍ତଙ୍କୁ ଖାଇବାକୁ ଦେବାର ଆୟୋଜନ କରିଥିଲି । ସମସ୍ତେ ଆନନ୍ଦରେ ଖାଇ ସନ୍ତୁଷ୍ଟ ହୋଇ ଯାଇଥିଲେ । ଆଉ ମଧ ଆମ ଗ୍ରାମରେ କୈବର୍ତ୍ତ, ଧୋବା, ହରିଜନ ଇତ୍ୟାଦିଙ୍କ ଅଇଁଠାପତ୍ର ଆଗରୁ କେହି ଉଠାଉନଥିଲେ । କିନ୍ତୁ ମୁଁ ସେହିଦିନ ସେମାନଙ୍କ ଅଇଁଠାପତ୍ର ଉଠାଇଲି । ତା' ପରଠାରୁ ଆମ ଗ୍ରାମରେ ଭୋଜି ଭାତ ହେଲେ ଛୋଟ ଜାତି ବୋଲି କୁହାଯାଉଥିବା ଲୋକେ ଆଉ ନିଜ ହାତରେ ଅଇଁଠା ପତ୍ର ଉଠାଉ ନାହାନ୍ତି । ସେହିଦନ ଠାରୁ ପୁରୁଣା ପରମ୍ପରା ଉଠିଯାଇଛି ।

୧୯୬୯ ମସିହା ମାର୍ଚ୍ଚ ମାସରେ ଅଲ୍‌ଇଣ୍ଡିଆ ସର୍ବୋଦୟ ସମ୍ମିଳନୀ ଗୟାରେ ଅନୁଷ୍ଠିତ ହୋଇଥିଲା । ମୁଁ ଓ ସ୍ତ୍ରୀ ବିମଳା, ଆମ ଅଞ୍ଚଳର ସୁରେଶ ଭାଇ ଓ ତାଙ୍କ ସ୍ତ୍ରୀ ଇତ୍ୟାଦି ସେହି ସମ୍ମିଳନୀକୁ ଯାଇଥିଲୁ । ଆମ ଅଞ୍ଚଳରୁ ପ୍ରାୟ ୩୦ଜଣ ଏହି ସର୍ବୋଦୟ ସମ୍ମିଳନୀକୁ ଯାଇଥିଲୁ । ସେହି ସୁଯୋଗରେ ଆମେ ବୋଉର ଅସ୍ଥିକୁ ଗୟାରେ ବିସର୍ଜନ କରିଥିଲୁ । କିନ୍ତୁ ଆମ ସଙ୍ଗରେ ଯାଇଥିବା ସୁରେଶ ଭାଇ ଇତ୍ୟାଦି ତାଙ୍କ ବାପାଙ୍କ ଅସ୍ଥି ନେଇ ଗୟାରେ ମୁଣ୍ଡଲଣ୍ଡା ହୋଇ ବ୍ରାହ୍ମଣ ଦ୍ୱାରା ମନ୍ତ୍ରପାଠ ଇତ୍ୟାଦି କରାଇ ଅସ୍ଥି ବିସର୍ଜନ କରିଥିଲେ । ଏସବୁ ସତ୍ତ୍ୱେ ବୋଉର ବିଶେଷ ସେବା କରି ପାରିନଥିବାରୁ ସେହି ଅଭାବବୋଧ ମୋ ଭିତରେ ଅନୁଭୂତ ହେଉଥିଲା ।

ମୋର ମା' ନଥିବାରୁ ଗ୍ରାମର ସମସ୍ତେ ମୋତେ ଭଲ ପାଆନ୍ତି । ସେଥିମଧ୍ୟରୁ କେତେଜଣ ମାତୃସ୍ଥାନୀୟା ମହିଳାଙ୍କ ନାମ ଉଲେଖନୀୟ । ପ୍ରଥମ ହେଉଛନ୍ତି ହଗୁରିମାତା, ଦ୍ୱିତୀୟ ରତ୍ନାକର ଲେଙ୍କାଙ୍କ ମା' ଯେ କି ଖୁଡ଼ୀ ହେବେ । ଆଉ ଜଣେ ହେଉଛନ୍ତି ସନେଇ ଶାମଲଙ୍କ ସ୍ତ୍ରୀ, ସେ ମଧ୍ୟ ଖୁଡୀ ହେବେ । ଶେଷ ଖୁଡ଼ୀଙ୍କୁ ମୁଁ ମୋର ମାତୃ ଆସନରେ ବସାଇ ଯିବାଆସିବା ବାଟରେ ମାତୃସମ୍ମାନ ଦେଇଥାଏ ଏବଂ ତଦ୍ୱାରା ମନ ଭଲଲାଗେ । ମୁଁ ମୋର ମା'ର ମାତୃତ୍ୱ ସେହି ଖୁଡ଼ୀଠାରେ ଅନୁଭବ କରିଥାଏ ।

ଦଶୀପୁର ମହିଳା ସମିତି

୧୯୭୯ ମସିହାରେ ଆମ ଗ୍ରାମରେ ଗୋଟିଏ ମହିଳାସମିତି କରିବାପାଇଁ କେତେକ ମହିଳା ମୋ ସଙ୍ଗରେ ପରାମର୍ଶ କଲେ । ମୁଁ ତାଙ୍କୁ କହିଲି ମହିଳାସମିତିର କାର୍ଯ୍ୟ ହେଉଛି ଏହି

Digitized by srujanika@gmail.com

ଗ୍ରାମର ଛୁଆପିଲାଙ୍କ ପାଇଁ ସରକାର ଯେଉଁ ଖାଦ୍ୟ ଯୋଗାଉଛନ୍ତି, ତାହା ନିୟମିତ ରାନ୍ଧି ଖୁଆଇବାକୁ ପଡିବ ଏବଂ ଏହାଛଡା ଅନ୍ୟ ଗାଁର ଅନ୍ୟ ଉନ୍ନତିମୂଳକ କାମ ଯଦି କରିପାରିବ, ତେବେ ମହିଳା ସମିତି ଗଠନର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରିବ । ଯଦି ତାହାନକରି ସରକାରୀ ଅନୁଦାନ ଆତ୍ମସାତ କରିବ, ତେବେ ମୁଁ ତୁମକୁ ସାହାଯ୍ୟ କରିବିନାହିଁ । ସେମାନେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲେ । ତାପରେ ଗ୍ରାମର ମହିଳା ମାନଙ୍କୁ ମେମ୍ବର କରି ସେମାନଙ୍କୁ ଦିନେ ପ୍ରଥମ ଅଧିବେଶନରେ ଡକାଗଲା । ସେଥିରେ ପ୍ରାୟ ୫୦ରୁ ୬୦ ଜଣ ସ୍ତ୍ରୀଲୋକ ଉପସ୍ଥିତ ଥିଲେ । ସେହି ଅଧିବେଶନରେ ଗୌରୀମଣି ସ୍ୱାଇଁଙ୍କୁ ପ୍ରେସିଡେଣ୍ଟ, ବ୍ରଜବାଳା ନାୟକ(ବାଜ)ଙ୍କୁ ଭାଇସ୍ ପ୍ରେସିଡେଣ୍ଟ, ଅବନ୍ତି ବେହେରାଙ୍କୁ ସେକ୍ରେଟାରୀ ଓ ବିମଳା ବେହେରାଙ୍କୁ କୋଷାଧକ୍ଷ ଭାବେ ନିର୍ବାଚିତ କରାଗଲା । ସେହି ମହିଳା ସମିତିକୁ ବିଧିବଦ୍ଧ ଭାବେ ରେଜିଷ୍ଟ୍ରି କରାଯାଇ ତହିଁର କାର୍ଯ୍ୟ ଆରମ୍ଭ କରାଗଲା । ଏହି ମହିଳା ସମିତିକୁ ସାହାଯ୍ୟ କରିରା ପାଇଁ ଶକ୍ତିଧର (ଦାଶ)ଙ୍କୁ କୁହାଗଲା । ଶକ୍ତିଧରଙ୍କ ସହାୟତାରେ ବ୍ଲକ୍‌ରୁ ମିଳୁଥିବା ଖାଦ୍ୟସାମଗ୍ରୀକୁ ଉଠାଇବା ସକାଶେ ପ୍ରେସିଡେଣ୍ଟ ଓ ସେକ୍ରେଟାରୀଙ୍କୁ କ୍ଷମତା ଦିଆଗଲା । ଆଗରୁ ଯେଉଁ ମହିଳା ସମିତି ଥିଲା, ତହିଁର କେତେ ଜଣ କର୍ମକର୍ତ୍ତା ଏହାର ଜିନିଷକୁ ଆତ୍ମସାତ୍ କରୁଥିଲେ, ଓ ଭୁଲରେ ଦିନେ ସୁଦ୍ଧା ପିଲାଙ୍କୁ ଖାଇବାକୁ ଦେଉନଥିଲେ । ସେ ସମିତି ମଧ୍ୟ ବିଧିବଦ୍ଧ ଭାବରେ ଗଠିତ ହୋଇନଥିଲା । ମହିଳା ସମିତିର ସ୍ୱତନ୍ତ୍ର ଯାଗା ନ ଥିବାରୁ ମୁଁ ଆମ ଘରେ ସେଥିପାଇଁ ଗୋଟିଏ ରୁମ୍ ଛାଡ଼ି ଦେଲି । ସେହି ଘରେ ଖାଦ୍ୟଜିନିଷ ରଖି ମହିଳାମାନେ ପିଲାମାନଙ୍କୁ ରାନ୍ଧିକରି ଖାଇବାକୁ ଦେଉଥିଲେ । ପ୍ରାୟ ପ୍ରତିଦିନ ୫୦ରୁ ୬୦ ପିଲା ଖାଉଥିଲେ । ମିଳୁଥିବା ଜିନିଷର ଅର୍ଦ୍ଧାଂଶ ପିଲାମାନଙ୍କୁ ରାନ୍ଧି ଖାଇବାକୁ ଦିଆଯାଉଥିବା ବଳେ ବାକୀ ଅର୍ଦ୍ଧକୁ ବିକ୍ରୀ କରି ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ତୁଲା ଯାଉଥିଲା । ହିସାବପତ୍ର ଠିକ୍ ରୂପେ ରଖାଯାଉଥିଲା । ଗ୍ରାମର ଯେଉଁ ଲୋକ ମହିଳା ସମିତିର ସାମଗ୍ରୀ କିଣିବାକୁ ଚାହିଁଲେ, ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ରେଟ୍‌ରେ ଦିଆଯାଉଥିଲା । ହିସାବରୁ ଦେଖାଗଲା, ପିଲାମାନଙ୍କୁ ପ୍ରତିଦିନ ସନ୍ତୋଷର ସହ ଖୁଆଇ ତଥା ଅନ୍ୟାନ ସବୁ ଖର୍ଚ୍ଚ ବହନ କଲା ପରେ କିଛି ଟଙ୍କା ବଞ୍ଚି ଯାଉଥିଲା । ଯାହା ବଞ୍ଚିଲା, ତାକୁ ଗ୍ରାମର ସମୂହ କାମ ପାଇଁ ଦିଆଯାଉଥିଲା । ଏହିପରି ମୋଟାମୋଟି ଠିକ୍ ଭାବରେ କାମ ଚାଲିଥିବା ସମୟରେ ୧୯୮୦ ମସିହାରେ ଧୋୟା ଅଞ୍ଚଳରେ ପ୍ରଚଣ୍ଡ ବନ୍ୟା ଦେଖାଦେଲା । ବେଶି କ୍ଷତି ଘଟିଥିଲା ପାଟକୁରା ଅଞ୍ଚଳରେ, ଯେଉଁଠିକି ଲୋକମାନେ ଦିନଦିନ ଧରି ଭୋକଉପାସରେ ରହିଥିଲେ । ଆମ ଗ୍ରାମର ମହିଳା ସମତି ତରଫରୁ ୧୨/ ୧୪ ଜଣ ମହିଳା ପାଟକୁରାର ଓସ୍ତିଆ ଠାରେ ରହି ଏକ ଶିବିର କରି ଲୋକଙ୍କୁ ରୋଷେଇ କରି ଖାଇବାକୁ ଦେବାକୁ ଯାଇଥିଲେ । ବନ୍ୟା ଛାଡ଼ିବା ପରେ ସେଠିକାର ଲୋକେ ନିଜ ଘରକୁ ଫେରିବା ପରେ ଦଶିପୁର ମହିଳା ସମିତିର ସଭ୍ୟା ମାନେ ନିଜ ଗାଁକୁ ଫେରିଥିଲେ । ମୋଟ୍ ୧୦/ ୧୨ ଦିନ ସେମାନେ ପାଟକୁରାରେ ରହି ରିଲିଫ୍ କାମ କରିଥିଲେ । ଏହି କାର୍ଯ୍ୟ ଯୋଗୁଁ ଦଶିପୁର ମହିଳା ସମିତିର ନାମ ଚାରିଆଡେ ପ୍ରଚାରିତ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଅବଶ୍ୟ ରିଲିଫ୍ କାମ ସରକାରଙ୍କ ତରଫରୁ ଚାଲିଥିଲା ।

Digitized by srujanika@gmail.com

ଦଶୀପୁରରେ ମହିଳା ଶ୍ରମ ଶିବିର

ସେତେବେଳେ କଂଗ୍ରେସର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ଚାଲିଥିଲା । ଆମ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ କେନ୍ଦ୍ରାପଡ଼ାର ସ୍ୱାଧୀନତା ସଂଗ୍ରାମୀ ବ୍ରହ୍ମାନନ୍ଦ ରାଉତଙ୍କ ପୁଅ ଇନ୍ଦ୍ରମଣି ରାଉତ ବିଧାନସଭାର ସଭ୍ୟ ଥିଲେ । ସେ ପ୍ରସ୍ତାବ ଦେଲେ, ଦଶିପୁରରେ ମହିଳା ସମିତି ଉଦ୍ୟୋଗରେ ଏକ ୭ଦିନିଆ ଶ୍ରମ ଶିବିର କରିବାକୁ । ଆମ ଗ୍ରାମବାସୀଙ୍କ ଦ୍ୱାରା ଏହି ପ୍ରସ୍ତାବ ଗୃହୀତ ହେଲା ଓ ସେହି ଅନୁସାରେ କାର୍ଯ୍ୟକ୍ରମ ସ୍ଥିର କରାଗଲା । ଗ୍ରାମବାସୀ ତଥା ମହିଳା ସମିତିର ସଭ୍ୟାମାନେ ପୂର୍ଣ୍ଣମାତ୍ରାରେ ନିଜର ଶ୍ରମଦାନ କରିବା ପାଇଁ ସମ୍ମତି ପ୍ରକାଶ ପାଇଲା । ଯେତେ ଶ୍ରମକର୍ମୀ ପ୍ରତିଦିନ ଉପସ୍ଥିତ ରହିବେ, ସମସ୍ତଙ୍କ ପାଇଁ ୭ଦିନ ସକାଶେ ଖାଇବାର ବ୍ୟବସ୍ଥା କରାଗଲା । ଦଶିପୁର ଅପର୍ ପ୍ରାଇମେରୀ ସ୍କୁଲରେ ଶିବିର କାର୍ଯ୍ୟ କରାଗଲା । ସକାଳଓଳି ପ୍ରତିଦିନ ମହିଳା ସମିତି ତରଫରୁ ଗ୍ରାମଦାଣ୍ଡ ସଫେଇ ସଙ୍ଗେ ସଙ୍ଗେ ଆମ ପଡାର ପାଣିମୁହଁ ପର୍ଯ୍ୟନ୍ତ ଗୋଟିଏ ରାସ୍ତା ନିର୍ମାଣର କାର୍ଯ୍ୟ ହାତକୁ ନିଆଗଲା । ଏହି ଶ୍ରମ ଶିବିରରେ ଗ୍ରାମ ତରଫରୁ କାଁ ଭାଁ କିଛି ଲୋକ ଯୋଗ ଦେଉଥିଲେ, କିନ୍ତୁ ମହିଳା ସମିତିର ସଭ୍ୟାମାନେ ପୂର୍ଣ୍ଣମାତ୍ରାରେ ଶ୍ରମକାର୍ଯ୍ୟରେ ଯୋଗ ଦେଉଥିଲେ । ପୁଣି ମହିଳାମାନେ ତାଙ୍କ ଘରୁ ଖାଇପିଇ ଯାଉଥିଲେ । ପ୍ରତିଦିନ ଉପରଓଳି ସେମାନେ ଆଲୋଚନାରେ ଭାଗ ନେଉଥିଲେ । ଏହିପରି ଭାବରେ ଶିବିର ଚାଲିବା ପରେ ଶେଷଦିନ, ଅର୍ଥାତ୍ ୭ତମ ଦିବସରେ ଆମ ଗ୍ରାମକୁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆସଥିଲେ । ଗ୍ରାମରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବାପାଇଁ ଏକ ସଭା କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କୁ ଆମ ଗ୍ରାମକୁ ଆଣିବାରେ କିଛି ଅସୁବିଧା ହୋଇନଥିଲା । ଗ୍ରାମବାସୀଙ୍କ ତରଫରୁ କିଛି ଟଙ୍କା ଓ ମହିଳା ସମିତି ଫଣ୍ଡରୁ ଦୁଇହଜାର ଟଙ୍କା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ଯୋଗୁଁ ମହିଳା ସମିତିର ବହୁ ସୁଖ୍ୟାତି ହୋଇଥିଲା, ଯାହା ଫଳରେ କି ଉପର ସ୍ତରର ଲୋକେ ଦଶୀପୁର ମହିଳା ସମିତିକୁ ଦେଖିବାକୁ ଆସିଲେ ଏବଂ ସମିତିର ଉଚ୍ଚପ୍ରଶଂସା କରିବାକୁ ଲାଗିଲେ ।

ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଓ ହାଇସ୍କୁଲ୍ ସ୍ଥାନ ନେଇ ବିବାଦ

୭ଦିନ ଧରି ମହିଳା ଶ୍ରମ ଶିବିର ଚାଲିବା ପରେ ଶେଷଦିନ ଆମ ଗ୍ରାମକୁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆସି ଶିବିରର ଉଦ୍‌ଯାପନ ଅଧିବେଶନରେ ଭାଷଣ ଦେଇଥିଲେ । ଗ୍ରାମ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବାପାଇଁ ଏକ ସଭାର ଆୟୋଜନ କରାଯାଇଥିଲା । ମୁଁ ପୂର୍ବରୁ ଉଦ୍ୟୋକ୍ତାମାନଙ୍କୁ ପରାମର୍ଶ ଦେଇଥିଲି, ଏହି ସୁଯୋଗରେ ଗ୍ରାମର ଓ ଏ ଅଞ୍ଚଳର ମୁଖ୍ୟ ସମସ୍ୟା ଓ ଅସୁବିଧା ଗୁଡିକ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ଦିଆଯାଉ ଏବଂ ବିଶେଷକରି ଦଶିପୁର ସମେତ ସ୍ଥାନୀୟ ୪ଖଣ୍ଡ ଗ୍ରାମ ପାଇଁ ଏକ ହାଇସ୍କୁଲ୍ ପ୍ରତିଷ୍ଠାର ପ୍ରସ୍ତାବ ସେହି ସ୍ମାରକ ପତ୍ରରେ ଅଗ୍ରାଧିକାର ଲାଭ କରୁ । ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ମଧ୍ୟ ଦିଆଯାଇଥିଲା । କିନ୍ତୁ ପରବର୍ତ୍ତୀ ଘଟଣା

Digitized by srujanika@gmail.com

ପ୍ରକ୍ରିୟାରେ ଆମଗ୍ରାମର କେତେକ ବ୍ୟକ୍ତିଙ୍କ ଚାଲ୍‌ବାଜି ଯୋଗୁଁ ଏହି ହାଇସ୍କୁଲ୍ ପ୍ରସ୍ତାବର କାର୍ଯ୍ୟକାରିତା ବାଧାଗ୍ରସ୍ତ ହୋଇପଡିଲା ।

ପ୍ରସ୍ତାବଟି ଥିଲା ଏହିପରି । ଆମ ଗ୍ରାମ ଦଶିପୁରରେ ଏକ ପଞ୍ଚାୟତ ହାଇସ୍କୁଲ ପ୍ରତିଷ୍ଠା ହେବ, ଯେଉଁଥିରେ ୪ଖଣ୍ଡ ଗ୍ରାମ ଯଥା, ଦଶିପୁର, ବାଲଣା, ଆଦାମପୁର ଓ ପଳାସପୁରର ପିଲାମାନେ ପଢିପାରିବେ । ଏହି ଚାରିଖଣ୍ଡ ଗ୍ରାମର ମଧ୍ୟସ୍ଥଳ, ଦଶିପୁର ଗ୍ରାମର ବିସ୍ତୀର୍ଣ୍ଣ ପଡ଼ିଆ ବନ୍ଧମୁଣ୍ଡାରେ ଯଦି ଏହା ପ୍ରତିଷ୍ଠା କରାଯାଏ, ତେବେ ବାକୀ ତିନୋଟି ଗ୍ରାମର ସମସ୍ତ ଲୋକ ରାଜିହେବେ । ଦଶିପୁର ଗ୍ରାମ ଏହି ପ୍ରସ୍ତାବର କାର୍ଯ୍ୟକାରିତା ପାଇଁ ଉଦ୍ୟୋକ୍ତା ରହିବ । ଦଶିପୁର ଗ୍ରାମର ସମସ୍ତ ଲୋକେ ଏହି ପ୍ରସ୍ତାବରେ ରାଜି ଥିଲେ । ଏହାକୁ କାର୍ଯ୍ୟରୂପ ଦେବା ପାଇଁ ଚାରିଖଣ୍ଡ ଗ୍ରାମର ପ୍ରତିନିଧିଙ୍କୁ ନେଇ ପ୍ରଥମ ବୈଠକ ଅନୁଷ୍ଠିତ ହେଲା, ଯେଉଁଥିରେ ସର୍ବସମ୍ମତି କ୍ରମେ ଏକ କାର୍ଯ୍ୟକାରୀ କମିଟି ମଧ୍ୟ ଗଢାହେଲା । ସେହି କମିଟିରେ ପଳାସପୁରର ଭାସ୍କର ଦାସ ସଭାପତି ଏବଂ ଦଶିପୁରର ସୁନାକର ସାମଲ ସେକ୍ରେଟାରୀ ତଥା ଅନ୍ୟ ଦୁଇଟି ଗାଁରୁ ବଛାବଛା ସଭ୍ୟମାନେ ରହିଲେ । ସେହି ବୈଠକରେ ପ୍ରସ୍ତାବ ନିଆଗଲା ଯେ, ଯେଉଁ ତାରିଖରେ ହାଇସ୍କୁଲ୍‌କୁ ମଞ୍ଜୁରି ମିଳିବ, ସେତିକି ବେଳେ ଶିକ୍ଷାବିଭାଗର ମାନଦଣ୍ଡ ଅନୁଯାୟୀ ଯେତିକି ଜମି ଦରକାର ତାହା ହାଇସ୍କୁଲ୍ ନାମରେ ରେଜିଷ୍ଟ୍ରେସନ୍ କରିଦିଆଯିବ । ପୁଣି ସ୍ଥିର କରାଗଲା ଯେ, ଦଶିପୁରର ବନ୍ଧମୁଣ୍ଡା ଠାରେ ଥିବା ଅନାବାଦି ଜମିରେ ଏହି ହାଇସ୍କୁଲ୍ ନିର୍ମାଣ କରାଯିବ । ସୁନାକର ସାମଲ ସେକ୍ରେଟାରୀ ଥିବାରୁ ସେ ଏହି ପ୍ରସ୍ତାବ ସବୁକୁ ବିବରଣୀରେ ଲେଖିବା କଥା । କିନ୍ତୁ ସେ ତାହା ନଲେଖି ଆମ ଗ୍ରାମର ଅଥଚ ତାଙ୍କ ପଡାର ଦୁଇଜଣ ବ୍ୟକ୍ତି, ଯେକି ଏହି କମିଟିର ସଭ୍ୟ ଥିଲେ, ତାଙ୍କୁ ଲେଖିବାର ଦାୟିତ୍ୱ ଦେଇଦେଲେ । ସେ ଦୁଇଜଣ ହେଉଛନ୍ତି, ପ୍ରତାପ ଶାମଲ ଆମ ଗ୍ରାମର ମି :ଇ : ସ୍କୁଲର ହେଡ଼ମାଷ୍ଟର, ଓ ପିତାମ୍ବର ଅଧିକାରୀ, ଚଢ଼ାଇଗୁଆଁ ହାଇସ୍କୁଲର ସହଯୋଗୀ ଶିକ୍ଷକ । ଏହି ଦୁଇଜଣ ଷଡ଼ଯନ୍ତ୍ର କରି ବନ୍ଧମୁଣ୍ଡା ଜମିରେ ସ୍କୁଲ୍ ହେବା କଥାକୁ ସଭା ବହିରେ ଲେଖି ନଥିଲେ, ଅଥଚ ମୁହଁରେ ପଢିବା ବେଳେ ଏମିତି ପଢି ଶୁଣାଇଦେଲେ ଯେ, ମନେ ହେବ ତାହା ଲେଖାଅଛି । କେହି ଅବିଶ୍ୱାସ କଲେନାହିଁ । କିନ୍ତୁ ସେ ସଭାବହି ପଢି ସାରିବା ପରେ ମୁଁ ମାଗିଲି ସେ ବହିକୁ ଦେଖିବାକୁ । ମୁଁ ନିଜେ ସଭାବହି ପଢି ସାରିବା ପରେ ଏହି ଦୁଇଜଣ ସଭ୍ୟଙ୍କୁ ପଚାରିଲି, ବନ୍ଧମୁଣ୍ଡା ଜମିରେ ହାଇସ୍କୁଲ କରାଯିବ ବୋଲି କାହିଁ ବିବରଣୀରେ ଉଲ୍ଲେଖ ନାହିଁ ତ । ଏକଥା ମୁଁ ସମସ୍ତଙ୍କ ଆଗରେ ଖୋଲି କହି ଦେବାରୁ ସେ ଦୁଇଜଣଙ୍କ ମୁହଁ କଳା ପଡ଼ିବା ସଙ୍ଗେସଙ୍ଗେ ଅପମାନିତ ଅନୁଭବ କରି କହିଲେ, ଭାଇ ଆମ ଲେଖିବାରେ ଭୁଲ ହୋଇଯାଇଛି । ତେଣୁ ବର୍ତ୍ତମାନ ସଭାବହିର ବିବରଣୀର ଶେଷ ପାରାରେ ତାହା ଆମେ ଲେଖିଦେଉଛୁ । ତା'ପରେ ସମସ୍ତେ ସଭାବହିରେ ଦସ୍ତଖତ କଲେ ଓ ଆଗାମୀ ବୈଠକର ତାରିଖ ସ୍ଥିର କଲେ । କିନ୍ତୁ ସେହିଦିନଠାରୁ ସେମାନଙ୍କୁ ବାଲଣା, ଆଦାମପୁର ଓ ପଳାସପୁରର ଲୋକମାନେ ସନ୍ଦେହ ଦୃଷ୍ଟିରେ ଦେଖିବାକୁ ଲାଗିଲେ ।

Digitized by srujanika@gmail.com

ମୁଖ୍ୟମନ୍ତ୍ରୀଙ୍କୁ ଯେଉଁ ସ୍ମାରକପତ୍ର ଦିଆଯାଇଥିଲା, ସେଥିରେ ଆଉ କେତୋଟି ଜନମଙ୍ଗଳ ପ୍ରସ୍ତାବ ମଧ୍ୟ ଅନ୍ତର୍ଭୁକ୍ତ ଥିଲା, ଯଥା ଦଶିପୁର ଗାଁ ମୁଣ୍ଡରୁ ଆରମ୍ଭ କରି ବନ୍ଧମୁଣ୍ଡା ଦେଇ ଗୋବରନଦୀ ପର୍ଯ୍ୟନ୍ତ ଏକ ପକ୍କାରାସ୍ତା ନିର୍ମାଣ ସହିତ ସମଗ୍ର ପଞ୍ଚାୟତର ସୁବିଧା ଦୃଷ୍ଟିରୁ ଗୋବରୀ ନଦୀ ଉପରେ ଗୋଟିଏ ପୋଲ ନିର୍ମାଣ କରିବା ତଥା ପଞ୍ଚାୟତ ଅଫିସ୍‌କୁ ସଂଲଗ୍ନ କରି ଏକ ପଶୁ ପ୍ରଜନନ କେନ୍ଦ୍ର ଓ ଗୋଟିଏ ମିନି ଡାକ୍ତରଖାନାର ପ୍ରତିଷ୍ଠା କରିବା । ମିନି ଡାକ୍ତରଖାନା ହେବା ନିହାତି ଜରୁରୀ । କାରଣ ବର୍ତ୍ତମାନ ପ୍ରାଇମେରି ହେଲଥ୍ ସେଣ୍ଟର୍ ମାର୍ଶାଘାଈରେ ଥିବାରୁ ଏବଂ ମର୍ଶାଘାଈ ଆମ ଗ୍ରାମ ଦଶୀପୁରରୁ ପ୍ରାୟ ୧୦କିଲୋମିଟର ଦୂରରେ ଅବସ୍ଥିତ ହୋଇଥିବାରୁ ଯଦି ଦୈବାତ୍ କୌଣସି ରୋଗୀ ସଂକଟାପନ୍ନ ହୋଇପଡେ ତେବେ ରୋଗୀକୁ ଭାରେଇ ନେଇ ଡାକ୍ତରଖାନାରେ ପହଞ୍ଚିଲାବେଳକୁ ସେ ମରିଯାଉଛି । ତେଣୁ ଦଶିପୁରରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ନିହାତି ଆବଶ୍ୟକ । ଏହାଛଡା ଆଉ ଏକ ପ୍ରସ୍ତାବ ମୁଁ ବ୍ୟକ୍ତିଗତ ଭାବେ ଆଲୋଚନା କ୍ରମେ ରଖିଥିଲି, ତାହା ହେଉଛି, ଆମ ପଞ୍ଚାୟତରେ ଏକ ବସ୍‌ଷ୍ଟାଣ୍ଡ କରାଯାଉ, ଯାହା ଫଳରେ ସାଧାରଣ ଲୋକେ କଟକ, ଜମ୍ଭୁ ଓ ପାରାଦ୍ୱିପ ଇତ୍ୟାଦି ସ୍ଥାନକୁ ଯାତାୟତ କରିବା ସହଜ ହୋଇପାରିବ ।

ମହିଳା ସମିତିର ବିଘଟନ

କିନ୍ତୁ ଏ ପ୍ରଶଂସା ବେଶିଦିନ ତିଷ୍ଠି ରହିଲା ନାହିଁ । ଏହାକୁ ଭାଙ୍ଗିବାପାଇଁ ଗ୍ରାମର କେତେକ ଇର୍ଷାପରାୟଣ ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଷଡ଼ଯନ୍ତ୍ର କରିବାରେ ଲାଗି ପଡିଲେ । ଏପରିକି ଆମ ବେହେରା ସାହିର ତଥା ଗ୍ରାମର ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ଶିକ୍ଷକ କରୁଣାକର ବେହେରା ମଧ୍ୟ ମହିଳା ସମିତି ବିରୁଦ୍ଧରେ ଲାଗି ପଡିଲେ । ସେ ମହିଳା ସମିତିରୁ ଗୋଟିଏ ଛୋଟ ବଟର୍ ଅଏଲ୍ ନେବା ପାଇଁ କହିଥିଲେ, କିନ୍ତୁ ସେତେବେଳେ ତାହା ସମିତି ପାଖରେ ନ ଥିବାରୁ ଏହାର କାର୍ଯ୍ୟକର୍ତ୍ତା ଦେବା ପାଇଁ ମନାକଲେ ଓ କହିଲେ, ପୁଣି ଆସିଲେ ତୁମେ ଏହା ନେବ । କିନ୍ତୁ କରୁଣାକର ସେକଥା ନବୁଝି ଓ ଅପେକ୍ଷା ନ କରି ଗାଁର ଅନ୍ୟ ଯେଉଁମାନେ ମହିଳା ସମିତିକୁ ଭାଙ୍ଗିବାକୁ ଚାହୁଁଥିଲେ, ସେମାନଙ୍କ ସହ ମିଳିଗଲେ । ସେହି ସୁଯୋଗରେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ କରୁଣାକରଙ୍କୁ ଆଗରେ ଠିଆ କରାଇ ନିଜେ ପଦାରେ ନ ପଡି ତାରି ଜରିଆରେ ବାରମ୍ବାର ପଞ୍ଚାୟତ ସମିତି ଅଫିସ୍‌କୁ ମହିଳା ସମିତି ବିରୁଦ୍ଧରେ ନାନାଦି ଅଭିଯୋଗ ଜଣାଇଲେ । ସଂପୃକ୍ତ ଅଧିକାରୀ ଜଣକ ମହିଳା ସମିତିର ସୁକାର୍ଯ୍ୟ ବିଷୟରେ ଜାଣିଥିବାରୁ କରୁଣାକରଙ୍କ କଥାକୁ ବିଶ୍ୱାସ କଲେ ନାହିଁ । ଶେଷକୁ କରୁଣାକର ବାରମ୍ବାର ଆମ ବିଧାୟକ ଇନ୍ଦ୍ରମଣି ରାଉତଙ୍କ ପାଖକୁ ଦଉଡ଼ି ତାଙ୍କ ଆଗରେ ମହିଳା ସମିତି ବିରୁଦ୍ଧରେ ମିଛସତ ଯୋଡି ଅଭିଯୋଗ କଲେ । ଇନ୍ଦ୍ରମଣି ରାଉତ ବାଧହୋଇ ବ୍ଲକ୍‌କୁ ଫୋନ୍‌କରି ଦଶୀପୁର ମହିଳା ସମିତିକୁ ଜିନିଷସବୁ ଦିଆନଯାଉ ବୋଲି ପରାମର୍ଶ ଦେଲେ । ଏହାସତ୍ତ୍ୱେ ବ୍ଲକରେ ମହିଳା ସମିତି ଦାୟିତ୍ୱରେ ଥିବା ଅଫିସର୍ ଜଣକ ଇନ୍ଦ୍ରମଣିଙ୍କୁ କହିଲେ, ସାର୍, ମୁଁ ଇନକ୍ୱାରି କରି ଦେଖି ସାରିଲାପରେ ମହିଳା ସମିତିକି ବନ୍ଦ କରିବି । ସେହି ଅଫିସର୍ ଆମ ଗ୍ରାମକୁ ଆସି କହିଲେ, ମୁଁ ଭଲଭାବରେ ଜାଣେ ତୁମ ମହିଳା ସମିତି

Digitized by srujanika@gmail.com

ପିଲାମାନଙ୍କୁ ଖାଇବାକୁ ଦେଉଛି ଓ ଆନୁଷଙ୍ଗିକ ଖର୍ଚ୍ଚପାଇଁ ଅଧା ସାମଗ୍ରୀ ବିକ୍ରି କରାଯାଇ ଯଥାବିଧି ମହିଳା ସମିତି ପାଣ୍ଠିରେ ଗଚ୍ଛିତ ରହୁଛି, କିନ୍ତୁ ବାରମ୍ବାର ମୋ ପାଖକୁ ଫୋନ କରାଯାଉଛି ଯେ ବର୍ତ୍ତମାନର ଦଶିପୁର ମହିଳା ସମିତିକୁ ଜିନିଷ ଦିଆ ନଯାଇ ଆଉ ଗୋଟିଏ ମହିଳା ସମିତି ଜରିଆରେ ଦିଆଯିବ । ସେହି ସମୟରେ ଭିତରେ ଭିତରେ ଏକ ଅପପ୍ରଚାର କରାଗଲା ଯେ, ଦଶିପୁର ମହିଳା ସମିତିକୁ ସାତଲକ୍ଷ ଟଙ୍କା ସରକାର ଦେଇଛନ୍ତି, ଯାହାକୁ ଏହାର କର୍ମକର୍ତ୍ତାମାନେ ମାରିଦେଇଛନ୍ତି । କେହି ସାହାସ କରି ଆମକୁ ପଚାରି ପାରିଲେ ନାହିଁ, କିନ୍ତୁ ବିସ୍ମୟର କଥା, ଶେଷରେ ଆମ ସାନଦାଦା ମୋତେ ଆସି ଏହି ସାତଲକ୍ଷ ଟଙ୍କା ବିଷୟରେ ପଚାରିଲେ । ମୁଁ ତାଙ୍କୁ କଡା ଭାଷାରେ ଓଲଟା ପଚାରିଲି, ତୁମେ କିପରି ଜାଣିଲ ଯେ ମହିଳା ସମିତିକୁ ସାତଲକ୍ଷ ଟଙ୍କା ଆସିଛି ? ସେ କହିଲେ ଲୋକମାନେ କହୁଛନ୍ତି । ମୁଁ ପୁଣି କହିଲି, ତୁମେ ଲୋକମାନଙ୍କ କଥାରେ କିପରି ବିଶ୍ୱାସ କଲ ? ତୁମେ ମଧ ସେହି କୁଚକ୍ରୀ ଗୋଷ୍ଠୀର ଲୋକ, ଯେ କି ଜାଣିଶୁଣି ଏପ୍ରକାର ଏକ ଅପପ୍ରଚାର ଆରମ୍ଭ କରିଛନ୍ତି । ସେ ମୋ କଡାଭାଷାରୁ ସତକଥା ଅନୁମାନ କରିନେଇ ତୁନି ରହିଲେ ଓ ଆଉ କେବେ ଏ ବିଷୟ କାହା ସହିତ ଆଲୋଚନା କରିନାହାନ୍ତି ।

ଗେଞ୍ଜପାଳନ୍ଦା ପେଟା ଜମି ମାମଲା

ଗ୍ରାମର ଆଉ ଗୋଟିଏ ଘଟଣା, ଯାହାକି ମୋର ସଙ୍ଗାତ ଉତ୍ସବାନନ୍ଦ ନାୟକଙ୍କୁ କେନ୍ଦ୍ର କରି ଘଟିଥିଲା, ତାହା ଏଠାରେ ସୂଚାଇବାକୁ ଚାହୁଁଛି । ସେ ଗ୍ରାମବାସୀଙ୍କ ଅଜାଣତରେ ଆମଗ୍ରାମର ଦକ୍ଷିଣପଟ ଗେଞ୍ଜପାଳନ୍ଦା କେଉଟିପେଟା, ଯାହାକି ପ୍ରାୟ ୧୭ ଏକର ପରିମିତ ପାଳନ୍ଦା କିସମ ସରକାରୀ ଜମି ଥିଲା, ତାକୁ ନିଜେ ଲିଜ୍ ନେବା ପାଇଁ ଭିତିରିଆ ଉଦ୍ୟମ କରିସାରିଥିଲେ, କିନ୍ତୁ ଠିକ୍ ସମୟରେ ଧରା ପଡିବାରୁ ସେଥିରେ ସଫଳ ହୋଇ ପାରିନଥିଲେ । ସେ ଜମିକୁ ଆମ ଗ୍ରାମର ପ୍ରାୟ ସମସ୍ତେ, ଅର୍ଥାତ୍ ୧୫୦ଘର ଅସ୍ଥାୟୀ ଲିଜ୍ ନେବାପାଇଁ ସରକାରଙ୍କ ଠାରେ ଦରଖାସ୍ତ କରିଥିଲେ । ସରକାର ଏଥିରେ ରାଜିହୋଇ କହିଥିଲେ ଯେ, ଗ୍ରାମବାସୀ ସମସ୍ତଙ୍କୁ ଲିଜ୍ ଦିଆଗଲେ ବି ଲିଜ୍ ଦଲିଲ୍‌ରେ ଜଣଙ୍କ ନାମ ଓ ଓଗେର ଗ୍ରାମବାସୀ ଲେଖାଯିବ । ଗ୍ରାମରେ ସମସ୍ତେ ବସି ଠିକ୍ କରିଥିଲେ ଯେ, ମୋ ନାମ ସହିତ ଗ୍ରାମବାସୀ ଓଗେର ଲେଖାଯାଇ ଲିଜ୍ ଅଣାଯିବ । ସେହି ହିସାବରେ ଲିଜ୍ ଅଣାଯାଇଥିଲା । ଗ୍ରାମର ପ୍ରତିଘରକୁ ୧୩ ଡିସିମିଲ୍ ଜମି ପଡିଥିଲା । ପ୍ରତିବର୍ଷ ଏହିପରି ଲିଜ୍ ଅଣାଯାଇ ଲୋକେ ବିଶେଷ କରି ଗରିବ ଲୋକେ ଉଭୟ ଦାଳୁଅ ଓ ସାରଦ ଧାନ ଚାଷକରି ଉପକୃତ ହୋଇ ଆସୁଛନ୍ତି । ସେଥିରୁ ଗରିବ ଲୋକମାନେ ସେମାନଙ୍କର ବର୍ଷକ ପାଇଁ ଖାଦ୍ୟସଂଗ୍ରହ କରି ପାରୁଛନ୍ତି । ଘର-ପିଛା ଜମି ବାଣ୍ଟ ବେଳେ ମୁଁ ଗୋଟିଏ ପ୍ରସ୍ତାବ ଗ୍ରାମବାସୀଙ୍କୁ ଦେଇଥିଲି, ଯେଉଁମାନଙ୍କର ଏକରଠାରୁ କମ୍ ଜମିଅଛି, ଏବଂ ଯେଉଁମାନେ ଭୂମିହୀନ ସେମାନଙ୍କୁ ହିଁ କେବଳ ଏହି ଲିଜ୍ ଜମି ଛାଡ଼ିଦେବା ଉଚିତ୍ ହେବ । ଏହି ପ୍ରସ୍ତାବରେ ଗରିବ ଲୋକଙ୍କ ଛଡ଼ା କେହି ରାଜି ନ ହେବାରୁ ପ୍ରତି ଘର ପିଛା ଜମି ବଣ୍ଟାଗଲା ।

Digitized by srujanika@gmail.com

କିଏ କେଉଁ ଜମିଖଣ୍ଡ ପାଇବ ତାହା ଗୁଳାପକାଇ ସ୍ଥିର କରାଗଲା । ଯାହାର ଯେଉଁଠି ଗୁଳା ପଡ଼ିଲା, ସେ ସେହି ଜମି ଦଖଲ କରି ଚାଷକଲେ । କିଛି ବର୍ଷ ଏହିପରି ଚାଲିଲା ପରେ ଗ୍ରାମବାସୀଙ୍କ ଅଜଣାରେ ଗୋଡ଼ପାଳନ୍ଦାର ସମୂହ ଲିଜ୍ ଜମିକୁ ଜଣେ ଦୁଇଜଣ କେବଳ ନିଜ ଚାଷ ପାଇଁ ଲିଜ୍ ନେଇଯିବା ସକାଶେ ତହସିଲ୍ ଅଫିସ୍‌ରେ କାଗଜପତ୍ର କାମ ଆରମ୍ଭ କରିଦେଇଥିଲେ । ଆମ ସଙ୍ଗାତ ଉତ୍ସବାନନ୍ଦ ନାୟକ ଏହାର ମୁଖ୍ୟ ପ୍ରୟାସୀ ଥିଲେ । ସେ ଏହି ଜମି ପାଇଁ ଲାଳାୟିତ ହେବା ପଛରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା, ତାଙ୍କର ବ୍ୟକ୍ତିସ୍ୱାର୍ଥ । ସଂପୃକ୍ତ ପେଟା ଜମି ନିକଟରେ ତାଙ୍କର ପୈତୃକ ଓ କିଣାଜମି ମିଶି ଏକରରୁ ଦୁଇ ଏକର ଜମି ଅବସ୍ଥିତ ଥିଲା । ସେ ଯଦି ଗୋଡ଼ପାଳନ୍ଦାର ଅନାବାଦୀ ଜମିତକ ନିଜ ପାଇଁ ଲିଜ୍ ନେଇପାରନ୍ତେ, ତେବେ ତାହା ତାଙ୍କର ବ୍ୟକ୍ତିଗତ ଜମି ସହ ମିଶି ଏକ ବଡ ଚକଡାରେ ପରିଣତ ହୋଇପାରିଥାନ୍ତା । ତହସିଲ୍ ଅଫିସ୍ ସହ ଭିତରେ ଭିତରେ ଯୋଗାଯୋଗ କରି ସଙ୍ଗାତ ଏପରି ଏକ ଯୋଜନା କରିସାରିଛନ୍ତି ବୋଲି ଆମଗ୍ରାମର ବଂଶୀଧର ଚୌଧୁରୀଙ୍କ ବଡ଼ପୁତ୍ର ଅଭୟ ଚୌଧୁରୀ ଜାଣିପାରିଲେ । ସେ ନବରକାନରେ ଲେ.ପି.ସ୍କୁଲର ଶିକ୍ଷକ ଥିବାରୁ ସେହି ନବରକାନରେ ଅବସ୍ଥିତ ତହସିଲ୍ ଅଫିସ୍‌ରୁ କେମିତି କ'ଣ ଏହି ତଥ୍ୟଟି ସଂଗ୍ରହ କରିପାରିଥିଲେ । ସେ ଆସି ମୋତେ ସେହିଦିନ ରାତ୍ରିରେ ଏହି ଖବରଟି ଦେଲେ ଓ କହିଲେ ମହାକାଳପଡ଼ା ଠାରେ ଲୋକ ଅଦାଲତରେ ଖୁବ୍ ଶୀଘ୍ର ଲିଜ୍ ବିଷୟ ଫଇସଲା ହୋଇଯିବ । ମୁଁ ସଙ୍ଗେସଙ୍ଗେ ଗ୍ରାମର ମୁଖ୍ୟ ଲୋକମାନଙ୍କୁ ଏ ବିଷୟରେ ଜଣାଇଦେବାକୁ କହିଲି । ସେହିଦିନ ରାତ୍ରୀରେ ଗ୍ରାମ ଚୌକିଦାରଙ୍କୁ ଡାକି ଘଣ୍ଟା ବାଡେଇ ମିଟିଂ ଡକାଗଲା । ଲୋକମାନେ ଏକଥା ଶୁଣି ସୁଅ ଛୁଟିଲା ଭଳି ସଭାସ୍ଥଳରେ ଆସି ପହଞ୍ଚିଲେ, କାରଣ ଏତେବର୍ଷ ଧରି ଭୋଗ କରିଆସୁଥିବା ଲିଜ୍‌ରୁ ସେମାନେ ବଞ୍ଚିତ ହେବାକୁ ଯାଉଛନ୍ତି । ସଙ୍ଗେ ସଙ୍ଗେ ଉତ୍ସବାନନ୍ଦ ନାୟକଙ୍କୁ ସେ ସଭାକୁ ଡକାଯାଇ ସତ୍ୟାସତ୍ୟ ବିଷୟରେ ପଚରାଗଲା । ସେ ଲୋକମାନଙ୍କର ଉତ୍ତେଜନା ଦେଖି ତାଙ୍କ ଉପରେ ହେବାକୁ ଥିବା ସମ୍ଭାବ୍ୟ ଆକ୍ରମଣରୁ ନିଜକୁ ବଞ୍ଚାଇବା ପାଇଁ ସେ ଗୋଡ଼ପାଳନ୍ଦା ଜମିକୁ ଲିଜ୍ ନେବେ ନାହିଁ ବୋଲି ଖଣ୍ଡିଏ କାଗଜରେ ଲୋକ ଅଦାଲତଙ୍କୁ ସମ୍ବୋଧନ କରି ଏକ ଲେଖା ନିଜ ଦସ୍ତଖତରେ ଗ୍ରାମବାସୀଙ୍କୁ ଦେଇଦେଲେ । ତା'ପରେ ଗ୍ରାମ ତରଫରୁ ଜଣାଶୁଣା ଦୁଇଜଣଙ୍କୁ ଲୋକଅଦାଲତକୁ ସେହି କାଗଜ ସହିତ ପଠାଗଲା । ଉତ୍ସବାନନ୍ଦ ନାୟକ ମଧ୍ୟ ଲୋକ ଅଦାଲତରେ ନିଜେ ହାଜର ହୋଇ ଲିଜ୍ ନେବାକୁ ମନା କରିବାରୁ ତାଙ୍କର ଲିଜ୍ ଆବେଦନ ସଙ୍ଗେସଙ୍ଗେ ଖାରଜ ହୋଇଗଲା । ଲୋକମାନେ ମଧ୍ୟ ସେ ଖାରଜ ଆଦେଶର ନକଲ ମୋତେ ଆଣି ଦେଲେ । ଉତ୍ସବାନନ୍ଦ ନାୟକଙ୍କ ବିରୁଦ୍ଧରେ ଯେଉଁ ଝଡ଼ ଉଠିଥିଲା, ତାହା ଏହିପରି ପ୍ରଶମିତ ହୋଇଗଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଯଦି ଉତ୍ସବାନନ୍ଦ ସେହି ଜମିକୁ ଲିଜ୍ ନେବାକୁ ସକ୍ଷମ ହୋଇଥାନ୍ତେ, ତେବେ ଗ୍ରାମର ପ୍ରଧାନ ସଡ଼କ ନିର୍ମିତ ହୋଇପାରି ନଥାନ୍ତା, ଦୁଇଜଣ ଚାଷଜମି ହରାଇଥାନ୍ତେ, ଓ କେବଳ ସେତିକି ନୁହେଁ, ସେଠି ଯେତେସବୁ ଉନ୍ନୟନ କାର୍ଯ୍ୟ ବର୍ତ୍ତମାନ କରାଯାଉଛି, ସେଗୁଡିକ ବାଧାଗ୍ରସ୍ତ ହୋଇଥାନ୍ତା । ବର୍ତ୍ତମାନ ପଞ୍ଚାୟତ ଅଫିସ୍, ଗୋଦାମ ଘର ଓ ପଞ୍ଚାୟତର ଅନ୍ୟାନ୍ୟ

Digitized by srujanika@gmail.com

ଉନ୍ନୟନ କାର୍ଯ୍ୟ ସେହି ସ୍ଥାନରେ ଚାଲୁ ରହିଛି । ସେହି ଜମି ଉପରେ ବିରାଟ ରାସ୍ତା ତିଆରି ହୋଇଛି । ଭବିଷ୍ୟତରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି । ଏହା ସଙ୍ଗେସଙ୍ଗେ ଗୋବରୀ ନଦୀ ଉପରେ ଗୋଟିଏ ପକ୍କାପୋଲ ହେବାର ଯୋଜନା ଚାଲିଛି । ଏହି ପକ୍କା ପୋଲ ହୋଇଗଲେ ଦଶୀପୁର ଗ୍ରାମଠାରୁ ବସ୍‌ଷ୍ଟାଣ୍ଡ ଖୁବ୍ ନିକଟ ହୋଇଯିବ ଏବଂ ଗ୍ରାମର ପ୍ରଭୁତ ଉନ୍ନତି ହେବ । ପଳାସପୁର ଠାରେ ଗୋଟିଏ ଛୋଟ ମାର୍କେଟ ଗଢ଼ି ଉଠିପାରିବ । ସେଠାରେ ମଧ୍ୟ ଗୋଟିଏ ଗୋରୁହାଟ ହୋଇପାରିବ । ଏସବୁ ନୂଆନୂଆ ଯୋଜନାର ରୂପାୟନ ଲୋକଙ୍କ ସମୂହ ଇଚ୍ଛାଶକ୍ତି ଉପରେ ନିର୍ଭର କରେ ।

ଗ୍ରାମସଭାର ପୁନରୁଦ୍ଧାର ପାଇଁ ପ୍ରୟାସ

ଦଶିପୁର ଗ୍ରାମରେ ଗ୍ରାମସଭା ଗଢ଼ିବା ପାଇଁ ପହଲି ନାୟକ ଓ ମୁଁ ବସି ଦିନେ ଗ୍ରାମସଭା ବିଷୟରେ ଗ୍ରାମବାସୀଙ୍କୁ ନେଇ ଆଲୋଚନା ଆୟୋଜନ କରିବାକୁ ସ୍ଥିର କରାଗଲା । ଆମର ପ୍ରସ୍ତାବ ଥିଲା, ଗ୍ରାମର ପ୍ରତ୍ୟେକ ପରିବାର ମଧ୍ୟରୁ କହିବୋଲି ପାରୁଥିବା ଜଣେ ବ୍ୟକ୍ତିଙ୍କୁ ଏହି ଗ୍ରାମସଭାରେ ସଭ୍ୟ ରୂପେ ନିଆଯିବ । ଏହିପରି ଗ୍ରାମର ୧୫୦ ଘରରୁ ୧୫୦ଜଣ ସଭ୍ୟ ରହିବେ । ସେମାନଙ୍କ ମଧ୍ୟରୁ ୧୧ଜଣଙ୍କୁ ନେଇ ଏକ ପରିଚାଳନା କମିଟି ଗଠିତ ହେବ ଓ ସେମାନଙ୍କ ଭିତରୁ ତିନିଜଣ ଯଥାକ୍ରମେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ରୂପେ ଦାୟିତ୍ୱ ତୁଲାଇବେ । ଗ୍ରାମର ଯାବତୀୟ ଆୟ ଟଙ୍କା ଏହି ପରିଚାଳନା କମିଟି ପାଖରେ ରହିବ । ପୋଷ୍ଟ ଅଫିସ୍‌ରେ କୋଷାଧ୍ୟକ୍ଷ ଓ ଆଉଜଣେ ପରିଚାଳନା କମିଟି ସଭ୍ୟଙ୍କ ନାମରେ ଏକ ଜଏଣ୍ଟ ପାସ୍‌ବୁକ୍ ଖୋଲାଯାଇ ଗ୍ରାମ ପାଣ୍ଠି ପରିଚାଳିତ ହେବ । ଗ୍ରାମର ସମୂହ ଖର୍ଚ୍ଚ ତୁଲାଇବା ପାଇଁ ଗ୍ରାମସଭା ବୈଠକରେ ପ୍ରସ୍ତାବ ପାସ୍ ହେବାପରେ ଜଏଣ୍ଟ୍ ପାସ୍‌ବୁକ୍‌ରୁ ଟଙ୍କା ଉଠାଣ ହେବ । ସେକ୍ରେଟାରୀ ପ୍ରତ୍ୟେକ ସଭାର ବିବରଣୀ ଲେଖିବା ସହିତ ଗ୍ରାମସଭାର ସମସ୍ତ କାଗଜପତ୍ର ତାଙ୍କ ଜିମାରେ ରହିବ । ଗ୍ରାମର ବ୍ୟକ୍ତିଗତ କଳିକଜିଆ କୋର୍ଟ କଚେରୀକୁ ନଯାଇ ଗ୍ରାମସଭା ମାଧ୍ୟମରେ ଏକ ୫ ଜଣିଆ ସର୍ବୋଚ୍ଚ କମିଟି ଦ୍ୱାରା ଫଇସଲା କରାଯିବ । ଗ୍ରାମସଭା ତରଫରୁ ଏହି ସର୍ବୋଚ୍ଚ କମିଟିକୁ ଏଥିପାଇଁ କ୍ଷମତା ନ୍ୟସ୍ତ କରାଯିବ । ଏହି ଅନୁସାରେ ଗ୍ରାମସଭା ଗଢ଼ାଯାଇ କାର୍ଯ୍ୟକ୍ଷମ ହୋଇପାରିଲେ ଗ୍ରାମର ପ୍ରଭୂତ ଓ ସର୍ବାତ୍ମକ ଉନ୍ନତି ହୋଇପାରିବ । ଏହିପରି ଯୋଜନା ପହଲି ଓ ମୁଁ ନିଜ ଭିତରେ ଠିକ୍ କଲା ପରେ ଏକ ନିର୍ଦ୍ଦିଷ୍ଟ ଦିନରେ ଗ୍ରାମସଭା ଡକାଗଲା । ସେଥିରେ ଗ୍ରାମର ଏକ ତୃତୀୟାଂଶ ଲୋକ ଉପସ୍ଥିତ ହେଲେ । କିନ୍ତୁ ଗ୍ରାମର କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜ ଭିତରେ ସଲାସୁତୁରା ହୋଇ ଗ୍ରାମସଭା କରାଇ ନଦେବା ପାଇଁ ପ୍ରସ୍ତୁତ ହୋଇ ଆସିଥିଲେ । ଯେତେବେଳେ ଆମେ ଉପରୋକ୍ତ ପ୍ରସ୍ତାବ ବାଢ଼ିଲୁ ସେମାନେ ଉତ୍କ୍ଷିପ୍ତ ହୋଇ ଆମ ଆଡକୁ ଛୁଟି ଆସିଲେ । କିନ୍ତୁ ସାଧାରଣ ଲୋକ ଚାହୁଁଥିଲେ ଏପରି ଏକ ଗ୍ରାମସଭା ଯଦି ଗଢାଯାନ୍ତା ତେବେ ସେମାନେ ଗ୍ରାମରେ ନ୍ୟାୟବିଚାର ପାଇପାରନ୍ତେ । ଅଳ୍ପସଂଖ୍ୟକ ନ୍ୟସ୍ତସ୍ୱାର୍ଥ ଥିବା ବ୍ୟକ୍ତି, ଯେଉଁମାନେ କି ବିଭିନ୍ନ ବାବଦରେ ଗ୍ରାମର ପଇସାପତ୍ର ନଦେଇ

Digitized by srujanika@gmail.com

ନିଜ ପାଖରେ ପକାଇ ରଖିଥିଲେ ଅଥଚ ସାଧାରଣ ଲୋକେ ଏବିଷୟରେ ସେମାନଙ୍କୁ ପଚାରି ପାରୁନଥିଲେ, ସେମାନେ ହିଁ ବୈଠକକୁ ନକରେଇ ଦେବା ପାଇଁ ଗଣ୍ଡଗୋଳ ଆରମ୍ଭ କରିଦେଲେ । ଏହା ଫଳରେ ଉଭୟ ଗୋଷ୍ଠୀ ଭିତରେ ପାଟିତୁଣ୍ଡ ଓ ଗୋଳମାଳ ହେବାକୁ ଲାଗିଲା । ମୋତେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର କିଛି ଲୋକ ମାରଧର କରିବା ପାଇଁ ପ୍ରସ୍ତୁତ ହୋଇ ହୋହଲ୍ଲା କରିବାରୁ ଉଭୟ ଗୋଷ୍ଠୀ ମୁକାବିଲା ପାଇଁ ପ୍ରସ୍ତୁତ ହୋଇଗଲେ । ତା'ପରେ ଦେଖାଗଲା, ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଚୁପ୍ ପଡିଗଲେ, କିନ୍ତୁ ସେମାନଙ୍କ ଭିତରେ ଥିବା ମାମଲତକାର ପୂର୍ଣ୍ଣାନନ୍ଦ ଦାଶ, ଯେ କି ମାଇନର ସ୍କୁଲର ସେକ୍ରେଟାରୀ ଥିଲେ ଅଥଚ ଏହି ପଦବୀ ପାଇଁ ତାଙ୍କର ଅଯୋଗ୍ୟତା ପ୍ରମାଣିତ ହୋଇସାରିଛି, ସେ ନିଜେ ସେହି ସଭାରେ ଗୋଳମାଳ କରି କେତେକ ଲୋକଙ୍କୁ ମତାଇ ସଭାସ୍ଥଳ ଛାଡ଼ି ଚାଲିଗଲେ । ମୁଁ କିନ୍ତୁ ସଭାସ୍ଥଳ ଛାଡ଼ି ଗଲିନାହିଁ ଏବଂ ନଯିବାରୁ କେତେକ ଉତ୍ସାହୀ ଲୋକ ଆସି କହିଲେ 'ଆମେ ଗ୍ରାମସଭା ଗଢିବୁ' । କିନ୍ତୁ ତାଙ୍କ କଥା ଗଣ୍ଡଗୋଳକାରୀମାନେ ଶୁଣିଲେ ନାହିଁ ଏବଂ ଆସ୍ତେଆସ୍ତେ ସଭାସ୍ଥଳ ଛାଡି ପଳାଇଗଲେ । ସେଦିନ ସଭା ହୋଇପାରିଲା ନାହିଁ ।

ମୋତେ ସେତେବେଳେ ବିଭିନ୍ନ ସାମାଜିକ କାର୍ଯ୍ୟ ଇତ୍ୟାଦି ପାଇଁ ବାହାରକୁ ଯାଉଥିବାରୁ ଗ୍ରାମରେ ବହୁ ସମୟ ଧରି ଅନୁପସ୍ଥିତ ରହିବାକୁ ପଡୁଥିଲା । କିନ୍ତୁ ସାଧାରଣ ଲୋକଙ୍କର ମୋ ପ୍ରତି ଭରସା ଥିବାରୁ ପୁଣି ମୁଁ ଗ୍ରାମକୁ ଆସିଲେ ଗ୍ରାମର ସୁବିଧା-ଅସୁବିଧା କଥା ଆଲୋଚନା ହେଉଥିଲା । ପୁଣି ଆଉ ଦିନେ ଗ୍ରାମର ସଭା ଡକାଗଲା, ଯାହାର ବିଷୟବସ୍ତୁ ଥିଲା, ଗ୍ରାମର ଯେଉଁସବୁ ଲୋକଙ୍କ ଉପରେ ଗ୍ରାମର ସମୂହ ପାଉଣା ବାକୀ ଅଛି, ତାକୁ କେମିତି ଆଦାୟ କରାଯିବ । ସେଦିନ ସଭାରେ ମୁଁ ଉପସ୍ଥିତ ଥିଲି । କଥାବାର୍ତ୍ତା ଚାଲୁଥିବା ବେଳେ ଗିରିଧାରୀ ମହାପାତ୍ର ଓ ଲକ୍ଷ୍ମୀଧର ସାମଲ ମୋ ଆଡକୁ ମାଡି ଆସିଲେ ମନ୍ଦ ଉଦ୍ଦେଶ୍ୟରେ । ଏହାର ପ୍ରତିକ୍ରିୟାରେ କେତେକ ସାଧାରଣ ଲୋକ ପ୍ରତିବାଦ କରି କହିଲେ କଥାବାର୍ତ୍ତା ମାଧ୍ୟମରେ ଯାହା କିଛି ନିଷ୍ପତ୍ତି ହେବ, ଗୋଳମାଳ କାହିଁକି କରୁଛ ? ମୁଁ ମଧ୍ୟ ଗିରିଧାରୀ ମହାପାତ୍ରଙ୍କୁ ସାବଧାନ କରାଇ କହିଦେଲି, ଆମେ ସମସ୍ତେ ବସି କଥାବାର୍ତ୍ତା କରୁଛୁ, ତୁମେ ଉଠି ଆସି ଗଣ୍ଡଗୋଳ କରିବାର ଉଦ୍ଦେଶ୍ୟ କ'ଣ ? ଆମେ ତ ସବୁ ନିଜ ଜାଗାରୁ ଉଠିଯାଉ ନାହୁଁ, ତୁମେ କାହିଁକି ଉଠି ଆସୁଛ ? ତୁମେ ଯଦି ଗଣ୍ଡଗୋଳ କରିବାକୁ ଚାହୁଁଛ, ତେବେ ଆମେ ସମସ୍ତେ ଉଠିଯିବୁ । ତା'ପରେ ସେ ସାବଧାନ ହୋଇ ବସି ପଡ଼ିଲେ ଓ ଟଙ୍କାପଇସା ବିଷୟରେ ଆଲୋଚନା ଆରମ୍ଭ କରାଗଲା । ମୁଖ୍ୟ ବିଷୟ ରହିଲା, ଗ୍ରାମର ଯେଉଁସବୁ ଲୋକଙ୍କ ପାଖରେ ଗ୍ରାମର ଟଙ୍କା ଅନାଦେୟ ରହିଛି, ତାହା କେମିତି ଆଦାୟ ହେବ ?

ଏଠାରେ ମୁଁ କହି ରଖୁଛି ଯେ, ଆମ ଘରେ କାମ କରୁଥିବା ଦଧିପୁର ଗ୍ରାମର ଶିବ ବୋଲି ଗୋଟିଏ ପିଲାର ଗୋଟିଏ ଭୁଲ୍ ପାଇଁ ଗ୍ରାମବାସୀଙ୍କ ତରଫରୁ ତା' ଉପରେ ୪୦୦ଟଙ୍କାର ଜୋରିମାନା କରାଯାଇଥିଲା ଏବଂ ସେହି ଟଙ୍କା ପାଇଁ ମୁଁ ଶିବର ମାଲିକ ରୂପେ ମାନି ପଡିଥିଲି, ଏବଂ ସେହି ଜୋରିମାନା ଟଙ୍କା ଶିବ ସେପର୍ଯ୍ୟନ୍ତ ଦେଇ ପାରିନଥିଲା । ସେହି

Digitized by srujanika@gmail.com

କୋରିମାନା ଟଙ୍କାକୁ ଦର୍ଶେଇ ସେଦିନ ସଭାରେ ଅନ୍ୟ ପକ୍ଷ କହିଲେ ଯେ, ତୁମେ ଆଗେ ମାନି ହୋଇଥିବା ୪୦୦ଟଙ୍କା ଦାଖଲ କର । ମୁଁ ସଙ୍ଗେସଙ୍ଗେ ସେହି ଟଙ୍କା ଦେଇଦେବା ପାଇଁ ରାଜି ହୋଇଗଲି । କିନ୍ତୁ ଗଣ୍ଡଗୋଳକାରୀଙ୍କ ପକ୍ଷର ଲୋକେ ସେମାନଙ୍କ ଉପରେ ଥିବା ବକେୟା ପାଉଣା ଦେବାକୁ ରାଜି ହେଲେନାହିଁ । ସେମାନଙ୍କର ଏହି ମନୋଭାବ ଦେଖି ସାଧାରଣ ଲୋକେ ତାଙ୍କ ଉପରେ ଖପ୍ପା ହୋଇ କହିଲେ, ତୁମେ ତ ସବୁ ଗୋଳମାଳ କରିବାର ମୂଳ କାରଣ ! କେହି ଟଙ୍କା ଦେବାକୁ ରାଜି ନହେବାରୁ ସେଦିନ ସଭାରେ ଏତିକି ଠିକ୍ ହେଲା ଯେ, ବାହାରୁ ଜଣେ ଭଦ୍ରଲୋକ ଡକାଇ ନିଷ୍ପତ୍ତି କରାଯିବ । ଏଥିପାଇଁ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଗଲା । ଗ୍ରାମବାସୀଙ୍କ ଦ୍ୱାରା ସ୍ଥିର କରାଗଲା ଯେ, ନରୋତ୍ତମ ବେହେରାଙ୍କ ପୁତ୍ର ଚିତ୍ତରଞ୍ଜନଙ୍କ ମଧ୍ୟସ୍ଥତାରେ ଗ୍ରାମର ଟଙ୍କା ପଇସା ଆଦାୟ କରାଯାଇ ଗ୍ରାମର ଉନ୍ନତି କଳ୍ପେ କାର୍ଯ୍ୟ କରାଯିବ । ଗ୍ରାମବାସୀଙ୍କ ତରଫରୁ ଚିତ୍ତକୁ ଖବର ଦିଆଗଲା । ସେ ନିର୍ଦ୍ଦିଷ୍ଟ ତାରିଖରେ ଆମଘରେ ପହଞ୍ଚିବାରୁ ସନ୍ଧ୍ୟା ବେଳକୁ ଗ୍ରାମବାସୀମାନେ ସଭାରେ ଉପସ୍ଥିତ ହେଲେ । ଆଗରୁ ସମସ୍ତ ବକେୟା ପାଉଣାର ଲିଷ୍ଟ ପ୍ରସ୍ତୁତ ହୋଇ ରହିଥିଲା । ମୋ ନାମ ଏହି ତାଲିକାର ପ୍ରଥମରେ ଥିବାରୁ ମୁଁ ୪୦୦ଟଙ୍କା ନେଇ ଗ୍ରାମବାସୀଙ୍କ ପାଖରେ ଥୋଇଦେଲି । ଆଉ କେତେକ ଲୋକ ମଧ ତାଙ୍କ ପାଖରେ ଥିବା ଟଙ୍କା ଦେଇଦେଲେ । କିନ୍ତୁ ଆଉ କେତେକ ବ୍ୟକ୍ତି ସେମାନଙ୍କ ଉପରେ ଗ୍ରାମର ବାକୀ ଥିବା ଟଙ୍କା କି ଭାଗଧାନ ଦେଲେ ନାହିଁ । ମୋର ମନେପଡୁଛି, ପତିତପାବନ ଜେନା ଓ ସୁଧିର ଜେନା ଇତ୍ୟାଦି କେତେକ ବ୍ୟକ୍ତି ଟଙ୍କା ନଦେଇ ନାନା ଆଳ ଦେଖାଇ ଚୁପ୍ ହୋଇ ରହିଲେ । ଯେଉଁମାନେ ଗ୍ରାମର ବକେୟା ଟଙ୍କା ଦେଲେ ନାହିଁ, ସେମାନଙ୍କ ଠାରୁ ତାହା ଆଦାୟ କରିବା ଉଦ୍ଦେଶ୍ୟରେ ପୁଣି ଗ୍ରାମର ବୈଠକ ଡକାଇ ଗ୍ରାମସଭା ଗଢିବା ପାଇଁ ସ୍ଥିର କରାଗଲା ।

ଏକ ପୂର୍ବ-ନିର୍ଦ୍ଦିଷ୍ଟ ତାରିଖରେ ସନ୍ଧ୍ୟାବେଳେ ଗ୍ରାମର ସମସ୍ତ ସଭ୍ୟମାନଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଗ୍ରାମସଭା ଗଠନ ପାଇଁ ବୈଠକ ଅନୁଷ୍ଠିତ ହେଲା । ନବଗଠିତ ଗ୍ରାମସଭାରେ ଗ୍ରାମର ପ୍ରତି ଘରୁ ଜଣେ ବ୍ୟକ୍ତି ସଭ୍ୟ ରହିଲେ । ସେମାନଙ୍କ ମଧ୍ୟରୁ ସଭାପତି, ଉପସଭାପତି, ସେକ୍ରେଟାରୀ ଓ କୋଷାଧ୍ୟକ୍ଷ ବଛାଗଲା । ତା'ପରେ ଗ୍ରାମର ପାଞ୍ଚଜଣ ବରିଷ୍ଠ ମୁଖିଆଙ୍କୁ ନେଇ ଏକ ସର୍ବୋଚ୍ଚ କମିଟି ଗଢାଗଲା । ଏହି ପାଞ୍ଚଜଣିଆ କମିଟିରେ ରହିଲେ ବ୍ରଜବନ୍ଧୁ ବେହେରା (ସଭାପତି), ଉଦ୍ଧବାନନ୍ଦ ନାୟକ (ସେକ୍ରେଟାରୀ), ପିତାମ୍ବର ଅଧିକାରୀ (କୋଷାଧ୍ୟକ୍ଷ), ଗିରିଧାରି ମହାପାତ୍ର (ସଭ୍ୟ) ଓ ଭଗବାନ ପ୍ରଧାନ (ସଭ୍ୟ) । ଠିକ୍ ହେଲା, ଏହି କମିଟି ଗ୍ରାମର ସମସ୍ତ କଳିକଜିଆକୁ ନିଷ୍ପତ୍ତି କରିବେ ।

ନୂତନ ବ୍ୟବସ୍ଥା ଅନୁଯାୟୀ ଗ୍ରାମସଭା କିଛିବର୍ଷ ସଫଳତାର ସହ କାର୍ଯ୍ୟକଲା । ଗ୍ରାମର ଫଣ୍ଡ୍ ବୃଦ୍ଧି ପାଇଁ ଗ୍ରାମର ଗୋଟିଏ ବଡ଼ ପୁଷ୍କରିଣୀ 'ଧୋବାଗଡ଼ିଆ'କୁ ପଞ୍ଚାୟତଠାରୁ ମାତ୍ର ୫୦୦ ଟଙ୍କା ନିଲାମ ସୂତ୍ରରେ ଆଣି ୨୦/୨୫ ହଜାର ଟଙ୍କାରେ ଗ୍ରାମର କେତେକ ଲୋକଙ୍କୁ ନିଲାମ ଦିଆଯାଉଥିଲା । ପୁଣି ଗ୍ରାମର ଗୋବିନ୍ଦଜୀଉ ଠାକୁରଙ୍କର ଓ ସତ୍ୟପିରଙ୍କର

Digitized by srujanika@gmail.com

ଯେଉଁ ଜମି ଥିଲା, ତାକୁ ଗ୍ରାମର ଚାଷୀମାନଙ୍କୁ ନିଲାମ ଦେଇ ସେମାନଙ୍କ ଠାରୁ ଗ୍ରାମ ଫଣ୍ଡ୍ ପାଇଁ ଟଙ୍କା ରଖାଯାଉଥିଲା । ଦେଖାଗଲା, ଏହିସବୁ କାରଣରୁ ୨/୩ ବର୍ଷ ଭିତରେ ଗ୍ରାମଫଣ୍ଡ୍‌ରେ ଲକ୍ଷାଧିକ ଟଙ୍କା ଜମା ହୋଇପାରିଥିଲା । ଏସବୁ ଟଙ୍କା ଦୁଇଜଣଙ୍କ ନାମରେ ଜଏଣ୍ଟ୍ ପାସ୍‌ବୁକ୍‌ରେ ରଖାଯାଉଥିଲା । ଜଣେ ହେଉଛନ୍ତି ସର୍ବୋଚ୍ଚ କମିଟିର ସଭ୍ୟ ଭଗବାନ ପ୍ରଧାନ, ଯେ କି ଆମ ପଡାର ଲୋକ ଓ ଅନ୍ୟ ଜଣେ ହେଉଛନ୍ତି ଆର ପଡାର ଲକ୍ଷ୍ମୀଧର ସାମଲ । ପାସ୍‌ବୁକ୍ ଜଣେ ସାଧାରଣ ସଭ୍ୟ ଅଭୟ ଚୌଧୁରୀଙ୍କ ପାଖରେ ରହୁଥିଲା । ଏହିପରି ଭାବେ ଗ୍ରାମସଭା ବେଶ୍ ସୁରୁଖୁରୁରେ ଚାଲିଲା ଓ ଗ୍ରାମବାସୀଙ୍କ ଭିତରେ କଳିଝଗଡ଼ା ଓ ମାଲିମକଦ୍ଦମା କମିବାକୁ ଲାଗିଲା । ଗ୍ରାମର ସାଧାରଣ ଲୋକେ ଆନନ୍ଦ ଅନୁଭବ କରୁଥିଲେ । ଏହିପରି ଗ୍ରାମସଭା ସୁରୁଖୁରୁରେ ଚାଲୁଥିବା ସମୟରେ ୧୯୯୬ ମସିହାରେ ସର୍ବୋଚ୍ଚ କମିଟିର ଦୁଇଜଣ ସଭ୍ୟ ଉତ୍ସବାନନ୍ଦ ନାୟକ ଓ ବ୍ରଜବନ୍ଧୁ ବେହେରା ଆଗପଛ ହୋଇ ଇହଲୀଳା ସମ୍ବରଣ କରିଥିଲେ । ଗ୍ରାମସଭା ଡକାଯାଇ ଏହି ଦୁଇଜଣ ବିଶିଷ୍ଟ ସଭ୍ୟଙ୍କର ମୃତ୍ୟୁଯୋଗୁଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରାଯାଇ ତାଙ୍କର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ତା'ପରେ ସଭାପତି ବ୍ରଜବନ୍ଧୁ ବେହେରାଙ୍କ ସ୍ଥାନରେ ନରୋତ୍ତମ ବେହେରା ଓ ସେକ୍ରେଟାରୀ ଉତ୍ସବାନନ୍ଦଙ୍କ ସ୍ଥାନରେ ପିତାମ୍ବର ଅଧିକାରୀଙ୍କୁ ଯଥାକ୍ରମେ ସଭାପତି ଓ ସେକ୍ରେଟାରୀ କରାଗଲା । ଏହି ପୁନର୍ଗଠିତ ଗ୍ରାମସଭା ପୁଣି କିଛିକାଳ ସୁରୁଖୁରୁରେ ଚାଲିବା ପରେ ଏହା ପ୍ରତି ନୂଆ ବିପଦ ଦେଖାଦେଲା । ଏହାକୁ ଅଚଳ କରିଦେବା ପାଇଁ ଗ୍ରାମର କେତେକ ବ୍ୟକ୍ତି ଅଭିସନ୍ଧି ରଖି ନୂଆ ପ୍ରକାର ଖେଳ ଆରମ୍ଭ କଲେ । ସେମାନଙ୍କ ଭିତରେ ଅଗ୍ରଗଣ୍ୟ ଥିଲେ ଆମର ଗ୍ରାମବାସୀ ଜଣେ ପୂର୍ବତନ ପ୍ରଶାସକ ଓ ଦକ୍ଷତାସମ୍ପନ୍ନ ବ୍ୟକ୍ତି ପଦ୍ମନାଭ ସାମଲ ।

ପଦ୍ମନାଭ ସାମଲ

ଏଠାରେ ପଦ୍ମନାଭ ସାମଲଙ୍କ ବିଷୟରେ କିଛି ସୂଚନା ଦେବା ସମୀଚୀନ ମନେହୁଏ । ସେ ଆଗରୁ ଆମ ଗ୍ରାମର କେତେକ ଉପକାର କରିଛନ୍ତି । ୧୯୬୭ ମସିହା ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଆଳିର ଦଶିପୁର ଗ୍ରାମ (ଆମଗ୍ରାମ ଦଶିପୁର ନୁହେଁ)କୁ ଗୋଟିଏ ଆଶ୍ରୟସ୍ଥଳ ସରକାରଙ୍କ ତରଫରୁ ମଞ୍ଜୁର ହୋଇଥିଲା । ସେ ନିଜେ ଏକଥା ଜାଣିପାରି ଆମ ଗ୍ରାମ ଦଶୀପୁର ନାଁରେ ସେହି ଅର୍ଥକୁ ମଞ୍ଜୁର କରିଦେଇଥିଲେ । ଆଉ ମଧ୍ୟ ସେ ଗ୍ରାମର ନିଜ ପଡା ପାଇଁ ଦୁଇଟି ପକାତୁଠ ନିର୍ମାଣ କରାଇଥିଲେ, ଯଦିଓ ଏହାକୁ କେନ୍ଦ୍ର କରି ଗ୍ରାମର ଅନ୍ୟ ପଡାର ଲୋକେ ତାଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ । ଆମର ଗ୍ରାମସଭା ସୁରୁଖୁରୁରେ ଚାଲୁଥିବା ବେଳେ ସେ ହାଇସ୍କୁଲ୍ ପ୍ରସ୍ତାବକୁ ନେଇ ଏକ ବିରାଟ ବିଭ୍ରାଟ ସୃଷ୍ଟି କଲେ । ଦଶିପୁର ପଞ୍ଚାୟତ ହାଇସ୍କୁଲ ଦଶିପୁରର ବନ୍ଧମୁଣ୍ଡା ଦଣ୍ଡାରେ ହେବ ବୋଲି ପଞ୍ଚାୟତର ସବୁ ଗ୍ରାମ (ଯଥା ବାଲଣା, ଆଦମ୍‌ପୁର, ପଳାସପୁର ଓ ଦଶିପୁର) ସ୍ଥିର କରିଥିଲେ । ପଦ୍ମନାଭ କେତେକ

Digitized by srujanika@gmail.com

ଅନୁଗତଙ୍କୁ ମନ୍ତ୍ରଣା ଦେଇ ତାହା ନିଜ ଘରପାଖରେ ହେବ ବୋଲି ଚେଷ୍ଟା ଚଳାଇଲେ । ତେଣୁ ବାଧହୋଇ ବାଲଣା, ଆଦମପୁର ଓ ପଳାସପୁରର ଗ୍ରାମବାସୀ ପଞ୍ଚାୟତ ହାଇସ୍କୁଲ୍ ପ୍ରସ୍ତାବରୁ ଓହରିଯାଇ ବାଲଣା-ଆଦମ୍ପୁର ଗ୍ରାମରେ ଆଉ ଗୋଟିଏ ହାଇସ୍କୁଲ୍ ପ୍ରତିଷ୍ଠା କଲେ । ସେହି ସମୟରେ ଆମର କେନ୍ଦ୍ରାପଡା ବିଧାୟକ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲା ନିଜ ଭୋଟ୍ ରାଜନୀତିର ସ୍ୱାର୍ଥରୁ ଆମ ଗ୍ରାମବାସୀଙ୍କୁ ସମୂହ ଭାବେ ନ ପଚାରି ପଦ୍ମନାଭ ଓ ତାଙ୍କ ଅନୁଗତ କେତେକ ଗ୍ରାମବାସୀଙ୍କୁ ଧରି ଦିନେ ଦଶିପୁର ଆସି ମି.ଇ. ସ୍କୁଲ ହତା (ଯାହାକି ପଦ୍ମନାଭଙ୍କ ପଡାରେ ଅବସ୍ଥିତ)ରେ ହାଇସ୍କୁଲ୍ ଉଦ୍‌ଘାଟନ କରି ଏକ ଫଳକ ଲଗାଇ ଦେଲେ । ଆମ ଗାଁରୁ ବହୁ ଲୋକ ଏହା ବିରୁଦ୍ଧରେ ପ୍ରତିବାଦ କରିବାରୁ ମି.ଇ. ସ୍କୁଲ ପାଇଁ କ୍ଷମତାପ୍ରାପ୍ତ ଅଧିକାରୀ ଡି.ଆଇ. ଏହି ନୂତନ ସ୍ଥାନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ । ସେ କହିଲେ, ମି.ଇ. ସ୍କୁଲ ହତା ଭିତରେ ହାଇସ୍କୁଲ ହୋଇପାରିବ ନାହିଁ । କିଛିଦିନ ପରେ ଦେଖାଗଲା, ଫଳକ ଉଠିଯାଇଛି । ଏବଂ ମନ୍ତ୍ରୀ ମଧ୍ୟ ଅପମାନିତ ଅନୁଭବ କରି ଭୋଟ୍ ଆଶାରେ ଯେଉଁ ଭୁଲ କାର୍ଯ୍ୟ କରିଥିଲେ, ସେଥିରୁ ଓହରି ଯାଇ ଗ୍ରାମବିବାଦରେ ମୁଣ୍ଡ ନପୂରାଇ କିପରି ସବୁପଡାରୁ ଅଧିକ ଭୋଟ୍ ପାଇବେ, ସେ ଦିଗରେ ପ୍ରୟାସୀ ହେଲେ । ସେହି କାରଣରୁ ସେ ମଧ୍ୟ ଅଧିକ ଭୋଟ୍ ପାଇଥିଲେ । କିନ୍ତୁ ପଦ୍ମନାଭ ସାମଲ ଗ୍ରାମସଭାକୁ ଭାଙ୍ଗିବା ପାଇଁ ନିଜର କିଛି ପଡାବାସୀ ଅନୁଗତଙ୍କୁ ଧରି ଯେଉଁ ସଂକୀର୍ଣ୍ଣ ଗୋଷ୍ଠୀଭିତ୍ତିକ ରାଜନୀତି ଆରମ୍ଭ କରିଥିଲେ, ତାହା ବିଭିନ୍ନ ଢଙ୍ଗରେ ବଜାୟ ରହିଲା । ତାଙ୍କରି ଅପପ୍ରୟାସର ପରିଣତି ସ୍ୱରୂପ, ଦଶିପୁରରେ ଗତ ବହୁ ଦଶନ୍ଧି ଧରି ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲେ ମଧ ତା'ର ନିଜସ୍ୱ ଜାଗା ଏପର୍ଯ୍ୟନ୍ତ ଯୋଗାଡ ହୋଇପାରି ନାହିଁ । ଅପର ପ୍ରାଇମେରି ସ୍କୁଲ ହତା ମଧରେ ନିର୍ମିତ ବାତ୍ୟା-ଆଶ୍ରୟସ୍ଥଳରେ ହାଇସ୍କୁଲ ଚାଲିଛି । ହାଇସ୍କୁଲ ନାମରେ ତାଙ୍କ ପଡାର ଯେଉଁ ଜମି ରେଜିଷ୍ଟ୍ରି କରାଯାଇଛି, ତାହା ତରବରରେ କରିବାକୁ ଯାଇ ଏକ ଗୋଚର ପ୍ଲଟ୍‌ରେ ଏହାକୁ ଦର୍ଶାଯାଇଛି । ପୁଣି ସେହି ଗୋଚର-ଅନାବାଦି ଜମି ଉପରେ ସ୍କୁଲ୍ ଘରନିର୍ମାଣ ପାଇଁ ଏକଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାରୁ ତା'ଉପରେ ଗ୍ରାମର ଅଧିକାଂଶ ଲୋକ ଓଡିଶା ହାଇକୋର୍ଟରେ ଆପତ୍ତି ଦର୍ଶାଇଲେ । ଯାହା ଫଳରେ ହାଇକୋର୍ଟ ରହିତାଦେଶ ଜାରି କଲା । ସେହିଦିନ ଠାରୁ ହାଇସ୍କୁଲ ଘର ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି । ଏଥିପାଇଁ ମୁଖ୍ୟତଃ ପଦ୍ମନାଭ ସାମଲ ଦାୟୀ । ପଦ୍ମନାଭଙ୍କର ଏପ୍ରକାର ଗୋଷ୍ଠୀପ୍ରୀତି ଆଚରଣ ସୁରୁଖୁରୁରେ ଚାଲୁଥିବା ଗ୍ରାମସଭାର ଏକତାକୁ ଭାଙ୍ଗିବାରେ ପ୍ରଚ୍ଛନ୍ନ ଭାବେ ସହାୟକ ହୋଇଛି ।

ଗ୍ରାମ ସଭା ଭାଙ୍ଗିବାର ତୁରନ୍ତ କାରଣ

କିନ୍ତୁ ଗ୍ରାମସଭା ଭାଙ୍ଗିବାର ଏକ ତୁରନ୍ତ କାରଣ ଥିଲା, ଯାହାକି ସୂଚୀତ ହେବା ଆବଶ୍ୟକ । ସର୍ବୋଚ୍ଚ କମିଟିର ମୁଖ୍ୟ କାର୍ଯ୍ୟ ଥିଲା ଗ୍ରାମର କଳିକଜିଆ ଇତ୍ୟାଦିର ଆପୋଷ ଫଇସଲା କରିବା । ଆମ ଗ୍ରାମରେ ଦୁଇଜଣ ବ୍ୟକ୍ତି ଅନନ୍ତ ରାଉତ ଓ ମୁରଲୀଧର ନାୟକଙ୍କ ଭିତରେ

Digitized by srujanika@gmail.com

ଝଗଡ଼ା ଲାଗିଲା । ସେହି ଝଗଡ଼ାର ମୀମାଂସା ପାଇଁ ସେମାନେ ସେପଡ଼ାରୁ ଦୁଇଜଣ ଭଦ୍ରବ୍ୟକ୍ତି ରତ୍ନାକର ଲେଙ୍କା ଓ ବାଳକୃଷ୍ଣ ରାଉଳଙ୍କୁ ଡାକି ଆଣିଲେ । କିନ୍ତୁ ଦେଖାଗଲା, ନିଜେ ଭଦ୍ରଲୋକ ରତ୍ନାକର ଲେଙ୍କା ଅନନ୍ତଙ୍କ ସପକ୍ଷରେ ନିଷ୍ପତ୍ତି ନେବା ସହିତ ତାଙ୍କ ସହିତ ମିଶି ବାଡ଼ିଧରି ପ୍ରତିପକ୍ଷ ମୁରଲୀଧରଙ୍କୁ ବାଡ଼ାବାଡ଼ି କଲେ । ଅନ୍ୟପକ୍ଷରେ ଭଦ୍ରଲୋକ ବାଳକୃଷ୍ଣ ରାଉଳ କଳିଗୋଳ ନ ଛିଣ୍ଡିବାରୁ ନିଜେ ଚୁପ୍‌ଚାପ୍ ଚାଲିଆସିଲେ । ଭଦ୍ରଲୋକ ରତ୍ନାକର ଲେଙ୍କା ବାଡ଼ିଧରି ମୁରଲିଧର ନାୟକଙ୍କ ସଙ୍ଗରେ ବାଡ଼ିଆପିଟା କରିବା ଭିତରେ ନିଜେ ଖଣ୍ଡିଆଖାବରା ହୋଇ ବିଚରା ଦୁଃଖରେ ନିଜ ଘରକୁ ଫେରିଲେ । ଏହି ପରିସ୍ଥିତିରେ ଉଭୟ ପକ୍ଷ ଅନନ୍ତ ଓ ମୁରଲୀଧର ସର୍ବୋଚ୍ଚ କମିଟିରେ ଫେରାଦ୍ ହେଲେ । ସର୍ବୋଚ୍ଚ କମିଟି ଥରେ ନୁହେଁ, ଦୁଇ ତିନି ଥର ବସି ମଧ ଫଏସଲା କରିପାରିଲେ ନାହିଁ । ଶେଷରେ ସାକ୍ଷୀପ୍ରମାଣ ଭିତ୍ତିରେ ସର୍ବୋଚ୍ଚ କମିଟି ସ୍ଥିର କରି ଉଭୟ ପକ୍ଷଙ୍କୁ କହିଲା, ତୁମ ଦୁଇଜଣଙ୍କର ଭୁଲ୍ ହୋଇଛି ଓ ଏକଥା ମାନିନେଲେ ଅଡୁଆ ଛିଣ୍ଡିଯିବ । ଗୋଟିଏ ପକ୍ଷ ମୁରଲୀଧର ନାୟକ ଏହା ମାନିନେଲା, କିନ୍ତୁ ଅନ୍ୟ ପକ୍ଷ ଅନନ୍ତ ରାଉତ ମାନିଲା ନାହିଁ । ଅନନ୍ତ ରାଉତ ସେତେବେଳେ ଭଦ୍ରଲୋକ ରତ୍ନାକର ଲେଙ୍କାଙ୍କ ଇଙ୍ଗିତରେ ପରିଚାଳିତ ହେଉଥିଲା । ଯେତେବେଳେ ଗ୍ରାମର ଏହି କଜିଆ ନିଷ୍ପତ୍ତି ହୋଇପାରିଲା ନାହିଁ ଗ୍ରାମସଭା ଭିତରେ ଭିତରେ ଭାଙ୍ଗିବାକୁ ଲାଗିଲା । ମୁଁ ଏହା ଜାଣିପାରି ସର୍ବୋଚ୍ଚ କମିଟିର ସଭ୍ୟ ଥିବା ସାଥି ଭଗବାନ ପ୍ରଧାନଙ୍କ ପାଖରେ ମୋର ସଭାପତିପଦରୁ ଇସ୍ତଫାପତ୍ର ଦାଖଲ କରିଦେଲି । ଏହା ପରଠାରୁ ଭଗବାନ ଏପର୍ଯ୍ୟନ୍ତ ଗ୍ରାମସଭାର ପୁନରୁଦ୍ଧାର ପାଇଁ ଚିନ୍ତା କି ଚେଷ୍ଟା କରି ନାହାନ୍ତି । ମୋ ଇସ୍ତଫାପତ୍ର ପରେ ସର୍ବୋଚ୍ଚ କମିଟିରେ ସଭାପତିତ୍ୱ କରିବାକୁ କେହି ବାହାରି ନାହାନ୍ତି । ଗ୍ରାମର ଆଭ୍ୟନ୍ତରୀଣ ଅବସ୍ଥା ଦିନକୁ ଦିନ ଅଧିକ ଖରାପ ଆଡ଼କୁ ଗତି କରୁଛି । ମୋର ମଧ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ଅନ୍ୟାୟକୁ ପ୍ରତିରୋଧ କରିବାର ପ୍ରତ୍ୟକ୍ଷ ଶକ୍ତି ଲୋପ ପାଉଛି । ସର୍ବସାଧାରଣ କାର୍ଯ୍ୟ କରିବା ଶକ୍ତି ମଧ ଦିନକୁ ଦିନ ମନ୍ଥର ହୋଇଗଲାଣି । ଭଗବାନଙ୍କ ପାଖରେ ପ୍ରାର୍ଥନା, ସତ୍ୟନିଷ୍ଠ ମାର୍ଗରେ ଓ ଦୁଃସାହାସ ସହକାରେ ଗ୍ରାମର ସମୂହ କାର୍ଯ୍ୟ କରିବା ପାଇଁ ମୋ ପରି ବହୁ ବ୍ୟକ୍ତିଙ୍କୁ ସୃଷ୍ଟି କରନ୍ତୁ । ମୁଁ ବର୍ତ୍ତମାନର ପରିଣତ ବୟସରେ ନିଜକୁ ନୀରୋଗ ରଖିବା ପାଇଁ ସର୍ବାତ୍ମକ ଉଦ୍ୟମ କରୁଛି, କିନ୍ତୁ ଶୋଇବା ସମୟତକ ଛାଡ଼ିଦେଲେ ବାକୀସବୁ ସମୟ ପଢ଼ାପଢ଼ି, ଘରକାମ ତଥା ପ୍ରାର୍ଥନା ଇତ୍ୟାଦିରେ ଲଗାଉଛି ।

ଇନ୍ଦିରା ଗାନ୍ଧି, ଜରୁରୀ ପରିସ୍ଥିତି ଓ ମୋର ଭୂମିକା

୧୯୭୧ ମସିହାରେ ଇନ୍ଦିରା ବିପୁଳ ଭୋଟ୍‌ରେ ବିଜୟୀ ହୋଇ ଦ୍ୱିତୀୟ ବାର ପ୍ରଧାନମନ୍ତ୍ରୀ ହେଲାପରେ ମନମୁଖୀ ଶାସନ ଚଳାଇଲେ । ଅଣକଂଗ୍ରେସ ଦଳ ଓ ଗୋଷ୍ଠୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ବିଭିନ୍ନ ଗଣତାନ୍ତ୍ରିକ ଆନ୍ଦୋଳନକୁ ସେ ଦୃଢ଼ହସ୍ତରେ ଦମନ କରି ଚାଲିଲେ । ଏହାର ପରିଣାମ ସ୍ୱରୂପ, ଦେଶସାରା ପ୍ରତିବାଦର ଆନ୍ଦୋଳନ ଆହୁରି ଶକ୍ତି ହାସଲ କରୁଥାଏ । ଜୟପ୍ରକାଶ ନାରାୟଣ ସାରା ଦେଶରେ ଯୁବଛାତ୍ର ସଂଘର୍ଷ ବାହିନୀ

Digitized by srujanika@gmail.com

ଗଢେଇ ଏହି କଂଗ୍ରେସ ବିରୋଧି ଆନ୍ଦୋଳନକୁ ସଂପୂର୍ଣ୍ଣ ବିପ୍ଳବ ନାମରେ ଏକ ସଂଗଠିତ ରୂପ ଦେବାକୁ ଚେଷ୍ଟା କରୁଥାନ୍ତି । ତେଣେ ରାଜନାରାୟଣ ଯେ କି ୧୯୭୧ ନିର୍ବାଚନରେ ରାୟବରେଲୀ ନିର୍ବାଚନ ମଣ୍ଡଳୀରେ ଇନ୍ଦିରା ଗାନ୍ଧୀଙ୍କଠାରୁ ହାରିଥିଲେ ସେ ଆହ୍ଲାବାଦ ହାଇକୋର୍ଟରେ ଇନ୍ଦିରାଙ୍କ ବିରୁଦ୍ଧରେ ଏକ ନିର୍ବାଚନ ମୋକଦ୍ଦମା ଦାଏର୍ କରିଥିଲେ । ହାଇକୋର୍ଟ ନିଜ ରାୟରେ ଇନ୍ଦିରାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ । ଏହା ଫଳରେ ଚାରିଆଡୁ ଇନ୍ଦିରା ଇସ୍ତଫା ଦିଅନ୍ତୁ ବୋଲି ସ୍ୱର ଉଠିଲା । ଇନ୍ଦିରା ସେହି ଘଡିସନ୍ଧି ସମୟରେ ନିଜର ଗାଦିକୁ ରକ୍ଷା କରିବାକୁ ଯାଇ ୨୫ ଜୁନ୍ ୧୯୭୫ରେ ଜରୁରୀ ପରିସ୍ଥିତି ଜାରି କରିଥିଲେ । ତାଙ୍କର ସାନପୁଅ ସଞ୍ଜୟ ଯେ କି ଅତ୍ୟନ୍ତ ଉଦ୍ଧତ ଥିଲେ, ତାଙ୍କର କାର୍ଯ୍ୟକଳାପ ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କଲା । ଦେଶର ତଥା ଆମ ରାଜ୍ୟର ବଡବଡ ନେତାଙ୍କ ସମେତ ହଜାର ହଜାର ଇନ୍ଦିରା ବିରୋଧୀ କର୍ମୀମାନଙ୍କ ଇନ୍ଦିରା ଜେଲ୍‌ରେ ଭର୍ତ୍ତି କରିଦେଲେ । ଓଡିଶାରେ ବିଜୁ ପଟ୍ଟନାୟକ, ହରେକୃଷ୍ଣ ମହତାବ ଓ ନବକୃଷ୍ଣ ଚୌଧୁରୀଙ୍କ ସମେତ ଆହୁରି ଅନେକ ନେତା ଓ କର୍ମୀ ଜେଲ୍ ଗଲେ । ପହଲି ବାବୁ ମଧ୍ୟ ଜେଲ୍ ଯାଇଥିଲେ । ଏହି ଜରୁରୀ ପରିସ୍ଥିତି ସମୟରେ ମୋର ମନେ ଅଛି, ଦୁମୁକା ସ୍କୁଲ୍‌ରେ ଏକ ଦୁଇଦିନିଆ ଯୁବଛାତ୍ର କର୍ମୀଶିବିର ଅନୁଷ୍ଠିତ ହୋଇଥିଲା ଜରୁରୀ ପରିସ୍ଥିତିକୁ ବିରୋଧ କରି । ସେଠାକୁ ନବକୃଷ୍ଣ ଚୌଧୁରୀ ଓ ରାଜନଗରର ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଆସିଥିଲେ । ମୁଁ ସେଥିରେ ଯୋଗ ଦେଇଥିଲି । ମୋର ପୁଅ ସେତେବେଳେ ଡି.ଏସ୍.ଓ. ସଂଗଠନର ନେତା ଥାଇ ଆମ ଅଞ୍ଚଳର ସ୍ଥାନୀୟ ଛାତ୍ର-ଯୁବକମାନଙ୍କୁ ଧରି ଏହି ଶିବିର ଆୟୋଜନ କରିଥିଲା । ଚିତ୍ତ ଯେଉଁ ଏସ୍.ୟୁ.ସି.ଆଇ. ପାର୍ଟି ଭିତରେ ସେତେବେଳେ ଥିଲା, ସେହି ପାର୍ଟିର ମାୟାଧର ନାୟକ ମଧ୍ୟ ଜରୁରୀ ପରିସ୍ଥିତିରେ ଅନ୍ୟ କଂଗ୍ରେସ ବିରୋଧୀ ଦଳର ନେତୃବୃନ୍ଦଙ୍କ ସହ ଜେଲ୍ ଯାଇଥିଲେ । ମୁଁ ଜେଲ୍‌ରେ ଥିବା ଏହି ନେତା ଓ କର୍ମୀମାନଙ୍କୁ ଦେଖା କରିବାକୁ ଯାଇଥିଲି । ୧୯୭୭ ଜାନୁଆରୀରେ ଇନ୍ଦିରା ଗାନ୍ଧି ନିର୍ବାଚନ ଘୋଷଣା କଲେ ଓ ୨୩ ମାର୍ଚ୍ଚ ୧୯୭୭ରେ ଜରୁରୀ ପରିସସ୍ଥିତି ଆନୁଷ୍ଠାନିକ ଭାବେ ପ୍ରତ୍ୟାହୃତ ହୋଇଥିଲା ।

କଟକରେ ସୁକନ୍ୟା

ସତୁରି ଦଶନ୍ଧିର ଆଦ୍ୟଭାଗ । ସେତିକିବେଳେ ନନ୍ଦିନୀ ଦେବୀ କଂଗ୍ରେସ ତରଫରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥାନ୍ତି । ନନ୍ଦନୀ ଦେବୀ, ବିଜୟଲକ୍ଷ୍ମୀ ସାହୁ ଓ ଶୈଳ ବେହେରାକୁ ଝିଅମାନଙ୍କ ଭିତରେ ଆଗୁଆ ଦେଖି ଦୁଇଜଣଙ୍କୁ କଂଗ୍ରେସ୍ ରାଜନୀତିରେ ସକ୍ରୀୟ ଭାବେ ସାମିଲ୍ କରିଦେଲେ । ଶୈଳ ଓମେନ୍‌ସ କଲେଜରୁ ବି.ଏ. ପାସ୍ ପରେ ରେଭେନ୍‌ସାରେ ଏମ୍.ଏ.ରେ ନାମ ଲେଖାଇଥିଲା । ସେ ଏମ୍.ଏ. ପାସ୍ କଲା ପରେ ନନ୍ଦିନୀ ଦେବୀ ସେମାନଙ୍କୁ ଚାକିରି ଦେବାକୁ ଚେଷ୍ଟା କରୁଥିଲେ । କିନ୍ତୁ ଏମାନେ ଚାକିରି କରିବାକୁ ମନା କରି ଦେଇଥିଲେ । ସ୍ୱାଧୀନ ଭାବରେ କୌଣସି ବ୍ୟବସାୟ କରି ଜୀବିକା ନିର୍ବାହ କରିବା

Digitized by srujanika@gmail.com

ସହିତ ରାଜନୀତି କରିବା ସେମାନଙ୍କର ଉଦ୍ଦେଶ୍ୟ ଥାଏ । ସେତେବେଳେ ଏବେକା ଭଳି ଝିଅମାନେ କୌଣସି ଜାଗାରେ ଖୋଲା ବ୍ୟବସାୟ କରିବା ଦେଖା ଯାଉନଥିଲା । କିନ୍ତୁ ବିଜୟଲକ୍ଷ୍ମୀ ଓ ଶୈଳ ସେମାନଙ୍କ ଲକ୍ଷ୍ୟରେ ସ୍ଥିର ରହି କଟକର ମଣିସାହୁ ଛକରେ 'ସୁକନ୍ୟା ଟେଲରିଂ ସପ୍' ଆରମ୍ଭ କଲେ । ସେଇ ପାଖରେ ଆଉ ଗୋଟିଏ ଘରକୁ ଭଡ଼ା ନେଇ ୱାର୍କସପ୍ ମଧ୍ୟ ଖୋଲିଲେ । ଏବଂ ସେଠାରେ ୧୦-୧୨ଟି ମେସିନ୍ ପକାଇ ସ୍ଥାନୀୟ ଝିଅମାନଙ୍କ ଦ୍ୱାରା କପଡ଼ା ସିଲାଇ କରି କେବଳ ଝିଅ, ବୋହୂ ଓ ପିଲାମାନଙ୍କ ପାଇଁ ନାନା ପ୍ରକାର ରେଡିମେଡ୍ ପୋଷାକ ତିଆରି କରାଇ ସୁକନ୍ୟା ଦୋକାନକୁ ଯୋଗାଇଲେ । ଆହୁରି ମଧ ଆବଶ୍ୟକ ଅନୁଯାୟୀ ସେମାନେ କପଡା ଓ ପୋଷାକ କିଣିବା ପାଇଁ କଲିକତା ଓ ଦିଲ୍ଲୀକୁ ଯାଉଥିଲେ । ଦୋକାନ ଭଲ ଚାଲିବାରୁ ଏହାକୁ ବଢାଇବା ଦରକାର ପଡିଲା ଓ ଏଥିପାଇଁ ଟଙ୍କା ମଧ୍ୟ ବହୁତ ଦରକାର ହେଲା । ଜମି ବନ୍ଧକ ଦେଇ ବ୍ୟାଙ୍କରୁ ଟଙ୍କା ଆଣିବାର ବ୍ୟବସ୍ଥା ସେତେବେଳେ ଥିଲେ ମଧ ବିଜୟଲକ୍ଷ୍ମୀଙ୍କ ଶଶୁର ରାଜି ନହେବାରୁ ଶୈଳ ମୋତେ ପଚାରିଲା । ମୁଁ ସେଥିରେ ଏକମତ ହୋଇ ଜମିସବୁର ପଟାପାଉତି ନେଇ କଟକ ପହଞ୍ଚିଲି ଏବଂ ତାକୁ ଦେଖାଇ ସେମାନେ ଷ୍ଟେଟ୍ ବ୍ୟାଙ୍କରୁ ଲୋନ୍ ଆଣିବାର ବ୍ୟବସ୍ଥା କଲେ । ବିଜୟଲକ୍ଷ୍ମୀ ସାହୁ ଓ ଶୈଳ ବେହେରା, ଏହି ଦୁଇଜଣଙ୍କ ନାମରେ ସୁକନ୍ୟା ଟେଲରିଂ ସପ୍ ରେଜିଷ୍ଟ୍ରି ହୋଇଥିଲା ଓ ସେମାନେ ମଧ୍ୟ ଏହାର ମାଲିକ ରୂପେ ସବୁକିଛି ବୁଝୁଥିଲେ । ଉଭୟଙ୍କର ପରିବାର ସେତେବେଳେ ସୁକନ୍ୟା ଠାରୁ ଅଳ୍ପ ଦୂରରେ କାଣ୍ଟନ୍‌ମେଣ୍ଟ ରୋଡ୍‌ରେ ଏକ ଘର ଭଡା ନେଇ ଏକାଠି ରହୁଥିଲେ । ମୋର ମଝି ଝିଅ ଗୁଲା (ଗିରିବାଳା) ଓ ପରେ ସାନ ଝିଅ ଟିନି (ସୁଧାଂଶୁବାଳା, ଯାହାର ପରବର୍ତ୍ତୀ ନାମ ହେଲା ସୁକନ୍ୟା) ଗାଁରୁ ପଞ୍ଚମ ଶ୍ରେଣୀ ପାସ୍ କରି ଶୈଳ ଓ ବିଜୟଲକ୍ଷ୍ମୀଙ୍କ କାଣ୍ଟନମେଣ୍ଟ ରୋଡ୍ ବସାରେ ରହି ପାଠ ପଢିଲେ ।

ଏଠାରେ ଉଲ୍ଲେଖନୀୟ ଯେ, ଶୈଳର ପାଠ ପଢା ବେଳେ ମୁଁ ଶୈଳକୁ କହି ଦେଇଥିଲି, ସେ ଯଦି ଚାହିଁବ, ମୁଁ ତା ପାଇଁ ବରପାତ୍ର ଠିକ୍ କରି ବିନା ଯୌତୁକରେ ବିଭାଘର କରାଇବି, ନଚେତ୍ ସେ ନିଜେ ପସନ୍ଦ କରି ବିଭା ହୋଇ ପାରିବ । ପରବର୍ତ୍ତୀ ଅବସ୍ଥାରେ ସେ ନିଜର ଯୁବ କଂଗ୍ରେସ ସହକର୍ମୀ ତିର୍ତ୍ତୋଲ ଅଞ୍ଚଳର ଅରିଲୋ ଗ୍ରାମର ମାଧବାନନ୍ଦ ମହାନ୍ତିଙ୍କୁ ନିଜ ପସନ୍ଦରେ ବିବାହ କରିଥିଲା, ଓ ଏହି ବିବାହ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପୌରହିତ୍ୟରେ ଏକ ନିରାଡମ୍ବର ଭୋଜିସଭା ମାଧ୍ୟମରେ ସମ୍ପାଦିତ ହୋଇଥିଲା ବୋଲି ମୁଁ ଜାଣିବାକୁ ପାଇଥିଲି ଓ ଖୁସି ହୋଇଥିଲି ।

ବସୁନ୍ଧରା

ସୁକନ୍ୟା ଠିକ୍ ରୂପେ ଚାଲିବାର କିଛିବର୍ଷ ପରେ ସେମାନେ ଆଉ ଗୋଟିଏ କାର୍ଯ୍ୟ ଆରମ୍ଭ କଲେ, ବସୁନ୍ଧରା ଅନାଥାଶ୍ରମ । ଆସ୍ତେ ଆସ୍ତେ ଅନାଥାଶ୍ରମରେ ବେଳକୁ ବେଳ ଛୁଆପିଲାମାନଙ୍କର ଅଧିକ ଭିଡ଼ ପରିଲକ୍ଷିତ ହେଲା । ତେଣୁ ସେହି କାର୍ଯ୍ୟକୁ ସଂଗଠିତ ଭାବେ ପରିଚାଳନା କରିବା ପାଇଁ ବସୁନ୍ଧରା ନାଁରେ ଏକ ଅନୁଷ୍ଠାନ ରେଜିଷ୍ଟ୍ରି କରାଗଲା ।

Digitized by srujanika@gmail.com

ଏଥିରେ କର୍ମକର୍ତ୍ତା ରହିଲେ ଡାକ୍ତର ମହାମାୟା ପଟ୍ଟନାୟକ (ପ୍ରେସିଡେଣ୍ଟ,), ବିଜୟଲକ୍ଷ୍ମୀ ସାହୁ (ଭାଇସ୍ ପ୍ରେସିଡେଣ୍ଟ) ଓ ଶୈଳ ବେହେରା (ସେକ୍ରେଟାରୀ) । ପ୍ରଥମେ ପୁରୁଣା ରେଡିଓ ଷ୍ଟେସନ୍ ନିକଟ ଖଲାସି ଲେନ୍‌ରେ ବସୁନ୍ଧରା ଚାଲୁଥିଲା, କିନ୍ତୁ ସେଠି ଜାଗା ନକୁଳାଇବାରୁ ବିଭିନ୍ନ ଜାଗାକୁ ଏହା ସ୍ଥାନାନ୍ତର ହୋଇ ଶେଷରେ କଟକର ବିଡ଼ାନାସିରେ ପ୍ରତିଷ୍ଠିତ ହେଲା । ସେଠାରେ ସ-ମିଲ୍ କରିବା ଉଦ୍ଦେଶ୍ୟରେ ଜଣେ ଲୋକ ଗୋଟିଏ ଜାଗା ରଖିଥିଲା, କିନ୍ତୁ ସେ ତାହା କାର୍ଯ୍ୟକାରୀ କରି ନପାରିବାରୁ ତାକୁ ବସୁନ୍ଧରାକୁ ବିକ୍ରୀ କରିଦେଲା । ବସୁନ୍ଧରାର ସଂପ୍ରସାରିତ ଅନାଥାଶ୍ରମ ସେଠାରେ ଚାଲିଛି ଓ ତା'ର ପରିସର ମଧ୍ୟ ବହୁତ ବଢିଯାଇଛି । ମୁଁ ନବେ ଦଶନ୍ଧିରେ ଏହାର ନିର୍ମାଣ କାର୍ଯ୍ୟରେ ଘନିଷ୍ଠ ଭାବେ ଜଡିତ ହୋଇଥିଲି, ଯାହାକି ସ୍ୱତନ୍ତ୍ର ଓ ସବିଶେଷ ଭାବେ ଯଥାସ୍ଥାନରେ ଆଲୋଚନା କରାଯିବ ।

ଆମ ଅଞ୍ଚଳରେ ଶିକ୍ଷାର ପ୍ରସାରରେ ଭୂମିକା

ମୁଁ ଆଗରୁ ସୂଚନା ଦେଇଛି, ଦଶିପୁରରେ ଲୋୟର ପ୍ରାଇମେରି ସ୍କୁଲର ପୁନର୍ଗଠନ ଓ ମାଇନର୍ ସ୍କୁଲ୍ ପ୍ରତିଷ୍ଠା କ୍ଷେତ୍ରରେ ମୁଁ କିପରି ଅଗ୍ରଗଣ୍ୟ ଭୂମିକା ନେଇଛି । ଏହି ଗ୍ରାମର ବନ୍ଧମୁଣ୍ଡା ଠାରେ ଦଶିପୁର, ବାଲଣା, ଆଦମ୍‌ପୁର ଓ ପଳାସପୁରକୁ ନେଇ ପୁରା ପଞ୍ଚାୟତ ପାଇଁ ଏକ ହାଇସ୍କୁଲ୍ ନିର୍ମାଣ ପାଇଁ ପରବର୍ତ୍ତୀ ଅବସ୍ଥାରେ ମୁଁ କରିଥିବା ଉଦ୍ୟମ ସମ୍ବନ୍ଧରେ ଯଥାସ୍ଥାନରେ ବିସ୍ତୃତ ସୂଚନା ଦେବି । କେବଳ ଆମ ଗାଁ କି ପଞ୍ଚାୟତ ନୁହେଁ, ମୋର କର୍ମକ୍ଷେତ୍ର ବ୍ୟାପିଥିବା ସମଗ୍ର ଅଞ୍ଚଳରେ ସ୍କୁଲ୍ ପ୍ରତିଷ୍ଠା ମାଧ୍ୟମରେ ଶିକ୍ଷାର ପ୍ରସାର ପାଇଁ ମୋର ପ୍ରଚେଷ୍ଟା ଅନ୍ୟାନ୍ୟ ସାମାଜିକ-ରାଜନୈତିକ କାର୍ଯ୍ୟାବଳୀ ସହ ଲଗାତାର ବଜାୟ ରହିଥିଲା । ଗୋପବନ୍ଧୁ ସେବାସଂଘ ମାଧ୍ୟମରେ ମାର୍ଶାଘାଇରେ ମାଇନର୍ ସ୍କୁଲ୍ ଓ ହାଇସ୍କୁଲ୍ ପ୍ରତିଷ୍ଠା ତଥା ଚିନ୍ତାମଣି ସ୍ୱାଇଁଙ୍କ ନେତୃତ୍ୱରେ ଅଯମାରମ୍ଭ ହୋଇଥିବା ମଧୁସାଗର ବିଦ୍ୟାପୀଠର ମୂଳ ନିର୍ମାଣ କାର୍ଯ୍ୟରେ ଓତପ୍ରୋତ ଭାବେ ଜଡିତ ରହିବା ବିଷୟରେ ବିସ୍ତାରିତ ସୂଚନା ଦିଆସରିଛି । ଏହାଛଡା ଶିଳିପୁରରେ ଅପର୍ ପ୍ରାଇମେରୀ ଓ ବୃମୁକାରେ ମାଇନର୍ ସ୍କୁଲ୍ ପ୍ରତିଷ୍ଠାରେ ମୁଁ ସକ୍ରୀୟ ସହଯୋଗ କରିଛି । କାନପୁରରେ ବିଲ୍‌କୁଲ୍ ସ୍କୁଲ୍ ନଥିଲା, ସେଠାରେ ଲୋୟର୍ ପ୍ରାଇମେରି ସ୍କୁଲ୍ ପ୍ରତିଷ୍ଠାରେ ଦୁର୍ଯୋଧନ ମହାନ୍ତିଙ୍କୁ ସହେଯାଗ କରିଥିଲି । ବାଘଡିଆରେ ମୋଟେ ସ୍କୁଲ୍ ନଥିଲା, ସେଠାରେ ବିଷ୍ଣୁ ସାହୁ ନାମକ ଜଣେ ବ୍ୟକ୍ତି ଘରୋଇ ସ୍କୁଲ୍ କରି ପାଠ ପଢାଉଥିଲେ, କିନ୍ତୁ ସେ ଗାଁର ଲୋକମାନଙ୍କୁ ଭେଳାଇ ସେଠାରେ ଏକ ଲୋୟର୍ ପ୍ରାଇମେରି ସ୍କୁଲ୍ କରାଇଥିଲି । ଏପରିକି ମାଳିଅଞ୍ଚ ଓ ଏକଲପୁର ଗ୍ରାମରେ ଲୋୟର ପ୍ରାଇମେରି ସ୍କୁଲ୍ ପ୍ରତିଷ୍ଠାରେ ମୋର ପ୍ରତ୍ୟକ୍ଷ ଅବାଦନ ଥିଲା । ମୋ ନିଜ ପିଲାମାନଙ୍କୁ ଉନ୍ନତ ଶିକ୍ଷା ଦେବା ସହିତ ଆମ ଅଞ୍ଚଳରେ ସାଧାରଣ ଘରର ପିଲାମାନଙ୍କ ପାଇଁ ଶିକ୍ଷାର ସୁଯୋଗ ପ୍ରସାର କରିବା ଦିଗରେ ମୁଁ ସର୍ବଦା ପ୍ରଚେଷ୍ଟା କରିଆସିଛି ।

ହରିଆଣାର କୃଷି ସମ୍ବନ୍ଧରେ ଅଭିଜ୍ଞତା

ଏହିସବୁ କାର୍ଯ୍ୟ ମଧ୍ୟରେ ହରିଆନାରେ କିପରି ଚାଷର ଉନ୍ନତି ହୋଇଛି ତାହା ଜାଣିବା ପାଇଁ ୧୯୭୮ ମସିହାରେ ଓଡ଼ିଶାରୁ ବଛାବଛା ୩୫ ଜଣ ଚାଷୀଙ୍କୁ ପଠା ଯାଇଥିଲା ।

Digitized by srujanika@gmail.com

ସେଠି ୧୫ ଦିନ ପାଇଁ ଆମେ ଚାଷରେ ପ୍ରାକ୍ଟିକାଲ୍ ଟ୍ରେନିଂ ପାଇଥିଲୁ । ସେହି ୧୫ ଦିନ ମଧ୍ୟରେ ସେଠିକାର ଚାଷ ବିଷୟରେ ଜାଣିବା ସଂଗେସଂଗେ ହରିଆଣାର ବିଭିନ୍ନ ଦର୍ଶନୀୟ ସ୍ଥାନ ମଧ୍ୟ ବୁଲି ଦେଖିଥିଲୁ । ଏହି କାର୍ଯ୍ୟକ୍ରମ ଫଳରେ ଆମର ଭଲ ଅଭିଜ୍ଞତା ହେଲା । ସେଠି ଆମେ ଦେଖିଲୁ, ଜମିଗୁଡ଼ିକର ଚକବନ୍ଦି କରାଯାଇଛି, ଯାହା ଫଳରେ ଚାଷ କରିବା ସୁବିଧାଜନକ ହୋଇଛି । ସେଠି ଜଣେ ୭ ଏକର ଜମିଥିବା ଲୋକର ମଧ୍ୟ ଟ୍ରାକ୍ଟର ଅଛି । ଜମି ମୁଣ୍ଡରେ ଘରଦ୍ୱାର କରି ସେମାନେ ରହୁଛନ୍ତି ଏବଂ ଜମି ପାଇଁ ସବୁପ୍ରକାର ସୁବିଧା କରିଦେଇଛନ୍ତି । ପାଣି ଉଠାଇବା, ଘାସ କାଟିବା ଓ ଗହମ ଭାଙ୍ଗିବା ଇତ୍ୟାଦି କାର୍ଯ୍ୟ ପାଇଁ ତିନି ଚାରିଟା କଳ ସେହି ଜମିରେ ବସିଛି । ବର୍ଷସାରା ପାଣିର ସୁବିଧା ଥିବାରୁ ସବୁବେଳ ପାଇଁ ଚାଷ କରାଯାଉଛି । ପ୍ରତ୍ୟେକ ଚାଷୀ ନିଶ୍ଚିତ ରୂପେ ଦୁଇ ଚାରିଟା ମଇଁଷି ଓ ଦୁଇ ଚାରିଟା ଗାଈ ରଖୁଛି । କମ୍ ଜମି ଥିବା ଲୋକ ବଡ଼ବଡ଼ ବଳଦ କରିଛି, ଏବଂ ଲୁହା ଲଙ୍ଗଳରେ ମଣିଷ ବସି ହଳ କରୁଛି । ସବୁ ଚକକୁ ଇଲେକ୍‌ଟ୍ରିସିଟି ଯାଇଛି । ସୁବିଧାନୁଯାୟୀ କେଉଁଠି ଇଲେକ୍‌ଟ୍ରିକ ପମ୍ପ ଚାଲୁଛି ତ ଆଉ କେଉଁଠି ଡିଜେଲ ପମ୍ପ ଚାଲୁଛି । କେତେକ ବଡ଼ବଡ଼ ଲୋକଙ୍କ ଘରକୁ ଆମେ ବୁଲି ଯାଇଥିଲୁ । ଦେଖିଲୁ ସେମାନେ ମଧ ପରିଶ୍ରମ କରୁଛନ୍ତି। ସେଠାରେ ଆମଦାନୀ ବଢ଼ିପାରିଛି । ଆମ ଭଳି ଗରିବ ଲୋକ ନାହାନ୍ତି । ଯେଉଁମାନେ ମଜୁରି ଖଟୁଛନ୍ତି, ସେମାନଙ୍କୁ ବର୍ଷସାରା ସବୁଦିନ କାମ ମିଳୁଛି । ଭୋକିଲା କେହି ନାହାନ୍ତି । ଏହାଛଡ଼ା ଗାଁଏ ଗାଁଏ କୁଟୀରଶିଳ୍ପ ଚାଲିଛି । ସ୍ତ୍ରୀ ଲୋକମାନେ ଘରକାମ ସହିତ ଲୁଗାବୁଣା ଇତ୍ୟାଦି କାମ ନିଜ ଘରେ କରୁଛନ୍ତି । ଆମେ ସେଠାରେ ଭାବୁଥିଲୁ, ଓଡ଼ିଶାରେ ଏମିତି ହୋଇପାରନ୍ତା କି ! ସରକାର ଯଦି ନିଷ୍ଠାର ସହ ଲାଗି ଓ ବାଧାବିଘ୍ନକୁ ଭ୍ରୁକ୍ଷେପ ନକରି ସବୁ ଗ୍ରାମରେ ଚାଷଜମିର ଚକବନ୍ଦି କରାଇ ପାରନ୍ତେ, ତାହାହେଲେ ଓଡିଶାରେ ମଧ୍ୟ କୃଷି ଆଗେଇ ପାରନ୍ତା । କିନ୍ତୁ ସେହି କାର୍ଯ୍ୟ ଏ ପର୍ଯ୍ୟନ୍ତ ଓଡ଼ିଶାରେ ନିଷ୍ଠାର ସହ ହୋଇପାରିଲା ନାହିଁ । ଆମ୍ଭେମାନେ ଆମର ହରିଆଣା ଅଭିଜ୍ଞତା ସମ୍ବନ୍ଧରେ ଓଡ଼ିଶା ସରକାରଙ୍କୁ ଲିଖିତ ମତାମତ ଦେଇଥିଲୁ ।

ଭାକ୍ରାନଙ୍ଗଲ ପରିଦର୍ଶନ

ଭାକ୍ରାନଙ୍ଗଲ ଡ୍ୟାମ୍ ଫଳରେ ପଞ୍ଜାବ ଓ ହିମାଚଳ ପ୍ରଦେଶରେ ଜଳସେଚନର ବ୍ୟବସ୍ଥା କିପରି ହୋଇଛି; ତାହା ଦେଖିବା ପାଇଁ ମୁଁ ମନ୍ତ୍ରୀ ପ୍ରହ୍ଲାଦ ମଲ୍ଲିକଙ୍କ ସହ ୧୯୭୧ରେ ଭାକ୍ରାନଙ୍ଗଲ ଯାଇଥିଲି । ଭାକ୍ରାନଙ୍ଗଲ ପ୍ରକଳ୍ପ ସମୁଦ୍ର ପତନ ଠାରୁ ପ୍ରାୟ ୧୦୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ୯୦ କି.ମି. ଲମ୍ବ ତଥା ପ୍ରାୟ ୧୭୦ ବର୍ଗ କି.ମି. ପରିମିତ ଅଞ୍ଚଳକୁ ନେଇ ବ୍ୟାପ୍ତ । ଉପରକୁ ଗଲାବେଳେ ଲିଫ୍ଟ ସାହାଯ୍ୟରେ ଅମେ ଗଲୁ, ଫେରିଲା ବେଳେ କାର୍‌ରେ ବୁଲି ବୁଲି ତଳକୁ ଆସିଲୁ । ସେଠି ଗୋଟିଏ ନୂଆ କଥା ଦେଖିଲୁ । ଭୂଇଁରୁ ଯଥେଷ୍ଟ ଉଚ୍ଚତାରେ ଇଲେକ୍‌ଟ୍ରିକ୍ ଚେନ୍ ସାହାଯ୍ୟରେ ଭାକ୍ରାନଙ୍ଗଲ ଜଙ୍ଗଲରୁ ବଡ଼ବଡ଼ କାଠଗଣ୍ଡି ଚଣ୍ଡିଗଡ଼ ପର୍ଯ୍ୟନ୍ତ ବୁହା ଚାଲିଛି । ଭାକ୍ରାନଙ୍ଗଲ ପ୍ରକଳ୍ପ ସେଠାରେ ଜଳସେଚନ, ବନ୍ୟା

Digitized by srujanika@gmail.com

ନିୟନ୍ତ୍ରଣ ତଥା ଜଳବିଦ୍ୟୁତ ଉତ୍ପାଦନରେ ସହାୟକ ହେଉଛି । କିନ୍ତୁ ଏହାର ସମସାମୟିକ ହୀରାକୁଦ ଡ୍ୟାମ ଦ୍ୱାରା କିଛି ଜଳସେଚନ ଓ ଜଳବିଦ୍ୟୁତର ସୁବିଧା ହୋଇଥିଲେ ହେଁ ଏହା ମହାନଦୀର ତଳ ଅଞ୍ଚଳରେ ବନ୍ୟାର ପ୍ରକୋପକୁ ରୋକିବାରେ ଏପର୍ଯ୍ୟନ୍ତ ଓ ସଫଳ ହୋଇପାରିନି ।

ଗ୍ରାମବାସୀଙ୍କ ଅବସ୍ଥାରେ ଉନ୍ନତି

ଆଗରୁ ସୂଚୀତ ହୋଇଛି, ସ୍ୱାଧୀନତା ପୂର୍ବରୁ ଆମ ଗ୍ରାମର ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ପ୍ରାୟ ସବୁ ଲୋକ ଗରିବ ଥିଲେ । ଭୋକ ଉପାସରେ ଦିନ କାଟୁଥିଲେ । ପୁଣି ସୂଚୀତ ହୋଇଛି, ବର୍ତ୍ତମାନ ଜମିଦାରୀ ଥିବାବେଳେ ଆମ ଗ୍ରାମରେ ବହୁ ଅନାବାଦୀ ଜମିକୁ କିପରି ମୁଷ୍ଟିମେୟ ୮/୧୦ ଜଣ ଲୋକ ନିଜ ଅକ୍ତିଆରକୁ ନେବାପାଇଁ ଚେଷ୍ଟାକରୁଥିଲେ । ଏକଥା ଆମେ ଜାଣିପାରି ସେ ଜମିସବୁକୁ ସେମାନଙ୍କ ଠାରୁ ହସ୍ତାନ୍ତର କରାଇ କିଛି ଅନାବାଦୀ ଜମି ଗାଁ ପାଇଁ ରଖିଲା ପରେ ବାକିତକ ଗ୍ରାମ ଲୋକଙ୍କୁ ବାଣ୍ଟିଦିଆଯାଇଛି । ଗ୍ରାମବାସୀଙ୍କ ଅଜାଣତରେ ଗ୍ରାମର ଉତ୍ସବ ଶାମଲ ଓ ଧରଣୀଧର ଶାମଲ ଯେଉଁ ଅନାବାଦୀ ଜମିକୁ ଜମାବନ୍ଦି କରି ନେଇଥିଲେ ତାକୁ ମଧ ସେମାନଙ୍କ ଠାରୁ ରେଜଷ୍ଟ୍ରି କରି ଆଣିଲୁ । ତା'ପରେ ଗ୍ରାମର ଗେଞ୍ଜପାଳନ୍ଦାର ପ୍ରାୟ ୨୦ଏକର କେଉଟି ପେଟାକୁ ଆମ ଗ୍ରାମବାସୀଙ୍କ ତରଫରୁ ମୋ ନାମରେ ନିଲାମ ଆଣି ଲୋକମାନଙ୍କୁ ବାଣ୍ଟିଦିଆଯାଇଛି । ଅନାବାଦୀ ଓ କେଉଟି ପେଟାକୁ ଚାଷ କରିବା ଫଳରେ ଗରିବ ଲୋକମାନେ ଭୋକିଲା ଅବସ୍ଥାରେ ନରହି ମୋଟାମୋଟି ଭାବେ ଖାଇପିଇ ଚଳି ଯାଇପାରିଲେ । ଆମ ଗ୍ରାମର ସମସ୍ତ ଲୋକ ଧନୀ ନୁହଁନ୍ତି, କିନ୍ତୁ ମୋଟ ଉପରେ ସୁଖରେ ଅଛନ୍ତି । ଏହିସବୁ ଜମିରୁ ଲୋକେ ଅନ୍ୟ ରୋଜଗାର ପନ୍ଥା ବାହାର କରି ନିଜର ଅତିରିକ୍ତ ଖର୍ଚ୍ଚବାର୍ଚ୍ଚ ଉଠାଇ ପାରୁଛନ୍ତି । ଆମ ଗାଁରେ ଜଣେ ହେଲେ କେହି ଭୋକିଲା ନାହାନ୍ତି ।

କିନ୍ତୁ ଏକଥା ସତ, ଗ୍ରାମର ଭବିଷ୍ୟତ ଅବସ୍ଥା କଣ ହେ. ତାହା କେବଳ ଭଗବାନ ଜାଣନ୍ତି । ଏବେ ଦେଖୁଛି ଆମ ପିଢ଼ୀର ଯେତେକ ଲୋକ, ସେମାନଙ୍କ ପିଲାମାନଙ୍କ ଅବସ୍ଥା ଭଲ, କିନ୍ତୁ ଯେଉଁମାନେ ସେହି ପିଲାମାନଙ୍କ ଠାରୁ ଜନ୍ମ ହୋଇଛନ୍ତି, ସେମାନଙ୍କ ଚାଲିଚଳନ ଭଲ ଆଡ଼କୁ ଯାଉନାହିଁ । ଆମ ଗ୍ରାମର ଲୋକମାନେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଥିଲେ ମଧ ବହୁ ପରିବାରର ପିଲାମାନେ ମଦଖାଇବା ଠାରୁ ଚୋରିକରିବା ପର୍ଯ୍ୟନ୍ତ କାମ କରିବାକୁ ପଛାଉ ନାହାନ୍ତି । ଆମ ଗ୍ରାମରେ ଲୋକଙ୍କ ଭିତରେ ମାଲିମକଦମା ବିଶେଷ ଭାବେ ଘଟୁ ନଥିଲେ ହେଁ ଏବଂ ଲୋକେ ବାହାରକୁ ଶାନ୍ତଶିଷ୍ଟ ଜଣା ପଡୁଥିଲେ ହେଁ ମିଛସତ କହି ଟାଉଟରି କରିବା ଆଜିକାଲିକାର ପିଲାମାନଙ୍କର ଅଭ୍ୟାସ ହୋଇପଡିଛି ।

●●●

Digitized by srujanika@gmail.com

ସ୍ୱାଧୀନତା-ସଂଗ୍ରାମୀ ଓ ସମାଜ-ସଂସ୍କାରକ ନରୋତ୍ତମ ବେହେରାଙ୍କ

'ମୋ ଜୀବନ - କିଛି ସ୍ମୃତି, କିଛି ଅନୁଭୂତି'

ନରୋତ୍ତମ ବେହେରା ୧୯୨୦ ମସିହା ଫଗୁଣ ମାସ ପଞ୍ଚଦୋଳ ଦିନ ଅବିଭାଜିତ କଟକ ଜିଲ୍ଲାର କେନ୍ଦ୍ରାପଡା ସବ୍‌ଡିଭିଜନ୍ ଅନ୍ତର୍ଗତ ପାଟକୁରା ଥାନାର ଦଶିପୁର ଗ୍ରାମରେ ଜନ୍ମିଥିଲେ । ତାଙ୍କର ବାପା ଗାଁର ଜଣେ ମାମଲତ୍‌କାର ଥିବା ସହିତ ନିମ୍ନ-ପ୍ରାଥମିକ ସ୍କୁଲର ପ୍ରତିଷ୍ଠାତା-ସଂପାଦକ ଭାବେ କାର୍ଯ୍ୟ କରୁଥିଲେ । ବାପା ଅକାଳରେ ମୃତ୍ୟୁବରଣ କରିବା ଯୋଗୁଁ ଓ ସେ ଏକମାତ୍ର ପୁତ୍ର-ସନ୍ତାନ ହୋଇଥିବାରୁ କୁଜଙ୍ଗ ବନବିହାରୀ ହାଇସ୍କୁଲ୍‌ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ ହେଁ ମାତ୍ର ତିନି ଚାରିମାସ ପଢିବା ପରେ ପୋଥିରେ ତାଙ୍କର ଡୋରି ବନ୍ଧା ହୋଇଥିଲା । ସେବେଠାରୁ ସେ ଘରେ ରହି ଚାଷବାସ ସହିତ ତିନି ପ୍ରକାର ସାମାଜିକ କାର୍ଯ୍ୟରେ ଜଣେ ଅଗ୍ରଗଣ୍ୟ ସ୍ୱେଚ୍ଛାସେବୀ ରୂପେ ସକ୍ରୀୟ ରହିଲେ, ଯଥା ଗାଁର ଗରିବ ଓ ଦଳିତ ଲୋକଙ୍କୁ ସ୍ଥାନୀୟ ମାମଲତ୍‌କାରମାନଙ୍କ ଦୌରାତ୍ମ୍ୟରୁ ସୁରକ୍ଷା ଦେବା, ରକ୍ଷଣଶୀଳ ଓ ଜାତିଆଣ ସମାଜର ସଂସ୍କାର ଘଟାଇବା ତଥା ଇଂରେଜ-ବିରୋଧୀ ସ୍ୱାଧୀନତା ଆନ୍ଦୋଳନର ପ୍ରସାର ଘଟାଇବା । ଏଥିପାଇଁ ତାଙ୍କୁ ନିଜ ପରିବାର ତଥା ଜାତିଭାଇଙ୍କର ରୋଷ ସହିତ ଗାଁ ଓ ସ୍ଥାନୀୟ ସମାଜପତିମାନଙ୍କର କ୍ରୋଧର ମୁକାବିଲା କରିବାକୁ ପଡିଛି । ୧୯୩୭ ମସିହାରେ ଅନୁଷ୍ଠିତ ପ୍ରଥମ ପ୍ରାଦେଶିକ ନିର୍ବାଚନରେ ସେ ରାଜା-ଜମିଦାରଙ୍କ ପ୍ରାର୍ଥୀଙ୍କ ବିରୁଦ୍ଧରେ ତଥା କଂଗ୍ରେସ୍ ପ୍ରାର୍ଥୀ ଲୋକନାଥ ମିଶ୍ରଙ୍କ ପାଇଁ ଭୋଟ୍ ପ୍ରଚାର ତଥା ୧୯୪୨ ଭାରତଛାଡ ଆନ୍ଦୋଳନ ବେଳେ କୁଜଙ୍ଗ ହାଇସ୍କୁଲ୍ ସାମନାରେ ପିକେଟିଂ ତଥା ଜମ୍ଭୁଠାରୁ କୁସୁନପୁର ପର୍ଯ୍ୟନ୍ତ ସମଗ୍ର ଇଲାକାରେ ଫୋନ୍‌ଲାଇନ୍‌କୁ ବିଚ୍ଛିନ୍ନ କରିଦେବା କାର୍ଯ୍ୟରେ ସେ ଅଗ୍ରଗଣ୍ୟ ଭୂମିକା ନେଇଥିଲେ । ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ବିଶିଷ୍ଟ ଅନୁଗାମୀ ବେଣୁଧର ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରଭାବିତ ହୋଇ ନିଜର ମୁଷ୍ଟିମେୟ ଯୁବବନ୍ଧୁଙ୍କୁ ନେଇ ହରିଜନ ଘରେ ଖାଇବା, ଏକାଦଶୀରେ ହଳ ବୁଲାଇବା, ଅବ୍ରାହ୍ମଣଙ୍କ ଦ୍ୱାରା ନଡିଆଗଛ ରୋପଣ କରିବା ଏବଂ ଜାତିଭାଇ ପ୍ରଥାକୁ ଅମାନ୍ୟ କରିବା ଇତ୍ୟାଦି ସମାଜ-ସଂସ୍କାର କାର୍ଯ୍ୟରେ ମାର୍ଗଦର୍ଶୀ ହୋଇଥିଲେ । ଏହିସବୁ କାରଣରୁ ସେ ଗାଁରେ ଧୋବା-ବାରିକ ବାସନ୍ଦର ଶୀକାର ହୋଇଥିଲେ । ସ୍ୱାଧୀନତା ଆନ୍ଦୋଳନ ଓ ସମାଜ-ସଂସ୍କାର ପାଇଁ ବାମଦେବ ମହାପାତ୍ର ଓ ବୃନ୍ଦାବନ ଲେଙ୍କାଙ୍କ ସହ ମିଶି ନରୋତ୍ତମ୍ ୧୯୪୫-୪୬ରେ ମାର୍ଶାଘାଇ ଠାରେ ଗୋପବନ୍ଧୁ ସେବାସଂଘ ଗଢିଥିଲେ ଓ ଏହାର ସଂପାଦକ ରହି ଗାଁଏ ଗାଁରେ ସଂଗଠନମାନ ଗଢିଥିଲେ । ସେହି ସମୟରେ ମାର୍ଶାଘାଇ ହାଇସ୍କୁଲ୍‌ର ପ୍ରତିଷ୍ଠା, ରାମଚଣ୍ଡୀରେ ସତ୍ୟାଗ୍ରହ ମାଧ୍ୟମରେ ବୋଦାବଳି ପ୍ରଥାର ଉଚ୍ଛେଦ ଓ ଶାରଳା ଓ ବଳଦେବଜୀଉ ମନ୍ଦିରରେ ହରିଜନ ପ୍ରବେଶ ଇତ୍ୟାଦି ସେବାସଂଘର କେତେକ ସଫଳ କାର୍ଯ୍ୟକ୍ରମ ଉଲ୍ଲେଖନୀୟ । ସ୍ୱାଧୀନତା ପରେ କଂଗ୍ରେସର କାର୍ଯ୍ୟକଳାପରୁ ବିମୁଖ ହୋଇ ସେ ବିନୋବା ଭାବେଙ୍କ ସର୍ବୋଦୟ ଆନ୍ଦୋଳନରେ ପ୍ରାୟ ଦଶବର୍ଷ ଧରି କାର୍ଯ୍ୟରତ ଥିଲେ । ମୌଳିକ ଶିକ୍ଷାର ବିଶିଷ୍ଟ ପ୍ରବର୍ତ୍ତକ ଚିନ୍ତାମଣି ସ୍ୱାଇଁଙ୍କ ସହ ସେ ମିଶି ମଧୁସାଗର ବିଦ୍ୟାପୀଠର ପ୍ରତିଷ୍ଠା ଓ ନିର୍ମାଣ କାର୍ଯ୍ୟ ସହିତ ଗାଁଏ ଗାଁଏ ସର୍ବୋଦୟ ଶ୍ରମଶିବିର ତଥା ଭୂଦାନ କାର୍ଯ୍ୟ କରୁଥିଲେ । ସେ ନିଜେ ଭୂଦାନକୁ ଏକ ଏକର ଜମି ଦାନ କରିଥିଲେ । ଏହି ସମୟରେ ସେ ଛତରଖିଆ ପ୍ରଥାକୁ ଉଠାଇଦେବାରେ ସଫଳ ହୋଇଥିଲେ । ଦେବୋତ୍ତର ଜମିର ଫସଲରୁ ପ୍ରଜାମାନଙ୍କର ବାରଣା ଭାଗ ଦାବୀ କରି ସେ ଏକ ଭାଗଚାଷୀ ଆନ୍ଦୋଳନ ତଥା ଉପକୂଳ ଅଞ୍ଚଳରେ ଶରଣାର୍ଥୀଙ୍କୁ ଥଇଥାନ କରିବା ନାଁରେ ଘଟୁଥିବା ଅବାଧ ଜଙ୍ଗଲକ୍ଷୟକୁ ବିରୋଧ କରି ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ଜାତୀୟ ସ୍ତରରେ ସର୍ବୋଦୟ ଆନ୍ଦୋଳନ ମାନ୍ଦା ପଡିବା ପରେ ନରୋତ୍ତମ ସର୍ବସାଧାରଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଜନଶକ୍ତି ଲେବର୍ କଣ୍ଟ୍ରାକ୍ଟ କୋପରେଟିଭ୍ ସୋସାଇଟିର ସଂପାଦକ, ମାର୍ଶାଘାଇ କ୍ଷୋଟବାଣିଜ୍ୟ ସମବାୟ ସମିତିର ଡାଇରେକ୍ଟର ତଥା କେନ୍ଦ୍ରାପଡା ଭୂ-ଉନ୍ନୟନ ବ୍ୟାଙ୍କର ଡାଇରେକ୍ଟର୍ ପଦବୀରେ କାର୍ଯ୍ୟକରି ସେସବୁଥିରେ ପରିଲକ୍ଷିତ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥଲେ । ପରବର୍ତ୍ତୀ ଅବସ୍ଥାରେ ସେ ଭୂମିହୀନ ବେକାର ସର୍ବହରା ସଂଘର ଏକ ସକ୍ରୀୟ କର୍ମକର୍ତ୍ତା ଭାବେ କାର୍ଯ୍ୟ କରିଥିଲେ । ବିଶିଷ୍ଟ ରାଜନେତା ପ୍ରହ୍ଲାଦ ମଲ୍ଲିକଙ୍କ ସହ ତାଙ୍କର ଘନିଷ୍ଠ ବନ୍ଧୁତା କାରଣରୁ ସେ ଉତ୍କଳ କଂଗ୍ରେସ ପାଇଁ କିଛିବର୍ଷ କାର୍ଯ୍ୟ କରିଥିଲେ ଓ ବିଭିନ୍ନ ଗ୍ରାମରେ ସ୍କୁଲ୍ ନିର୍ମାଣ କାର୍ଯ୍ୟରେ ସହାୟକ ହୋଇଥିଲେ । ଉନ୍ନତ ପ୍ରଣାଳୀରେ କୃଷିକାର୍ଯ୍ୟରେ ସେ ମୂଳରୁ ଆଗ୍ରହୀ ଥିଲେ ଓ ଅଧିକ ଅଭିଜ୍ଞତା ଅର୍ଜନ ପାଇଁ ହରିଆଣା ଓ ଭାକ୍ରାନଙ୍ଗଲ ପରିଦର୍ଶନ କରିଥିଲେ । ଅବିଶ୍ରାନ୍ତ ପରିଶ୍ରମ ଓ ଖାଦ୍ୟପେୟରେ ଅନୟମିତତା ଯୋଗୁଁ ସେ ସତୁରି ଦଶନ୍ଧିରେ ପ୍ରଥମେ ଜଣ୍ଡିସ୍ ଓ ତା'ପରେ ପେପ୍‌ଟିକ୍ ଅଲସର୍‌ରେ ଆକ୍ରାନ୍ତ ହୋଇଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ସେବେଠାରୁ ସକ୍ରୀୟ ରାଜନୀତି ଓ ସମାଜସେବା ଛାଡି ସହଧର୍ମିଣୀଙ୍କ ସେବାଯତ୍ନ ଅଧୀନରେ ରହି ନିଜର କୃଷିକାର୍ଯ୍ୟ ସହ ଗାଁର ଭଲମନ୍ଦ ବୁଝି ଆସୁଛନ୍ତି । ତାଙ୍କର ପୁଅ ଓ ବୋହୂ ତଥା ତିନି ଝିଅ, ସମସ୍ତେ କମ୍‌ବେଶୀ ସାମାଜିକ କାର୍ଯ୍ୟରେ ଲିପ୍ତ ଅଛନ୍ତି । ଏବେ ବି ପରିଣତ ବୟସରେ ସକାଳୁ ଉଠି ପ୍ରାର୍ଥନା ଓ ପ୍ରାତଃଭ୍ରମଣ କରିବା, ଦିନ ଭିତରେ କିଛି ନା କିଛି ଶାରିରୀକ ଶ୍ରମ କରିବା, ବହିପଢିବା ଓ ଶାସ୍ତ୍ରଚର୍ଚ୍ଚା କରିବା ଇତ୍ୟାଦି କାର୍ଯ୍ୟମାନ ନିୟମିତ କରିଚାଲୁଛନ୍ତି ।

Digitized by srujanika@gmail.com